

କିଆରା ଅସୁସ୍ଥ | ୮


ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




କିସିକ୍ ଗାର୍ଲ ଶ୍ରୀଲୀଲା | ୮


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୭୮ Vol. 21 No-278 6 JANUARY 2025 MONDAY BHUBANESWAR ସୋମବାର, ୬ ଜାନୁଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ଶ୍ରୀମନ୍ଦିର ମୁଖ ପଖାଳ ସେବାୟତ ନିଲମ୍ବିତ

ପୁରୀ,୫।୧ (ଭାସ୍କର ନ୍ୟୁଜ) : ଶ୍ରୀମନ୍ଦିର ପରିସରରେ ବିଶୃଙ୍ଖଳା ସହ ଅନ୍ୟ ସେବାୟତଙ୍କୁ ମାରପିଟ୍ ଘଟଣାରେ ଶ୍ରୀମନ୍ଦିର ଆଇନ୍ ୨୧(କ) ଧାରା ଅନୁସାରେ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ । ଏହି ଘଟଣାରେ ଶ୍ରୀମନ୍ଦିର ମୁଖ ପଖାଳ ସେବାୟତ ବିଶ୍ୱନାଥ ଖୁଣ୍ଟିଆ ନିଲମ୍ବିତ ହୋଇଛନ୍ତି। ମୁଖ ପଖାଳ ସେବାୟତ ବିଶ୍ୱନାଥ ଖୁଣ୍ଟିଆଙ୍କୁ ୩ ମାସ ପାଇଁ ନିଲମ୍ବନ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। ମୁଖ ପଖାଳ ସେବାୟତ ବିଶ୍ୱନାଥ ଖୁଣ୍ଟିଆ ୩ ମାସ ପାଇଁ ସମସ୍ତ ପ୍ରକାର ସେବାରୁ ନିବୃତ୍ତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥି ସହିତ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ ଆଉଥରେ ସ୍ପଷ୍ଟ କରିଛନ୍ତି ଯେ, ଶ୍ରୀମନ୍ଦିର ମଧ୍ୟରେ ବିଶୃଙ୍ଖଳାକୁ କଦାପି ବରଦାସ୍ତ କରାଯିବ ନାହିଁ । ଯଦି ଆଗକୁ ଏପରି କୌଣସି ବିଶୃଙ୍ଖଳା ନଜରକୁ ଆସେ ତେବେ ଆହୁରି କଡ଼ା କର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ବାଘଛାଲ ଜବତ,୭ ଗିରଫ

ଦେବଗଡ଼,୫।୧(ଭାସ୍କର ନ୍ୟୁଜ): ବନବିଭାଗ ସ୍କ୍ୱାଡ୍ ଦେବଗଡ଼ରେ ଏକ କଲରାପତରିଆ ବାଘଛାଲ ଜବତ କରିବାରେ ସମର୍ଥ ହୋଇଛି। ଏହି ଘଟଣାରେ ୭ଜଣଙ୍କୁ ଗିରଫ କରାଯାଇଥିବା ସୂଚନା ଦିଆଯାଇଛି। ଅଭିଯୁକ୍ତମାନେ ଏହି ବାଘଛାଲ ବିକ୍ରିପାଇଁ ଡିଲ୍ କରୁଥିବାବେଳେ ସ୍କ୍ୱାଡ୍ ମାଡ଼ି ବସିଥିଲା।

### ୩୫ଶହରୁ ଅଧିକ ପଞ୍ଜିକରଣ

ଭୁବନେଶ୍ୱର,୫।୧(ଭାସ୍କର ନ୍ୟୁଜ): ଭୁବନେଶ୍ୱରରେ ଆୟୋଜିତ ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମରେ ଯୋଗ ଦେବାପାଇଁ ୩୫୦୦ରୁ ଊର୍ଦ୍ଧ୍ୱ ପଞ୍ଜିକରଣ ହୋଇଥିବା ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି। ପର୍ଯ୍ୟଟନର ବିକାଶ ସହ ଶିଳ୍ପ କ୍ଷେତ୍ରରେ ଏହା ଏକ ସୁଯୋଗ ବୋଲି ସେ କହିଛନ୍ତି।

ସେନ୍‌ସେକ୍ସ: ୭୯,୨୨୩.୧୧

ସର୍ବାଧିକ: ୨୬.୦ ଡିଗ୍ରୀ
ସର୍ବନିମ୍ନ: ୧୫.୨ ଡିଗ୍ରୀ

**୫।୧।୨୦୨୫ ର ମତାମତ**

ଝାରସୁଗୁଡ଼ା, ଭୁବନେଶ୍ୱରରୁ ବିମାନସେବା ଆରମ୍ଭ ହେଲେ ରାଜ୍ୟର ଅର୍ଥନୈତିକ ବିକାଶ ହେବ କି?




**ଆଜିର ପ୍ରସଙ୍ଗ**

ସୁରକ୍ଷା କର୍ମୀଙ୍କ ଘନଘନ ଅପରେସନ ମାଓ ହିଂସାକୁ ରୋକି ପାରିବ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

## ପାଣି ପଞ୍ଚାୟତ ପକ୍ଷ ପାଳନ ଉଦଯାପନ ସମାରୋହରେ ମୁଖ୍ୟମନ୍ତ୍ରୀ

# କୃଷକମାନେ ରାଜ୍ୟ ବିକାଶର ସୂତ୍ରଧର



**ପାଣି ପଞ୍ଚାୟତ ଗୁଡିକର ନିର୍ବାଚନ, ଅଡିଟ୍ ନିର୍ଦ୍ଦେଶ**

**ସବୁ ଜଳସେଚନ ପ୍ରକଳ୍ପ ଶେଷ କରିବାକୁ ପରାମର୍ଶ**

**ଜଳସେଚନ କ୍ଷେତ୍ରରେ ପାଣି ପଞ୍ଚାୟତର ଭୂମିକା ଗୁରୁତ୍ୱପୂର୍ଣ୍ଣ**

ଭୁବନେଶ୍ୱର,୫।୧(ଭାସ୍କର ନ୍ୟୁଜ): ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ବରମୁଣ୍ଡା ଖେଳ ପଡିଆ ଠାରେ ରାଜ୍ୟସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଉଦ୍‌ଯାପନ ଅବସରରେ ପାଣି ପଞ୍ଚାୟତ ଗୁଡିକର ନିୟମ ଅନୁଯାୟୀ ନିର୍ବାଚନ ଓ କାଗଜପତ୍ର ଅଡିଟ୍ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ପାଣି ପଞ୍ଚାୟତ ଗୁଡିକୁ ସଶକ୍ତ କରି ଏଗୁଡିକୁ କୃଷି ବିପଣନ କେନ୍ଦ୍ର ଭାବେ ବିକଶିତ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜଳସେଚନ ଏବଂ କୃଷି ବୈଜ୍ଞାନିକଙ୍କ ଗବେଷଣା ସହିତ ଚାଷୀ ଭାଇମାନଙ୍କ ପରିଶ୍ରମ ଯୋଗୁ ଆଜି ଆମେ ୧୪୦ କୋଟି ଲୋକଙ୍କୁ ଖାଦ୍ୟ ଯୋଗାଇ ପାରୁଛୁ ଏବଂ ବିଦେଶକୁ ମଧ୍ୟ ରପ୍ତାନୀ କରିପାରୁଛୁ । ଏଥିପାଇଁ ଚାଷୀର ଜମିକୁ ଜଳଯୋଗାଣ ଅତ୍ୟନ୍ତ ଆବଶ୍ୟକ । ତେଣୁ ଜଳସେଚନର ସମସ୍ତ ପ୍ରକଳ୍ପ ଗୁଡିକୁ ଯୁଦ୍ଧକାଳୀନ ଭିତ୍ତିରେ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ମୁଖ୍ୟମନ୍ତ୍ରୀ କହିଲେ ଯେ, ରାଜ୍ୟର କୃଷକମାନଙ୍କ ଜମିକୁ ପାଣି ଯୋଗାଇଦେବା ପାଇଁ ନୂଆ ଫିଲ୍ଡ ଚ୍ୟାନେଲ ନିର୍ମାଣ ସହିତ ପୁରୁଣା ଚ୍ୟାନେଲ ଗୁଡିକୁ କଂକ୍ରିଟ୍ ଚ୍ୟାନେଲରେ ପରିଣତ କରିବା ପାଇଁ ନିଷ୍ପତ୍ତି ହୋଇଛି । ଚଳିତ ବର୍ଷରୁ ୨୦୨୮-୨୯ ଆର୍ଥିକ ବର୍ଷ ମଧ୍ୟରେ ୮୦ ହଜାର ହେକ୍ଟର ଜଳସେଚିତ ଅଞ୍ଚଳରେ ୨୪୦୦ କିଲୋମିଟର ନୂତନ କଂକ୍ରିଟ୍ କରନାଳୀ ନିର୍ମାଣ କରାଯିବ। ଏହା ସହିତ ୬୨ହଜାର ହେକ୍ଟର ଜଳସେଚିତ ଅଞ୍ଚଳରେ ୧୮୬୦ କିଲୋମିଟର ଅତି ପୁରୁଣା ଓ ଜରାଜୀର୍ଣ୍ଣ କ୍ଷେତ୍ରନାଳୀକୁ କଂକ୍ରିଟ ନାଳୀରେ ପୁନଃନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜଳର ସୁବ୍ୟବହାର, ଜଳ ବଣ୍ଟନରେ ସମତା ଏବଂ ଚାଷୀର ଜମିକୁ ପର୍ଯ୍ୟାପ୍ତ ଜଳ ସେଚନର ବ୍ୟବସ୍ଥା ସୁନିଶ୍ଚିତ କରିବା ଆମର ପ୍ରାଥମିକତା । ଏ ଦିଗରେ ପାଣି ପଞ୍ଚାୟତର ବଡ ଭୂମିକା ରହିଛି । ରାଜ୍ୟରେ ବର୍ତ୍ତମାନ ୩୯ ହଜାରରୁ ଅଧିକ ପାଣି ପଞ୍ଚାୟତ ଜଳ ପରିଚାଳନାର ନେତୃତ୍ୱ ନେଉଛନ୍ତି । ଏହା ଦ୍ୱାରା ଜଳ ପରିଚାଳନାରେ ସମସ୍ତଙ୍କର ସହଭାଗିତା ରହିପାରୁଛି ଓ ଜଳର ଅପଚୟ ମଧ ରୋକା ଯାଇ ପାରୁଛି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ ଜଳ ସମ୍ପଦର ବିକାଶ ପାଇଁ ଚଳିତ ବର୍ଷର ବଜେଟରେ ୧୩,୨୨୩ କୋଟି ରୁ ଅଧିକ ଟଙ୍କା ପ୍ରାବଧାନ କରାଯାଇଛି । ଚଳିତ ବଜେଟରେ ନୟାଗଡ ଜିଲ୍ଲାରେ ବୃତଙ୍ଗ ଜଳସେଚନ ପ୍ରକଳ୍ପ, ଗଂଜାମ ଜିଲ୍ଲାର ପିପଲପଙ୍କ ପ୍ରକଳ୍ପ, ବଲାଙ୍ଗିର ଜିଲ୍ଲାର ଉପର ଲାନ୍ଥ ● ପୃଷ୍ଠା ୫ ଦେଖନ୍ତୁ

## ରୋହିଣି ରାଲିରେ ଆପ୍‌କୁ ଟାର୍ଗେଟ କଲେ ମୋଦୀ

# ଦିଲ୍ଲୀର ବିକାଶ କେବଳ ବିଜେପି ହିଁ କରିପାରିବ




ନୂଆଦିଲ୍ଲୀ,୫।୧: ଆସନ୍ତା ଫେବୃଆରୀ ମାସରେ ଦିଲ୍ଲୀରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପାଇଁ ରାଜନୀତି ସରଗରମ ହୋଇଛି। ଉଭୟ ଆମ୍ ଆଦ୍‌ମୀ ପାର୍ଟି ଓ ବିଜେପି ମଧ୍ୟରେ କଡା ଟକ୍କର ମଧ୍ୟ ଆରମ୍ଭ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆପ୍ ଓ ଏହାର ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କୁ ଟାର୍ଗେଟ କରୁଥିବାବେଳେ ଆପ୍ ପକ୍ଷରୁ ମଧ୍ୟ ମୋଦୀଙ୍କୁ କାଉଣ୍ଟର କରାଯାଉଛି। ତେବେ ରବିବାର ଦିଲ୍ଲୀର ରୋହିଣିରେ ଆୟୋଜିତ ଏକ ରାଲିରେ ପ୍ରଧାନମନ୍ତ୍ରୀ ଦିଲ୍ଲୀର ବିକାଶକୁ ନେଇ ଏକ ବଡ଼ ଘୋଷଣା କରିଛନ୍ତି। ସେ କହିଛନ୍ତି, ଦିଲ୍ଲୀର ବିକାଶ ହିଁ କେବଳ ବିଜେପି କରିପାରିବ। ସେ ଆହୁରି କହିଥିଲେ ଯେ ଆଗାମୀ ୨୫ ବର୍ଷ ଭାରତ ଓ ଦିଲ୍ଲୀ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହିବର୍ଷ ଗୁଡ଼ିକରେ ଭାରତ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହେବ। ସେ ଆହୁରି କହିଥିଲେ ଯେ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଏଥର ପଦ୍ମ ଫୁଟିବ। କେନ୍ଦ୍ର ସରକାର ଦିଲ୍ଲୀକୁ ୭୫ ହଜାର କୋଟିରୁ ଅଧିକ ଟଙ୍କାର ସହାୟତା ଦେଇଛନ୍ତି। ସେହିପରି ଦିଲ୍ଲୀରେ ଟ୍ରାଫିକ ଜାମ୍ ସମସ୍ୟା ହ୍ରାସ କରିବା ପାଇଁ ବିଜେପି ସରକାର ୫୫ହଜାର କୋଟିରୁ ଅଧିକ ଟଙ୍କାର ଅର୍ଥ ସହାୟତା ଦେଇଛନ୍ତି। କେନ୍ଦ୍ର ସରକାର ଡିଡିଏ ମାଧ୍ୟରେ ଗରିବ ଏବଂ ମଧ୍ୟବିତ୍ତଙ୍କ ପାଇଁ ଘର ନିର୍ମାଣ କରୁଛନ୍ତି। ଦିଲ୍ଲୀର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ବିଜେପିକୁ ଭୋଟ ଦେବାକୁ ସେ ନିବେଦନ କରିଥିଲେ। ଆପ୍ ପାଖରେ ଲୋକଙ୍କ ପାଇଁ କ'ଣ ବିକାଶ କାର୍ଯ୍ୟ କରାଯାଇଛି ତା'ର ହିସାବ ନଥିବାବେଳେ ସେହିଦଳ ଦିଲ୍ଲୀର କି ବିକାଶ କରିବ ବୋଲି ମୋଦୀ ପ୍ରଶ୍ନ କରିଥିଲେ।

## ଲୁଟେରାଙ୍କ ଗୁଳିମାଡ଼ରେ ୨ଜଣଙ୍କ ମୃତ୍ୟୁ ଘଟଣା

# ଏସ୍‌ଟିଏଫ୍‌ର ତନାଘନା

ଯାଜପୁର/ଭୁବନେଶ୍ୱର,୫।୧(ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲା ପାଣିକୋଇଲିଠାରେ ଶନିବାର ଲୁଟେରାଙ୍କ ଗୁଳିମାଡ଼ରେ ଦୁଇଜଣଙ୍କ ମୃତ୍ୟୁ ଘଟଣାର ତଦନ୍ତ ଆରମ୍ଭ କରିଛି କ୍ରାଇମବ୍ରାଞ୍ଚ ଏସଟିଏଫ। ପାଣିକୋଇଲିର ପଣ୍ଡା ଅଳଙ୍କାର ଶୋ ରୁମ୍‌ରେ ଲୁଟ୍ ପାଇଁ ଉଦ୍ୟମବେଳେ ଲୁଟେରାଙ୍କ ଗୁଳିମାଡ଼ରେ ୨ଜଣଙ୍କ ମୃତ୍ୟୁ ହୋଇଥିଲା। ଏସଟିଏଫର ଏକ ୩ଜଣିଆ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏପରିକି ପଣ୍ଡା ଅଳଙ୍କାରକୁ ଯାଇ ମଧ୍ୟ ପଚରାଉଚୁରା କରିଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ ଶନିବାର ଲୁଟ୍ ପାଇଁ ପିଛା କରି ବିଚ୍ ରାସ୍ତାରେ ଗୁଳି ଚଳାଇଥିଲେ ଲୁଟେରା। ଏପରିକି ଲୋକେ କାବୁ କରିବା ପାଇଁ ଉଦ୍ୟମ କରିବାରୁ ଲୋକଙ୍କୁ ବି ଗୁଳି ମାରିଥିଲେ। ଲୁଟେରାଙ୍କ ଗୁଳିମାଡ଼ରେ ଦୁଇଜଣଙ୍କ ଜୀବନ ଯାଇଥିବାବେଳେ ଉତ୍ତ୍ୟକ୍ତ ଲୋକଙ୍କ ମାଡ଼ରେ ଜଣେ ଲୁଟେରା ମଧ୍ୟ ଗୁରୁତର ହୋଇଛି। ତାକୁ ଚିକିତ୍ସାପାଇଁ ଏସ୍‌ସିବିରେ ଭର୍ତ୍ତି କରାଯାଇଛି। ଏହି ଘଟଣା ସାରା ରାଜ୍ୟରେ ଆତଙ୍କ ସୃଷ୍ଟି କରିଥିବାବେଳେ ଲୋକେ ଭୟଭୀତ ମଧ୍ୟ ହୋଇ ପଡ଼ିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘଟଣାରେ ଗଭୀର ଦୁଃଖ ● ପୃଷ୍ଠା ୫ ଦେଖନ୍ତୁ

**୨ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ**

# ଏନ୍‌କାଉଣ୍ଟର, ୪ ମାଓବାଦୀ ନିହତ



ମାଲକାନଗିରି,୫।୧(ଭାସ୍କର ନ୍ୟୁଜ): ମାଲକାନଗିରି ସୀମାନ୍ତ ଛତିଶଗଡ଼ର ଅବୁଝମାଡ଼ ଜଙ୍ଗଲରେ ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ଏଥିରେ ୪ଜଣ ମାଓବାଦୀ ନିହତ ହୋଇଥିବା ଜଣାପଡ଼ିଛି। ଛତିଶଗଡ଼ର ଦାନ୍ତେୱାଡା ଓ ନାରାୟଣପୁର ଜିଲ୍ଲା ସୀମାରେ ଥିବା ଅବୁଝମାଡ଼ ଜଙ୍ଗଲରେ ଶନିବାର ବିଳମ୍ବିତ ରାତିରୁ ସୁରକ୍ଷାବାହିନୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଜାରି ରହିଛି। ଏହି ଜଙ୍ଗଲରେ ମାଓବାଦୀମାନେ ଆତ୍ମଗୋପନ କରିଥିବା ନେଇ ଗୁଇନ୍ଦା ସୂଚନା ମିଳିବା ପରେ ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଥିଲା। ଗତ ୩ ତାରିଖରେ ନାରାୟଣପୁର, ଦାନ୍ତେୱାଲ, ଜଗଦଲପୁର, କୁଣ୍ଡାଗାଓଁ ଜିଲ୍ଲାରେ ମଧ୍ୟ ସୁରକ୍ଷାକର୍ମୀ ସର୍ଚ୍ଚ ଅପରେସନ ଜାରି ରଖିଥିଲେ। ତେବେ ଶନିବାର ବିଳମ୍ବିତ ରାତିରେ ଅବୁଝମାଡ ଜଙ୍ଗଲରେ ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଆରମ୍ଭ ହୋଇଥିଲା। ଯବାନଙ୍କ ଗୁଳିର ସାମ୍ନା କରିନପାରି ରବିବାର ସକାଳେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ● ପୃଷ୍ଠା ୫ ଦେଖନ୍ତୁ

## ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷାରେ ବଡ଼ଧରଣ ତ୍ରୁଟି

# ପାଖରେ ପଡ଼ିଲା ଡ୍ରୋନ୍

ଝାରସୁଗୁଡ଼ା/ଭୁବନେଶ୍ୱର,୫।୧(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସୁରକ୍ଷାରେ ବଡ଼ଧରଣର ତ୍ରୁଟି। ମୁଖ୍ୟମନ୍ତ୍ରୀଙ୍କ ପାଖରେ ଖସିପଡ଼ିଲା ଡ୍ରୋନ୍। ମୁଖ୍ୟମନ୍ତ୍ରୀଙ୍କ ଝାରସୁଗୁଡ଼ା ଗସ୍ତ ସମୟରେ ଏଭଳି ବଡ଼ଧରଣର ତ୍ରୁଟି ଦେଖା ଦେଇଥିଲା, ଯାହାର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗତ ଦୁଇ ତାରିଖରେ ଝାରସୁଗୁଡ଼ା ଗସ୍ତରେ ଯାଇଥିଲେ। ତେବେ ସେ ଝାଡ଼େଶ୍ୱର ମନ୍ଦିରକୁ ପ୍ରବେଶ କରିବାକୁ ଯାଉଥିବାବେଳେ ଏକ ଡ୍ରୋନ୍ ତାଙ୍କ ପାଖରେ ପଡ଼ିଥିଲା। ● ପୃଷ୍ଠା ୫ ଦେଖନ୍ତୁ



## ସଜେଇ ହେଉଛି ଜନତା ମଇଦାନ

# ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କଲେ ଡିଜିପି




ଭୁବନେଶ୍ୱର,୫।୧(ଭାସ୍କର ନ୍ୟୁଜ): ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମକୁ ଆଉ ମାତ୍ର ଦୁଇ ଦିନ ବାକି। ଆସନ୍ତା ୮ ତାରିଖରୁ ଆରମ୍ଭ ହୋଇ ୧୦ ତାରିଖରେ ଏହା ଉଦ୍‌ଯାପିତ ହେବ। ଏଥିନେଇ ଭୁବନେଶ୍ୱରବାସୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଉଦ୍ଦୀପନା। ଭୁବନେଶ୍ୱର ଦେଖିବ ପ୍ରବାସୀ ଭାରତୀୟଙ୍କ ମହାମେଳି। ଗୋଟିଏ ଛାତ ତଳେ ଏକାଠି ହେବେ ସାରା ବିଶ୍ୱରୁ ସାଢ଼େ ୩ ହଜାରରୁ ଅଧିକ ପ୍ରବାସୀ ଭାରତୀୟ। ଏପଟେ ପ୍ରବାସୀ ଭାରତୀୟ ଦିବସକୁ ସଫଳ କରିବା ପାଇଁ କସରତ ଚଳାଇଛି ପୂରା ସରକାରୀ କଳ। ପ୍ରବାସୀ ଭାରତୀୟଙ୍କୁ ମିଳିବ ଓଡ଼ିଆ ଚଳଣୀର ଅନୁଭୂତି। ପ୍ରବାସୀ ଭାରତୀୟଙ୍କ ମନ ମୋହିବାକୁ ଓଡ଼ିଶାର ହସ୍ତତନ୍ତ ଓ ହସ୍ତକଳାରେ ସଜେଇ ହେଲାଣି ଓଡ଼ିଶା ପାଭିଲିୟନ। ସେପଟେ ପ୍ରବାସୀ ଭାରତୀୟ ଦିବସ ପ୍ରସ୍ତୁତିର ଅଗ୍ରଗତି ନେଇ ରବିବାର ଜନତା ମଇଦାନ ଯାଇ ସମୀକ୍ଷା କରିଛନ୍ତି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା। ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ସମେତ ହଜାର ହଜାର ଅତିଥି ଯୋଗଦେବାକୁ ଥିବାରୁ ଉଦଘାଟନୀ ହ୍ୟାଙ୍ଗରଠୁ ଆରମ୍ଭ କରି ପ୍ଲେନାରୀ ହ୍ୟାଙ୍ଗର, ଥିମ୍ ପାଭିଲିୟନ ସବୁକିଛିର ଟିକିନିଖି ଯାଞ୍ଚ କରିଛନ୍ତି ମୁଖ୍ୟ ସଚିବ। ସେ କହିଛନ୍ତି ଯେ ପ୍ରବାସୀ ଭାରତୀୟ ଦିବସରେ ଯୋଗଦେବାକୁ ପାଖାପାଖି ସାଢ଼େ ୩ ହଜାର ପଞ୍ଜୀକରଣ ହୋଇଛି। ପ୍ରବାସୀ ଭାରତୀୟମାନେ ଯେଭଳି ଏକ ଭଲ ଅନୁଭୂତି ନେଇ ଫେରିବେ, ସେଥିପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି। ଅନ୍ୟପଟେ ଶିଳ୍ପ ସଚିବ କହିଛନ୍ତି ଯେ ଗତକାଲିଠୁ ଭୁବନେଶ୍ୱରକୁ ପ୍ରବାସୀ ଓଡ଼ିଆଙ୍କ ଆଗମନ ଆରମ୍ଭ ହେଲାଣି। ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଆଗ୍ରହୀ ଥିବା ୫୦୦ ପ୍ରବାସୀ ଭାରତୀୟଙ୍କ ଲାଗି ଏକ ତାରକା ହୋଟେଲରେ ଇନଭେଷ୍ଟ ଓଡ଼ିଶା ସ୍ୱତନ୍ତ୍ର ସେସନର ଆୟୋଜନ କରାଯାଇଛି। ଏହାବାଦ୍ ଓଡ଼ିଶା ପର୍ଯ୍ୟଟନ ଓ ୨୦୩୬ରେ ବିକଶିତ ଓଡ଼ିଆ ଶୀର୍ଷକ ଦୁଇଟି ସ୍ୱତନ୍ତ୍ର ଅଧିବେଶନର ମଧ ଆୟୋଜନ କରାଯାଇଛି। ସେପଟେ ଆଜି ଜନତା ମଇଦାନରେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛନ୍ତି ଖୋଦ୍ ପୁଲିସ୍ ଡିଜି। ଏହି କାର୍ଯ୍ୟକ୍ରମ ଅବସରରେ ଯଦି କୌଣସି ପ୍ରକାର ଆତଙ୍କବାଦୀ ଆକ୍ରମଣ ହୁଏ କିମ୍ବା କୌଣସି ପ୍ରକାର ଅଘଟଣ ଘଟେ, ତେବେ ସୁରକ୍ଷାବାହିନୀ କେତେ ପ୍ରସ୍ତୁତ ତାର ● ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

**ଅର୍ଚ୍ଚିତ ଅନିର୍ବାଣ**



ଅତିଥିଙ୍କ ପାଇଁ ସଭିଏଁ ତତ୍ପର
କା ଆଖିରେ ନାହିଁ ନିଦ,
ରାସ୍ତାକଡ ସବୁ ସଫା ହେଉଅଛି
ହଟୁଅଛି ଅବରୋଧ ।
ଉଠା ଦୋକାନୀଙ୍କୁ ଖେଦ,
କେଉଁଠି ଯେପରି କେହି ନ ପାଇବେ
ଗରିବୀର ବାସ୍ନା, ଗନ୍ଧ !




ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ୯ରେ ଓଡ଼ିଶା ଆସିବେ ରାଷ୍ଟ୍ରପତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରବାସୀ ଭାରତୀୟ ଦିବସରେ ଯୋଗଦାନ ପାଇଁ ଜାନୁଆରୀ ୯ତାରିଖ ଅପରାହ୍ଣ ୩.୦୦ଟା ସମୟରେ ଗୌହାଟୀ ବିମାନ ବନ୍ଦରରୁ ବାୟୁସେନା ବିମାନ ଯୋଗେ ଅପରାହ୍ଣ ୪ଟା ୩୫ରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚି ସେଦିନ ରାଜଭବନରେ ରହଣି କରିବେ । ରାଷ୍ଟ୍ରପତି ୧୦ ତାରିଖରେ ପ୍ରବାସୀ ଭାରତୀୟ ଦିବସରେ ଯୋଗଦାନ ଅବସରରେ ପୂର୍ବାହ୍ଣ ୧୧.୪୦ ରେ ଜନତା ମଇଦାନରେ ପହଞ୍ଚିବେ । ସେଦିନ ସେଠାରେ ଏହି ଦିବସ ଉପଲକ୍ଷେ ଆୟୋଜିତ ଅନ୍ୟ କାର୍ଯ୍ୟକ୍ରମ ସହିତ ତ୍ରିନିଦାନ ଓ ଟୋବାଗୋର ରାଷ୍ଟ୍ରପତିଙ୍କ ସହିତ ସାକ୍ଷାତ ଆଲୋଚନା କରିବେ । ରାଷ୍ଟ୍ରପତି ମହୋଦୟା ସେଦିନ ଅପରାହ୍ଣ ୩.୦୦ ମି ସମୟରେ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀରେ ଯୋଗଦେଇ ପ୍ରବାସୀ ଭାରତୀୟ ସମ୍ମାନ ପୁରସ୍କାର ପ୍ରଦାନ ସମ୍ମିଳନୀରେ ଯୋଗଦାନ କରିବେ ଏବଂ କାର୍ଯ୍ୟକ୍ରମ ପରେ ଅପରାହ୍ଣ ୫.୨୫ ମିନିଟ୍ ସମୟରେ ଭୁବନେଶ୍ୱର ବିମାନ ବନ୍ଦରରୁ ପ୍ରତ୍ୟାବର୍ତ୍ତନ କରିବେ ।



ଆଦିବାସୀ ମେଳା ଉଦ୍‌ଘାଟିତ

## ଶହୀଦ ମାଧୋ ସିଂହ ହାତଖର୍ଚ୍ଚ ଯୋଜନାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ସ୍ଥାନୀୟ ପ୍ରଦର୍ଶନୀ ପଡିଆରେ ବହୁ ପ୍ରସିଦ୍ଧ ବାର୍ଷିକ ଆଦିବାସୀ ମେଳାର ଉଦ୍‌ଘାଟନ କରିଛନ୍ତି । ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମ ଉପଲକ୍ଷେ ଏହି ମେଳାକୁ ଚଳିତବର୍ଷ ଆଗୁଆ କରାଯାଇ ଜାନୁଆରୀ ୫ରୁ ୧୫ ପର୍ଯ୍ୟନ୍ତ ଆୟୋଜନ କରାଯାଉଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଭୁବନେଶ୍ୱରକୁ ଆସୁଥିବା ତଥା ଭୁବନେଶ୍ୱରବାସୀଙ୍କ ପାଇଁ ଏହି ମେଳା ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇଯାଇଛି । ଏ ବର୍ଷ ପ୍ରବାସୀ ଭାରତୀୟ ମାନେ ଭୁବନେଶ୍ୱର ଆସିବେ ଏବଂ ଆଦିବାସୀ ସଂସ୍କୃତିର ସୁନ୍ଦରତା ଦେଖିବେ, ଜାଣିବେ ଓ ଅନୁଭବ କରିବେ । ଓଡିଶାର ସବୁ ଆଦିବାସୀ ମାନଙ୍କର ଏହି ମହାପର୍ବ ଏଥର ନିଶ୍ଚିତ ଭାବରେ ବିଶ୍ୱ ମଞ୍ଚରେ ପ୍ରସିଦ୍ଧି ଅର୍ଜନ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶହୀଦ ମାଧୋ ସିଂହ ହାତଖର୍ଚ୍ଚ ଯୋଜନାର ଶୁଭାରମ୍ଭ କରି କହିଛନ୍ତି ଯେ, ଏହା ଦ୍ୱାରା ଆଦିବାସୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶିକ୍ଷା ପ୍ରତି ଆଗ୍ରହ ବଢିବା ସହିତ ଡ୍ରପଆଉଟ୍ ହାର ମଧ୍ୟ କମିବାରେ ଏହା ସହାୟକ ହେବ । ଯେଉଁ ଜନଜାତି ବର୍ଗର ଛାତ୍ରଛାତ୍ରୀ ଅଷ୍ଟମ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇ ନବମ, ଏବଂ ଦଶମ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇ ଏକାଦଶ ଶ୍ରେଣୀରେ ନାମ ଲେଖାଇବେ ସେମାନଙ୍କ ପାଇଁ ଏକ ପ୍ରୋତ୍ସାହନ ରାଶି ଭାବରେ ଏକାକାଳୀନ ବାର୍ଷିକ ୫୦୦୦ ଟଙ୍କା ପ୍ରଦାନ କରାଯିବ । ସମ୍ପୃକ୍ତ ଶ୍ରେଣୀରେ ନାମ ପଞ୍ଜୀକରଣ ହେବା ପରେ ନିୟମିତ କକ୍ଷରେ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏହି ଯୋଜନା ଦ୍ୱାରା ଉପକୃତ ହେବେ । ଆଜି ୧.୬ ଲକ୍ଷ ଛାତ୍ରଛାତ୍ରୀ ଏହି ପ୍ରୋତ୍ସାହନ ରାଶି ପାଇଲେ, ସମୁଦାୟ ୨ ଲକ୍ଷରୁ ଅଧିକ ଜନଜାତି ଛାତ୍ରଛାତ୍ରୀ ଏଥିରେ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସ୍ୱାଧୀନତା ସଂଗ୍ରାମରେ ଆଦିବାସୀଙ୍କ ତ୍ୟାଗ ଓ ବଳିଦାନ ଅତୁଳନୀୟ । ଭଗବାନ ବିର୍ସା ମୁଣ୍ଡା ଓ ଶହୀଦ ମଧୋ ସିଂହଙ୍କ ସଂଘର୍ଷ ଉପରେ ମୁଖ୍ୟମନ୍ତ୍ରୀ ଆଲୋକପାତ କରିଥିଲେ । ସୂଚନାଯୋଗ୍ୟ ଚଳିତବର୍ଷ ଏହି ମେଳାରେ ୨୦ ଗୋଟି ଆଦିବାସୀ କୁଡ଼ିଆ, ବିକ୍ରିବଟା ପାଇଁ ୧୪୭ଟି ଷ୍ଟଲ, ୧୫ଟି ଲାଇଭ୍ ଡେମନଷ୍ଟ୍ରେସନ୍ ପାଇଁ ସ୍ଥାନ ଥିବାବେଳେ ଫୁଡ୍ କୋର୍ଟ, କଳା ଓ ହସ୍ତଶିଳ୍ପ ଷ୍ଟଲ, ଭଗବାନ ବିର୍ସା ମୁଣ୍ଡା ପାଭିଲିୟନ୍‌କୁ ସ୍ଥାନ ଦିଆଯାଇଛି । ଏଥିସହିତ ଭଗବାନ ବିର୍ସା ମୁଣ୍ଡା ପାଭିଲିୟନ୍‌ର ୫ଟି ଗ୍ୟାଲେରୀରେ ବିର୍ସାମୁଣ୍ଡାଙ୍କ ଜୀବନୀ, ରାଜ୍ୟ ତଥା ଦେଶର ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନ ସମ୍ପର୍କିତ ଗ୍ୟାଲେରୀ, ଚିତ୍ରାଙ୍କନ ପ୍ରଦର୍ଶନୀ, ମିନି ଥିଏଟର୍ ଓ ଫଟୋଚିତ୍ର ପ୍ରଦର୍ଶନୀର ଆୟୋଜନ କରାଯାଉଛି । ଭଗବାନ ବିର୍ସା ମୁଣ୍ଡାଙ୍କ ଜୀବନୀ ଆଧାରିତ ଲେଜର୍ ଶୋ, ଓଡ଼ିଶାର ଜନଜାତି ସମ୍ପ୍ରଦାୟଭିତ୍ତିକ ଡ୍ରୋନ୍ ଶୋ, ଓଡ଼ିଶାର ଜନଜାତି ସ୍ୱାଧୀନତା ସଂଗ୍ରାମୀଙ୍କ ଉପରେ ପର୍ଯ୍ୟବେଶିତ ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ, ଫ୍ୟାସନ୍ ଶୋ ଏବଂ ଫାୟର୍ ୱାର୍କ ଶୋର ମଧ୍ୟ ଆୟୋଜନ କରାଯାଉଛି । ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଲେ ଯେ, ଚଳିତ ବର୍ଷର ଆଦିବାସୀ ମେଳା ନିଆରା । ଏହି ମେଳାରେ ଓଡିଶାର କୋଣ ଅନୁକୋଣରୁ ଜନଜାତି ସମୁଦାୟ ନିଜ ନିଜ ସାମଗ୍ରିର ବିକ୍ରି ପାଇଁ ସୁଯୋଗ ପାଇଛନ୍ତି । ଜନଜାତି ସମ୍ପ୍ରଦାୟଙ୍କୁ ଉପଯୁକ୍ତ ମଞ୍ଚ ପ୍ରଦାନ କରିଛି ଏହି ଆଦିବାସୀ ମେଳା । ଏହି ମେଳାର ଆୟୋଜନ ଜନଜାତି ସାମଗ୍ରିକୁ ଅନ୍ତର୍ଜାତିୟ ବଜାର ପ୍ରଦାନ କରିବ । ଆଦିବାସୀ ସମ୍ପ୍ରଦାୟଙ୍କ ମଧ୍ୟରେ ଶିକ୍ଷାର ବିକାଶ ଘଟିଲେ ସେମାନଙ୍କର ଉନ୍ନତି ହେବ । ଆଦିବାସୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଶହୀଦ ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା ଆରମ୍ଭ କରାଯାଇଛି । ଏହି ଯୋଜନା ରାଜ୍ୟରେ ଜନଜାତି ସମ୍ପ୍ରଦାୟଙ୍କ ମଧ୍ୟରେ ଡ୍ରପ ଆଉଟ୍ ହାରକୁ କମାଇବ ଏବଂ ସେମାନଙ୍କୁ ଉଚ୍ଚଶିକ୍ଷା ପାଇଁ ପ୍ରୋତ୍ସାହିତ କରିବାରେ ସହାୟକ ହେବ । ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ, ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂହ ପ୍ରମୁଖ ନିଜର ଅଭିଭାଷଣ ରଖିଥିଲେ।



ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନାର ଶୁଭାରମ୍ଭ ଅବସରରେ ଶହୀଦ ମାଧୋ ସିଂହଙ୍କ ଅଣନାତି ଲୋକେଶ୍ୱର ସିଂହ ବରିହାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବର୍ଦ୍ଧିତ କରୁଛନ୍ତି ।

## ମେୟର ବୁଲି ଦେଖିଲେ ଯୁବାସ୍କେପ-୨୦୨୫ର କୈଶୋରବନ୍ଧୁ କାର୍ଯ୍ୟକ୍ରମ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱର ସହରକୁ କୈଶୋରବନ୍ଧୁ ସହର ଭାବେ ଗଢିତୋଳିବା ପାଇଁ ଆରମ୍ଭ ହୋଇଛି ନୂତନ ପ୍ରୟାସ । ରବିବାର ପୂର୍ବାହ୍ନରେ ମାନନୀୟା ମେୟର ଶ୍ରୀମତୀ ସୁଲୋଚନା ଦାସ, ଯୁବାସ୍କେପ-୨୦୨୫ର କୈଶୋର ସୁଲଭ ସର୍ବସାଧାରଣ ସ୍ଥାନ ଜନିତ ପ୍ରୟାସର ପରୀକ୍ଷଣ ମୂଳକ ଶୁଭାରମ୍ଭରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଏହି ପଦକ୍ଷେପ ଜରିଆରେ ସହରର ଦୁଇଟି ସ୍ଥାନ-ରାଜଧାନୀ ମହାବିଦ୍ୟାଳୟ ସମ୍ମୁଖ ଏବଂ ୟୁନିଟ୍ ୯ ସ୍ଥିତ ଭୀମଭୋଇ ଷ୍ଟ୍ରିଟକୁ ବିଭିନ୍ନ ପ୍ରକାର ଡିଜାଇନ କରାଯାଇଥିଲା । ରାଜଧାନୀ ମହାବିଦ୍ୟାଳୟ ସମ୍ମୁଖରେ କିଶୋର କିଶୋରୀଙ୍କ ପାଇଁ ବସିବା ସ୍ଥାନ, ଆଲୋଚନା ସ୍ଥାନ, ବିଭିନ୍ନ ପ୍ରକାର ଖେଳ, ପଜଲ ଗେମ୍ସ, ବର୍ଜ୍ୟରୁ ସୌନ୍ଦର୍ଯ୍ୟ ଓ ବ୍ୟବହାର ସାମଗ୍ରୀ ଇତ୍ୟାଦି ସ୍ଥାନ ପାଇଛି । ତେବେ ଏଠାରେ କିଶୋର କିଶୋରୀଙ୍କ ପାଇଁ ସୁନ୍ଦର ପରିବେକ୍ଷଣ ସୃଷ୍ଟି କରିବା ସହ ସେମାନଙ୍କ ମଧ୍ୟରେ କୈଶୋର ଚିନ୍ତନ, ସୃଜନଶୀଳତାର ବିକାଶ, ଅନ୍ତର୍ନିହିତ ଗୁଣାବଳୀର ବିକାଶ କରିବା ଏହାର ମୂଳ ଲକ୍ଷ୍ୟ । ଅନ୍ୟପକ୍ଷରେ ଭୀମ ଭୋଇ ଷ୍ଟ୍ରିଟରେ ଭିନ୍ନକ୍ଷମ କିଶୋର କିଶୋରୀଙ୍କ ପାଇଁ ଭିନ୍ନ ଅନୁଭବର ଚଲାବାଟ, ବ୍ରେଲି ଲିପିରେ ସଂକେତ, ନଦେଖି ବିଭିନ୍ନ ପଦାର୍ଥର ସ୍ପର୍ଶ ଅନୁଭବ, ବିବିଧ ସଂକେତ ଇତ୍ୟାଦି ପ୍ରସ୍ତୁତ କରାଯାଇଛି ଯେଉଁଥିରେ ଭିନ୍ନକ୍ଷମ କୈଶୋରଙ୍କର ବୌଦ୍ଧିକ, ସାମାଜିକ ବିକାଶରେ ବେଶ ସହାୟକ ହୋଇପାରିବ । ଭୁବନେଶ୍ୱର ଏକ ଉତ୍ତମ ବାସୋପଯୋଗୀ ସହରର ମାନ୍ୟତା ପାଇଥିବା ବେଳେ ଶିଶୁବନ୍ଧୁ ସହର ଭାବେ ସ୍ମାର୍ଟ ସିଟି ପ୍ରକଳ୍ପରେ ଏହାର ସ୍ୱତନ୍ତ୍ରତା ରହିଛି । ଆରମ୍ଭ ହୋଇଥିବା ଅଭିଯାନର କାର୍ଯ୍ୟକ୍ରମ ଆସନ୍ତା ୧୨ ପର୍ଯ୍ୟନ୍ତ ଚାଲୁ ରହିବ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟ ବିଏମ୍‌ସି ସ୍ୱାସ୍ଥ୍ୟ ଓ ପରିମଳ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ସାଂସ୍କୃତିକ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ମିହିର କୁମାର ରାଉତ, ଅଭିଯୋଗ ସମାଧାନ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷା ବିନୟିନୀ ଜେନା, ସ୍ଥାନୀୟ କର୍ପୋରେଟର ରାମଚନ୍ଦ୍ର ରଣସିଂହ, ସାଉଥ୍-ୱେଷ୍ଟ ଜୋନାଲ କମିଶନର ରାକେଶ ପାତ୍ରଙ୍କ ସମେତ ଆୟୋଜକ ଆଇନାର ସ୍ନେହ ମିଶ୍ର, ୱାର୍ଲ୍ଡ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

## ମାତୃଭବନ ନିକଟସ୍ଥ ନିର୍ମାଣାଧୀନ ଡ୍ରେନ୍‌ର କାନ୍ଥ ଭୁଶୁଡ଼ିଲା

କଟକ(ଭାସ୍କର ନ୍ୟୁଜ): ରବିବାର ସକାଳ ପ୍ରାୟ ୯ଟା ସମୟରେ ମାତୃଭବନ ନିକଟସ୍ଥ ନିର୍ମାଣାଧୀନ ଡ୍ରେନ୍‌ର କାନ୍ଥ ଭୁଶୁଡ଼ିଛି । ତେବେ ବଡ଼ ଧରଣର ବିପଦ ଟଳିଯାଇଥିବା ବେଳେ ଏହି ଘଟଣାରେ ୪ ଜଣ ଶ୍ରମିକ ସାମାନ୍ୟ ଆହତ ହୋଇଥିବା କୁହାଯାଉଛି । ପ୍ରାୟ ୩ ମିଟର ଓସାରରେ ଉଭୟ ପାର୍ଶ୍ୱ କାନ୍ଥ ଭୁଶୁଡ଼ି ପଡ଼ିଛି । ଏହାଦ୍ୱାରା ନିର୍ମାଣ କାର୍ଯ୍ୟ ବନ୍ଦ ରଖାଯାଇଛି । ଠିକା ସଂସ୍ଥାଙ୍କ ଅପରିଣାମଦର୍ଶିତା ପାଇଁ କୌଣସି ସମୟରେ ଯେ ଧନଜୀବନ ହାନୀ ନହେବ ତାକୁ ନେଇ ଆଶଙ୍କା ପ୍ରକାଶ ପାଇଛି । ଛତ୍ରବଜାର ପର୍ଯ୍ୟନ୍ତ ବକ୍ସଡ୍ରେନ୍ ନିର୍ମାଣ ଶେଷ ହୋଇଥିବାବେଳେ ସେଠାରୁ ମାତୃଭବନ ପର୍ଯ୍ୟନ୍ତ ଓପନ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଚାଲିଛି । ତେବେ ତାଳଦଣ୍ଡା କେନାଲ ରୋଡ୍‌ରେ ମାତୃଭବନ ନିକଟରେ ନିର୍ମାଣ କାର୍ଯ୍ୟ ଚାଲିଥିବା ସମୟରେ ଅପ୍ରତ୍ୟାଶିତ ଭାବେ ଏଭଳି ଅଘଟଣ ଘଟିଛି । ଠିକା ସଂସ୍ଥାର ଦାୟିତ୍ୱହୀନତାକୁ ପ୍ରତ୍ୟକ୍ଷଦର୍ଶୀ ଦାୟୀ କରୁଛନ୍ତି । ଅପରପକ୍ଷରେ ଠିକାସଂସ୍ଥାର ସୁପରଭାଇଜର ଚିତ୍ତରଞ୍ଜନ ସାହୁ ପ୍ରବଳ ପାଣି ଆସିଯିବାରୁ କାନ୍ଥ ଭୁଶୁଡ଼ି ଗଲା ବୋଲି ସୂଚନା ଦେଇଛନ୍ତି । ସିଏମସି ମେୟର ସୁବାସ ସିଂହ କୁହନ୍ତି, ଏହି ଅଘଟଣ ଫଳରେ ଯଦିଓ କିଛି ଧନଜୀବନ ହାନୀ ହୋଇନାହିଁ । ତେବେ ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । କାମ କରାଯିବା ସମୟରେ ପ୍ରତିକାରମୂଳକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା କି ନାହିଁ ତାହାକୁ ତଦନ୍ତ ପରିସରଭୁକ୍ତ କରାଯିବ । ଉଲ୍ଲେଖଯୋଗ୍ୟ ଯେ, ଗତ କିଛି ଦିନ ତଳେ ଡ୍ରେନ୍ ନିର୍ମାଣ ବେଳେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା । ଠିକା ସଂସ୍ଥାର ଦାୟିତ୍ୱହୀନତା ପାଇଁ ଏଭଳି ଜୀବନ ହାନୀ ଘଟିଲା ବୋଲି ତଦନ୍ତରୁ ଜଣାପଡ଼ିଥିଲା ।

କୃଷି ଓଡ଼ିଶା-୨୦୨୫ ଉଦ୍‌ଯାପିତ

## ଦୀର୍ଘସ୍ଥାୟୀ କୃଷି ପ୍ରଣାଳୀର ପ୍ରୋତ୍ସାହନ ପାଇଁ ଆମ ସରକାର ଅଙ୍ଗୀକାରବଦ୍ଧ: ଉପମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): କୃଷି ଓଡ଼ିଶା-୨୦୨୫ ରବିବାର ଉଦ୍‌ଯାପିତ ହୋଇଯାଇଛି । ବରମୁଣ୍ଡା ବିଜୁ ପଟ୍ଟନାୟକ ଖେଳପଡ଼ିଆଠାରେ ଚାଲିଥିବା ତିନି ଦିନିଆ କୃଷି ଓଡ଼ିଶା-୨୦୨୫ର ଉଦ୍‌ଯାପନୀ ସମାରୋହରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥିଭାବେ ଯୋଗ ଦେଇ କହିଥିଲେ, ଓଡ଼ିଶାର କୃଷି ଭବିଷ୍ୟତକୁ କୃଷି ଓଡ଼ିଶା-୨୦୨୫ ଅଧିକ ଋଦ୍ଧିମନ୍ତ କରିବ । ସଶକ୍ତ, ସହନଶୀଳ ଓ ଦୀର୍ଘସ୍ଥାୟୀ କୃଷି ପ୍ରଣାଳୀର ପ୍ରୋତ୍ସାହନ ପାଇଁ ଆମ ସରକାର ଅଙ୍ଗୀକାରବଦ୍ଧ । ଏହି ଅବସରରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡକ୍ଟର ଅରବିନ୍ଦ କୁମାର ପାଢ଼ୀ ସମାରୋହକୁ ସମ୍ବୋଧିତ କରି କହିଥିଲେ, ଜଳବାୟୁ ସହନୀୟ କୃଷି ପ୍ରଣାଳୀ ସମ୍ପ୍ରତି ଏକ ବୈଶ୍ୱିକ ଆହ୍ୱାନ । ଚିରନ୍ତନ ଖାଦ୍ୟ ପ୍ରଣାଳୀ ପାଇଁ ଆମର ପ୍ରୟାସ ନିଶ୍ଚିତରୂପେ ଆଗାମୀ ଦିନରେ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିବ । ଏହି ଅବସରରେ କୃଷିଜାତ ଉତ୍ପାଦକୁ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ଲକ୍ଷ୍ୟ ନେଇ ଉଦ୍ୟାନ କୃଷି ବିଭାଗ ସହ ୧୧ ଗୋଟି ସଂସ୍ଥା ବୁଝାମଣାପତ୍ର ସ୍ୱାକ୍ଷରିତ କରିଥିଲେ । କେନ୍ଦୁଝରର ସଫଳ ଚାଷୀ ସୁଦର୍ଶନ ମହାନ୍ତି ନିଜର ଅନୁଭୂତି ବିଷୟରେ ବର୍ଣ୍ଣନା କରିଥିଲେ । ଏହି ଅବସରରେ ସଫଳ ଚାଷୀ, ବକ୍ତୃତା, ଗଳ୍ପପଠନ, କବିତା ଆବୃତ୍ତି, କୁଇଜ୍ ଆଦି ପ୍ରତିଯୋଗିତାର କୃତି ପ୍ରତିଯୋଗୀ, ଶ୍ରେଷ୍ଠ ଷ୍ଟଲ୍ ପ୍ରଦର୍ଶନକାରୀଙ୍କୁ ପୁରସ୍କୃତ କରାଯାଇଥିଲା । ସରକାରୀ ଷ୍ଟଲ ବର୍ଗରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ ପ୍ରଦର୍ଶନକାରୀ ଭାବେ ପୁରସ୍କୃତ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ପ୍ରାଣୀପାଳନ ଓ ପଶୁ ଚିକିତ୍ସା ନିର୍ଦ୍ଦେଶକ ରାମାଶିଷ ହାଜିରା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ତିନିଦିନିଆ ସମାବେଶରେ କୃଷକ, କୃଷି ବିଶେଷଜ୍ଞ, ବୈଜ୍ଞାନିକ, ବୁଦ୍ଧିଜୀବୀ, ଉଦ୍ୟୋଗୀ, କୃଷି ଉତ୍ପାଦକ ସଂଘର କର୍ମକର୍ତ୍ତା, ମହିଳା ସ୍ୱୟଂସହାୟକ ଗୋଷ୍ଠୀ, କୃଷି ଓ ଆନୁଷଙ୍ଗିକ ବିଭାଗର ଅଧିକାରୀ, ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ । ବିଶେଷଜ୍ଞମାନେ ଉପସ୍ଥିତ ରହି ବିଭିନ୍ନ ପର୍ଯ୍ୟାୟଭିତ୍ତିକ ଆଲୋଚନାରେ କୃଷକମାନଙ୍କୁ ଉନ୍ନତ କୃଷି ପ୍ରଣାଳୀ, ବିପଣନ, ବୈଷୟିକ ଉପଯୋଗିତା ଆଦି ଉପରେ ପରାମର୍ଶ ପ୍ରଦାନ କରିଥିଲେ ।

ପଞ୍ଚମୁଖି ହନୁମାନ ମନ୍ଦିରରୁ ଚୋରି ଘଟଣା

## ଚାଲିଛି ତନାଘନା ତଦନ୍ତ ଓ ସିସିଟିଭି ଫୁଟେଜ୍ ଯାଞ୍ଚ

କଟକ(ଭାସ୍କର ନ୍ୟୁଜ): ଖାନନଗରସ୍ଥିତ ପଞ୍ଚମୁଖୀ ମନ୍ଦିରରୁ ଶୁକ୍ରବାର ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କାର ଗହଣା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହେବା ଘଟଣାରେ କମିଶନରେଟ୍ ପୁଲିସ୍ ଏହାର ତନାଘନା ତଦନ୍ତ ଆରମ୍ଭ କରିଛି । ମଧୁପାଟଣା ଥାନାରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଦିଆଯାଇଥିବା ଏତଲାରେ ଦର୍ଶାଯାଇଛି ଯେ ମନ୍ଦିରରୁ ପ୍ରାୟ ୨୪ ଲକ୍ଷ ଟଙ୍କାର ଅଳଙ୍କାର ଚୋରି ହୋଇଛି । ହନୁମାନଙ୍କ ଶ୍ରୀଅଙ୍ଗରୁ ପାଖାପାଖି ୪କେଜି ଓଜନର ଚାନ୍ଦି ଗଦା, ୫ କେଜିର ଚାନ୍ଦି ଗରା, ୧ କେଜିର ୨ଶହ ଗ୍ରାମର ଦୁଇଟି ଚାନ୍ଦି ହାର, ୧୨୦ ଗ୍ରାମ ଓଜନର ସୁନାର ମୁଖା, ୨କେଜିର ୪ଟି ରୁପା ମୁକୁଟ, ଶାରଳାଙ୍କ ୫ଶହ ଗ୍ରାମର ଚାନ୍ଦି ମକୁଟ, ୨୫୦ ଗ୍ରାମର ଗଣେଶଙ୍କ ଚାନ୍ଦି ମକୁଟ, ଦେଢ଼ କେଜିର ପିତଳ ଗଦା, ମାତା ସୀତାଙ୍କ ୪ଶହ ଗ୍ରାମର ଚାନ୍ଦି ମୁକୁଟ, ୧୬ ଶହ ଗ୍ରାମର ଚାନ୍ଦି ଚେନ୍ ଓ ଅଢ଼େଇ କେଜିର ଚାନ୍ଦି କଓଡ ଆଦି ଦୁର୍ବୃତ୍ତମାନେ ଲୁଟି ନେଇଥିବା ଏତଲାରେ ଦର୍ଶାଯାଇଛି । ମଧୁପାଟଣା ପୋଲିସ ମନ୍ଦିରରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ସାଇଂଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାଡ୍ ସହାୟତାରେ ଘଟଣାର ତନାଘନା ତଦନ୍ତ ଆରମ୍ଭ କରିଛି । ତେବେ ମନ୍ଦିରରେ ଲାଗିଥିବା ଅଧିକାଂଶ ସିସି କ୍ୟାମେରା କାମ କରୁନଥିବା ଜଣାପଡ଼ିଛି । ଘଟଣାସ୍ଥଳରେ କେବଳ ଗୋଟିଏ ତାଲା ଓ ଲୁହାଗେଟ୍‌ର ଭଙ୍ଗା କଡ଼ି ମିଳିଛି

ପ୍ରବାସୀ ଭାରତୀୟ ଦିବସ ପାଳିତ

## କଟକରେ ପଥ ଉତ୍ସବ ସହ ବିଭିନ୍ନ କାର୍ଯ୍ୟକ୍ରମ



କଟକ(ଭାସ୍କର ନ୍ୟୁଜ): ଭୁବନେଶ୍ୱରଠାରେ ଆସନ୍ତା ୮ତାରିଖରୁ ଆୟୋଜିତ ହେବାକୁଥିବା ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ପରିପ୍ରେକ୍ଷୀରେ ଆଜି କଟକ ଜିଲ୍ଲା ପ୍ରଶାସନ ଓ କଟକ ମହାନଗର ନିଗମ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସକାଳ ସାଢ଼େ ସାତଟାରୁ ସାଢ଼େ ଦଶଟା ପର୍ଯ୍ୟନ୍ତ ପଥ ଉତ୍ସବ ଅନୁଷ୍ଠିତ ହୋଇଥିବାବେଳେ ଅପରାହ୍ନରେ ଗୁଡ଼ି ଉତ୍ସବ, ଖାଦ୍ୟ ମେଳା ଓ ଫାସନ ସୋ ସହ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବାରବାଟୀ ଦୁର୍ଗ ଗେଟ ଠାରୁ ନ୍ୟାୟ ସଂଗ୍ରହାଳୟ ପର୍ଯ୍ୟନ୍ତ ସଡ଼କରେ ଅନୁଷ୍ଠିତ ପଥ ଉତ୍ସବରେ ସାଂସଦ ଭର୍ତ୍ତୃହରି ମହତାବ, କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂହ, ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ମୁଖ୍ୟ କାର୍ଯ୍ୟନିର୍ବାହୀ ଜିଲ୍ଲା ପରିଷଦ ସୁବାସ ଚନ୍ଦ୍ର ରାୟ, କଟକ ମହାନଗର ନିଗମ କମିଶନର ଅନାମ ଚରଣ ପାତ୍ର, ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝୀ, ଉପ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ଓ କର୍ପୋରେଟର ବୃନ୍ଦ ଉପସ୍ଥିତ ରହି ପଥ ଉତ୍ସବକୁ ଉଦଘାଟନ କରିଥିଲେ । ପଥ ଉତ୍ସବରେ ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ମାନେ ନୂଆ ପୁରୁଣା, ହିନ୍ଦୀ, ଓଡ଼ିଆ ଓ ସମ୍ବଲପୁରୀ ଗୀତ ପରିବେଷଣ କରିଥିଲେ । ଏହି ଅବସରରେ ଚଳିତ ମାସ ୭ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ସିଲଭର ସିଟି ବୋଟ କ୍ଲବ ପରିସରରେ ଉଭୟ ସକାଳେ ଓ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରଦର୍ଶନୀର ଆୟୋଜନ କରାଯିବାର କାର୍ଯ୍ୟକ୍ରମ ରହିଛି । ଏହା ସମସ୍ତଙ୍କ ପାଇଁ ଖୋଲା ରହିବ । ଏଠାରେ କଟକର ହସ୍ତଶିଳ୍ପ, ହସ୍ତତନ୍ତ ଓ କାରିଗରୀ ଉତ୍ପାଦମାନ ସ୍ଥାନ ପାଇବ । ତାରକାସି କାମ, ପଥର ଶିଳ୍ପ, ମାଣିଆବନ୍ଧ ଶାଢ଼ୀ ଆଦି ପ୍ରଦର୍ଶିତ ହେବ । ପ୍ରକାଶ ଥାଉକି ପ୍ରବାସୀ ଭାରତୀୟଙ୍କ ଆଗମନ ସହ ସ୍ଥାନୀୟ ପର୍ଯ୍ୟଟନସ୍ଥଳୀର ବିକାଶ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି ।

## ପାଣିକୋଇଲି ଗୁଳିକାଣ୍ଡ ଘଟଣାରେ ଦୁଃଖ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଯାଜପୁର ପାଣିକୋଇଲି ଗୁଳିକାଣ୍ଡ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାର ନିମନ୍ତେ ୨ଲକ୍ଷ ଲେଖାଏଁ ସହାୟତା ଘୋଷଣା କରିଛନ୍ତି । ଏଥିସହ ଘଟଣାରେ ଆହତ ବ୍ୟକ୍ତିଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ଡ୍ରୋନ୍ ଉଡିବା ଘଟଣାରେ କଠୋର ହେବ କାର୍ଯ୍ୟାନୁଷ୍ଠାନ: ଆଇନ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଶ୍ରୀମନ୍ଦିର ଉପରେ ଡ୍ରୋନ ଉଡ଼ିବା ଘଟଣାରେ ପ୍ରତିକ୍ରିୟା ରଖିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ମନ୍ତ୍ରୀ କହିଛନ୍ତି ଯେ, ମଝିରେ ମଝିରେ ଯଦି କୌଣସି ଦୁର୍ବୃତ୍ତ ଶ୍ରୀମନ୍ଦିର ସିକ୍ୟୁରିଟି ଉପରେ ଆକ୍ରମଣ କରିବାକୁ ବା ବ୍ୟାଘାତ କରିବାକୁ ଚେଷ୍ଟା କରିବେ ତେବେ ଆଇନଗତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## କଂଗ୍ରେସ ପରିବାର ପକ୍ଷରୁ ବନ୍ଧୁମିଳନ



କଟକ(ଭାସ୍କର ନ୍ୟୁଜ): ରବିବାର ସିଡିଏ ସେକ୍ଟର-୬ ସ୍ଥିତ ଓ୍ୱିଣ୍ଡସର ପ୍ୟାଲେସ ଠାରେ ୨୦୨୫ ନୂତନ ବର୍ଷ ଉପଲକ୍ଷେ କଂଗ୍ରେସ ପକ୍ଷରୁ ପୂର୍ବତନ ବିଧାୟକ ମହମ୍ମଦ ମୋକିମଙ୍କ ଆହ୍ୱାନ କ୍ରମେ ଏକ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଧାୟିକା ସୋଫିଆ ଫିରଦୋସ ଯୋଗ ଦେଇ କଟକ ଶାନ୍ତି କମିଟିର ନୂତନ ଗଠିତ କମିଟର ସଭାପତି, ସଂପାଦକ, କୋଷାଧ୍ୟକ୍ଷଙ୍କ ସମେତ ଅନ୍ୟାନ୍ୟ ସଦସ୍ୟମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ପୂର୍ବତନ ବିଧାୟକ ମହମ୍ମଦ ମୋକିମ ଶାନ୍ତି କମିଟିର ସମସ୍ତ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇଥିଲେ । କଟକ ସହର ଓ ଜିଲ୍ଲା ସମେତ ଅନ୍ୟାନ୍ୟ ଶୁଭେଚ୍ଛୁମାନେ ଏହି ବନ୍ଧୁ ମିଳନରେ ଯୋଗଦେଇ ବିଧାୟିକା ଓ ପୂର୍ବତନ ବିଧାୟକଙ୍କୁ ନବବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । କଟକ ନଗର କଂଗ୍ରେସ ପୂର୍ବତନ ସଭାପତି ଗିରିବାଳା ବେହେରା ଉପସ୍ଥିତ ସମସ୍ତଙ୍କୁ ନୂତନ ବର୍ଷର ଅଭିନନ୍ଦନ ଜଣାଇବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

## ନବୀନ ବାବୁ ଯେଉଁ ଦାୟିତ୍ୱ ଦେବେ ତାକୁ ଆମେ ମିଳିମିଶି କାମ କରିବୁ: ଦେବୀ ତ୍ରିପାଠୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିଜେଡି ମୁଖ୍ୟ ନବୀନ ପଟ୍ଟନାୟକ ଯେଉଁ ଦାୟିତ୍ୱ ଦେବେ ତାକୁ ନେଇ ଆମେ ସମସ୍ତେ ମିଳିମିଶି କାମ କରିବୁ ବୋଲି ବିଜେଡି ବିଧାୟକ ଦେବୀ ରଂଜନ ତ୍ରିପାଠୀ କହିଛନ୍ତି । ସେ କହିଛନ୍ତି ଯେ, ଗତକାଲି ଆମେ କିଛି ବନ୍ଧୁମାନେ ପୂର୍ବତନ ବିଧାୟକ ଓ ବିଧାୟକମାନେ ଏକାଠି ହୋଇ ଔପଚାରିକ ଭାବେ ନବୀନ ପଟ୍ଟନାୟକଙ୍କୁ ଭେଟିଥିଲୁ । ଆଗାମୀ ଦିନରେ କେମିତି ବିଜୁ ଜନତା ଦଳକୁ କେମିତି ଅଧିକ ସଂଗଠିତ କରି ଶକ୍ତିଶାଳୀ କରାଯାଇପାରିବ ସେ ନେଇ ଆମେ ନବୀନ ପଟ୍ଟନାୟକଙ୍କ ସହ ଆଲୋଚନା କରିଛୁ । ଆଗାମୀ ଦିନରେ ଯୁବକ ଓ ଛାତ୍ରମାନଙ୍କୁ ସଂଗଠିତ କରିବା ପାଇଁ ନବୀନ ବାବୁ ଯେଉଁ ଦାୟିତ୍ୱ ଦେବେ ତାକୁ ନେଇ ଆମେ ସମସ୍ତେ ମିଳିମିଶି କାମ କରିବୁ ।

## ରାଜଧାନୀରେ ପଥୋତ୍ସବ ଆୟୋଜିତ





ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜଧାନୀରେ ପଥୋତ୍ସବ ଆୟୋଜିତ । ଭୁବନେଶ୍ୱର ସ୍ୱାଭିମାନ ସହ ଜଡିତ ଅଛି କଳା ସଂସ୍କୃତି । ପ୍ରବାସୀ ଭାରତୀଙ୍କ ଆଗମନକୁ ଇଏ ଏକ ଆହ୍ୱାନ । ନିଶ୍ଚିନ୍ତ ଭାବରେ ଭୁବନେଶ୍ୱରବାସୀ ସ୍ୱାଗତ କରିବା ପାଇଁ ସଜାଗ ରହୁଛନ୍ତି । ଯେଉଁ ପ୍ରବାସୀ ଭାରତୀୟମାନ ଆସିବେ ସେ ସଭାକୁ ବହୁ ଆଡ଼ମ୍ବର ସହ ପାଳନ କରାଯିବ ଏବଂ ସମସ୍ତ ଓଡିଶାବାସୀ ଭୁବନେଶ୍ୱରବାସୀ ସେମାନଙ୍କୁ ସ୍ୱାଗତ କରୁଛନ୍ତି ବୋଲି କହିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର । ଦୀପାବଳୀ ଭଳି ସମସ୍ତେ ନିଜ ନିଜ ଘରେ ଲାଇଟ ଲଗାଇବା, ଘର ସାମ୍ନାରେ କୌଣସି ପ୍ରକାର ଅପରିଷ୍କାର ରଖିବା ନାହିଁ ନିଜେ ନିଜର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ଏବଂ ନିଜ ସହରର ଗାରିମାକୁ ନିଜେ ରଖିବା । ପ୍ରବାସୀ ଭାରତୀୟ ଭୁବନେଶ୍ୱର, କଟକ, ପୁରୀ ଏବଂ କୋଣାର୍କର ବିଭିନ୍ନ ପର୍ଯ୍ୟଟନ ସ୍ଥାନ ବୁଲିବେ । ଏନେଇ ପୁରୀରେ ବିଭିନ୍ନ ପ୍ରକାର ମହୋତ୍ସବର ଆୟୋଜନ ମଧ୍ୟ କରାଯାଉଛି । ପ୍ରବାସୀ ଭାରତୀୟଙ୍କୁ ନେବା ପାଇଁ ଡବଲ ଡେକର ବସର ଆୟୋଜନ ହୋଇଥିବା ବେଳେ ହୋଟେଲରେ ରହିବାର ବ୍ୟବସ୍ଥା ହୋଇଛି । ପ୍ରବସୀ ଭାରତୀଙ୍କ ପାଇଁ ପେରି କୋଣସି ଅସୁବିଧା ନହେବ, ଓଡିଶାର ସମ୍ମାନ ଯେମିତି ରହିବ, ଓଡିଶା ଆତିଥ୍ୟର ରାଜ୍ୟ ସବୁବେଳେ ସମସ୍ତଙ୍କୁ ସ୍ୱାଗତ କରିବାରେ ଓଡିଶା ହେଉଛି ଏକ ନମ୍ବର ବୋଲି ମନ୍ତ୍ରୀ କହିଛନ୍ତି ।

ଆରମ୍ଭରୁ ମନ ମୋହିଲା ପାର୍କ ଉତ୍ସବ

## ସକାଳୁ ଜୁମ୍ବା ସାଙ୍ଗକୁ ଯୋଗାଭ୍ୟାସ, ସନ୍ଧ୍ୟାରେ ଅର୍ଚ୍ଚିତାଙ୍କ ଡ୍ୟାନ୍ସରେ ଝୁମିଲେ ଦର୍ଶକ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଶୀତୁଆ ସକାଳରେ ଜୁମ୍ବା ଡ୍ୟାନ୍ସ ତାଳେ ତାଳେ ତଥା ଫିଟନେସ ମନ୍ତ୍ରରୁ ଆରମ୍ଭ ହୋଇଥିଲା ପାର୍କ ଉତ୍ସବ । ଏହି ଉତ୍ସବ ଜାନୁଆରୀ ୫ରୁ ୧୨ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ରବିବାର ରାଜଧାନୀର ମଧୁସୂଦନ ପାର୍କ, ଇନ୍ଦିରା ଗାନ୍ଧୀ ପାର୍କ, ବୁଦ୍ଧ ପାର୍କ, ଫରେଷ୍ଟ ପାର୍କ ଏବଂ ଅବଦୁଲ କଲାମ ପାର୍କ ଭଳି ପ୍ରମୁଖ ପାର୍କରେ ସ୍ୱାସ୍ଥ୍ୟ, ସଂସ୍କୃତି, ସୃଜନଶୀଳତା ଏବଂ ମନୋରଞ୍ଜନର ଝଲକ ଦେଖିବାକୁ ମିଳିଥିଲା । ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ସାଙ୍ଗକୁ ସଙ୍ଗୀତର ମୂର୍ଚ୍ଛନା ତଥା ଓଲିଉଡ଼ ସେଲିବ୍ରିଟିଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଏହାକୁ ଅଧିକ ଆକର୍ଷଣୀୟ କରିଥିଲା । ସାଂସ୍କୃତିକ ସନ୍ଧ୍ୟାର ଭବ୍ୟ ପରିବେଶକୁ ଉପଭୋଗ କରିବା ପାଇଁ ଦର୍ଶକଙ୍କ ଭିଡ଼ ଜମିଥିଲା । ପ୍ରବାସୀ ଭାରତୀୟ ଦିବସରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ଆତ୍ମାକୁ ଜୀବନ୍ତ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ରବିବାରରୁ ଆସନ୍ତା ୧୬ ପର୍ଯ୍ୟନ୍ତ ଏକାମ୍ର ଉତ୍ସବ ଆୟୋଜିତ ହେଉଛି । ଏଥିସହ ଚଳିତ ଥର ଓଡ଼ିଶାର ରାଜଧାନୀରେ ଅନୁଷ୍ଠିତ ହେଉଥିବା ପ୍ରବାସୀ ଭାରତୀୟ ଦିବସ (ପିବିଡି)ର ୧୮ତମ ସଂସ୍କରଣକୁ ଅଧିକ ଭବ୍ୟ ଛୁଙ୍କ ଦେବାକୁ ରବିବାରରୁ ୮ ଦିନ ପର୍ଯ୍ୟନ୍ତ ପାର୍କ ଉତ୍ସବ ଅନୁଷ୍ଠିତ ହେଉଛି । ଏନେଇ ଆଗନ୍ତୁକଙ୍କ ନିମନ୍ତେ ପାର୍କରେ ସାଜସଜ୍ଜା ସମେତ ସୁନ୍ଦର ବ୍ୟବସ୍ଥା ହୋଇଥିଲା । ଏଥିସହ ସଭିଙ୍କୁ ଯୋଗ, ଜୁମ୍ବାର ପ୍ରଶିକ୍ଷଣ ସହ ଶରୀରକୁ ସୁସ୍ଥ ଓ ନୀରୋଗ ରଖିବାର ପରାମର୍ଶ ମିଳିଥିଲା । ଏଥିରେ ଅନିନ୍ଦିତା ପରିଡା, ସୋନାଲିସା ପଣ୍ଡା, କୁମାର ମୟୁର, ବି. ଯୋଗେନ୍ଦ୍ର, ଜ୍ୟୋତିରେଖା ପଲେଇ ପ୍ରମୁଖ ପ୍ରଶିକ୍ଷକମାନେ ସାମିଲ ହୋଇଥିଲେ । ଅନୁରୂପ ଅପରାହ୍ନ ୩:୩୦ରୁ ୬:୩୦ ପର୍ଯ୍ୟନ୍ତ ସାଂସ୍କୃତିକ ତଥା ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଓଡ଼ିଶାର ଲୋକକଳା ଏବଂ ଓଲିଉଡ଼ ସେଲିବ୍ରିଟିଙ୍କ ସହ ଦର୍ଶକ ଫଟ ଓ ସେଲ୍ଫି ଉଠାଇଥଲେ । ପେପର କ୍ରାଫ୍ଟ, ମ୍ୟାଜିକ ସୋ, ୱେଷ୍ଟ-ଟୁ-ବେଷ୍ଟ ଭଳି ନାନା କର୍ମଶାଳାମାନ ଆୟୋଜିତ ହୋଇଥିଲା । ରଙ୍ଗବେରଙ୍ଗର ଆଲୋକ ସାଜସଜ୍ଜା ହୋଇଥିଲା । ଖ୍ୟାତନାମା କଳାକାରଙ୍କ ଦ୍ୱାରା ଲାଇଭ ସଂଗୀତ ଆଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କଳିଙ୍ଗନଗର ସ୍ଥିତ କଲାମ ପାର୍କରେ ଓଲିଉଡ଼ ଅଭିନେତ୍ରୀ ଅର୍ଚ୍ଚିତା ସାହୁଙ୍କ ଟ୍ରେଣ୍ଡି ନମ୍ବରରେ ଡ୍ୟାନ୍ସ ଦର୍ଶକଙ୍କୁ କିମିଆ କରିଥିଲା । ତାଳେତାଳେ ଦର୍ଶକ ବି ଝୁମିଥିଲେ । ଆଇଜି ପାର୍କରେ ଗାୟକ ସ୍ୱପ୍ନଜିତ ଓ ଓଲିଉଡ଼ ଅଭିନେତା ସୁଭାଶିଷ ଶର୍ମା(ମଣ୍ଟୁ)ଙ୍କ ସଙ୍ଗେ ଝୁମିଥିଲେ ଦର୍ଶକ । କୁନାକୁନି ପିଲାଙ୍କ ଠାରୁ ଯୁବ ତଥା ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ଚେସ ଖେଳରେ ମସଗୁଲ ହୋଇଥିଲେ । ସମାନ ଭାବେ ଅନ୍ୟ ୪ ପ୍ରମୁଖ ପାର୍କରେ ପାର୍କ ଉତ୍ସବ ଅନୁଷ୍ଠିତ ହୋଇଥିଲା ।

# ବିକଶିତ ଭାରତ

## ପାଇଁ

## ଭାରତୀୟ ରେଳ ନୂତନ ଆଞ୍ଚଳିକ ହବ୍‌ର ବିକାଶକୁ ପ୍ରଶ୍ରୟ ଦେଉଛି





## ଉଦ୍‌ଘାଟନ

## ଉତ୍ତରାଞ୍ଚଳ ରେଳବାଇର ନୂଆ ଜାମ୍ମୁ ରେଳ ଡିଭିଜନ

ଏବଂ

## ସିକନ୍ଦରାବାଦ ଏବଂ ହାଇଦ୍ରାବାଦ ଟ୍ୱିନ୍‌ସିଟିର ଚାର୍ଲାପଲ୍ଲୀ ନୂଆ ଟର୍ମିନାଲ ଷ୍ଟେସନ

ଏବଂ

## ଶିଳାନ୍ୟାସ ଅପେକ୍ଷାରେ

## ଓଡ଼ିଶାର ରାୟଗଡ଼ା ରେଳ ଡିଭିଜନ ବିଲ୍ଡିଂ

# ନରେନ୍ଦ୍ର ମୋଦୀ

## ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା

(ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ)

**ଜାନୁଆରୀ ୬,୨୦୨୫ ସମୟ ପୂର୍ବାହ୍ନ ୧୧ଟା**

## ପ୍ରମୁଖ ଆକର୍ଷଣ

### ଜାମ୍ମୁ ରେଳ ଡିଭିଜନ

- ଭାରତର ବିଭିନ୍ନ ପ୍ରମୁଖ ସହର ଏବଂ ସହରଗୁଡ଼ିକୁ ଜାମ୍ମୁ-କାଶ୍ମୀର ରିଜିଅନ୍ ସହ ଯୋଡ଼ିବା, ଜନସାଧାରଣଙ୍କ ଦୀର୍ଘଦିନର ଦାବି ପୂରଣ
- ସେହି ରିଜିଅନ୍‌ର ବାଣିଜ୍ୟ, ପର୍ଯ୍ୟଟନ ଏବଂ ଅର୍ଥନୈତିକ ବିକାଶ କରି ଗେମ୍ ଚେଞ୍ଜର ହେବ ।
- ନିର୍ବିଘ୍ନରେ ଜାମ୍ମୁ କାଶ୍ମୀର ଯଥା ଉଧମପୁର-ଶ୍ରୀନଗର-ବାରମୂଲା ଏବଂ ଲେ ଏବଂ ଲଦାଖ ସହ ଦେଶର ପ୍ରମୁଖ ସ୍ଥଳକୁ ଯୋଗାଯୋଗ ସହ ଏକତା ଓ ବିକାଶକୁ ମଜବୁତ୍ କରିବ ।

### ରାୟଗଡ଼ା ଡିଭିଜିନାଲ ଅଫିସ ବିଲ୍ଡିଂ

- କୋରାପୁଟ, ରାୟଗଡ଼ା ଏବଂ କଳାହାଣ୍ଡିରେ ରେଳ ସେବାର ବିକାଶ ସହ ଡିଭିଜିନାଲ କଣ୍ଟ୍ରୋଲ ଅଫିସ୍, ଅତ୍ୟାଧୁନିକ ସୁବିଧା ସହ ଇକୋ ଫ୍ରେଣ୍ଡଲି ବ୍ୟବସ୍ଥା ସହ କର୍ମଚାରୀଙ୍କ ଆବାସ ।
- ସାରା ଓଡ଼ିଶାରେ ରେଳ ପରିଚାଳନା ଏବଂ ଅପରେସ୍‌ନାଲ କାର୍ଯ୍ୟଦକ୍ଷତାର ବୃଦ୍ଧି ।
- ବିକଶିତ ଭାରତ ପାଇଁ ଦକ୍ଷିଣ ଓଡ଼ିଶାର ଜନଜାତି ଅଞ୍ଚଳରେ ଯୋଗାଯୋଗକୁ ସୁଦୃଢ କରିବା, ଆଶାତୀତ ବିକାଶ କରିବା ।

### ତେଲେଙ୍ଗାନାର ଚାର୍ଲପାଲ୍ଲୀ ନୂଆ ରେଳ ଟର୍ମିନାଲ

- ଟ୍ୱିନ୍‌ସିଟିର ଚାର୍ଲପାଲ୍ଲୀଠାରେ ବିଶ୍ୱସ୍ତରୀୟ ଇକୋ-ଫ୍ରେଣ୍ଡଲି ଟର୍ମିନାଲରେ ସର୍ବୋତ୍କୃଷ୍ଟ ସୁବିଧା ।
- ସିକନ୍ଦରାବାଦ, ହାଇଦ୍ରାବାଦ ଏବଂ କାଚେଗୁଡ଼ା ଟର୍ମିନାଲରୁ କାର୍ଯ୍ୟ ଚାପ ହ୍ରାସ କରିବା ।
- ତେଲେଙ୍ଗାନା ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ଲୋକଙ୍କ ସୁବିଧା ପାଇଁ ନୂତନ ରେଳ ସଂଯୋଗ ।

## ସଦୟ ଉପସ୍ଥିତି

**ଡ.ହରିବାବୁ କମ୍ଭମପତି**
ରାଜ୍ୟପାଳ, ଓଡ଼ିଶା

**ମୋହନ ଚରଣ ମାଝି**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଅଶ୍ୱିନୀ ବୈଷ୍ଣବ**
କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ମନ୍ତ୍ରୀ

**ଭି.ସୋମନା**
କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ, ରେଳ ଏବଂ ଜଳଶକ୍ତି

**ରଭନିତ୍ ସିଂହ**
କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ, ରେଳ ଏବଂ ଖାଦ୍ୟ ପ୍ରକ୍ରିୟାକରଣ

**ସପ୍ତଗିରି ଶଙ୍କର ଉଲାକା**
ସାଂସଦ

**ବଳଭଦ୍ର ମାଝି**
ସାଂସଦ

**ଅନିତା ଶୁଭଦର୍ଶିନୀ**
ସାଂସଦ

**ପ୍ରଦୀପ ପାଣିଗ୍ରାହୀ**
ସାଂସଦ

**ସୁକାନ୍ତ ପାଣିଗ୍ରାହୀ**
ସାଂସଦ

**ମାଳବିକା ଦେବୀ**
ସାଂସଦ

ଡିଡି ନ୍ୟୁଜ୍‌ରେ ସିଧା ପ୍ରସାରଣ ଦେଖନ୍ତୁ DD NEWS



“ପୁସ୍ତକ ହିଁ ସତ୍ ଚରିତ୍ର ଗଠନର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।”

-ସ୍ୱାମୀ ବିବେକାନନ୍ଦ



“ଅସାଧୁ ହୁଅଇ ସାଧୁ ସାଧୁର ସଙ୍ଗରେ
ନିର୍ମଳ ପଙ୍କିଳ ଜଳ ନିର୍ମଳ ଯୋଗରେ।”

-ମଧୁସୂଦନ ରାଓ



## ପୋଲିସ ସଜାଗ ରହୁ
# ଲୁଟ୍‌ପାଟ୍ ବନ୍ଦ ହେଉ

ଗତ କିଛିଦିନ ହେବ ସାରା ରାଜ୍ୟରେ ଲୁଟେରାଙ୍କ ଦୌରାତ୍ମ୍ୟ ବୃଦ୍ଧିପାଇଛି। ପୋଲିସ ଆଖିରେ ଧୂଳି ଦେଇ ଲୁଟେରାମାନେ ଗୋଟିଏ ପରେ ଗୋଟିଏ ଲୁଟ୍ କରିଚାଲିଛନ୍ତି। କେଉଁଠି ଲୁଟେରାଙ୍କ ଗୁଳିରେ ନିରୀହ ଜନତାର ଜୀବନ ଦୀପ ଲିଭିଯାଉଛି ତ ଆଉ କେଉଁଠି ଲୁଟ୍ କରିସାରିବା ପରେ ଘରେ ନିଆଁ ଲଗାଇ ଦେଉଛନ୍ତି। ପୋଲିସ କେବଳ ଗାଡ଼ି ଚେକିଂ, ଭିଭିଆଇପିଙ୍କ ସୁରକ୍ଷାରେ ନିଜକୁ ନିୟୋଜିତ କରୁଥିବାରୁ ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡ଼ିବାର ସମ୍ଭାବନା ସୃଷ୍ଟି ହେଲାଣି। ଯାଜପୁର ଜିଲ୍ଲା ପାଣିକୋଇଲି ଛକରେ ଥିବା ଏକ ସୁନା ଦୋକାନର କର୍ମଚାରୀଙ୍କ ଠାରୁ ଲୁଟ୍ କରିବା ଉଦ୍ଦେଶ୍ୟରେ ଲୁଟେରାମାନେ ଗୁଳିମାଡ଼ କରିବାରୁ ଦୁଇଜଣଙ୍କର ମୃତ୍ୟୁ ଘଟିବା ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟିକରିଛି। ଏଥିପୂର୍ବରୁ ସମ୍ବଲପୁରରେ ଥିବା ମଣିପୁରମ୍ ଗୋଲ୍ଡ ଲୋନ୍ ଶାଖାରୁ ଲୁଟେରାମାନେ କର୍ମଚାରୀଙ୍କୁ ଭୟଭୀତ କରି ୩୦ କେଜିର ସୁନା ଅଳଙ୍କାର ସହ ନଗଦ ଅର୍ଥ ଲୁଟି ନେଇଛନ୍ତି। ସୁନା ବନ୍ଧକ ଦେଇ ଋଣ ନେଇଥିବା ଗ୍ରାହକମାନେ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ରାଉରକେଲାରେ ମଧ୍ୟ ସମାନ ଢଙ୍ଗରେ ଲୁଟ୍ କରିଛନ୍ତି ଦୁର୍ବୃତ୍ତମାନେ। ବେଦବ୍ୟାସ ଅଞ୍ଚଳରେ ଥିବା ଏକ ଗାଡ଼ି ସୋ'ରୁମ୍‌ରେ ୩ ଲୁଟେରା ଲୁଟ୍ କରିଥିବା ଥାନାରେ ଅଭିଯୋଗ ହୋଇଛି। ଅନୁରୂପ ଭାବେ ବ୍ରହ୍ମପୁରରୁ ଆସିଛି ଆଉ ଏକ ଛାତିଥରା ଘଟଣା। ଲୁଟ୍ କରିବା ପରେ ଘରେ ଦୁର୍ବୃତ୍ତ ନିଆଁ ଲଗାଇ ଦେବା ଘଟଣାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶପାଇଛି। ବୈଦ୍ୟନାଥପୁର ଥାନା କଳିଙ୍ଗନଗର ଦ୍ୱିତୀୟ ଲାଇନ୍‌ରେ ଏଭଳି କାଣ୍ଡ ଲୋକଙ୍କ ଭିତରେ ଭୟର ବାତାବରଣ ସୃଷ୍ଟି କରିଛି। ସେହିପରି ଅନୁଗୋଳରୁ ମଧ୍ୟ ସାମ୍ନାକୁ ଆସିଛି ଲୁଟ୍‌ର ଛାତିଥରା ଦୃଶ୍ୟ। ପେଟ୍ରୋଲ ପମ୍ପରେ ବନ୍ଧୁକ ଓ ଭୁଜାଲି ଦେଖାଇ ଟଙ୍କା ଲୁଟି ନେଲେ ୪ ଦୁର୍ବୃତ୍ତ। ଦୁର୍ବୃତ୍ତମାନେ ଦୁଇଟି ବାଇକ୍‌ରେ ଆସି ତାଳଚେର ଗୋପାଳପ୍ରସାଦ ଥାନା ଜାଗାବଳିଆ ପେଟ୍ରୋଲ ପମ୍ପରୁ ଲୁଟିନେବା ଘଟଣା ଲୋକଙ୍କ ଭିତରେ କୋକୁଆଭୟ ସୃଷ୍ଟି କରିଛି। ଅନୁରୂପ ଭାବେ ଲୁଟେରାମାନେ କଟକ ଖାନନଗର ପଞ୍ଚମୁଖୀ ହନୁମାନ ମନ୍ଦିରରୁ ଠାକୁରଙ୍କ ଅଳଙ୍କାର ନେଇ ଚମ୍ପଟ ମାରିଛନ୍ତି। ସେହିପରି ଗଞ୍ଜାମ ଭଞ୍ଜନଗର ସାଇ ମନ୍ଦିରରୁ ମଧ୍ୟ ଲୁଟ୍ ହୋଇଛି। ବାରମ୍ବାର ଅର୍ଥାତ୍ ପ୍ରତିଦିନ ଏପରି ଲୁଟ୍ ଘଟଣା ଘଟୁଥିବାରୁ ରାଜ୍ୟବାସୀ ଆଉ ନିଜକୁ ନିରାପଦ ମଣୁନାହାନ୍ତି। ଏଠାରେ କହିବାକୁ ସାମାନ୍ୟତମ ଦ୍ୱିଧା ନାହିଁ ଯେ, ରାଜ୍ୟରେ ଚୋରି, ଡକାୟତି, ଲୁଟ୍ ସୀମା ଟପିଛି। ଦିନ ହେଉ କି ରାତି, ସହର ହେଉ କି ଗାଁ ସବୁଠି ଲୁଟ୍‌ପାଟ୍ କରୁଛନ୍ତି ଅପରାଧୀ। ବର୍ଷ ଆରମ୍ଭରୁ ପୁରା ରାଜ୍ୟରେ ମାତିଛନ୍ତି ଲୁଟେରା। ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଉଛନ୍ତି ଲୁଟେରା। ଲୁଟେରାଙ୍କୁ କାବୁ କରିବା ଏବେ ପୋଲିସ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ତେବେ, ପ୍ରଶ୍ନ ଉଠୁଛି ରାଜ୍ୟରେ ଆଇନ ଶୃଙ୍ଖଳା ପାଇଁ ନିୟୋଜିତ ପୋଲିସ କରୁଛି କ'ଣ? ରାଜ୍ୟରେ ଏବେ ନୂଆ ସରକାର ଶାସନ ଦାୟିତ୍ୱରେ ଅଛନ୍ତି। ରାଜ୍ୟବାସୀ ନୂଆ ସରକାର ଉପରେ ବହୁ ଆସ୍ଥା ଓ ବିଶ୍ୱାସ ରଖିଛନ୍ତି। ଏ କ୍ଷେତ୍ରରେ ରାଜ୍ୟ ସରକାର ଆଇନଶୃଙ୍ଖଳା ସ୍ଥିତି ବଜାୟ ରଖିବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦେବା ଜରୁରି। ନଚେତ ପୋଲିସ ଉପରୁ ରାଜ୍ୟବାସୀ ଯେ ଆସ୍ଥା ହରାଇ ବସିବେ ଏହା ନିଃସନ୍ଦେହ।

# ମାହେନ୍ଦ୍ରବେଳାରୁ ଅମୃତବେଳାର ସନ୍ଧାନ



ଡ. ସତ୍ୟ ନାରାୟଣ ମିଶ୍ର
ସହ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର, ଭାରତ ସରକାର, ୟୁନିଟ - ୪, ଭୁବନେଶ୍ୱର
ମୋ:୯୯୩୭୩୪୫୯୦୦

ଭାରତୀୟ ସମାଜରେ ପ୍ରତ୍ୟେକ କାର୍ଯ୍ୟ ସମ୍ପାଦନ କରିବା ପାଇଁ ଧର୍ମ ଏକ ପ୍ରମୁଖ ସ୍ଥାନ ଗ୍ରହଣ କରିଥାଏ ଓ ସେଥିରେ ଆତ୍ମସନ୍ତୋଷ ଲାଭ କରିଥାନ୍ତି ଧର୍ମରେ ବିଶ୍ୱାସ କରୁଥିବା ବ୍ୟକ୍ତି, ଗୋଷ୍ଠୀ, ସମାଜ ଇତ୍ୟାଦି ଇତ୍ୟାଦି। ଯେତେବେଳେ କୌଣସି ମାଙ୍ଗଳିକ କାର୍ଯ୍ୟର ଆରମ୍ଭ ହୋଇଥାଏ ସେତେବଳେ ପ୍ରଥମେ ଧର୍ମ ବିଶ୍ୱାସୀମାନେ ଶୁଭ ମୁହୂର୍ତ୍ତ ଓ ଦିନକୁ ନିର୍ଦ୍ଦିଷ୍ଟ କରିଥାନ୍ତି ଓ ସେହି ସମୟ ବା ମୁହୂର୍ତ୍ତର ସମୟରେ ଶୁଭ କାର୍ଯ୍ୟ ଆରମ୍ଭ ହୋଇଥାଏ। ତେବେ ସେହି ଶୁଭ ମୁହୂର୍ତ୍ତ ଭାରତୀୟ ଧର୍ମ, ସଂସ୍କାର ଓ ପରମ୍ପରାର ପାଞ୍ଜିରେ ଥିବା ମାହେନ୍ଦ୍ରବେଳା ଓ ଅମୃତବେଳାର ମୁହୂର୍ତ୍ତରେ କାର୍ଯ୍ୟ କରିବାକୁ ମଣିଷ ଇଚ୍ଛା ପ୍ରକାଶ କରିଥାଏ ଓ ବିଶ୍ୱାସ ଥାଏ ଯେ ଉକ୍ତ ସମୟରେ କାର୍ଯ୍ୟ କଲେ କୌଣସି ବିଘ୍ନ ହୋଇ ନଥାଏ ତଥା ସୂଚାରୁରୂପେ କାର୍ଯ୍ୟ ସମ୍ପାଦନ ହୋଇଥାଏ। ମାହେନ୍ଦ୍ରବେଳା ଯେତେବେଳେ କୌଣସି କାରଣରୁ ଉପଯୁକ୍ତ ହୋଇନଥାଏ ଅମୃତବେଳାକୁ ବ୍ୟକ୍ତି ଏକ ଉତ୍କୃଷ୍ଟ ମୁହୂର୍ତ୍ତ ବୋଲି ବିବେଚନା କରିଥାଏ। ଏକବିଂଶ ଶତାବ୍ଦୀରେ ପଦାର୍ପଣ କରିଥିବା ମଣିଷ ଆଜି ଅମୃତବେଳା ମୁହୂର୍ତ୍ତରେ ଗୃହାରମ୍ଭ, ବିଦ୍ୟାରମ୍ଭ, ବାଣିଜ୍ୟ, ନୂତନ କ୍ରୟ ଇତ୍ୟାଦି କରିଥାନ୍ତି ଓ ବିଶ୍ୱାସ କରିଥାନ୍ତି ଅମୃତବେଳାରେ କାର୍ଯ୍ୟ ଆରମ୍ଭ ହୋଇଛି ତେଣୁ କିଛି ବିଘ୍ନ ହେବାର ଆଶଙ୍କା ନଥାଏ। ଏପରିକି ରାଜନୀତିରେ ଯେତେବେଳେ ପ୍ରାର୍ଥୀପତ୍ର ଦାଖଲ ହୋଇଥାଏ ସେଥିରେ ଶୁଭ ମୁହୂର୍ତ୍ତରେ ହୋଇଥାଏ ଓ ପ୍ରାର୍ଥୀ ଯଦି ଜୟଯୁକ୍ତ ହୋଇଥାନ୍ତି ତେବେ ଶୁଭମୁହୂର୍ତ୍ତରେ ଶପଥପାଠ ହୋଇଥାଏ। ପୁଣି ଯଦି ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥାନ୍ତି ତେବେ ଅମୃତବେଳା ଦେଖି ତଥା ପ୍ରକୋଷ୍ଠକୁ ପୂଜାର୍ଚ୍ଚନା କରି ଅମୃତବେଳାରେ କାର୍ଯ୍ୟଭାର ଗ୍ରହଣ କରିଥାନ୍ତି ଯାହା ଥାଏ ମାନସିକତାର ବିଶ୍ୱାସ। ତେବେ ଅମୃତ ହେଉଛି ଏକ ବିଶ୍ୱାସ ଓ ଏକ ଧାରା ଯାହା ମଣିଷର ଅନ୍ତଃକରଣରେ ପ୍ରତିଷ୍ଠା ଲାଭ କରିଥାଏ। ସାଧାରଣତଃ ମଣିଷ ଯେତେବେଳେ ଉତ୍ତମ ଖାଦ୍ୟ ଗ୍ରହଣ କରେ ସେତେବେଳେ ସେ ତାହାର ସ୍ୱାଦକୁ ଅଧିକ ବିଶେଷଣ ଦେବାପାଇଁ ତାହା ଅମୃତ ଭଳି ହୋଇଛି ବୋଲି ପ୍ରକାଶ କରିଥାଏ। ତେଣୁ ଅମୃତ ହେଉଛି ଏକ ଗୁଣାତ୍ମକ ଉପହାର ଯାହା ସହ ଅନ୍ୟକିଛି ତୁଳନା କରାଯାଇ ନପାରେ, ମାତ୍ର ଜୀବ ଜଗତରେ କୌଣସି ମଣିଷ ଅମୃତ ଦେଖି ନାହିଁ ବା ଅମୃତର ସ୍ୱାଦ ଜାଣି ନଥାଏ। ଅତଏବ ଅମୃତ ହେଉଛି ସର୍ବୋତ୍କୃଷ୍ଟ ଉପାଦାନ ଯାହା ମଣିଷର ଅନ୍ତଃକରଣରେ ବିଦ୍ୟମାନ। ଅମୃତର ଉତ୍ପତ୍ତି ସମୁଦ୍ର ମନ୍ଥନରୁ ସୃଷ୍ଟି ଓ ଯେଉଁ ପୁଣ୍ୟଭୂମିରେ ବିଷପାନ କରି ତ୍ୟାଗ ହୋଇଛି, ସେହି ପୁଣ୍ୟଭୂମିରେ ଅମୃତପାନ ପାଇଁ ମଧ୍ୟ ଯୁଦ୍ଧ ହୋଇଛି ଓ ପରିଶେଷରେ ଅମୃତବେଳାର ସାନ୍ଧନାରେ ଏ ମଣିଷ ଅଦ୍ୟାବଧି ଧାବମାନ ହେଉଛି। ଅତଏବ ଅମୃତର ବ୍ୟବହାର ଉପଯୁକ୍ତ ବ୍ୟବସ୍ଥା ଓ ବିଧି ମାଧ୍ୟମରେ କରିବା ଉଚିତ୍ ଓ ଏହାର ଅପବ୍ୟବହାର ସୂଚନା ଦେଇଥାଏ ଯେ ଅମୃତକୁ ଧରି ରଖିବାର ଦକ୍ଷତା ବ୍ୟକ୍ତି ନିକଟରେ ଊଣା ବା ତାହା ଅଯୋଗ୍ୟ ବୋଲି ପ୍ରମାଣ କରିଥାଏ। ତେଣୁ ଅମୃତବେଳାର ମୁହୂର୍ତ୍ତ ହେଉଛି ଏକ ଶୁଭଲଗ୍ନର ଶୁଭ ମୁହୂର୍ତ୍ତ।

ବର୍ତ୍ତମାନ ଭାରତବର୍ଷର ଶୁଭ ମୁହୂର୍ତ୍ତ ବା ଅମୃତବେଳାର ଶୁଭଲଗ୍ନ ହୋଇଛି ବୋଲି ଆମେ ନିଜକୁ ଅମୃତର ମହୋତ୍ସବ ଚତୁର୍ଦ୍ଦିଗରେ ପାଳନ କରୁଅଛେ ଓ ସେହି ଶୁଭ ମୁହୂର୍ତ୍ତକୁ ଅଧିକ ଆନନ୍ଦଦାୟକ କରିବା ପାଇଁ ଆମେ ବିଭିନ୍ନ କଥାବସ୍ତୁ ତଥା ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦେଇଅଛୁ। ଭାରତରେ ୧୪୦ କୋଟିରୁ ଊର୍ଦ୍ଧ୍ୱ ଜନସଂଖ୍ୟାର ନାଗରିକମାନଙ୍କ ମଧ୍ୟରୁ ଉକ୍ତ ଅମୃତ ମହୋତ୍ସବର କଥାବସ୍ତୁ, ବିଚାର, ବ୍ୟବସ୍ଥା, ପରିଚୟ, ଉପାଦେୟତା ତଥା ଆବଶ୍ୟକତାକୁ ହୁଏତ ୪୦ କୋଟିରୁ କମ୍ ବ୍ୟକ୍ତି ବା ଅନୁଷ୍ଠାନ ଏହାକୁ କାର୍ଯ୍ୟକ୍ରମରେ ସାମିଲ କରିଥାଇ ପାରିଥାନ୍ତି। ମାତ୍ର ୧୦୦ କୋଟିରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଉକ୍ତ ଅମୃତ ମହୋତ୍ସବର ପରିଚୟ ଅଜଣା ବୋଲି ଏ ସମାଜ ହୃଦବୋଧ କରିଥାଏ। ଭାରତର କେବଳ କେତେକେ ସହରର ସଭା ମଣ୍ଡପରେ, ସମ୍ମିଳନୀ କକ୍ଷରେ ବା କେତେକ ଆନୁଷ୍ଠାନିକ କାର୍ଯ୍ୟକ୍ରମରେ ହୁଏତ ଅମୃତ ସନ୍ଧାନର ବାର୍ତ୍ତା ଓ ସ୍ୱାଧୀନତାର କଥାବସ୍ତୁ ଉପରେ ଆଲୋଚନା ଶୁଣାଯାଇପାରେ। ମାତ୍ର ଭାରତର ଗ୍ରାମାଞ୍ଚଳ ବା ଅନୁନ୍ନତ ଅଞ୍ଚଳରେ ଅଦ୍ୟାବଧି ଏହାର ପରିଚୟ ଜଣେ ସାଧାରଣ ମଣିଷ ନିକଟରେ ନିଃଷ୍ପ୍ରୟୋଜନ ହୋଇଥାଏ। ଉକ୍ତ ସାଧାରଣ ମଣିଷ ଯେତେବଳେ ସମାଜର ବାସ୍ତବ ଚିତ୍ରକୁ ଆଖି ଭରି ଦେଖିଥାଏ ଓ ହୃଦୟଙ୍ଗମ କରିଥାଏ, ସେତେବେଳେ ସେ ଓ ତାହାର ସାଥିମାନେ କେବଳ ସ୍ୱାଧୀନତାକୁ ଭାବିଥାନ୍ତି ଓ ବିଚାର କରିଥାନ୍ତି ଗଣତନ୍ତ୍ରର ଗଣିତ ହିସାବର ବୟସକୁ ନୁହେଁ ବରଂ ସେମାନେ ହିସାବ କରିଥାନ୍ତି କେତେ ତ୍ୟାଗ ଏଇ ମାଟି ପାଇଁ ଏ ମଣିଷ ଦେଇଥିଲା ହେଲେ ଆଜି ହୋଇଛି କଣ। ମହାଦେବ ବିଷ ପାନ କରି ତ୍ୟାଗ କରି ହୋଇଗଲେ ଶିଳା। ମାତ୍ର ଅମୃତ ଯେଉଁମାନେ ପାନ କଲେ ସେମାନେ ସେଇ ଅମୃତର ସନ୍ଧାନୀ। ଆଜି ସେହି ନିରୀହ ମଣିଷ ଯିଏ ସ୍ୱାଧୀନତାର ଅମୃତ ମହୋତ୍ସବ ବା ଅମୃତବେଳା ଯିଏ କିଛି ବୁଝିନାହିଁ ସେ କେବଳ ଅନୁଶୋଚନା କରୁଛି ଇତିହାସର ଅଙ୍କକୁ। ଯେତେବେଳେ ସମାଜର ଅଗ୍ରଗଣ୍ୟ ବ୍ୟକ୍ତିସମାଜ ଗଣତନ୍ତ୍ରର ବୟସକୁ ଗଣିବାରେ ବ୍ୟସ୍ତ ଓ ସେଥିପାଇଁ ଉତ୍ସବ ମୁଖରିତ କରିବାପାଇଁ ସମସ୍ତେ ତତ୍ପର, ସେତେବେଳେ ସେହି ନିରୀହ ମଣିଷ ଅନେଇଥାଏ ବର୍ତ୍ତମାନ ମଧ୍ୟ ମଣିଷ ଅନ୍ଧବିଶ୍ୱାସ ମଧ୍ୟରେ ଜର୍ଜରିତ, ତୋଷାମଦି, ହିଂସା, ଶଠତା, ଲାଞ୍ଚ, ଧର୍ଷଣ, ବଳାତ୍କାର ସାଙ୍ଗକୁ ବର୍ତ୍ତମାନ ମଣିଷ ପାଇଁ ନିତ୍ୟ ଆବଶ୍ୟକୀୟ ବ୍ୟବସ୍ଥା ଯଥା ପିଇବା ପାଣି, ରାସ୍ତା, ବିଜୁଳି, ଶିକ୍ଷା ସ୍ୱାସ୍ଥ୍ୟ, ଆଦି ଉପଲବଧ ହୋଇପାରୁ ନାହିଁ। ଆଜି ମଧ୍ୟ ଗୁଣି ଗାରେଡ଼ି ସନ୍ଦେହରେ ମଣିଷକୁ ହତ୍ୟା କାରାଯାଉଛି, ଗର୍ଭବତୀ ମହିଳା ବା ରୋଗୀମାନଙ୍କୁ କାନ୍ଧରେ ବୋହି କିଲୋମିଟର କିଲୋମିଟର ଦୂର ଚିକିତ୍ସା ପାଇଁ ନିଆଯାଉଛି,ଶବକୁ କାନ୍ଧରେ, ସାଇକେଲରେ ବା ଘୋଷାଡ଼ି ଘୋଷାଡ଼ି ମଶାଣିକୁ ନିଆଯାଉଛି। ଏପରିକି ଅନେକ ଶବକୁ ପଶୁଭଳି ଫୋପାଡି ଦିଆଯାଉଛି। ସାମାଜିକ ଅସ୍ଥିରତା, ଧାର୍ମିକ ଅସହିଷ୍ଣୁତା, ଆର୍ଥିକ ସଙ୍କଟ, ରାଜନୈତିକ ନିଷ୍କ୍ରିୟତା, ପାରିବାରିକ ହିଂସା, ମଣିଷ ମଣିଷ ମଧ୍ୟରେ ବିଭେଦ ଯଥା ବିଶିଷ୍ଟ, ଅତିବିଶିଷ୍ଟ, ସାଧାରଣ ବର୍ଗ, ଆର୍ଥିକ ମାନଦଣ୍ଡରେ ଅସମତୁଲ ଯଥା ଧନୀ ଗରିବ, ଉଚ୍ଚ ନୀଚ, ବିପିଏଲ, ଏପିଲ ଇତ୍ୟାଦି ଇତ୍ୟାଦି ସମାଜର ବିଭେଦକୁ ବୃଦ୍ଧି କରୁଛି।

ଭାରତବର୍ଷର ଅନେକ ସ୍ଥାନରେ ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ ମଣିଷ ଅନାହାର ଓ ବସ୍ତ୍ର ବିହୀନ ହୋଇ ଜୀବନ ଅତିବାହିତ କରୁଛି। ଯେତେବେଳେ ଜଣେ ମଣିଷ ନିକଟରେ ୭୮ ବର୍ଷ ମଧ୍ୟରେ ସାଧାରଣ ଆବଶ୍ୟକତା ଉପଲବ୍ଧ ହୋଇପାରେନା, ସେତେବେଳେ ଅମୃତବେଳାର ମୁହୂର୍ତ୍ତ କେତେବେଳେ ଆସିବ ବୋଲି ସ୍ୱତଃ ପ୍ରଶ୍ନ ଉକ୍ତ ୧୦୦ କୋଟିରୁ ଊର୍ଦ୍ଧ୍ୱ ବ୍ୟକ୍ତି ସମାଜ ନିକଟରେ ଗୁଞ୍ଜରିତ ହୋଇଥାଏ। ଅନୁସନ୍ଧିତ୍ସୁ ମଣିଷ ଯେତେବେଳେ ଅମୃତର ସନ୍ଧାନରେ ଥାଏ ଓ ଯେତେବେଳେ ସେ ତାହାର ଉପଲବ୍ଧି ପାଇଥାଏ ସେତେବେଳେ ଉକ୍ତ ଅମୃତକୁ ସାଇତି ରଖିବା ପାଇଁ ମଣିଷ ଅଧିକ ଯତ୍ନବାନ ହେବା ଉଚିତ। ଭାରତବର୍ଷରେ ୨୦୨୨ ମସିହାର ହିସାବ ଅନୁସାରେ ବର୍ତ୍ତମାନ ବୈଧାନିକ ଭାବେ ୧,୩୧,୦୦୦ ଜଣ କୋଟି ପତି ରହିଛନ୍ତି ଯାହା କେବଳ ୬୦୦୦ ଜଣ ୨୦୨୨ ମସିହାରେ ନୂଆ କରି ସାମିଲ ହୋଇଛନ୍ତି। ସମୁଦାୟ ଜନପ୍ରତିନିଧିର ୯୦ ଭାଗରୁ ଊର୍ଦ୍ଧ୍ୱ ପ୍ରତିନିଧି କୋଟିପତି ହୋଇଥିବା ବେଳେ ଅମୃତବେଳାର ମୁହୂର୍ତ୍ତ ଜଣେ ସାଧାରଣ ବ୍ୟକ୍ତି ପାଇଁ କେତେବେଳେ ନିଶ୍ଚିତ ହେବ ତାହା ଚିନ୍ତାର ବିଷୟ। ଅନ୍ୟପକ୍ଷରେ ଏହା ନିଶ୍ଚିତ କରାଯାଇପାରେ ଯେ ଗୋଟିଏ ଦେଶରେ କିଛି ବ୍ୟକ୍ତି ପାଇଁ ଅମୃତବେଳାର ମୁହୂର୍ତ୍ତ ଗୋଟିଏ ସମୟରେ ଉପଲବ୍ଧ ହେଉଥିଲା ବେଳେ ଆଉ କିଛି ବ୍ୟକ୍ତିମାନଙ୍କ ପାଇଁ ଅମୃତବେଳାର ମୁହୂର୍ତ୍ତ ଉପସ୍ଥିତ ହୋଇନାହିଁ ବୋଲି ସ୍ୱୀକାର କରାଯାଇପାରେ। ଅମୃତବେଳାର ସମୟ ନିର୍ଘଣ୍ଟକୁ ଆଶା କରୁଥିବା ବ୍ୟକ୍ତି ବ୍ୟବସ୍ଥିତ ପଦ୍ଧତିକୁ କେବଳ ନିରୀକ୍ଷଣ କରିଥାଏ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ପରିବର୍ତ୍ତନ। ଅମୃତବେଳାର ମୁହୂର୍ତ୍ତ କୌଣସି ବିଧାନରେ ଲିପିବଦ୍ଧ ଶବ୍ଦକୁ ଗ୍ରହଣ କରିବା ପୂର୍ବରୁ ମଣିଷ ନିଜଠାରେ ଥିବା ନୀତି, ଚରିତ୍ର, ବିଶ୍ୱାସ, ପ୍ରତିଜ୍ଞା, କର୍ମ ଆଦିର ଅମୃତବେଳାର ମୁହୂର୍ତ୍ତକୁ ସନ୍ଧାନ କରିବାକୁ ପଡିବ। ଯେଉଁ ସମାଜରେ କିଛି ବ୍ୟକ୍ତି ମାହେନ୍ଦ୍ରବେଳାର ସହାୟତାରେ ଅମୃତର ସ୍ୱାଦ ଅନୁଭବ କରୁଥିବା ବେଳେ, ସେହି ସମାଜରେ ଅଧିକ ବ୍ୟକ୍ତି ଆଶାବାଦୀ ହୋଇ ଅପେକ୍ଷା କରିଥାନ୍ତି ଅମୃତବେଳାର ଶୁଭ ମୁହୂର୍ତ୍ତକୁ। ସମାଜର ଅନେକ ବ୍ୟକ୍ତି ବର୍ତ୍ତମାନ ଅମୃତର ସନ୍ଧାନରେ କର୍ତ୍ତବ୍ୟକୁ ପାଥେୟ କରି ଆଶା କରିଥାନ୍ତି ବିଶ୍ୱାସ ଓ ଭରସାର ଅମୃତବେଳାର ମୁହୂର୍ତ୍ତ କେତେବେଳେ।

# ମୟାଁ ସମ୍ମାନ: ମହିଳାଙ୍କୁ ସଶକ୍ତ କରିବା ସହ ଆର୍ଥିକ ସ୍ୱାଧୀନତା ସୁନିଶ୍ଚିତ କରିବା



ହେମନ୍ତ ସୋରେନ
ମୁଖ୍ୟମନ୍ତ୍ରୀ, ଝାଡ଼ଖଣ୍ଡ

ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ମୟାଁ ସମ୍ମାନ ଯୋଜନା (ଜେଏମ୍ଏମ୍ଏସ୍ଇ)ର ଶୁଭାରମ୍ଭ ଆମ ରାଜ୍ୟର ମହିଳା ସଶକ୍ତିକରଣ ତଥା ଗ୍ରାମୀଣ ଅର୍ଥନୈତିକ ପୁନର୍ଜୀବନ ଦିଗରେ ଏକ ପରିବର୍ତ୍ତନଶୀଳ ମୁହୂର୍ତ୍ତକୁ ଚିହ୍ନିତ କରିଛି। ବର୍ତ୍ତମାନ ଏହାର ପଞ୍ଚମ ମାସରେ, ଏହି ସର୍ବଭାରତୀୟ ମହିଳାଙ୍କ ଆୟ ପଦକ୍ଷେପ ୧୮-୫୦ ବର୍ଷ ବୟସ୍କ ୫୬ ଲକ୍ଷ ମହିଳାଙ୍କୁ ମାସିକ ୨୫୦୦ ଶହ ଟଙ୍କା ପ୍ରଦାନ କରିବ, ଯାହା ଶୋଷଣକାରୀ ଅର୍ଥ କାରବାର ବିରୁଦ୍ଧରେ ଐତିହାସିକ ସଂଗ୍ରାମର ଏକ ସାହସିକ ପଦକ୍ଷେପକୁ ପ୍ରତିପାଦିତ କରିବ।

ଏହି ଯୋଜନାର ମହତ୍ତ୍ୱ ଝାଡ଼ଖଣ୍ଡର ସ୍ୱତନ୍ତ୍ର ସାମାଜିକ-ଅର୍ଥନୈତିକ ଦୃଶ୍ୟପଟ୍ଟର ପୃଷ୍ଠଭୂମିରେ ବୁଝାମଣାର ଆବଶ୍ୟକ। ଦଶନ୍ଧି ଦଶନ୍ଧି ଧରି ଆମ ରାଜ୍ୟ ଗ୍ରାମାଞ୍ଚଳର ପରିବାର ଉପରେ ଶିକାରକାରୀ ଋଣଦାତାମାନଙ୍କର ଭୟଙ୍କର ପ୍ରଭାବ ଦେଖାଦେଇଛି, ଯେଉଁଥିରେ ମହିଳାମାନେ ଋଣ କାରଣରୁ ଦାରିଦ୍ର୍ୟର ଅସମ୍ଭୂର୍ଣ୍ଣ ଭାର ବହନ କରୁଛନ୍ତି। ଏହି ଦଶକରେ ଜେଏମ୍ଏମ୍ ଗୁରୁ ଶିବୁ ସୋରେନଙ୍କ ନେତୃତ୍ୱରେ ହୋଇଥିବା ଏହି ଆନ୍ଦୋଳନରେ ଦର୍ଶାଯାଇଥିଲା ଯେ ଅନୌପଚାରିକ ଋଣ କିପରି ଉତ୍ତରାଧିକାରୀଙ୍କୁ ଦାରିଦ୍ର ଚକ୍ରର ଫାନ୍ଦରେ ପକାଇଥିଲା, ଯାହା ପ୍ରାୟତଃ ବନ୍ଧନ ସହ ଶ୍ରମ ଏବଂ ପୈତୃକ ଜମି ହରାଇଥାଏ। ଆଜି 'ମୟାଁ ସମ୍ମାନ' ଯୋଜନା ମାଧ୍ୟମରେ ଆମେ ଆର୍ଥିକ ମୁକ୍ତି ପାଇଁ ଏହି ସଂଗ୍ରାମରେ ଏକ ନୂତନ ଅଧ୍ୟାୟ ଲେଖୁଛୁ ଯେତେବେଳେ ମହିଳାମାନଙ୍କର ଅର୍ଥନୈତିକ ସ୍ୱାଧୀନତାକୁ ଟାର୍ଗେଟ୍ କରୁଛୁ।

ଏହି ଯୋଜନାର ସର୍ବଭାରତୀୟ ପ୍ରକୃତି ଏହାର ମୂଳଦୁଆ ଶକ୍ତି ଭାବରେ ଛିଡ଼ା ହୋଇଛି। ଅର୍ଥନୈତିକ ସ୍ଥିତିକୁ ଖାତିର ନକରି ନିର୍ଦ୍ଦିଷ୍ଟ ବୟସ ବର୍ଗର ସମସ୍ତ ମହିଳାଙ୍କୁ ଆଚ୍ଛାଦନ କରି, ଆମେ ବହିଷ୍କାର ତ୍ରୁଟିଗୁଡ଼ିକୁ ଦୂର କରିଥାଉ ଯାହା ଐତିହାସିକ ଭାବରେ ଲକ୍ଷ୍ୟ ରଖାଯାଇଥିବା କଲ୍ୟାଣକାରୀ କାର୍ଯ୍ୟକ୍ରମକୁ ଆଘାତ ଦେଇଛି। ଏହି ସର୍ବଭାରତୀୟତା ସାହାଯ୍ୟରେ ସମ୍ମାନର ସୁନିଶ୍ଚିତ କରେ ଏବଂ ସରକାରୀ ସହାୟତା ସହିତ ଜଡ଼ିତ କଳଙ୍କକୁ ଦୂର କରିଥାଏ। ମାସିକ ୨୫୦୦, ବାର୍ଷିକ ୩୦,୦୦୦ ଟଙ୍କା ଏକ ପରିବାରର ପ୍ରତ୍ୟକ୍ଷ ସ୍ଥାନାନ୍ତରଣ ଘରର ଆୟରେ ପରିବର୍ତ୍ତନଶୀଳ ବୃଦ୍ଧିକୁ ପ୍ରତିପାଦିତ କରେ, ବିଶେଷତଃ ଗ୍ରାମାଞ୍ଚଳରେ ଯେଉଁଠାରେ ମହିଳାମାନଙ୍କର ଆର୍ଥିକ ସ୍ୱାଧୀନତା ପାରମ୍ପାରିକ ଭାବରେ ସୀମିତ ରହିଥିଲା।

ବିଶ୍ୱ ଅର୍ଥନୈତିକ ଅଧ୍ୟୟନରୁ ବ୍ୟାପକ ଅନୁସନ୍ଧାନ ଦର୍ଶାଏ ଯେ ମହିଳା-ନିର୍ଦ୍ଦେଶିତ ନଗଦ ସ୍ଥାନାନ୍ତର କ୍ରମାଗତ ଭାବରେ ପରିବାର ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ପୁଷ୍ଟିକର ଉନ୍ନତ ଫଳାଫଳକୁ ନେଇଥାଏ। ମହିଳାମାନେ ସାଧାରଣତଃ ପୁରୁଷଙ୍କ ତୁଳନାରେ ପରିବାରର ଆୟର ଏକ ଅଧିକ ଅଂଶ ବିନିଯୋଗ କରନ୍ତି। ଏହି ଗୁଣନକାରୀ ପ୍ରଭାବ 'ମୟାଁ ସମ୍ମାନ'କୁ ଏକ ସରଳ କଲ୍ୟାଣ ଯୋଜନାରୁ ଝାଡ଼ଖଣ୍ଡର ଭବିଷ୍ୟତ ପିଢ଼ିର ରଣନୈତିକ ବିନିଯୋଗରେ ପରିଣତ କରେ।

ଏହି ପଦକ୍ଷେପର ଆର୍ଥିକ ଅନ୍ତର୍ଭୁକ୍ତ ଦିଗ ବିଶେଷ ଧ୍ୟାନ ପାଇବାକୁ ଯୋଗ୍ୟ। ଟ୍ରାନ୍ସଫର ପାଇଁ ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟ ଆବଶ୍ୟକ କରି, ଆମେ ପ୍ରଥମ ଥର ପାଇଁ ଆନୁଷ୍ଠାନିକ ବ୍ୟାଙ୍କିଂ ସିଷ୍ଟମରେ ଲକ୍ଷ ଲକ୍ଷ ମହିଳାଙ୍କୁ ଆଣିଛୁ। ଏହି ଅନ୍ତର୍ଭୁକ୍ତରେ ଋଣ ଇତିହାସ ନିର୍ମାଣ ଠାରୁ ଯୁକ୍ତିଯୁକ୍ତ ହାରରେ ଆନୁଷ୍ଠାନିକ ଋଣ ପାଇବାକୁ ସକ୍ଷମ ହେବା ପର୍ଯ୍ୟନ୍ତ କ୍ୟାସ୍‌କ୍ରେଡିଟ୍ ଲାଭ ରହିଛି। ଏହାର ପ୍ରଭାବ ବ୍ୟକ୍ତିଗତ ହିତାଧିକାରୀଙ୍କ ବାହାରେ ବିସ୍ତାର ହୁଏ; ଏହା ଗ୍ରାମାଞ୍ଚଳ ଝାଡ଼ଖଣ୍ଡର ସମଗ୍ର ଆର୍ଥିକ ଇକୋସିଷ୍ଟମକୁ ମଜବୁତ କରୁଥିବାବେଳେ ଶୋଷଣକାରୀ ଋଣଦାତାଙ୍କ ନିୟନ୍ତ୍ରଣକୁ ଦୁର୍ବଳ କରିଥାଏ।

ଆମର ମହାମାରୀ ପରବର୍ତ୍ତୀ ପ୍ରସଙ୍ଗରେ 'ମୟାଁ ସମ୍ମାନ' ମହିଳାଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କୋଭିଡ୍-୧୯ର ଅର୍ଥନୈତିକ ପ୍ରଭାବ ବିଶେଷ ଭାବରେ ଲିଙ୍ଗଗତ ହୋଇଛି, ଯେଉଁଥିରେ ମହିଳାମାନେ ଚାକିରୀ କ୍ଷତିର ଏକ ଅନୁପଯୁକ୍ତ ଭାର ବହନ କରୁଛନ୍ତି ଏବଂ ଆୟ ସୁଯୋଗ ହ୍ରାସ କରିଛନ୍ତି। ଏକ ଗୁରୁତ୍ୱପୂର୍ଣ୍ଣ ନିରାପତ୍ତା ଜାଲ ଯୋଗାଇବା ବ୍ୟତୀତ, ଏହି ଯୋଜନା ଗ୍ରାହକମାନଙ୍କ ଖର୍ଚ୍ଚ ବୃଦ୍ଧି ଦ୍ୱାରା ସ୍ଥାନୀୟ ଅର୍ଥ ବ୍ୟବସ୍ଥାକୁ ଉତ୍ସାହିତ କରିଥାଏ। ଯେତେବେଳେ ମହିଳାମାନଙ୍କର କ୍ରୟ କ୍ଷମତା ଥାଏ, ସ୍ଥାନୀୟ ବଜାରଗୁଡ଼ିକ ଉନ୍ନତ ହୁଏ, ଅର୍ଥନୈତିକ ଅଭିବୃଦ୍ଧିର ଏକ ଭଲ ଚକ୍ର ସୃଷ୍ଟି କରେ।

ଏହିପରି ଏକ ସର୍ବଭାରତୀୟ କାର୍ଯ୍ୟକ୍ରମର ଆର୍ଥିକ ପ୍ରଭାବ ଉପରେ ପ୍ରଶ୍ନ କରୁଥିବା ସମାଲୋଚକମାନେ ଏହାକୁ କେବଳ ଖର୍ଚ୍ଚ ପରିବର୍ତ୍ତେ ଏକ ନିବେଶ ଭାବରେ ସ୍ୱୀକୃତି ଦେବା ଆବଶ୍ୟକ। ଏହି ଯୋଜନାର ମୂଲ୍ୟ ଏକାଧିକ କାରଣ ଦ୍ୱାରା ବନ୍ଦ ହୋଇଯାଏ: ସଙ୍କଟ ହସ୍ତକ୍ଷେପ ପାଇଁ ଖର୍ଚ୍ଚ ହ୍ରାସ, ଉନ୍ନତ ପ୍ରତିଷେଧକ ଚିକିତ୍ସା କାରଣରୁ ସ୍ୱାସ୍ଥ୍ୟସେବା ଖର୍ଚ୍ଚ ହ୍ରାସ, ଏବଂ ଭବିଷ୍ୟତର ସାମାଜିକ କଲ୍ୟାଣ ଆବଶ୍ୟକତା ହ୍ରାସ କରୁଥିବା ଶିକ୍ଷାଗତ ଯୋଗ୍ୟତା। ଅଧିକନ୍ତୁ, ବର୍ଦ୍ଧିତ ବ୍ୟବହାର ଦ୍ୱାରା ଉତ୍ପନ୍ନ ଅର୍ଥନୈତିକ କାର୍ଯ୍ୟକଳାପ ଟିକସ ରାଜସ୍ୱ ବୃଦ୍ଧି କରିବ ଏବଂ ଏକ ଅଧିକ ଜୀବନ୍ତ ସ୍ଥାନୀୟ ଅର୍ଥନୀତି ସୃଷ୍ଟି କରିବ।

ଆମର ଆଭିମୁଖ୍ୟ କଲ୍ୟାଣ ଦର୍ଶନରେ ଏକ ଆଞ୍ଚଳିକ ପରିବର୍ତ୍ତନକୁ ପ୍ରତିପାଦିତ କରେ। ହିତାଧିକାରୀମାନେ କ'ଣ ଆବଶ୍ୟକ କରନ୍ତି ତାହା ସ୍ଥିର କରିବାର ଆଭିମୁଖ୍ୟ ପରିବର୍ତ୍ତେ, ଆମେ ମହିଳାମାନଙ୍କୁ ସେମାନଙ୍କ ପରିବାର ପାଇଁ ସର୍ବୋତ୍ତମ ନିଷ୍ପତ୍ତି ନେବାକୁ ବିଶ୍ୱାସ କରୁ। ବ୍ୟକ୍ତିଗତ ଏଜେନ୍ସି ପାଇଁ ଏହି ସମ୍ମାନ ପ୍ରକୃତ ସଶକ୍ତିକରଣ ପାଇଁ ଏକ ଫଣ୍ଡାମେଣ୍ଟାଲ ଅଟେ। ନିୟମିତ ଆୟ ପ୍ରବାହ ମହିଳାମାନଙ୍କୁ ଯୋଜନା, ସଞ୍ଚୟ ଏବଂ ବିନିଯୋଗ କରିବାକୁ ସକ୍ଷମ କରିଥାଏ ଯାହାକି ସେମାନଙ୍କର ଅନନ୍ୟ ପରିସ୍ଥିତିକୁ ଅନୁକୂଳ କରିଥାଏ, ଆର୍ଥିକ ସାକ୍ଷରତା ଏବଂ ଅର୍ଥନୈତିକ ସ୍ୱାଧୀନତା ବୃଦ୍ଧି କରିଥାଏ।

ଏହି ଯୋଜନାର ନାମ, 'ମୟାଁ ସମ୍ମାନ' ଆମ ଆଦିବାସୀ ଐତିହ୍ୟରେ ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକୃତି ଦେଉଥିବାବେଳେ ଅର୍ଥନୈତିକ ଏଜେନ୍ସି ପାଇଁ ଠୋସ୍ ମାଧ୍ୟମ ଯୋଗାଉଛି। ଆମ ଦେଶରେ ତଥା ଝାଡ଼ଖଣ୍ଡରେ ମଧ୍ୟ ମହିଳାମାନେ ଘରୋଇ କାର୍ଯ୍ୟ, ଶିଶୁ ଯତ୍ନ ଏବଂ କୃଷି କାର୍ଯ୍ୟକଳାପରେ ଅଗଣିତ ଘଣ୍ଟା ବିତାଇଥାନ୍ତି ଯାହା ଐତିହାସିକ ଭାବରେ ଅଜ୍ଞାତ ହୋଇସାରିଛି। ଏହି ମାସିକ ଦେୟ ଯତ୍ନ ଅର୍ଥନୀତିରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରେ ଏବଂ ସେମାନଙ୍କ କାର୍ଯ୍ୟ ପାଇଁ କିଛି ଅର୍ଥନୈତିକ ସ୍ୱୀକୃତି ପ୍ରଦାନ କରେ।

'ମୟାଁ ସମ୍ମାନ'କୁ ସମର୍ଥନ କରୁଥିବା ଡିଜିଟାଲ ଭିତ୍ତିଭୂମି ଉଲ୍ଲେଖଯୋଗ୍ୟ। ସିଧାସଳଖ ସ୍ଥାନାନ୍ତର ପାଇଁ ଟେକ୍ନୋଲୋଜି ବ୍ୟବହାର କରି, ଲିକେଜ୍ ହ୍ରାସ କରିବାବେଳେ ଆମେ ସ୍ୱଚ୍ଛତା ଏବଂ ଦକ୍ଷତା ନିଶ୍ଚିତ କରୁ। ଏହି ଡିଜିଟାଲ୍ ପଦ୍ଧତି ମହିଳାମାନଙ୍କ ମଧ୍ୟରେ ଆର୍ଥିକ ଏବଂ ବୈଷୟିକ ସାକ୍ଷରତାକୁ ପ୍ରୋତ୍ସାହିତ କରେ, ସେମାନଙ୍କୁ ଏକ ଡିଜିଟାଲ୍ ଅର୍ଥନୀତି ପାଇଁ ପ୍ରସ୍ତୁତ କରେ। ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ଡିଜିଟାଲ ସଶକ୍ତିକରଣର ମିଶ୍ରଣ ଆମ ମହିଳାମାନଙ୍କୁ ଆଧୁନିକ ଅର୍ଥନୀତିରେ ଅଧିକ ପ୍ରଭାବଶାଳୀ ଭାବରେ ଅଂଶଗ୍ରହଣ କରିବାକୁ ସ୍ଥିର କରେ।

ଶ୍ରମ ବଜାରର ପ୍ରଭାବ ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ। ଏକ ମୌଳିକ ଆୟ ଗ୍ୟାରେଣ୍ଟି ସହିତ, ମହିଳାମାନେ ନିଯୁକ୍ତି ବୁଝାମଣାରେ ଅଧିକ ଶକ୍ତିଶାଳୀ କରିଥାନ୍ତି। ସେମାନେ ଶୋଷଣକାରୀ କାର୍ଯ୍ୟ ଅବସ୍ଥାକୁ ପ୍ରତ୍ୟାଖ୍ୟାନ କରିପାରନ୍ତି, ଯାହା ପ୍ରାୟତଃ ହୋଇଥାଏ ଏବଂ ଖୋଜିବାକୁ ସମୟ ବିନିଯୋଗ କରିଥାଏ।

# ଓଡ଼ିଶା ସ୍ୱୟଂ ସଂପୂର୍ଣ୍ଣା ଓ ଆତ୍ମ ନିର୍ଭର କେବେ ?



ମୀରା ବେଉରା
ଦେଉଳ ସାହି, ତୁଳସୀପୁର, କଟକ
ମୋ: ୯୮୫୩୩୫୦୩୮୪

ଗୋଟିଏ ମୂଷାଟିଏ ଥିଲା। ମୂଷାଟି କୌଣସି ପରିଶ୍ରମ ନକରି କେବଳ ଗଚ୍ଛିତ ଥିବା ଖାଦ୍ୟକୁ ଖାଇ ବହୁତ ଆନନ୍ଦରେ ବଞ୍ଚୁଥିଲା। ଖାଦ୍ୟ ଯେତିକି ସରି ସରି ଆସୁଥାଏ, ମୂଷାଟି ସେତିକି ସେତିକି ପାତ୍ର ଭିତରକୁ ଖସି ଶେଷକୁ ନିମ୍ନ ଭାଗରେ ପଡ଼ିଗଲା। ଠିକ୍ ସେତିକିବେଳେ ସେ ଅନୁଭବ କଲା ଯେ ବିନା ପରିଶ୍ରମରେ ମାଗଣାରେ ମିଳୁଥିବା ଖାଦ୍ୟ ଲାଳସାରେ ପଡ଼ି ଆଜି ସେ ବିପଦରେ ପଡ଼ି ମୃତ୍ୟୁକୁ ଭେଟିବାକୁ ଯାଉଛି। ଆଉ ଅନ୍ୟ ଉପାୟ ନାହିଁ, ସେହି ପାତ୍ରରୁ ଆଉ ସେ ବାହାରି ପାରିଲା ନାହିଁ। ଫଳରେ ବଞ୍ଚିବା ପାଇଁ ଆଉ କିଛି କୌଶଳ ମଧ୍ୟ ସେ ଶିକ୍ଷା କରିପାରିଲା ନାହିଁ। ଅର୍ଥାତ୍ ଏହି ମୂଷାଟି ମାଗଣା ମୋହରେ ପଡ଼ି ଶେଷରେ ଜୀବନ ହରାଇବାକୁ ବାଧ୍ୟ ହୋଇଥିଲା।

ହଁ, ପାଠକ ବନ୍ଧୁ! ଏହି ଗଳ୍ପଟି ଏଠାରେ ଉପସ୍ଥାପନା କରିବାର ଉଦ୍ଦେଶ୍ୟ ହେଉଛି ଆମେ ସମସ୍ତେ ମାଗଣା ଏବଂ ବିନା ପରିଶ୍ରମରେ ମିଳୁଥିବା ଜିନିଷ ପ୍ରତି ଏତେ ଆକର୍ଷିତ ଓ ଅଭ୍ୟସ୍ତ ହୋଇ ଗଲୁଣି ଯେ ଆଉ ପରିଶ୍ରମ କରିବାକୁ ଚାହୁଁନାହୁଁ। ଆମେ ବଞ୍ଚିବା ପାଇଁ ଆଉ ରୋଜଗାର କୌଶଳ ବ୍ୟବହାର କରୁନାହୁଁ। ଯାହାଦ୍ୱାରା ଆମେ ଧୀରେ ଧୀରେ କର୍ମ କୌଶଳ ତଥା ରୋଜଗାର କୌଶଳକୁ ଭୁଲିଗଲୁଣି ଏମିତି ବି ହେଲାଣି ଆମେ ନିଜ ପସନ୍ଦରେ ବଞ୍ଚିବାର ଅଧିକାରକୁ ମଧ୍ୟ ହରାଇ ବସିଲୁଣି। ଧୀରେ ଧୀରେ ମାଗଣାରେ ମିଳୁଥିବା ପଦାର୍ଥ ସହ ଅଭ୍ୟସ୍ତ ହୋଇ ଅଳ୍ପରେ ସନ୍ତୁଷ୍ଟ ହୋଇ ବଞ୍ଚିବାର କଳାକୁ ଆପଣେଇ ନେଇ ଆତ୍ମ ନିର୍ଭର ହେବା ପରିବର୍ତ୍ତେ ଧୀରେ ଧୀରେ ମାଗିଆଣିଲା ତୁଣ ସୋଡ଼କାଏ ଶୈଳୀରେ ବଞ୍ଚିବା ଶିଖିବା ଅଭ୍ୟାସରେ ପରିଣତ କରିସାରିଲୁଣି। ଫଳରେ ଆଜି ଆମେ ସ୍ୱାଧୀନତାର ଅନେକ ବର୍ଷ ଅତିକ୍ରମ କରିଥିଲେ ମଧ୍ୟ ପ୍ରଗତି କରିବା ପରିବର୍ତ୍ତେ ଧୀରେ ଧୀରେ ଅଳ୍ପରେ ସନ୍ତୁଷ୍ଟ ହୋଇ ସରକାରୀ ସୁଖ ସୁବିଧା ଉପଭୋଗ କରିବା ମୋହରେ ପଡ଼ି ଗୋଦରା ମାଡ଼େ ଯେତେ କୋଡ଼େ ସେତେ ନୀତିରେ ବହୁତ ପଛରେ ପଡ଼ି ଯାଇଛୁ। ଗତ ଦୁଇ ଦଶନ୍ଧିରୁ ଅଧିକ ସମୟ ହେବ ଏହି ମାଗଣାଖିଆ ମଣିଷରେ ଆମେ ପରିଣତ ହୋଇଯାଇଛୁ।

ଆମେ ସମୃଦ୍ଧ ଓଡ଼ିଶାର ନକ୍ସାକୁ କେବେ ବି ଆଙ୍କିବାକୁ ଚାହୁଁନୁ। କେବଳ ତୁଚ୍ଛା ଅସ୍ମିତାକୁ ଧରି ପରସ୍ପର ଦଳ ଭିତରେ କନ୍ଦଳ ସୃଷ୍ଟି କରୁଛୁ। ଦେଶର ତଥା ରାଷ୍ଟ୍ର ଓ ସମାଜର ସ୍ୱାର୍ଥ ଅପେକ୍ଷା ଦଳର ସ୍ୱାର୍ଥକୁ ଅଧିକ ପ୍ରାଧାନ୍ୟ ଦେଇ ରାଜ୍ୟ ତଥା ଦେଶର ପ୍ରକୃତ ସମୃଦ୍ଧିରୁ ଓହରି ଯାଉଛୁ। କେବଳ ଯୋଜନାଗୁଡ଼ିକ ନାମ ପରିବର୍ତ୍ତନ କରି ଦେଲେ ଯେ ବିକାଶ ତ୍ୱରାନ୍ୱିତ ହେବ ଏହା ଭାବିବା ନିରର୍ଥକ। ଯଦି ଆମେ ସବୁବେଳେ ପଡ଼ୋଶୀ ରାଜ୍ୟ ଉପରେ ଆମର ଦୈନନ୍ଦିନ ଚାହିଦା ପୂରଣ କରିବା ପାଇଁ ନିର୍ଭର କରିବା ଏହାକୁ କ'ଣ ଅସ୍ମିତା କୁହାଯିବ? ନିଜ ସ୍ୱାଭିମାନକୁ ବଳିଦେଇ ଆମେ ସବୁବେଳେ ପଡ଼ୋଶୀ ରାଜ୍ୟ ଉପରେ ଆମର ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ପାଇଁ ନିର୍ଭର କରି ଆସିଛୁ। ଏହାକୁ କଦାପି ଅସ୍ମିତା କୁହାଯାଇ ପାରିବ ନାହିଁ।

ଏହି ନିକଟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଯେତେବେଳେ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କଲେ ଏହି ଅବସରରେ ଆମେ ଜାଣିବାକୁ ପାଇଲୁ ଯେ ସେ ପୂର୍ବ ସରକାର ପ୍ରଚଳନ କରିଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ନାଁକୁ ପରିବର୍ତ୍ତନ କରି ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ରଖିଲେ। ଏହା ତାଙ୍କ ଓଡ଼ିଆ ଅସ୍ମିତାକୁ ବୁଝାଉଛି ବୋଲି ଆମେ ସଂପୂର୍ଣ୍ଣ ଭାବେ ଧରିନେବାକୁ ହେବ। ଏହି ଯୋଜନା ଅନୁସାରେ ରୋଗୀକୁ ସରକାରୀ ଓ ଘରୋଇ ଡାକ୍ତର ଖାନାରେ ନଗଦ (କ୍ୟାସ୍‌ଲେସ୍) ସେବା ମିଳିବ। ହଁ ପାଠକ ବନ୍ଧୁ! ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ ଉପଲକ୍ଷେ ବଦଳିଲା ଏକାଧିକ ଯୋଜନାର ନାଁ। ପୁରୁଣା ଯୋଜନା ପରିବର୍ତ୍ତେ ୧୬ଟି ନୂଆ ଯୋଜନା ହୋଇଥିଲା ଯାହା ଓଡ଼ିଆ ଅସ୍ମିତାକୁ ସୂଚାଉଛି ବୋଲି ଧରି ନେବାକୁ ହେବ।

ଏହି ୨୦୨୪ ବର୍ଷର ବଜେଟ୍‌ରେ ସାମାଜିକ ସୁରକ୍ଷା, ଅନ୍ନଦାତା, ମହିଳା, ଯୁବ, ଗରିବକୁ ଗୁରୁତ୍ୱ ଦିଆ ଯାଇଥିଲା। ବିଶେଷ କରି ସୁଭଦ୍ରା ଯୋଜନା ପାଇଁ ୧୦,୦୦୦ କୋଟି ଟଙ୍କା ବରାଦ କରାଯାଇଛି। ଡ୍ରପ୍ ଆଉଟ ହ୍ରାସ ପାଇଁ ମାଧୋ ସିଂହ ହାତଖର୍ଚ୍ଚ ଯୋଜନା ହୋଇଛି। ଏହିପରି ୮୦ ବର୍ଷରୁ ଊର୍ଦ୍ଧ୍ୱ ଓ ଭିନ୍ନକ୍ଷମଙ୍କୁ ମାସିକ ୩୫୦୦ ଭତ୍ତା ଓ ରେଳ ପାଇଁ ୧୦୦୦ କୋଟି ବ୍ୟୟର ବରାଦ ହୋଇଛି। ମୁଖ୍ୟମନ୍ତ୍ରୀ ମୋଟ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୨ ଲକ୍ଷ ୬୫ ହଜାର କୋଟିର ବଜେଟ୍ ଉପସ୍ଥାପନ କରିଛନ୍ତି। ଏହା ମଧ୍ୟ ଦେଖାଯାଇଛି ଯେ ଅନେକ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମରେ ବିଜୁବାବୁଙ୍କ ଛାପ ହଟା ଯାଉଛି। ପ୍ରାୟତଃ ୧୬ଟି ନୂଆ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ସରକାର ଅର୍ଥ ବାରାଦ କରିଛନ୍ତି।

ବିଜୁ ସେତୁର ନାଁ ବଦଳାଇ ସେତୁବନ୍ଧ ଯୋଜନା, ମୋ ସ୍କୁଲର ନାମ ବଦଳାଇ ପଞ୍ଚସଖା ଶିକ୍ଷାସେତୁ ଯୋଜନା, ଲକ୍ଷ୍ମୀ ଯୋଜନାର ନାଁ ବଦଳାଇ ଗ୍ରାମାଞ୍ଚଳ ପରିବହନ ଯୋଜନା, ନବୀନ ଓଡ଼ିଶାର ନାମ ବଦଳାଇ ବିକଶିତ ଗାଁ, ବିକଶିତ ଓଡ଼ିଶା, କାଳିଆ ଯୋଜନା ବଦଳାଇ ସି.ଏମ୍. କିସାନ ଯୋଜନା, ବିଜୁ ପକ୍କାଘର ଯୋଜନା ପରିବର୍ତ୍ତେ ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟକ୍ରମ କରିବାକୁ ସ୍ଥିର କରାଯାଇଛି। କେବଳ ସେତିକି ନୁହେଁ କୃଷି ବଜେଟ୍‌ରେ ୧ ହଜାର ୯ ଶହ ୩୫ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ରାଜ୍ୟରେ ଶୀତଳ ଭଣ୍ଡାର ପାଇଁ ସରକାର କେବଳ ପ୍ରତିଶ୍ରୁତିବଦ୍ଧ ବୋଲି ଯାହା ଜଣାପଡ଼ିଛି। ୨୦୩୬ ସୁଦ୍ଧା ଓଡ଼ିଶା ଏକ ବିକଶିତ ରାଜ୍ୟରେ ପରିଣତ ହେବ ବୋଲି ଆମେ ସ୍ୱପ୍ନ ଦେଖୁଛୁ। କୃଷକ, ଶମିକ, ଜନଜାତି, ଯୁବଶକ୍ତି ବିକାଶକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ମାନ୍ୟବର ରାଜ୍ୟପାଳ ଯେତେବେଳେ ହିନ୍ଦୀରେ ଅଭିଭାଷଣ ରଖିଥିଲେ ଠିକ୍ ସେତିକି ବେଳେ ଓଡ଼ିଆ ଅସ୍ମିତାର ଝଡ଼ ସୃଷ୍ଟି ହୋଇଥିଲା। ସବୁବେଳେ ଆମେ ଓଡ଼ିଆ ଅସ୍ମିତାକୁ ନେଇ ଝଡ଼ ସୃଷ୍ଟି କରି ଆମର ପ୍ରକୃତ ସମସ୍ୟାରୁ ଆମେ ଓହରି ଯାଉଛୁ। ଫଳରେ ଆଜି ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶା ବହୁତ ପଛରେ ପଡ଼ିଛି।

ସବୁଠୁ ବଡ଼ ଦୁଃଖର କଥା ହେଉଛି ସ୍ୱାଧୀନତାର ଦୀର୍ଘ ବର୍ଷ ଆମେ ଅତିକ୍ରାନ୍ତ କରି ସାରିଲୁଣି। କିନ୍ତୁ ବଡ଼ ଦୁଃଖର କଥା ଏବେ ବି ବେକାରୀ ସମସ୍ୟା ଏତେ ଉତ୍କଟ ରୂପ ନେଇଛି ଯେ ନିକଟରେ ଗୁଜୁରାଟର ଏକ ଘରୋଇ କମ୍ପାନୀ (ଉରୁଚ)ରେ ୪୦ ଗୋଟି ସାଧାରଣ ପଦରେ ନିଯୁକ୍ତି ପାଇଁ ୱାକ୍-ଇନ୍-ଇଣ୍ଟରଭ୍ୟୁ ବେଳେ ସହସ୍ରାଧିକ ବେକାର ଯୁବକ-ଯୁବତୀଙ୍କ ଭିତରେ ସେଠାରେ ଦଳାଚକଟା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏପରିକି ସାକ୍ଷାତକାର ବେଳେ ବାରଣ୍ଡାରେ ରେଲିଂ ଭାଙ୍ଗି ପଡ଼ିଥିଲା। କେବଳ ଗୁଜୁରାଟ କାହିଁକି ଏହା ଭାରତର ସବୁ ରାଜ୍ୟର ସ୍ଥିତି। ସରକାରୀ ଚାକିରୀ ହେଉଛି ଆକାଶ କଇଁଆ ଚିଲିକା ମାଛ। ଖଣ୍ଡିଏ ବେସରକାରୀ ଚାକିରୀ ମିଳିବା ମଧ୍ୟ କଷ୍ଟକର। କେବଳ ଯାହା ଦେଖାଯାଉଛି ସ୍ଥାନୀୟ ଲୋକଙ୍କ ନିଯୁକ୍ତିରେ ଅଗ୍ରାଧିକାରରେ ମତଦାତାଙ୍କୁ ଆକୃଷ୍ଟ କରିବା ପାଇଁ ଉଦ୍ୟମ ଜାରିରଖି ଯାହା ପ୍ରତିଯୋଗିତା ଚାଲିଛି। ପ୍ରାୟତଃ ଏପରି ବି ଦେଖାଯାଉଛି ଘରୋଇ କ୍ଷେତ୍ରରେ ସ୍ଥାନୀୟ ସଂରକ୍ଷଣ ପ୍ରଦାନ ଦ୍ୱାରା ଯୋଗ୍ୟ ଓ ଦକ୍ଷ କର୍ମଚାରୀ ନମିଳିବାର ଆଶଙ୍କା ରହିଛି।

ସବୁଠୁ ବଡ଼ କଥା ହେଲା ଯେଉଁ ଦେଶରେ ମୋଟ ଜନସଂଖ୍ୟାର ୩୭ % ଲୋକ ପ୍ରବାସୀ ଭାବେ କାର୍ଯ୍ୟ କରନ୍ତି ସେଠାରେ ଏଭଳି ଆଇନ୍ ଶ୍ରମ ବଜାରରେ ଶୃଙ୍ଖଳାକୁ କେବଳ ଭାଙ୍ଗି ଦେବନାହିଁ ବରଂ ଏହା ସ୍ଥାନୀୟ ଅର୍ଥନୀତି ଉପରେ ଘୋର ପ୍ରଭାବ ପକାଇବ। ଲୋକଙ୍କ ଶିକ୍ଷା, କାର୍ଯ୍ୟଦକ୍ଷତା ଓ କ୍ଷମତାକୁ ପୁଞ୍ଜିକରି କିଭଳି ଉନ୍ନତ ଶ୍ରମ ଶକ୍ତିରେ ପରିଣତ କରାଯିବ ସେଥିପାଇଁ ରାଜ୍ୟ ସରକାର ପ୍ରଥମେ ପ୍ରାଧାନ୍ୟ ଦେବା ଆବଶ୍ୟକ ମନେହୁଏ। ଗୋଟିଏ ପଟେ ନିରନ୍ତର ନୂତନ ଶ୍ରମଶକ୍ତିର ପ୍ରବେଶ ସହ ରୋଜଗାର ଆଶାୟୀଙ୍କ ସଂଖ୍ୟାବୃଦ୍ଧି ଓ ଅନ୍ୟପଟେ ଦ୍ରୁତ ବୈଷୟିକ ଓ ପ୍ରଯୁକ୍ତିଗତ ପ୍ରଗତି ଦ୍ୱାରା ଶ୍ରମିକ କର୍ମଚାରୀ ସଂଖ୍ୟାହ୍ରାସ ବେକାରୀ ସମସ୍ୟାକୁ ଅଧିକ ଘନୀଭୂତ କରିଛି। ସରକାରଙ୍କ ପ୍ରମୁଖ ଓ ପ୍ରଧାନ ଦାୟିତ୍ୱ ହେଲା ଦେଶର ବେରୋଜଗାରୀକୁ ହଟାଇ ଦେଶକୁ ସମୃଦ୍ଧ ପଥରେ ଆଗେଇନେବା।

ସେହଭଳି ଆଉ ଏକ ଅଭାବନୀୟ ଘଟଣା ଘଟିଥିଲା ମୁମ୍ବାଇର ଜାଲିନା ବିମାନ ବନ୍ଦରଠାର ଜୁଲାଇ ୧୭ ତାରିଖରେ। ମୁମ୍ବାଇ ଏୟାର ଇଣ୍ଡିଆର ମାତ୍ର ୬୦୦ ପଦ ପାଇଁ ୨୫ ହଜାରରୁ ଊର୍ଦ୍ଧ୍ୱ ଆଶାୟୀ ପ୍ରାର୍ଥୀ ପହଞ୍ଚି ଥିଲେ। ଭିଡ଼ ଅସମ୍ଭାଳ ହେବାରୁ ନିଯୁକ୍ତ ପ୍ରକ୍ରିୟାକୁ କର୍ତ୍ତୃପକ୍ଷ ବାତିଲ କରିବାକୁ ବାଧ୍ୟ ହେଲେ। ଏହା ଆମର କିଭଳି ବେରୋଜଗାରୀର ଉତ୍କଟକୁ ଦର୍ଶାଉଛି ତାହା ଆମେ ଜାଣିପାରୁଛେ। ଯଦି ଶ୍ରମଶକ୍ତିର ସୁବିନିଯୋଗ ହୋଇ ପାରିବ, ଅଧିକ ଅଭିବୃଦ୍ଧିର ଅସମାନତା ହ୍ରାସ ପାଇବ। ଏହା ସହିତ ଶିକ୍ଷା ବ୍ୟବସ୍ଥାରେ ଉପଯୁକ୍ତ ସଂସ୍କାର ଆଣିବା ସହିତ ଭିତ୍ତିଭୂମିକୁ ବିକଶିତ କରାଯାଇ ଯୁବବର୍ଗଙ୍କୁ ଉପଯୁକ୍ତ ପରିମାଣରେ ଅତ୍ୟାଧୁନିକ କୌଶଳ ପ୍ରଶିକ୍ଷଣ ପ୍ରଦାନ କରାଯିବା ପ୍ରତି ରାଜ୍ୟ ସରକାର ଧ୍ୟାନ ଦେବା ଜରୁରି ମନେହୁଏ।

ସରକାର ଯୋଜନାଗୁଡ଼ିକୁ ନା ପରିବର୍ତ୍ତନ କରିବା ପାଇଁ ଅଧିକ ପ୍ରୟାସ ନକରି ଯଦି ବେକାରୀ ସମସ୍ୟାକୁ ଗୁରୁତ୍ୱ ପ୍ରଦାନ କରନ୍ତି ତେବେ ଯାଇ ଏ ସମସ୍ୟା ସମାଧାନ ହେବ। କାରଣ ଏହି ଉତ୍କଟ ବେକାରୀ ସମସ୍ୟା ଅନେକ ଆର୍ଥିକ ଓ ସାମାଜିକ ଅସ୍ଥିରତାକୁ ଜନ୍ମ ଦେଇପାରେ।

ରାଜ୍ୟରେ ଏବେ ଶୀତଳ ଭଣ୍ଡାରଟିଏ ନଥିବାରୁ ପନିପରିବା ଦର ଏବେ ଆକାଶ ଛୁଆଁ ହୋଇଛି। ବିଶେଷ କରି ଆଳୁ ଦର ଉପରେ ନିୟନ୍ତ୍ରଣ ରହୁନି। ଏହି ଆଳୁ ସମସ୍ୟା ଆଜିର ନୂଆ ନୁହେଁ, ଆଳୁ ଆମଦାନୀ ଏବେ ହୋଇ ପାରୁନଥିବାରୁ ଓଡ଼ିଶା ବଜାରରେ ଆଳୁର ସଂକଟ ସୃଷ୍ଟି ହୋଇଛି। ଏହି ଆଳୁକୁ ନେଇ ଏବେ ଓଡ଼ିଶା ରାଜନୀତି ସରଗରମ ହୋଇଛି। କେଉଁ ରାଜ୍ୟରୁ ଆଳୁ ଆସିବ ସେ ବ୍ୟବସ୍ଥା ମଧ୍ୟ ରାଜ୍ୟ ସରକାର ସ୍ଥିର କରି ପାରୁନାହାଁନ୍ତି। ରାଜ୍ୟ ପାଇଁ ବାର୍ଷିକ ୧୨ ଲକ୍ଷ ମେଟ୍ରିକ ଟନ୍ ଆଳୁ ଆବଶ୍ୟକ ପଡୁଥିବା ବେଳେ ରାଜ୍ୟରେ ବାର୍ଷିକ ୮୦ ହଜାର ମେଟ୍ରିକ ଟନ୍ ଆଳୁ ଅମଳ ହେଉଛି। ବାକି ୧୩ ଲକ୍ଷ ୨୦ ହଜାର ମେଟ୍ରିକ୍ ଟନ୍ ଆଳୁ ପଶ୍ଚିମ ବଙ୍ଗ, ଉତ୍ତର ପ୍ରଦେଶ ଓ ପାବରୁ ଆମଦାନୀ କରାଯାଉଛି। ଏହା ନିଶ୍ଚିତ ଭାବେ ଆମ ସମସ୍ତଙ୍କ ପାଇଁ ଲଜ୍ଜାର କଥା। ଆମେ ଆଜି ପର୍ଯ୍ୟନ୍ତ ଆତ୍ମ ନିର୍ଭର ହୋଇ ପାରିଲୁନାହିଁ। କେବଳ ଯୋଜନାଗୁଡ଼ିକୁ ନାମ ପରିବର୍ତ୍ତନ କରିଦେଲେ ଓଡ଼ିଶାର ପ୍ରକୃତ ବିକାଶ ସମ୍ଭବ ହେବନାହିଁ। ରାଜ୍ୟରେ ଏତେ ସମସ୍ୟା ଥିଲେ ମଧ୍ୟ କେବଳ ଯୋଜନାର ନାମ ବଦଳାଇବାରେ ଲାଗିଛନ୍ତି ଆମର ମାନ୍ୟବର ସରକାର। ପ୍ରକୃତରେ ରାଜ୍ୟରେ ସ୍ୱାସ୍ଥ୍ୟ ଯୋଜନା ଯେଉଁଭଳି ଭାବେ ଲୋକାଭିମୁଖୀ ହେବା କଥା ହୋଇ ପାରିନାହିଁ। ଚିକିତ୍ସା କ୍ଷେତ୍ରରେ ସେବା ଆଶାନୁରୂପ ହୋଇନଥିଲା। ଏହାର ପ୍ରତିଷ୍ଠା ଓ ପରିଚାଳନାର ମାନବୃଦ୍ଧି କରିବା ସବୁଠୁ ବେଶୀ ମହତ୍ତ୍ୱପୂର୍ଣ୍ଣ। ସେବାକୁ ନେଇ ଲୋକଙ୍କ ଭିତରେ ଯେମିତି କୌଣସି ଦ୍ୱନ୍ଦ୍ୱ ନରହେ ସେଥିପ୍ରତି ସରକାର ଯତ୍ନଶୀଳ ରହିବା ଆବଶ୍ୟକ।

ଯଦି ଦେଖିବା ଅର୍ଥନୈତିକ ସର୍ବେକ୍ଷଣ ଅନୁଯାୟୀ ଏବେ ଶିଶୁ ଓ ମାତୃମୃତ୍ୟୁହାର ଓଡ଼ିଶାରେ ଚିନ୍ତାଜନକ। ଏଥିପ୍ରତି ଦୃଷ୍ଟି ଦିଆଯିବା ଆବଶ୍ୟକ। ଶିକ୍ଷା ବ୍ୟବସ୍ଥାରେ ମଧ୍ୟ ସେଭଳି କିଛି ପ୍ରଗତିଶୀଳ ଯୋଜନା କରାଯାଇନାହିଁ। ମାଧ୍ୟମିକ ଶିକ୍ଷା ସ୍ତରରେ ଓଡ଼ିଶାର ସର୍ବାଧିକ ପିଲା ଅଧାରୁ ପାଠ ଛାଡୁଛନ୍ତି। ଯେଉଁଥିପାଇଁ ସରକାର ଏକ ମାଧୋସିଂହ ହାତଖର୍ଚ୍ଚ ଯୋଜନା ଘୋଷଣା କରିଛନ୍ତି।

ବିଦ୍ୟୁତ ସେବାରେ ମଧ୍ୟ ଯେଉଁଭଳି ଅବବ୍ୟସ୍ଥା ରହିଛି ତାହା ସୁଧାରିବା ଦରକାର। ପୂର୍ବରୁ ଯଦିଓ ପ୍ରଧାନ ମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ମାଗଣା ବିଦ୍ୟୁତ ପାଇଁ କେବଳ ସହାୟତା ଯୋଗାଇ ଦେବେ ବୋଲି କହିଛନ୍ତି, ଯାହା କାର୍ଯ୍ୟାକରୀ ହେବା ଆବଶ୍ୟକ। ଯଦି ଦେଖିବା ୧୬ଟି ରାଜ୍ୟ ମଧ୍ୟରେ ଓଡ଼ିଶାର ସ୍ଥାନ ହେଉଛି ଏକାଦଶ। ଏହି ସ୍ଥିତିକୁ କିଭଳି ପରିବର୍ତ୍ତନ କରାଯାଇ ପାରିବ ଏବଂ ଓଡ଼ିଶାକୁ ସମୃଦ୍ଧ ରାଷ୍ଟ୍ରରେ ପରିଣତ କରାଯାଇ ପାରିବ ସେଥିପ୍ରତି ପ୍ରଥମେ ସରକାର ଏକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବା ଦରକାର। ଓଡ଼ିଶାରେ ଏତେ ପରିମାଣରେ ପ୍ରାକୃତିକ ସଂପଦ, ଶ୍ରମଶକ୍ତି, ମାନବ ସମ୍ବଳର ଅଭାବ ନଥିବା ସତ୍ତ୍ୱେ ଓଡ଼ିଶା ପଛୁଆ କାହିଁକି ଏହାର ସମୀକ୍ଷା ହେବା ଆବଶ୍ୟକ। ଯଦି ଏହି ପ୍ରାକୃତିକ ସମ୍ବଳର ସଦୁପଯୋଗ ହୋଇ ପାରିବ ତେବେ ଓଡ଼ିଶା ନିଶ୍ଚିତ ଗୋଟିଏ ସମୃଦ୍ଧ ରାଷ୍ଟ୍ରରେ ପରିଣତ ହେବ। ଯୁବପୀଢ଼ିଙ୍କ ଉପରେ ସରକାରଙ୍କର ସକାରାତ୍ମକ ମନୋଭାବ ରହିବା ଆବଶ୍ୟକ। ଏବେ ନିକଟରେ ୨୦୨୪ ଅର୍ଥନୈତିକ ସର୍ବେକ୍ଷଣ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଭାରତରେ ପ୍ରତି ଦୁଇ ଜଣରେ ଜଣେ ଶିକ୍ଷିତ ଯୁବକ ଦକ୍ଷତା ଭିତ୍ତିକ ଚାକିରୀ ପାଇଁ ଅନୁପଯୁକ୍ତ। ଏହି ଦକ୍ଷତା ଆସିବ କେଉଁଠୁ? ସେଥିପାଇଁ ସରକାର ଓ ଉଭୟ ପିତାମାତା ଧ୍ୟାନ ଦେବା ଆବଶ୍ୟକ। କେବଳ ପର୍ଯ୍ୟଟନକୁ ଗୁରୁତ୍ୱ ଦେଇ ବାତ୍ୟା, ବନ୍ୟା, ମରୁଡ଼ି ତଥା ମଧ୍ୟବିତ୍ତଙ୍କ ସ୍ୱାର୍ଥ ପାଇଁ କୌଣସି ଯୋଜନା ରଖା ଯାଇନାହିଁ। ଡବଲ ଇଞ୍ଜିନ ସରକାରର ଯେଉଁଭଳି ଯୋଜନା ରହିବା କଥା ତାହା ଆଦୌ ଦେଖା ଯାଉନାହିଁ। ଯୋଜନାକୁ କେବଳ ନାମ ପରିବର୍ତ୍ତନ କରି ପ୍ରସ୍ତୁତ କରିଦେଲେ ହେବନାହିଁ, ଏହାକୁ ସଂପୂର୍ଣ୍ଣ କାର୍ଯ୍ୟକାରୀ କରିବା ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରରେ ଉଭୟ ସରକାର ଏବଂ ଜନସାଧାରଣ ଉଭୟେ ମିଳିତ ଭାବେ ନିଷ୍ଠା ଓ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିବା ଆବଶ୍ୟକ।

ଶେଷରେ ଦୁଃଖର ସହିତ କହିବାକୁ ପଡୁଛି ଯେ ବହୁବିଧ ଜନମଙ୍ଗଳକାରୀ ଯୋଜନା ପ୍ରଣୟନ ସତ୍ତ୍ୱେ ଯଦିଓ ରାଜସ୍ୱ ବହୁ ପରିମାଣରେ ବୃଦ୍ଧି ଘଟିଛି କିନ୍ତୁ ଓଡ଼ିଶା ଭାରତରେ ସେଭଳି ଅଗ୍ରଗତି କରି ପାରିନି। ଏହାର ବିକାଶ ଭାଗ୍ୟ ତାଲିକାର ୨୫ ତମ ସ୍ଥାନରେ ସ୍ଥାନିତ ହୋଇଛି। ବରଂ କମ୍ ପ୍ରାକୃତିକ ସଂପଦ ଥିବା ରାଜ୍ୟଗୁଡ଼ିକ ଅଗ୍ରଣୀ ଭାବରେ ପରିଣତ ହୋଇଛି। ଯଥା: ତାମିଲନାଡୁ, ଗୁଜୁରାଟ, କର୍ଣ୍ଣାଟକ, ଛତିଶଗଡ଼ ଇତ୍ୟାଦି। ତେଣୁ ରାଜ୍ୟକୁ ସମୃଦ୍ଧି ପଥରେ ଆଗେଇ ନେବାକୁ ହେଲେ ରାଜ୍ୟର ବିକାଶ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ କେବଳ ଯୋଜନା ପ୍ରସ୍ତୁତ ନକରି ତାହାକୁ ସୁଚାରୁ ରୂପେ କାର୍ଯ୍ୟକାରୀ କରିବା ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ମଧ୍ୟ। ଓଡ଼ିଶାକୁ ସମୃଦ୍ଧ କରିବାରେ ଅଧିକ ଦୂରଦର୍ଶିତା ଓ ଦୀର୍ଘମିଆଦି ଯୋଜନାର ଆବଶ୍ୟକତା ରହିଛି। ଆର୍ଥିକ ସ୍ତରରେ ଆୟ କିଭଳି ବୃଦ୍ଧି ହେବ ସେଥିପ୍ରତି ଦୃଷ୍ଟି ଦେଇ ସୁପରିକଳ୍ପିତ ବିକାଶ ମୂଳକ ଯୋଜନା ଆବଶ୍ୟକ। ସେଥିପାଇଁ ଆମକୁ ପ୍ରଥମେ ଜଳସେଚନ ଓ କୃଷିର ବିକାଶ ତଥା ଖାଦ୍ୟ ଶସ୍ୟର ସଂରକ୍ଷଣ ପ୍ରତି ଧ୍ୟାନ ଦେଇ ଶୀତଳ ଭଣ୍ଡାର ଖୋଲାଯାଇ ଶସ୍ୟ ଓ ପନିପରିବା ସଂରକ୍ଷଣ କରିବା ଆବଶ୍ୟକ। ଏଥିସହ ସୌରଶକ୍ତି ପ୍ରକଳ୍ପ, ପର୍ଯ୍ୟଟନ, ସ୍ୱାସ୍ଥ୍ୟ ନିରାପତ୍ତା ପ୍ରତି ଦୃଷ୍ଟି ଦିଆଯାଉ। ଯୋଜନା ଓ କାର୍ଯ୍ୟକ୍ରମକୁ ସଠିକ୍ ରୂପାୟନ କରାଯାଉ ସରକାରଙ୍କୁ ମୋର ବୋଲି କହିବା ପରିବର୍ତ୍ତେ ଆମର ସରକାର ବୋଲି କୁହାଯାଉ। ଯେଉଁ ସ୍ୱପ୍ନ ନେଇ ଜନସାଧାରଣ ନୂତନ ସରକାରଙ୍କୁ ଗଢ଼ିଛନ୍ତି ଏବଂ ସମୃଦ୍ଧ ଓ ସ୍ୱୟଂ ସଂପୂର୍ଣ୍ଣା ଓଡ଼ିଶାର ସ୍ୱପ୍ନ ଦେଖୁଛନ୍ତି ସେ ସ୍ୱପ୍ନ ସ୍ୱପ୍ନରେ ରହି ନଯାଉ; ଏହା ବାସ୍ତବରେ ପରିଣତ ହେଉ ଏହା ହିଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।



ତାଳଚେର (ଭାସ୍କର ନ୍ୟୁଜ): ଜଗତ ଗୁରୁ ଶଙ୍କରାଚାର୍ଯ୍ୟଙ୍କର ତାଳଚେର ଗସ୍ତ ସ୍ଥଗିତ ହେବା ପରେ ଗୁରୁବାର ଅପରାହ୍ନରେ ତାଳଚେର ଦେଉଳବେଡା ଠାରେ ଶ୍ରୀ ଶଙ୍କରାଚାର୍ଯ୍ୟ ସ୍ୱାଗତ ସମିତିର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ୱାମୀଜୀ ଙ୍କର ସ୍ୱାସ୍ଥ୍ୟବସ୍ଥା ପାଇଁ ବୈଠକରେ ଆଶୁ ଆରୋଗ୍ୟ କାମନା କରାଯାଇଥିଲା । ସଂଯୋଜକ ପର୍ଶୁରାମ ବାରିକଙ୍କର ସଂଯୋଜନାରେ ଅନୁଷ୍ଠିତ ଉକ୍ତ ବୈଠକରେ ଉପାଧ୍ୟକ୍ଷ ବରୁଣ କୁମାର ସାହୁ ଆସନ୍ତା ଜାନୁଆରୀ ଆଠ ତାରିଖରେ ପୁରୀ ଯାଇ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରିବା ସହ ଗୁରୁଜୀଙ୍କୁ ଦର୍ଶନ କରି କୃପାଲାଭ କରିବା ସହ ଆଗାମୀ ସମୟରେ ତାଳଚେର ଆଗମନ କାର୍ଯ୍ୟକ୍ରମ ତଥା ହିନ୍ଦୁରାଷ୍ଟ୍ର ମହାଧିବେଶନ ସମ୍ପର୍କରେ ଅବଗତ କରାଇ ସମୟ ଧାର୍ଯ୍ୟ କରିବା ପାଇଁ ନିବେଦନ କରିବା ଉପରେ ପ୍ରସ୍ତାବ ରଖିଥିଲେ । ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ସମ୍ପାଦକ ବୃନ୍ଦାବନ ବେହେରା, ବିଜୟ କୁମାର ସାହୁ, ମଦନ ପ୍ରଧାନ, ଅନ୍ତର୍ଯ୍ୟାମୀ ସାହୁ,ଜ୍ୟୋତିର୍ମୟ ରଥ, ମାୟାଧର ସାହୁ, ଜଗଦୀଶ ମିଶ୍ର, ଜଗଦୀଶ ସିଂହ, ରଞ୍ଜନ ବିଶୋଇ, ଉଚ୍ଛନ ପଟ୍ଟନାୟକ, ରଂଜିତ ମହାପାତ୍ର, ବିନୋଦ ଲାଲ, ଅଭୟ ପାଣି, ବବଲୁ ସାହୁ, ପୂର୍ଣଚନ୍ଦ୍ର ସାହୁ, ବିଜୟ ନାଏକ, ନରେଶ ବେହେରା, ମିଲୁ ସାହୁ, କ୍ଷୀରୋଦ ପାଲ, ବିନ୍ଧା ସିଂହଙ୍କ ସମେତ ଶତାଧିକ କର୍ମକର୍ତା ଉପସ୍ଥିତ ଥିଲେ ।



# ନିମାପଡ଼ାରେ ପୁଣି ଜବରଦଖଲ ଉଚ୍ଛେଦ, ପ୍ରଥମ ଦିନରେ ୩୦ ଦୋକାନ ଗୃହ



ନିମାପଡ଼ା (ଭାସ୍କର ନ୍ୟୁଜ): ନିମାପଡ଼ା ଗୋଲେଇ ଛକ ଠାରୁ ତଳଅଣ୍ଡିଆ ଛକ ପର୍ଯ୍ୟନ୍ତ ଗତ କିଛିମାସ ତଳେ ଦଖଲ ଉଚ୍ଛେଦ କରାଯାଇଥିଲା । ନିମାପଡ଼ାକୁ ସରସ, ସୁନ୍ଦର କରିବା ପାଇଁ ଚାରି ଟିକିଆ ରାସ୍ତା କରାଯାଇଥିବା ବେଳେ ଅନେକ ବ୍ୟବସାୟୀ ରାସ୍ତାକୁ ଲଗାଇ ପରିବା ଠାରୁ ଆରମ୍ଭ କରି ବିଭିନ୍ନ ସାମଗ୍ରୀ ବିକିବା ଦ୍ୱାରା ଗ୍ରାହକମାନେ ରାସ୍ତା ଉପରେ ଦୁଇ ଚକିଆ ଯାନ ଠାରୁ ଆରମ୍ଭ କରି ଚାରି ଚକିଆ ଯାନ ରଖିବା ଦ୍ୱାରା ରାସ୍ତା ସଂକୁଚିତ ହୋଇ ଟ୍ରାଫିକ୍ ସମସ୍ୟା ଉପୁଜୁଛି । ଯାହାକୁ ନେଇ ଘଂଟା ଘଂଟା ଧରି ରାସ୍ତା ଜାମ୍ ରହିବା ସହ ଗାଡ଼ି ମଟର ଯାତାୟତ କରିପାରୁ ନାହିଁ । କୋଣାର୍କ, ପୁରୀ, ଅସ୍ତରଙ୍ଗ, କାକଟପୁରକୁ ଏହି ରାସ୍ତାଟି ମୁଖ୍ୟ ରାସ୍ତା ହୋଇଥିବା ବେଳେ ନିମାପଡ଼ାରେ ଟ୍ରାଫିକ୍ ସମସ୍ୟା କାରଣରୁ ଗାଡ଼ି ମଟର ଯାତାୟତ କରିପାରୁ ନାହିଁ । ଅନେକ ସମୟରେ ଜରୁରୀକାଳନୀ ସେବା ଗାଡ଼ି ମଧ୍ୟ ଅଟକି ରହୁଛି । ବେଳକୁ ବେଳ ଦୁର୍ଘଟଣା ବୃଦ୍ଧି ପାଉଛି । ଦୀର୍ଘ ୨୪ ବର୍ଷ ଭିତରେ ବିଜେଡ଼ି ସରକାର ବ୍ୟବସାୟୀମାନଙ୍କୁ ଥଇଥାନ କରିପାରି ନଥିବା ବେଳେ ବିଜେପି ସରକାର ମୁଣ୍ଡରେ ଦୋଷ ଲଦୁଛି । ବିଜେପି ସରକାର ଭେଣ୍ଡିଂ ଜୋନ୍ ମାଧ୍ୟମରେ ବ୍ୟବସାୟୀମାନଙ୍କୁ ଥଇଥାନ କରିବା ପାଇଁ ଯୋଜନା କରୁଛି । ପୌର ପରିଷଦ ପକ୍ଷରୁ ଜବର ଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ଅଂଚଳରେ ଗୋଲେଇ ଛକ ଠାରୁ ତଳଅଣ୍ଡିଆ ଛକ ପର୍ଯ୍ୟନ୍ତ ଦୁଇପାର୍ଶ୍ୱ ରାସ୍ତାରେ ରାସ୍ତାକୁ ଲଗାଇ କେତେକ ବ୍ୟବସାୟୀ ଦୋକାନ ଖୋଲିଥିବା ବେଳେ ଗ୍ରାହକମାନେ ରାସ୍ତା ଉପରେ ଗାଡ଼ି ରଖିବା ଦ୍ୱାରା ନିମାପଡ଼ାରେ ଟ୍ରାଫିକ୍ ସମସ୍ୟା ବିପର୍ଯ୍ୟୟ ହୋଇଛି । ଜବର ଦଖଲ ଉଚ୍ଛେଦ କରାଯାଇଥିବା ବେଳେ କୌଣସି ବ୍ୟବସାୟୀ ରାସ୍ତା ଦାଢ଼ରେ ବ୍ୟବସାୟ କରିପାରିବେ ନାହିଁ ବୋଲି ପୂର୍ବରୁ କୁହାଯାଇଥିଲା । ମାତ୍ର କେତେଜଣ ବ୍ୟବସାୟୀ ଏହି ନିର୍ଦ୍ଦେଶକୁ ଅବମାନନା କରି ଜୋର ଜବରଦସ୍ତ ବ୍ୟବସାୟ କରିବା କାରଣରୁ ରବିବାର ପୂର୍ବାହ୍ନରେ ପ୍ରଶାସନ ପକ୍ଷରୁ ଜେସିବି ମେସିନ୍ ସାହାଯ୍ୟରେ ଜବର ଦଖଲ ଉଚ୍ଛେଦ କରାଯାଇଛି । ନିମାପଡ଼ା ଅତିରିକ୍ତ ତହସିଲଦାର ନିରନ ନାୟକ, ବିଜ୍ଞାପିତ ପରିଷଦ ଅଂଚଳର ଅଧିକାରୀ ଚିନ୍ମୟ ଦାଶ, ଏନଫୋର୍ସମେଂଟ୍ ବିଭାଗର ମୁଖ୍ୟ ବିଜୟ କୁମାର ଗ୍ରହାଚାର୍ଯ୍ୟ, କର୍ମଚାରୀ ଯୋଗେଶ ସାହୁଙ୍କ ସମେତ ସମସ୍ତ ପୌର କର୍ମଚାରୀ ଓ ପୋଲିସ ଉପସ୍ଥିତିରେ ପ୍ରଥମ ଦିନରେ ୩୦ଟିରୁ ଉର୍ଦ୍ଧ୍ୱ ଦୋକାନ ଗୃହ ଉଚ୍ଛେଦ କରାଯାଇଛି । ଆଗାମୀ ଦିନରେ ରାସ୍ତାର ଦୁଇପାର୍ଶ୍ୱରୁ ସରକାରୀ ଜାଗାରେ ବେଆଇନ ଭାବେ ଦୋକାନ ଗୃହ ନିର୍ମାଣ କରିଥିବା ଦୋକାନ ଗୃହକୁ ଉଚ୍ଛେଦ କରାଯିବ ବୋଲି ବିଜ୍ଞାପିତ ଅଂଚଳ ପରିଷଦ ଅଧିକାରୀ ଚିନ୍ମୟ ଦାଶ ଓ ଏନ୍ଫୋର୍ସମେଣ୍ଟ ବିଭାଗର ମୁଖ୍ୟ ବିଜୟ ଗ୍ରହାଚାର୍ଯ୍ୟଙ୍କ ଠାରୁ ସୂଚନା ମିଳିଛି ।

## ଯାତ୍ରୀଙ୍କୁ ଲୁଟୁଛନ୍ତି ନାଇଟ୍ କୋଚ୍ ବସ୍

# ୧୫୦ କିମିକୁ ଭଡ଼ା ୫୦୦ ଟଙ୍କା !

ଭୁବନ (ଭାସ୍କର ନ୍ୟୁଜ): ଭୁବନ ସହର ଦେଇ ଯାଉଥିବା ନାଇଟ କୋଚ ବସ୍ ଯାତ୍ରୀଙ୍କୁ ଲୁଟୁଥିବା ଅଭିଯୋଗ ହୋଇଛି । ବାଲେଶ୍ୱରରୁ ସମ୍ବଲପୁର ଚାଲୁଥିବା (ଲକି)ବସ୍‌ଟି ଧାର୍ଯ୍ୟ ଭଡ଼ାଠାରୁ ଦୁଇ ତିନିଗୁଣ ଅଧିକ ଭଡ଼ା ନେଉଥିବା ସହିତ ଯାତ୍ରୀଙ୍କୁ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହୋଇଛି । ପ୍ରାପ୍ତ ଅଭିଯୋଗରୁ ପ୍ରକାଶ ଯେ,ଦେବାନନ୍ଦ ସାହୁ ନାମକ ଜନୈକ ସାମ୍ବାଦିକ ଗତ ଡିସେମ୍ବର ୩୦ ତାରିଖ ସୋମବାର ଦିନ ସପରିବାର ବାଲେଶ୍ୱର ବୁଲିବାକୁ ଯାଇଥିଲେ । ଭୁବନ ଫେରିବା ନିମନ୍ତେ ରାତି ୯ ଘଟିକା ସମୟରେ ବାଲେଶ୍ୱର ବସ୍ ଷ୍ଟାଣ୍ଡରେ ଓଡ଼ି ୦୨ ଏ ଏମ ୨୬୪୩ ନମ୍ବର ବିଶିଷ୍ଟ ଲକି ଟ୍ରାଭେଲ୍ସ ବସ୍‌ରେ ବସିଥିଲେ । ବାଲେଶ୍ୱରରୁ ଭୁବନ ସମୁଦାୟ ୧୫୫ କିମି ହେଉଥିବା ବେଳେ ସଂପୃକ୍ତ ବସ୍ କଣ୍ଡକ୍ଟର ଜଣକା ୫୦୦ ହିସାବରେ ୪ ଜଣଙ୍କ ଠାରୁ ବିନା ଟିକେଟରେ ୨୦୦୦ ଟଙ୍କା ନେଇଥିଲେ । ସାମ୍ବାଦିକ ଶ୍ରୀ ସାହୁ ଏହାର ପ୍ରତିବାଦ କରି ଟିକେଟ ମାଗିବାରୁ ସିଟ୍ ନମ୍ବର ୧୭,୧୯,୨୦,୨୧ ଭଡ଼ା ୧୯୦୦ ଟଙ୍କା ଲେଖି ଶହେ ଟଙ୍କା ଫେରସ୍ତ ଦେଇଥିଲେ । ୧୫୫ କିମି କୁ ଭଡ଼ା କେତେ ହେଉଛି ବୋଲି ସାମ୍ବାଦିକ ଶ୍ରୀ ସାହୁ ପ୍ରଶ୍ନ କରିବାରୁ ରାତି ଗାଡ଼ି ୫୦୦ ତଳକୁ ଭଡ଼ା ନାହିଁ ବୋଲି ଅଜବ ଯୁକ୍ତି ବାଢ଼ିଥିଲେ । ଏହା ସହିତ ସେହି ଲକି ବସ୍‌ଟି ଭୁବନ ସହର ମଧ୍ୟରେ ପ୍ରବେଶ ନକରି ରାତି ସାଢେ ୧୨ ଘଟିକା ସମୟରେ ଦୁଇ କିମି ଦୂର ବାଇପାସ ଛକରେ ଓହ୍ଲାଇ ଦେଇଥିଲା । ଫଳରେ ଶୀତ ରାତିରେ ପ୍ରବଳ ଥଣ୍ଡାରେ ହଇରାଣ ହରକତ ହୋଇ ଘରେ ପହଞ୍ଚିଥିଲେ । ସାମ୍ବାଦିକ ଶ୍ରୀ ସାହୁ ନ୍ୟାୟ ପାଇଁ ଢେଙ୍କାନାଳ ଏବଂ ବାଲେଶ୍ୱର ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ପ୍ରକାଶ ଥାଉକି ଭୁବନ ସହର ଦେଇ ରାଉରକେଲା, ସମ୍ବଲପୁର, କୋଲକାତା, ହଳଦିଆ ପ୍ରଭୃତି ଅଞ୍ଚଳକୁ ଚାଲୁଥିବା ନାଇଟ କୋଚ ବସ୍‌ଗୁଡ଼ିକ ସହର ମଧ୍ୟରେ ପ୍ରବେଶ ନକରି ବାଇପାସ ପଟେ ଯାଉଥିବାରୁ ଭୁବନ ଲୋକ ହଇରାଣ ହରକତ ହେଉଛନ୍ତି । ଏ ସମ୍ପର୍କରେ ଆଞ୍ଚଳିକ ପରିବହନ ଅଧିକାରୀ ବିହୀତ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

# ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ



ବାଲୁଗାଁ (ଭାସ୍କର ନ୍ୟୁଜ): ବାଲୁଗାଁ ଆରପିଏଫ ଜଣେ ଗଞ୍ଜେଇ ବେପାରିଙ୍କୁ ରେଳ ଷ୍ଟେସନ ପରିସରରୁ ଗିରଫ କରି ତାଙ୍କ ନିକଟରୁ ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ କରିଛି । ସୂଚନା ମୁତାବକ ବାଲୁଗାଁ ଆରପିଏଫ ଆଇଆଇସି ଜିତେନ୍ଦ୍ର ମୌର୍ଯ୍ୟଙ୍କ ନେତୃତ୍ୱରେ ବାଲୁଗାଁ ରେଳ ଷ୍ଟେସନ ପରିସରରେ ପାଟ୍ରୋଲିଂ ଜାରି ରହିଥିବା ବେଳେ ଏକ ନମ୍ବର ପ୍ଲାଟଫର୍ମରେ ଟ୍ରେନ ଯୋଗେ ଗଞ୍ଜେଇ ଚୋରାଚାଲାଣ ଅପେକ୍ଷାରେ ଥିବା ଗଞ୍ଜାମ ଜିଲ୍ଲା ବେଗୁନିଆପଡା ଥାନା ଅଞ୍ଚଳର ଶଙ୍କର୍ଷଣ ପ୍ରଧାନ (୪୦) ଅଭିଯୁକ୍ତଙ୍କୁ ଗିରଫ କରିଥିଲା ଆରପିଏଫ । ତାଙ୍କ ନିକଟରୁ ଦୁଇ ଗୋଟି ଗଞ୍ଜେଇ ଭରା ବ୍ୟାଗ ଜବତ ହୋଇଛି ଯାହାର ଆନୁମାନିକ ମୂଲ୍ୟ ୨ ଲକ୍ଷ ୪୦ ହଜାର ଟଙ୍କା ହେବ ବୋଲି ଜଣାପଡିଛି ।

# ମେଡିକାଲ୍ କଲେଜ ନହେଲେ ଆନ୍ଦୋଳନ ଚେତାବନୀ



ତାଳଚେର (ଭାସ୍କର ନ୍ୟୁଜ): ତାଳଚେର ସରକାରୀ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟିର ବୈଠକ ତାଳଚେର ପ୍ରେସ୍ କ୍ଲବ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କମିଟିର ଆବାହକ ପଦ୍ମ ଚରଣ ସାମଲ ସଭାପତିତ୍ୱ କରିଥିଲେ ଏବଂ ଉପସ୍ଥିତ ସଦସ୍ୟ ମାନେ ତାଳଚେର ମେଡିକାଲ୍ କଲେଜ୍ ର ଶିକ୍ଷାଦାନ ଅନୁଗୋଳ ଠାରେ ହେବାକୁ ଥିବା ପ୍ରସ୍ତାବକୁ ଘୋର ନିନ୍ଦା କରିବା ସହିତ ଅସନ୍ତୋଷ ପ୍ରକାଶ କରିଥିଲେ । ପୂର୍ବରୁ କ୍ରିୟାନୁଷ୍ଠାନ କମିଟି ଅନେକବାର ମେଡିକାଲ୍ କଲେଜ୍ କାର୍ଯ୍ୟକ୍ଷମ କରିବାକୁ ଆନ୍ଦୋଳନ କରି କାରାବରଣ କରିଥିଲେ । ଯାହା ଫଳରେ ପୂର୍ବ ସରକାର ଘରୋଇ ହାଇଟେକ୍‌କୁ ଚାଲୁ କରିବା ନିଷ୍ପତିକୁ ବାତିଲ୍ କରିବାକୁ ବାଧ୍ୟ ହୋଇଥିଲେ । ବର୍ତମାନ ରାଜ୍ୟରେ ଡବଲ ଇଞ୍ଜିନ୍ ସରକାର କେବଳ ପବିତ୍ର ମୋହନ ସରକାରୀ ମେଡିକାଲ୍ କଲେଜ୍ ନାମ ଫଳକ ରଖି ଅନୁଗୋଳ ରେ ଶିକ୍ଷାଦାନ କରିବା ପ୍ରସ୍ତାବକୁ ଯଦି କାର୍ଯ୍ୟ କରନ୍ତି ତାହେଲେ ଆନ୍ଦୋଳନ ହେବ ବୋଲି ମତ ପ୍ରକାଶ ପାଇଛି । ବୈଠକରେ କେଶବ ଭୂତିଆ, ଭୁପେନ୍ ଥମ୍ବ, ପ୍ରହ୍ଲାଦ ଚନ୍ଦ୍ର ସାହୁ, ସୁକାନ୍ତ କୁମାର ଦାସ, ଗଗନ ବିହାରୀ ଦାସ, ପ୍ରେମାନନ୍ଦ ମହାନ୍ତି, ପରମାନନ୍ଦ ସାହୁ, ବିନୋଦ ଲାଲ, ଅଭୟ କୁମାର ପାଣି, ଶୋଭାଗିନୀ ଦାସ, ଦୁର୍ଗା ଚରଣ ସାହୁ, ସଂଜିବ୍ ନାଏକ, ବିଜୟ କୁମାର ମିଶ୍ର, ଉଚ୍ଛନ୍ନ ପଟ୍ଟନାୟକ, ରାଜ କିଶୋର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ସୁବର୍ଣ୍ଣ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ



ପାରାଦୀପ (ଭାସ୍କର ନ୍ୟୁଜ): ପାରାଦୀପ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ପାଇଁ ଆଲୁମିନି ଆସୋସିଏସନ ପକ୍ଷରୁ ମହାବିଦ୍ୟାଳୟ ପରିସରରେ ରବିବାର ଅପରାହ୍ନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଲୁମିନି ଆସୋସିଏସନର ସଭାପତି ତଥା ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ କଲେଜର ଅଧ୍ୟକ୍ଷା ଡ଼ଃ.ସସ୍ମିତା ଶତପଥୀ, ପୂର୍ବତନ ଅଧ୍ୟକ୍ଷ ଡ଼ଃ. ଶଙ୍କର ମହାପାତ୍ର ଓ ଡ଼ଃ ସୁରେନ୍ଦ୍ର ମୋହନ ମିଶ୍ର, ପ୍ରାକ୍ତନ ପ୍ରାଧ୍ୟାପିକ ଡ଼ଃ. ଶକୁନ୍ତଳା ଆଚାର୍ଯ୍ୟ, ଆଲୁମୁନି ଆସୋସିଏସନର ସାଧାରଣ ସଂପାଦକ ଗୌତମ କୁମାର ନାୟକ, ଉପସଭାପତି ଡ଼ଃ.ପ୍ରଦୀପ୍ତ କିଶୋର ଦାସ, ସହ ସମ୍ପାଦକ ସୁଶାନ୍ତ କୁମାର ସ୍ୱାଇଁ, ସଂଯୋଜକ ଅକ୍ଷୟ ଚନ୍ଦ୍ର ମିଶ୍ର ଏବଂ ସୁବର୍ଣ୍ଣ ଜୟନ୍ତୀ କମିଟିର ସଦସ୍ୟ ଗଣେଶ୍ୱର ପାତ୍ରଙ୍କ ସମେତ ବହୁ ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ରହି ଆସନ୍ତା ଫେବୃଆରୀ ମାସରେ ଆୟୋଜିତ ହେବାକୁ ଥିବା ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ମହା ସମାରୋହରେ ପାଳନ କରିବାକୁ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ନେଇଥିଲେ ।

# ଡ଼ଃ ମନମୋହନ ସିଂହଙ୍କ ସ୍ମୃତିଚାରଣ ସଭା



ପୁରୀ (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ (ଇନ୍ଦିରା ଭବନ) ରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ଜୟନାରାୟଣ ପଟ୍ଟନାୟକଙ୍କ ଉପସ୍ଥିତିରେ ପୁଷ୍କର ମହାପାତ୍ରଙ୍କ ସଭାପତିତ୍ୱରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତୀୟ ଜାତୀୟ କଂଗ୍ରେସର ଯଶସ୍ୱୀ ନେତା ପ୍ରଚଣ୍ଡ ଅର୍ଥନୀତିଜ୍ଞ ସ୍ୱର୍ଗତ ମନମୋହନ ସିଂହଙ୍କ ବିୟୋଗରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ସଭାରେ ସ୍ୱର୍ଗତ ପୂର୍ବତନ ପ୍ରଧାନମନ୍ତ୍ରୀ ଦେଶକୁ ଦେଇଥିବା ଦୀର୍ଘଦିନର ସୁଶାସନ ଓ ଦେଶ ପ୍ରତି ଅବଦାନ ଅତୁଳନୀୟ । ତାଙ୍କ ଶାସନ କାଳରେ ଦେଶର ସବୁ ବର୍ଗର ଲୋକଙ୍କ ପାଇଁ ଶାସନ ଖସଡ଼ା ପ୍ରତ୍ୟେକ ନାଗରିକ ଅନୁଭବ କରୁଛନ୍ତି ଓ କରୁଥିବେ ମଧ୍ୟ । ଖାଦ୍ୟ ସୁରକ୍ଷା ଯୋଜନା, ମନରେଗା, ଆଧାର କାର୍ଡ, ଜାତୀୟ ସ୍ୱାସ୍ଥ୍ୟ ଆଇନ୍, ଜାତୀୟ ସୂଚନା ଅଧିକାର ଆଇନ୍ , ମହିଳା ସଶକ୍ତି କରଣ ଓ ୧୦୮ ଭଳି ଅନେକେ ଲୋକହିତକାରୀ କାର୍ଯ୍ୟକ୍ରମ ନିମନ୍ତେ ଏ ଦେଶବସୀ ତାଙ୍କ ପାଖରେ ଚିର ଋଣୀ । ବିଶେଷ କରି ତାଙ୍କର ଓଡିଶା ପ୍ରତି ଅବଦାନ ଓ ପୁରୀ ଶ୍ରୀ ଜଗନ୍ନାଥ ମେଡ଼ିକାଲ କଲେଜ ପ୍ରତିଷ୍ଠା ନିମନ୍ତେ ଅବଦାନ ଅତୁଳନୀୟ ବୋଲି ଅତିଥି ମାନେ କହିଥିଲେ । ଶୋକସଭାରେ ବରିଷ୍ଠ କଂଗ୍ରେସ ନେତା ପ୍ରସାଦ ହରିଚନ୍ଦନ, ଉତ୍ତମ କୁମାର ଆଚାର୍ଯ୍ୟ, ରାଜେଶ କୁମାର ମିଶ୍ର, ପ୍ରେମାନନ୍ଦ ମହାନ୍ତି, ବିଦୁଲତା ଆଚାର୍ଯ୍ୟ,ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, ସିଦ୍ଧାର୍ଥ ରାଉତରାୟ, ମନୋଜ କୁମାର ରଥ, ନିରଞ୍ଜନ ରଥ,ଅମରେନ୍ଦ୍ର ପାଇକରାୟ, ବିଶ୍ୱନାଥ ଦାଶ, ସୁକାନ୍ତ କୁମାର ପ୍ରଧାନ, ନିରଞ୍ଜନ ମିଶ୍ର, କାଳୀ ପ୍ରସାଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଜୋର୍ ଧରିଲା ନୂତନ ବ୍ଲକ୍ ଗଠନ ଦାବି



ଭଦ୍ରେଶ୍ୱର (ଭାସ୍କର ନ୍ୟୁଜ): ମାହାଙ୍ଗା ବ୍ଲକର ପୂର୍ବ ମାହାଙ୍ଗା ଠାରେ ଥିବା ସମସ୍ୟା ବହୁଳ ଭଦ୍ରେଶ୍ୱର ଠାରେ ଏକ ନୂତନ ବ୍ଲକ ଗଠନ ନିମନ୍ତେ ଦାବି ଜୋର ଧରିଛି । ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଓ ମୁରବୀ ବୈଠକର ଆୟୋଜନ କରିଥିଲେ । ବୈଠକରେ ସମାଜସେବୀ ପବିତ୍ର ମୋହନ ପ୍ରଧାନ ସଭାପତିତ୍ୱ କରିଥିଲେ । ଭଦ୍ରେଶ୍ୱରରେ ଏକ ସରକାରୀ ଡାକ୍ତରଖାନା, ଥାନା, ପ୍ରସିଦ୍ଧ ବୀର ଭଦ୍ରେଶ୍ୱରଙ୍କ ମନ୍ଦିର ସମେତ ବିଭିନ୍ନ ଜାତୀୟକରଣ ବ୍ୟାଙ୍କ, ଝାଡେଶ୍ୱରପୁର ମହାବିଦ୍ୟାଳ, ବିଦ୍ୟାଳୟ ରହିଛି । ଏହି ଅଞ୍ଚଳଟି ବ୍ୟବସାୟର ଏକ ପେଣ୍ଠସ୍ଥଳୀରେ ପରିଣତ ହୋଇଛି । ସ୍ଥାନୀୟ ୧୦-୧୫ଟି ଗ୍ରାମପଞ୍ଚାୟତର ଶହ ଶହ ଲୋକ ବଜାର ଉପରେ ବ୍ୟବସାୟ, ଦେଣନେଣ ଶିକ୍ଷା, ସ୍ୱାସ୍ଥ୍ୟ ସେବା ନିମନ୍ତେ ନିର୍ଭର କରିଥାନ୍ତି । ଅଞ୍ଚଳଟି ମାହାଙ୍ଗା ବ୍ଲକଠାରୁ ପ୍ରାୟ ୨୦ କିମି ଦୂର ଅଟେ । ବିଭିନ୍ନ ସମସ୍ୟା ଓ ଦାବି ନେଇ ଲୋକେ ମାହାଙ୍ଗା ବ୍ଲକକୁ ଯିବା ନିମନ୍ତେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେବା ସହ ଆର୍ଥିକ କ୍ଷତିର ସମ୍ମୁଖିନ ହୋଇଥାନ୍ତି । ମାହାଙ୍ଗା ବ୍ଲକଟି ୩୭ଟି ଗ୍ରାମପଂଚାୟତକୁ ନେଇ ଗଠିତ । ପ୍ରଶାସନ ତରଫରୁ ଭୌଗୋଳିକ ଦୃଷ୍ଟି କୋଣକୁ ଆଖି ଆଗରେ ରଖି ଭଦ୍ରେଶ୍ୱରରେ ଏକ ନୂତନ ବ୍ଲକ ଗଠନ ନିମନ୍ତେ ଉପସ୍ଥିତ ବୁଦ୍ଧିଜୀବୀ ଓ ମୁରବୀମାନେ ଦାବି କରିଥିଲେ । ଏସମ୍ପର୍କରେ ସ୍ଥାନୀୟ ଲୋକେ ମାନ୍ୟବର ମୁଖ୍ୟମନ୍ତ୍ରୀ, ରାଜସ୍ୱମନ୍ତ୍ରୀ, ସର୍ବୋପରି କଟକ ଜିଲ୍ଲାପାଳଙ୍କ ଓ ମାହାଙ୍ଗା ସ୍ୱାଧିନ ବିଧାୟକଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି ।

# ମହିଳାଙ୍କ ସନ୍ଦେହ ଜନକ ମୃତ୍ୟୁ, ସ୍ୱାମୀ କୋର୍ଟଚାଲାଣ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରେ ଘଟିଥିବା ମହିଳାଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟଣାରେ ଥାନା ପୋଲିସ ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି । ପ୍ରାୟ ୧୭ ବର୍ଷ ତଳେ ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ଗ୍ରାମପଂଚାୟତ ରିଶୋ ଗ୍ରାମର ଶିଶିର କୁମାର ସ୍ୱାଇଁ ତାଙ୍କର କନ୍ୟା ବନ୍ଦିତା ଅର୍ଚ୍ଚନା କୁ ଜିଗ୍ନିପୁର ଗ୍ରାମପଂଚାୟତ ମହାଜନପୁର ଗ୍ରାମର ନିରଞ୍ଜନ ଲେଙ୍କାଙ୍କ ସହ ବୈଦିକ ରୀତିରେ ବିବାହ ଦେଇଥିଲେ । ତେବେ ଗତ କିଛି ଦିନ ହେଲା ବିଭିନ୍ନ ଘଟଣାକୁ ନେଇ ତାଙ୍କ ପରିବାରରେ ଅଶାନ୍ତିର ଝଡ ସୃଷ୍ଟି ହୋଇଥିଲା । ଗତକାଲି ସନ୍ଦେହ ଜନକ ଅବସ୍ଥାରେ ପୋଲିସ ମହିଳାଙ୍କ ଝୁଲନ୍ତା ଶବକୁ ଜବତ କରିଥିଲା । ଏସମ୍ପର୍କରେ ମହିଳାଙ୍କ ପିତା ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ଥାନା କେଶ ନଂ ୩/୨୦୨୫ରେ ପୋଲିସ ଏକ ମାମଲା ରୁଜୁ କରିଥିଲା । ଏହି ଘଟଣାରେ ପୋଲିସ ଆଜି ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାର ଆଇଆଇସି ଯୁଗଳ କିଶୋର ଦାସ ପ୍ରକାଶ କରିଛନ୍ତି ।

# ହିନ୍ଦୁ ଏକତା ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧନା ସଭା

ପାରାଦୀପ (ଭାସ୍କର ନ୍ୟୁଜ): ଭାଗବତ ଗୀତାର ପ୍ରଚାର, ପ୍ରସାର ଓ ପ୍ରୋତ୍ସାହନ ପାଇଁ ହିନ୍ଦୁ ଏକତା ମଞ୍ଚ ଭାରତ ଓ ଦେବାଳୟ ବିମୋଚନମ ଉତ୍ତ୍ର ଦେଶ ଟ୍ରଷ୍ଟ ଆନୁକୂଲ୍ୟରେ ଜଗତସିଂହପୁର ଜିଲ୍ଲାଅନୁଷ୍ଠିତ ହୋଇଯାଇଛି । ହିନ୍ଦୁ ଏକତା ମଞ୍ଚ ଭାରତର ରାଜ୍ୟ ସଭାପତି ପ୍ରଦୀପ୍ତ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ଜଗନ୍ନାଥ ସଂସ୍କୃତି ସୁବିଜ୍ଞ ତଥା ପ୍ରାକ୍ତନ ଓଡ଼ିଆ ଭାଷା ସାହିତ୍ୟ ନିର୍ଦ୍ଦେଶକ ଡ଼ଃ. ହରିହର କାନୁନଗୋ ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାଗବତ ଗୀତା ଦୈନିକ ପାଠ କରିବା ଦ୍ୱାରା ଜଣେ ସଂସ୍କାରିତ ହୋଇ ଦେଶର ବିକାଶରେ ସହାୟକ ହୋଇଥାଏ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ସଂଗଠନର ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ସାହୁ, ବ୍ୟାସ ଫାଉଣ୍ଡେସନର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟ, ହିନ୍ଦୁ ଏକତା ମଞ୍ଚ, ଜଗତସିଂହପୁର ଜିଲ୍ଲା କାର୍ଯ୍ୟକାରୀ ସଭାପତି ସୁରେଶ ଚୌଧୁରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୀତାର ମହତ୍ୱ ଏବଂ ନୈତିକ ଗୀତା ପାଠ କରିବା ଦ୍ୱାରା ଜଣେ ବ୍ୟକ୍ତିର କିପରି ଚରିତ୍ର ଗଠନ ଓ ସାମୁହିକ ବିକାଶ ରେ ସହାୟକ ହୋଇଥାଏ ସେ ସମ୍ପର୍କରେ ଆଲୋକପାତ କରିଥିଲେ ।

# ଲଳିତ କଳା ସଂସଦ ପକ୍ଷରୁ ସାଂସ୍କୃତିକ ମହୋତ୍ସବ



ପାରାଦୀପ (ଭାସ୍କର ନ୍ୟୁଜ): ଜଗନ୍ନାଥ ଲଳିତ କଳା ସଂସଦ ପାରାଦୀପ ବନ୍ଦର ପକ୍ଷରୁ ସାଂସ୍କୃତିକ ମହୋତ୍ସବ ୨୦୨୫ ଶନିବାର ଦିନ ଆରମ୍ଭ ହୋଇଛି । ଏହି ମହୋତ୍ସବ ୫ ଦିନ ଧରି ଚାଲିବ ବୋଲି ସୂଚନା ମିଳିଛି । ପାରାଦୀପ ବନ୍ଦର ନଗରୀରେ ଥିବା ସମସ୍ତ ବିଦ୍ୟାଳୟର ଛୋଟଛୋଟ ପିଲାମାନଙ୍କ ଦ୍ୱାରା ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ସମାଜକୁ ବାର୍ତ୍ତା ଦେଲାଭଳି ନାଟକ ମଞ୍ଚସ୍ଥ ହୋଇଥିଲା । ଉଦଘାଟନୀ ସଂନ୍ଧ୍ୟାରେ ଶ୍ରୀ ଅରବିନ୍ଦ ଶିକ୍ଷା କେନ୍ଦ୍ରର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା ନାଟକ ନ୍ତବିଶ୍ୱାସ’ । ନାଟକ ରଚନା ଓ ନିର୍ଦ୍ଦେଶନା ଦେଇଥିଲେ ସିଦ୍ଧାର୍ଥ ସାହୁ । ମୁଖ୍ୟ ଅତିଥି ଭାବେ ପାରାଦୀପ ବନ୍ଦର ଉପ ସଂରକ୍ଷକ କ୍ୟାପଟେନ ଅଲେଖ ସାହୁ ଯୋଗ ଦେଇଥିବା ବେଳେ ବନ୍ଦର ଚିକିତ୍ସାଳୟର ବରିଷ୍ଠ ଉପ ଚିକିତ୍ସା ଅଧିକାରୀ ଡା.ଦୁର୍ଗା ପ୍ରସାଦ ସେଠୀ, ଜଗନ୍ନାଥ ଲଳିତ କଳା ସଂସଦର ସମ୍ପାଦକ ପ୍ରଶାନ୍ତ ମହାରଣା, ନାଟ୍ୟ ନିର୍ଦ୍ଦେଶକ ନିରଞ୍ଜନ ଗାନ୍ ଓ ମଞ୍ଚ ପରିଚାଳନା କରିଥିଲେ ହେମନ୍ତ ମାଝୀ ।

# ଗୋପବନ୍ଧୁ ଅନ୍ଧକଲ୍ୟାଣ ସମିତି ପକ୍ଷରୁ ବସ୍ତ୍ରବଣ୍ଟନ




କଣିହାଁ (ଭାସ୍କର ନ୍ୟୁଜ): ଅନୁଗୋଳ ଜିଲା କଣିହାଁସ୍ଥ ଉତ୍କଳମଣି ଗୋପବନ୍ଧୁ ଅନ୍ଧକଲ୍ୟାଣ ସମିତି ପକ୍ଷରୁ ୫୧ତମ ବାର୍ଷିକ ଶୀତକାଳୀନ ବସ୍ତ୍ର ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ରବିବାର ଦିନ କଣିହାଁ ପ୍ରଜାମଣ୍ଡଳ ଭବନ ପରିସରରେ ସମିତିର ସଭାପତି ସୁଧାକର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବରେ ଏନଟିପିସି, କଣିହାଁ ପ୍ରକଳ୍ପର ମୁଖ୍ୟ ଏକେ ସେହଗଲ , ସମ୍ମାନିତ ଅତିଥି ଭାବରେ ଏଜିଏମ(ଏଚଆର) ସୁଜିତା ରଥ, ସିନିଅର ମ୍ୟାନେଜର (ଏଚଆର) ଜିତେନ୍ଦ୍ର କୁମାର ପ୍ରମୁଖ ଯୋଗଦେଇ ଓଡ଼ିଶାର କୋଣ ଅନୁକୋଣରୁ ଆସିଥିବା ଦୃଷ୍ଟିହୀନ, ଦିବ୍ୟାଙ୍ଗ ଲୋକମାନଙ୍କୁ ଶୀତକାଳୀନ ବସ୍ତ୍ର ବଣ୍ଟନ କରିଥିଲେ । ସଭାରେ ସ୍ୱତନ୍ତ୍ର ଅତିଥି ଭାବରେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ଯୋଗଦେଇ ସମସ୍ତ ଦିବ୍ୟାଙ୍ଗ, ଦୃଷ୍ଟିହୀନଙ୍କ ଶୁଭ ମନାସିଥିଲେ । ଆୟୋଜିତ ସଭାରେ ସମାଜସେବୀ ଧନେଶ୍ୱର ସାହୁ ମଞ୍ଚ ପରିଚାଳନା, ସମିତିର ସଂପାଦକ କାଳନ୍ଦୀ ଚରଣ ପ୍ରଧାନ ସଂପାଦକୀୟ ବିବରଣୀ ପଠନ, ଉଷାରାଣୀ ପ୍ରଧାନ ସ୍ୱାଗତ ସଙ୍ଗୀତ ଓ ଦେବଦତ୍ତ ପ୍ରସାଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଉତ୍ସବରେ ଓଡିଶାର କୋଣ ଅନୁକୋଣରୁ ଆସିଥିବା ୮୩୦ ଦୃଷ୍ଟିହୀନ ଓ ଦିବ୍ୟାଙ୍ଗଙ୍କୁ ବସ୍ତ୍ରବଣ୍ଟନ କରାଯାଇଥିଲା । ଉକ୍ତ ସମସ୍ତ କାର୍ଯ୍ୟକ୍ରମରେ ଦିଲିପ ପ୍ରଧାନ, ସୁନିଲ ପ୍ରଧାନ, ଜଗବନ୍ଧୁ ପ୍ରଧାନ, ରୋହିତ ସାହୁ ,ସମରବଲ୍ଲଭ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ନିମାପଡ଼ା (ଭାସ୍କର ନ୍ୟୁଜ): ନିମାପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶନିବାର ୩୪ତମ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ବିଶିଷ୍ଟ ଅତିଥି ଭାବେ ଜଗତସିଂହପୁର ସାଂସଦ ଡ଼ଃ ବିଭୂପ୍ରସାଦ ତରାଇ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ପ୍ର. ଡ଼ଃ ଜ୍ୟୋତି ରଂଜନ ଦାସଡ଼ିନ୍, ପୁରୀ ଜିଲ୍ଲା ପ୍ରମୁଖ ଶିକ୍ଷା ବିକାଶ ସମିତି ଓଡ଼ିଶା ସୁଦର୍ଶନ ମିଶ୍ର, ସମ୍ମାନିତ ଅତିଥି ଭାବେ ଅଲ୍ ଇଣ୍ଡିଆ ମେଡ଼ିକାଲ ସାଇନ୍ସ ଭୁବନେଶ୍ୱରର ଡ଼ଃ ପ୍ରଭାସ ରଂଜନ ତ୍ରିପାଠୀ, ସଭାପତି ନିର୍ମଳ କୁମାର ମିଶ୍ର, ସଂପାଦକ ରମେଶ ଚନ୍ଦ୍ର ସ୍ୱାଇଁ, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସଂଜୟ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଡ଼ଃ ବିଭୂ ପ୍ରସାଦ ତରାଇ, ପ୍ର. ଡ଼ଃ ଜ୍ୟୋତିରଂଜନ ଦାସ, ସୁଦର୍ଶନ ମିଶ୍ର, ପ୍ର. ଡ଼ଃ ପ୍ରଭାତ ରଂଜନ ତ୍ରିପାଠୀଙ୍କୁ ମାନପତ୍ର ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ତତ୍ ସହିତ ସ୍ୱର୍ଗତ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ବିଦ୍ୟାଳୟର ଭୂମିଦାତା ଭବାନୀ ଚରଣ ପଟ୍ଟନାୟକଙ୍କ ସୁପୁତ୍ର ସୁଭାଷ ଚନ୍ଦ୍ର ପଟ୍ଟନାୟକଙ୍କୁ ଉତରୀୟ ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟର ପୁରାତନ ଛାତ୍ରୀ ପ୍ରିଙ୍କଲ ପରବିନ୍ ପରିଡ଼ା ଓପିଏସ୍‌ସି ପରୀକ୍ଷାରେ ୨ୟ ସ୍ଥାନ ଅଧିକାର କରିଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରକୃତି ମିତ୍ର ସମ୍ମାନରେ ସୁଶାନ୍ତ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାସହ ପଠାଣୀ ସାମନ୍ତ ମେଧାବୃତି, ନବମ ଏନାର୍ଟିସ୍, ସରକାରୀ ବୃତି ୩ୟ ଓ ୫ମ ପ୍ରାଦେଶିକ ମେଧା ପୁରସ୍କାର ପ୍ରଦାନ କରାଯାଇଥିଲା ।

# ମୁଣ୍ଡମୁହାଁଣ ସ୍କୁଲରେ ପୁରାତନ ଛାତ୍ରଙ୍କ ଦ୍ୱାରା ଗୁରୁପୂଜନ ଓ ସମ୍ବର୍ଦ୍ଧନା ସଭା




ବାରଙ୍ଗ(ଭାସ୍କର ନ୍ୟୁଜ): ବାରଙ୍ଗ ବ୍ଲକ ଅନ୍ତର୍ଗତ ମୁଣ୍ଡମୁହାଁଣ ଉଚ୍ଚବିଦ୍ୟାଳୟର ୧୯୯୨ ବ୍ୟାଚ୍ ଆନୁକୂଲ୍ୟରେ ପୂଜ୍ୟାପୂଜାର ପରମ୍ପରାକୁ ପାଥେୟ କରି ଏକ ଗୁରୁପୂଜନ ସମ୍ବର୍ଦ୍ଧନା ଉତ୍ସବ ମୁଣ୍ଡମୁହାଣ ସେବାଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀଙ୍କ ପ୍ରତିନିଧି ରଞ୍ଜନ କୁମାର ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଭରତ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଆମ ସଂସ୍କୃତି ଓ ଆମ ପରମ୍ପରାର ମହନୀୟ ଗୁଣବ[illegible] ଉପରେ ଆଲୋକପାତ କରିଥିଲେ । ଆଞ୍ଚଳିକ ରାମଲୀଳା ସମିତିର କାର୍ଯ୍ୟକାରୀ ସଭାପତି ତଥା ଭାରତୀୟ ରେଡ କ୍ରସ ସୋସାଇଟିର ଆଜୀବନ ସଦସ୍ୟ ସୁରେଶ ମହାନ୍ତି ସମ୍ମାନନିୟ ଅତିଥି ଭାବରେ ଯୋଗଦାନ କରି ଆମର ଜନ୍ମଦାତା ପିତାମାତା ଆମର ଚଳନ୍ତି ଦେବତା ବୋଲି ପ୍ରତିପାଦିତ କରିଥିଲେ । ମୁଖ୍ୟବକ୍ତା ଭାବରେ ପ୍ରାକ୍ତନ ଶିକ୍ଷକ ଅନନ୍ତ ଚରଣ ଘଡେଇ ଯୋଗଦେଇ ଗୁରୁ ଶିଷ୍ୟ ପରମ୍ପରା ସମ୍ବନ୍ଧରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଶିକ୍ଷୟିତ୍ରୀ ବାସନ୍ତୀ ପଣ୍ଡା, ସଂସ୍କୃତ ଶିକ୍ଷକ ଶରତ ଚନ୍ଦ୍ର ନାୟକ, ଅଭିନ୍ନ ଚନ୍ଦ୍ର ଦାସ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁଜନ କୁମାର ରାଉତ ଏବଂ ବିକଳ ଚରଣ ବରାଳ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ । ଇତ୍ୟବସରରେ ସମସ୍ତ ଗୁରୁଜୀ ଓ ଗୁରୁମା’ ଏବଂ ବିଦ୍ୟାଳୟର ପ୍ରାକ୍ତନ କର୍ମଚାରୀଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ଉତ୍ତରୀୟ ସହ ସମ୍ବର୍ଦ୍ଧିତ କରାଯାଇଥିଲା । ୧୯୯୨ ମସିହା ବ୍ୟାଚର ଛାତ୍ର ସୁକୁମାର ବସ୍ତିଆ, ସୁବାଷ ଚନ୍ଦ୍ର ବାରିକ, ନରେଶ ମହାନ୍ତି, ତପନ ରାଉତ, ଦେବେନ୍ଦ୍ର ରାଉତ, ଅନିଲ ନାୟକ, ନିଶାକର ସ୍ୱାଇଁ, ସ୍ୱପ୍ନାରାଣୀ ରାଉତ, ମାମିନା ଜେନା, ଝୁନୁ ରାଉତ ଓ ସ୍କୁଲର ପୁରାତନ ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।

# ଚାଷ ଜମିକୁ ଶୁଖିଲା ଦର୍ଶାଇ ବନ୍ଧକକୁ ନିଲାମ କରୁଛି ବ୍ୟାଙ୍କ

ନିମାପଡ଼ା (ଭାସ୍କର ନ୍ୟୁଜ): ସରକାର କୃଷକମାନଙ୍କୁ ଫସଲ ଉତ୍ପାଦନ କରିବା ପାଇଁ କମ୍ ସୁଧରେ ଆର୍ଥିକ ସହାୟତା ଯୋଗାଇ ଦେଉଥିବା ପ୍ରଚାର କରୁଛନ୍ତି । ରାଜ୍ୟ ସରକାରଙ୍କ କୃଷକଙ୍କୁ ବିଭିନ୍ନ ଚାଷ କ୍ଷେତ୍ରରେ ବିଭିନ୍ନ ଆର୍ଥିକ ସହାୟତା କରୁଥିବା ବେଳେ ବ୍ୟାଙ୍କ ଗୁଡ଼ିକ ସରକାରଙ୍କ ନିର୍ଦ୍ଦେଶକୁ ଅବମାନନା କରି ବନ୍ଧକ ଥିବା ଜମିକୁ ନିଲାମ କରି ଦେଉଛନ୍ତି । ଚାଷ ହେଉଥିବା ଜମିକୁ ଯଦି ଋଣ ଲଗାଣ ସଂସ୍ଥା କିମ୍ବା ବ୍ୟାଙ୍କରେ ବନ୍ଧକ ଥାଏ ସେହି ଜମିକୁ ବ୍ୟାଙ୍କ ନିଲାମ କରିପାରିବ ନାହିଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି । ନିମାପଡ଼ା ଅଞ୍ଚଳର ଜଣେ ଗରୀବ କ୍ଷୁଦ୍ର ଚାଷୀ ଜମି ବନ୍ଧକ ରଖି ଏବଂ ୩ ଲକ୍ଷ ଟଙ୍କାର ଫିକ୍ସ ଜମା ରଖି ବ୍ୟାଙ୍କରୁ କୃଷି ଋଣ ଆଣିଥିଲେ । ଋଣ ସୁଝିବା ପାଇଁ ଋଣ ନେଇଥିବା କୃଷକ ଉଦ୍ୟମ ଚଳାଇଥିବା ବେଳେ ବ୍ୟାଙ୍କ ବିଭିନ୍ନ ଆଳ ଦେଖାଇ ବ୍ୟାଙ୍କରେ ବନ୍ଧକ ରଖିଥିବା ଜମିକୁ ଶାଗ, ମାଛ ଦରରେ ନିଲାମ କରି ଦେଇଥିବାରୁ ଚାଷୀ ଜଣକ ଡ଼େବିଟ୍ ରିକଭରୀ ଟ୍ରିବ୍ୟୁନାଲ, କଟକଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଋଣ କରିଥିବା ଗରୀବ କୃଷକ ଜଣଙ୍କର ଜମି ନିଲାମ ହୋଇଯାଇ ଥିବାରୁ ୬ ପ୍ରାଣୀ କୁଟୁମ୍ବ କୋଉଠି ରହିବେ ଚିନ୍ତା କରି ହୃଦ୍‌ଘାତରେ ଆକ୍ରାନ୍ତ ହୋଇ ଚାଷୀ ଜଣଙ୍କ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ନିମାପଡ଼ା ବ୍ଲକ୍ ଡେରୁଣ୍ଡିଆ ଗ୍ରାମର ଜଟାଧାରୀ ନାୟକ ନାମକ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କର ଥିବା ୪ ଏକର ଜମି ଏବଂ ୩ ଲକ୍ଷ ଟଙ୍କାର ମିଆଦି ଜମା ସେତେବେଳର ବ୍ୟାଙ୍କ ନାମ ଥିବା ନୀଳାଚଳ ଗ୍ରାମ୍ୟ ବ୍ୟାଙ୍କ ବର୍ତ୍ତମାନର ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରେ ବନ୍ଧକ ରଖି ୨୦୧୨ ମସିହାରେ ୨୧ ଲକ୍ଷ ଟଙ୍କା ଋଣ ନେଇଥିଲେ । କୁକୁଡ଼ା ଚାଷ ଏବଂ ଗୋପାଳନ ପାଇଁ କୃଷିଭିତ୍ତିକ ଯୋଜନା ଅନୁସାରେ ଋଣ ଟଙ୍କା ବିନିଯୋଗ ହେବ ବୋଲି ନୀଳାଚଳ ଗ୍ରାମ୍ୟ ବ୍ୟାଙ୍କ ସହ ଚୁକ୍ତି ହୋଇଥିଲା । ବ୍ୟାଙ୍କରୁ ଋଣ ନେବା ପରେ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଓ ବିଭିନ୍ନ କାରଣରୁ ଜଟାଧାରୀ ନାୟକ ଟଙ୍କା ଦେଇପାରି ନଥିଲେ ଏବଂ କିସ୍ତି ଦେଇ ନ ପାରିବାରୁ ବ୍ୟାଙ୍କ ଋଣ ଖିଲାପକାରୀ ଦର୍ଶାଇ ମୂଳ ଟଙ୍କା ସୁଧ ମିଶାଇ ୫୪ ଲକ୍ଷ ୫୦ ହଜାର ଟଙ୍କା ଋଣ ଟଙ୍କା ଆଦାୟ କରିବା ପାଇଁ ନୋଟିସ୍ କରିଥିଲା । ଚାଷୀ ଜଟାଧାରୀ ନାୟକ ହାଇକୋର୍ଟର ଦ୍ୱାରସ୍ଥ ହୋଇ ସମୟ ମାଗିଥିଲେ । ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଗୋଟିଏ ଥର ୨ ଲକ୍ଷ ଏବଂ ଦ୍ୱିତୀୟ ଥର ୩ ଲକ୍ଷ ଏଭଳି ମୋଟ ୫ ଲକ୍ଷ ଟଙ୍କା ଜମା କରିଥିଲେ । କିନ୍ତୁ ଜଟାଧାରୀଙ୍କ ସଞ୍ଚୟ ଜମା ଖାତାରେ ୩୫ ଲକ୍ଷ ଟଙ୍କା ଜମା ରହିଛି, ମାତ୍ର ବ୍ୟାଙ୍କ ଜଟାଧାରୀ ନାୟକଙ୍କ ଜମି ଚାଷ କାର୍ଯ୍ୟରେ ବନ୍ଧକ ଥିବା ଜମି ଚାଷ କାର୍ଯ୍ୟରେ ବ୍ୟବହାର ନ ହୋଇ ପଡ଼ିଆ ପଡ଼ିଛି ଦର୍ଶାଇ ୩୩ ଲକ୍ଷ ୫୧ ହଜାର ଟଙ୍କାରେ ବ୍ୟାଙ୍କ ଚାଷ ଜମିକୁ ନିଲାମ କରିଛି । ନିଲାମ ବେଳେ ଜଣେ ମାତ୍ର ମହିଳା ନିଲାମ ବିଡ଼ ଦାଖଲ କରିଥିଲେ । ବ୍ୟାଙ୍କ ଉଦ୍ଦେଶ୍ୟମୂଳକ ଭାବେ ଋଣ ଖିଲାପକାରୀ କୃଷକ ଜଟାଧାରୀ ନାୟକଙ୍କୁ ନିଲାମରେ ଭାଗ ନେବା ପାଇଁ ସୁଯୋଗ ନ ଦେଇ ନିଲାମରେ ଭାଗ ନେଇଥିବା ଏକମାତ୍ର ମହିଳାଙ୍କୁ ନିଲାମଧାରୀ ଭାବେ ରଖି ବନ୍ଧକ ଜମିକୁ ୩୩ ଲକ୍ଷ ୫୦ ହଜାର ଟଙ୍କାରେ ବିକ୍ରି କରି ଦେଇଛନ୍ତି । ଅନ୍ୟପଟେ ସରଫାସି ଆଇନ ଅନୁସାରେ ବନ୍ଧକ ଥିବା ଜମିକୁ ଚାଷ କାର୍ଯ୍ୟରେ ବ୍ୟବହୃତ ହେଉଥିଲେ ସେକ୍ସନ ୩୧ କୃଷି ଆଇନ ଅନୁସାରେ ବ୍ୟାଙ୍କ ନିଲାମ କରିପାରିବ ନାହିଁ ବୋଲି ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ ସ୍ପଷ୍ଟ ନିର୍ଦ୍ଦେଶ ରହିଛି । ପ୍ରତ୍ୟେକ୍ଷ ଭାବେ ଅନୁସନ୍ଧାନରୁ ଜଣାପଡ଼ିଛି, ଉକ୍ତ ଜମିରେ ଧାନ, ମୀନ ଏବଂ ପରିବା ଇତ୍ୟାଦି ଚାଷ କରାଯାଉଥିବା ଦେଖିବାକୁ ମିଳିଛି । ମାତ୍ର ଜମି ପଡ଼ିଆ ପଡ଼ିଛି ବୋଲି ଦର୍ଶାଇ ବ୍ୟାଙ୍କ ଉଚ୍ଚତମ ନ୍ୟାୟାଳୟର ନିର୍ଦ୍ଦେଶକୁ ଅବମାନନା କରିଛି । ବ୍ୟାଙ୍କ କରିଥିବା ନିଲାମ ପ୍ରକ୍ରିୟା ଅସାମ୍ବିଧାନିକ ଅଟେ । ଗ୍ରାମ୍ୟ ବ୍ୟାଙ୍କ ଅନେକ ଚାଷୀଙ୍କୁ ନାଲି ଆଖି ଦେଖାଇବା ସହ ବିଭିନ୍ନ ସମୟରେ ଧମକ ପୂର୍ଣ୍ଣ ବ୍ୟବହାର କରି ଆସୁଛି । ବ୍ୟାଙ୍କରେ ଥିବା ସୁରକ୍ଷା କର୍ମୀ ମଧ୍ୟ ଗ୍ରାହକମାନଙ୍କୁ ଦୁର୍ବ୍ୟବହାର କରୁଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର




କଣ୍ଣାପଡ଼ା, (ଭାସ୍କର ନ୍ୟୁଜ୍ ) : କଣ୍ଣାପଡା ତହସିଲ କାର୍ଯ୍ୟାଳୟ ପରିଚାଳିତ ହେଉଛି ଦଲାଲଙ୍କ ଦ୍ୱାରା, ଟଙ୍କା ନଦେଲେ ଲୋକଙ୍କ କାମ କରିବା ଦୂରର କଥା ଅଫିସ କାର୍ଯ୍ୟାଳୟ ଆସିବାକୁ ମନା କରିଦେଉଛନ୍ତି। ଏଭଳି ସାଙ୍ଘାତିକ ଅଭିଯୋଗ ଆସିଛି ତହସିଲ କାର୍ଯ୍ୟାଳୟ ନାମରେ। ଏଠାରେ ଥିବା ତହସିଲଦାର ଦିନ ୧୨ଟା ସୁଦ୍ଧା କାର୍ଯ୍ୟାଳୟକୁ ଆସୁନଥିବା ଅଭିଯୋଗ ହୋଇଛି। ଏହି କାର୍ଯ୍ୟାଳୟରେ ଡାଟା ଅପରେଟର କାମ କରୁଥିବା ଜଣେ କର୍ମଚାରୀ ଫୋନ ପେ' ମାଧ୍ୟମରେ ଟଙ୍କା ନେଉଥିବାର ପ୍ରମାଣ ମଧ୍ୟ ଅଛି। ସମ୍ପୃକ୍ତ କର୍ମଚାରୀ ଜଣକ ମୁହଁ ଟାଣ ଦେଖାଇ ତୁମର ଯାହା କରିବାର ଅଛି ତାହା କର ବୋଲି କହି ଧମକ ଦେଉଛି। ଯାହାକୁ ନେଇ ଉକ୍ତ କାର୍ଯ୍ୟାଳୟରେ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେଉଛି। ଏଠାରେ ପ୍ରଶ୍ନ ଉଠୁଛି ଏହି ବ୍ୟକ୍ତି ଜଣକ କାହା ଛତ୍ର ଛାୟା ତଳେ ରହି ଏଭଳି ସାଙ୍ଘାତିକ କାମ କରିବାକୁ ପଛାଉ ନାହିଁ। ଯଥା ଶୀଘ୍ର ଉକ୍ତ ବ୍ୟକ୍ତିକୁ ବଦଳି କରାଇବା ସହିତ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ହେଉଛି।



# ଉତ୍କଳ ଶ୍ରୀ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

## ଉତ୍କଳ ଶ୍ରୀ ହେଲେ ହେମନ୍ତ ଭୋଇ, ଶୁଭଙ୍କର ରାଉତ ଓ ଅନୁପମା ସ୍ୱାଇଁ



ବେଲପାହାଡ଼, ( ଭାସ୍କର ନ୍ୟୁଜ୍ ): ଝାରସୁଗୁଡ଼ା ଜିଲା ବେଲପାହାଡ଼ ବଡି ବିଲ୍ଡିଂ ଆଣ୍ଡ ପାୱାର ଲିଫ୍ଟିଂ ଆସୋସିଏସନ୍ ପକ୍ଷରୁ ସ୍ଥାନୀୟ ଜୁବୁଲି ହଲଠାରେ ରାଜ୍ୟସ୍ତରୀୟ 'ଉତ୍କଳ ଶ୍ରୀ' ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ବଡି ବିଲ୍ଡିଂ ଆସୋସିଏସନ୍ ସହଯୋଗିତାରେ ଏହା ଅନୁଷ୍ଠିତ ହେଉଛି । ଏଥିରେ ସମଗ୍ର ଓଡ଼ିଶାରୁ ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଶନିବାର ପ୍ରଥମ ସନ୍ଧ୍ୟାରେ ମେନ୍ସ ଫିଜିକ୍ସ ୧୬୫ ସେଣ୍ଟିମିଟର ଉଚ୍ଚତାରୁ କମ୍ ବିଭାଗରେ ହେମନ୍ତ ଭୋଇ ପ୍ରଥମ, ନାରାୟଣ ବୋଷୋଇ ଦ୍ୱିତୀୟ, ଦୀପକ ରଞ୍ଜନ ଜେନା ତୃତୀୟ, କେ. ରାମୁ ରେଡ୍ଡୀ ଚତୁର୍ଥ ଓ ଦେବ ଶର୍ମା ପଞ୍ଚମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ମେନ୍ସ ଫିଜିକ୍ସ ୧୬୫ ସେଣ୍ଟି ମିଟର ଉଚ୍ଚତାରୁ ଅଧିକ ବିଭାଗରେ ଶୁଭଙ୍କର ରାଉତ ପ୍ରଥମ, ନରହରି ସାହୁ ଦ୍ୱିତୀୟ ଓ ଦୀପ୍ତି ରଞ୍ଜନ ସାମନ୍ତରାୟ ତୃତୀୟ, ପ୍ରସାଦ ଭବାନୀ ଶଙ୍କର ସାହୁ ଚତୁର୍ଥ ଓ ଜିତେନ୍ଦ୍ର ବାରିକ ପଞ୍ଚମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ବଡି ବିଲ୍ଡିଂ ମହିଳା ବର୍ଗରେ ମୋଟ ୬ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ସେଥିରୁ ଅନୁପମା ସ୍ୱାଇଁ ପ୍ରଥମ, ସୁନିତାରାଣୀ ବେଶ୍ରା ଦ୍ୱିତୀୟ, ପିଙ୍କି ବେହେରା ତୃତୀୟ, ଡା. ସ୍ମିତି ପାଢ଼ୀ ଚତୁର୍ଥ ଓ ପୁଷ୍ପଲତା ପଣ୍ଡା ପଞ୍ଚମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଏଥିରେ ମନୋନୀତ ପ୍ରତିଯୋଗୀମାନେ ଆଗାମୀ ଜାତୀୟ ସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି କୁହାଯାଉଛି। ବିଚାରକ ଭାବେ ପ୍ରସନ୍ନ ମହାସ୍ୱର, ତରୁଣ ଚଟାର୍ଜୀ, ବିରଞ୍ଚି ମିଶ୍ର, ସଞ୍ଜୟ ଶତପଥୀ, ଅଜୟ ମହାପାତ୍ର, ଉମା ଶତପଥୀ, ମନମଥ ମିଶ୍ର, ରାଜେଶ ଆଚାରୀ, ବାବୁଲି ସ୍ୱାଇଁ, ପ୍ରଫୁଲ୍ଲ ଚନ୍ଦ୍ର ଗୁରୁ ପ୍ରମୁଖ ଯୋଗଦେଇ ପ୍ରତିଯୋଗିତା ଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ଅତିଥିଙ୍କ ଗହଣରେ ଡ. ସନ୍ତୋଷ ମିଶ୍ର, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ରାଜକିଶୋର ରାଉତ, ଆରତୀ ପ୍ରଧାନ, ଅଖିଳ ସ୍ୱାଇଁ, ସନ୍ତୋଷ ମହାନ୍ତି, ଶ୍ରୀକାନ୍ତ ରାଏ, ହିତେଶ ଠକ୍କର, ତେଜରାଜ ସାହୁ, ବିପ୍ଳବ ଅଗ୍ରୱାଲ, ବିଶ୍ୱଜିତ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଆୟୋଜକ ବେଲପାହାଡ଼ ବଡି ବିଲ୍ଡିଂ ଆଣ୍ଡ ପାୱାର ଲିଫ୍ଟିଂ ଆସୋସିଏସନର ମୁଖ୍ୟ ପୃଷ୍ଠପୋଷକ ଡ଼ା. ଅନୀଲ ନାୟକ, ସଭାପତି ମନୋଜ ମହାନ୍ତି, ଉପସଭାପତି ବିକାଶ ମହାନ୍ତି, ସୁରଜ ମହାରାଜ, ସାଧାରଣ ସମ୍ପାଦକ ଶିବରାମ ମହାରଣା, କୋଷାଧ୍ୟକ୍ଷ ଦୀପକ ମହାନ୍ତି, ଉପଦେଷ୍ଟା ରାଜକିଶୋର ରାଉତ, ସ୍ମୃତିରଞ୍ଜନ ପ୍ରଧାନ, ଶକ୍ତିକାନ୍ତ ମହାପାତ୍ରଙ୍କ ସମେତ ଗଜେନ୍ଦ୍ର ରାଉତ, କୁବେର ସାହୁ, ଲିଙ୍ଗରାଜ ମହାରଣା, ସଞ୍ଜୟ ପ୍ରଧାନ, ଦୀନେଶ କରାଲୀ, ପ୍ରଶାନ୍ତ ଦାସ, ଦେବେନ୍ଦ୍ର ରାଉତ, ଶୁଭେନ୍ଦୁ ପଟ୍ଟନାୟକ, ସଞ୍ଜୟ ମହାନ୍ତି, କେଶବ ଖମାରୀ, ନରେଶ ବାରିକ ପ୍ରମୁଖ ଆୟୋଜନରେ ପ୍ରମୁଖ ଦାୟିତ୍ୱ ନିର୍ବାହ କରୁଛନ୍ତି।

# ଅବହେଳିତ ରୂପେ ନିଶାର ଫାର୍ମ



ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍ ) : କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ନିଶାର ଗ୍ରାମ ପାଖରେ ଥିବା ଉଦ୍ୟାନ ବିଭାଗର ଫାର୍ମ ଅବହେଳିତ ରୂପେ ପଡି ରହିଛି। ଉକ୍ତ ଫାର୍ମ ୪୦ ଏକର ଜମିରେ ରହିଥିବା ବେଳେ ବିଭିନ୍ନ ସମସ୍ୟାକୁ ନେଇ ବର୍ତ୍ତମାନ ୧୫ ଏକର ଜମି ଶୁଖିଲା ପଡିଛି। ଉକ୍ତ ଫାର୍ମରେ ଆମ୍ବ, ଲିଚୁ, ପିଜୁଳି, ଗୋଲ ମରିଚ, ପଣସ, ତେଜପତ୍ର ଓ ଗେଣ୍ଡୁ ଚାରା ପ୍ରସ୍ତୁତ ହେଉଥିବା ବେଳେ ଅଦା, ଆଳୁ, ଫୁଲ କୋବି, ବାଇଗଣ ଚାଷ ମଧ୍ୟ ହେଉଛି। ଏଠାରୁ ବର୍ଷକୁ ଷାଠିଏରୁ ସତୁରି ହଜାର ଆମ୍ବ ଚାରା, ଦଶରୁ ପନ୍ଦର ହଜାର ପଣସ ଚାରା,ଦୁଇରୁ ତିନି ହଜାର ଲିଚୁ ଓ ତେଜ ପତ୍ର ଚାରା ବାହାର ଜିଲ୍ଲାକୁ ରପ୍ତାନି ହେଉଛି। ହେଲେ ପାଇଁ ପାଣି ପାଇଁ ସବୁ କ୍ଷେତ୍ରରେ ସମସ୍ୟା ଉପୁଜିଛି। ଏଥି ସହ ଫାର୍ମ ପାଖକୁ ଯିବା ପାଇଁ ରାସ୍ତାର ସୁବିଧା ସହିତ କର୍ମଚାରୀଙ୍କ ରହିବା ପାଇଁ କୌଣସି ସୁବିଧା ନଥିବାରୁ ପୁରୁଣା ଘରେ ରହି ସମସ୍ତ କାମ ଚାଲିଛି। ସେହିପରି ବର୍ଷ ସାରା ଭୋଜି ଭାତ ପାଇଁ ଅଞ୍ଚଳର ବିଭିନ୍ନ ସରକାରୀ ଓ ବେସରକାରୀ ଲୋକଙ୍କ ସୁଅ ଛୁଟୁଥିବା ବେଳେ ଭିତରେ ବି ସେମିତି କିଛି ସୁବିଧା ନାହିଁ। ଲକ୍ଷ୍ମୀପୁର କୋଡୀଙ୍ଗା ମାଳି ପାହାଡରୁ ଖଣି ଉତ୍ତୋଳନ କରି ଓଡିଶା ଖଣି ନିଗମ ଲାଭବାନ ହେଉଥିବା ବେଳେ ଖଣି ପ୍ରଭାବିତ ଅଞ୍ଚଳରେ ରାଜ୍ୟ ସରକାରଙ୍କ ଏହି ବିଭାଗ ପ୍ରତି କାହାରି ନଜର ଯାଉନି। ଅସି ଦଶକରେ ଉକ୍ତ ଫାର୍ମର ଅବସ୍ଥା ଓ ବର୍ତମାନର ଅବସ୍ଥା ମଧ୍ୟରେ ଆକାଶ ପାତାଳ ଫରକ ଦେଖା ଦେଇଛି। ସେଇ ସମୟରେ ଫାର୍ମର ପ୍ରାକୃତିକ ସୌନ୍ଦର୍ଯ୍ୟକରଣକୁ ନେଇ ଲୋକଙ୍କ ଗହଳି ଚହଳି ଲାଗି ରହୁଥିଲା। ଏବେ ଫାର୍ମ ଭିତରେ ଭୋଜିଭାତର ଆୟୋଜନ ପାଇଁ ଗହଳି ହେଉଛି। ଏହି ଫାର୍ମ ସମସ୍ତଙ୍କ ଜରୁରତ କାର୍ଯ୍ୟ ପରିପୂର୍ଣ କରୁଥିବା ବେଳେ ସେମିତି କୌଣସି ସୁବିଧା ଉପଲବ୍ଧ ନାହିଁ। ତେଣୁ ସାର୍ବସାଧାରଣଙ୍କ ଦୃଷ୍ଟି କୋଣରୁ ନିଶାର ଫାର୍ମରେ ସମସ୍ତ ସୁବିଧା ଯୋଗାଇ ଦେବାକୁ ବୁଦ୍ଧିଜୀବୀଙ୍କ ମହଲରେ ମତ ପ୍ରକାଶ ପାଇଛି।

# ଯୌତୁକ ନିର୍ଯାତନାରେ ମହିଳାଙ୍କୁ ହତ୍ୟା ଅଭିଯୋଗ

କୋରାପୁଟ, (ଭାସ୍କର ନ୍ୟୁଜ) : କୋରାପୁଟ ଜିଲ୍ଲା ସେମିଳିଗୁଡା ଥାନା ଅନ୍ତର୍ଗତ ବେହେରାଗୁଡା ଗ୍ରାମର ଜଣେ ମହିଳାଙ୍କୁ ଯୌତୁକ ପାଇଁ ତାଙ୍କ ଶାଶୁଘର ଲୋକ ହତ୍ୟା କରିଥିବା ନେଇ ସେମିଳିଗୁଡା ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ବେହେରାଗୁଡାରେ ରହୁଥିବା ଏସ୍. ନାଗେଶ୍ୱର ଚୌଧୁରୀଙ୍କ ପୁଅ ଏସ.ଅନୀଲ କୁମାର ଚୌଧୁରି ଗତବର୍ଷ ମାର୍ଚ୍ଚ ୬ତାରିଖରେ ବନ୍ଧୁଗାଁ ଥାନା ଅଧୀନସ୍ଥ ଜଗାଗୁଡା ଗ୍ରାମର ଚକ୍ରଧର ସାହୁଙ୍କ ଝିଅ ରଚନାଙ୍କୁ ବିବାହ କରିଥିଲେ । ବାହାଘର ବେଳେ ଯୌତୁକ ବାବଦରେ ୧ଲକ୍ଷ ଟଙ୍କା ଏବଂ ବିଭିନ୍ନ ଆସବାବ ପତ୍ର ଦିଆଯାଇଥିଲା । କିଛି ଦିନ ବୈବାହିକ ଜୀବନ ଖୁସିରେ କଟିଥିଲା । ପରେ ରଚନାଙ୍କ ଶାଶୁ ଶ୍ୟାମଲତା ଚୌଧୁରି, ଶଶୁର ଏସ.ନାଗେଶ୍ୱର ଚୌଧୁରି ବାରମ୍ବାର ଅଧିକ ଯୌତୁକ ବାବଦରେ ୩ଲକ୍ଷ ଟଙ୍କା ବାପା ଘରୁ ଆଣିବା ପାଇଁ କହିଥିଲେ । ନଚେତ ଘରକୁ ଚାଲି ଯିବା ପାଇଁ କହିଥିଲେ । ରଚନା ଫୋନ୍ କରି ସମସ୍ତ ବିଷୟ କହିବା ପରେ ବାପା ଚକ୍ରଧର ଝିଅ ଘରେ ପହଂଚି ଜମି ବିକ୍ରି କରି ଟଙ୍କା ଦେବେ ବୋଲି କହିଥିଲେ। କିନ୍ତୁ ଏହାପରେ ବି ଶାଶୁ ଓ ଶଶୁର ରଚନାଙ୍କୁ ମାରପିଟ କରିବା ସହିତ ଅତ୍ୟାଚାର କରିଥିବା ଚକ୍ରଧର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଶୁକ୍ରବାର ସନ୍ଧ୍ୟା ସମୟରେ ଶାଶୁ ଘର ଭିତରୁ ରଚନାଙ୍କ ଝୁଲନ୍ତା ଶବ ଉଦ୍ଧାର ହୋଇଥିଲା। ଚକ୍ରଧରଙ୍କୁ ତାଙ୍କ ଶାଳକ ସନ୍ତୋଷ ଫୋନ କରି ଏ ସମ୍ପର୍କରେ ଥାନାକୁ ଜଣାଇଥିଲେ । ଖବରପାଇ ରଚନାଙ୍କ ବାପା ଓ ମା' ବେହେରାଗୁଡାରେ ପଂହଚିବା ପରେ ଶାଶୁଘର ଲୋକେ ଝିଅକୁ ହତ୍ୟା କରିଥିବା ନେଇ ସେମିଳିଗୁଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏନେଇ ପୋଲିସ କେଶ୍ ନଂ ୩/ ୨୫ ଅନୁଯାୟୀ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଏହା ହତ୍ୟା ନାଁ ଆତ୍ମହତ୍ୟା ତଦନ୍ତ ପରେ ଜଣାପଡିବ ବୋଲି ଆଇଆଇସି ସଚିନ୍ଦ୍ର ପ୍ରଧାନ କହିଛନ୍ତି । ସୂଚନା ଯୋଗ୍ୟ, ମୃତ ରଚନା ଗର୍ଭବତୀ ଥିଲେ ।

# ପୋଲିସ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ଝରିଗାଁ, (ଭାସ୍କର ନ୍ୟୁଜ୍ ) : ନବରଙ୍ଗପୁର ଜିଲ୍ଲା ଝରିଗାଁ ଥାନା ପକ୍ଷରୁ ଆଜି ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଝରିଗାଁ ଥାନାର ସମସ୍ତ କର୍ମଚାରୀ ଝରିଗାଁ ଥାନାରୁ ବାହାରି ଝରିଗାଁ ସ୍ଥିତ ଆଦର୍ଶ ବିଦ୍ୟାଳୟ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ବାହାରି ଜନସାଧାରଣଙ୍କୁ ସଡ଼କ ସୁରକ୍ଷା ଉପରେ ସଚେତନ କରିଥିବା ଦେଖିବାକୁ ମିଳିଛି । ଏହି କାର୍ଯ୍ୟକ୍ରମରେ ଝରିଗାଁ ପଂଚାୟତ ଉଚ୍ଚ ବିଦ୍ୟାଳୟର ଏନସିସି ଛାତ୍ରଛାତ୍ରୀମାନେ ମଧ୍ୟ ଯୋଗଦେଇ ଥାନା ଛକରୁ ମେଡିକାଲ ଓ ମେଡିକାଲ ଠାରୁ ଥାନା ପର୍ଯ୍ୟନ୍ତ ଶୋଭାଯାତ୍ରା କରିଥିଲେ । ବାଇକରେ ଯାତ୍ରା କଲାବେଳେ ହେଲମେଟ ପିନ୍ଧିବା, ବାଇକରେ ତିନି ଜଣ ବସି ଯାତ୍ରା ନ କରିବା, ବିନା ଡ୍ରାଇଭିଙ୍ଗ ଲାଇସେନ୍ସରେ ଯାନବାହାନ ନ ଚଲେଇବା, ଚାରି ଚକିଆ ଯାନବାହାନ ଚଳାଉଥିଲେ ସିଟବେଲ୍ଟ ବାନ୍ଧିବା, ଦ୍ରୁତଗତିରେ ଯାନବାହାନ ନଚଲେଇବା, ମାଦକ ଦ୍ରବ୍ୟ ସେବନ କରି ଯାନବାହାନ ନଚଲେଇବା, ବୁଲାଣି ରାସ୍ତାରେ ହର୍ନ ବଜେଇବା ଓ ଯାନବାହାନର ସମସ୍ତ ନିୟମକୁ ମାନି ଗାଡି ଚଲେଇବା ଓ ସୁରକ୍ଷିତ ଭାବେ ଯାତ୍ରା କରିବା ଭଳି ଅନେକ ପରାମର୍ଶ ଜନସାଧାରଣଙ୍କୁ ଦେଇଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ଝରିଗାଁ ଥାନା ଏସ୍ଆଇକେ ଲକ୍ଷ୍ମୀ ନାରାୟଣ ଦୋରା, ଏସ ଆଇ ରାଜୁ ବଞ୍ଜାରା, ଏଏସ୍ଆଇ ମମତା ସେଠୀ, ହାବିଲଦାର ମୁରଲୀଧର ବିଶୋଇଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ମାନେ ସାମିଲ ରହିଥିଲେ।

# ନିମ୍ନମାନର ରାସ୍ତା କାମକୁ ନେଇ ଅଭିଯୋଗ

ମାଲକାନାଗିରି, (ଭାସ୍କର ନ୍ୟୁଜ୍ ) : ବର୍ଷ ପୂର୍ବରୁ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିଲା ପିଚୁ ରାସ୍ତା । କାମ ନିମ୍ନମାନର ଯୋଗୁଁ ଅବଧୀ ନପୁରୁଣୁ ନଷ୍ଟ ହୋଇଗଲା ରାସ୍ତା । ମରାମତି ମଧ୍ୟ ଠିକାଦାର ଠିକ୍ ଭାବରେ କଲେ ନାହିଁ । ଫଳରେ ଯାତାୟତ କ୍ଷେତ୍ରରେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ୍ ତେଲେରାଇ ପଞ୍ଚାୟତର ଲୋକେ। ତେଲେରାଇ ଏମ.ଭି-୭୭, ଏମ.ପି.ଭି –୭୭, ସିଙ୍ଗାଭରମ ରାସ୍ତାର ନିମ୍ନମାନର କାମ ପାଇଁ ଗ୍ରାମବାସୀଙ୍କ ଅସନ୍ତୋଷ ପରେ ଗ୍ରାମ୍ୟ ଉନ୍ନୟନ ବିଭାଜନ–୨ ପକ୍ଷରୁ ପୁନର୍ବାର ରାସ୍ତା ନିର୍ମାଣ ଲାଗି ସରିଛି ଟେଣ୍ଡର ପ୍ରକ୍ରିୟା ହୋଇଛି। କାଳିମେଳା ବ୍ଲକ ତେଲରାଇ ପଞ୍ଚାୟତର ଏମ.ଭି –୭୭ ଗ୍ରାମ ଠାରୁ ସିଂଗାଭୋରାମ ପର୍ଯ୍ୟନ୍ତ ୫ କିମି ରାସ୍ତା ନିର୍ମାଣ କାମ ଆରମ୍ଭ ହୋଇଛି । ବର୍ତ୍ତମାନ ଏହି ରାସ୍ତାରେ ମେଟାଲ ମୋରମ କାମ ଜାରି ରହିଛି। ମାତ୍ର ୧୫ ଦିନ ପୂର୍ବେ ମେଟାଲ ମୋରମ କାମ ହୋଇଥିବା ବେଳେ ନିମ୍ନମାନର କାମ ପାଇଁ ଅନେକ ଜାଗାରୁ ମେଟାଲ ଉଠିଯାଇଛି । ପୂର୍ବରୁ ନଷ୍ଟ ହୋଇ ଯାଇଥିବା ପିଚୁ ଗୁଡିକୁ ସମ୍ପୂର୍ଣ୍ଣ ବାହାର କରାଯାଇ ସଫା କରାଯିବା ପରେ ପୁନର୍ବାର ରାସ୍ତା ନିର୍ମାଣ କରାଯିବା କଥା, ହେଲେ ସେହି ପୁରୁଣା ପିଚୁ ଉପରେ ନୂଆ ରାସ୍ତା ନିର୍ମାଣ କରାଯାଉ ଥିବାରୁ ରାସ୍ତାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନ କରିଛନ୍ତି ତିନି ଗ୍ରାମର ବାସିନ୍ଦା। ଉନ୍ନତମାନର କାମ ହେଉନଥିବାରୁ ପୂର୍ବରୁ ହେଉଥିବା ଭଳି କୋଟି କୋଟି ଟଙ୍କା ପାଣିରେ ପଡିବ। ଗ୍ରାମ ଉନ୍ନୟନ ବିଭାଜନ ଏହି ରାସ୍ତାର ସର୍ବାଧିକ ୯ରୁ ୧୦ ଟନ କ୍ଷମତା ବିଶିଷ୍ଟ ଭାରି ଯାନ ଚଳାଚଳ କରି ପାରିବ କିନ୍ତୁ ୩୦ ଟନରୁ ଉର୍ଦ୍ଧ୍ୱ ମାଲ ବୋଝେଇ ଭାରି ଯାନ ଚଳାଚଳ କରୁଥିବାରୁ ରାସ୍ତା ଅଳ୍ପ ଦିନରେ ଖରାପ ହେଇ ଯାଉଥିବା ସ୍ୱୀକାର କରିଛନ୍ତି ଗ୍ରାମ୍ୟ ଉନ୍ନୟନ ବିଭାଗ ୨ର ଯନ୍ତ୍ରୀ କେ.ପି ସେଠୀ ।

# ଫୋନ୍ ପେ'ରେ ଠକେଇ, ୨ ଗିରଫ



କୋରାପୁଟ, (ଭାସ୍କର ନ୍ୟୁଜ) : ସହରର ବୟସ୍କ ବ୍ୟବସାୟୀଙ୍କୁ ଟାର୍ଗେଟ୍ କରି ଫୋନ ପେ'ରେ ଟଙ୍କା ପଠାଇଥିବା ନେଇ ସ୍କ୍ରିନ୍ ସଟ୍ ଦେଖାଇ ଠକାମି କରିବା ଅଭିଯୋଗରେ କୋରାପୁଟ ଟାଉନ ଥାନା ପୋଲିସ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଦ୍ୱୟ ଦେଓଘାଟିର ସିମନ୍ ସୁକ୍ରି(୨୦) ଓ ଜଲାପୁଟର ଡି. ନାଗେନ୍ଦ୍ର (୨୫) ବୋଲି ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର କହିଛନ୍ତି । ଅଭିଯୁକ୍ତଙ୍କ ଠାରୁ ଗୋଟିଏ ବାଇକ୍ ଓ ନଗଦ ୩୮୭୫ଟଙ୍କା ଜବତ କରାଯାଇଛି । ଜବତ ଟଙ୍କା ଅଭିଯୋଗକାରୀଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ଗତ ନଭେମ୍ବର ୧ତାରିଖ ଅପରାହ୍ନ ୨ଟାରେ ଜାନିଗୁଡା ହନୁମାନ ମନ୍ଦିର ନିକଟରେ ଥିବା ନବୀନ ଚନ୍ଦ୍ର ପଟନାୟକଙ୍କ ଦୋକାନକୁ ଅଭିଯୁକ୍ତ ଦ୍ୱୟ ଯାଇଥିଲେ । ନିଜକୁ ଠିକାଦାର ପରିଚୟ ଦେଇ ଦୋକାନରୁ ୧୦ଟି ତେଲ ପ୍ୟାକେଟ୍, ଚା ଗୁଣ୍ଡ କିଲୋ ପ୍ୟାକେଟ, ସର୍ଫ ୨କିଲୋ ପ୍ୟାକେଟ ଏଭଳି ପ୍ରାୟ ୩୮୭୫ଟଙ୍କାର ସାମଗ୍ରୀ ମାଗିଥିଲେ। ପରେ ଫୋନ ପେ'ରେ ଟଙ୍କା ଦେଇଥିବା ନେଇ ମୋବାଇଲରେ ଦେଖାଇ ଠକାମି କରିଥିଲେ । ଠେକଇ କରିବା ପରେ ଉଭୟେ ବାଇକ ଯୋଗେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ । ଏନେଇ ନବୀନ କୋରାପୁଟ ଟାଉନ ଥାନାରେ ଅଭିଯୋଗ କରିବା ପରେ ଏସଆଇ ରାଜେଶ ପ୍ରିୟଦର୍ଶୀ ନାୟକ ଘଟଣାର ତଦନ୍ତ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ । ଅଭିଯୁକ୍ତଙ୍କ ଠାରୁ ଗୋଟିଏ ବାଇକ ସହିତ ୩୮୭୫ଟଙ୍କା ଜବତ କରିଥିଲେ। ଜବତ ୩୮୭୫ଟଙ୍କା ଅଭିଯୋଗକାରୀ ନବୀନଙ୍କୁ ପୋଲିସ ଫେରାଇ ଦେଇଛି। ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଟାଉନ ଥାନା ଅଧିକାରୀ କହିଛନ୍ତି । ଏହି ଦୁଇ ଜଣ ସହରରେ ଥିବା ଲଜ୍‌ରେ ରୁମ୍ ଭଡା ନେଇ ନବୀନଙ୍କ ପରି ଅନ୍ୟ କିଛି ବୟସ୍କ ବ୍ୟବସାୟୀଙ୍କ ଠାରୁ ଠେକଇ କରିଥିବା ପୋଲିସ ତଦନ୍ତ ସମୟରେ ଜାଣିବାକୁ ପାଇଛି ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଷୋଡବିଂଶତମ ବାର୍ଷିକ ଉତ୍ସବ



ଚିକିଟୀ, (ଭାସ୍କର ନ୍ୟୁଜ୍ ) : ଚିକିଟୀ ପେଣ୍ଠ ପଦ୍ମନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଷୋଡବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟା ମନ୍ଦିରର କାର୍ଯ୍ୟକାରୀ ସଭାପତି ରାମରାଓ ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ସାଂସଦ ଡ଼ଃ ପ୍ରଦୀପ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଯୋଗଦେଇ ଶିଶୁ ମନ୍ଦିରର ଆଦର୍ଶତା ଓ ଶୃଙ୍ଖଳା ଉପରେ ମତବ୍ୟକ୍ତ କରିଥିଲେ ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ ଭଗବାନ ତ୍ରିପାଠୀ ଯୋଗଦେଇ ଶିଶୁଙ୍କୁ ଏକାଗ୍ରତା ରକ୍ଷା କରି ଜଣେ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ନିରଞ୍ଜନ ବିଷୋୟୀ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ ବିଦ୍ୟା ମନ୍ଦିରର ବିଭିନ୍ନ ସମସ୍ୟା ନେଇ ଅତିଥି ମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ ସହିତ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ଥିଲା। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ସହ ସିଲ୍ ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ସତ୍ୟ ଗୁରୁଜୀ ମଞ୍ଚ ପରିଚାଳନା କରିଥିବା ବେଳେ ଉପ ସଭାପତି ସନ୍ତୋଷ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।ସହ ସମ୍ପାଦକ କେ ସିମାଞ୍ଚଳ ପ୍ରମୁଖଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା ଓ କର୍ମଚାରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଏନ୍‌ସିସି ଛାତ୍ରଙ୍କ ଦ୍ୱାରା ଚିକିତ୍ସାଳୟରେ ସଫେଇ କାର୍ଯ୍ୟକ୍ରମ



ପଟ୍ଟାମୁଣ୍ଡାଇ, (ଭାସ୍କର ନ୍ୟୁଜ୍ ): ପଟ୍ଟାମୁଣ୍ଡାଇ ମୁନିସପାଲିଟି ଅନର୍ଗତ ଉପଖଣ୍ଡ ସ୍ତରୀୟ ମୁଖ୍ୟ ଚିକିତ୍ସାଳୟ ତରଫରୁ ଚିକିତ୍ସାଳୟର ଭାରପ୍ରାପ୍ତ ଚିକିତ୍ସକ ଡଃ ନିରାକାର ପରିଡାଙ୍କର ତତ୍ତ୍ୱାବଧାନରେ ଚିକିତ୍ସାଳୟ ପରିସର ମଧ୍ୟରେ ପଟ୍ଟାମୁଣ୍ଡାଇ ମନ୍ମଥନାଥ ଉଚ୍ଚ ବିଦ୍ୟାଳୟର ଏନସିସି କାଡେଟ୍ସ ମାନଙ୍କ ଦ୍ୱାରା ଏକ ସଫେଇ କାର୍ଯ୍ୟ ସହିତ ଏକ ସଚେତନତା ଅଭିଯାନ ହୋଇ ଯାଇଛି। ମନ୍ମଥନାଥ ଉଚ୍ଚ ବିଦ୍ୟାଳୟର ଭାର ପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ସୁଜୟ କୁମାର ରାଉତରାୟଙ୍କ ନିର୍ଦ୍ଦେଶରେ ଏନସିସି ଅଫିସର ଶ୍ରୀ ସରୋଜ କୁମାର ସ୍ୱାଇଁ, ଖେଳ ଶିକ୍ଷକ ଶଶାଙ୍କ ଶେଖର ସାହୁ ଓ ବିଦ୍ୟାଳୟର ସାଂସ୍କୃତିକ ସଂଯୋଜିକା ଅନିତା ଧଳ ଙ୍କର ସହଯୋଗରେ ୫୦ ଜଣ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଏହି କାର୍ଯ୍ୟକ୍ରମରେ ଭାଗ ନେଇ ଥିଲେ। ପିଲାମାନେ ଚିକିତ୍ସାଳୟ ସଫା କରିବା ସହ 'ସ୍ୱଚ୍ଛତା ହି ସେବା', 'ସ୍ୱଚ୍ଛ ପରିବେଶ ସୁସ୍ଥ ଜୀବନ' ପ୍ରଭୃତି ସ୍ଲୋଗାନ ଦେଇ ଉପସ୍ଥିତ ଜନ ସାଧାରଣ ଙ୍କୁ ସଚେତନ କରାଇଥିଲେ। ପରିବେଶ ସ୍ୱଚ୍ଛ ରଖିଲେ କିପରି ରୋଗ ଦୁରୀଭୂତ ହେବ ଏବଂ ଆମେ ନିରୋଗ ରହିବା ଏହି ଉପରେ ଏକ ଆଲୋଚନା ଚକ୍ର ହୋଇଥିଲା। ଶେଷରେ ଉପସ୍ଥିତ ସମସ୍ତ ଏନସିସି କାଡେଟ୍ସ , ଶିକ୍ଷକ ଓ ଚିକିତ୍ସାଳୟ କର୍ମଚାରୀ ମାନେ ପରିବେଶକୁ ସର୍ବଦାସଫା ରଖିବା ଓ ସିଙ୍ଗଲ ୟୁଜ ପ୍ଲାଷ୍ଟିକ ଓ ପଲିଥିନର ବ୍ୟବହାର ନ କରିବା ପାଇଁ ଏକ ଶପଥ ନେଇଥିଲେ। ଏହି କାର୍ଯ୍ୟକ୍ରମ ରେ ଚିକିତ୍ସାଳୟର କର୍ମଚାରୀ ଶ୍ରୀ ନୃସିଂହ ଚରଣ ଦାସ, ପ୍ରଶାନ୍ତ କୁମାର ଜେନା ଓ ଚିତ୍ତରଞ୍ଜନ ଚାନ୍ଦ ପ୍ରଭୃତି ଉପସ୍ଥିତ ରହି ପିଲାମାନଙ୍କୁ ସହଯୋଗ କରିଥିଲେ।

### ଲକ ହୋଇଥିବା ଘରବାରି ଜମି ବିକ୍ରି ଅଭିଯୋଗ

# ନ୍ୟାୟାଳୟର ଦ୍ୱାରସ୍ଥ ହେଲେ ଜମିର ଅଂଶୀଦାର



ଧାମନଗର, (ଭାସ୍କର ନ୍ୟୁଜ୍ ) : ଭଦ୍ରକ ଜିଲା ଧାମନଗର ତହସିଲ ଅଧୀନରେ ପୂର୍ବରୁ ଲକ ହୋଇଥିବା ପୈତୃକ ଜମି(ଇଜମାଇଲ) ଚଞ୍ଚକତା କରି ବେଆଇନ ଭାବେ ବିକ୍ରି ହୋଇଥିବା ଅଭିଯୋଗ ଆସିଛି। ନିଜର ପୈତୃକ ଜମି ବେଆଇନ ଭାବେ ବିକ୍ରି ହେବା ପରେ ସମ୍ପୃକ୍ତ ଜମି ମାଲିକ ସ୍ଥାନୀୟ ରାଜସ୍ୱ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ ଓ ଧାମନଗର ଉପ ନିବନ୍ଧକ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନିରାଶ ହୋଇ ଭଦ୍ରକ ଦେୱାନୀ ଅଦାଲତରେ ଆଶ୍ରୟ ନେଇଛନ୍ତି। ଏନେଇ ଅଦାଲତରେ କେସ ନଂ. ୧୩୩୩/୨୦୨୪ରେ ଏକ ମାମଲା ରୁଜୁ ହୋଇଛି। ଏଥି ସହିତ ଦୀର୍ଘ ବର୍ଷ ଧରି ଘର କରି ରହୁଥିବା ସମ୍ପୃକ୍ତ ଜମି ମାଲିକ ନ୍ୟାୟ ପାଇଁ ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷାମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଅଭିଯୋଗ ଅନୁସାରେ, ରାଧାବଲ୍ଲଭପୁର ରାଜସ୍ୱ ଗ୍ରାମରେ ଇଛଦାମଜଫରପୁର ଗାଁରେ ଖତିଆନ ନଂ. ୩୨୭/୧୪୩, ପ୍ଲଟ ନଂ. ୧୯୮ ଓ ୧୧୯ ରହିଛି। ଖତିଆନ ନଂ. ୩୨୭/୩୭୫, ପ୍ଲଟ ନଂ. ୧୯୮/୧୯୮୯ ଓ ୧୧୯/ ୧୯୮୮ରେ ଉକ୍ତ ଜମିରେ ଅଂଶୀଦାର ଭାବେ କୃଷ୍ଣଚନ୍ଦ୍ର ପାତ୍ର, ସ୍ୱର୍ଗତ ହାଡ଼ିବନ୍ଧୁ ପାତ୍ର, ଓ ନିର୍ମଳ ଓରଫ ନିରଞ୍ଜନ ପାତ୍ରଙ୍କ ନାମ ରହିଛି। ଉପରୋକ୍ତ ଘରବାରି ପ୍ଲଟ ନଂ. ୧୧୯ରେ ନିର୍ମଳ ଓରଫ ନିରଞ୍ଜନ ପାତ୍ର ଦୀର୍ଘ ବର୍ଷ ଧରି ଦଖଲରେ ରହିବା ସହ ୫ ବର୍ଷ ତଳେ ପ୍ରଧାନମନ୍ତ୍ରୀ ଆବାସର ପକା ଘରକରି ସ୍ଥାୟୀ ଭାବେ ରହିଆସୁଛନ୍ତି। ମାତ୍ର ଜମିର ଅଂଶୀଦାର କୃଷ୍ଣଚନ୍ଦ୍ର ପାତ୍ର ବେଆଇନ ଭାବେ ଉପରୋକ୍ତ ୪ଟି ପ୍ଲଟରୁ ବିନା ଉତ୍ତରାଧିକାରୀ ପ୍ରମାଣ ପତ୍ର ଏବଂ ଅନ୍ୟ ଅଂଶୀଦାରଙ୍କ ଦସ୍ତଖତ ନନେଇ ଭଗବାନପୁର ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ଉକ୍ତ ଗାଁର ବାସିନ୍ଦା ପ୍ରଫୁଲ୍ଲ ପାତ୍ରଙ୍କୁ ବିକ୍ରି କରିଥିବା ଅଭିଯୋଗ ହୋଇଛି। ଅଂଶୀଦାରଙ୍କ ମଧ୍ୟରେ ଉକ୍ତ ଜମି ଭାଗବଣ୍ଟା ହୋଇ ନଥିବାରୁ ବେଆଇନ ବିକ୍ରି ବନ୍ଦ ପାଇଁ ଗତ ଦୁଇ ବର୍ଷ ତଳେ ତା.୦୭.୦୯.୨୦୨୩ ରିଖରେ ନିରଞ୍ଜନ ପାତ୍ର ଧାମନଗର ଉପ ନିବନ୍ଧକଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଉପ ନିବନ୍ଧକ ସତ୍ୟାନନ୍ଦ ପାତ୍ର ଉକ୍ତ ଜମିକୁ ନିଜେ ଖର୍ଦି ବିକ୍ରି ହୋଇ ନପାରିବା ପାଇଁ ଲକ କରିଥିଲେ। ସେହିପରି ସେତେବେଳର ବେଆଇନ ବିକ୍ରିକୁ ବନ୍ଦ କରିବା ପାଇଁ ତହସିଲଦାର ଲକ ସମ୍ପର୍କରେ ଅଭିଯୋଗକାରୀଙ୍କୁ କହିଥିଲେ। ତେବେ ପରବର୍ତ୍ତୀ ସମୟରେ ଉପ ନିବନ୍ଧକ କାର୍ଯ୍ୟାଳୟରେ କୌଣସି ଅସାଧୁ କର୍ମଚାରୀଙ୍କୁ ମୋଟା ଅଙ୍କର ଅର୍ଥ ଦେଇ ପୂର୍ବତନ ସରପଞ୍ଚ ଶ୍ରୀ ପାତ୍ର ସ୍ଥାୟୀ ପକ୍କା ଘର ଥିବା ଉପରୋକ୍ତ ପ୍ଲଟରୁ ବେଆଇନ ଭାବେ ଜମି କିଣିଥିବା ଅଭିଯୋଗ ହୋଇଛି। ଯାହାଦ୍ୱାରା ଜମି ଉପରେ ଘର କରି ରହିଥିବା ବ୍ୟକ୍ତିର ପାରିବାର କଣ କରିବେ ବୋଲି ଶେଷରେ ଯାଇ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ତେବେ ଏହି ଜମି ବିକ୍ରି ସମ୍ପର୍କରେ ତହସିଲଦାର ଦୀପକ କୁମାର ଦାସଙ୍କୁ ଯୋଗଯୋଗ କରିବାରୁ ସେ କହିଥିଲେ, ମୁଁ ସେତେବେଳେ ଏହି ଜମିର ବିକ୍ରି ଅଭିଯୋଗ ପାଇବା ପରେ ଲକ କରିବାକୁ ପରାମର୍ଶ ଦେଇଥିଲି। ତହସିଲରୁ ପଟ୍ଟା ହୋଇପାରିବନି ବୋଲି କହିଥିଲି। ଏବେ ଯେଉଁ ବିକ୍ରି ହୋଇ ପଟ୍ଟା ବାହାରିଛି ମୋର ଅନୁପସ୍ଥିତିରେ ଓ ଅଜାଣତରେ ହୋଇଛି। ଅତିରିକ୍ତ ତହସିଲଦାର ଏହାକୁ ପାସ କରିଥିବା ସେ କହିଥିଲେ। ଆରଆଇ ମନୋରମା ଧଳଙ୍କୁ ଯୋଗାଯୋଗ କରିବାରୁ ମୋର ଏବେ ବଦଳି ହୋଇଛି। କାଗଜ ପତ୍ର ଦେଖିଲେ ସମ୍ପୂର୍ଣ୍ଣ କଥା କହିପାରିବି। ତେବେ ସେହି ଜମି ଦୁଇ ଥର ଦଲିଲ ହେବା ପରେ ନାମଜାରି ଲାଗି ରିପୋର୍ଟ ପାଇଁ ଆସିଥିଲା। ଉକ୍ତ ପ୍ଲଟରେ ଘର ଥିବା ଏବଂ ଦଲିଲରେ ସବୁ ଅଂଶୀଦାରଙ୍କ ଦସ୍ତଖତ ଓ ଉତ୍ତରାଧିକାରୀ ପ୍ରମାଣ ପତ୍ର ସଂଯୋଗ ନଥିବାରୁ ତାର ରିପୋର୍ଟ ଦେଇନଥିଲି। ମାତ୍ର ଉପ ନିବନ୍ଧକ ସେହି ଫାଇଲଟିକୁ ତୁରନ୍ତ ଦେବା ପାଇଁ ମୋତେ ବାଧ କରିବା ସହ ୩ ଥର ଚିଠି କରିଥିଲେ। ତାଙ୍କ କହିବା ଅନୁସାରେ ରିପୋର୍ଟ ଦେଇଥିବା ସେ କହିଥିଲେ। ଏ ସମ୍ପର୍କରେ ଉପ ନିବନ୍ଧକ ଶ୍ରୀ ପାତ୍ରଙ୍କୁ ଯୋଗଯୋଗ କରିବାରୁ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ସେତିକି ନୁହେଁ ଉପନିବନ୍ଧଂକ ଶ୍ରୀ ପାତ୍ର ସରକାରୀ ନିୟମକୁ ଖାତିର ନକରି ମନିଇଛା ଦଲାଲି ମାଧ୍ୟମରେ ମୋଟା ଅଙ୍କର ଅର୍ଥ ନେଇ କାର୍ଯ୍ୟ କରୁଛନ୍ତି। ଏନେଇ ଆଇଜିଆର ଓଡ଼ିଶା ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିବା ପାରିବାର ଦାବି କରିଛନ୍ତି।



ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ପଞ୍ଚାୟତ ହାଇସ୍କୁଲର ୧୯୮୪ ମସିହା ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କ ଏକ ବନ୍ଧୁମିଳନ ଉତ୍ସବ ନିକଟସ୍ଥ ଲୁଣାନଦୀ କୂଳରେ ଅବସ୍ଥିତ ମା' ରାମଚଣ୍ଡୀଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୪୧ ବର୍ଷ ପରେ ଆୟୋଜିତ ଏହି ପ୍ରଥମ ବନ୍ଧୁମିଳନ ଉତ୍ସବରେ ସମସ୍ତ ଛାତ୍ରଛାତ୍ରୀ ସେମାନଙ୍କ ପରିବାର ସହ ଉପସ୍ଥିତ ରହି ପରସ୍ପର ମଧ୍ୟରେ ଭାବବିନିମୟ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ଏକ ସଭାରେ ବିଦ୍ୟାଳୟର ପ୍ରତିଷ୍ଠାତା ସମାଜସେବୀ ନିରଞ୍ଜନ ବଳ ଓ ତତ୍କାଳୀନ ଶିକ୍ଷକ ପ୍ରଭାକର ମହାନ୍ତି, କ୍ଷୀରୋଦ ଦାସ, ସୁନାକର ସୁତାର, ଉତ୍ତମ ଚରଣ ମହାନ୍ତି, ଭରତ ସାହୁ, ରମେଶ ଚନ୍ଦ୍ର ବଳ ଓ ମୁରଲିଧର ବଳଙ୍କୁ ଛାତ୍ରଛାତ୍ରୀମାନେ ଅମନ୍ତ୍ରଣ କରି ମଞ୍ଚାସୀନ କରାଇଥିଲେ। ସେମାନଙ୍କୁ ପୁଷ୍ପ, ଚନ୍ଦନ, ଅକ୍ଷତ ଓ ଅଙ୍ଗବସ୍ତ୍ର ପ୍ରଦାନ ପୂର୍ବକ ଛାତ୍ରଛାତ୍ରୀମାନେ ଗୁରୁପୂଜନ କରିଥିଲେ। ପରେ ଦିବଂଗତ ତତ୍କାଳୀନ ଦୁଇ ଶିକ୍ଷକ ସ୍ୱର୍ଗତ ରମେଶ ଚନ୍ଦ୍ର ବଳ, ବିଜୟ କୁମାର ଦାସ ଓ ଦିବଂଗତ ୪ ଜଣ ସହପାଠୀ ସ୍ୱର୍ଗତ ସନ୍ତୋଷ କୁମାର ବଳ, ଜ୍ୟୋସ୍ନାମୟୀ ବଳ, ଗୀତାଞ୍ଜଳି ରାଉତ ଓ ଲୋଭିତା ବଳଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଛାତ୍ର ସୁଶାନ୍ତ କୁମାର ରାଉତଙ୍କ ସଂଯୋଜନା ଅନୁଷ୍ଠିତ ସଭାରେ ଉପସ୍ଥିତ ଥିବା ଛାତ୍ରଛାତ୍ରୀ ଓ ସେମାନଙ୍କର ପରିବାର ବର୍ଗ ପୁରୁଣା ଦିନର ସ୍ମୃତିକୁ ମନେ ପକାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନାଥ ଚରଣ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ଦିଲ୍ଲିପ କୁମାର ବଳ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରାଣୀ, ମିନତୀ, ଶୈଳେନ୍ଦ୍ର, କମଳା, ରମାକାନ୍ତ ପ୍ରମୁଖ ପରିଚାଳନା କରିଥିଲେ।



# ଚାନ୍ଦବାଲି ବ୍ଲକରେ ଖୋଲିଲା ଧାନମଣ୍ଡି



ଚାନ୍ଦବାଲି (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକରେ ଖୋଲିଲା ଧାନ ମଣ୍ଡି। ଚାନ୍ଦବାଲି ବ୍ଲକରେ ମୋଟ ୨୪ଟି ସୋସାଇଟି ଓ ୪ଟି ସ୍ୱୟଂସହାୟକ ଗୋଷ୍ଠୀ ଧାନ କ୍ରୟ ପାଇଁ ଅନୁମତି ପାଇଥିବା ବେଳେ ଆଜି ରବିବାର ପ୍ରାୟ ୧୫ଟି ସୋସାଇଟି ଧାନ କ୍ରୟ ପାଇଁ କଣ୍ଟା ପୂଜା କରିବା ସହ ଧାନ କିଣିବା ଆରମ୍ଭ କରିଦେଇଛନ୍ତି। ଚାନ୍ଦବାଲି ଆର୍‌ଏମ୍‌ଏସ୍‌ସି ଗୋଦାମ ପରିସରରେ ଚାନ୍ଦବାଲି ସେବା ସମବାୟ ସମିତି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଚାନ୍ଦବାଲି ପଞ୍ଚାୟତ ସମିତି ଅଧକ୍ଷା ମିନତୀ ସୂତାର ଫିତା କାଟି ଶୁଭାଆରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଏନଏସସି ଅଧକ୍ଷା ଶାନ୍ତିଲତା ସେଠି ଉପସ୍ଥିତ ଥିଲେ ଚାନ୍ଦବାଲି ବିଡ଼ିଓ ଅଶିତ କୁମାର ମହାନ୍ତି, ତହସିଲଦାର ଭାବତୋଷ ମଲ୍ଲିକ, ଏନଏସସିଇ ଓ ସତ୍ୟ ପ୍ରକାଶ ତ୍ରିପାଠୀ, ଆରଏମସି ସେକ୍ରେଟାରୀ ନିରଞ୍ଜନ ମାଝୀ, ଅତିରିକ୍ତ ତହସିଲଦାର ଠାକୁର ଦାସ ନାୟକ, ଏସଆରସି ଏସ୍. ଆଲୋକ ବଲ୍ଲାବ ସାହାଣୀ, ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଦସ୍ୟ ତଥା ଜିଲା ଧାନ କମିଟି ସଦସ୍ୟ ଉପେନ୍ଦ୍ର କୁମାର ରାଉଳ, ମିଲର ସନ୍ତୋଷ କୁମାର ଅଗ୍ରୱାଲ, ଡବୁ ଖଣ୍ଡୱାଲ, ଆର୍‌ଏମ୍‌ସି ଏକାଉଣ୍ଟାଣ୍ଟ ଚକାଡୋଳା ସାହୁ, ବିପିସି ବନୋଜ ବାରିକ, ବ୍ଲକ ଉପାଧକ୍ଷ ସରୋଜ ବଳ, ଚାଷୀ କମିଟି ସଦସ୍ୟ ବିଜୟ କୁମାର ବେହେରା, ଜିଲ୍ଲା ପରିଷଦ ସଭ୍ୟ ପ୍ରିନ୍ସ ରାକେଶ ନାୟକ, ଭାଜପା ଜିଲ୍ଲା ଉପସଭାପତି କମଳାକାନ୍ତ ସୂତାର, ଚାନ୍ଦବାଲି ସେବା ସମବାୟ ସଭାପତି ମନରଞ୍ଜନ ସାହୁ, ସମ୍ପାଦକ ଅଜୟ କୁମାର ପଲାଇ, ପିପିଓ ତୃପ୍ତିରେଖା ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ନୂଆ ସରକାରଙ୍କ ପୂର୍ବ ନିଷ୍ପତ୍ତି ମୁତାବକ ଚାଷୀଙ୍କ ଖରିଫ ଧାନ ସଂଗ୍ରହ ପାଇଁ ଗତ ଡିସେମ୍ବରରେ ହେବା ପରିବର୍ତ୍ତେ ଚାନ୍ଦବାଲି ବ୍ଲକରେ ଆଜି ଜାନୁଆରୀ ୫ ତାରିଖ ରେ ୧୫ଟି ଖୋଲା ଯାଇଛି ଓ ଅନ୍ୟ ବିଭିନ୍ନ ସମବାୟ ସମିତିରେ ଧାନ ମଣ୍ଡି ଆଗକୁ ଶୁଭାରମ୍ଭ କରାଯିବ ସଭାପତି କହିଛନ୍ତି। ଏଫଏକ୍ୟୁ ଧାନ କ୍ୱିଣ୍ଟାଲ ପିଛା ୩,୧୦୦ଟଙ୍କା ଧାର୍ଯ୍ୟ କରାଯିବା ସହ ଚାଷୀଙ୍କ ଠାରୁ ସିଧା ସମିତି ମାଧ୍ୟମରେ ଧାନ କ୍ରୟ କରାଯିବ ବୋଲି ସମବାୟ ଜିଲ୍ଲା ସୁପେରିଣ୍ଟେଣ୍ଡେଣ୍ଟ ପ୍ରେସ କନଫରେନ୍ସ ମାଧ୍ୟମରେ ଜଣାଇଛନ୍ତି। ସେହିପରି ବାଲିଗାଁ କୃଷି ସମବାୟ ସମିତିରେ ସଭାପତି ବୃନ୍ଦାବନ ମହାଲିକ, ସମ୍ପାଦକ ବିଦ୍ୟାଧର ସାହୁ, ଲଲାଟେନ୍ଦୁ ରାୟ, ଶଶିକାନ୍ତ ଦାସ, ପ୍ରଦୀପ ଦାସ, ଅନୁପ ଜେନା, ନରେନ୍ଦ୍ର ବେହେରା, ଆଲୋକ ଦାସ, ସେକ କାଦିର, ସଂଗ୍ରାମ କେଶରୀ ଦାସ, ସୁରେନ୍ଦ୍ର ମହାନ୍ତିଙ୍କ ସହ ଚାଷୀ ଶଶଧର ପରିଡ଼ା, ଲଲାଟେନ୍ଦୁ ରାୟ, ସେକ ଫିରୋଜ, ସୁରେନ୍ଦ୍ର ସହୁ, ଅମିୟ ସାହୁ ପ୍ରମୁଖ ଉପସ୍ଥିତ ରହି ମଣ୍ଡି ଶୁଭାରମ୍ଭ କରିଥିଲେ। ସେହିପରି ତେନ୍ତୁଳିଡ଼ିହ ସମବାୟ ସମିତିରେ ଆସନ୍ତା କାଲି ଧାନ ମଣ୍ଡି ଖୋଲା ଯିବାକୁ ଧାର୍ଯ୍ୟ ହୋଇଥିବାର ଜଣାପଡିଛି।

## ଭଣ୍ଡାରିପୋଖରୀରେ ଧାନମଣ୍ଡି ଉଦ୍‌ଘାଟିତ

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍) : ଭଣ୍ଡାରିପୋଖରୀ ବ୍ଲକରେ ଚଳିତ ଖରିଫ ଧାନ ବିକ୍ରୟ ନିମନ୍ତେ ସରକାରୀ ମଣ୍ଡି ରବିବାର କାର୍ଯ୍ୟକ୍ଷମ ହୋଇଛି। ଜଳମଣ୍ଡୁଆ ପ୍ରାଥମିକ କୃଷି ସମବାୟ ସମିତି ପରିସରରେ ଅନୁଷ୍ଠିତ ବ୍ଲକସ୍ତରୀୟ ଉତ୍ସବରେ ଧାନମଣ୍ଡିକୁ ବିଧାୟକ ସଞ୍ଜିବ ମଲ୍ଲିକ ଉଦ୍‌ଘାଟନ କରିଥିଲେ। ସଂପୃକ୍ତ ପାକ୍ସ ସଭାପତି ରତ୍ନାକର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବିଜେପି ନେତା ବଦ୍ରୀନାରାୟଣ ଧଳ, ଡ. ସୁଧାଂଶୁ ଶେଖର ନାୟକ, କଂଗ୍ରେସ ନେତା ସୁବ୍ରତ କୁମାର ଦାସ, ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ଭାରତୀ, ଭଣ୍ଡାରିପୋଖରୀ ଶାଖା ପରିଚାଳକ ବିଚିତ୍ରାନନ୍ଦ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, ତହସିଲଦାର ସରୋଜକାନ୍ତ ନାୟକ, ବିଡ଼ିଓ ଦେବଦ□ ଦାସ, ମାଳଦା ପାକ୍ସ ସଭାପତି ମୁକୁନ୍ଦ ମଲ୍ଲିକ, ତେସିଙ୍ଗା ପାକ୍ସ ସଭାପତି ନାରାୟଣ ଚନ୍ଦ୍ର ଦାଶ, ସମ୍ପାଦକ ରାଜେନ୍ଦ୍ର ଖଣ୍ଡାଇ, ଧାନର ମାନ ଚିହ୍ନଟ ନିୟନ୍ତ୍ରକ ଇତିଶ୍ରୀ ସେଠୀ, ସମବାୟ କ୍ଷେତ୍ରୀୟ ଅଧିକାରିଣୀ ଋତୁପୂର୍ଣ୍ଣା ସାହୁ, ବ୍ଲକ ମାର୍କେଟିଂ ଇନ୍‌ସପେକ୍ଟର ହିମାଂଶୁ ଦାସ, ମିଶନଶକ୍ତି ଅଧିକାରୀ ଶ୍ରୀକାନ୍ତ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ମଣ୍ଡି କାର୍ଯ୍ୟକ୍ଷମକୁ ସୁଚାରୁ ରୂପେ ପରିଚାଳନା କରି ଚାଷୀଭାଇଙ୍କୁ ସହାୟତା କରିବାକୁ ପରାମର୍ଶ ଦେଇଥିଲେ। ସମିତି ସମ୍ପାଦକ ଭୟନ୍ତ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ମୃତ ଚାଷୀଙ୍କ ପରିବାରକୁ ଭେଟିଲେ ରାଜ୍ୟ କଂଗ୍ରେସ ପ୍ରତିନିଧି ଦଳ

# କୃଷକଙ୍କ ସମସ୍ୟା ସମାଧାନ ଦିଗରେ କଂଗ୍ରେସ ରହିଛି-ରହିବ ମଧ୍ୟ : ମୋକିମ୍




ଜଗତସିଂହପୁର (ଭାସ୍କର ନ୍ୟୁଜ୍) : ଆଜି ରାଜ୍ୟ କଂଗ୍ରେସ ଷ୍ଟିୟରିଙ୍ଗ କମିଟି ସଂଯୋଜକ ଇଂ ମହମ୍ମଦ ମୋକିମ୍, ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍, ପିସିସି କୃଷକ ସେଲ୍ ସଭାପତି ଅମିୟ ପଟ୍ଟନାୟକ, ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ, ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର, ବରିଷ୍ଠ କଂଗ୍ରେସ ନେତା ଗୋବିନ୍ଦ ଭୂୟାଁ, ବାଲିକୁଦା-ଏରସମା କଂଗ୍ରେସ ନେତା ଇଂ ନଳିନୀ କୁମାର ସ୍ୱାଇଁ, ପାରାଦୀପ ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା ନିରଞ୍ଜନ ନାୟକ, ପ୍ରଦେଶ କଂଗ୍ରେସ କମିଟି ସଭ୍ୟ ଦେବ ପ୍ରସାଦ ନାୟକ, ପୌରାଧକ୍ଷା ଅର୍ଚ୍ଚନା ସିଂହ, ପୂର୍ବତନ ପୌରାଧକ୍ଷ ବିପ୍ଳବ ଚୌଧୁରୀ, ବରିଷ୍ଠ କଂଗ୍ରେସ ନେତା ବିଶ୍ୱଜିତ ଦାସ, ଆର୍ଯ୍ୟ କୁମାର ଲେଙ୍କା ପ୍ରମୁଖ ଜିଲ୍ଲା କଂଗ୍ରେସର ନେତୃବୃନ୍ଦ ତଣ୍ଡିକୁଳ ପଞ୍ଚାୟତ ସ୍ଥିତ ସାରଣା ଗ୍ରାମର ଅଦିନିଆ ବର୍ଷାରେ ଶସ୍ୟ ହାନୀର କ୍ଷତି ସହି ନପାରି ମୃତ୍ୟୁବରଣ କରିଥିବା ଯୁବଚାଷୀ କୃତିବାଶ ସ୍ୱାଇଁଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହିତ ୧ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରିଛନ୍ତି। ଏତଦ୍‌ବ୍ୟତୀତ ଘଟଣା ସ୍ଥଳରେ ଉପସ୍ଥିତ ଶତାଧିକ ଚାଷୀମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ସମ୍ବନ୍ଧରେ ଅବଗତ ହୋଇଥିଲେ। ପରେ ଜଗତସିଂହପୁର ସ୍ଥିତ ସର୍କିଟ୍ ହାଉସ୍‌ରେ ଜିଲ୍ଲା କଂଗ୍ରେସ ତରଫରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରି କୃଷକମାନଙ୍କ ସମସ୍ୟା ସମାଧାନ ପଛରେ କଂଗ୍ରେସ ଦଳ ସବୁବେଳେ ରହି ଆସିଛି ଏବଂ ଆଗକୁ ମଧ୍ୟ ରହିବ ବୋଲି ଇଂ ମୋକିମ୍ ପ୍ରତିଶ୍ରୁତି ଦେଇଥିଲେ। ତତ୍‌ସହିତ ଚାଷୀ ଏବଂ ଭାଗଚାଷୀ ଉଭୟଙ୍କୁ କିପରି ପର୍ଯ୍ୟାପ୍ତ ସହାୟତା ମିଳିବ ସେଥିପାଇଁ ସରକାର ତୁରନ୍ତ ଖସଡା ପ୍ରସ୍ତୁତ କରିବା ପାଇଁ ଦାବି ଉପସ୍ଥାପନା କରିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍ ଚାଷୀମାନଙ୍କର ବିଭିନ୍ନ ସମସ୍ୟାଗୁଡ଼ିକୁ ବିଧାନସଭାରେ ଉପସ୍ଥାପନ କରି ସମସ୍ୟାର ତୁରନ୍ତ ସମାଧାନ ପାଇଁ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବେ ବୋଲି କହିଥିଲେ। ରାଜ୍ୟ କୃଷକ ସେଲ୍‌ର ସଭାପତି ଜଗତସିଂହପୁର ଚାଷୀ ତଥା ଅନ୍ୟ ଜିଲ୍ଲାର ଚାଷୀମାନଙ୍କର ଏକ ତଥ୍ୟମୂଳକ ଡାଟା ପ୍ରଦାନ କରି ସମସ୍ୟା ଗୁଡିକର ସମାଧାନ ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନା କରିଥିଲେ। ତତ୍‌ସହିତ ଚାଷୀମାନଙ୍କର ବିଭିନ୍ନ ସମସ୍ୟାକୁ ନେଇ ପିସିସି କୃଷକ ସେଲ୍ ରାଜ୍ୟସ୍ତରରେ ତୀବ୍ର ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ବିକ୍ରମ ପରିଡ଼ା, ସର୍ବେଶ୍ୱର ପଣ୍ଡା, ମହାନୀ ଚରଣ ରାଉତ, ଦୀପ୍ତିରାଣୀ ପ୍ରଧାନ, ମାନସ ରଥ, ଆର୍ତ୍ତତ୍ରାଣ ପଣ୍ଡା, ପ୍ରଶାନ୍ତ ଦାସ, ଅଶ୍ୱିନୀ ସ୍ୱାଇଁ, ନିହାର ଦାସ, ସାଇ ପ୍ରଭଞ୍ଜନ ମହାପାତ୍ର, ରବିନ୍ଦ୍ର ମଲ୍ଲିକ, ନୂତନ ତ୍ରିପାଠୀ, କୃଷ୍ଣଚନ୍ଦ୍ର ପ୍ରଧାନ, ନିହାର ଦାସ, ଇମତିୟାଜ ଖାଁ, ସେଖ୍ ସାମସୁଦିନ, ଆଶୀର୍ବାଦ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜଗନ୍ନାଥ ପ୍ଲେ ସ୍କୁଲରେ ପୁରସ୍କାର ବିତରଣ ଉତ୍ସବ

ତାଳଚେର (ଭାସ୍କର ନ୍ୟୁଜ୍): ତାଳଚେର ଟାଉନ ନୂଆଁ ବଜାର ସ୍ଥିତ ଜଗନ୍ନାଥ ପ୍ଲେ ସ୍କୁଲର ୧୭ତମ ଖେଳକୁଦ (କ୍ରୀଡା) ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ତେବେ ଆଜି ପୁରସ୍କାର ବିତରଣ ଉତ୍ସବ ପାଳନ ତାଳଚେର ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ଆଇନଜୀବୀ ଫେଷ୍ଟାର ଗଡ଼ନାୟକ, ସମ୍ମାନୀୟ ଅତିଥିଭାବେ ଆର୍ତ୍ତତ୍ରାଣ ଦାସ, ଯୋଗଦେଇ କୃତି କୁନି କୁନି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଉକ୍ତ ଉତ୍ସବରେ ବିଦ୍ୟାଳୟର ମୁଖ୍ୟ ପରିଚାଳକ ଆନନ୍ଦ ଚନ୍ଦ୍ର ଦାସ ଏହି ପୁରସ୍କାର ଉତ୍ସବରେ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁମତି ଦାସ, ସ୍ୱାତୀସ୍ମିତା ମହାରଣା, ନୟନା ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ସାହାଯ୍ୟ ସହଯୋଗରେ ଏହି ଉତ୍ସବ ପାଳନ କରାଯାଇଥିଲା। ଏଥିରେ ଛାତ୍ରଛାତ୍ରୀଙ୍କ ଦୌଡ, ବୋଲ ଥ୍ରୋ, ମ୍ୟୁଜିକାଲ ଚେୟାର, ମାଇଣ୍ଡ ଗେମ୍ ଆଦି ଖେଳକୁଦ ପ୍ରତିଯୋଗିତା କରାଯାଇଥିଲା ବେଳେ ଫାଷ୍ଟ ସେକେଣ୍ଡ, ଥାର୍ଡ଼ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଅଭିଭାବକମାନଙ୍କୁ ନେଇ ମ୍ୟୁଜିକାଲ ଚେୟାର ପ୍ରତିଯୋଗିତା କରାଯାଇ କୃତିତ୍ୱ ହାସଲ କରିଥିବା ଫାଷ୍ଟ, ସେକେଣ୍ଡ, ଥାର୍ଡ଼ ଅଭିଭାବକଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## ଖାକିରେ ଲାଗିଲା କଳଙ୍କ

# ପୋଲିସ୍ କର୍ମଚାରୀ ପ୍ରମାଣ ନଷ୍ଟ ପାଇଁ ଉଦ୍ୟମ କରିଥିବା ଅଭିଯୋଗ ଆଣିଲା ଦୁଷ୍କର୍ମ ପୀଡ଼ିତା

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଅଞ୍ଚଳର ଦୁଇଜଣ ଦୁଷ୍କର୍ମ ପୀଡ଼ିତାଙ୍କ ଡାକ୍ତରୀ ମାଇନା ନକରାଇ ପୋଲିସ୍ ପ୍ରମାଣ ନଷ୍ଟ କରିବାକୁ ଷଡ଼ଯନ୍ତ୍ର କରୁଥିବା ନେଇ ଜନୈକ ପୀଡ଼ିତା କେନ୍ଦ୍ରାପଡ଼ା ଏସ୍‌ଡ଼ିପିଓ ଏବଂ ଜିଲ୍ଲାପାଳଙ୍କ ନିକଟରେ ଗତକାଲି ଅଭିଯୋଗ କରିଛନ୍ତି। ଘଟଣାରୁ ପ୍ରକାଶ ଗତ ମାସ ୨୬ ତାରିଖରେ ଜନୈକ ଯୁବତୀ ଓ ତାଙ୍କ ନାବାଳିକା ଝିଅରିଙ୍କୁ ସେହି ଅଞ୍ଚଳର ଦୁଇଭାଇ ଦୁଷ୍କର୍ମ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ଥାନାରେ କେସ୍ ନଂ୧୭୯/୨୪ ରୁଜୁ କରାଯାଇ ସମ୍ପୃକ୍ତ ଦୁଇଭାଇଙ୍କୁ ପୋଲିସ୍ ଗିରଫ କରିଥିଲା। ପୀଡ଼ିତା ଦୁଇଜଣଙ୍କୁ ଡାକ୍ତରୀମାଇନା କରିବା ପାଇଁ ଡେରାବିଶ ଥାନାର ଜଣେ ମହିଳା ପୋଲିସ୍ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। କିନ୍ତୁ ସମ୍ପୃକ୍ତ ମହିଳା ପୋଲିସ କର୍ମଚାରୀ ଜଣକ ଘଟଣାକୁ ଚପାଇବା ଉଦ୍ଦେଶ୍ୟରେ ଉଭୟ ପୀଡ଼ିତାଙ୍କୁ ଡାକ୍ତରୀମାଇନା ନକରିବାକୁ ପ୍ରବର୍ତ୍ତାଇ ଥିଲେ ଓ ଏକ ସାଧା କାଗଜରେ ଦସ୍ତଖତ କରାଇ ଚିକିତ୍ସାଳୟରୁ ଫେରାଇ ଆଣିଥିଲେ ବୋଲି ପୀଡ଼ିତା ଜଣକ ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ପରେ ପୁନର୍ବାର ପୀଡ଼ିତା ଦୁଇଜଣ ଥାନାରେ ପୋଲିସ୍ କର୍ମଚାରୀଙ୍କୁ ମେଡ଼ିକାଲ୍ ଟେଷ୍ଟ କରିବା ପାଇଁ କାକୁତିମିନତୀ ହୋଇଥିଲେ। ବାଧ ହୋଇ ସମ୍ପୃକ୍ତ ମହିଳା ପୋଲିସ ଜଣକ ପୁନର୍ବାର ପୀଡ଼ିତା ଦୁଇଜଣଙ୍କୁ ତରବରିଆ ଭାବେ ଡାକ୍ତରୀମାଇନା କରାଇଥିବା ଜଣାପଡ଼ିଛି। ଘଟଣାର ଗୁରୁତ୍ୱକୁ ଲାଘବ କରିବା ପାଇଁ ଏହା ଷଡ଼ଯନ୍ତ୍ର ବୋଲି ପୀଡ଼ିତା ଜଣକ ପୋଲିସର ମୋ ପ୍ରତି ଏକ ଷଡ଼ଯନ୍ତ୍ର ବୋଲ ଅଭିଯୋଗରେ ଦର୍ଶାଇ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ କେନ୍ଦ୍ରାପଡ଼ା ଏସ୍‌ଡ଼ିପିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି।

# ପାରାଦୀପ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି



ପାରାଦୀପ (ଭାସ୍କର ନ୍ୟୁଜ୍) : ପାରାଦୀପ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ପାଇଁ ଆଲୁମିନି ଆସୋସିଏସନ ପକ୍ଷରୁ ମହାବିଦ୍ୟାଳୟ ପରିସରରେ ରବିବାର ଅପରାହ୍ଣ ରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଲୁମିନି ଆସୋସିଏସନର ସଭାପତି ତଥା ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ କଲେଜର ଅଧକ୍ଷା ଡ. ସସ୍ମିତା ଶତପଥୀ, ପୂର୍ବତନ ଅଧକ୍ଷ ଡ. ଶଙ୍କର ମହାପାତ୍ର ଓ ଡ. ସୁରେନ୍ଦ୍ର ମୋହନ ମିଶ୍ର, ପ୍ରାକ୍ତନ ପ୍ରାଧାପିକ ଡ. ଶକୁନ୍ତଳା ଆଚାର୍ଯ୍ୟ, ଆଲୁମୁନି ଆସୋସିଏସନର ସାଧାରଣ ସମ୍ପାଦକ ଗୌତମ କୁମାର ଦାସ, ଉପସଭାପତି ଡ. ପ୍ରଦୀପ୍ତ କିଶୋର ଦାସ, ସହ ସମ୍ପାଦକ ସୁଶାନ୍ତ କୁମାର ସ୍ୱାଇଁ, ସଂଯୋଜକ ଅକ୍ଷୟ ଚନ୍ଦ୍ର ମିଶ୍ର ଏବଂ ସୁବର୍ଣ୍ଣ ଜୟନ୍ତୀ କମିଟିର ସଦସ୍ୟ ଗଣେଶ୍ୱର ପାତ୍ରଙ୍କ ସମେତ ବହୁ ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ରହି ଆସନ୍ତା ଫେବୃଆରୀ ମାସରେ ଆୟୋଜିତ ହେବାକୁ ଥିବା ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ମହା ସମାରୋହରେ ପାଳନ କରିବାକୁ ସର୍ବସମ୍ମତି କ୍ରମେ ନିଷ୍ପତି ହୋଇଥିଲା। ତେବେ ଆସନ୍ତା ରବିବାର ଦିନ ଯୋଗାଯୋଗ କରାଯାଇ ଅଧିକ ପୁରାତନ ଛାତ୍ରଛାତ୍ରୀ ମାନଙ୍କୁ ଏହି ବୈଠକରେ ସିଦ୍ଧାନ୍ତ ନିଆଯାଇଥିଲା। ତେବେ ଏହି ସୁବର୍ଣ୍ଣ ଜୟନ୍ତୀରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ ପ୍ରତିଷ୍ଠିତ ପ୍ରତିଭା ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ଚିନ୍ତା ନାହିଁ

# ବଢୁଛି ଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା, ଆସୁନାହାନ୍ତି ବିଦେଶୀ





➔ କେବେ ହେବ ଭିତ୍ତିଭୂମିର ବିକାଶ

➔ ପୀରଜାହାନିଆ ପୀଠରେ ପର୍ଯ୍ୟଟକ ଅସୁବିଧାର ସମ୍ମୁଖୀନ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ବଣ, ଜଙ୍ଗଲ ଓ ସ୍ୱର୍ଣ୍ଣାବ ବେଳାଭୂମିରେ ପରିପୂର୍ଣ୍ଣ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳର ପୀରଜାହାନିଆ ପୀଠ ସୌନ୍ଦର୍ଯ୍ୟକୁ ନେଇ ରାଜ୍ୟ ବ୍ୟାପି ଚର୍ଚ୍ଚା। ଫଳରେ ପ୍ରତ୍ୟେକ ବର୍ଷ ଏଠାକୁ ଲକ୍ଷ ଲକ୍ଷ ସଂଖ୍ୟାରେ ପର୍ଯ୍ୟଟକ ଆସୁଛନ୍ତି। ମାତ୍ର ପର୍ଯ୍ୟଟନସ୍ଥଳୀର ଉନ୍ନତି ତଥା ଏହାର ଭିତ୍ତିଭୂମି ସଜାଡ଼ିବା ପାଇଁ ଆଦୌ ପଦକ୍ଷେପ ନିଆଯାଉନାହିଁ। ଆବଶ୍ୟକ ଭିତ୍ତିଭୂମି ଅଭାବରୁ ପୀରଜାହାନିଆ ପୀଠର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ଜଣେ ହେଲେ ବିଦେଶୀ ପର୍ଯ୍ୟଟକ ଆଉ ଆଗ ଭଳି ଦେଖାଯାଉନାହାନ୍ତି। କେବଳ ବିଦେଶୀ ନୁହନ୍ତି ଦୂରଦୁରାନ୍ତ ପର୍ଯ୍ୟଟକମାନେ ମଧ୍ୟ ଏଠାକୁ ଆସିବା ପାଇଁ ଇଚ୍ଛା ପ୍ରକାଶ କରୁନାହାନ୍ତି। ପୀରଜାହାନିଆ ପୀଠ ହେଉଛି ହିନ୍ଦୁ ଓ ମୁସଲମାନଙ୍କ ସମନ୍ୱୟ ପୀଠ। ପର୍ଯ୍ୟଟକ ଆସିଲେ ପୀରବାବାଙ୍କୁ ଦର୍ଶନ ସହ ନିକଟରେ ପ୍ରବାହିତ ସ୍ୱର୍ଣ୍ଣାବ ବେଳାଭୂମିରେ ସ୍ନାନ କରିବା ମଜା ସହ ଝାଉଁ ଜଙ୍ଗଲ ମଧ୍ୟରେ ବଣଭୋଜିର ମଜା ନେଇଥାନ୍ତି ପର୍ଯ୍ୟଟକ। କିନ୍ତୁ ବିଭିନ୍ନ ସ୍ଥାନରେ ପର୍ଯ୍ୟଟନସ୍ଥଳୀର ବିକାଶ ହେଉଥିବା ବେଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ପୀରଜାହାନିଆ ପୀଠରେ ଆଖିଦୃଶିଆ ବିକାଶ ହୋଇନାହିଁ। ଯେପରିକି ହିନ୍ଦୁ ଓ ମୁସଲିମଙ୍କ ସମନ୍ୱୟ ପୀଠ ପୀରବାବାଙ୍କ ନିକଟରେ କୌଣସି ଉନ୍ନତିମୂଳକ କାର୍ଯ୍ୟ ହୋଇନଥିବା ବେଳେ, ପର୍ଯ୍ୟଟକ ବେଳାଭୂମିର ସମୁଦ୍ରରେ ସ୍ନାନ କରୁଥିବା ବେଳେ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ଲାଇଫ୍ ଗାର୍ଡ ବ୍ୟବସ୍ଥା ନାହିଁ। ପ୍ରତିବର୍ଷ ପୀରଜାହାନିଆ ବେଳାଭୂମିରେ ସ୍ନାନ ସମୟରେ ଅଘଟଣ ହେଲେ ମଧ୍ୟ ସବୁ ଜାଣି ମଧ୍ୟ ଜିଲ୍ଲା ପ୍ରଶାସନ ଓ ପର୍ଯ୍ୟଟନ ବିଭାଗ ଚୁପ୍ ବସିଛନ୍ତି। ବାରମ୍ବାର ସ୍ଥାନୀୟ ଲୋକେ ଲାଇଫ୍ ଗାର୍ଡ ନିୟୋଜିତ କରିବାକୁ ନିବେଦନ କରୁଥିଲେ ମଧ୍ୟ ପ୍ରଶାସନ ତରଫରୁ ଅଣଦେଖା କରାଯାଉଛି। ଯାହା ଫଳରେ ସ୍ନାନ ସମୟରେ ଅକାଳରେ ମୂଲ୍ୟବାନ ଜୀବନ ଯାଉଛି। ଅନ୍ୟପଟେ ସ୍ୱର୍ଣ୍ଣାବ ବେଳାଭୂମି ନିକଟରେ ପର୍ଯ୍ୟଟକ ବସିବା ପାଇଁ ସେମିତି କିଛି ସୁବିଧା ମଧ୍ୟ ନାହିଁ। ଯେଉଁ ପର୍ଯ୍ୟଟକ ପୀରଜାହାନିଆରେ ବଣଭୋଜିର ନିଆରା ମଜା କରିବାକୁ ଆସୁଛନ୍ତି ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯେପରିକି ବଡ଼ ସମସ୍ୟା ପାନୀୟ ଜଳ, ପ୍ରଶାସନ ତରଫରୁ କିଛି ବର୍ଷ ପୂର୍ବେ ନଳକୂପ ସହ ଏମିତିକି ଟ୍ୟାପ ସିଷ୍ଟମ କରାଯାଇଥିଲା। ମାତ୍ର ରକ୍ଷଣାବେକ୍ଷଣ ଅଭାବ ସହ ଦୁଷ୍ଟ ଦୌରାତ୍ମ୍ୟ ବ୍ୟକ୍ତି ଭାଙ୍ଗିଦେବା ସହ ବାରମ୍ବାର ନଳକୂପ ଚୋରି କରୁଛନ୍ତି ଯାହାକି ପାନୀୟ ଜଳ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ପର୍ଯ୍ୟଟକ। ବେଳାଭୂମି ସ୍ନାନ ପରେ ପୁନର୍ବାର ସ୍ନାନ ନିମନ୍ତେ ନିକଟରେ ଥିବା ପୁଷ୍କରିଣୀ ଅପରିଷ୍କାରରେ ପରିପୂର୍ଣ୍ଣ। ଏହା ସହ ପର୍ଯ୍ୟଟକମାନଙ୍କ ଶୃଙ୍ଖଳା ପାଇଁ ପୁଲିସ ପ୍ରଶାସନ ତରଫରୁ କାଁ ଭାଁ ନିୟୋଜିତ ହେଉଛନ୍ତି ଯାହାକି ବଣଭୋଜି କରିବାକୁ ଆସୁଥିବା ପର୍ଯ୍ୟଟକମାନଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇ ଥାନାରେ ପହଞ୍ଚିବାର ନଜିର ମଧ୍ୟ ରହିଛି। ସ୍ଥାନୀୟ ବୁଦ୍ଧିଜୀବୀ ଦାବି କରିଛନ୍ତି ପୀରଜାହାନିଆ, ଗଙ୍ଗାଦେବୀ ଓ କେଲୁଣୀ ମୁହାଁଣ ନିକଟରେ ପର୍ଯ୍ୟଟକମାନଙ୍କ ମଧ୍ୟରେ ଅନେକ ସମୟରେ ଗଣ୍ଡଗୋଳ ହେବାର ନଜିର ଆସିଥିବାରୁ ସୁରକ୍ଷା ପାଇଁ ପ୍ରଶାସନ ତରଫରୁ ପୀରଜାହାନିଆ ପୀଠରେ ଏକ ଫାଣ୍ଡି କରାଯାଉ। ଏହା ସହ ଦୂରଦୂରାନ୍ତ ପର୍ଯ୍ୟଟକଙ୍କ ରହଣି ପାଇଁ କୌଣସି ହୋଟେଲ କିମ୍ବା ଯାତ୍ରୀ ରହିବା ବିଶ୍ରାମସ୍ଥଳୀ ନାହିଁ। ପର୍ଯ୍ୟଟନସ୍ଥଳୀ ଉପରେ ନିର୍ଭର କରି ନିଜ ଗୁଜୁରାଣ ମେଣ୍ଟାଉଥିବା ବ୍ୟବସାୟୀଙ୍କ ପାଇଁ କୌଣସି ଆନୁସଙ୍ଗିକ ବ୍ୟବସ୍ଥା ହୋଇନଥିବା ବେଳେ ନିର୍ମାଣାଧିନ ମାର୍କେଟ କମ୍ପ୍ଲେକ୍ସରେ ତାଲା ଝୁଲୁଛି। ଏହାକୁ ବାଦ ଦେଲେ ପୁରୀ ଜିଲ୍ଲାରେ ଥିବା ଅନ୍ୟ ପର୍ଯ୍ୟଟନସ୍ଥଳୀର ବିକାଶ ସହ ପର୍ଯ୍ୟଟକଙ୍କ ସଂଖ୍ୟା ବେଶ୍ ବୃଦ୍ଧି ଘଟୁଥିବା ଜଣାପଡିଛି। କିନ୍ତୁ ଅସ୍ତରଙ୍ଗ ବ୍ଲକର ପୀରଜାହାନିଆ ପର୍ଯ୍ୟଟନସ୍ଥଳୀ ବିକାଶ ତଥା ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ସେମିତି କୌଣସି ପଦକ୍ଷେପ ନିଆଯାଉନାହିଁ। ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବାକୁ ହେଲେ ପୀରଜାହାନିଆ ପୀଠରେ ରହିବା, ଖାଇବା ପାଇଁ ଭଲ ହୋଟେଲ ଆବଶ୍ୟକତା ଥିବାବେଳେ ବେଳାଭୂମିରେ ଲାଇଫ୍ ଗାର୍ଡ, ବଣଭୋଜି କରିବା ପାଇଁ ପାନୀୟ ଜଳ ସହ ଆନୁସଙ୍ଗିକ ସୁବିଧାସୁଯୋଗ ସହ ପୀରଜାହାନିଆ ପୀଠରେ ପୁଲିସ ନିୟୋଜିତ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ମିନିପାର୍କ ନିର୍ମାଣ, ବ୍ୟବସାୟୀଙ୍କ ପାଇଁ ସୁବିଧାସୁଯୋଗ ସହ ପୀରଜାହାନିଆ ପୀଠ ବେଳାଭୂମିରେ ଆଲୋକୀକରଣ ସୁବିଧା ହେଲେ ପର୍ଯ୍ୟଟକ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା କରାଯାଉଛି। ସ୍ଥାନୀୟ ବାସିନ୍ଦା ଓ ବୁଦ୍ଧିଜୀବୀ ଦାବି କରିଛନ୍ତି ରାଜ୍ୟ ସରକାର, ପର୍ଯ୍ୟଟନମନ୍ତ୍ରୀ, ପର୍ଯ୍ୟଟନବିଭାଗ ଓ ଜିଲ୍ଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବା ଉଚିତ୍।

# ବିଶ୍ୱକର୍ମା ସମାଜର ସାଧାରଣ ଅଧିବେଶନ



ପୁରୁଷୋତ୍ତମପୁର (ଭାସ୍କର ନ୍ୟୁଜ୍) : ଜିଲ୍ଲାସ୍ତରୀୟ ବିଶ୍ୱକର୍ମା ସମାଜର ବାର୍ଷିକ ସଧାରଣ ଅଧିବେଶନ ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବଖଣ୍ଡ ତାଲୁକା ରାଜଶ୍ରୀ କୃଷ୍ଣ ମହାରଣାଙ୍କ ସଂଯୋଜନାରେ ଆୟୋଜିତ ଅଧିବେଶନରେ ଜିଲ୍ଲା ସଭାପତି ଅଜୟ ମହାରଣା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଜିଲ୍ଲା ସମ୍ପାଦକ ସୂର୍ଯ୍ୟ ନାରାୟଣ ମହାରଣା, ସଂଗଠକ ସମ୍ପାଦକ ସୁଶାନ୍ତ ମହାରଣା, ଉପସଭାପତି ଗୌରାଙ୍ଗ ମହାରଣା, ଅନ୍ୟତମ ଉପସଭାପତି ନୀଳାଞ୍ଚଳ ମହାରଣା, କୋଷାଧ୍ୟକ୍ଷ ଚନ୍ଦ୍ରଶେଖର ମହାରଣା, ପୂର୍ବଖଣ୍ଡ ତାଲୁକା ଅନ୍ୟତମ ଦୁଇଜଣ ରାଜଶ୍ରୀ କୃଷ୍ଣଚନ୍ଦ୍ର ମହାରଣା ଓ ତ୍ରିନାଥ ମହାରଣା, ସମ୍ପାଦକ ପ୍ରମୋଦ ମହାରଣା, ଉପସଭାପତି ସନ୍ୟାସୀ ମହାରଣା, ସହ ସମ୍ପାଦକ ପ୍ରଦୀପ ମହାରଣା, କୋଷାଧ୍ୟକ୍ଷ ପ୍ରମୋଦ ମହାରଣା ଅତିଥି ଭାବେ ଯୋଗ ଦେଇ ଉପସ୍ଥିତି ଥିବା କୂଳ ସମାଜବର୍ଗଙ୍କୁ ସମ୍ବୋଧନ କରି ଉତ୍ସାହିତ କରିଥିଲେ। ସମାଜକୁ ସୁସଂଗଠିତ କରିବା, ତାଲୁକା ତାଲୁକା ଭିତରେ ସମନ୍ୱୟ ରକ୍ଷା କରି ଭାଇଚାରା ସୃଷ୍ଟି କରିବା, କୂଳ ସମାଜର ଲୋକଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ଓ ଆର୍ଥିକ ସ୍ଥିତି କିଭଳି ବୃଦ୍ଧି ପାଇବ ମାର୍ଗ ଦେଖାଇ ଆଗକୁ ବଢ଼ାଇବା, କୂଳ ସମାଜ ସରକାରଙ୍କ ଠାରେ ପଞ୍ଜିକରଣ ହୋଇପରିଥିବା ନେଇ ଆଲୋକପାତ କରାଇଥିଲେ। ଜିଲ୍ଲାର ସମସ୍ତ ତାଲୁକା ରାଜଶ୍ରୀ, ସଭାପତି, ସମ୍ପାଦକ, ସଂଗଠନ କର୍ମକର୍ତ୍ତାମାନେ ଯୋଗ ଦେଇ ସାଙ୍ଗଠନିକ ଉପରେ ବିଭିନ୍ନ ଦିଗ ଉପରେ ଆଲୋଚନା କରି କୂଳ ସମାଜକୁ ଶୃଙ୍ଖଳିତ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଏହି ଅଧିବେଶନକୁ ସଫଳ କରାଇବା ପାଇଁ କେଶବ ମହାରଣା, ମାଧବ ମହାରଣା, ଉଦୟ ମହାରଣା, କୋକ ମହାରଣାଙ୍କ ସହ ପୂର୍ବଖଣ୍ଡ ତାଲୁକାର ବହୁ ସମାଜ ପ୍ରେମୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ତାଲୁକା ସମ୍ପାଦକ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଶିଫଳ

**ସୋମବାର, ୦୬ ଜାନୁଆରୀ ୨୦୨୫**



**ମେଷ:** ଚାକିରୀ କରିଥିବା ବ୍ୟକ୍ତିମାନେ ଅଭିବୃଦ୍ଧି ପାଇଁ ସୁଯୋଗ ପାଇବେ ଏବଂ ଆୟ ବୃଦ୍ଧି ପାଇବ । ପାରିବାରିକ ପରିବେଶ ଭଲ ରହିବ। ସାମାଜିକ କାର୍ଯ୍ୟରେ ଅଂଶଗ୍ରହଣ କରିବେ। ଧର୍ମ ଉପରେ ବିଶ୍ୱାସ ବୃଦ୍ଧି ପାଇବ।



**ବୃଷ:** ବ୍ୟବସାୟର ସ୍ଥିତି ଗୁରୁତ୍ୱପୂର୍ଣ୍ଣ ହେବ । ସମସ୍ତ କାର୍ଯ୍ୟ କଠିନ ପରିଶ୍ରମ ଏବଂ ସାଙ୍ଗମାନଙ୍କ ପୂର୍ଣ୍ଣ ସମର୍ଥନ ସହିତ ସଫଳ ହେବ, ଅନାବଶ୍ୟକ ଖର୍ଚ୍ଚ ବଢିବା କାରଣରୁ ଚାପରେ ରହିପାରନ୍ତି । ବିବାହିତ ଜୀବନ ଭଲ ହେବ ।



**ମିଥୁନ:** ବ୍ୟବସାୟରେ ସାଙ୍ଗମାନଙ୍କ ସହିତ ଭଲ ସମ୍ପର୍କ ରହିବ ଏବଂ ପରିବାରରେ ଆନନ୍ଦ ଏବଂ ସୁଖର ପରିବେଶ ରହିବ । ନୂତନ ଲୋକଙ୍କୁ ଭେଟିବେ, ଯାହା ଲାଭଦାୟକ ହେବ । ସାମାଜିକ କାର୍ଯ୍ୟରେ ଅଂଶଗ୍ରହଣ କରିବେ, ଯେଉଁଥି ପାଇଁ ସମାଜରେ ସମ୍ମାନ ବୃଦ୍ଧି ପାଇବ।



**କର୍କଟ:** ଧାର୍ମିକ ଏବଂ ସାମାଜିକ କାର୍ଯ୍ୟ ପ୍ରତି ଆଗ୍ରହ ବୃଦ୍ଧି ପାଇବ। ପାରିବାରିକ ପରିବେଶ ଆପଣଙ୍କ ପାଇଁ ଅନୁକୂଳ ହେବ ଏବଂ ପରିବାର ସଦସ୍ୟ ମଧ୍ୟ ସମର୍ଥନ ପାଇବେ। ଆପଣ ନୂତନ କାର୍ଯ୍ୟ କରିବା ପାଇଁ ପ୍ରେରଣା ପାଇବେ ଏବଂ କାର୍ଯ୍ୟରେ ସଫଳ ହେବେ।



**ସିଂହ:** ବ୍ୟବସାୟ ଭଲ କରିବ ଏବଂ ଚାକିରିରେ ଅଭିବୃଦ୍ଧି ହେବାର ସମ୍ଭାବନା ରହିବ । ସମ୍ପତ୍ତିରେ ବିନିଯୋଗ କରିବାକୁ ବିଚାର କରିବେ, ଯାହା ଲାଭଦାୟକ ହେବ । ପରିବାର ସହିତ ଏକ ଖୁସିର ଦିନ ବିତାଇବ । ପିକନିକ୍ କିମ୍ବା ଅନ୍ୟ କୌଣସି କାର୍ଯ୍ୟକଳାପ ପରିବାର ଏବଂ ସାଙ୍ଗମାନଙ୍କ ସହିତ ସଂଗଠିତ ହୋଇପାରିବ ।



**କନ୍ୟା:** ପାରିବାରିକ ପରିବେଶ ଭଲ ରହିବ । ପୁରୁଣା ବନ୍ଧୁମାନଙ୍କୁ ସାକ୍ଷାତ କରାଯାଇପାରିବ, ଯାହା ଲାଭଦାୟକ ହେବ । ବ୍ୟବସାୟ ଭଲ କରିବ ଏବଂ ଏକ ଲାଭ ପରିସ୍ଥିତି ଆସିବ । ପିତୃପୁରୁଷ ସମ୍ପତ୍ତିରୁ ଉପକୃତ ହୋଇପାରିବେ ।



**ତୁଳା:** ବ୍ୟବସାୟ ଲାଭଦାୟକ ହେବ ଏବଂ ଚାକିରିରେ ଅଗ୍ରଗତି ସହିତ ଅବସ୍ଥାନରେ ପରିବର୍ତ୍ତନ ଆସିବ । ଆୟର ବୃଦ୍ଧି ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବ । ସାଙ୍ଗମାନେ କାର୍ଯ୍ୟରେ ସାହାଯ୍ୟ କରିବେ। ସାମାଜିକ କାର୍ଯ୍ୟରେ ଆଗ୍ରହ ବୃଦ୍ଧି ପାଇବ । ବିବାହିତ ଜୀବନ ମଧ୍ୟ ସୁଖୀ ହେବ।



**ବିଛା:** ଆପଣ ବ୍ୟବସାୟରେ ଆଶା ଏବଂ ସଫଳତା ପାଇବେ। ସାମାଜିକ କାର୍ଯ୍ୟରେ ଅଂଶଗ୍ରହଣ କରିବା ଦ୍ୱାରା ସମାଜର ପ୍ରତିଷ୍ଠା ମଧ୍ୟ ବୃଦ୍ଧି ପାଇବ । ପରିବାର ସହିତ ସମୟ ବିତାଇବେ। ଦାମ୍ପତ୍ୟ ଜୀବନରେ ସୁଖ ଆସିବ । ସମ୍ପତ୍ତି ଏବଂ ଷ୍ଟକ୍ ମାର୍କେଟରେ ବିନିଯୋଗ ଲାଭଦାୟକ ହୋଇପାରେ ।



**ଧନୁ:** ଆପଣ କଠିନ ପରିଶ୍ରମର ଭଲ ଫଳାଫଳ ପାଇବେ । ବ୍ୟବସାୟରେ ଲାଭଜନକ କାରବାର ହେବ । ନୂତନ ବିନିଯୋଗ ସୁଯୋଗ ମିଳିବ । ପରିବାରର ପରିବେଶ ଖୁସି ହେବ। ଜୀବନ ସାଥୀ ସହିତ ଭଲ ସମନ୍ୱୟ ରହିବ। ଆଧ୍ୟାତ୍ମିକ ଏବଂ ଧାର୍ମିକ କାର୍ଯ୍ୟଗୁଡ଼ିକର ଧାରା ବୃଦ୍ଧି ପାଇବ ଏବଂ ଈଶ୍ୱରଙ୍କ ପ୍ରତି ଭକ୍ତି ମନରେ ଶାନ୍ତି ଆଣିବ ।



**ମକର:** ଯୋଗାଯୋଗ ମାଧ୍ୟମରେ ପ୍ରଗତି ପାଇଁ ନୂତନ ସୁଯୋଗ ମିଳିବ, ଯାହା ଆପଣଙ୍କୁ ଶକ୍ତି ଏବଂ ଉତ୍ସାହରେ ପରିପୂର୍ଣ୍ଣ ରଖିବ। ପୈତୃକ ସମ୍ପତ୍ତିରୁ ଏକ ଲାଭ ମିଳିବ । ପରିବାରରେ ମାଙ୍ଗଳିକ କାର୍ଯ୍ୟ ଯୋଜନା କରାଯିବ । ବ୍ୟବସାୟ ସହିତ ଆପଣ କିଛି ବିଶେଷ କାର୍ଯ୍ୟ ମଧ୍ୟ କରିପାରିବେ ।



**କୁମ୍ଭ:** ବେକାରମାନେ ଭଲ ନିଯୁକ୍ତି ସୁଯୋଗ ପାଇପାରିବେ। ସାମାଜିକ କାର୍ଯ୍ୟରେ ମନ କରାଯିବ ଏବଂ ସମାଜରେ ସମ୍ମାନ ବୃଦ୍ଧି ପାଇବ । ପାରିବାରିକ ଦାୟିତ୍ୱ ପୂରଣ କରିବେ। ପ୍ରଭାବଶାଳୀ ଲୋକଙ୍କୁ ଭେଟିବେ । ଜୀବନ ସାଥୀ ପୂର୍ଣ୍ଣ ସମର୍ଥନ ପାଇବେ ।



**ମୀନ:** ପରିବାରରେ ଆନନ୍ଦ ଏବଂ ସୁଖର ପରିବେଶ ରହିବ। କ୍ରୋଧକୁ ନିୟନ୍ତ୍ରଣ କର ଏବଂ ଆପଣଙ୍କ ବକ୍ତବ୍ୟକୁ ନିୟନ୍ତ୍ରଣ କରନ୍ତୁ । କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହିତ ବିବାଦ ହୋଇପାରେ । ନୂତନ ଚାକିରି ସୁଯୋଗ ପାଇବାର ସମ୍ଭାବନା ରହିବ । ଜୀବନ ସାଥୀ ପୂର୍ଣ୍ଣ ସମର୍ଥନ ପାଇବେ।



ସୌଜନ୍ୟରେ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ରାୟଗଡ(ଭାସ୍କର ନ୍ୟୁଜ୍): ଚଇତି ଶେଷ ରଜନୀ ଧୂମଧାମରେ ପାଳିତ ହୋଇଯାଇଛି । ଚଳିତ ବର୍ଷ ଚଇତି ୬କୋଟି ଟଙ୍କାର ବ୍ୟବସାୟ କରି ଉଲ୍ଲେଖନୀୟ ସଫଳ ହାସଲ କରିଛି ।ଚତୁର୍ଥ ରଜନୀରେ ଦର୍ଶକ ଲୋକକଳା ସହ ମଣ୍ଟୁ ଛୁରୀଆଙ୍କ ଗୀତରେ ଭରପୁର ଉପଭୋଗ କରିଥିଲେ । ମୁଖ୍ୟ ଅତିଥି ଭାବେ କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଶଙ୍କର ଉଲାକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାକୁ ସର୍ବୋଚ୍ଚ ଜିଲ୍ଲାରେ ସାମିଲ କରିବା ପାଇଁ ଏକତ୍ରିତ ହେବାକୁ ନିବେଦନ କରିଥିଲେ । ଅତିଥି ଭାବେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ବିଷମ କଟକ ବିଧାୟକ, ନୀଳମାଧବ ହିକକା,ଜିଲ୍ଲାପାଳ ପାରୁଲ ପଟାୱରୀ, ଜିଲାପରିଷଦ ଅଧକ୍ଷା ସରସ୍ୱତୀ ମାଝି, ଡିଆରଡିଏ ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡ, ଜିଲାପରିଷଦ ଉପସଭାପତି ସନ୍ତୋଷ ସୁନା ପ୍ରମୁଖ ଉପସ୍ଥିତ ରହି ନିଜ ବକ୍ତବ୍ୟ ଦେଇଥିଲେ । ଜିଲାପାଳ ପାରୁଲ ପଟାୱରୀ ସ୍ୱାଗତ ଅଭିଭାଷଣ ରଖିଥିଲେ । ଡିଆରଡିଏ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ । ଉପସ୍ଥିତ ଅତିଥିଙ୍କ ଦ୍ୱାରା ସମସ୍ତ ଜିଲ୍ଲାପରିଷଦ ସଭ୍ୟମାନଙ୍କୁ ସମ୍ମାନିତ କରାଯାଇଥିବା ବେଳେ ଓଡିଶା ସିଭିଲ ସେବା ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ସୁନୀଲଶବର, ସୁନିତା ବେହୁରି, ପ୍ରାଚୀପ୍ରୀୟା ଦଳାଇ, ସୁନୀଲ କୀଲାକା,ଲକ୍ଷେଶ୍ୱରୀ ମାଝି, କ୍ରୀଡ଼ାବିତ ସ୍ୱାତି ପ୍ରିୟା ପ୍ରଧାନ, ଅଧାପକ ଡଃ ଈଶ୍ୱର ଚନ୍ଦ୍ର ନାୟକ, ସହକାରୀ ଅଧାପକ ଡଃ ମହେଶ୍ୱର ଦୁରିଆ, ଡଃ ଗୀତାଞ୍ଜଳି ନାୟକ, ରାଜେଶ ବିଶ୍ୱାଳଙ୍କୁ ଚଇତି ସମ୍ମାନରେ ସମ୍ମାନିତ କରାଯାଇଥିଲା । ସେହିଭଳି ଉଚ୍ଚତମ ବିଭାଗୀୟ ପ୍ରଦର୍ଶନୀ ଷ୍ଟଲ ନିମନ୍ତେ ପ୍ରଥମ ସ୍ଥାନ ପାଇଥିବା ଉଦ୍ୟାନ ବିଭାଗ, ଦ୍ୱିତୀୟ ସ୍ଥାନରେ ଜଳଛାୟା ବିଭାଗ, ତୃତୀତ ସ୍ଥାନରେ ଜିଲା ନିଯୋଜନ ବିଭାଗକୁ ସମ୍ମାନିତ କରାଯାଇଛି । ଅପରପକ୍ଷରେ ଜୟପୁର ସତ୍ୟସାଇ ଏସଏଚଜି, ଗୋପୀନାଥ ଏସଏଚଜି ଏବଂ ଧରଃତିପେନୁ ଫାର୍ମେରକୁ ଉଲ୍ଲେଖନୀୟ ବ୍ୟବସାୟ ପାଇଁ ସମ୍ମାନିତ ହୋଇଥିଲେ । ଜିଲ୍ଲାର ପଦ୍ମପୁର, ଗୁଣପୁର, ରାୟଗଡା ବିଡିଓ ମାନଙ୍କୁ ଉନ୍ନୟନ କ୍ଷେତ୍ରରେ ଉଚ୍ଚକୋଟୀର କାର୍ଯ୍ୟକାରିତା ପାଇଁ ସମ୍ମାନିତ କରାଯାଇଥିଲା ।

# ନିମ୍ନମାନର ରାସ୍ତା କାମକୁ ବନ୍ଦ କଲେ ଗ୍ରାମବାସୀ



## ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା

ମୁନିଗୁଡା/ଚନ୍ଦ୍ରପୁରୁ (ଭାସ୍କର ନ୍ୟୁଜ): ରାୟଗଡା ଜିଲ୍ଲା ଚନ୍ଦ୍ରପୁରୁ ବ୍ଲକ୍ର ଅଧିକାଂଶ ଲୋକ ଅନୁସୁଚିତ ଜାତି ଓ ଜନଜାତି ଅଟନ୍ତି। ପୂର୍ବରୁ ଏମାନଙ୍କ ଶିକ୍ଷାଦିକ୍ଷାର ଅଭାବଥିଲା। ଆଜିର ସମାଜ ଭଳି ଶିକ୍ଷା ନଥିଲା। ହେଲେ ମଧ ଏମାନଙ୍କ ସରଳତାର ସୁଯୋଗ ନେଇ ସରକାରୀ ଅଧିକାରୀମାନେ ସରକାରଙ୍କ ଜନକଲ୍ୟାଣ କାର୍ଯ୍ୟକୁ ସଠିକ ଭାବେ ଲୋକଙ୍କ ପାଇଁ ବିନିଯୋଗ ନ କରି ଜନମାରଣ ନୀତିରେ ପରିଣତ କରୁଥିଲେ । ଯାହାକି ନିମ୍ନମାନର ଆର୍ ଡି ରାସ୍ତାରେ ଠିକାଦାର ଓ ଯନ୍ତ୍ରୀଙ୍କ ସଲାସୁତରାରେ ଅର୍ଥ ଲୁଟୁକରୁଥିବା ରାସ୍ତାକୁ ଗ୍ରାମବାସୀ ବନ୍ଦ କରି ବିଭାଗିୟର ସ୍ୱଚ୍ଛତା ଉପରେ ଆଙ୍ଗୁଳି ନିର୍ଦ୍ଦଶ କରିଛନ୍ତି। ସୂଚନାଯୋଗ୍ୟ ଚନ୍ଦ୍ରପୁରୁ ବ୍ଲକରେ ଯେତେ ରାସ୍ତା ନିର୍ମାଣ ଓ ପିଚୁ କରାଯାଉଛି ତାହା ଏତେ ନିମ୍ନମାନର ହେଉଥିଲା ତାହା ମାସକ ମଧରେ ପୂର୍ବ ସ୍ଥିତିରେ ପରିଣତ ହେଉଥିଲା ତାହା ମଲ୍ଲିକ ଜେଇଙ୍କ ପାଇଁ ସମ୍ଭବ ହେଉଛି। ସେତେବେଳେ ବିଜେଡି ବାହୁଛାୟାତଳେ ରହି କାର୍ଯ୍ୟ ହେଉକି ନ ହେଉ ବିଲ କରି ମିଳିମିଶି ଚଳୁ କରି ଚାକିରୀ ନିୟମିତ ନହେଲେବି କୋଟିପତି ହେବାର ସୌଭାଗ୍ୟ ଲାଭ କରିଥିବା ମଲ୍ଲିକ ଜେଇଙ୍କ ନାଁରେ ଅଭିଯୋଗ ହେଉଛି।ଏଥିପାଇଁ ଭିଜିଲାନ୍ସ ତଦନ୍ତ ଜରୁରୀ ହୋଇପଡିଛି।ଆହୁରି ମଧ ଦୁର୍ନୀତିର ପେଡି ଦେଖିବାକୁ ମିଳିଛି ଚନ୍ଦ୍ରପୁରୁ ବ୍ଲକ ଡାଙ୍ଗସୋରଡା ପୂର୍ତ୍ତ ବିଭାଗ ରାସ୍ତା ଠାରୁ ଉଆବାଲି,ସୁରଙ୍ଗାଗୁଡି ଗ୍ରାମ୍ୟ ଉନ୍ନୟନ ରାସ୍ତା,ଏହି ରାସ୍ତାରେ ଠିକାଦାର ଓ ଯନ୍ତ୍ରୀଙ୍କ ବିନା ଉପସ୍ଥିତିରେ ଲେବରମାନଙ୍କ ଦ୍ୱାରା ନିମ୍ନମାନର ପିଚୁ ଓ ଗୁଣ୍ଡ ଟିପ୍ସ ଏବଂ କାରପେଣ୍ଟିଂ,ସ୍ଲିକୋଟିଂ ନକରି ରାତି ଦିନ ପିଚୁ ଘଷି ରାସ୍ତା ସାରିଦେବାକୁ କାର୍ଯ୍ୟ କରୁଥିଲେ।ଏହା ଦେଖି ମାଦିଗୁଡା ଓ ଗାମାଗୁଡିର ଗ୍ରାମବାସୀମାନେ ରାସ୍ତା କାମ ବନ୍ଦ କରି କହିଲେ ତୁମେମାନେ ଏ ରାସ୍ତାରେ ଚଳ ପ୍ରଚଳ କରିବନି ଆମେ କରିବୁ,ଆଗରୁ ଆମକୁ ଭୂଆଁ ବୁଲାଇ ମାଟି ରାସ୍ତାରେ ଯେନତେନ ପ୍ରକାର ନାଲି ଗୋଡି ଛିଞ୍ଚି ଏହି ଜେଇ କିଭଳି ବିଲ୍ କରି ନେଇଗଲେ ତାହା ଆମକୁ ପରେ ଜଣାପଡିଲା।ଏବେ ଅଧଇଞ୍ଚରୁ ଅଧା ପିଚୁ ପକା ଯାଉଛ , ତାହା ଚଲାପାଦରେ ପିଚୁ ବାହାରି ମାଟି ଦିଶୁଛି। ତେଣୁ ତୁମ ଠିକାଦାର ଏବଂ ଉଚ୍ଚ ଅଫିସର ଆସି ଦେଖିବା ପରେ ସରକାରଙ୍କ ନିୟମ ଅନୁଯାୟୀ ଉନ୍ନତ ଗୁଣ ମାନର କାର୍ଯ୍ୟ ହେଉ ବୋଲି ଗ୍ରାମବାସୀ ମାନେ ଲେବରଙ୍କୁଚେତାବନୀ ଦେଇ କାର୍ଯ୍ୟ ବନ୍ଦ କରିଥିବା ଆମ ପ୍ରତିନିଧିଙ୍କୁ ସ୍ଥାନୀୟ ଗ୍ରାମବାସୀ ଶ୍ରୀବୁରୁଜା ବ୍ରେଡକା,ମାନିଲା ବ୍ରେଡକା,ମହେଶ୍ୱର ବ୍ରୱଡକା,ଦାମୋଦର ବ୍ରେଡେକା,କାଳିଦାସ ବ୍ରେଡେକା,ମୁକ୍ଷା ବ୍ରେଡେକା,ଦୁଶା ପଣ୍ଡୁ, କାଲା ପଣ୍ଡୁ,ଅନନ୍ତ ଦିବାକା,ଓ ଡମ୍ବୁରୁ ଦିବାକା ପ୍ରମୁଖ ଅଭିଯୋଗ କରିଛନ୍ତି। ସେ ପୁଣି କହିଛନ୍ତି ବିଭାଗୀୟ କର୍ତ୍ତୃପକ୍ଷ ଯଦି ଆମର ଏହି କାର୍ଯ୍ୟ ଦେଖିବା ସହ ବ୍ଲକର ସମସ୍ତ ତାଙ୍କ ବିଭାଗୀୟ କାର୍ଯ୍ୟ ତଦନ୍ତ କରନ୍ତି ତେବେ ମଲ୍ଲିକ ଜେଇର ଦୁର୍ନୀତିର ଚେର କେତେ ଗଭୀର ତାହା ଲୋକଲୋଚନକୁ ଆସିବ। ଏଥିରେ କିଛି ଅବିଚାର ହୁଏ ତେବେ ଆମେ ଆନ୍ଦୋଳନକୁ ଓହ୍ଲାଇବାକୁ ପଛାଇବୁ ନାହିଁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏନେଇ ଗୁଣୁପୁରୁ ଆରଡି ବିଭାଗର ଏସଡିଓଙ୍କୁ ଫୋନରେ ପଚାରିବାରୁ କେଉଁଠି କାମ ହେଉଛି ମୁ ଜାଣିନି ଦେଖିବା କଣ ହୋଇଛି ବୁଝିବି,କିନ୍ତୁ ଆଜିକୁ ଦଶ ଦିନ ବିତିଯାଇଥିଲେ ମଧ ଏସଡିଓଙ୍କର ବୁଝିବା କ୍ଷମତା ଜେଇଙ୍କ ନିକଟରେ ରହିଗଲା।

# ଅନାବନା ବୃକ୍ଷରେ ପରିପୂର୍ଣ୍ଣ ବିଜୁ ପଟ୍ଟନାୟକ ପ୍ରମୋଦ ଉଦ୍ୟାନ




ଖଡ଼ିଆଳ(ଭାସ୍କର ନ୍ୟୁଜ): ନୂଆପଡା ଜିଲ୍ଲା ଖଡ଼ିଆଳ ବିଜ୍ଞାପିତ ପରିଷଦ ଅଂଚଳ ୧୩ ନମ୍ବର ୱାର୍ଡରେ ୨୦୧୮ ମସିହାରେ ବିଜୁ ପଟ୍ଟନାୟକ ପ୍ରମୋଦ ଉଦ୍ୟାନ ନିର୍ମାଣ ହୋଇଛି। ଏହି ଉଦ୍ୟାନରେ ମୂଲ୍ୟବାନ ଓଷଧିୟ ଗଛ ସବୁ ଲାଗିଛି। ସୁନାରୀ, ଚେରି, ଅଶୋକ, ଫଣଫଣା ବାଦାମ, ରୁଦ୍ରାକ୍ଷ ଭଳି ଗଛ ଲାଗିଛି। ଯେଉଁ ଗଛ ଗୁଡିକର ପତ୍ର. ଫୁଲ, ଫଳ, ଓ ଚେର ଔଷଧିୟ କଞ୍ଚାମାଲ ଭାବେ ସମସ୍ତ ରୋଗର ଆରୋଗ୍ୟ ହୋଇଥାଏ। ମଧୁମେହ, ଉଚ୍ଚରକ୍ତ ଚାପ, ମୁଣ୍ଡ ବ୍ୟଥା, ରକ୍ତ ହୀନତା, ଜଣ୍ଡିସ ଭଳି ବିଭିନ୍ନ ରୋଗର ଚିକିତ୍ସା ପାଇଁ ଏହି ମୂଲ୍ୟବାନ ଗଛର ପତ୍ର, ଫୁଲ, ଫଳ, ଗଛ, ଚେର ଓ ଡାହି କାମରେ ଆସିଥାଏ। ତେଣୁ ଏହି ଉଦ୍ୟାନର ରକ୍ଷଣା ବେକ୍ଷଣା ନିତାନ୍ତ ଆବଶ୍ୟକ ଲୋଡ଼ା ହେଉଛି। ଉଦ୍ୟାନକୁ ଛୋଟ ଛୋଟ ପିଲାମାନେ ସନ୍ଧ୍ୟାରେ ଖେଳକୁଦ କରିବାକୁ ଆସୁଥିବାବେଳେ ବୟସ୍କ ଲୋକେ ଉଭୟ ପୁରୁଷ ଓ ମହିଳା ମାନେ ମଧ୍ୟ ଉଦ୍ୟାନକୁ ପ୍ରାତଃ ଓ ସନ୍ଧ୍ୟା ଭ୍ରମଣରେ ଆସିଥାନ୍ତି। ଉଦ୍ୟାନରେ ଲୋକଙ୍କ ବସିବା ପାଇଁ ତିଆରି ହୋଇଥିବା ସିମେଣ୍ଟ ବେଞ୍ଚ ଓ ପାଚେରୀ କଡ଼ରେ ଘାସ ଓ ଅନାବନା ଲତା ବୁଦା ଭରି ରହିଥିବାରୁ ପିଲାମାନଙ୍କ ଓ ସମସ୍ତ ଲୋକଙ୍କ ପ୍ରତି ବିପଦ ରହିଛି। ତେଣୁ ପାଚେରୀର ଭିତରପଟ ସଫା ସୁତର କରିବାକୁ ଦାବିହେଉଛି। ପ୍ରାୟତଃ ଉଦ୍ୟାନ ଭିତର କୁ ଗାଈଗୋରୁ ପଶି ମୂଲ୍ୟବାନ ଗଛକୁ ଭାଙ୍ଗି ଦେଉଥିବାରୁ ଏନଏ ସି କର୍ତ୍ତୃପକ୍ଷ ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି। ଏନେଇ ଖଡ଼ିଆଳ ବିଜ୍ଞାପିତ ପରିଷଦ ଅଞ୍ଚଳ ଅଧିକାରୀ ସ୍ୱାଧୀନ କେତନ ମହାରଣାଙ୍କୁ ଫୋନ ଯୋଗାଯୋଗ କରିବାରୁ ଯୋଗାଯୋଗ ହୋଇପାରି ନାହିଁ।

## ମଇଁଷିକୁ ଧକ୍କାଦେଇ ଓଲଟିଲା ପ୍ଲାଷ୍ଟିକ ବୋତଲ ବୋଝେଇ ଗାଡ଼ି



କୋଷାଗୁମୁଡ଼ା(ଭାସ୍କର ନ୍ୟୁଜ୍): କୋଷାଗୁମୁଡ଼ା ଥାନା ଅନ୍ତର୍ଗତ ମାଝୀ ଧନୁଆ ଗାଁ ନିକଟରେ ଛତିଶଗଡ଼ ଅଭିମୁଖେ ଯାଉଥିବା ଏକ ପ୍ଲାଷ୍ଟିକ ବୋତଲ ବୋଝେଇ ଗାଡି ଦୁଇ ମଇଁଷି କୁ ବିକ୍ରି ପାଇଁ ଛତିଶଗଡ଼ ପଟରୁ ଜଣେ ଗାଈ ବେପାରୀ କୋଷାଗୁମୁଡ଼ା ଅଭିମୁଖେ ନେଇ ଆସୁଥିବା ବେଳେ ମଇଁଷିକୁ ସିଧାସଳଖ ବାଡେଇ ହୋଇ ମୁଖ୍ୟ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଦୁଇ ମଇଁଷି ଙ୍କ ମଧ୍ୟରୁ ଗୋଟିଏ ବହୁ ଗୁରୁତର ଥିବାବେଳେ ଆଉ ଗୋଟିଏ ମଇଁଷି ଅଳ୍ପ ଆହତ ହୋଇଛି ବୋଲି ଜଣାପଡ଼ିଛି। ଏପଟେ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ଗାଡ଼ି ଚାଳକ ଓ ତାର ମାଲିକ ଙ୍କ ଠାରୁ ମଇଁଷିର ଚିକିତ୍ସା ପାଇଁ କିଛି ଅର୍ଥ ଆଦାୟ କରି ପ୍ଲାଷ୍ଟିକ ବୋଝେଇ ଗାଡିକୁ ଛାଡିଥିଲେ ବୋଲି ମାଝୀ ଧନୁଆ ର ସ୍ଥାନୀୟ ଲୋକମାନେ ସୂଚନା ଦେଇଛନ୍ତି । ଏହି ରାସ୍ତାଟି ଛତିଶଗଡ଼ ରାଜ୍ୟର ପ୍ରମୁଖ ସହର ଜଗଦଲପୁର କୁ ଓଡିଶା ରାଜ୍ୟକୁ ସଂଯୋଗ କରୁଥିବାରୁ ସବୁବେଳେ ଗାଡି ମୋଟର ଚଳାଚଳ ଭିଡ ପରିଲକ୍ଷିତ ହୋଇଥାଏ ।

## ଦୁର୍ଘଟଣାରେ ଯୁବକ ମୃତ

କୋଷାଗୁମୁଡ଼ା,(ଭାସ୍କର ନ୍ୟୁଜ୍): ସିରିଏଲ ବାଇକ ଦୁର୍ଘଟଣା ହେଉଛି କୋଷାଗୁମୁଡ଼ା ଅଞ୍ଚଳରେ ବର୍ତ୍ତମାନ କିଛିଦିନ ହେବ । ଶନିବାର ଦିନ ସନ୍ଧ୍ୟା ୬ଟା ୧୫ସମୟରେ କୋଷାଗୁମୁଡ଼ା ବ୍ଲକ ର ସନ୍ତୋଷ ପୁର ପଞ୍ଚାୟତ ର ତେଲିଗୁଡ଼ା ନିକଟରେ ଥିବା ଏକ କୋଲଭୋଟ ରେ ଏକ ବାଇକ ପିଟି ହୋଇଯିବା ଫଳ ରେ ଘଟଣା ଉପରେ ହିଁ ବାଇକ ଚାଳକ ଯୁବକଙ୍କ ମୃତ୍ୟୁବରଣ କରିଥିବା ଜଣାପଡିଛି । ରାସ୍ତା ଉପରେ ଯାଉଥିବା ଯାତ୍ରୀଙ୍କ ଦ୍ୱାରା କୋଷାଗୁମୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ଡାକ୍ତର ଯୁବକକୁ ମୃତ୍ୟୁ ଘୋଷଣା କରିଛନ୍ତି। ସ୍ଥାନୀୟ ଲୋକଙ୍କ ଦ୍ୱାରା ଯୁବକ ଟିର ପରିଚୟ ପାଇବା ପରେ ଘର ଲୋକଙ୍କୁ ଖବର କରିଛନ୍ତି । ବର୍ତ୍ତମାନ ମୃତ ଯୁବକ ଟି କୋକଡ଼ାଗୁଡା ର ବୋଲି ଜଣାପଡିଛି । ମୃତ ଯୁବକକୁ ରବିବାର ଦିନ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସ୍ଥାନୀୟ ଥାନା ପକ୍ଷରୁ ସୂଚନା ମିଳିଛି ।

## ମାଲକାନଗିରିରେ ପ୍ରଥମଥର ପାଇଁ ଆୟୋଜିତ ହେଲା ଉତ୍କଳିକା କର୍ପୋରେଟ ଫେୟାର



ମାଲକାନଗିରି(ଭାସ୍କର ନ୍ୟୁଜ୍): ମାଲକାନଗିରିରେ ଆୟୋଜିତ କରାଯାଇଛି ଉତ୍କଳିକା କର୍ପୋରେଟ ଫେୟାର। ଓଡ଼ିଶାର ପ୍ରାୟ ୫୫ ଟି ହସ୍ତଶିଳ୍ପ କେନ୍ଦ୍ର ରହିଥିବା ବେଳେ ସେଥିମଧ୍ୟରୁ କିଛି ହସ୍ତଶିଳ୍ପ ତିଆରି ଜିନିଷ ଆଜିର ଏହି ଉତ୍କଳିକା କର୍ପୋରେଟ ଫେୟାର ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ଆସିଷ୍ଟାଣ୍ଟ ଡାଇରେକ୍ଟର ସମିର ପାତ୍ରଙ୍କ ଦ୍ୱାରା ଉଦ୍ଘାଟନ କରାଯାଇଥିଲା। ଏହି ଉତ୍କଳିକା କର୍ପୋରେଟ ଫେୟାରରେ ଅନେକ ହସ୍ତଶିଳ୍ପ ଜିନିଷ କାରିଗରମାନଙ୍କ ଦ୍ୱାରା ନିଜ ହାତରେ ତିଆରି କରାଯାଇଥିଲା। ଏହି ହସ୍ତଶିଳ୍ପ ତିଆରି ଜିନିଷ ସାଧାରଣ ଲୋକଙ୍କ ପାଖକୁ ପହଚାଇବା ଏହାକୁ ଲୋକପ୍ରିୟ କରିବା ସହିତ କାରିଗର ମାନେ କିପରି ତାଙ୍କ ପରିଶ୍ରମ ଫଳ ପାଇଁ ପାରିବେ ଏବଂ ସେମାନଙ୍କ ହସ୍ତଶିଳ୍ପ ସାରା ଓଡିଶାବାସୀ ଏହାକୁ ବ୍ୟବହାର କରିବା ସହ ଏହାର ପ୍ରଶଂସା କରିବେ। ଆଜି ଏହି ଫେୟାରରେ ଅନେକ ହସ୍ତଶିଳ୍ପ ଜିନିଷ ରହିଥିଲା ଯେପରି ପାଟ, ଖଣ୍ଡୁଆ ପାଟ, କୋଟନ ଜିନିଷ, ଶଙ୍ଖ, ସାମୁଦ୍ରିକ ଜିନିଷ, ସିଙ୍ଘ ରେ ତିଆରି ଜିନିଷ, ସମ୍ବଲପୁରୀ ଶାଢ଼ି,ରୁପା ତିଆରି ଅନେକ ଆକର୍ଷଣୀୟ ଜିନିଷ, ଚାନ୍ଦୁଆ ଭଳି ଅନେକ ହାତ ତିଆରି ଜିନିଷ ଏହି ଫେୟାରରେ ଦେଖିବାକୁ ମିଳିଥିଲା ଯାହା ଗ୍ରାହକ ମାନଙ୍କୁ ବେଶ ଆକର୍ଷଣ କରିଥିଲା। ଲୋକେ କିପରି ସ୍ୱଦେଶୀ ଜିନିଷ ପ୍ରତି ଆକୃଷ୍ଟ ହେବେ ଓ ହାତ ତିଆରି ଜିନିଷ ବ୍ୟବହାର କରିବେ ତାହା ହିଁ ଏହି ଉତ୍କଳିକା କର୍ପୋରେଟ ଫେୟାରର ଲକ୍ଷ୍ୟ ରହିଥିଲା।

## ରାଉରକେଲା ପରିଭ୍ରମଣରେ ବାଲିମେଳା ପାରିଷଦ ବୃନ୍ଦ



ବାଲିମେଳା (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ବାଲିମେଳା ଏନ ଏସିର ସମସ୍ତ ପାରିଷଦ ବୃନ୍ଦ ଏକ୍ସପୋଜର ପରିଦର୍ଶନରେ ରାଉଲକେଲା ସହର ଯାଇଛନ୍ତି । ଏହି ପରିପ୍ରେକ୍ଷୀରେ ଆଜି ଏନଏସି ଅଧକ୍ଷ ପ୍ରଦୀପ ନାୟକ ନେତୃତ୍ୱରେ ପାରିଷଦର ସମସ୍ତ ସଭ୍ୟ ଓ ସଭ୍ୟା।ଙ୍କୁ ନେଇ ରାଉଲକେଲ ଗସ୍ତ କରିଛନ୍ତି। ରାଉଲକେଲା ପହଞ୍ଚିବା ପରେ ସେଠାରେ ଥିବା ବିଭିନ୍ନ ଜନ ମଙ୍ଗଳ କାରୀ ଉନୟନ ପ୍ରକଳ୍ପ ଗୁଡିକୁ ବୁଲି ଦେଖିବା ସହ ସେହି ପ୍ରକଳ୍ପ ଗୁଡିକ କିପରି ବାଲିମେଳା ସହରରେ କାର୍ଯ୍ୟ କରାଯାଇପାରିବ ଯାହାକି ବାଲିମେଳା ସହରର ଉନ୍ନତି ହୋଇପାରିବ । ଯେଉଁଥିରେ କି ଗୋବର ଗ୍ୟାସ ପ୍ରକଳ୍ପ , ବାୟୁ ପ୍ରଦୂଷଣ ରୋକିବା ସହିତ ବିଭିର୍ନ୍ନ ଉନ୍ନୟନମୂଳକ ଓ ଜନ ମଙ୍ଗଳକାରୀ ପ୍ରକଳ୍ପ ଗୁଡିକୁ ପରିଭ୍ରମଣ ସହିତ କାର୍ଯ୍ୟକାରୀ କରିବା ପାଇଁ ଏହି ୩ ଦିନିଆ ଗସ୍ତର ଆୟୋଜନ କରାଯାଇଅଛି ବୋଲି ନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ର କହିଛନ୍ତି ।

# ସୋମନାଥେଶ୍ୱର ମନ୍ଦିର ପ୍ରତିଷ୍ଠା ପାଇଁ ପ୍ରସ୍ତୁତି ବୈଠକ

ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲୋଳା କୋରକୁଣ୍ଡା ବ୍ଲକ ଅନ୍ତର୍ଗତ ସୋମନାଥପୁର ଗ୍ରାମ ପଞ୍ଚାୟତ ର ସୋମନାଥେଶ୍ୱର ମନ୍ଦିର ପ୍ରାଙ୍ଗଣରେ ମନ୍ଦିର ପ୍ରତିଷ୍ଠାର୍ଥେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ବିଧାୟକ ମଙ୍ଗୁ ଖିଲ, ପୂର୍ବତନ ବିଧାୟକ ଡମ୍ବରୁ ଶିଷା, ସମାଜସେବୀ ଅଜୟ କୁମାର ପଟ୍ଟନାୟକ, ବାସୁଦେବ ଲେଙ୍କା,ବାଳକୃଷ୍ଣ ପ୍ରଧାନ, ଭଗବାନ ସାହୁ, ମୁଖ୍ୟ ଉଦ୍ୟୋକ୍ତା କିଶୋର ଚନ୍ଦ୍ର ପ୍ରଧାନ, ମନ୍ଦିର ଉପଦେଷ୍ଟା ସଦସ୍ୟ ବଳରାମ ଚାଲାଣ,ମଦନ ସୁଆବି, ରବିନ୍ଦ୍ର ମାଝୀ, ଭଗବାନ ସ୍ୱାଇଁ, ମଙ୍ଗୁ ମାଝୀ, ଗୁରୁଦେବ ରୁମୁଡା, ବୁଦ୍ଧଦେବ ଚାଲାଣ, ଡମ୍ବରୁ ରୁମଡା, ଶ୍ରୀକାନ୍ତ ପାଢ଼ୀ, ଶତ୍ରୁଘ୍ନ ସ୍ୱାଇଁ, କୃଷ୍ଣ ମାଝୀ, ସନୁ ଖିଲ,ଦେବରାଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ମନ୍ଦିର ର ପୂଜକ ଆଦୁ ମାଝୀ ପ୍ରଥମେ ଠାକୁରଙ୍କ ପାଖରେ ପୂଜାର୍ଚ୍ଚନା ସହ ଭୋଗରାଗ ଲଗେଇ ଥିଲେ । ଆଗାମୀ ଫେବୃଆରୀ ୧୭ ତାରିଖ ରେ ହେବାକୁ ଥିବା ପ୍ରତିଷ୍ଠା ଉତ୍ସବ କୁ ମହା ଆଡ଼ମ୍ବରରେ ଦିବ୍ୟ ଓ ଭବ୍ୟତାର ସହ ପାଳନ କରିବା ଓ ଏଥିପାଇଁ ମାଲକାନଗିରି ଜିଲ୍ଲାର ସମସ୍ତ ବୁଦ୍ଧିଜିବି ଙ୍କୁ ନିମନ୍ତ୍ରଣ କରିବା ପାଇଁ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଆଗାମୀ ଫେବୃଆରୀ ୧୭ ରେ ହେବାକୁ ଥିବା ପ୍ରତିଷ୍ଠା ଉପଲକ୍ଷେ ନାମଯଜ୍ଞ, ଘୃତ ଯଜ୍ଞ ଓ ଅନ୍ନଯଜ୍ଞ ର ସୁବନ୍ଦୋବସ୍ତ ଓ ସୁପରିଚାଳନା ନିମନ୍ତେ ଯୁବକ ମାନଙ୍କୁ ଦାୟିତ୍ୱ ଦେବା ଓ ବିଧିବଦ୍ଧ ପୂଜାର୍ଚ୍ଚନା ଦ୍ୱାରା ପ୍ରତିଷ୍ଠା କାର୍ଯ୍ୟକ୍ରମ କୁ ସୁପରିଚାଳନା ନିମନ୍ତେ ସମସ୍ତେ ଗୁରୁତ୍ୱ ପ୍ରଦାନ କରିଥିଲେ ।

## ବିଡ଼ିଓ, ଥାନା ଉପଖଣ୍ଡ ଅଧିକାରୀ ଓ ଆଇଆଇସିଙ୍କ ଅନୁପସ୍ଥିତରେ ଚାଲିଛି ଉମରକୋଟ ବ୍ଲକ୍




ଉମରକୋଟ(ଭାସ୍କର ନ୍ୟୁଜ୍): ଶାସନ ବ୍ୟବସ୍ଥା ଯେପରି ଲୋକଙ୍କ ପାଖରେ ପହଞ୍ଚିବ ସେଥିପାଇଁ ରାଜ୍ୟ ସରକାର ସବୁ ବେଳେ ଚେଷ୍ଟିତ। କିନ୍ତୁ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ସହର ଉମରକୋଟ ଠାରେ। ବିଡମ୍ବନା ଏହି କି ଯେ କ୍ୟାବିନେଟ୍ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଙ୍କ ନିର୍ବାଚନ ମଣ୍ଡଳୀ ହେଇଥିବା ସତ୍ତ୍ୱେ ଉମରକୋଟ ଠାରେ ୨ମାସ ହେଲା ବିଡିଓ, ମାସେ ଉପରେ ହେଲାଣି ପୋଲିସ ଉପଖଣ୍ଡ ଅଧିକାରୀ ନାହାଁନ୍ତି କି ପ୍ରାୟ ୭ ଦିନ ହେଲାଣି ଆଇଆଇସି ନାହାଁନ୍ତି। ଫଳରେ ଏହି ୩ ସରକାରୀ ଅଫିସ ରେ ସରକାରୀ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ଠପ୍ ହେଇ ଯାଇଛି। ନବରଙ୍ଗପୁର ଜିଲ୍ଲାରେ ଉମରକୋଟ ହେଉଛି ଦ୍ୱିତୀୟ ସମ୍ବେଦନ ବ୍ଲକ। ଯେଉଁଠାରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଙ୍କ ନିର୍ବାଚନ ମଣ୍ଡଳୀ। ଉମରକୋଟ ବ୍ଲକ ୨୬ ଟି ଗ୍ରାମ ପଞ୍ଚାୟତକୁ ନେଇ ଗଠିତ। ଏତେ ବଡ ବ୍ଲକରେ ଆଜିକୁ ୨ ମାସ ହେଲା ବିଡିଓ ପଦବୀ ଖାଲି। ଉମରକୋଟ ବିଡିଓ ପ୍ରୀତି ରଞ୍ଜନ ରଥ ୨୪/୧୦/୨୪ ତାରିଖ ରୁ ଏଠାରେ ରିଲିଭ ହେବା ପରେ ରାଇଘର ବିଡିଓ ଲକ୍ଷ୍ମୀ ସାଗର ମାଝିଙ୍କୁ ଦାୟିତ୍ୱ ଦେଇଛି ଜିଲ୍ଲା ପ୍ରଶାସନ। ରାଇଘର ମଧ ଏକ ବଡ ବ୍ଲକ୍ ହେଇଥିବା ବେଳେ ଜଣେ ବିଡିଓ ୨ଟି ବ୍ଲକ୍କୁ କିପରି ସମ୍ଭାଳିବେ ତାହା ମଧ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ୨ ମାସ ହେଲା ଉମରକୋଟ ବ୍ଲକ୍ କାର୍ଯ୍ୟାଳୟରେ ପ୍ରଶାସନିକ କାର୍ଯ୍ୟ ସଂପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇପଡିଛି। ଦୂର ଦୂରାନ୍ତରୁ ଲୋକେ ବିଡିଓଙ୍କୁ ନିଜ ଗୁହାରୀ କରିବାକୁ ନ ଆସି ନ ଭେଟି ନିରାଶ ହେଇ ଫେରି ଯାଉଛନ୍ତି। ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଉଛି। ଉମରକୋଟ ବ୍ଲକ୍ଟି ସମ୍ପୂର୍ଣ୍ଣ ଭାବରେ ଏବେ ମୂରବୀ ବିହୀନ ହେଇ ପଡିଛି। ଅପରପକ୍ଷରେ ଉମରକୋଟ ଠାରେ ଥିବା ପୋଲିସ ଉପଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଅବସ୍ଥା ମଧ ଅନୁରୂପ। ଉମରକୋଟ ପୋଲିସ ଉପଖଣ୍ଡ ଅଧିକାରୀ ମଧୁ ଶିକ୍ତା ମିଶ୍ର ୨୫/୧୧/୨୪ ରୁ ଏଠାରୁ ରିଲିବ ହେଇ ଅନ୍ୟତ୍ର ବଦଳି ହେଇ ଚାଲି ଯିବା ସତ୍ତ୍ୱେ ରାଜ୍ୟ ପୋଲିସ ବିଭାଗ କାହାକୁ ବର୍ତ୍ତମାନ ପର୍ଯ୍ୟନ୍ତ ନିଯୁକ୍ତି ଦେଇ ପାରି ନାହିଁ। ଉମରକୋଟ ପୋଲିସ ଉପ ଖାଣ୍ଡ ଅଧିକାରୀ ଙ୍କ ଅଧୀନ ରେ ଉମରକୋଟ , ରାଇଘର, ଝରିଗାଁ, ଡାବୁଗାଁ ଓ ଚନ୍ଦାହାଣ୍ଡି ଥାନା ଆସୁ ଅଛି। ଯେହେତୁ ଉମରକୋଟ ସହରଟି ଛତିଶଗଡ ରାଜ୍ୟ ସୀମାକୁ ସଂଲଗ୍ନ ତେଣୁ ଏଠାରେ ବିଭିନ୍ନ ସମୟରେ ଅପରାଧ ଘଟଣା ଘଟିବାର ଲାଗିଛି। ବର୍ତ୍ତମାନ ପାପଡ଼ାହାଣ୍ଡି ପୋଲିସ ଉପଖଣ୍ଡ ଅଧିକାରୀ ମିନାକ୍ଷୀ ଠାକୁରଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ଉମରକୋଟ ଥାନା ନବରଙ୍ଗପୁର ଜିଲ୍ଲାର ଗୋଟିଏ ଅତ୍ୟନ୍ତ ସ୍ପର୍ଶକତ। ଥାନା ଭାବେ ଚିହ୍ନଟ ହେଇଥିବ। ବେଳେ ସପ୍ତାହେ ହେଲାଣି ବିନା ଆଇଆଇସିରେ ଚାଲିଛି ଉମରକୋଟ ଥାନା। ନୂତନ ଭାବେ ନିଯୁକ୍ତି ପାଇ ଥିବା ଥାନା ଆଇଆଇଆଇସି ତପନଙ୍କୁ କନ୍ଧମାଳ ଜିଲ୍ଲା ବଦଳି ହେଇ ଯିବାପରେ ସେ ୨୯/୧୨/୨୪ ରୁ ରିଲିଭ୍ ହେଇ ଚାଲି ଗଲେଣି । ପୋଲିସ ବିଭାଗ ବର୍ତ୍ତମାନ ଯାଏଁ ଉମରକୋଟ ଥାନା ଆଇଆଇସି ଙ୍କୁ ନିଯୁକ୍ତି ଦେଇ ପାରୁନାହିଁ। ବିଳମ୍ବ କୁ ନେଇ ଉମରକୋଟ ସହରରେ ବିଭିନ୍ନ ପ୍ରକାରର ଆଲୋଚନା ହେଉଛି। ଥାନାର ସବ ଇନ୍ସପେକ୍ଟର ଶିବଜି ପଣ୍ଡା ଆଇଆଇସି ଦାୟିତ୍ୱରେ ଅଛନ୍ତି। ଗୋଟିଏ ପକ୍ଷରେ ପୋଲିସ ଉପଖଣ୍ଡ ଅଧିକାରୀ ନାହାଁନ୍ତି। ଅନ୍ୟପକ୍ଷରେ ଥାନା ଆଇଆଇସି ନାହାଁନ୍ତି ଫଳରେ ଉମରକୋଟ ବ୍ଲକ୍ର ଲୋକଙ୍କ ଧନ ଜୀବନ ଓ ଆଇନ ଶୃଙ୍ଖଳା ସଠିକ ରହି ପାରିବ ଲୋକଙ୍କ ମନରେ ଭୟ ସୃଷ୍ଟି ହେଉଛି। ଆଉ କାଳ ବିଳମ୍ବ ନକରି ରାଜ୍ୟ ସରକାର ଉମରକୋଟ ବିଡିଓ, ପୋଲିସ ଉପଖଣ୍ଡ ଅଧିକାରୀ ଓ ଥାନା ଆଇଆଇସି ଙ୍କୁ ନିଯୁକ୍ତି ଦେବ। ପାଇଁ ସାଧାରଣରେ ଦାବୀ ହେଉଛି । ଏଥିସହ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମଧ ଘଟଣାରେ ହସ୍ତ ଖେପ କରି ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ। ପାଇଁ ସାଧାରଣରେ ଦାବି ହେଉଛି।

# ଭାସ୍କେଲ ଡ୍ୟାମ୍ ଦୁର୍ଗନ୍ଧରେ ନାକ ଫାଟିପଡୁଛି

## ଭୋଜି ସାରି ଲୋକେ ସଫା କଲେନି



ଉମରକୋଟ(ଭାସ୍କର ନ୍ୟୁଜ୍): ଦେଶ କୁ ଏକ ସ୍ୱଚ୍ଛ ଓ ସୁନ୍ଦର ଦେଶ ରେ ପରିଣତ କରିବା ପାଇଁ କେନ୍ଦ୍ର ସରକାର୍ ସ୍ୱଚ୍ଛ ଭାରତ ଅଭିଯାନ ଆରମ୍ଭ କରିଛନ୍ତି। ଏହି ଯୋଜନା ର ମୂଳ ଲକ୍ଷ୍ୟ ହେଲା ଲୋକଙ୍କ ମଧ୍ୟରେ ସ୍ୱଚ୍ଛ ପରିବେଶ ସୃଷ୍ଟି କରିବା। କିନ୍ତୁ ସରକାର ଙ୍କ ଏହି ସୁନ୍ଦର ଉଦ୍ୟମ ଯେ ଲୋକଙ୍କ ଉପରେ କିଛି ପ୍ରଭାବ ପଡୁ ନାହିଁ ତାହାର ଜ୍ୱଳନ୍ତ ଉଦାହରଣ ନବରଙ୍ଗପୁର ଜିଲ୍ଲା ଉମରକୋଟ ସହର ନିକଟସ୍ଥ ଖଡକା ବା ଭାସ୍କେଲ ଡ୍ୟାମ ଠାରେ ଦେଖିବାକୁ ମିଳିଛି। ଉମରକୋଟ, ଝରୀଗାଁ, ଚନ୍ଦାହାଣ୍ଡି ଓ ରାଇଘର ଲୋକଙ୍କ ପାଇଁ ଭାସ୍କେଲ ଡ୍ୟାମ ହେଲା ଏକ ପିକନିକ ସ୍ଥଳ। ବର୍ଷ ର ୧୨ ମାସ ଏଠାକୁ ସମଗ୍ର ନବରଙ୍ଗପୁର ଜିଲ୍ଲାର ଲୋକେ ପିକନିକ୍ ପାଇଁ ଆସନ୍ତି। ବର୍ତ୍ତମାନ ଡ୍ୟା କୁ ରାଜ୍ୟ ସରକାର କୋଟି କୋଟି ଟଙ୍କା ବ୍ୟୟ କରି ଏକ ସୁନ୍ଦର ଗାର୍ଡେନ କରିବା ସହ ବହୁତ୍ ସୁନ୍ଦର ଓ ସୁବିଧା କରି ଦେଇଛନ୍ତି ଯେ ପର୍ଯ୍ୟଟକ ଏହି ସ୍ଥାନ କୁ ଆସି ବଣ ଭୋଜି କରିବା ସହ ଡ୍ୟାମ ବୁଲିକି ମଜା ନେଇ ଯାଆନ୍ତୁ। କିନ୍ତୁ ବିଶେଷ କରି ନୂତନ ବର୍ଷଦିନ ଏଠାରେ ଏତେ ପର୍ଯ୍ୟଟକ ଭୋଜି କରିବା ପାଇଁ ଆସିଥାନ୍ତି। କିନ୍ତୁ ଚଳିତ ବର୍ଷ ନବ ବର୍ଷ ଦିନ ସବୁ ରେକର୍ଡ ଭାଙ୍ଗି ଗଲା। ଯେହେତୁ ନୂତନ ବର୍ଷ ଟି ବୁଧବାର ଦିନ ପଡ଼ିଲା। ଯେହେତୁ ବୁଧବାର ଦିନ ଟି ଉମରକୋଟ ବଜାର ବନ୍ଦ ବି ଥାଏ। ଅନୁମାନ କରାଯାଇଛି ପ୍ରାୟ ୧୦୦ ରୁ ଉର୍ଦ୍ଧ୍ୱ ଟିମ ଆସି ଦିନ ଓ ରାତି ତମାମ ଭାସ୍କେଲ ଡ୍ୟାମରେ ଭୋଜି କରିକି ଖାଇଲେ। ଖାଇକି ଲୋକେ ଏତିକି ଏକ ନିମ୍ନ ସୌଜନ୍ୟତ। ଭୁଲିଗଲେ ମନ ଇଚ୍ଛା ଖାଇବା ଅଇଁଠା ଖଲି, ଜରି , ପରିବା ଚୋପା, ଆମିଷ ଜରି ଏମିତି କି ମଦ ପିଇକି ବୋତଲ ସବୁ ଆଡେ ଫିଙ୍ଗି ଦେଇ ଚାଲିଗଲେ। ଆଜି ପରିସ୍ଥିତ ଏପରି ହେଲା ଯେ ଦୁର୍ଗନ୍ଧ ରେ ନାକ ଫାଟି ଯାଇଛି। ଯେହେତୁ ଏହି ଡ୍ୟାମଟି ଉମରକୋଟ ବ୍ଲକ ଅନ୍ତର୍ଗତ ଭାମିନି ଗ୍ରାମ ପଞ୍ଚାୟତ ଅଧୀନ ରେ ଆସୁଛି ତୁରନ୍ତ ଗ୍ରାମ ପଞ୍ଚାୟତ ପ୍ରଶାସନ ଏହାକୁ ତୁରନ୍ତ ସଫା କରିବା ପାଇଁ ସାଧାରଣ ରେ ଦାବି ହେଉଛି । ନଚେତ୍ ଏହାଯେ ଏକ ମହାମାରୀ ର ରୂପ ନନେବ କହିହେବନାହିଁ। ଏଥି ସହ ଡ୍ୟାମ କୁ ସଫା ରଖିବା ପାଇଁ ପର୍ଯ୍ୟଟକଙ୍କୁ ସଚେତନ କରିବା ପାଇଁ ଭାସ୍କେଲ ଡ୍ୟାମ କର୍ତ୍ତୃପକ୍ଷ ପଦକ୍ଷେପ ନେବା ପାଇଁ ସାଧାରଣ ରେ ଦାବି ହେଉଛି।

## ସାମ୍ବାଦିକଙ୍କ ହତ୍ୟା ଘଟଣାକୁ ନିନ୍ଦା କରି ସାମ୍ବାଦିକ ସମନ୍ୱୟ କମିଟିର ଶୋକ



ମାଲକାନଗିରି,(ଭାସ୍କର ନ୍ୟୁଜ୍): ଛତିଶଗଡର ବିଜାପୁର ଜିଲ୍ଲାରେ ଏନଡିଟିଭି ସାମ୍ବାଦିକ ମୁକେଶ ଚନ୍ଦ୍ରାକାରଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିବା ବେଳେ ଏହି ଘଟଣାକୁ ବିରୋଧ କରି ବିରୋଧ ସଭା ଏବଂ ସ୍ୱର୍ଗତ ସାମ୍ବାଦିକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଶୋକ ତଥା ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ବିଜାପୁର ଜିଲ୍ଲାରେ କାର୍ଯ୍ୟରତ ସାମ୍ବାଦିକ ମୁକେଶ ଚନ୍ଦ୍ରକାରଙ୍କୁ ହତ୍ୟା କରାଯାଇଥିବା ବେଳେ ପାଇଖାନା ଟାଙ୍କିରୁ ତାଙ୍କର ମରଶରୀର ଉଦ୍ଧାର କରାଯାଇଛି। ଏହି ହତ୍ୟାକୁ ନେଇ ମାଲକାନଗିରି ସାମ୍ବାଦିକ ସମନ୍ୱୟ କମିଟି ପକ୍ଷରୁ ଏକ ବିରୋଧ ଓ ଶୋକ ସଭାର ଆୟୋଜନ କରଯାଇଥିଲା। ମାଲକାନଗିରି ଜିଲ୍ଲା ସଦରରେ ଥିବା ଆଓମା ଗୁରୁକୁଳରେ ଜିଲ୍ଲା ସାମ୍ବାଦିକ ସମନ୍ୱୟ କମିଟି ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ବେଳେ ଏଥିରେ ଜିଲ୍ଲାର ବରିଷ୍ଠ ସାମ୍ବାଦିକଗଣ ଏବଂ ମାଲକାନଗିରି ପୌର ପରିଷଦର ସାଂସଦ ପ୍ରତିନିଧି ବିଜୟ ମହାରଣା, ବିଧାୟକ ପ୍ରତିନିଧି ରାହୁଲ ତିବାରି, ଜିଲ୍ଲା କଂଗ୍ରେସ କମିଟିର ବରିଷ୍ଠ ନେତା ଜି ଶ୍ରୀନିବାସ ରାଓ ଓ ବିଜେପି ଦଳର ବରିଷ୍ଠ ନେତୃମଣ୍ଡଳୀ ଏବଂ ସାଧାରଣ ଜନତା ମଧ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ମୃତ ସାମ୍ବାଦିକଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଏହି ଘଟଣାକୁ ନିନ୍ଦା କରି ପୋଲିସ ପକ୍ଷରୁ ଉଚିତ ପଦକ୍ଷେପ ପାଇଁ ଦାବି କରାଯାଇଛି।

# ଡଙ୍ଗରିଆଙ୍କ ବିକାଶ ପାଇଁ ଜିଲ୍ଲାପାଳଙ୍କ ସକଟା ଗସ୍ତ



ମୁନିଗୁଡ଼ା (ଭାସ୍କର ନ୍ୟୁଜ): ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ମୁନିଖୋଲ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସକଟା ଗ୍ରାମକୁ ଡ଼ଙ୍ଗରିଆ ଅଧୁଷିତ ଗ୍ରାମକୁ ଜିଲ୍ଲା ପାଳ ପାରୁଲ ପଟ୍ୱାରୀ ଙ୍କ ସହିତ କେ ଏସ୍ ରେଜିମନ ନୀତି ଆୟୋଗ ପରିଦର୍ଶନ କରି ଅଂଚଳର ବିକାଶ ଦିଗରେ ସମସ୍ତ ବ୍ଲକ ଅଧିକାରୀ ଙ୍କ ସହ ବିଭିନ୍ନ ବିକାଶ ପାଇଁ ଡ଼ଙ୍ଗରିଆଙ୍କ ଘର ଘର ବୁଲି ସେମାନଙ୍କ ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଯୋଗାଉଥିବା ସହାୟତା ଡ଼ଙ୍ଗରିଆ ପରିବାରଙ୍କୁ ସଠିକ ଭାବେ ବିନିଯୋଗ ହେଉଛି କି ନାହିଁ,ତାହା ଡଙ୍ଗରିଆ ମାନଙ୍କୁ ପଚାର ବୁଝିଥିଲେ। ଏଥି ସହିତ ପାନୀୟ ଜଳ, ଶିକ୍ଷା ସ୍ୱାସ୍ଥ୍ୟ ମଧୁବାବୁ ପେନସନ ଓ ରାସ୍ତା ଘାଟ ତଥା ବିଦ୍ୟୁତିକରଣ ପିଏମ୍ ଜନମନ ଆବାସ ଗୃହ ଯୋଜନା ପାଇଁ ଅଧିକ ଗୁରୁତ୍ୱ ଦେଇଥିଲେ। ଅଧିକ ସାଧାରଣ ଲୋକଙ୍କ ସହିତ ଯୋଡିହୋଇ ବିକାଶ କ୍ଷେତ୍ରରେ ସକଟା ଗ୍ରାମକୁ କିଭଳି ବିକଶିତ ହୋଇ ପାରିବ ସେ ଦିଗରେ ଆଲୋଚନା କରିଥିଲେ। ରାଜ୍ୟସରକାରଙ୍କ ତରଫରୁ ରାୟଗଡ଼ା ଜିଲ୍ଲାର ମୁନିଗୁଡ଼ା ବ୍ଲକ ମୁନିଖୋଲ ପଞ୍ଚାୟତ ର ସକଟା ଗ୍ରାମକୁ ଏକ ମଡେଲ ଭିଲେଜ୍ ଗ୍ରାମ କରିବା ପାଇଁ ଯୋଜନା ରହିଛି ବୋଲି ଜିଲ୍ଲାପାଳ କହିଥିଲେ। ଏହି ଗସ୍ତକୁ ଅଞ୍ଚଳ ବାସୀଙ୍କ ମଧ୍ୟରେ ଅନେକ ଆଶା ଓ ଉତ୍ସାହ ଦେଖା ଦେଇଛି। ପ୍ରଥମେ ଜିଲ୍ଲାପାଳ ଶକଟା ଗ୍ରାମର ଅଙ୍ଗନବାଡ଼ି କେନ୍ଦ୍ରକୁ ଯାଇ ଅନୁଧ୍ୟାନ କରି ଛୋଟ ଛୋଟ ପିଲାମାନଙ୍କୁ ମିସି କଥାବାର୍ତ୍ତା କରି ବୁଝିଥିଲେ । ତେବେ ଯାପୂର୍ବରୁ ଅନେକ ଜିଲ୍ଲା ପାଳ ଅଞ୍ଚଳ କୁ ଗସ୍ତ କରିଛନ୍ତି କିନ୍ତୁ ସେହି ଅନୁସାରେ ଆଖିଦିଶିବା ଭଳି କୌଣସି ବିକାଶ ଆଜି ଯାଏଁ ପହଂଚି ପାରିନି । ଡ଼ଙ୍ଗରିଆଙ୍କ ପାଖରେ ପ୍ରଶାସନିକ ଦୂରଦୃଷ୍ଟି ଆଉ କେତେକ ଦୂରରେ ରହିଛି କିଏବା କହିବ । ସେହି ଦିଗରେ କେହି କହିପାରୁ ନାହାନ୍ତି ସେଥିପାଇଁ ଉପର ବାଲାକୁ ହିଁ ଜଣା । ସକଟା ଗ୍ରାମକୁ ଜିଲ୍ଲାପାଳ ଙ୍କ ଓ ନୀତି ଆୟୋଗଙ୍କ ଏହି ଗସ୍ତ ବେଳେ ଜିଲ୍ଲା ର ସମସ୍ତ ବିଭାଗର ଅଧିକାରୀମାନେ ଏବଂ ମୁନିଗୁଡ଼ା ବ୍ଲକର ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିବାବେଳେ ମୁନିଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ କୃଷ୍ଣ ଚନ୍ଦ୍ର ଦଳପତି, ତହସିଲ ଦାର ଙ୍କ ଅନୁରାଧା, ସମନ୍ୱିତ ଶିଶୁ ବିକାଶ ସେବା ଯୋଜନା ଅଧିକାରୀ ଡାଳିମ୍ବ ନାଏକ, ସୁପରଭାଇଜର ମୋହନା ବତୀ ମୁଟୁକା, ଗୋଷ୍ଠୀ ଶିକ୍ଷା ଅଧିକାରୀ ବି ଭାସ୍କର ରାଓ, ଏଇଇ,ଅଶ୍ୱର୍ଯ୍ୟ ଭଞ୍ଜଦେଓ, କନିଷ୍ଠ ଯନ୍ତ୍ରୀ ରମେଶ ମିଞ୍ଜି,ମୁନିଗୁଡ଼ା ପଞ୍ଚାୟତ ସମିତି ଅଧକ୍ଷା ଦୁଃଖିନୀ ନୁଣ୍ଡୁକା, ମୁନିଖୋଲ ଗ୍ରାମ ପଞ୍ଚାୟତର ସରପଞ୍ଚ ପାଇକ ଜାକେକା, ଜିଲ୍ଲା ବିଏସ୍ ପି ସଭାପତି ଜିତୁ ଜାକେକା ଏବଂ ବ୍ଲକର ସମସ୍ତ ପଦାଧିକାରୀ ମାନେ ଉପସ୍ଥିତ ରହିଥିଲେ। ଏଇଠି ଜିଲ୍ଲାପାଳଙ୍କ ଗସ୍ତବେଳେ ନିୟମଗିରୀ ପାହାଡ଼ ପାଦଦେଶରେ ରହୁଥିବା ଅନେକ ଗ୍ରାମର ଡ଼ଙ୍ଗରିଆ ଆଦିବାସୀ ମାନଙ୍କ ଆସିନଥିବା ଜଣାପଡିଛି । ତେବେ ନିୟମ ଗିରୀ ପର୍ବତମାଳାରେ ଶହ ଶହ ବର୍ଷ ଧରି ରହୁଥିବା ଡ଼ଙ୍ଗରିଆ ମାନଙ୍କ ବିକାଶ ଏଯାଏଁ ତ ହେଇପାରିଲା ନାହିଁ। ତେବେ ଏହି ଦିଗରେ ଦେଖାଯାଉ ନୀତି ଆୟୋଗର ଓ ଜିଲ୍ଲା ପ୍ରଶାସନର ଏହି ଗସ୍ତକୁ ନେଇ ଅଞ୍ଚଳରେ ବହୁତ ଆଶା ଓ ବିଶ୍ୱାସ ରଖିଛନ୍ତି ହେଲେ ଡ଼ଙ୍ଗରିଆ ଆଦିବାସୀ କନ୍ଧମାନଙ୍କ ବିଭିନ୍ନ ମୌଳିକ ସମସ୍ୟା କେବେ ଦୂର ହେବ ତାହା ଦେଖିବାକୁ ବାକି ରହିଲା।



ବୋଲଗଡ଼ (ଭାସ୍କର ନ୍ୟୁଜ): ବୋଲଗଡ଼ ବ୍ଲକ ସଂପୁର ଗ୍ରାମର ବାଲୁଙ୍କେଶ୍ୱର ରାଇଜିଙ୍ଗଷ୍ଟାର କ୍ରିକେଟ କ୍ଲବ୍ ଆନୁକୁଲ୍ୟରେ ଟାଙ୍ଗୀ ପଡ଼ିଆଠାରେ ଆୟୋଜିତ ଚତୁର୍ଦ୍ଦଶତମ ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଫାଇନାଲ ମ୍ୟାଚ ଉଦଯାପିତ ହୋଇଯାଇଛି। ଏହି ମ୍ୟାଚରେ ବଘେଇ କ୍ରିକେଟ କ୍ଲବ କୁ ହରାଇ ସାଲୁଣି କ୍ରିକେଟ ଦଳ ଚମ୍ପିୟାନ ହୋଇଛି । ବଘେଇ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ୧୮.୩ ଓଭର ଖେଳି ସମସ୍ତ ଉଇକେଟ ବିନିମୟରେ ୧୦୯ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ସାଲୁଣି କ୍ରିକେଟ ଦଳ ୧୪.୨ ଓଭରରେ ୫ ଉଇକେଟ ହରାଇ ୧୧୦ରନ କରି ବିଜୟଲାଭ କରିଥିଲା । ଆଜିର ପୁରସ୍କାର ବିତରଣ ସଭାରେ ସାଲୁଣି କ୍ରିକେଟ ଦଳ ବିଜୟ ହୋଇ ଚମ୍ପିୟାନ ଟ୍ରଫି ସହ ଆର୍ଥିକ ପୁରସ୍କାର ଦଶ ହଜାର ଟଙ୍କା ପ୍ରଦାନ କରାଯାଥିଲା । ପରାଜିତ ଦଳକୁ ଟ୍ରଫି ସହ ସାତ ହଜାର ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ମ୍ୟାଚଟିକୁ ଅମ୍ପେୟାର ଭାବେ ବାବୁଲା ଜଗଦେବ ଓ ପପୁ ମହାନ୍ତି ପରିଚାଳନା କରିଥିଲେ। ଆଜିର ମ୍ୟାଚରେ ମୁଖ୍ୟ ଅତିଥିଭାବେ ରାଜ୍ୟ ବିଜେଡି ନେତ୍ରୀ ମୀରା ପରିଡା, ମୁଖ୍ୟ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ବିଭୁତି ଭୂଷଣ ବିଶ୍ୱାଳ ଏବଂ ସଂମ୍ମାନିତ ଅତିଥିଭାବରେ ପୂର୍ବତନ ବ୍ଲକ ଉପାଧକ୍ଷ ଦୁର୍ଯ୍ୟୋଧନ ସ୍ୱାଇଁ, ସରପଞ୍ଚ ଜଳଧର ମହାନ୍ତି ଓ ଖଙ୍ଗୁରିଆ ପଞ୍ଚାୟତର ବିଜେଡି ସଭାପତି ଚିତ୍ତରଞ୍ଜନ ମିଶ୍ର, ସମାଜ ସେବୀ ରବୀନ୍ଦ୍ର ସାଥୁଆ ଓ ଯୁବ ସାମ୍ବାଦିକ ନିରଞ୍ଜନ ସେଠୀ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ଖେଳାଳି ମାନଙ୍କୁ ଅନ୍ୟାନ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା ।



## ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଭଲିବଲ ଚାମ୍ପିଅନସିପ୍

ବାରିପଦା:(ଭାସ୍କର ନ୍ୟୁଜ୍): ରିଖ କେରଳଠାରେ ଅନୁଷ୍ଠିତ ହେବାକୁ ଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଭଲିବଲ ଚାମ୍ପିଅନସିପରେ ମୟୂରଭଞ୍ଜର ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଅଂଶଗ୍ରହଣ କରିବାର ସୁଯୋଗ ପାଇଛି । ଦଳରେ ସମୀର ରଞ୍ଜନ ପାଲ, ସୁନୀଲ କୁମାର ଧର, ବିନୋଦ ବେହେରା, ନିମାୟ ଚରଣ ବାଗ, ସତ୍ୟଜିତ ବାରିକ, ଦୁଲୁବା ବେଶ୍ରା, ମନୋଜ କୁମାର ସାହୁ, ଦେବବ୍ରତ ମିଶ୍ର, ଗୋବିନ୍ଦ ପ୍ରସାଦ ବାରିକ, ବିଦ୍ୟାପତି ସେଠୀ, ସଞ୍ଜୟ ମହାନ୍ତ ଓ ମାନସ ଦଳେଇ ସାମିଲ ଅଛନ୍ତି । ଦଳ ସହିତ ମ୍ୟାନେଜର ଭାବେ ଶ୍ରଦ୍ଧାନନ୍ଦ ସାହୁ ଓ କୋଚ ଭାବେ ସତ୍ୟନାରାୟଣ ବାରିକ ଏବଂ ପ୍ରଦୀପ୍ତ ରଞ୍ଜନ ଦାସ କେରଳ ଗସ୍ତ କରିଛନ୍ତି । ପ୍ରକାଶ ଥାଉକି ଏନ ଆଇ ଏସ କୋଚ ତଥା ରାଜ୍ୟ ଭଲିବଲ ଉପ ସଭାପତି ମନୋରଞ୍ଜନ ଜୀଉଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨୨ ଡିସେମ୍ବର ରୁ ୩୧ ଡିସେମ୍ବର ମଧ୍ୟରେ ଚୟନ ଶିବିର ଅନୁଷ୍ଠିତ ହୋଇ ଖେଳାଳି ଚୟନ କରାଯାଇଥିଲା ।

# ଶ୍ରୀମନ୍ଦିର ଉପରେ ଉଡିଲା ଡ୍ରୋନ୍



ପୁରୀ (ଭାସ୍କର ନ୍ୟୁଜ) : ଶ୍ରୀମନ୍ଦିର ଉପରେ ଉଡିଲା ଡ୍ରୋନ୍ ନୋ ଫ୍ଲାଇଂ ଜୋନରେ ଡ୍ରୋନ୍ ଉଡିଥିବା ଦେଖିବାକୁ ମିଳିଛି । ପ୍ରାୟ ଅଧ ଘଣ୍ଟାଏ ପର୍ଯ୍ୟନ୍ତ ଶ୍ରୀମନ୍ଦିର ନୀଳଚକ୍ର ଉପରେ ଓ ଚାରିପଟେ ଡ୍ରୋନ୍ ଉଡ଼ିଥିବା ଦେଖିବାକୁ ମିଳିଛି । କିଏ ଏବଂ କାହିଁକି ଡ୍ରୋନ୍ ଉଡାଇଲା ତା'କୁ ନେଇ ପ୍ରଶ୍ନ ଉଠିଛି । ଶ୍ରୀମନ୍ଦିର ଉପରେ ଡ୍ରୋନ ଉଡାଣ ନିଷେଧ ଥିବାବେଳେ ପୂର୍ବରୁ ମଧ୍ୟ ବାରମ୍ବାର ଉଡିଛି । ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଏଭଳି ତ୍ରୁଟିକୁ ନେଇ ଭକ୍ତ ଓ ସେବାୟତ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ରବିବାର ସକାଳୁ ପୁରୀ ଶ୍ରୀମନ୍ଦିର ଉପରେ ନୋ ଫ୍ଲାଇଂ ଜୋନରେ ଡ୍ରୋନ ଉଡୁଥିବାର ଦେଖିବାକୁ ମିଳିଛି । ପାଖାପାଖି ୩୦ ମିନିଟ ଧରି ଶ୍ରୀମନ୍ଦିର ଉପରେ ଡ୍ରୋନ ଉଡ଼ିଥିଲା । ଦଧିନଉତି, ନୀଳଚକ୍ର ଉପରେ ଓ ମନ୍ଦିର ଚାରିପଟେ ଡ୍ରୋନ୍ ଉଡୁଥିବାର ଦେଖିବାକୁ ମିଳିଛି । ଶ୍ରୀମନ୍ଦିରର ନିଷିଦ୍ଧାଞ୍ଚରେ କେମିତି ଜଣେ ଡ୍ରୋନ ଉଟାଇଲା ତାକୁ ନେଇ ପ୍ରଶ୍ନ ଉଠିଛି । ନୋ ଫ୍ଲାଇଂ ଜୋନ୍‌ରେ କିଏ ଓ କାହିଁକି ଡ୍ରୋନ୍ ଉଡ଼ାଇଲା ତାହା ଅସ୍ପଷ୍ଟ ରହିଛି । ତୁରନ୍ତ ଶ୍ରୀମନ୍ଦିରର ସୁରକ୍ଷା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବାକୁ ଭକ୍ତଙ୍କ ମହଲରେ ଦାବି ହୋଇଛି ।ପୁରୀ ଏସପି ବିନିତ ଅଗ୍ରୱାଲ କହିଛନ୍ତି ଶ୍ରୀମନ୍ଦିର ଉପରେ ଆଜି ଡ୍ରୋନ ଉଡ଼ିବା ନେଇ ପୋଲିସକୁ ଖବର ଆସିଥିଲା । ଘଟଣାର ତଦନ୍ତ ଜାରି ରହିଛି । ଦୁଇଟି ଟିମ ଏଥିପାଇଁ ଗଠନ କରାଯାଇ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚାଲିଛି । ଆମେ ଖୁବଶୀଘ୍ର ଉକ୍ତ ବ୍ୟକ୍ତିକୁ ଧରିବୁ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବୁ। ତେବେ ଶ୍ରୀମନ୍ଦିର ଚାରି ପାଖରେ ୱାଚ ଟାୱାର କରାଯାଇ ପୋଲିସ ମୁତୟନ କରାଯିବ । ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯିବ । ଗତ ବର୍ଷ ଜଣେ ଯୁବକ ଡ୍ରୋନ ଉଡ଼ାଇ ଶ୍ରୀମନ୍ଦିର ଉପରୁ ଅତି ନିକଟରୁ ଭିଡ଼ିଓ ଉତ୍ତୋଳନ କରିଥିଲେ । ଏହାକୁ ସେ ନିଜ ସୋସିଆଲ ମିଡ଼ିଆରେ ପୋଷ୍ଟ କରିଥିଲେ । ଏହି ଘଟଣା ଜଣାପଡ଼ିବା ପରେ ଭକ୍ତ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ଶ୍ରୀମନ୍ଦିରେ ଭିଡ଼ିଓ ଉତ୍ତୋଳନ ନିଷିଦ୍ଧ ଥିବା ବେଳେ କେମିତି ଜଣେ ଯୁବକ ଡ୍ରୋନ ଉଡ଼ାଇ ଭିଡ଼ିଓ ନେଲେ, ତାହା ପୁଣି ପୁରୀ ପୋଲିସ ଜାଣି ପାରିଲା ନାହିଁ ସେନେଇ ସାଧାରଣରେ ପ୍ରଶ୍ନ ଉଠିଥିଲା । ଗତ ୨୦୨୩ ମସିହାରେ ଜଣେ ୟୁଟ୍ୟୁବର ଶ୍ରୀମନ୍ଦିର ଉପରେ ଡ୍ରୋନ ଉଡ଼ାଇ ଭିଡ଼ିଓ ନେଇଥିଲେ । ଏହାକୁ ନେଇ ବିରୋଧ ହେବା ପରେ ଉକ୍ତ ୟୁଟ୍ୟୁବର ବିରୋଧରେ ପୋଲିସ୍ ମାମଲା ରୁଜୁ କରି ଗିରଫ କରିଥିଲା । ଶ୍ରୀମନ୍ଦିର ରେଡ ଜୋନ୍ ଆସିଥିବାରୁ ଏହା ଉପରେ ଡ୍ରୋନ ଉଡ଼ାଇବା ନେଇ କଟକଣା ରହିଛି । ତେବେ ଶ୍ରୀମନ୍ଦିରର ସୁରକ୍ଷା ପାଇଁ ଆଣ୍ଟି ଡ୍ରୋନ ଟେକ୍ନୋଲୋଜି ବ୍ୟବହାର ପାଇଁ ସାଧାରଣରେ ଦାବି ହୋଇଛି ।

# ପ୍ରବାସୀ ଭାରତୀୟଙ୍କ ପୁରୀ ଗସ୍ତକୁ ନେଇ ପ୍ରସ୍ତୁତ ପୋଲିସ ପ୍ରଶାସନ



ପୁରୀ (ଭାସ୍କର ନ୍ୟୁଜ) : ଆସନ୍ତା ଜାନୁଆରୀ ୮ ତାରିଖରେ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ ଅନୁଷ୍ଠିତ ହେବ। ଭୁବନେଶ୍ୱରରେ ତିନି ଦିନ ଧରି ଏହି ସମ୍ମିଳନୀ ଆୟୋଜିତ ହେବାକୁ ଥିବାବେଳେ ପ୍ରବାସୀ ଭାରତୀୟଙ୍କ ପୁରୀ ଗସ୍ତ ମଧ୍ୟ ରହିଛି। ପ୍ରବାସୀ ଭାରତୀୟଙ୍କ ପୁରୀ ଗସ୍ତକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଁଚିଛି। ପୁରୀ ପୋଲିସ ଲାଇନ୍ ପଡ଼ିଆରେ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନେଇ ଏସପିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରବାସୀ ଭାରତୀୟଙ୍କ ଶ୍ରୀମନ୍ଦିର ଦର୍ଶନ ଠାରୁ ଆରମ୍ଭ କରି ସମୁଦ୍ର କୂଳ, କୋଣାର୍କ, ଚନ୍ଦ୍ରଭାଗା, ରଘୁରାଜପୁର ଏବଂ ବିଭିନ୍ନ ଦର୍ଶନୀୟ ସ୍ଥାନ ଭ୍ରମଣ କରିବାର କାର୍ଯ୍ୟକ୍ରମ ରହିଛି। ଏଣୁ ସୁରକ୍ଷା ଦାୟିତ୍ୱରେ ୨୮ ପ୍ଲାଟୁନ ୨ ସେକ୍ସନ ଫୋର୍ସ, ୪ ଅତିରିକ୍ତ ଏସପି, ୧୫ ଡି ଏସ ପି, ୪୮ ଇନ୍ ସ୍ପେକ୍ଟର, ୧୬୩ ସବ୍ ଇନ୍ ସ୍ପେକ୍ଟର, ଅତିରିକ୍ତ ସବ୍ ଇନସ୍ପେକ୍ଟର, ୧୨ ହାବିଲ ଦାର, ୨୬୧ କନଷ୍ଟେବଲ ,୧୬ ଟ୍ରେନି ହାବିଲ୍ ଦାର୍ ମୁତୟନ ରହିବେ ଏବଂ ୩୫୨ ହୋମ ଗାର୍ଡ ମଧ୍ୟ ହେବେ ମୁତୟନ। ସେପଟେ ପ୍ରବାସୀ ଭାରତୀୟଙ୍କ ପୁରୀ କୁ ଆଗମନ ଥିବାରୁ ଏହି ସମୟରେ ବିଚ୍ ଫେଷ୍ଟିଭାଲ ମଧ୍ୟ ଆୟୋଜନ କରାଯାଇଛି। ତେଣୁ ଆସନ୍ତା ୭ ତାରିଖ ଠାରୁ ୧୦ ତାରିଖ ପର୍ଯ୍ୟନ୍ତ ଦିଗବାରେଣି ଛକ ଠାରୁ ଷ୍ଟ୍ରଲିଙ୍ଗ ରିସର୍ଟ ଛକ ପର୍ଯ୍ୟନ୍ତ ନୋ ଭେହିକିଲ୍ ଜୋନ୍ ଘୋଷଣା କରିଛି ପୁରୀ ପୋଲିସ। ଯାତ୍ରିକା ଓ ନୀଳାଚଳ ଅଶୋକରେ ହେବ ପାର୍କିଂ ବ୍ୟବସ୍ଥା। ସେଇଭଳି ୯ ତାରିଖରେ ସମୁଦ୍ର ଆଳତି ପାଇଁ ବ୍ୟବସ୍ଥା ହେବ ବୋଲି ଏସପି ଭିନୀତ ଅଗ୍ରୱାଲ ସୂଚନା ଦେଇଥିଲେ।

# କୋଷ୍ଟଗାର୍ଡ ଚପ୍ପର ଦୁର୍ଘଟଣା, ୩ ମୃତ



ପୋରବନ୍ଦର : କୋଷ୍ଟଗାର୍ଡର ଏକ ଆଡଭାନ୍ସଡ ଲାଇଟ୍ ହେଲିକପ୍ଟର ରବିବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୩ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ଦିଆଯାଇଛି। ମୃତକଙ୍କ ମଧ୍ୟରେ ପାଇଲଟ୍ ଓ ଦୁଇଜଣ କୋ-ପାଇଲଟ୍ ସାମିଲ ରହିଛନ୍ତି। ନିୟମିତ ଅଭ୍ୟାସବେଳେ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। ଗୁଜରାଟର ପୋର୍‌ବନ୍ଦରରେ ଥିବା ଭାରତୀୟ ତଟରକ୍ଷୀବାହିନୀ ତଥା କୋଷ୍ଟଗାର୍ଡର ଏହି ଚପ୍ପରଟି ନିୟମିତ ଅଭ୍ୟାସ କରୁଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ହେଲିକପ୍ଟରଟି ଅତ୍ୟନ୍ତ ସୁରକ୍ଷିତ ବୋଲି ବିଶ୍ୱାସ କରାଯାଏ। କୋଷ୍ଟଗାର୍ଡର ଜଣେ ଅଧିକାରୀ କହିଛନ୍ତି ଯେ ନିୟମିତ ଅଭ୍ୟାସ ପାଇଁ ଚପ୍ପରଟି ଉଡାଣ ଆରମ୍ଭ କରିଥିଲା। ତେବେ ଲ୍ୟାଣ୍ଡିଂବେଳେ ଦୁର୍ଘଟଣା ଘଟିଥିଲା। କେଉଁ କାରଣ ଯୋଗୁ ଏହି ଦୁର୍ଘଟଣା ଘଟିଛି ତାହା ସ୍ପଷ୍ଟ ହୋଇପାରି ନାହିଁ । ଏହାର ଅନୁସନ୍ଧାନ ଆରମ୍ଭ ହୋଇଛି। ରିପୋର୍ଟ ମିଳିବା ପରେ ସବୁକିଛି ସ୍ପଷ୍ଟ ହେବ ବୋଲି ଅଧିକାରୀଜଣକ ସୂଚନା ଦେଇଛନ୍ତି।

## କେନ୍ଦ୍ରାପଡା ସହରରେ ପୋଲିସର ଗାଡ଼ି ଯାଞ୍ଚ

କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ଟାଉନ ଥାନା ପୋଲିସ ପକ୍ଷରୁ ସହରର ବିଭିନ୍ନ ଛକ ସ୍ଥାନ ଗୁଡିକରେ ନାକାବନ୍ଦି କରାଯାଇ ଗାଡି ଯାଞ୍ଚ କରାଯିବା ସହ ବିଭିନ୍ନ ହୋଟେଲ ଗୁଡିକୁ ମଧ୍ୟ ଯାଞ୍ଚ କରାଯାଇଛି। ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲାର ପାଣିକୋଇଲିସ୍ଥିତ ଏକ ସୁନା ଦୋକାନରେ ଡକାୟତି ଓ ଗୁଳିଚାଳନାରେ ୨ଜଣଙ୍କ ମୃତ୍ୟୁ ହେବା ଘଟଣାକୁ ନେଇ ପୋଲିସ ପକ୍ଷରୁ ଏଭଳି ଯାଞ୍ଚ କରାଯାଇଛି। କେନ୍ଦ୍ରାପଡା ସହରର ପୁରୁଣା ବସଷ୍ଟାଣ୍ଡ, କାକଟ ଛକ ଓ ତିନିମୁହାଣି ଛକରେ ପୋଲିସ ପକ୍ଷରୁ ନାକାବନ୍ଦି କରାଯାଇ ତନଖି କରାଯିବା ସହ ଡ୍ରାଇଭିଂ ଲାଇସେନ୍ସ ନଥିବା, ଗାଡିର କାଗଜପତ୍ର ନଥିବା ଓ ହେଲମେଟ ପିନ୍ଧିନଥିବା ଦୁଇଚକିଆ ଗାଡିଚାଳକଙ୍କ ସମେତ ଅନ୍ୟ ଗାଡି ଗୁଡିକୁ ମଧ୍ୟ ଯାଞ୍ଚ କରାଯିବା ପରେ ଚେତାବନୀ ଦିଆଯାଇ ଛଡାଯାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। କେନ୍ଦ୍ରାପଡା ଟାଉନ ଥାନା ଅଧିକାରୀ ଦୀଲିପ କୁମାର ସାହୁଙ୍କ ନେତୃତ୍ୱରେ ସହରର ଉପରୋକ୍ତ ସ୍ଥାନ ଗୁଡିକରେ ଗାଡି ଅଟକାଇ ତନଖି କରିବା ସହିତ ସହରର ବିଭିନ୍ନ ହୋଟେଲ ଗୁଡିକୁ ମଧ୍ୟ ଯାଞ୍ଚ କରାଯାଇଛି। କେଉଁ ସ୍ଥାନରୁ କିଏ ଆସି ଏଠାରେ କେଉଁ ହୋଟେଲରେ ରହୁଛନ୍ତି, କେଉଁଥି ପାଇଁ ଆସିଛନ୍ତି ସବୁ ବିଷୟରେ ପୋଲିସ ପଚାରି ବୁଝୁଛି । ସେହିପରି ସହରର ବିଭିନ୍ନ ସୁନା ଦୋକାନକୁ ଯାଇ ନିରାପତ୍ତା ସମ୍ପର୍କରେ ମଧ୍ୟ ସଂପୃକ୍ତ ଦୋକାନର ମାଲିକଙ୍କ ସହିତ ପୋଲିସ ଆଲୋଚନା କରିଛି । ସନ୍ଦେହ ଜନକ ଅବସ୍ଥାରେ କୌଣସି ବ୍ୟକ୍ତିକୁ ଦେଖିଲେ ତା ସମ୍ପର୍କରେ ସତର୍କ ରହିବା ସହ ତୁରନ୍ତ ପୋଲିସକୁ ଜଣାଇବାକୁ ଥାନାଧିକାରୀ ଶ୍ରୀ ସାହୁ ସୁନା ଦୋକାନୀ ଓ ହୋଟେଲ ମାଲିକମାନଙ୍କୁ କହିଛନ୍ତି ।

## ନାଚ ଗୀତରେ ଦୁଲିକି ଉଠିଲା ଘୁମରେଶ୍ୱର ପର୍ଯ୍ୟଟନ ସ୍ଥଳୀ

# ଧୁମ୍‌ଧାମ୍‌ରେ ନବବର୍ଷ ପାଳିତ



ତେନ୍ତୁଳିଖୁଣ୍ଟି (ଭାସ୍କର ନ୍ୟୁଜ) ନବରଙ୍ଗପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସିଦ୍ଧ ଘୁମରେଶ୍ୱର ପର୍ଯ୍ୟଟନ ସ୍ଥଳୀ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଇଯାଇଛି । ନୂତନ ବର୍ଷ ପାଳନ ଅବସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିବା ବେଳେ ନବରଙ୍ଗପୁର ଜିଲ୍ଲା ପ୍ରଶାସନ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ମଙ୍ଗଳ ବିଭାଗ, ଜିଲ୍ଲା ଯୋଗାଣ ବିଭାଗ, ସମାଜ କଲ୍ୟାଣ ବିଭାଗ,ଜରୁରୀ କାଳୀନ ବିଭାଗ ସମେତ ରାଜସ୍ୱ ବିଭାଗ ର ଅଧିକାରୀ ବୃନ୍ଦ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ ସମସ୍ତ ଜନସାଧାରଣ ଓ ବିଭାଗର ଅଧିକାରୀ ବୃନ୍ଦଙ୍କୁ ନବ ବର୍ଷର ଶୁଭେଚ୍ଛା ଜଣେଇ ନିରନ୍ତର କାର୍ଯ୍ୟ କରି ସରକାରୀ ସୁବିଧା ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟ ରେ ତତ୍ପରତା ପ୍ରକାଶ କରିବାକୁ କହି ଉତ୍ସାହିତ କରିଥିଲେ । ଜିଲ୍ଲା ପ୍ରଶାସନର ନବ ବର୍ଷ ଅବସରରେ ସମଗ୍ର ଘୁମରେଶ୍ୱର ପର୍ଯ୍ୟଟନ ସ୍ଥଳୀ ନାଚ ଗୀତରେ ଦୁଲୁକି ଉଠିଥିଲା । ପ୍ରଶାସନ ଅଧିକାରୀର ସମସ୍ତ ଅଧିକାରୀ ବୃନ୍ଦ ନାଚ ଗୀତରେ ଝୁମି ଧୁମଧାମ ରେ ନବବର୍ଷ ପାଳନ କରି ଆନନ୍ଦ ନେଇ ଥିଲେ । ପ୍ରାୟ ଅଢ଼େଇ କୋଟି ବ୍ୟୟରେ ନିର୍ମିତ ପର୍ଯ୍ୟଟନ ସ୍ଥଳୀ ସୌନ୍ଦର୍ଯ୍ୟ କରଣ କାର୍ଯ୍ୟ ଦେଖି ଜିଲ୍ଲାପାଳ ଅତ୍ୟନ୍ତ ଖୁସି ପ୍ରକଟ କରି ଆଗକୁ ରହିଯାଇଥିବା ଆଉ କିଛି କାର୍ଯ୍ୟ କରିବା ନେଇ ଚିନ୍ତା କରିଛନ୍ତି । ଆଜିର କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ନାୟକ,ଏଡିଏମ(ରାଜସ୍ୱ) ନବୀନ ଚନ୍ଦ୍ର ନାୟକ,ଉପ ଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର,ପିଏ ଆଇଟିଡିଏ ରାଜୀବ କୁମାର ସାହୁ,ଡେପୁଟି କଲକ୍ଟର ପି ମନସ୍ମିତା ନବରଙ୍ଗପୁର ତହସିଲଦାର କୈଳାଶ ତ୍ରିପାଠୀ ଙ୍କ ସମେତ ବହୁ ପଦାଧିକାରୀ ଉପସ୍ଥିତ ଥିଲେ । ତେନ୍ତୁଳିଖୁଣ୍ଟି ତହସିଲଦାର ତହସିଲଦାର ରାଜ କିଶୋର ପଟ୍ଟନାୟକ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଏସଓ ତ୍ରିପତି ବାଲାଜୀ ସାହୁ,ବରିଷ୍ଠ ସହାୟକ କୈଳାଶ ଦାଶ,ରାଜସ୍ୱ ନିରୀକ୍ଷକ ଶ୍ରୀକାନ୍ତ ମାତ୍ୟୁଷ ବାଘ,ରାଜସ୍ୱ ନିରୀକ୍ଷକ ସନ୍ତୋଷ ଗରଡ଼ା ପ୍ରମୁଖ ସହଯୋଗ କରି କାର୍ଯ୍ୟକ୍ରମ କୁ ସଫଳ ରୂପାୟନ ଦେଇଥିଲେ ।ଶାନ୍ତି ଶୃଙ୍ଖଳା ପାଇଁ ତେନ୍ତୁଳିଖୁଣ୍ଟି ଏଏସଆଇ ଭରତ ମାଝି ଙ୍କ ସମେତ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ସୁରକ୍ଷା ବ୍ୟବସ୍ଥା...

ରିହରସାଲ ବି ହୋଇଛି। ସହରରେ ଏହି ସମୟରେ କଡ଼ା ସୁରକ୍ଷା ବ୍ୟବସ୍ଥା ରହିବା ସହ ୮ ପ୍ଲାଟୁନ ରାଜ୍ୟ ପୁଲିସ, ୧୧ କଂପାନୀ କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ ରହିବେ ବୋଲି ଡିଜିପି କହିଛନ୍ତି। ପ୍ରବାସୀ ଭାରତୀୟ ଦିବସ ଅବସରରେ ପ୍ରାୟ ୧୦ଟି ରାଜ୍ୟର ମୁଖ୍ୟମନ୍ତ୍ରୀ ମଧ୍ୟ ଭୁବନେଶ୍ୱର ଆସିବାର କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ କେନ୍ଦ୍ରୀୟ ଗୁଇନ୍ଦା ବିଭାଗ ଏବେଠାରୁ ଡେରା ପକାଇଥିବା ବେଳେ ସୁରକ୍ଷା ବ୍ୟବସ୍ଥା ମଧ୍ୟ କଡାକଡି ହେଲାଣି।

### ଏସ୍‌ଟିଏଫ୍‌ର...

ପ୍ରକାଶ କରିବା ସହ ଦୁଇ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି। ସେହିପରି ଗୁଳିମାଡ଼ରେ ଆହତ ହୋଇଥିବା ବ୍ୟକ୍ତିଙ୍କ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଘୋଷଣା କରିଛନ୍ତି।

### ଏନ୍‌କାଉଣ୍ଟର...

ତେବେ ଘଟଣାସ୍ଥଳରୁ ସୁରକ୍ଷାକର୍ମୀ ୪ଜଣ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରିଛନ୍ତି। ଅନ୍ୟପକ୍ଷରେ ନକ୍ସଲଙ୍କ ପାଲଟା ଗୁଳିରେ ଜଣେ ହେଡ୍ କନେଷ୍ଟବଲ ସହିଦ ହୋଇଛନ୍ତି । ତାଙ୍କ ନାମ ସାନୁ କରାମ ବୋଲି ସୂଚନା ଦିଆଯାଇଛି। ସୁରକ୍ଷାକର୍ମୀ ଘଟଣାସ୍ଥଳରୁ ଏକେ-୪୭ ସମେତ ଏସଏଲଆର, ଅଟୋମେଟିକ ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ କରିଛନ୍ତି।

### ପାଖରେ ପଡ଼ିଲା...

ଡ୍ରୋନ୍‌ଟି ଅତର୍କିତ ଭାବେ ପଡ଼ିବାରୁ ମୁଖ୍ୟମନ୍ତ୍ରୀ ଚମକି ପଡ଼ିଥିଲେ। ଏପରିକି ତାଙ୍କ ପାଖରେ ଥିବା ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ଡ୍ରୋନ ପଡ଼ିବା ନେଇ ଆଶ୍ଚର୍ଯ୍ୟଚକିତ ହୋଇଯାଇଥିଲେ। ତୁରନ୍ତ ତାଙ୍କ ପିଏସ୍‌ଓ ଉକ୍ତ ଡ୍ରୋନକୁ ପାଦରେ ଆଡ଼େଇ ଦେଇଥିଲେ। ତେବେ ପ୍ରଶ୍ନ ଉଠୁଛି କଡ଼ା ସୁରକ୍ଷାବଳୟ ଭିତରେ ଥିବା ମୁଖ୍ୟମନ୍ତ୍ରୀଙ୍କ ପାଖରେ ଡ୍ରୋନଟି କିପରି ଖସିପଡ଼ିଲା। କୁହାଯାଉଛି, କେହି ବ୍ୟକ୍ତି ଫଟୋ ଉଠାଇବା ଉଦ୍ଦେଶ୍ୟରେ ଏହି ଡ୍ରୋନ ଉଡାଇଥିବା ଜଣାପଡ଼ିଛି। ତେବେ ମୁଖ୍ୟମନ୍ତ୍ରୀଙ୍କ ମୁଣ୍ଡ ଉପରେ ଏଭଳି ଡ୍ରୋନ୍ ଉଡାଇବା ପାଇଁ କିଏ ଅନୁମତି ଦେଲା ଓ କିପରି ଏହା ମୁଖ୍ୟମନ୍ତ୍ରୀଙ୍କ ପାଖରେ ଖସିପଡ଼ିଲା ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### କୃଷକମାନେ...

ଜଳସେଚନ ପ୍ରକଳ୍ପ, ଅନୁଗୁଳ ଜିଲ୍ଲାର ସମାକୋଇ ବ୍ୟାରେଜ ପ୍ରକଳ୍ପ, ବରଗଡ ଜିଲ୍ଲାରେ ୩ଟି ଓ ନୂଆପଡା ଜିଲ୍ଲାର ୭ଟି ଉଠାଜଳସେଚନ ପ୍ରକଳ୍ପ, କଳାହାଣ୍ଡି ଜିଲ୍ଲାରେ ୩ଟି ଓ ନୂଆପଡା ଜିଲ୍ଲାରେ ୨ଟି ଏମ.ଆଇ.ପି., କଳାହାଣ୍ଡି, ବଲାଙ୍ଗିର, ବରଗଡ ଓ ନୂଆପଡା ଜିଲ୍ଲାରେ ୩୫୯ ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପ ଏବଂ ୧୧,୮୮୬ ଗଭୀର ନଳକୂପ ପ୍ରକଳ୍ପ ଆରମ୍ଭ କରିବା ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି । ବିଭାଗୀୟ ମନ୍ତ୍ରୀ ଭାବେ ମୁଁ ବ୍ୟକ୍ତିଗତ ଭାବେ ଏହି ସବୁ ପ୍ରକଳ୍ପକୁ ସମୀକ୍ଷା କରୁଛି ବୋଲି ସେ କହିଥିଲେ । ସେ ପୁଣି କହିଥିଲେ ଯେ, କୃଷି କାର୍ଯ୍ୟରେ ବୈପବ୍ଳିକ ପରିବର୍ତ୍ତନର ଲକ୍ଷ୍ୟ ରଖି ଆମ ସରକାର ଜଳ ପରିଚାଳନା କ୍ଷେତ୍ରରେ ଟେକ୍‌ନୋଲୋଜିର ବ୍ୟାପକ ବ୍ୟବହାର ପାଇଁ ପଦକ୍ଷେପ ନେଇଛନ୍ତି । ଡିଜିଟାଲ ଟେକ୍‌ନୋଲୋଜିର ବ୍ୟବହାର କରି ମାଟିର ଆର୍ଦ୍ରତା ନିରୂପଣ ପ୍ରଣାଳୀ ବିକଶିତ କରାଯିବ । ଏଥିପାଇଁ ଓଉଇଜ ଅନ୍ତର୍ଗତ ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ ଅନୁବନ୍ଧିତ ହୋଇଛି । ପାଣି ପଞ୍ଚାୟତ ମାନଙ୍କର ଦକ୍ଷତା ବିକାଶ ପାଇଁ ଜାଭିଅର ୟୁନିଭରସିଟି ସହିତ ମଧ୍ୟ ଯୋଗାଯୋଗ ହୋଇଛି । ଉପସ୍ଥିତ କୃଷକମାନଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କୃଷକମାନେ ହେଉଛନ୍ତି ରାଜ୍ୟ ବିକାଶର ମୂଳ ସୂତ୍ରଧର । ସେମାନେ ସମସ୍ତଙ୍କ ମୁହଁରେ ଆହାର ଯୋଗାଉଛନ୍ତି । ସେଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଆପଣମାନଙ୍କୁ ଅନ୍ନଦାତା ଭାବେ ସମ୍ମାନିତ କରି ଆସିଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କୃଷକ କଲ୍ୟାଣ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ରାଜ୍ୟରେ କୃଷିର ବିକାଶ ପାଇଁ ଚଳିତ ବର୍ଷ କୃଷି ବଜେଟରେ ୩୩ ହଜାର ୯୧୯ କୋଟି ଟଙ୍କା ପ୍ରାବଧାନ କରାଯାଇଛି । କୃଷକମାନଙ୍କ ସୁଖଦୁଃଖରେ ଆମ ସରକାର ଅଛନ୍ତି । ଅଦିନିଆ ବର୍ଷାକୁ ଏକ ବିପର୍ଯ୍ୟୟ ଭାବେ ଗ୍ରହଣ କରି ଆମ ସରକାର କ୍ଷତିଗ୍ରସ୍ତ ଚାଷୀମାନଙ୍କ ପାଇଁ ୨୯୧ କୋଟି ରୁ ଅଧିକ ଟଙ୍କା ସହାୟତା ଯୋଗାଇଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି । ୬.୬୬ ଲକ୍ଷ ଚାଷୀ ଏହି ସହାୟତା ପାଇବେ । ପରିଶେଷରେ ମୁଖ୍ୟମନ୍ତ୍ରୀ କହିଲେ ଯେ, କୃଷକମାନେ ସମୃଦ୍ଧ ହେଲେ, ଓଡିଶା ସମୃଦ୍ଧ ହେବ। ତେଣୁ ରାଜ୍ୟର ବିକାଶ ପାଇଁ, କୃଷି କ୍ଷେତ୍ରର ବିକାଶ ପାଇଁ ଆମର ସବୁ କାର୍ଯ୍ୟକ୍ରମରେ ଚାଷୀ ଭାଇମାନଙ୍କୁ ସାମିଲ ହେବାକୁ ସେ ନିବେଦନ କରିଥିଲେ । ଏହି ଅବସରରେ ନିଜର ଅଭିଭାଷଣ ରଖି ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଲେ ଯେ, ଓଡିଶା ସରକାର ଚାଷୀମାନଙ୍କ ସହ ଅଛନ୍ତି ଏବଂ ସେମାନଙ୍କୁ ଆଗକୁ ବଢିବା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରୁଛନ୍ତି । ଚାଷୀମାନଙ୍କ ଉତ୍ପାଦନ ପାଇଁ ମାର୍କେଟ ଲିଂକେଜ୍ ଦେବା ପାଇଁ ବ୍ୟବସ୍ଥା ମଧ୍ୟ କରାଯାଉଛି । ସମସ୍ତେ ପାଣିର ଉଚିତ୍ ବ୍ୟବହାର କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ଏହି ଅବସରରେ ଉନ୍ନୟନ କମିଶନର ଅନୁ ଗର୍ଗ କହିଥିଲେ ଯେ, ପାଣି ପଞ୍ଚାୟତରେ ଏବେ ବହୁ ସଂଖ୍ୟାରେ ମହିଳାମାନେ ନେତୃତ୍ୱ ନେଉଛନ୍ତି ଏବଂ ଖୁବ୍ ଭଲ କାମ କରୁଛନ୍ତି । ତେଣୁ, ଆମର ଫୋକସ୍ ହେଉଛି ପାଣି ପଞ୍ଚାୟତରେ ଅଧିକରୁ ଅଧିକ ମହିଳାମାନଙ୍କୁ ଯୋଡିବା । ଓଡିଶାର ପାଣି ପଞ୍ଚାୟତ କାର୍ଯ୍ୟକ୍ରମ ଉପରେ ବିଭିନ୍ନ ରାଜ୍ୟର ଆଗ୍ରହ ବୃଦ୍ଧି ପାଇଛି । ତେଣୁ, ସମସ୍ତେ ମିଶି ଭଲ କାମ କଲେ ଜାତୀୟ ସ୍ତରରେ ଓଡିଶାର ପ୍ରସିଦ୍ଧି ଆହୁରି ବୃଦ୍ଧି ପାଇବ ବୋଲି ସେ କହିଥିଲେ । କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢୀ ଏବଂ ଜଳ ସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ର ଶେଖର ପାଢୀ ଅଭିଭାଷଣ ରଖିଥିଲେ । ଏହି ଅବସରରେ ଢେଙ୍କାନାଳର ଗୋଟିଏ ପାଣି ପଞ୍ଚାୟତର ସଫଳ ମହିଳା ଚାଷୀ ସସ୍ମିତା ନାୟକ ଏବଂ କେନ୍ଦୁଝର ଜିଲ୍ଲା ପାଣି ପଞ୍ଚାୟତର ସଫଳ ଚାଷୀ ବଗଲ ଚରଣ ବ୍ରହ୍ମା ପାଣି ପଞ୍ଚାୟତରେ ସଫଳତା ବିଷୟରେ ନିଜର ଅନୁଭୁତି ବର୍ଣ୍ଣନା କରିଥିଲେ । ମୁଖ୍ୟମନ୍ତ୍ରୀ ସେଚ ସହଭାଗୀତା ୩.୦ ନାମକ ଏକ କଫି ଟେବଲ୍ ବହିର ଉନ୍ମୋଚନ କରିଥିଲେ । ଏହି ଅବସରରେ ସହଭାଗୀ ସେଚ ସମ୍ପର୍କରେ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ କରାଯାଇଥିଲା । କୃତୀ ବିଦ୍ୟାର୍ଥୀ, ସଫଳ ଚାଷୀ, ସଫଳ ପାଣି ପଞ୍ଚାୟତ ଓ ଦକ୍ଷ ଅଧିକାରୀମାନଙ୍କୁ ସମ୍ମାନିତ କରାଯାଇଥିଲା ।

## ଆମ ଆଦମୀ ପାର୍ଟି ପକ୍ଷରୁ ବନ୍ଧୁ ମିଳନ କାର୍ଯ୍ୟକ୍ରମ



ବୋଲଗଡ(ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବରକୁଦ ଲବଣ ଗିରି ପ୍ରାଙ୍ଗଣ ରେ ଆମ ଆଦମୀ ପାର୍ଟି ର ଏକ ନବ ବର୍ଷ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ରାଜ୍ୟ ସାଂଗଠନିକ ସମ୍ପାଦକ ଭରତ ଦାସ, ଢେଙ୍କାନାଳ ଜିଲ୍ଲା ସଭାପତି ପଙ୍କଜ ନାୟକଙ୍କ ଉପସ୍ଥିତି ରେ ଖୋର୍ଦ୍ଧା ଜିଲ୍ଲାର ପ୍ରତ୍ୟେକ ବ୍ଲକ ସଭାପତି ଉପସ୍ଥିତ ହୋଇଥିଲେ ।ଏହି ସାଂଗଠନିକ ବୈଠକ ଦ୍ୱାରା ରାଜ୍ୟରେ ଆମ ଆଦମୀ ପାର୍ଟିର ସ୍ଥିତି ସମ୍ବନ୍ଧରେ ଆଲୋଚନା କରାଯାଇ ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରା ଯାଇଥିଲା। ଆଜିର ବୈଠକ ରେ ଖୋର୍ଦ୍ଧା ଜିଲ୍ଲା ସଭାପତି ସୁଭାଶିଷ ସ୍ୱାଇଁ, ସୁନିଲ ଷଡ଼ଙ୍ଗୀ, ପ୍ରଶାନ୍ତ ରଣସିଂହ, ପ୍ରମୋଦ ନନ୍ଦ, କଳ୍ପତରୁ ପଣ୍ଡା, କବିରାଜ ଗୋଛି, କିଶୋର ଚନ୍ଦ୍ର ସାହୁ, ଅମିତ୍ ସାମନ୍ତରାୟ, ଲକ୍ଷ୍ମୀଧର ମହପାତ୍ର, ସଂଗ୍ରାମ ବଳବନ୍ତ ରାୟ, ସେଖ ଆବିଦ୍, ଦଣ୍ଡପାଣି ଜେନା, ଟିପୁ ଜେନା ପ୍ରମୁଖ ଯୋଗ ଦେଇଥିଲେ । ତ୍ରିନାଥ ପାଲଟା ସିଂ ସଭା ପରିଚାଳନା କରିଥିଲେ। ଜଳଧର ସାହୁ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ତେନ୍ତୁଳି ଖୁଣ୍ଟି (ଭାସ୍କର ନ୍ୟୁଜ): ନବରଂଗପୁର ଜିଲ୍ଲା ତେନ୍ତୁଳି ଖୁଣ୍ଟି ବ୍ଲକ ଝରି ଗୁମ୍ମା ପଞ୍ଚାୟତ ଦେଙ୍ଗପଦର୍ ମା ଠାକୁରାଣୀ କ୍ରିକେଟ୍ ଟର୍ଣ୍ଣମେଣ୍ଟ ଉଦଯାପିତ ହୋଇ ଯାଇଛି ।ଏଥିରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ୪ଟି ଗ୍ରୁପ୍ ମାଧ୍ୟମରେ ମୋଟ ୩୨ଟି ଦଳ ମଧ୍ୟରେ ଖେଳ ଯାଇ ଥିଲା । ଗତ ଡିସେମ୍ବର ମାସ ୧୭ ତାରିଖରୁ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇ ଥିଲା । ପ୍ରତିଦିନ ମ୍ୟାଚ ଆରମ୍ଭ କରାଯାଇ ୨୦ ଦିନ ଚାଲି ଥିଲା । ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲ,ସେମି ଫାଇନାଲ ପରେ ଫାଇନାଲ ମ୍ୟାଚଟି କୁର୍ମାକୋଟ ଓ ବେତଝରଣ ମଧ୍ୟରେ ସଂଘର୍ଷମୟ ମ୍ୟାଚ୍ ହୋଇଥିଲା। କୁର୍ମାକୋଟ ଦଳ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୪ ୱିକେଟ ମାଧ୍ୟମରେ ୧୦୧ ରନ୍ ସଂଗ୍ରହ କରିଥିଲେ। ବେତଝରଣ ଦଳ ୮ ୱିକେଟ ବିନିମୟରେ କେବଳ ୯୦ ରନ୍ କରିଥିଲା ବେଳେ ୧୧ ରନରେ ପରାସ୍ତ ହୋଇଥିଲା ।ଅନ୍ୟମାନଙ୍କ ମଧ୍ୟରେ ଅଚ୍ୟୁତାନନ୍ଦ ବିଷୋୟୀ,ଝରିଗୁମ୍ମା ସରପଞ୍ଚ ମନମୋହନ ଡଳପତି,ପିଣ୍ଟୁ ମିଶ୍ର,ସନାତନ,ଭୁବନ ନାୟକ,ଗୋକୁଳ ତଥା ଟୁର୍ଣ୍ଣାମେଣ୍ଟ ଆୟୋଜନର ମୁଖ୍ୟ କର୍ଣ୍ଣଧାର ଅଭିମନ୍ୟୁ ହରିଜନ,ମକର ଛତ୍ରିଆ,ବଳରାମ ସୁନା,ପ୍ରଫୁଲ୍ଲ ହରିଜନ,ପ୍ରଦିପ ହରିଜନ,ସତ୍ୟ,ବିଜୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଟୁର୍ଣ୍ଣାମେଣ୍ଟର ବିଜୟୀ ଦଳକୁ ୪୫ ହଜାର ଓ ରନର୍ସ ଅପ ଦଳକୁ ୨୫ ହଜାର ଟଙ୍କା ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଖେଳ ପ୍ରଦର୍ଶନ ଦେଖିବା ପାଇଁ ହଜାର ହଜାର ଦର୍ଶକ ପଡିଆ ମଧ୍ୟରେ ଉପସ୍ଥିତ ରହିଥିଲେ।

## ସମ୍ବଲପୁର ଠାରେ ଚାମ୍ବର ଅଫ୍ କମର୍ସ ବୈଠକ

# ସମ୍ବଲପୁର ହେବ ଶିଳ୍ପ ଓ ବ୍ୟବସାୟର ପେଣ୍ଠସ୍ଥଳୀ: ଧର୍ମେନ୍ଦ୍ର




ସମ୍ବଲପୁର (ଭାସ୍କର ନ୍ୟୁଜ): ସମ୍ବଲପୁରର ଅପାର ସମ୍ଭାବନାକୁ ଉପଯୋଗ କରି ଜିଲ୍ଲାକୁ ଶିଳ୍ପ ଓ ବ୍ୟବସାୟର ପେଣ୍ଠସ୍ଥଳୀରେ ପରିଣତ କରିବା ପାଇଁ ଆମେ ଯୋଜନା କରିବା ଦରକାର ବୋଲି ରବିବାର ସମ୍ବଲପୁର ଠାରେ ଚାମ୍ବର ଅଫ୍ କମର୍ସ ବୈଠକରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସମ୍ବଲପୁରରେ ଥିବା ଶିଳ୍ପ ଓ ବ୍ୟବସାୟର ସମ୍ଭାବନା ଉପରେ ଆଲୋକପାତ କରିବା ସହ ଶ୍ରୀ ପ୍ରଧାନ କହିଛନ୍ତି କଳା, ସଂସ୍କୃତି ଓ ପୁରାତନ ସଭ୍ୟତାର ସହର ହେଉଛି ସମ୍ବଲପୁର। ସମ୍ବଲପୁରର ମୂଳ ଅର୍ଥନୀତି ହେଉଛି ଟ୍ରେଡିଂ ବା ବାଣିଜ୍ୟ । ଜିଲ୍ଲାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏଠାରେ କେବଳ ଶିଳ୍ପ ନୁହେଁ ବରଂ ସ୍ଥାନୀୟ ନାଗରିକଙ୍କ ଇଜ୍ ଅଫ୍ ଲିଭିଂକୁ ପରିବର୍ତ୍ତନ କରିବା ପାଇଁ ପଡିବ । ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା, ରୋଜଗାର ସହ ସଡ଼କପଥ ଭିତ୍ତିଭୂମିକୁ ମଜଭୁତ୍ କରିବା ପାଇଁ ପଡିବ । ସମ୍ବଲପୁରରେ ବ୍ୟବସାୟର ବାତାବରଣ ତିଆରି କରିବା, ଶିଳ୍ପ କ୍ଷେତ୍ରର ଅଭିବୃଦ୍ଧି ପାଇଁ ପ୍ରୟାସ କରିବା ତଥା ଜିଲ୍ଲାର ଅର୍ଥନୀତିକୁ ମଜଭୁତ୍ କରିବା ଦିଗରେ ଚାମ୍ବର୍ ଅଫ କମର୍ସର ଅବଦାନ ଅତୁଳନୀୟ । ତେବେ ଏଠାରେ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ସହଯୋଗୀ ହୋଇ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ସମ୍ବଲପୁରର ପୁରୁଣା ଅଯୋଧ୍ୟା ସାଗର ବନ୍ଧକୁ 'ରିଭରଫ୍ରଣ୍ଟ ଡେଭଲପମେଣ୍ଟ ପ୍ରୋଜେକ୍ଟ' ଅଧୀନରେ ବିକଶିତ କରିବାର କଳ୍ପନା କରାଯାଇଛି । ହୀରାକୁଦ ବନ୍ଧର ନବୀକରଣ ପାଇଁ ସରକାର କାର୍ଯ୍ୟ କରୁଛନ୍ତି । ଦେବ୍ରୀଗଡ଼ ଅଭୟାରଣ୍ୟ ସମେତ ସମ୍ବଲପୁରର ପର୍ଯ୍ୟଟନ ଭିତ୍ତିଭୂମିକୁ ସୁଦୃଢ କରିବା ସହ ପର୍ଯ୍ୟଟକଙ୍କ ସଂଖ୍ୟା ବଢାଇବା ପାଇଁ ଉଦ୍ୟମ ଜାରି ରହିଛି । ଏଥିରେ ଚାମ୍ବର ଅଫ୍ କମର୍ସ ମଧ୍ୟ ସହଯୋଗୀ ହେବା ଦରକାର । ଏକବିଂଶ ଶତାବ୍ଦୀରେ ସମ୍ବଲପୁରକୁ ଆଧୁନିକ ଓ ଶିଳ୍ପଭିତ୍ତିକ ସହରରେ ପରିଣତ କରିବା ଦିଗରେ ଚାମ୍ବର ଅଫ୍ କମର୍ସ ଏକ ଅଗ୍ରଣୀ ଭୂମିକା ନିର୍ବାହ କରିବା ଦରକାର ବୋଲି ଶ୍ରୀ ପ୍ରଧାନ ମତ ପ୍ରକାଶ କରିଛନ୍ତି ।

# ଜାତୀୟ ଓ ଅନ୍ତର୍ଜାତୀୟ



ବିବାଦୀୟ ବିଲେନିୟର ତଥା ବିଶିଷ୍ଟ ଉଦ୍ୟୋଗପତି ଜର୍ଜ ସୋରୋସଙ୍କୁ ଆମେରିକାର ସର୍ବୋଚ୍ଚ ନାଗରିକ ସମ୍ମାନ ସମ୍ମାନୀତ କରାଯାଇଛି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ତାଙ୍କୁ ପ୍ରେସିଡେନ୍ସିଆଲ୍ ମେଡାଲ ଅଫି ଫ୍ରିଡମ ପ୍ରଦାନ କରିଛନ୍ତି। ଜର୍ଜ ସୋରୋସ୍ ଜଣେ ବିଲେନିୟର ହେବା ସହ ବିଭିନ୍ନ ଦେଶର ସରକାରକୁ ଅସ୍ଥିର କରିବା ପାଇଁ ମଧ୍ୟ ଜଣାଶୁଣା। ଏଥିସହ ସେ ଭାରତ ସରକାରକୁ ଅସ୍ଥିର କରିବା ପାଇଁ କଂଗ୍ରେସ ଏବଂ ବିରୋଧୀଙ୍କ ସହ ଷଡଯନ୍ତ୍ର କରିଥିବା ମଧ୍ୟ ଅଭିଯୋଗ ହୋଇଛି। ଏହି ପ୍ରସଙ୍ଗରେ ଭାରତ ସଂସଦରେ ସରକାର ଏବଂ ବିରୋଧୀଙ୍କ ମଧ୍ୟରେ ଅନେକ ଥର ଜୋରଦାର ବିତର୍କ ଓ ଉତ୍ତେଜନା ଦେଖାଦେଇଛି। କିନ୍ତୁ ବର୍ତ୍ତମାନ ରାଷ୍ଟ୍ରପତି ଜୋ ବିଡେନ ତାଙ୍କ ଦେଶର ସର୍ବୋଚ୍ଚ ପୁରସ୍କାର ଜର୍ଜ ସୋରୋସଙ୍କୁ ଦେଇଛନ୍ତି। ତାଙ୍କ ବ୍ୟତୀତ ଆମେରିକାର ପୂର୍ବତନ ବିଦେଶ ମନ୍ତ୍ରୀ ହିଲାରୀ କ୍ଲିନ୍ଟନ, ଫୁଟବଲ ସୁପରଷ୍ଟାର ଲିଓନଲ୍ ମେସିଙ୍କ ସମେତ ୧୯ ଜଣ ସେଲେବ୍ରିଟିଙ୍କୁ ହ୍ୱାଇଟ୍ ହାଉସ୍‌ରେ ଏହି ସର୍ବୋଚ୍ଚ ନାଗରିକ ସମ୍ମାନରେ ସମ୍ମାନୀତ କରାଯାଇଛି।

## ୬ ଦେଶକୁ ବ୍ୟାପିଲାଣି ଏଚ୍‌ଏମ୍‌ପିଭି ଭାଇରସ୍



ନୂଆଦିଲ୍ଲୀ: ଚାଇନାରେ ଏଚଏମ୍‌ପିଭି ଭୂତାଣୁକୁ ନେଇ ସାରା ବିଶ୍ୱ ଏବେ ଚିନ୍ତା ପ୍ରକଟ କରୁଛି। ଅତି ଦ୍ରୁତ ଗତିରେ ଏହା ବ୍ୟାପୁଛି। ଏହି ଭାଇରସ ବ୍ୟାପୁଥିବାରୁ ଚୀନ୍‌ର ଅନେକ ରାଜ୍ୟରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି। ଏଚଏମ୍‌ପିଭି ଭୂତାଣୁ କରୋନା ଠାରୁ ଅଧିକ ବିପଜ୍ଜନକ ବୋଲି କୁହାଯାଉଛି। ଚୀନ୍‌ର ଅନେକ କ୍ଷେତ୍ରରେ ପରିସ୍ଥିତି ବିଗିଡି ଯାଇଛି। ପୁଣି ଥରେ ମାସ୍କର ଯୁଗ ଫେରି ଆସିଛି। ହଜାର ହଜାର ଲୋକ ଏହି ଭୂତାଣୁଙ୍କ ଦ୍ୱାରା ସଂକ୍ରମିତ ହୋଇଛନ୍ତି। ବୃଦ୍ଧ ଓ ଶିଶୁମାନଙ୍କ ମଧ୍ୟରେ ଏହି ସଂକ୍ରମଣ ଶୀଘ୍ର ବ୍ୟାପିବାରେ ଲାଗିଛି। ଡାକ୍ତରଖାନାଗୁଡ଼ିକରେ ରୋଗୀଙ୍କ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଉଛି। ଶିଶୁ ୱାର୍ଡରେ ସର୍ବାଧିକ ସଂଖ୍ୟକ ରୋଗୀ ଅଛନ୍ତି। ଉତ୍ତର ଚାଇନାରେ ଏହି ଭୂତାଣୁ ଦ୍ରୁତ ଗତିରେ ବ୍ୟାପୁଥିବା ବେଳେ ବିମାନବନ୍ଦରରେ ବିରାଟ ଭିଡ଼ ଦେଖିବାକୁ ମିଳୁଛି। ଭାଇରୋଲୋଜି ବିଶେଷଜ୍ଞ ଡକ୍ଟର ଲିନ ଜିଆଜୁ କହିଛନ୍ତି ଯେ HMPV ଭାଇରସ ଦିନେ ସାମାନ୍ୟ ଶ୍ୱାସଜନିତ ରୋଗ ଥିଲା, ଆଜି ଏହା ଘାତକ ହେଉଛି। ଲୋକଙ୍କୁ ମୃତ୍ୟୁ ମୁଖକୁ ଟାଣି ଆଣୁଛି। ଭାଇରସର ମ୍ୟୁଟେସନ ପାଇଁ ଏପରି ହେଉଛି ବୋଲି ସେ କହିଛନ୍ତି। ବର୍ତ୍ତମାନ ଏହି ଭାଇରସ ଚୀନ ଠାରୁ ଅନ୍ୟ ଦେଶକୁ ବି ବ୍ୟାପିଲାଣି। ଇଂଲଣ୍ଡରେ ଏହି ଭାଇରସ ଦ୍ରୁତ ଗତିରେ ବ୍ୟାପୁଛି। ଡାକ୍ତରଖାନାରେ ରୋଗୀଙ୍କ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଉଛି। ସବୁ ରୋଗୀଙ୍କ ଠାରେ ଶ୍ୱାସଜନିତ ସମସ୍ୟା ଦେଖା ଦେଉଛି। ମାସକରେ ରୋଗୀଙ୍କ ସଂଖ୍ୟା ୪ ଗୁଣ ବୃଦ୍ଧି ପାଇଛି। ଏହି ଭୂତାଣୁକୁ ନେଇ ବ୍ରିଟେନ୍‌ର NHS ପକ୍ଷରୁ ଚେତାବନୀ ଜାରି କରାଯାଇଛି। ଖ୍ରୀଷ୍ଟମାସ ଦିନ ୪୧୦୨ ଫ୍ଲୁ ରୋଗୀଙ୍କୁ ଭର୍ତ୍ତି କରାଯାଇଥିଲା। ୪ ଦିନ ପରେ, ଡିସେମ୍ବର ୨୯ ରେ, ୫୦୭୪ ରୋଗୀ ଥିଲେ। ଡାକ୍ତରଖାନାଗୁଡ଼ିକରେ ହାରାହାରି ରୋଗୀଙ୍କ ସଂଖ୍ୟା ହେଉଛି ୪୪୬୯ ରହିଛି। ବ୍ରିଟେନ୍ ଭଳି ହଂକଂରେ ମଧ୍ୟ ଲୋକେ HMPV ଭୂତାଣୁରେ ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ହଂକଂ ଡାକ୍ତରଖାନାରେ ମଧ୍ୟ ରୋଗୀଙ୍କ ଲମ୍ୱା ଲାଇନ ଲାଗିଛି। ସେଠାରେ ମଧ୍ୟ ଶ୍ୱାସରୋଗୀଙ୍କ ସଂଖ୍ୟାରେ ବୃଦ୍ଧି ଘଟିଥିବାର ଦେଖାଯାଇଛି। ଏହି ଜୀବାଣୁ ଦ୍ୱାରା ଶିଶୁ ଏବଂ ବୃଦ୍ଧମାନେ ଅଧିକ ପ୍ରଭାବିତ ହୁଅନ୍ତି।

## ଦିଲ୍ଲୀରୁ ହଟିଲା ଗ୍ରାପ୍-୩ କଟକଣା



ନୂଆଦିଲ୍ଲୀ: ଦିଲ୍ଲୀ-ଏନସିଆରରେ ହଟିଲା ଗ୍ରାପ-୩ କଟକଣା। ରବିବାର ଅପରାହ୍ନରେ ଏୟାର କ୍ୱାଲିଟି ଇଣ୍ଡେକ୍ସ ୩୩୯ ସ୍ତରରେ ଆସିବା ପରେ ଗୁଣବତ୍ତା ପରିଚାଳନା ଆୟୋଗ (CAQM) ଗ୍ରାପ୍-୩ କଟକଣା ହଟାଇଛି। ସୂଚନାଥାଉକି, ଜାନୁଆରୀ ୩ରୁ ଦିଲ୍ଲୀ-ଏନସିଆରରେ ବାୟୁ ପ୍ରଦୂଷଣ ସ୍ତର ବଢ଼ିଥିଲା। ଯାହାପରେ ଆୟୋଗ ଗ୍ରାପ୍-୩ ଲାଗୁ କରିଥିଲା। ଗ୍ରାପ୍-୩ କଟକଣା ଲାଗୁ ହେବା ପରେ ଦିଲ୍ଲୀ-ଏନସିଆରରେ ଅନେକ ପ୍ରତିବନ୍ଧକ ଲାଗିଥିଲା। ଯେଉଁଥିରେ ଡିଜେଲ ଗାଡ଼ି ଚଳାଚଳ ଉପରେ ସଂପୂର୍ଣ୍ଣ ବ୍ୟାନ୍ ଲାଗିଥିଲା। ଏହା ସହ ନିର୍ମାଣ କାର୍ଯ୍ୟକୁ ସଂପୂର୍ଣ୍ଣ ବନ୍ଦ, ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ବନ୍ଦ କରିବା କିମ୍ବା ଅନଲାଇନ ମୋଡରେ କ୍ଲାସ କରିବା ନିଷ୍ପତ୍ତି, ଦିଲ୍ଲୀରେ ଅଣ ଇଲେକ୍ଟ୍ରିକ୍ ଅଣ ସିଏନଜି ଡିଜେଲ ଗାଡ଼ି ଉପରେ ରୋକ ଭଳି ପ୍ରତିବନ୍ଧକ ଲଗାଯାଇଥିଲା। ଏବେ ଏସବୁ ପ୍ରତିବନ୍ଧକ ହଟାଇ ଦିଆଯାଇଛି।

## ପିଏମ୍ ଜନମନ ଯୋଜନାରେ ଗରିଆବନ୍ଧରେ ୪ ନୂଆ ଛାତ୍ରାବାସର ଶିଳାନ୍ୟାସ



ରାୟପୁର : ଗରିଆବନ୍ଧ ବନାଞ୍ଚଳ କ୍ଷେତ୍ରରେ ରହୁଥିବା ସୁବୁଠୁ ପଛୁଆବର୍ଗର ଜନଜାତି ପିଲାଙ୍କ ରହଣୀ ନିମନ୍ତେ ତଥା ସେମାନଙ୍କୁ ବିକାଶର ମୁଖ୍ୟ ଧାରାରେ ସାମିଲ କରିବା ନିମନ୍ତେ ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ରବିବାର ଗରିଆବନ୍ଧଠାରେ ପିଏମ୍ ଜନମନ ଯୋଜନାରେ ୪ଟି ନୂଆ ଛାତ୍ରାବାସର ଶିଳାନ୍ୟାସ କରିଛନ୍ତି। ଏହି ଛାତ୍ରାବାସ ଗୁଡିକ ଧବଳପୁର, ଜିଗାର, ଜୁଗାଡ ଏବଂ କୁପରଛେଳିଠାରେ ନିର୍ମାଣ କରାଯିବ। ଏହାକୁ ନିର୍ମାଣ ପାଇଁ ୧୦କୋଟି ଟଙ୍କା ମଞ୍ଜୁର କରାଯାଇଥିବା ଶ୍ରୀ ସାଏ ସୂଚନା ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ ଗରିଆବନ୍ଧ ଜିଲ୍ଲାରେ ପଛୁଆ ଜନଜାତିବର୍ଗମାନେ ଦୀର୍ଘଦିନ ହେବ ବସବାସ କରିଆସୁଛନ୍ତି। ଏହି ବର୍ଗର ଶିଶୁମାନଙ୍କୁ ଶିକ୍ଷା କ୍ଷେତ୍ରରେ ବିନିଯୋଗ ପାଇଁ ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ଛାତ୍ରାବାସମାନ ନିର୍ମାଣ କରାଯାଉଛି। ତେଣୁ ଏହା ହେଲେ ଏହି ବର୍ଗର ଛାତ୍ରଛାତ୍ରୀମାନେ ନିରନ୍ତର ଶିକ୍ଷା ପାଇପାରିବେ ଓ ଭବିଷ୍ୟତରେ ସେମାନେ ରାଷ୍ଟ୍ର ନିର୍ମାଣରେ ସହାୟତା କରିପାରିବେ ବୋଲି ଶ୍ରୀ ସାଏ କହିଥିଲେ।

## ମାତାପିତାଙ୍କ ସେବା ନ କଲେ ମିଳିବ ନାହିଁ ସମ୍ପତ୍ତି : ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ: ମାତାପିତାଙ୍କଠାରୁ ତାଙ୍କ ସମ୍ପତ୍ତି ଉପହାର ସ୍ୱରୂପ ପାଇବା ପରେ ସେମାନଙ୍କ ଦେଖାରଖା ନ କରୁଥିବା ପିଲାମାନଙ୍କଠାରୁ ସେହି ସମ୍ପତ୍ତି ଫେରାଇ ନେଇ ହେବ। ବୟସ୍କଙ୍କ ସ୍ୱାର୍ଥ ରକ୍ଷା ପାଇଁ ୨୦୦୭ରେ କରାଯାଇଥିବା ଆଇନର ବ୍ୟାଖ୍ୟା କରୁଥିବାବେଳେ ସୁପ୍ରିମକୋର୍ଟ ଏହି ନିଷ୍ପତ୍ତି ଦେଇଛନ୍ତି। ମଧ୍ୟପ୍ରଦେଶର ଛତ୍ରପୁର ଏହି ମାମଲାରେ ମାଆ ପୁଅକୁ ଦେଇଥିବା ଗିଫ୍ଟ ଡିଡକୁ ବାତିଲ କରିଦେଇଛନ୍ତି। ଫେବୃଆରୀ ୨୮ ସୁଦ୍ଧା ପୁଅର ସମ୍ପତ୍ତିକୁ ତାଙ୍କ ମା’ଙ୍କୁ ହସ୍ତାନ୍ତର କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟର ଜଷ୍ଟିସ ସିଟି ରବିକୁମାର ଏବଂ ସଞ୍ଜୟ କରୋଲଙ୍କ ଏକ ବେଞ୍ଚ କହିଛନ୍ତି ଯେ ମାତାପିତା ତଥା ବରିଷ୍ଠ ନାଗରିକ ଅଧିନିୟମ, ୨୦୦୭ ସମ୍ବନ୍ଧୀୟ ମାମଲାଗୁଡ଼ିକରେ କୋର୍ଟ ସଚେତନ ହେବା ଉଚିତ ଯାହା ବୟସ୍କଙ୍କୁ ସାହାଯ୍ୟ କରିବା ପାଇଁ କରାଯାଇଥିଲା। ଉପହାର କାରବାରରେ ଏହା ଲେଖା ହୋଇ ନାହିଁ ଯେ ପିଲା ଭବିଷ୍ୟତରେ ମାତାପିତାଙ୍କର ଯତ୍ନ ନେବେ, ତଥାପି ବେପରୁଆ ପିଲାଙ୍କୁ ଏହି ଆଧାରରେ ସମ୍ପତ୍ତି ଅଧିକାର କରିବାକୁ ଅନୁମତି ଦିଆଯାଇପାରିବ ନାହିଁ। ୨୦୦୭ରେ ପ୍ରସ୍ତୁତ ଆଇନର ଧାରା ୨୩ କହିଛି ଯେ ଏହି ଆଇନ କାର୍ଯ୍ୟକାରୀ ହେବା ପରେ ଯଦି ଜଣେ ବରିଷ୍ଠ ନାଗରିକ ତାଙ୍କ ସମ୍ପତ୍ତି କାହାକୁ ଉପହାର କିମ୍ବା ଅନ୍ୟ କୌଣସି ଉପାୟରେ ପ୍ରଦାନ କରନ୍ତି ସେହି ସର୍ତ୍ତ ଅନୁଯାୟୀ ସମ୍ପତ୍ତି ପ୍ରାପ୍ତକର୍ତ୍ତା ସେହି ବରିଷ୍ଠ ନାଗରିକଙ୍କ ଯତ୍ନ ନେବେ, ଯଦି ଏହା ନହୁଏ, ତେବେ ବିବେଚନା କରାଯିବ ଯେ ସମ୍ପତ୍ତି ହସ୍ତାନ୍ତର ଠକେଇ କିମ୍ବା ଧମକ ଦ୍ୱାରା କରାଯାଇଛି। ଟ୍ରିବ୍ୟୁନାଲ ଏହି ଟ୍ରାନ୍ସଫରକୁ ରଦ୍ଦ ଘୋଷଣା କରିବେ।

## କୁମ୍ଭମେଳାକୁ ଉଡ଼ାଇବାକୁ ଧମକ ଦେଇଥିବା ଯୁବକ ଗିରଫ

ନୂଆଦିଲ୍ଲୀ : ଆଉ କିଛି ଦିନ ପରେ ଉତ୍ତରପ୍ରଦେଶର ପ୍ରୟାଗରାଜରେ ଆରମ୍ଭ ହେବ କୁମ୍ଭମେଳା। ତେବେ ଏବେ ଠାରୁ ହିଁ ଏଠାରେ ଶ୍ରଦ୍ଧାଳୁ ଓ ବିଭିନ୍ନ କୋଣ ଅନୁକୋଣରୁ ବାବାମାନେ ଆସି ଡେରା ପକାଇ ସାରିଲେଣି। କୁମ୍ଭମେଳାକୁ ନେଇ ପ୍ରୟାଗରାଜରେ ବ୍ୟାପକ ପ୍ରସ୍ତୁତି ଚାଲିଛି। ଏହାରି ଭିତରେ ନିକଟରେ କୁମ୍ଭମେଳାକୁ ବୋମାରେ ଉଡ଼ାଇ ଦେବାକୁ ଜଣେ ଯୁବକ ଧମକ ଦେଇଥିଲେ। ଏହକୁ ନେଇ ଆତଙ୍କ ଖେଳି ଯାଇଥିଲା। ଏବେ ଉକ୍ତ ଧମକ ଦେଇଥିବା ଯୁବକଙ୍କୁ ପୁଲିସ ବିହାରରୁ ଗିରଫ କରିଛି। ଗିରଫ ଯୁବକ ଜଣକ ହେଲେ ବିହାର ପୂର୍ଣ୍ଣିଆର ଆୟୁଷ କୁମାର ଜୟସ୍ୱାଲ। ଡିସେମ୍ବର ୩୧ ତାରିଖରେ ଆୟୁଷ ନାସିର ପଠାନ୍? ନାଁରେ ସୋଶାଲ ମିଡିଆରେ କୁମ୍ଭମେଳାକୁ ବୋମାରେ ଉଡାଇ ଦେବାକୁ ଧମକ ଦେଇଥିଲେ। ଏହାପର ଠାରୁ ୟୁପି ପୁଲିସ ଧମକ ଦେଇଥିବା ବ୍ୟକ୍ତିକୁ ଗିରଫ କରିବା ପାଇଁ ଚେଷ୍ଟା ଚଳାଇଥିଲା। ତେବେ ଶନିବାର ୟୁପି ପୁଲିସ ଭବାନୀପୁର ପୁଲିସର ସହାୟତାରେ ସହିଦଗଞ୍ଜ ପଞ୍ଚାୟତର ୱାର୍ଡ-୪ରେ ଚଢ଼ାଉ କରି ଆୟୁଷ କୁମାରଙ୍କୁ ଗିରଫ କରିଥିଲା। ଭବାନୀପୁର ଥାନା ଅଧକ୍ଷଙ୍କ କହିବା ମୁତାବକ ଆୟୁଷ କୁମାର ସହିଦଗଞ୍ଜ ପଞ୍ଚାୟତର ବାସିନ୍ଦା। ସେ ଧମକ ଦେବା ପରେ ନେପାଳ ଚାଲି ଯାଇଥିଲା। ତେବେ କିଛି ଦିନ ତଳେ ହିଁ ସେ ନିଜ ଘରକୁ ଫେରିଥିଲା। ଏହି ସୂଚନା ମିଳିବା ପରେ ୟୁପି ପୁଲିସ୍ ଚଢ଼ାଉ କରି ତାକୁ ଗିରଫ କରିଛି। ଆୟୁଷ ବିରୋଧରେ ପୁଲିସ ଭିନ୍ନ ଭିନ୍ନ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି। ତାଙ୍କର କେତୋଟି ସୋଶାଲ ମିଡିଆ ଆକାଉଣ୍ଟ ରହିଛି। ସେ ନା ଆଉ କିଏ ଏହାକୁ ଚଳାଉଥିଲେ ତାହା ନେଇ ମଧ୍ୟ ତଦନ୍ତ ଜାରି ରଖିଛି। ଆୟୁଷ ସହ ନେପାଳ ଆଉ କିଏ ଯାଇଥିଲା। ନେପାଳରେ ସେ କାହା କାହା ସହ ମିଶି ଥିଲା। ତା’ର ମଧ୍ୟ ଯାଞ୍ଚ କରୁଛି ପୁଲିସ। ସୂଚନାଯୋଗ୍ୟ ଯେ, ଆସନ୍ତା ଜାନୁଆରୀ ୧୩ ତାରିଖରେ ପ୍ରୟାଗରାଜରେ ଆୟୋଜିତ ହେବା ମହା କୁମ୍ଭମେଳା। ଏହା ଫେବ୍ରୁଆରୀ ୨୬ ଯାଏ ଚାଲିଛି। ଏହି ମହାକୁମ୍ଭ ମେଳା ପାଇଁ ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଲାଣି। ଏହି କୁମ୍ଭମେଳାକୁ ପ୍ରାୟ ୪୦ କୋଟି ଲୋକଙ୍କ ସମାଗମ ହେବା ଆଶା କରାଯାଉଛି।

## ପ୍ରିୟଙ୍କାଙ୍କ ଉପରେ ଟିପ୍ପଣୀ ଦେଇ ବିବାଦରେ ବିଜେପି ନେତା



ନୂଆଦିଲ୍ଲୀ : ରାଜଧାନୀ ଦିଲ୍ଲୀ ବିଧାନସଭା ନିର୍ବାଚନକୁ ନେଇ ଜାତୀୟ ରାଜନୀତି ଏବେ ସରଗରମ ହୋଇଉଠିଛି। ଏହାରି ଭିତରେ କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧି ଭଦ୍ରାଙ୍କୁ ନେଇ ଆପତ୍ତିଜନକ ବୟାନ ଦେଇ ବିବାଦରେ ବିଜେପି ନେତା ରମେଶ ବିଧୁଡ଼ି। ଦିଲ୍ଲୀର କାଲକାଜୀ ଆସନରେ ବିଜେପିରୁ ପ୍ରାର୍ଥୀ ହୋଇଥିବା ରମେଶ ନିର୍ବାଚନ ଜିତିଲେ ‘ପ୍ରିୟଙ୍କା ଗାନ୍ଧିଙ୍କ ଗାଲ’ ଭଳି ରାସ୍ତା କରିଦେବେ ବୋଲି ଏକ ଜନସଭାରେ କହିଥିଲେ। ଯାହାକୁ ନେଇ ଚାରିଆଡୁ ସମାଲୋଚନା ପରେ ଏବେ କ୍ଷମା ପ୍ରାର୍ଥନା କରିଛନ୍ତି। ପୂର୍ବତନ ସାଂସଦ ତଥା ବିଜେପି ପ୍ରାର୍ଥୀ ରମେଶ ବିଧୁଡ଼ି ଏକ ଜନସଭାରେ ଏଭଳି ଆପତ୍ତିଜନକ ବୟାନ ଦେଉଥିବା ସମୟର ଭିଡିଓ ମଧ୍ୟ ସୋଶିଆଲ ମିଡିଆରେ ଖୁବ ଭାଇରାଲ ହେଉଛି। ଯେଉଁଥିରେ ରମେଶ ଏକ ଜନସଭାକୁ ସମ୍ବୋଧିତ କରି କହୁଛନ୍ତି ଯେ, ଲାଲୁ ଯାଦବ କଥା ଦେଇଥିଲେ ବିହାରର ସବୁ ରାସ୍ତାକୁ ହେମା ମାଳିନୀଙ୍କ ଗାଲ ଭଳି କରିଦେବେ। ହେଲେ କରିପାରିଲେନି। ମୁଁ ଆପଣଙ୍କୁ କଥା ଦେଉଛି, ଯେମିତି ଓଖଲା ଓ ସଂଗମ ବିହାର ରାସ୍ତା ଆମେ କରିଛୁ, ସେମିତି କାଲକାଜୀର ସମସ୍ତ ରାସ୍ତାକୁ ମଧ୍ୟ ମୁଁ ପ୍ରିୟଙ୍କା ଗାନ୍ଧିଙ୍କ ଗାଲ ଭଳି କରିଦେବି। ବିଜେପି ବିଧାୟକ ପ୍ରାର୍ଥୀଙ୍କର ଏଭଳି ଆପତ୍ତିଜନକ ବୟାନକୁ ନିନ୍ଦା କରିଛି କଂଗ୍ରେସ। ଦଳର ରାଷ୍ଟ୍ରୀୟ ପ୍ରବକ୍ତା ସୁପ୍ରିୟା ଶ୍ରୀନେତ କହିଛନ୍ତି ଯେ ବିଜେପି ସଂପୂର୍ଣ୍ଣ ମହିଳା ବିରୋଧୀ ଦଳ। ବିଜେପିର ପୂର୍ବତନ ସାଂସଦ ତଥା କାଲକାଜୀ ବିଧାୟକ ପ୍ରାର୍ଥୀ ପ୍ରିୟଙ୍କା ଗାନ୍ଧିଙ୍କୁ ନେଇ ଦେଇଥିବା ବୟାନ କେବଳ ଲଜ୍ଜ୍ୟାଜନକ ନୁହେଁ, ବରଂ ଏହି ମହିଳାଙ୍କ ପ୍ରତି ତାଙ୍କ ମନରେ ଥିବା କୁତ୍ସିତ ମାନସିକତାକୁ ମଧ୍ୟ ଦର୍ଶାଉଛି। ଖୋଦ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ରମେଶ ବିଧୁଡ଼ିଙ୍କ କାଲକାଜୀ ପ୍ରତିଦ୍ୱନ୍ଦ୍ୱୀ ଆତିଶୀ କହିଛନ୍ତି ଯେ ବିଜେପି ହେଉଛି ଏକ ମହିଳା ବିରୋଧୀ ଦଳ। ଦିଲ୍ଲୀରେ ଆଇନ କାନୁନ ବ୍ୟବସ୍ଥା ସେହି ବିଜେପି ହାତରେ ରହିଥିବାରୁ ଏହା ଚିନ୍ତାଜନକ। ନିଜ ବୟାନକୁ ନେଇ ଚାରିଆଡୁ ସମାଲୋଚନାର ଶିକାର ହେବା ପରେ ବୟାନରେ ତାଳି ପକାଇବାକୁ ଚେଷ୍ଟା କରିଛନ୍ତି ରମେଶ ବିଧୁଡ଼ି। ସେ ସଫେଇ ଦେଇ ଏକ୍ସରେ ଲେଖିଛନ୍ତି ଯେ ଯଦି ମୋ କଥାରେ କାହାକୁ ଦୁଃଖ ହୋଇଛି, ଏଥିପାଇଁ ମୁଁ କ୍ଷମା ପ୍ରାର୍ଥନା କରୁଛି ବୋଲି ସେ ନିଜ ଏକ୍ସ ହ୍ୟାଣ୍ଡେଲରେ ଲେଖିଛନ୍ତି।

# ବାଣିଜ୍ୟ



ମୁମ୍ବାଇ: କ୍ରମାଗତ ଭାବେ ଘରୋଇ ଶେୟାର ବଜାରର ନିବେଶକମାନେ ନିରାଶ ହେଉଛନ୍ତି। ଏପରିକି ବର୍ଷ ଆରମ୍ଭରୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିବେଶକମାନେ ଆଶ ଓ ଆଶଙ୍କା ମଧ୍ୟରେ କାରବାର କରୁଥିବାବେଳେ ପୁଞ୍ଜି ବଜାରରେ ଲକ୍ଷାଧିକ ଟଙ୍କାର ନିବେଶ ହରାଇ ନିବେଶକ ନିରାଶ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସରେ ବିଏସ୍‌ଇ ସେନ୍‌ସେକ୍ସର କାରବାର ୦.୯୦% ହ୍ରାସ ଘଟି ୭୯,୨୨୩.୧୧ ଅଙ୍କରେ ରହିଥିଲାବେଳେ ନିଫ୍ଟି ୫୦ର କାରବାର ମଧ୍ୟ ୦.୭୬% କମି ୨୪,୦୦୪.୭୫ ଅଙ୍କରେ ରହିଛି। ସେହିଭଳି ୩୦ ଶେୟାର ବିଶିଷ୍ଟ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ ଓ ସ୍ମଲ୍‌କ୍ୟାପର କାରବାର ପ୍ରାୟ ୧% ହ୍ରାସ ଘଟିଥିଲାବେଳେ ନିଫ୍ଟି ସ୍ମଲକ୍ୟାପର କାରବାର ୧୭୭.୧୫% କମି ୫୭,୯୩୧.୦୫ ଅଙ୍କରେ ପହଞ୍ଚିଛି। ଏପରିକି ନିଫ୍ଟି ସ୍ମଲକ୍ୟାପର କାରବାର ୦.୫୮% ହ୍ରାସ ଘଟି ୯୦୧୨.୭୫ ଅଙ୍କରେ ଥିଲାବେଳେ ବ୍ୟାଙ୍କିଙ୍ଗ୍ ୧.୨୦% ହ୍ରାସ ଘଟି ୫୦,୯୮୮.୮୦ ଅଙ୍କରେ କାରବାର ବନ୍ଦ ହୋଇଥିଲା।

## ସେତୁ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କଲେ କେନ୍ଦ୍ରମନ୍ତ୍ରୀ



କୋଲକାତା: କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ରାଷ୍ଟ୍ରମନ୍ତ୍ରୀ ଶାନ୍ତନୁ ଠାକୁର ଏଠାରେ ଗୋଟିଏ ମାର୍ଗ ବିଶିଷ୍ଟ ସେତୁ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଯାତାୟତକାରୀଙ୍କ ପାଇଁ ନିରାପଦ ଗମନାଗମନ ସୁନିଶ୍ଚିତ କରିବା ଏବଂ ପ୍ରତିବନ୍ଧକଶୂନ୍ୟ ନଦୀ ପାରହେବାକୁ ସୁଗମ କରିବା ନିମନ୍ତେ ଏହି ନୂତନ ଆରସିସି ସେତୁ ଡିଜାଇନ କରାଯାଇଛି, ଯାହା ଆଞ୍ଚଳିକ ବିକାଶ ଏବଂ ସଂଯୋଗୀକରଣ ଲକ୍ଷ୍ୟସମୂହକୁ ସମର୍ଥନ କରୁଛି। ନୂଆ ଆରସିସି ସେତୁ ଯାତ୍ରୀମାନଙ୍କର ନିରାପଦ ଗମନାଗମନ ଏବଂ ୨ ଟନ୍ କ୍ଷମତା ପର୍ଯ୍ୟନ୍ତ ସାମଗ୍ରୀ ପରିବହନକୁ ସମର୍ଥନ କରିବ। ଏହି ନୂତନ ସବୁଦିନିଆ ସେତୁର ଦୈର୍ଘ୍ୟ ୬୪ ମିଟର ହେବ ଏବଂ ଏଥିସହିତ ଉଭୟ ପାର୍ଶ୍ୱରେ ୧୨୦ ମିଟର ସଂଯୋଗକାରୀ ରାସ୍ତା ରହିବ, ଯାହା ପ୍ରାୟ ୧୬ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯିବ। ସଂଯୋଗୀକରଣ ଏବଂ ନିରାପତ୍ତାରେ ଉନ୍ନତି ଆଣିବା ପଦକ୍ଷେପର ଅଂଶଭାବରେ ସ୍ୱରୂପନଗରରେ ସମ୍ପ୍ରତି ରହିଥିବା ବାଉଁଶ ପୋଲ, ଯାହା ଇଛାମତୀ ନଦୀ ଉପରେ ରହିଛି, ତାହା ସ୍ଥାନରେ ଆର୍‌ସିସି ସେତୁ ନିର୍ମାଣ କରାଯିବ। ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ (ଏମଓପିଏସଡବ୍ଲ୍ୟୁ) ଅଧୀନରେ ଭାରତର ଅନ୍ତର୍ଦେଶୀୟ ଜଳପଥ ପ୍ରାଧିକରଣ (ଆଇଡବ୍ଲ୍ୟୁଏଆଇ) ଦେଶରେ ଅନ୍ତର୍ଦେଶୀୟ ଜଳପଥ ବିକାଶ ନିମନ୍ତେ ନୋଡାଲ ଏଜେନ୍ସି ଭାବରେ ଗୋଟିଏ ଲେନ୍ ବିଶିଷ୍ଟ ସେତୁ ୧୬ କୋଟି ଟଙ୍କାରୁ ଅଧିକ ଅର୍ଥ ବିନିଯୋଗରେ ନିର୍ମାଣ କରୁଛି। ଏହି ଅବସରରେ ପ୍ରକାଶକରି କେନ୍ଦ୍ରମନ୍ତ୍ରୀ ଶାନ୍ତନୁ ଠାକୁର କହିଥିଲେ, ‘ଆଜି ଆମେ ସ୍ୱରୂପ ନଗରଠାରେ ସେତୁ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିବା ଅବସରରେ ଏହା ଏକ ଐତିହାସିକ କ୍ଷଣ ହୋଇଛି, ଏହା ଏହି ଅଞ୍ଚଳର ଜନସାଧାରଣଙ୍କର ଏକ ବହୁ ପ୍ରତୀକ୍ଷିତ ଇଚ୍ଛା ରହିଥିଲା। ଏନଡବ୍ଲ୍ୟୁ ୪୪ର ଗୁରୁତ୍ୱପୂର୍ଣ୍ଣ ଅଂଶଗୁଡିକରେ ନୌଚାଳନାରେ ବୃଦ୍ଧି ଘଟାଇବାକୁ ଆଇଡବ୍ଲ୍ୟୁଏଆଇ ଉଲ୍ଲେଖଯୋଗ୍ୟ ପଦକ୍ଷେପ ହାତକୁ ନେଇଛି। ସଫଳ ନିରୀକ୍ଷଣ ସୁନିଶ୍ଚିତ କରିବାକୁ ବାଂଶଝରୀ, ମଲ୍ଲିକପୁର ଠାରୁ କଲାଞ୍ଚି ଅଂଶ ପର୍ଯ୍ୟନ୍ତ ହାଇଡ୍ରୋଗ୍ରାଫିକ ସର୍ବେକ୍ଷଣ ପାକ୍ଷିକ ଭିତ୍ତିରେ ତାଜା ତଥ୍ୟ ସହିତ କରାଯାଉଛି, ଯାହା ଜଳପଥ ସଂଯୋଗୀକରଣରେ ବୃଦ୍ଧି ଘଟାଇବା ପଦକ୍ଷେପକୁ ପୁନଃ ସୁଦୃଢ କରୁଛି। ଏହି ପଦକ୍ଷେପଗୁଡିକ ଉନ୍ନତ ଅନ୍ତର୍ଦେଶୀୟ ଜଳପଥ ପରିବହନକୁ ପୃଷ୍ଠପୋଷକତା କରିବା ଏବଂ ଏହି ଅଞ୍ଚଳରେ ଦୀର୍ଘସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଆଇଡବ୍ଲ୍ୟୁଏଆଇର ପ୍ରତିବଦ୍ଧତା ସମ୍ପର୍କରେ ଉଲ୍ଲେଖ କରୁଛି। ଘୋଜଡାଙ୍ଗା-ଭୋମରା ଏବଂ ପେଟ୍ରାପୋଲ-ବେନାପୋଲ ସମନ୍ୱିତ ତନଖି ଫାଟକ (ଆଇସିପି)ରେ ଟ୍ରାଫିକ ଭିଡ ହ୍ରାସ କରିବା ସକାଶେ ଭାରତ ଓ ବାଂଲାଦେଶ ଏକ ଯୁଗ୍ମ ବୈଷୟିକ କମିଟି ଗଠନ କରିଛନ୍ତି। ଏହି କମିଟି ଇଛାମତୀ ନଦୀର ନୌଚାଳନା ସାମର୍ଥ୍ୟ ସମ୍ପର୍କରେ ସମ୍ଭାବ୍ୟତା ଅନୁଧ୍ୟାନ କରିବେ ଏବଂ ପ୍ରୋଟୋକଲ ଅନ ଇନ୍‌ଲାଣ୍ଡ ୱାଟର ଟ୍ରାଟ ଆଣ୍ଡ ଟ୍ରେଡ (ପିଆଇଡବ୍ଲ୍ୟୁଟିଆଣ୍ଡଟି) ଅଧୀନରେ ଏହାକୁ ଏକ ନୂତନ ପଥ ଭାବରେ ସାମିଲ କରିବା ସମ୍ଭାବନା ପରଖିବେ। ପ୍ରସ୍ତାବିତ ଇଣ୍ଡୋ-ବାଂଲାଦେଶ ପ୍ରୋଟୋକଲରୁଟ୍ (ଆଇବିପିଆର) ୧୭୦.୩୮ କିଲୋମିଟର ଅଞ୍ଚଳରେ ପରିବ୍ୟାପ୍ତ, ଯାହା ହେମନଗର, କଲାଞ୍ଚି ଏବଂ ଖେଦାପଡାକୁ ସଂଯୁକ୍ତ କରୁଛି। ଏହି ପ୍ରୟାସ ଦୀର୍ଘସ୍ଥାୟୀ ଏବଂ ସୁସଂହତ ଜଳପଥ ପରିବହନ ସମାଧାନଗୁଡିକ ଜରିଆରେ ଦ୍ୱିପାକ୍ଷିକ ବାଣିଜ୍ୟ ଏବଂ ଆଞ୍ଚଳିକ ସଂଯୋଗୀକରଣରେ ବୃଦ୍ଧି ଘଟାଇବାକୁ ଉଭୟ ରାଷ୍ଟ୍ରର ପ୍ରତିବଦ୍ଧତା ସମ୍ପର୍କରେ ଉଲ୍ଲେଖ କରୁଛି।

## ଏକାଧିକ ରେଳ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିବେ ମୋଦୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜାନୁଆରୀ ୬ ତାରିଖ ଅପରାହ୍ନ ସାଢ଼େ ୧୨ଟାରେ ଭିଡିଓ କନଫରେନ୍ସିଂ ଜରିଆରେ ବିଭିନ୍ନ ରେଳ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିବେ । ସଂପୃକ୍ତ ଅଞ୍ଚଳରେ ଯୋଗାଯୋଗକୁ ଆହୁରି ସୁଗମ କରିବା ପାଇଁ ପ୍ରଧାନମନ୍ତ୍ରୀ ନୂତନ ଜମ୍ମୁ ରେଳ ଡିଭିଜନକୁ ଉଦଘାଟନ କରିବେ । ସେ ତେଲଙ୍ଗାନାର ଚାର୍ଲାପଲ୍ଲୀ ନୂଆ ଟର୍ମିନାଲ ଷ୍ଟେସନର ଉଦଘାଟନ କରିବା ସହ ପୂର୍ବତଟ ରେଳପଥ ଅଧିନସ୍ଥ ରାୟଗଡ଼ା ରେଳ ଡିଭିଜନ ଭବନର ଶିଳାନ୍ୟାସ କରିବେ। ପଠାନକୋଟ - ଜମ୍ମୁ - ଉଧମପୁର - ଶ୍ରୀନଗର - ବାରାମୁଲା, ଭୋଗପୁର ସିରୱାଲ - ପଠାନକୋଟ, ବାଟାଲା - ପଠାନକୋଟ ଏବଂ ପଠାନକୋଟରୁ ଯୋଗିନ୍ଦର ନଗର ସେକ୍ସନକୁ ମିଶାଇ ମୋଟ ୭୪୨.୧ କିଲୋମିଟର ବିଶିଷ୍ଟ ଜମ୍ମୁ ରେଳ ଡିଭିଜନ ଗଠନ ଜମ୍ମୁ ଓ କଶ୍ମୀର ଏବଂ ଆଖପାଖ ଅଞ୍ଚଳକୁ ଯଥେଷ୍ଟ ଉପକୃତ କରିବ ଏବଂ ଲୋକଙ୍କ ଦୀର୍ଘ ଦିନର ଆକାଂକ୍ଷା ପୂରଣ କରିବ ଏବଂ ଭାରତର ଅନ୍ୟାନ୍ୟ ଅଞ୍ଚଳକୁ ଯୋଗାଯୋଗରେ ଯଥେଷ୍ଟ ଉନ୍ନତି ଆଣିବ । ଏହା ଦ୍ୱାରା ଏ ଅଞ୍ଚଳରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ, ଭିତ୍ତିଭୂମି ବିକାଶ ହେବ, ପର୍ଯ୍ୟଟନକୁ ପ୍ରୋତ୍ସାହନ ମିଳିବ ଏବଂ ସାମଗ୍ରିକଭାବେ ଏ ଅଂଚଳର ସାମାଜିକ-ଅର୍ଥନୈତିକ ବିକାଶ ହୋଇପାରିବ। ତେଲେଙ୍ଗାନାର ମେଦଚାଲ-ମାଲକାଜଗିରି ଜିଲ୍ଲାରେ ଥିବା ଚାର୍ଲାପଲ୍ଲୀ ନ୍ୟୁ ଟର୍ମିନାଲ ଷ୍ଟେସନକୁ ପ୍ରାୟ ୪୧୩ କୋଟି ଟଙ୍କା ବ୍ୟୟରେ ଏକ ନୂତନ କୋଚିଂ ଟର୍ମିନାଲ ଭାବରେ ବିକଶିତ କରାଯାଇଛି ଏବଂ ଏଥିରେ ଦ୍ୱିତୀୟ ପ୍ରବେଶର ବ୍ୟବସ୍ଥା କରାଯାଇଛି । ଉତ୍ତମ ଯାତ୍ରୀ ସୁବିଧା ଥିବା ଏହି ପରିବେଶ ଅନୁକୂଳ ଟର୍ମିନାଲ ସିକନ୍ଦରାବାଦ, ହାଇଦ୍ରାବାଦ ଏବଂ କାଚେଗୁଡା ଭଳି ସହରରେ ଥିବା କୋଚିଂ ଟର୍ମିନାଲରେ ଭିଡ଼ ହ୍ରାସ କରିବ। ପ୍ରଧାନମନ୍ତ୍ରୀ ପୂର୍ବତଟ ରେଳପଥ ଅନ୍ତର୍ଗତ ରାୟଗଡ଼ା ରେଳଡିଭିଜନ ଭବନର ଶିଳାନ୍ୟାସ କରିବେ । ଏହା ଓଡ଼ିଶା, ଆନ୍ଧ୍ରପ୍ରଦେଶ ଓ ଆଖପାଖ ଅଞ୍ଚଳରେ ଯୋଗାଯୋଗରେ ଉନ୍ନତି ଆଣିବ ଏବଂ ଏହାଫଳରେ ଏହି ଅଞ୍ଚଳର ସାମଗ୍ରିକ ସାମାଜିକ-ଅର୍ଥନୈତିକ ବିକାଶ ହୋଇପାରିବ।

## ଭାରତର ଦାରିଦ୍ର୍ୟ ହାର ଉଲ୍ଲେଖନୀୟ ହ୍ରାସ




ନୂଆଦିଲ୍ଲୀ: ଚଳିତ ଆର୍ଥିକ ବର୍ଷରେ ଗ୍ରାମୀଣ ଦାରିଦ୍ର୍ୟ ହାର ଉଲ୍ଲେଖନୀୟ ଭାବେ ହ୍ରାସ ପାଇ ୪.୮୬% ରେ ପହଞ୍ଚିଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସବିଆଇ) ର ସଦ୍ୟତମ ଗବେଷଣା ରିପୋର୍ଟରେ ବିସ୍ତୃତ ଉଲ୍ଲେଖ କରାଯାଇଛି। ଏପରିକି ଏହି ହାର ଗତ ଆର୍ଥିକ ବର୍ଷରେ ୭.୨% ଏବଂ ୨୦୧୧-୧୨ ଆର୍ଥିକ ବର୍ଷରେ ୨୫.୭% ରହିଥିଲା। ସେହିଭଳି ଏହି ଅବଧି ମଧ୍ୟରେ ସହରୀ ଦାରିଦ୍ର୍ୟ ହାର ହ୍ରାସ ପାଇ ୪.୦୯%ରେ ପହଞ୍ଚିଥିବା ଏସବିଆଇର ଉପଭୋକ୍ତା ବ୍ୟୟ ସର୍ବେକ୍ଷଣରେ ବିସ୍ତୃତ ଭାବେ ଦର୍ଶାଯାଇଛି। ଏପରିକି ସାମଗ୍ରିକ ଭାବେ ଦାରିଦ୍ର୍ୟ ହାର ୪ ରୁ ୪.୫% ସ୍ତରକୁ ଖସି ଆସିଛି। ଅପରପକ୍ଷରେ ସରକାରୀ ସହାୟତା, ଉପଭୋକ୍ତା ବ୍ୟୟ ବୃଦ୍ଧି, ଖାଦ୍ୟ ମୂଲ୍ୟ ପରିବର୍ତ୍ତନ କେବଳ ଖାଦ୍ୟଜନିତ ବ୍ୟୟ ନୁହେଁ ବରଂ ସାମଗ୍ରିକ ବ୍ୟୟ ଉପରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଛି। ଏପରିକି ସର୍ବନିମ୍ନ ଖୁଚୁରା ମୂଲ୍ୟକୁ ଆଧାର କରି ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ସୀମା ୨୦୨୩-୨୪ ଆର୍ଥିକ ବର୍ଷରେ ୧୬୩୨ଟଙ୍କା ରହିଥିବା ବେଳେ ସହରାଞ୍ଚଳରେ ୧୯୪୪ ଟଙ୍କା ରହିଥିବା ଏନଏସଏସଓ ରିପୋର୍ଟକୁ ଉଲ୍ଲେଖ କରି ଏସବିଆଇ ପକ୍ଷରୁ କୁହାଯାଇଛି। ସେହିପରି ୨୦୧୧-୧୨ ଆର୍ଥିକ ବର୍ଷରେ ଏହା ଯଥାକ୍ରମେ ୮୧୬ ଏବଂ ୧୦୦୦ ଟଙ୍କା ଥିଲା। ଏପରିକି ଉପଭୋକ୍ତା ଖର୍ଚ୍ଚ ବୃଦ୍ଧି କାରଣରୁ ଗ୍ରାମୀଣ ଦାରିଦ୍ର୍ୟ ଅନୁପାତ ୨୦୨୩-୨୪ଆର୍ଥିକ ବର୍ଷରେ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଥିଲାବେଳେ ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୦ରୁ ୫% ହ୍ରାସ ପାଇଛି। ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ମଧ୍ୟରେ ମାସିକ ମୁଣ୍ଡପିଛା ଉପଭୋକ୍ତା ବ୍ୟୟ (ଏମପିସିଇ) ହାରରେ ରହିଥିବା ତାରତମ୍ୟ ହ୍ରାସ ପାଇଛି। ୨୦୦୯-୧୦ ଆର୍ଥିକ ବର୍ଷରେ ଏହା ୮୮.୨% ଥିବାବେଳେ ୨୦୨୩-୨୪ଆର୍ଥିକ ବର୍ଷରେ ୬୯.୭%କୁ ହ୍ରାସ ପାଇଛି। ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ଭଳି ସରକାରୀ ଯୋଜନା, ଗ୍ରାମାଞ୍ଚଳ ଭିତ୍ତିଭୂମିରେ ଉନ୍ନତି, ଚାଷୀଙ୍କ ଆୟ ବୃଦ୍ଧି ଏବଂ ଗ୍ରାମୀଣ ଜୀବିକାରେ ସାମଗ୍ରିକ ସୁଧାର କାରଣରୁ ଏହି ତାରତମ୍ୟ କମିଛି। ୨୦୧୪-୧୫ ଆର୍ଥିକ ବର୍ଷଠାରୁ ୨୦୨୨-୨୩ ଆର୍ଥିକ ବର୍ଷ ମଧ୍ୟରେ ଦେଢ ଲକ୍ଷ କିଲୋମିଟର ଜାତୀୟ ରାଜପଥ ନିର୍ମାଣ ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ୭ଲକ୍ଷ କିଲୋମିଟରରୁ ଅଧିକ ଲମ୍ବା ସଡ଼କ ନିର୍ମାଣ କରାଯାଇଛି। ମାସିକ ମୁଣ୍ଡ ପିଛା ଉପଭୋକ୍ତା ବ୍ୟୟକୁ ଅନୁଧାନ କଲେ ୨୦୦୪-୦୫ ଆର୍ଥିକ ବର୍ଷ ତୁଳନାରେ ୨୦୨୩-୨୪ଆର୍ଥିକ ବର୍ଷରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ମଧ୍ୟରେ ବ୍ୟବଧାନ ୮୮.୨% ରୁ ୬୯.୭%କୁ ହ୍ରାସ ପାଇଛି। ଏ କ୍ଷେତ୍ରରେ ବିହାର, ରାଜସ୍ଥାନ ଭଳି ରାଜ୍ୟ ଉନ୍ନତ ପ୍ରଦର୍ଶନ କରିଛନ୍ତି।

## ଅଭିବୃଦ୍ଧି ହାସଲ ଦିଗରେ ଉନ୍ନତି ପାଇଁ ଲକ୍ଷ୍ୟ ରଖିବାକୁ ନିର୍ଦ୍ଦେଶକଙ୍କ ଆହ୍ୱାନ



ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଓ ବୋକାରୋ ଷ୍ଟିଲ୍ ଲିମିଟେଡ୍ (ବିଏସ୍‌ଏଲ୍) ର ଭାରପ୍ରାପ୍ତ ନିର୍ଦ୍ଦେଶକ ବି କେ ତିୱାରୀ, ଗତ ୩ ତାରିଖ ଦିନ ମନ୍ଥନ ସମ୍ମିଳନୀ କକ୍ଷରେ ବରିଷ୍ଠ ଅଧିକାରୀଙ୍କ ସହ ଆୟୋଜିତ ଏକ ଉଚ୍ଚ ସ୍ତରୀୟ ବୈଠକରେ ଅଧକ୍ଷତା କରିଥିଲେ। ଏହି ବୈଠକରେ କାରଖାନାର, ଉତ୍ପାଦନ ପ୍ରଦର୍ଶନ, ଉତ୍ପାଦନ ମୂଲ୍ୟ, କଞ୍ଚାମାଲ ଉପଲବ୍ଧତା, ଖଣି କାର୍ଯ୍ୟଧାରା, ଆର୍ଥିକ ପ୍ରଦର୍ଶନ ଏବଂ ଜାରି ରହିଥିବା ପ୍ରକଳ୍ପ ସମେତ ବିଭିନ୍ନ ପ୍ରମୁଖ ବିଷୟର ସମୀକ୍ଷା କରାଯାଇଥିଲା। ଏହି ବୈଠକରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ଭାରପ୍ରାପ୍ତ ନିର୍ବାହୀ ନିର୍ଦ୍ଦେଶକ, ଆଲୋକ ବର୍ମା, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଏ କେ ବେହୁରିଆ, ଅପରେସନ୍ସ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ ପି ସିଂ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ, ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗର ସିଏମ ଓ ଇନଚାର୍ଜ ଡକ୍ଟର ଜେ କେ ଆଚାର୍ଯ୍ୟ, ତଥା କାରଖାନାର ସମସ୍ତ ସିଜିଏମ ଓ ବିଭାଗ ମୁଖ୍ୟ ଉପସ୍ଥିତ ଥିଲେ।ଶ୍ରୀ ତିୱାରୀ କହିଥିଲେ ଯେ ଗତ କିଛିବର୍ଷ ମଧ୍ୟରେ ରାଉରକେଲା ଇସ୍ପାତ କାରଖାନା ଯେଉଁଭଳି ଭାବରେ ବିକଶିତ ହୋଇଛି ତାହା ପ୍ରଶଂସନୀୟ। ଏହାର କାର୍ଯ୍ୟ ସଂସ୍କୃତି ଏବଂ କର୍ମଚାରୀଙ୍କ ପ୍ରଗତିଶୀଳ ମାନସିକତା ଅତୁଳନୀୟ ଅଟେ। ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦେଇ ଶ୍ରୀ ତିୱାରୀ ସମସ୍ତ କାର୍ଯ୍ୟରେ ସୁରକ୍ଷା-ପ୍ରଥମ ମାନସିକତା ସୃଷ୍ଟି କରିବା ଉପରେ ଆଲୋକପାତ କରିଥିଲେ। ଏଥିରେ କାରଖାନା ଏବଂ ଖଣିର ଉତ୍ତମ ପ୍ରଦର୍ଶନ ଉପରେ ପିପିସି ବିଭାଗର ସିଜିଏମ ସୁନୀତା ସିଂ ଓ ଆରପିଏଣ୍ଡଇ ବିଭାଗର ସିଜିଏମ ଶ୍ରୀ ମାଲ୍ଲା ଶ୍ରୀନିବାସୁଙ୍କ ଦ୍ୱାରା ଉପସ୍ଥାପନା ପ୍ରସ୍ତୁତ କରାଯାଇଥିଲା।

## ୫୦ ଟନ୍ ସୁନା କିଣିଲା ରିଜର୍ଭ ବ୍ୟାଙ୍କ




ମୁମ୍ବାଇ: ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ଦେଖାଦେଇଥିବା ହ୍ରାସ ସାଙ୍ଗକୁ ବିଦେଶୀ ମୁଦ୍ରା ଭଣ୍ଡାର ତଳକୁ ଖସୁଥିବାଜନିତ ବିପଦକୁ ମୁକାବିଲା କରିବା ଲାଗି ରିଜର୍ଭ ବ୍ୟାଙ୍କ ଅଧିକରୁ ଅଧିକ ସୁନା କିଣିବାରେ ଲାଗିଛି। ରିଜର୍ଭ ବ୍ୟାଙ୍କ ୨୦୨୪ ଅକ୍ଟୋବର ଓ ନଭେମ୍ବରରେ ୨୦ ଟନ୍ ସୁନା କିଣିଛି। ଚଳିତ ଆର୍ଥିକବର୍ଷର ପ୍ରଥମ ୬ ମାସ ଅର୍ଥାତ୍ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ରିଜର୍ଭ ବ୍ୟାଙ୍କ ମୋଟ ୩୦ ଟନ୍ ସୁନା କିଣିଥିବାବେଳେ ପରବର୍ତ୍ତୀ ୨ ମାସରେ ୨୦ ଟନ୍ ସୁନା କିଣିଛି। ଟଙ୍କା ମୂଲ୍ୟ ଓ ବିଦେଶୀ ମୁଦ୍ରା ଭଣ୍ଡାରରେ ହେଉଥିବା ହ୍ରାସର ବିପଦକୁ କମ୍ କରିବା ଲାଗି ବିଦେଶୀ ମୁଦ୍ରାଭଣ୍ଡାରରେ ଅଧିକ ପରିମାଣର ସୁନା ରଖିବାର ଆବଶ୍ୟକତା ରହିଛି। ୨୦୨୪ ମାର୍ଚ୍ଚ ୨୯ ବେଳକୁ ରିଜର୍ଭ ବ୍ୟାଙ୍କ ପାଖରେ ୮୨୨ ଟନ୍ ସୁନା ରହିଥିଲା। ୨୦୨୪ ନଭେମ୍ବର ୨୯ ବେଳକୁ ତାହା ୮୭୬ ନିୟୁତ ଟନ୍‌କୁ ବୃଦ୍ଧି ପାଇଛି। ଚଳିତ ଆର୍ଥିକବର୍ଷରେ ବର୍ତ୍ତମାନ ସୁଦ୍ଧା ସୁନା ଦରରେ ୧୯ ପ୍ରତିଶତ ବୃଦ୍ଧି ଘଟିଛି। କିନ୍ତୁ ସୁନା ଦର ଅପେକ୍ଷାକୃତ ସ୍ଥିର ଥିବା ସମୟରେ ରିଜର୍ଭ ବ୍ୟାଙ୍କ ଗତ ଅକ୍ଟୋବର ଓ ନଭେମ୍ବରରେ ଅଧିକ ସୁନା କ୍ରୟ କରିଛି।




କରଞ୍ଜିଆ (ଭାସ୍କର ନ୍ୟୁଜ) : ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ସହର ଅଙ୍କୁରା ସ୍ଥିତ ଶିମିଳିପାଳ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଶୁକ୍ରବାର ଓ ଶନିବାର ଦିନ ସ୍ଥାନୀୟ ପାଞ୍ଚପୀଢ ମହିଳା ମହାବିଦ୍ୟାଳୟର କ୍ରୀଡା ପ୍ରାଙ୍ଗଣରେ ଦୁଇ ଦିନିଆ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡା ପ୍ରତିଯୋଗିତାର ଉଦଘାଟନ ଦିବସରେ ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କାଦଡିହାର ରାଜନୀତି ବିଜ୍ଞାନର ବରିଷ୍ଠ ଅଧ୍ୟାପକ ଜନ୍ମେଜୟ ଶତପଥୀ ଓ ଶିମିଳିପାଳ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ସହକାରୀ ଅଧକ୍ଷା ବିଷ୍ଣୁପ୍ରିୟା ବେହେରା ଏହି କ୍ରୀଡା ଉତ୍ସବକୁ ମଶାଲ ପ୍ରଜ୍ୱଳିତ କରି ବିଧିବଦ୍ଧ ଭାବେ ଆରମ୍ଭ କରିଥିଲେ। ସମ୍ମାନୀତ ଅତିଥି ଭାବେ ନୂଆ ଦେଓଗାଁ ମଧ୍ୟ ଉନ୍ନିତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନରେଶ କୁମାର ବେହେରା ଯୋଗଦେଇ ଶୃଙ୍ଖଳା ଓ ଅନୁଶାସନ କ୍ଷେତ୍ରରେ କ୍ରୀଡାର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଏହି ଦୁଇ ଦିନିଆ କ୍ରୀଡା ପ୍ରତିଯୋଗିତାର କନିଷ୍ଠ ବର୍ଗରେ ଚକଲେଟ ରେସ, ବିସ୍କୁଟ ରେସ, ଲେମ୍ବୁ ଚମଚ, ବେଙ୍ଗ ଡିଆଁ, ତିନି ଗୋଡିଆ ଦୌଡ, ଦଉଡି ଡିଆଁ ଓ ବରିଷ୍ଠ ବର୍ଗରେ ଶହେ ମିଟର, ଦୁଇ ଶହ ମିଟର ଦୌଡ, ଲମ୍ଭ ଡିଆଁ, ସଟଫୁଟ ଇତ୍ୟାଦିର ଖେଳ ଅନୁଷ୍ଠିତ ହୋଇଥିଲା। କନିଷ୍ଠ ବର୍ଗର କ୍ରୀଡା ପ୍ରତିଯୋଗିତାକୁ ଭଗବତୀ ନାଏକ, ଶୁଚିସ୍ମିତା ସିଂ, ପ୍ରତିମା ମହାନ୍ତ, ମୀରା ସୋନାର, ଡଲି ଦାସ ଓ ବରିଷ୍ଠ ବର୍ଗର କ୍ରୀଡାକୁ ଈଶ୍ୱର ଚନ୍ଦ୍ର ଗିରି, ଜିତେନ୍ଦ୍ର ମହାନ୍ତ, ମନୋଜ ମହାନ୍ତ, ଲଳିତା କୁମାରୀ ଓ ପ୍ରୀୟମ୍ବଦା ମିଶ୍ର ପରିଚାଳନା କରିଥିଲେ। ଏହି ଦୁଇ ଦିନିଆ କ୍ରୀଡା ପ୍ରତିଯୋଗିତାର କୃତି ପ୍ରତିଯୋଗି ମାନଙ୍କୁ ଆଗାମୀ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ଚେୟାରମ୍ୟାନ ଦଶରଥ ମହାନ୍ତ ପ୍ରକାଶ କରିଛନ୍ତି ।

# ବର୍ଡର-ଗାଭାସ୍କର ଟ୍ରଫି : ଅଷ୍ଟ୍ରେଲିଆ ୩-୧ରେ ସିରିଜ ବିଜୟୀ

## ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ରୁ ଭାରତ ବିଦା




ମେଲବର୍ଣ୍ଣ : ଅଷ୍ଟ୍ରେଲିଆ-ଗାଭାସ୍କର ମଧ୍ୟରେ ଚାଲିଥିବା ବର୍ଡର-ଗାଭାସ୍କର ଟ୍ରଫିର ଅଷ୍ଟ୍ରେଲିଆ ୩-୧ରେ ବିଜୟୀ ହୋଇଛି। ଏହି ଟେଷ୍ଟ ସିରିଜରେ ପରାଜୟ ପରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ଭାରତର ଖେଳିବାର ଆଶା ମଉଳି ଯାଇଛି। ଏହା ସହିତ ବର୍ଡର-ଗାଭାସ୍କର ଟ୍ରଫିକୁ ଗତ ୭ ବର୍ଷ ଧରି ନିଜ ପାଖରେ ରଖିଥିବା ଭାରତକୁ ଲାଗିଛି ବଡ଼ ଝଟକା। ଅଷ୍ଟ୍ରେଲିଆ ହାତକୁ ଚାଲି ଯାଇଛି ଏହି ଟ୍ରଫି। ୨୦୧୪-୧୫ରେ ଅଷ୍ଟ୍ରେଲିଆ ବର୍ଡର-ଗାଭାସ୍କର ଟ୍ରଫି ଜିତିଥିଲା। ୨୦୧୬-୧୭, ୨୦୧୮-୧୯, ୨୦୨୦-୨୧, ୨୦୨୨-୨୩ ବର୍ଡର-ଗାଭାସ୍କର ଟ୍ରଫି ଜିତିଥିଲା ଭାରତ। ସେଥିରୁ ୨୦୧୮-୧୯ ଓ ୨୦୨୦-୨୧ ବର୍ଡର-ଗାଭାସ୍କର ଟ୍ରଫି ଅଷ୍ଟ୍ରେଲିଆରେ ଖେଳା ଯାଇଥିଲା। ୨୦୨୪-୨୫ ବର୍ଡର-ଗାଭାସ୍କର ଟ୍ରଫିର ଶେଷ ମ୍ୟାଚ୍ ସିଡ୍‌ନୀରେ ଖେଳା ଯାଇଥିବା ବେଳେ ଏହା ମାତ୍ର ୩ ଦିନରେ ଆଜି ଶେଷ ହୋଇଯାଇଛି। ଏଥିରେ ଭାରତକୁ ୬ ୱିକେଟରେ ପରାସ୍ତ କରିଛି ଅଷ୍ଟ୍ରେଲିଆ। ଏହି ଟେଷ୍ଟରେ ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ପ୍ରଥମ ଇନିଂସରେ ମାତ୍ର ୧୮୫ ରନ୍ କରିଥିଲା। କିନ୍ତୁ ଯଶପ୍ରୀତ ବୁମ୍ରାଙ୍କ ନେତୃତ୍ୱାଧୀନ ବୋଲିଂ ବାହିନୀ ଅଷ୍ଟ୍ରେଲିଆକୁ ତା'ର ପ୍ରଥମ ଇନିଂସରେ ୧୮୧ ରନ୍‌ରେ ଅଲ୍‌ଆଉଟ୍ କରିବା ପରେ ନିଜ ପାଇଁ ବିଜୟୀ ଆଶାକୁ ଉଦ୍‌ଜୀବିତ କରିଥିଲା। ହେଲେ ଗତକାଲି ଦ୍ୱିତୀୟ ଦିନର ଖେଳ ଶେଷ ବେଳକୁ ମ୍ୟାଚ୍ ଏକ ରୋମାଞ୍ଚକର ସ୍ଥିତିକୁ ଚାଲିଯାଇଥିଲା। କାରଣ ଭାରତ ତା'ର ଦ୍ୱିତୀୟ ଇନିଂସରେ ମାତ୍ର ୧୪୧ ରନ୍ କରି ୬ଟି ୱିକେଟ୍ ହରାଇ ଦେଇଥିଲା। ଦଳର ସମସ୍ତ ପ୍ରମୁଖ ବ୍ୟାଟର ଆଉଟ୍ ହୋଇଯାଇଥିଲେ। ୧୪୧/୬ରୁ ଆଜି ଭାରତ ଖେଳ ଆରମ୍ଭ କରିଥିବା ବେଳେ ମାତ୍ର ୧୬ ରନ୍‌ରେ ବାକି ସମସ୍ତ ୱିକେଟ୍ ହରାଇଥିଲା। ରବୀନ୍ଦ୍ର ଜାଡେଜା ୧୩, ୱାଶିଂଟନ ସୁନ୍ଦର ୧୨ ଓ ମହମ୍ମଦ ସିରାଜ ୪ ରନ୍ କରି ଆଉଟ୍ ହୋଇଥିଲେ। ଅଧିନାୟକ ଯଶପ୍ରୀତ ବୁମ୍ରା ଖାତା ଖୋଲି ପାରି ନଥିଲେ। ପୂରା ଟିମ୍ ୧୫୭ ରନ୍‌ରେ ପ୍ୟାଭିଲିୟନକୁ ଫେରି ଯାଇଥିଲା। ଫଳରେ ଅଷ୍ଟ୍ରେଲିଆ ଆଗରେ ମାତ୍ର ୧୬୨ ରନ୍‌ର ବିଜୟ ଲକ୍ଷ୍ୟ ରହିଥିଲା। ଯଶପ୍ରୀତ ବୁମ୍ରାଙ୍କ ଅନୁପସ୍ଥିତିରେ ଘରୋଇ ଟିମ୍‌ର ବାଟ ଓଗାଳିବାରେ ବିଫଳ ହୋଇଥିଲେ। ଅଷ୍ଟ୍ରେଲିଆର ପ୍ରଥମ ଇନିଂସରେ ୩ଟି ୱିକେଟ ନେଇଥିବା ମହମ୍ମଦ ସିରାଜ ଆଜି ଲୟରେ ନଥିବା ଭଳି ଲାଗୁଥିଲେ। କାରଣ ନିଜର ପ୍ରଥମ ଓଭରରେ ସେ ୫ଟି ୱାଇଡ୍ ବଲ୍ ପକାଇଥିଲେ। ବିଜୟ ଲକ୍ଷ୍ୟ ୧୬୨ ଥିବା ବେଳେ ମାତ୍ର ୬ ଓଭରରେ ୫୦ ରନ୍ ସଂଗ୍ରହ କରି ନେଇଥିଲା ଅଷ୍ଟ୍ରେଲିଆ। ସେତେବେଳକୁ ମାତ୍ର ଗୋଟିଏ ୱିକେଟ୍ ଯାଇଥିଲା। ଅଷ୍ଟ୍ରେଲିଆ ୨୭ ଓଭରରେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିଥିବା ବେଳେ କେବଳ ମଝିରେ ୩ ଓଭରର ଚାପରେ ରହିଥିଲା। ସେହି ୩ ଓଭର ପ୍ରସିଦ୍ଧ କୃଷ୍ଣ ପକାଇଥିଲେ ଓ ମାର୍ନସ ଲାବୁଶେନ ଏବଂ ଷ୍ଟିଭ୍ ସ୍ମିଥ୍‌ଙ୍କ ୱିକେଟ୍ ନେଇଥିଲେ। ଲାବୁଶେନ ୬ ଓ ସ୍ମିଥ୍ ୪ ରନ୍ କରି ଆଉଟ୍ ହୋଇଥିଲେ। ତେବେ ଟ୍ରାଭିସ ହେଡ୍ ଓ ଉସମାନ ଖୱାଜା ଇନିଂସକୁ ସମ୍ଭାଳି ନେଇଥିଲେ। ଲଞ୍ଚ ପରେ ଅଷ୍ଟ୍ରେଲିଆ ତା'ର ଆଭିମୁଖ୍ୟ ସ୍ୱଷ୍ଟ କରି ଦେଇଥିଲା। ହେଡ୍ ଓ ଖୱାଜା ଭାରତୀୟ ପେସରଙ୍କୁ କିଛି ବାଉଣ୍ଡ୍ରୀ ମାରି ବିଜୟ ଆଶାକୁ ଛଡ଼ାଇ ନେଇଥିଲେ। ୧୮.୧ ଓଭରରେ ଅଷ୍ଟ୍ରେଲିଆର ସ୍କୋର ୧୦୪ରେ ପହଞ୍ଚିଥିବା ବେଳେ ଆଉଟ ହୋଇଥିଲେ ଉସମାନ ଖୱାଜା। ସେ ୪୫ଟି ବଲ୍‌ରୁ ୪୧ (୪ ଚୌକା) ରନ୍ କରିଥିଲେ। ସେ ଆଉଟ୍ ହେବା ପରେ ଟିକେ ଆଶା ସଞ୍ଚାର ହୋଇଥିଲା ଟିମ୍ ଇଣ୍ଡିଆ ପାଇଁ। କିନ୍ତୁ ଖୱାଜାଙ୍କ ୱିକେଟ୍ ଅଷ୍ଟ୍ରେଲିଆକୁ ପ୍ରଭାବିତ କରି ନଥିଲା। କାରଣ ଟ୍ରାଭିସ ହେଡ୍‌ଙ୍କ ସହିତ ମିଶି ସ୍କୋରକୁ ଆଗେଇ ନେଇଥିଲେ ବିଉ ୱେବଷ୍ଟର। ଉଭୟ ଅପରାଜିତ ରହି ମ୍ୟାଚ୍ ଜିତାଇ ଦେଇଥିଲେ। ଟ୍ରାଭିସ ହେଡ୍ ୩୮ଟି ବଲ୍‌ରୁ ୩୪ ରନ୍ କରିଥିବା ବେଳେ ବିଉ ୱେବଷ୍ଟର ୩୪ଟି ବଲ୍‌ରୁ ୩୯ ରନ୍ କରିଥିଲେ। ପିଠିର ମାଂଶପେଶୀରେ ଯନ୍ତ୍ରଣା ଯୋଗୁ ଗତକାଲି ଖେଳ ଚାଲିଥିବା ବେଳେ ପଡ଼ିଆ ଛାଡ଼ିଥିବା ଯଶପ୍ରୀତ ବୁମ୍ରା ଆଜି ବ୍ୟାଟିଂ କରିବାକୁ ଆସିଥିଲେ ହେଁ ବୋଲିଂ କରିବାକୁ ଆସି ନଥିଲେ। ଅନ୍ୟପକ୍ଷରେ ମହମ୍ମଦ ସିରାଜ, ପ୍ରସିଦ୍ଧ କୃଷ୍ଣ ପ୍ରଭାବଶାଳୀ ବୋଲିଂ କରିବାରେ ବିଫଳ ହୋଇଥିଲେ। ସିରାଜ ୧୨ ଓଭର ବୋଲିଂ କରିଥିବା ବେଳେ ୬୯ ରନ୍ ବ୍ୟୟ କରି ଗୋଟିଏ ୱିକେଟ୍ ନେଇଥିଲେ। ପ୍ରସିଦ୍ଧ କୃଷ୍ଣ ୩ଟି ୱିକେଟ୍ ନେଇଥିବା ବେଳେ ୧୨ ଓଭରରେ ୬୫ ରନ୍ ବ୍ୟୟ କରିଥିଲେ। ୱାଶିଂଟନ ସୁନ୍ଦର ଗୋଟିଏ ଓଭର ବୋଲିଂ କରି ୧୧ ରନ୍ ଦେଇଥିବା ବେଳେ ନୀତୀଶ କୁମାର ରେଡ୍ଡୀ ୨ ଓଭର ବୋଲିଂ କରି ୧୦ ରନ୍ ଦେଇଥିଲେ।

## ବର୍ଡର-ଗାଭାସ୍କର ଟ୍ରଫି ପ୍ରଦାନକୁ ନେଇ ଗାଭାସ୍କରଙ୍କ କ୍ଷୋଭ

# ମୁଁ ଭାରତୀୟ ବୋଲି କାର୍ଯ୍ୟକ୍ରମକୁ ଡାକିଲେନି



ନୂଆଦିଲ୍ଲୀ : ବର୍ଡର ଗାଭାସ୍କର ଟ୍ରଫିର ପଞ୍ଚମ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ଜିତି ୧୦ ବର୍ଷ ପରେ ଏହି ଟାଇଟଲ୍ ହାତେଇଛି ଅଷ୍ଟ୍ରେଲିଆ। ଏହି ବିଜୟ ସହ କଙ୍ଗାରୁ ଦଳ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ମଧ୍ୟ ପ୍ରବେଶ କରିଛି। ତେବେ ଏହି ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆ ଓ ଭାରତର ଦୁଇ କିମ୍ବଦନ୍ତୀ କ୍ରିକେଟର ଆଲାନ ବର୍ଡର ଓ ସୁନୀଲ ଗାଭାସ୍କରଙ୍କ ନାଁରେ ନାମିତ ହୋଇଥିଲେ ହେଁ ବର୍ଡର ଗାଭାସ୍କର ଟ୍ରଫି ପ୍ରଦାନ କାର୍ଯ୍ୟକ୍ରମକୁ ଗାଭାସ୍କରଙ୍କୁ ନିମନ୍ତ୍ରଣ କରାଯାଇନଥିଲା। ଯାହାକୁ ନେଇ ସେ କ୍ଷୋଭ ପ୍ରକାଶ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟର ଅନ୍ତିମ ମ୍ୟାଚରେ ଘରୋଇ ଦଳ ଭାରତକୁ ୬ ୱିକେଟରେ ପରାସ୍ତ କରିଥିଲା। ଏହାପରେ ଆଲାନ ବର୍ଡର ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ୍ କମିନ୍ସଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ହେଲେ ସେହି ସମୟରେ ସୁନୀଲ ଗାଭାସ୍କର ମୈଦାନରେ ଉପଲବ୍ଧ ଥିଲେ ମଧ୍ୟ ତାଙ୍କୁ ଏହି କାର୍ଯ୍ୟକ୍ରମକୁ ଡକାଯାଇନଥିଲା। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ କରି ଗାଭାସ୍କର କହିଛନ୍ତି ଯେ, ମୁଁ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମକୁ ଯାଇଥିଲେ ଖୁସି ହୋଇଥାଆନ୍ତି। କାରଣ ଏହା 'ବର୍ଡର-ଗାଭାସ୍କର' ଟ୍ରଫି ଏବଂ ଭାରତ ଓ ଅଷ୍ଟ୍ରେଲିଆ ଦୁଇ ଦେଶ ସହ ଜଡ଼ିତ। ମୁଁ ସେହି ଷ୍ଟାଡିୟମରେ ହିଁ ଥିଲି। ଟ୍ରଫି ଅଷ୍ଟ୍ରେଲିଆକୁ ଦିଆଯାଉଛି ବୋଲି ମୋର କୌଣସି ଅସୁବିଧା ନଥିଲା। ସେମାନେ ଭଲ ଖେଳିବାରୁ ଜିତିଲେ। ହେଲେ କେବଳ ମୁଁ ଏକ ଭାରତୀୟ ବୋଲି ମୋତେ ସେଠାକୁ ଡକାଗଲା ନାହିଁ। ବର୍ଡର ମୋର ଭଲ ବନ୍ଧୁ। ତାଙ୍କ ସହ ଟ୍ରଫି ପ୍ରଦାନ କରି ମୁଁ ଖୁସି ହୋଇଥାଆନ୍ତି। ଉଲ୍ଲେଖ ଯୋଗ୍ୟ, ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୧୯୯୬-୧୯୯୭ ମସିହାରୁ ବର୍ଡର-ଗାଭାସ୍କର ଟ୍ରଫି ଖେଳାଯାଉଛି। ଏହି ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆ ଓ ଭାରତର ଦୁଇ କିମ୍ବଦନ୍ତୀ କ୍ରିକେଟର ଆଲାନ ବର୍ଡର ଓ ସୁନୀଲ ଗାଭାସ୍କରଙ୍କ ନାଁରେ ନାମିତ। ବିଶ୍ୱ ଟେଷ୍ଟ କ୍ରିକେଟରେ ଏହା ଏକ ପ୍ରମୁଖ ଟୁର୍ଣ୍ଣାମେଣ୍ଟ। ଏଭଳି ସ୍ଥଳେ ଗାଭାସ୍କରଙ୍କ ନାଁରେ ନାମିତ ଟୁର୍ଣ୍ଣାମେଣ୍ଟର ଟ୍ରଫି ପ୍ରଦାନ କାର୍ଯ୍ୟକ୍ରମକୁ ତାଙ୍କୁ ନଡାକିବାକୁ ନେଇ ସୋଶିଆଲ ମିଡିଆରେ ପ୍ରଶଂସକମାନେ ମଧ୍ୟ ଅଷ୍ଟ୍ରେଲିଆ କ୍ରିକେଟ ବୋର୍ଡକୁ ସମାଲୋଚନା କରୁଛନ୍ତି।

## ସିଡ୍‌ନି ଟେଷ୍ଟକୁ ନେଇ ବୁମ୍‌ରାଙ୍କ ସ୍ୱଷ୍ଟୋକ୍ତି

# ପରିସ୍ଥିତି ଅନୁଯାୟୀ ଖେଳିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ



ସିଡ୍‌ନି: ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଚାଲିଥିବା ପାଞ୍ଚ ମ୍ୟାଚ୍ ଟେଷ୍ଟ ସିରିଜର ପଞ୍ଚମ ତଥା ଶେଷ ମ୍ୟାଚ୍ ସିଡ୍‌ନିରେ ଖେଳାଯାଇଥିଲା। ଏହି ମ୍ୟାଚ୍‌କୁ ୬ୱିକେଟ୍‌ରେ ଅଷ୍ଟ୍ରେଲିଆ ଜିତି ନେବା ସହ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍(ଡବ୍ଲୁଟିସି ) ଫାଇନାଲରେ ମଧ୍ୟ ସ୍ଥାନ ପାଇଛି। ଏହା ପରେ ପ୍ରଥମ ଥର ପାଇଁ ଟିମ୍ ଇଣ୍ଡିଆ ଡବ୍ଲୁଟିସି ଫାଇନାଲରୁ ବାଦ ପଡିଛି। କେଉଁଠି ଭୁଲ୍ ରହିଲା ସେ ସଂପର୍କରେ ବୁମ୍‌ରା ନିଜ ମତ ପ୍ରଦାନ କରିଛନ୍ତି। ଏବେ ଏହାର ଭିଡିଓ ଭାଇରାଲ ହେବାରେ ଲାଗିଛି। ରୋହିତ ଶର୍ମା ସିଡ୍‌ନି ଟେଷ୍ଟରୁ ବାହାରିଥିଲେ, ଏହାପରେ ଜସପ୍ରୀତ ବୁମ୍‌ରା ଅଧିନାୟକତ୍ୱ ଗ୍ରହଣ କରିଥିବା ନଜର ଆସିଥିଲେ। ବର୍ତ୍ତମାନ ଶେଷ ମ୍ୟାଚ୍‌ରେ ପରାଜୟ ପରେ କ୍ୟାପଟେନ ବୁମ୍‌ରାଙ୍କ ଏକ ବଡ଼ ବିବୃତି ଆସିଛି। ସିଡ୍‌ନି ଟେଷ୍ଟରେ ଟିମ୍ ଇଣ୍ଡିଆର ୬ୱିକେଟ୍ ପରାଜୟ ପରେ ଅଧିନାୟକ ଜସପ୍ରୀତ ବୁମ୍‌ରା କହିଛନ୍ତି, ଟିକେ ନିରାଶା ଭାବ ରହିଛି। କିନ୍ତୁ ବେଳେବେଳେ ଆପଣଙ୍କୁ ନିଜ ଶରୀରକୁ ସମ୍ମାନ କରିବାକୁ ପଡିବ, ଆପଣ ନିଜ ଶରୀର ସହିତ ଲଢ଼ି ପାରିବେ ନାହିଁ। ପ୍ରଥମ ଇନିଂସରେ ମୋର ଦ୍ୱିତୀୟ ସ୍ପେଲ୍ ସମୟରେ ମୁଁ ଟିକିଏ ସମସ୍ୟା ଅନୁଭବ କଲି। ପ୍ରଥମ ଇନିଂସରେ ଅନ୍ୟ ବୋଲରମାନେ ଭଲ ପ୍ରଦର୍ଶନ କରିଥିଲେ। ଜଣେ ବୋଲର କମ୍ ପଡ଼ିବା ଯୋଗୁ ଅନ୍ୟମାନଙ୍କୁ ଦାୟିତ୍ୱ ନେବାକୁ ପଡ଼ିଲା। ଆଗକୁ ବୁମ୍‌ରା କହିଛନ୍ତି, ସିରିଜରେ କଡ଼ା ଟକ୍କର ହୋଇଥିଲା। ଆମେ ଆଜି ମଧ୍ୟ ଖେଳରେ ଥିଲୁ, ଏହା ନୁହେଁ ଯେ ଆମେ ଖେଳରୁ ବାହାର ହୋଇଥିଲୁ, ଟେଷ୍ଟ କ୍ରିକେଟ୍ ଏଭଳି ଚାଲେ। ଖେଳରେ ଦୀର୍ଘ ସମୟ ରହିବା, ଚାପ ପ୍ରୟୋଗ କରିବା, ଚାପକୁ ସହ୍ୟ କରିବା ଏବଂ ପରିସ୍ଥିତି ଅନୁଯାୟୀ ଖେଳିବା ସବୁ ଗୁରୁତ୍ୱପୂର୍ଣ୍ଣ। ଆପଣଙ୍କୁ ପରିସ୍ଥିତି ସହିତ ଖାପ ଖୁଆଇବାକୁ ପଡିବ ଏବଂ ଏହି ଶିକ୍ଷାଗୁଡ଼ିକ ଭବିଷ୍ୟତରେ ଆମକୁ ସାହାଯ୍ୟ କରିବ। ଯୁବ ଖେଳାଳିମାନେ ଅନେକ ଅଭିଜ୍ଞତା ହାସଲ କରିଛନ୍ତି। ସେମାନେ ଏହାଦ୍ୱାରା ଅଧିକ ଶକ୍ତିଶାଳୀ ହେବେ। ଆମ ଦଳରେ ବହୁତ ପ୍ରତିଭା ଅଛନ୍ତି ବୋଲି ଆମେ ଦର୍ଶାଇଛୁ। ଏହି ପୁରା ସିରିଜରେ ଜସପ୍ରୀତ ବୁମ୍‌ରା ତାଙ୍କ ଚମତ୍କାର ବୋଲିଂ ଦ୍ୱାରା ବେଶ୍ ପ୍ରଭାବ ବିସ୍ତାର କରିଥିଲେ। ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନମାନେ ମଧ୍ୟ ବୁମ୍‌ରାଙ୍କ ବୋଲିଂର ସ୍ୱୀକାର କରିଛନ୍ତି। ବର୍ଡର-ଗାଭାସ୍କର ଟ୍ରଫିରେ ବୁମ୍‌ରା ସର୍ବାଧିକ ୱିକେଟ୍ ନେଇଥିଲେ। ସିଡ୍‌ନି ଟେଷ୍ଟର ଦ୍ୱିତୀୟ ଇନିଂସରେ ବୁମ୍‌ରା ବୋଲିଂ କରିପାରି ନ ଥିଲେ ମଧ୍ୟ ସେ ଏହି ସିରିଜରେ ୩୨ ୱିକେଟ୍ ନେଇଥିଲେ। ଏହି ଉଜ୍ଜ୍ୱଳ ପ୍ରଦର୍ଶନ ପାଇଁ ବୁମ୍‌ରାଙ୍କୁ ପ୍ଲେୟାର ଅଫ୍ ଦି ସିରିଜ୍ ପୁରସ୍କାର ମଧ୍ୟ ମିଳିଛି।

# ପବ୍ଲିକ ସ୍କୁଲ୍‌ର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଗୁଆଳସିଂ ପଞ୍ଚାୟତ ଅନ୍ତର୍ଗତ କେନ୍ଦ୍ରାପଡ଼ା ପବ୍ଲିକ ସ୍କୁଲର ୧୭ତମ ବାର୍ଷିକ କ୍ରୀଡ଼ା ଉତ୍ସବ ରବିବାର ଉଦ୍‌ଯାପତି ହୋଇଯାଇଛି । ସ୍କୁଲର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସବ୍‌ଜୁନିୟର, ଜୁନିୟର ଓ ସିନିୟର ବର୍ଗରେ ଅନୁଷ୍ଠିତ ଦୁଇଦିନିଆ କ୍ରୀଡ଼ା ପ୍ରତିଯୋଗିତା ଶେଷରେ ସ୍କୁଲ ପରିସରରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ସ୍କୁଲର ଅଧ୍ୟକ୍ଷ ସରୋଜକାନ୍ତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଆଲାସ୍କା ବିଶ୍ୱବିଦ୍ୟାଳୟର ପ୍ରଫେସର ଡକ୍ଟର ଦେବେନ୍ଦ୍ର କୁମାର ଦାସ ଯୋଗଦେଇ ଛାତ୍ରଛାତ୍ରୀମାନେ ଖେଳକୁ ନେଇ କେବଳ ରାଜ୍ୟରେ ନୁହେଁ ପୃଥିବୀରେ ମଧ୍ୟ ନିଜକୁ ପ୍ରତିଷ୍ଠିତ କରାଇବାରେ ସକ୍ଷମ ହୋଇପାରିବେ ବୋଲି ପରାମର୍ଶ ଦେଇଥିଲେ । ଏହାଛଡ଼ା ନିଜକୁ ଜଣେ ଭଲ ମଣିଷ ଭାବରେ ଗଢ଼ିବା ପାଇଁ କଠିନ ପରିଶ୍ରମ, ସତ୍ୟତା, ସଚୋଟତା, ସହନଶୀଳତା, ଦୟାଶୀଳ ଓ ଗୁରୁଜନଙ୍କୁ ଭକ୍ତି ଇତ୍ୟାଦି ୧୦ଟି ଗୁଣକୁ ଆହରଣ କରିବାକୁ ଉପଦେଶ ଦେଇଥିଲେ । ଅନ୍ୟତମ ଅତିଥିଭାବେ ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ଅକମଲ ଅଲ୍ଲୀ ଓ ସାମ୍ବାଦିକ ପ୍ରମୋଦ କୁମାର ପ୍ରତାପ ଯୋଗଦେଇ କେନ୍ଦ୍ରାପଡ଼ାର ବହୁ କ୍ରୀଡ଼ାବିତ୍ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା ସୂଚନା ପ୍ରଦାନ କରିଥିଲେ । କ୍ରୀଡ଼ା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରତିଯୋଗୀ ମନୋଭାବ, ଶୃଙ୍ଖଳା ଓ ବନ୍ଧୁତ୍ୱ ସ୍ଥାପନ କରିବାରେ ସହାୟକ ହୋଇଥାଏ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ । ପ୍ରାରମ୍ଭରେ ବିଦ୍ୟାଳୟର ପ୍ରତିଷ୍ଠାତା ସମାଜସେବୀ ପ୍ରାଧ୍ୟାପକ ଅଜୟ କୁମାର ରାଉତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ସହିତ ବିଦ୍ୟାଳୟର ୧୭ ବର୍ଷର ଇତିହାସ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଅତିଥିମାନଙ୍କୁ ସ୍ୱାଗତ ସଙ୍ଗୀତ ଓ ସମ୍ବଲପୁରୀ ନୃତ୍ୟ ଦ୍ୱାରା ସ୍ୱାଗତ କରାଯାଇଥିଲା । ଏହି କ୍ରୀଡ଼ା ପ୍ରତିଯୋଗିତାରେ ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଶିକ୍ଷୟିତ୍ରୀ ଜସ୍ମିନ ମଲ୍ଲ ମଞ୍ଚସଂଯୋଜନା କରିଥିବା ବଳେ ଶେଷରେ ଶିକ୍ଷୟିତ୍ରୀ ମଧୁସ୍ମିତା ବଳ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କ୍ରୀଡ଼ା ପ୍ରତିଯୋଗିତାକୁ ଶିକ୍ଷକ ରଞ୍ଜନ କୁମାର ଦାସ, ଜଗନ୍ନାଥ ନାୟକ, ସେକ୍ ସିକନ୍ଦର, ଶିକ୍ଷୟିତ୍ରୀ ମୋନାଲିସା ପାଣ୍ଡବ, ଲକ୍ଷ୍ମୀ ସ୍ୱାଇଁ, ଏ.ଏସ୍. ଡିମ୍ପଲ ବେହେରା, ଲକ୍ଷ୍ମୀ ସ୍ୱାଇଁ, ଜ୍ୟୋତିର୍ମୟୀ ରାଉତ, ଚିନୁଶ୍ରୀ ମଲ୍ଲ, କଳ୍ପନା ନାୟକ ପ୍ରମୁଖ ପରିଚାଳନା କରିଥିଲେ।

# ଜିଲ୍ଲାସ୍ତରୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ହରିଅଙ୍କ ପଂଚାୟତ ଅନ୍ତର୍ଗତ ମୁଣ୍ଡାଳୋ ସ୍ଥିତ ରାମଚଣ୍ଡୀ ସଂସ୍କୃତ ମହାବିଦ୍ୟାଳୟର ଖେଳପଡିଆରେ ରବିବାର ଜିଲ୍ଲାସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ହରିଅଙ୍କର ମହାବୀର ଆଥଲେଟିକ୍ ଆସୋସିଏସନ୍ ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ଆଜିର ଉଦ୍‌ଘାଟନୀ ସଭାରେ ଅଧ୍ୟାପକ ରମେଶ ଚନ୍ଦ୍ର ଶତପଥି ସଭାପତିତ୍ୱ କରିଥିବା ବେଳେ ସ୍ଥାନୀୟ ଡେଲଟା କଲେଜର କ୍ରୀଡ଼ା ଅଧ୍ୟାପକ ସୁରେନ୍ଦ୍ର କୁମାର ସ୍ୱାଇଁ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଭାବରେ ଅଧ୍ୟାପକ ପ୍ରଦୀପ କୁମାର ଜେନା ଏବଂ ଶିକ୍ଷକ ଦିଲ୍ଲିପ କୁମାର ନାୟକ ସମ୍ମାନିତ ଅତିଥିଭାବରେ ଯୋଗ ଦେଇଥିଲେ । ଆସୋସିଏସନ୍‌ର ସଭାପତି ସୁଶାନ୍ତ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ସମାଜସେବୀ ସତ୍ୟବ୍ରତ ପରିଡ଼ା ମଂଚ ସଂଯୋଜନା କରିଥିବା ବେଳେ ଆସୋସିଏସନ୍‌ର ଉପସଭାପତି ବିକାଶ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଆଜିର ଖେଳରେ ବିଭିନ୍ନ ଜିଲ୍ଲାର ବଛା ବଛା ଆଠଗୋଟି ଟିମ୍ ଅଂଶଗ୍ରହଣ କରିଥିଲା ବେଳେ ଶ୍ରୀକାନ୍ତ ପରିଡ଼ା ଓ ପ୍ରତାପ କୁମାର ସାହୁ ଖେଳ ପରିଚାଳନା କରିଥିଲେ । ଆଜିର ମ୍ୟାଚ୍‌ରେ କଟକ ଜିଲ୍ଲାର ଖସଡ଼ି ଓ କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶ ଟିମ୍ ସେମିଫାଇନାଲ୍‌କୁ ଉନ୍ନିତ ହୋଇଥିଲେ । ଆଜିର ଉଦ୍‌ଘାଟନୀ ସଭା ଓ ଖେଳ ପରିଚାଳନାରେ ଆସୋସିଏସନ୍‌ର ମହେଶ ସାହୁ, ଭାଗବତ ମଳିକ, ପ୍ରଶନ୍ନ ରାଉଳ, ଚନ୍ଦନ ଦାସ, ମନୋଜ କୁମାର ସାହୁ, ରୁଦ୍ରନାରାୟଣ ମଳିକ, ଗୌତମ ସାମଲ, ସୁବ୍ରତ ସାହୁ, ପ୍ରମୋଦ ନାୟକ, ଜ୍ଞାନ ରଞ୍ଜନ ନାୟକ, କୃଷ୍ଣଚନ୍ଦ୍ର ସେଠୀ ପ୍ରମୁଖ ସହଯୋଗ କରିଥିଲେ ।



## କାଠବାଂଶୂଳି କ୍ରିକେଟ୍ ପ୍ରିମିୟମ ଲିଗ୍ ଉଦ୍‌ଯାପିତ

# ରାଉରକେଲା ଇରଫାନ୍-୧୧ ବିଜୟୀ




କେନ୍ଦୁଝର (ଭାସ୍କର ନ୍ୟୁଜ୍) : କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ହାଣ୍ଡିଭଙ୍ଗା ପଞ୍ଚାୟତ କାଠବାଉଁଶୂଳି ଗ୍ରାମର ନେତାଜୀ ବିକାଶ କମିଟି ଆନୁକୁଲ୍ୟରେ ୨୪ତମ କାଠବାଂଶୁଳି କ୍ରିକେଟ୍ ପ୍ରିମିୟମ ଲିଗ୍ ରବିବାର ଦିନ ଉଦ୍‌ଯାପିତ ହୋଇଯାଇଛି। ଏହି ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଓଡିଶା ସରକାରଙ୍କ ଜଙ୍ଗଲ ଓ ପରିବେଷଣ ମନ୍ତ୍ରୀ ଗଣେଶରାମ ସିଂହ ଖୁଣ୍ଟିଆ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡ଼ଃ ଫକୀର ମୋହନ ନାଏକ ଯୋଗଦେଇ ଥିଲେ। ସ୍ଥାନୀୟ ନେତା ଆନିନ୍ଦ୍ୟ ବେହେରା, ଗଣେଶ୍ୱର ମହାନ୍ତ, ବିବେକାନନ୍ଦ ମହାନ୍ତ ମଧ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଉଦଯାପନୀ ଦିବସର ଫାଇନାଲ ମ୍ୟାଚ୍ ରାଉରକେଲାର ଇରଫାନ ୧୧ ଏବଂ ଅସୁରୀୟା ଏକ୍ସଆଇ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଅସୁରୀୟା ଏକ୍ସଆଇକୁ ୩ ୱିକେଟରେ ହରାଇ ରାଉରକେଲା ଇରଫାନ ୧୧ ବିଜୟୀ ହୋଇଥିଲା। ପ୍ରଥମେ ଅସୁରୀୟା ଏକ୍ସଆଇ ଟସ ଜିତି ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୧୪୩ ରନ ସଂଗ୍ରହ କରିଥିଲା। ଦ୍ୱିତୀୟ ପାଳିରେ ରାଉରକେଲା ଇରଫାନ-୧୧ ୧୪ ଓଭରରେ ୧୪୪ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ବିଜୟୀ ଟିମକୁ ଏକ ଲକ୍ଷ ଟଙ୍କା ସହିତ ଟ୍ରଫି ଏବଂ ଉପବିଜେତା ଟିମକୁ ୭୦ହଜାର ଟଙ୍କା ନଗଦ ସହିତ ଟ୍ରଫି ମନ୍ତ୍ରୀ ଓ ବିଧାୟକ ମାନେ ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ଭାବେ ମହମଦ ଆକମୋଲକୁ ମଧ୍ୟ ଟ୍ରଫି ପ୍ରଦାନ କରାଯାଇଥିଲା। ନେତାଜୀ ବିକାଶ କମିଟିର ସଭାପତି ଜଗନ୍ନାଥ ମୋଦିଙ୍କ ନେତୃତ୍ୱରେ ଏହି ଖେଳ ଅନୁଷ୍ଠିତ ହୋଇଥିବା ବେଳେ କମିଟିର ଉପସଭାପତି କୃଷ୍ଣଚନ୍ଦ୍ର ସର୍ଦାର, ସମ୍ପାଦକ ମନୋଜ କୁମାର ମହାନ୍ତ, ସହସମ୍ପାଦକ ପ୍ରଶନ୍ନ କୁମାର ସର୍ଦାର, ରାକେଶ ଅରୁକ, ତରଣୀସେନ ଲୋହାର, କରୁଣାକର ମାଟିଆ, ହିମାଂଶୁ ଶେଖର ସର୍ଦାର ପ୍ରମୁଖ ତଥା ଅନ୍ୟମାନେ ସହଯୋଗ କରିଥିଲେ।

# ରାଜ୍ୟ ସ୍ତରୀୟ ମଙ୍ଗଳା କପ୍ : ଆଲଫା ସ୍ପୋର୍ଟିଂ ବ୍ରହ୍ମପୁର ଚାମ୍ପିଅନ୍




କାକଟପୁର (ଭାସ୍କର ନ୍ୟୁଜ୍) : କାକଟପୁର ହାଇସ୍କୁଲ ପଛପଡିଆରେ ୩୫ ତମ ମଙ୍ଗଳା କପ୍‌ର ଫାଇନାଲ ଦିବସରେ ପରସ୍ପରକୁ ଭେଟିଥିଲେ ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱର ବନାମ ଆଲଫା ସ୍ପୋର୍ଟିଂ ବ୍ରହ୍ମପୁର। ପ୍ରଥମେ ଟସ ଜିତି ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱର ନିର୍ଦ୍ଧାରିତ ୨୫ ଓଭରରେ ୮ ଉଇକେଟ ହରାଇ ୨୦୯ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅଭିଷେକ ନାଥ ୫୨ ରନ, କୃଷ୍ଣଚନ୍ଦ୍ର ବାରିକି ୪୦ ରନ କରିଥିଲେ। ଆଲଫା ସ୍ପୋର୍ଟିଂ ବ୍ରହ୍ମପୁର ପକ୍ଷରୁ ପିଣ୍ଟୁ ମହାପାତ୍ର, ଅଭିଜିତ ହୋତା, ଅଭିଜିତ ପଟ୍ଟନାୟକ ଦୁଇଟି ଲେଖାଏଁ ୱିକେଟ ନେଇଥିଲେ। ଏହାର ଜବାବରେ ଆଲଫା ସ୍ପୋର୍ଟିଂ ବ୍ରହ୍ମପୁର ୨୧୦ ରନ ବିଜୟ ଲକ୍ଷ୍ୟକୁ ପିଛା କରି ନିର୍ଦ୍ଧାରିତ ୨୪ ଓଭରରେ ୨୧୩ ରନ କରି ବିଜୟୀ ହୋଇଥିଲା । ଆଲଫା ସ୍ପୋର୍ଟିଂ ବ୍ରହ୍ମପୁର ପକ୍ଷରୁ ରୋହିତ ସାଗର ଅପରାଜିତ ୬୮ ବଲରୁ ୧୩୫ ରନ ସଂଗ୍ରହ କରିଥିବା ବେଳେ ସେଥିମଧ୍ୟରେ ୧୧ ଟି ଛକା ଓ ୮ ଟି ଚୌକା ଥିଲା। ଦଳ ପକ୍ଷରୁ ସୁଦର୍ଶନ ସ୍ୱାଇଁ ୩୮ ରନ କରିଥିବା ବେଳେ ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱର ତରଫରୁ ଏମ୍ ଗୌତମ ଦୁଇଟି ୱିକେଟ ନେଇଥିଲେ। ଚଳିତ ବର୍ଷ ୩୫ତମ ମଙ୍ଗଳା କପ୍ ବିଜେତା ଆଲଫା ସ୍ପୋର୍ଟିଂ ବ୍ରହ୍ମପୁରକୁ ଟ୍ରଫି ସହ ୪୧ହଜାର ୪ଶହ ୪୧ଟଙ୍କା ଓ ରନର୍ସ ଦଳ ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱରକୁ ୨୧ହଜାର ୨ଶହ ୨୧ ଟଙ୍କା ଶହ ଟ୍ରଫି ପ୍ରଦାନ କରାଯାଇଥିଲା। ଅତିଥି ଭାବେ ମୁଖ୍ୟଅତିଥି କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ସମ୍ମାନୀତ ଅତିଥି ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଜ୍ୟ ସଭା ସଦସ୍ୟ ସୁଭାଶିଷ ଖୁଣ୍ଟିଆ, କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ କାକଟପୁର ମଙ୍ଗଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ବିନୋଦ ବିହାରୀ ବେହୁରା, ବଣିକ ଶିକ୍ଷାନୁଷ୍ଠାନର ସିଇଓ ସୁବ୍ରତ କୁମାର ଛାଟୋଇ, ଜଗତସିଂହପୁର ସାଂସଦଙ୍କ ଜିଲ୍ଲା ପ୍ରତିନିଧି ସୁଦର୍ଶନ ସ୍ୱାଇଁ, କିଷାନ ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅତିଥି ମାନେ ବ୍ରହ୍ମପୁରର ରୋହିତ ସାଗରଙ୍କୁ ମ୍ୟାନ ଅଫ୍ ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ହୋଇଥିବା ବେଳେ ରାମେଶ୍ୱର ସ୍ପୋର୍ଟିଂ ତରଫରୁ ଶ୍ରେୟଂଶ କୁମାର ବେଷ୍ଟ ବ୍ୟାଟସ୍‌ମ୍ୟାନ ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍ୱୀକୃତି ପ୍ରାପ୍ତ ଅଭିଜ୍ଞ ଖେଳ ପରିଚାଳକ ନିର୍ମଳ କୁମାର ମିଶ୍ର ଓ ଅୟସକାନ୍ତ ମିଶ୍ର ଖେଳ ପରିଚାଳନା କରିଥିଲେ। କ୍ଲବ ସଭାପତି ପ୍ରଦୀପ୍ତ କୁମାର ଦୀକ୍ଷିତି, ମ୍ୟାନେଜର ଭାଗବତ ସ୍ୱାଇଁ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଅଞ୍ଜନ କୁମାର ଦୀକ୍ଷିତ,ସଚିନ ଧାରା ବିବରଣୀ ପ୍ରଦାନ କରିଥିଲେ। ମଙ୍ଗଳା କ୍ଲବର ସଦସ୍ୟ ମାନଙ୍କ ମଧ୍ୟରେ ଉପଦେଷ୍ଟା ରାକେଶ ପଟ୍ଟନାୟକ, ଉପସଭାପତି ତୁଷାର ରଞ୍ଜନ ଦୀକ୍ଷିତି, ସମ୍ପାଦକ ଶୁଭାଂଶୁ ଦୀକ୍ଷିତି, ଇଂ ସୂର୍ଯ୍ୟକାନ୍ତ ଦୀକ୍ଷିତି, ସୁଶାନ୍ତ ଦାଶ, ଶ୍ୟାମ ସୁନ୍ଦର ରଣା, ପ୍ରୀତମ ନାୟକ ଓ ଅନ୍ୟ ସଭ୍ୟ ମାନେ ପ୍ରମୁଖ ସହଯୋଗ କରିଥିଲେ।

## ପ୍ରଥମ ତାପସ ଦାସ ସ୍ମାରକୀ କ୍ରିକେଟ୍ ପ୍ରତିଯୋଗିତା

# ସେମି ଫାଇନାଲରେ ମାଷ୍ଟର କ୍ଲବ୍ କଟକ



ନିମାପଡ଼ା (ଭାସ୍କର ନ୍ୟୁଜ୍): ନିମାପଡ଼ା ବାରବାଟି ପଡ଼ିଆରେ ନିମାପଡ଼ା ଆଥ୍‌ଲେଟିକ୍ ଆସୋସିଏସନ୍ ପକ୍ଷରୁ ରବିବାର ୨୯ତମ ନିମାପଡ଼ା କପ୍ ତଥା ପ୍ରଥମ ତାପସ ଦାସ ସ୍ମାରକୀ କ୍ରିକେଟ୍ ପ୍ରତିଯୋଗୀତା ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନି ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଜୟଦେବ ସ୍ପୋର୍ଟିଂ ଭୁବନେଶ୍ୱରକୁ ୪ ରନ୍‌ରେ ହରାଇ ମାଷ୍ଟର କ୍ଲବ୍ କଟକ ସେମି ଫାଇନାଲରେ ପ୍ରବେଶ କରିଛି । ୨୫ ଓଭର ବିଶିଷ୍ଟ ମ୍ୟାଚ୍‌ରେ ମାଷ୍ଟର କ୍ଲବ୍ ପ୍ରଥମେ ଟସ୍ ଜିଣି ବ୍ୟାଂଟି କରିବାକୁ ନିଷ୍ପତ୍ତି ନେଇଥିଲା। ମାଷ୍ଟର କ୍ଲବ୍ ବ୍ୟାଟିଂ କରି ୨୩.୫ ଓଭରରେ ସମସ୍ତ ୱିକେଟ୍ ହରାଇ ୧୧୪ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ବୀର ସୁଭ୍ରଦୀପ ୪ଟି ଚୌକା ସହାୟତାରେ ୩୪ ବଲରେ ସର୍ବାଧିକ ୪୩ ରନ୍, ଅଭିଷେକ ପାଣ୍ଡେ ୨୪ ରନ୍ ସଂଗ୍ରହ କରିଥିଲେ । ପ୍ରତିପକ୍ଷ ବୋଲର ପବିତ୍ର ବରାଳ ୪ଟି ୱିକେଟ୍, ବିଦ୍ୟାଧର ବେଲସାହି ୨ଟି ୱିକେଟ୍ ନେଇଥିଲେ। ଏହାର ଜବାବ୍‌ରେ ଜୟଦେବ ସ୍ପୋର୍ଟିଂ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭର ଖେଳି ୭ଟି ୱିକେଟ୍ ହରାଇ ମାତ୍ର ୧୧୦ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ଅମିତାଭ ରାଉତ ୨୯ ରନ୍, ଅଂଶୁମାନ ସାହୁ ୧୭ ରନ୍ ସଂଗ୍ରହ କରିଥିଲେ । ମାଷ୍ଟର କ୍ଲବ୍‌ର ବୋଲର ଦେବେନ୍ଦ୍ର କୁଅଁର ସିଂ ଓ ଅଭିଷେକ ପାଣ୍ଡେ ୨ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ । ବିଜୟୀ ଦଳର ଅଧିନାୟକ ବୀର ଶୁଭ୍ରଦୀପ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ବିବେଚିତ ହୋଇଥିଲେ । ଆଜିର ଖେଳକୁ ଦେବେନ୍ଦ୍ର ନାଥ ମିଶ୍ର, ତ୍ରିଭୁବନ ନାଥ ଦାସ ପରିଚାଳନା କରିଥାବ ବେଳେ ଅଭିନନ୍ଦନ ପାତ୍ର ତୃତୀୟ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ । ଆଜିର ମ୍ୟାଚ୍‌ରେ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ଶିକ୍ଷାବିତ୍ ଜଗତ ପ୍ରସାଦ ସାବୁତ, ନିମାପଡ଼ା ଆଥଲେଟିକ୍ ଆସୋସିଏସନ୍‌ର ସଂପାଦକ ଜୀବନାନନ୍ଦ ମହାପାତ୍ର, କ୍ରିକେଟ୍ ସଂପାଦକ ଅକ୍ଷୟ ବେହେରା, କ୍ରୀଡ଼ାବିତ୍ ମହେନ୍ଦ୍ର ସିଂ ଭାଟିଆ, ପୂର୍ଣ୍ଣଚନ୍ଦ୍ର ସାହୁ, ଆଶୁତୋଷ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟିତ

ଟାଙ୍ଗୀ (ଭାସ୍କର ନ୍ୟୁଜ) : ଡିଏଭି ଗୁରୁକୁଳ ସ୍କୁଲର ନବମ ବାର୍ଷିକ କ୍ରୀଡା ପ୍ରତିଯୋଗିତା କୁହୁଡି ଜନତା ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହୋଇଯାଇଅଛି। ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ରମେଶ ଚନ୍ଦ୍ର ନାଇଡୁ ଉଦ୍‌ଘାଟନ କରିବା ସହିତ ମଶାଲ ଲଗାଇ କ୍ରୀଡାର ଶୁଭାରମ୍ଭ କରିଥିଲେ। ସ୍କୁଲର ନିର୍ଦ୍ଦେଶକ ଦିଲ୍ଲିପ କୁମାର ପ୍ରଧାନ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି କ୍ରୀଡା ପ୍ରତିଯୋଗିତା ଆଜି ଠାରୁ ଆରମ୍ଭ ହୋଇ ୪ଦିନ ଧରି ଚାଲିବ ଏବଂ ୮ ତାରିଖ ଉଦ୍-ଯାପନୀ ଦିବସ ପାଳନ କରାଯିବ। ଭାଇସ-ପ୍ରିନ୍ସିପଲ୍ ରାଜଶ୍ରୀ ପାତ୍ର ପରିଚାଳନା କରିଥିବା ବେଳେ ମାନସୀ ସାହୁ, ପୂଜା ବାରାଳ, ରଚିତା ଜେନା, ସାଗରିକା ମହାରଣା, ମାନସୀ ଖଣ୍ଡାୟତରାୟ, ପ୍ରଦୀପ ସାମନ୍ତରାୟ ଓ ଭାଗିରଥି ବରାଳ ପ୍ରମୁଖ ସହଯୋଗ କରିଥିଲେ ।



# ବିବିଧବର୍ଣ୍ଣା





କୌଣସି ଜିନିଷର ଅତ୍ୟଧିକ ସେବନ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇପାରେ। ତେଣୁ ସବୁବେଳେ ଶରୀରର ଆବଶ୍ୟକତା ଅନୁଯାୟୀ ନିଜର ଡାଏଟ୍ ପ୍ଲାନ ପ୍ରସ୍ତୁତ କରିବା ଉଚିତ୍ । ଅଧିକ ମାତ୍ରାରେ ପ୍ରୋଟିନ୍ ଆପଣଙ୍କ ହୃଦୟର ସ୍ୱାସ୍ଥ୍ୟକୁ ଖରାପ କରିପାରେ । ତେଣୁ, ଆପଣ ସଠିକ୍ ସମୟରେ ସଠିକ୍ ମାତ୍ରାରେ ପ୍ରୋଟିନ୍ ଖାଇବା ଉଚିତ୍ । ଏହା ବ୍ୟତୀତ, ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଅତ୍ୟଧିକ ପ୍ରୋଟିନ୍ ବ୍ୟବହାର କ୍ୟାନ୍ସର ଭଳି ସାଂଘାତିକ ରୋଗର ଆଶଙ୍କା ମଧ୍ୟ ବଢାଇପାରେ । ଅତ୍ୟଧିକ ପ୍ରୋଟିନ୍ ଗ୍ରହଣ ଶରୀରରେ କ୍ୟାଲସିୟମ୍ ଅଭାବ ସୃଷ୍ଟି କରିପାରେ । କ୍ୟାଲସିୟମ ଅଭାବ ଆପଣଙ୍କ ବୋନ୍ ହେଲ୍ଥ ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ । ଏହାର ଅର୍ଥ ହେଉଛି ଅତ୍ୟଧିକ ପ୍ରୋଟିନ୍ ଗ୍ରହଣ ଗଣ୍ଠି ଯନ୍ତ୍ରଣା ଭଳି ସମସ୍ୟାର ମୁଖ୍ୟ କାରଣ ହୋଇପାରେ । ଯଦି ଆପଣ ନିଜର ହାଡକୁ ଦୁର୍ବଳ କରିବାକୁ ଚାହୁଁନାହାଁନ୍ତି, ତେବେ ଆପଣଙ୍କ ଖାଦ୍ୟରେ ସଠିକ୍ ପରିମାଣର ପ୍ରୋଟିନର ଅତ୍ୟଧିକ ସେବନ କିଡନୀ ସମ୍ବନ୍ଧୀୟ ରୋଗକୁ ମଧ୍ୟ ନିମନ୍ତ୍ରଣ କରିପାରେ । ଏହାଦ୍ୱାରା ଆପଣଙ୍କୁ ଷ୍ଟୋନ୍ ପରି ବିପଜ୍ଜନକ ରୋଗରେ ପୀଡିତ ହେବାକୁ ପଡିପାରେ । ଆପଣ ଜାଣନ୍ତି କି ଗୋଟିଏ ଦିନରେ ଆପଣ କେତେ ପ୍ରୋଟିନ୍ ଖାଇବା ଉଚିତ୍ ପ୍ରକୃତରେ ଏକ୍ସପର୍ଟଙ୍କ ଅନୁଯାୟୀ, ସଠିକ୍ ପରିମାଣର ପ୍ରୋଟିନ୍ ଗ୍ରହଣ ବ୍ୟକ୍ତିର ଓଜନ ଉପରେ ନିର୍ଭର କରେ । ଏହା ବ୍ୟତୀତ ବୟସ ଏବଂ ଶାରୀରିକ କାର୍ଯ୍ୟକଳାପ ମଧ୍ୟ ପ୍ରୋଟିନ୍ ଗ୍ରହଣ ପରିମାଣ ଉପରେ ପ୍ରଭାବ ପକାଇଥାଏ ।



## ଅସଲି ହଳଦୀକୁ ଚିହ୍ନିବେ କିପରି ?



ହଳଦୀ। ଏହା ଭାରତୀୟ ରୋଷେଇ ଘରେ ମିଳୁଥିବା ମସଲା ମଧ୍ୟରୁ ଅନ୍ୟତମ। ଏହା କେବଳ ଖାଦ୍ୟର ସ୍ୱାଦ ବଢାଏନି। ବରଂ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଏହା ବେଶ ଲାଭଦାୟକ। କିନ୍ତୁ ଆପଣ ଜାଣନ୍ତି କି ବର୍ତ୍ତମାନ ସମୟରେ ହଳଦୀରେ ଅଧିକ ମାତ୍ରାରେ ଲେଡ୍ ବା କାଚ୍ ଗୁଣ୍ଡ ମିଶୁଥିବାର ନଜର ଆସୁଛି । ଯାହା କିଡ୍‌ନୀକୁ ଖରାପ କରିପାରେ। ତେବେ କିପରି ଜାଣିବା ଘରକୁ ଆସୁଥିବା ହଳଦୀ ଅସଲି ବା ନକଲି । ଆସନ୍ତୁ ଜାଣିବା ।

ଲେଡ୍ ହେଉଛି ଏକ ଧାତୁ ଯାହା ଶରୀରରେ କ୍ୟାଲସିୟମ୍ ପରି କାମ କରେ ଏବଂ ହାଡରେ ଜମା ହୋଇଯାଏ । ଅତ୍ୟଧିକ ପରିମାଣର କାଚ୍‌ଗୁଣ୍ଡ ଖାଇବା କେବଳ କିଡନୀ ନୁହେଁ ହାର୍ଟ ଏବଂ ମସ୍ତିଷ୍କ ଉପରେ ମଧ୍ୟ ପ୍ରଭାବ ପକାଇଥାଏ । ଏହାଦ୍ୱାରା ହୃଦଘାତ,କିଡନୀ ଫେଲ ଏବଂ ଷ୍ଟ୍ରୋକର ଆଶଙ୍କା ମଧ୍ୟ ବଢିପାରେ । ଯଦି କାଚଗୁଣ୍ଡ ହଳଦୀରେ ବହୁ ପରିମାଣରେ ବ୍ୟବହୃତ ହୁଏ, ତେବେ ଏହା ପିଲାମାନଙ୍କର ମସ୍ତିଷ୍କ ବିକାଶରେ ବାଧା ସୃଷ୍ଟି କରିପାରେ ଏବଂ ବୟସ୍କମାନଙ୍କଠାରେ ଥକ୍କା, ଉଚ୍ଚ ରକ୍ତଚାପ ଏବଂ ପେଟ ସମ୍ବନ୍ଧୀୟ ଅନେକ ସମସ୍ୟା ସୃଷ୍ଟି କରିପାରେ ।

■ ସର୍ବପ୍ରଥମେ ଏକ ଗ୍ଲାସରେ ପାଣି ନିଅନ୍ତୁ ଏବଂ ସେଥିରେ ୧ ଚାମଚ ହଳଦୀ ଗୁଣ୍ଡ ମିଶାନ୍ତୁ।

■ ଯଦି ହଳଦୀ ପାଣିରେ ଭଲ ଭାବରେ ମିଶିଯାଏ, ତେବେ ଜାଣନ୍ତୁ ଯେ ଏହି ହଳଦୀରେ କାଚଗୁଣ୍ଡ ପରିମାଣ ଅଧିକ।

■ କିନ୍ତୁ ଯଦି ହଳଦୀ ପାଣିରେ ଭଲରେ ନ ମିଶି ତଳେ ବସିଯାଏ। ତେବେ ହଳଦୀ ଶୁଦ୍ଧ ଅଟେ।

■ ସେହିପରି ଯଦି ଆପଣ ଏହି କାଚଗୁଣ୍ଡ ହଳଦୀ ବ୍ୟବହାର କରିବାକୁ ଚାହୁନାହାନ୍ତି ତେବେ ଅର୍ଗାନିକ ହଳଦୀର ବ୍ୟବହାର କରନ୍ତୁ ।

‘ପୁଷ୍ପା: ଦି ରୁଲ୍’ର ‘କିସିକ୍’ ଗୀତରେ ମନଛୁଆଁ ନୃତ୍ୟକରି ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ଶ୍ରୀଲୀଲା। ‘ପୁଷ୍ପା-୨’ ରିଲିଜ୍ ପରେ ଚର୍ଚ୍ଚିତ ଚେହେରା ପାଲଟିଛନ୍ତି କନ୍ନଡ଼ ତଥା ତେଲୁଗୁ ଫିଲ୍ମ ଇଣ୍ଡଷ୍ଟ୍ରିର ଏହି ଲୋକପ୍ରିୟ ନାୟିକା। ‘କିସିକ୍’ ଗୀତରେ ନାୟକ ଅଲ୍ଲୁ ଅର୍ଜୁନଙ୍କ ସହ ତାଙ୍କର ନୃତ୍ୟଶୈଳୀ ପ୍ରାୟ ସବୁ ଶ୍ରେଣୀର ଦର୍ଶକଙ୍କୁ ଅଭିଭୂତ କରିଛି। ମାତ୍ର ୨୩ବର୍ଷ ବୟସରେ ଦକ୍ଷିଣ ସିନେଶିଳ୍ପର ଅଧିକାଂଶ ସୁପରଷ୍ଟାରଙ୍କ ସହ କାମ କରିସାରିଥିବା ଶ୍ରୀଲୀଲା ଏବେ ଜଣେ ଆଗଧାଡ଼ିର ଅଭିନେତ୍ରୀ ଭାବେ ପରିଗଣିତ ହେଉଛନ୍ତି। ୨୦୦୧ ମସିହାରେ ଆମେରିକାର ମିସିଗାନ୍‌ର ଡେଟ୍ରଏଟ୍‌ରେ ଏକ ତେଲୁଗୁ ପରିବାରରେ ଶ୍ରୀଲୀଲାଙ୍କର ଜନ୍ମ। ପାଠ ପଢୁଥିବା ବେଳେ ୨୦୧୭ ମସିହାରେ ତେଲୁଗୁ ସିନେମା ‘ଚିତ୍ରାଙ୍ଗଦା’ ଜରିଆରେ ତାଙ୍କ ଅଭିନୟ ଜୀବନର ମୂଳଦୁଆ ପଡ଼ିଥିଲା।

## କିସିକ୍ ଗାର୍ଲ ଶ୍ରୀଲୀଲା



ତେବେ ୨୦୧୯ରେ କନ୍ନଡ଼ ଛବି ‘କିସ୍’ରୁ ନାୟିକା ଭାବେ କ୍ୟାରିୟର ଆରମ୍ଭ କରିଥିଲେ ଭରତନାଟ୍ୟମ୍ ପ୍ରଶିକ୍ଷଣପ୍ରାପ୍ତ ଶ୍ରୀଲୀଲା। ‘ଆଦିକେଶବ’, ‘ଧମାକା’, ‘ସ୍କନ୍ଦ’, ‘ଗୁଣ୍ଟୁର କରମ’, ‘ମେଲି ସଣ୍ଡଦ’, ‘ଉସ୍ତାଦ ଭଗତ ସିଂହ’, ‘ଏକ୍‌ସଟ୍ରାଅର୍ଡିନାରି ମ୍ୟାନ୍’, ‘ରବିନହୁଡ୍’, ‘ଭିଡି ୧୨’, ‘ଭାଗବନ୍ତ କେଶରୀ’ ଆଦି ଫିଲ୍ମରେ ମହେଶବାବୁ ଓ ବାଲକ୍ରିଷ୍ଣଙ୍କ ଭଳି ଦକ୍ଷିଣୀ ସୁପରଷ୍ଟାରଙ୍କ ନାୟିକା ବନିଛନ୍ତି ସେ। ଚିତ୍ତାକର୍ଷକ ଅଭିନୟ ଓ ସୌନ୍ଦର୍ଯ୍ୟ ଭାରତୀୟ ସିନେମାରେ ତାଙ୍କୁ ଏକ ନୂଆ ପରିଚୟ ଦେଇଥିବା ବେଳେ ଏବେ ଅଫରର ସୁଅ ଛୁଟିଥିବା ଜଣାଯାଇଛି। ଅଭିନୟରେ ଥିଲେ ହେଁ ପାଠପଢ଼ାରେ କିଛି କମ୍ ନୁହନ୍ତି ଶ୍ରୀଲୀଲା। ସେ ଜଣେ ଏମ୍‌ବିବିଏସ୍ ଡାକ୍ତର। ୨୦୨୧ରେ ଏମ୍‌ବିବିଏସ୍ ସାରିଥିଲେ ମଧ୍ୟ ଏବେ ସେ ଫିଲ୍ମରେ ସକ୍ରିୟ ଅଛନ୍ତି। ଉଲ୍ଲେଖଯୋଗ୍ୟ, ତାଙ୍କ ମା’ ଡ. ସ୍ୱର୍ଣ୍ଣଲତା ଜଣେ ଜଣାଶୁଣା ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞ।

## କିଆରା ଅସୁସ୍ଥ

ଅସୁସ୍ଥ ହୋଇପଡ଼ିଛନ୍ତି ଅଭିନେତ୍ରୀ କିଆରା ଆଡଭାନୀ। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏଥିଲାଗି ସେ ନିଜର ଫିଲ୍ମ ‘ଗେମ୍ ଚେଞ୍ଜର’ର ଟ୍ରେଲର ଲଞ୍ଚ କାର୍ଯ୍ୟକ୍ରମରେ ସାମିଲ ହୋଇପାରିନାହାନ୍ତି। କାର୍ଯ୍ୟକ୍ରମ ସମୟରେ ହୋଷ୍ଟ ପ୍ରଶଂସକଙ୍କୁ ଏନେଇ ଜଣାଇବା ପରେ ସମସ୍ତେ ଚିନ୍ତା ପ୍ରକାଶ କରୁଛନ୍ତି। ହେଲେ କେଉଁ କାରଣରୁ ସେ ଡାକ୍ତରଖାନା ଯାଇଛନ୍ତି ତାହା ଜଣାପଡ଼ିନାହିଁ। ଆଜିକାଲି କିଆରା ରାମଚରଣଙ୍କ ସହ ତାଙ୍କ ଫିଲ୍ମ ‘ଗେମ୍ ଚେଞ୍ଜର’କୁ ନେଇ ବ୍ୟସ୍ତ। ଏହା ଚଳିତ ବର୍ଷର ମୋଷ୍ଟ ଆୱେଟେଡ୍ ଫିଲ୍ମରୁ ଗୋଟିଏ। ଏହାକୁ ଶଙ୍କର ନିର୍ଦ୍ଦେଶନା ଦେଇଛନ୍ତି। ଫିଲ୍ମର କାହାଣୀଟି ରାଜନୀତି ଉପରେ ପର୍ଯ୍ୟବଶିତ। ଜାନୁଆରୀ ୧୦ରେ ଏହା ପରଦାକୁ ଆସିବ। ଗେମ ଚେଞ୍ଜରରେ ରାମ ଚରଣ ଜଣେ ସଚ୍ଚୋଟ ଆଇପିଏସ୍ ଅଧିକାରୀ ଭାବେ ନଜର ଆସିବେ। ସେ ଏକ ଭ୍ରଷ୍ଟ ରାଜନୈତିକ ବ୍ୟବସ୍ଥା ସହ ମୁକାବିଲା କରୁଥିବା ଦେଖିବାକୁ ମିଳିବ। ଏହି ଫିଲ୍ମରେ ଅଭିନେତ୍ରୀ ଦକ୍ଷିଣ ଭାରତୀୟ ସିନେମାରେ ନିଜର ଡେବ୍ୟୁ କରୁଛନ୍ତି।



ପୁଣି ଚର୍ଚ୍ଚାରେ ଅଭିନେତ୍ରୀ ଉର୍ବଶୀ ରୌତେଲା । ନିଜଠାରୁ ୩୪ ବର୍ଷ ବଡ଼ ଅଭିନେତାଙ୍କ ସହ ତାଙ୍କ ବୋଲ୍ଡ ନୃତ୍ୟକୁ ହଜମ କରିପାରୁନାହାନ୍ତି ପ୍ରଶଂସକ। ଅନେକ ଏହାକୁ ନେଇ ତାଙ୍କୁ ଟ୍ରୋଲ କରୁଛନ୍ତି। ଦକ୍ଷିଣ ଭାରତୀୟ ଷ୍ଟାର ନନ୍ଦମୁରୀ ବାଳକୃଷ୍ଣଙ୍କ ଆଗାମୀ ସିନେମା ‘ଡାକୁ ମହାରାଜ’ର ନୂଆ ଗୀତ ‘ଦାବିଦି ଦିବିଦି’ ରିଲିଜ ହୋଇଛି। ଗୀତଟିରେ ଆଇଟମ୍ ଗର୍ଲ ଭାବେ ନଜର ଆସିଛନ୍ତି ଉର୍ବଶୀ। ବାଳକୃଷ୍ଣଙ୍କ ସହ ତାଙ୍କର ନୃତ୍ୟ ବେଶ ବୋଲ୍ଡ ହୋଇଛି।

## ବୋଲ୍ଡ ଲୁକ୍‌କୁ ନେଇ ଉର୍ବଶୀ ଟ୍ରୋଲ୍

ଶେଖର ମାଷ୍ଟର ଏହାକୁ କୋରିଓଗ୍ରାଫ କରିଛନ୍ତି। ସୋସିଆଲ ମିଡିଆରେ ଗୀତଟିକୁ ଅନେକେ ପସନ୍ଦ କରୁଥିବା ବେଳେ କିଛି ପ୍ରଶଂସକ ଉର୍ବଶୀଙ୍କୁ ଟ୍ରୋଲ କରୁଥିବା ନଜର ଆସିଛି। ୬୪ ବର୍ଷୀୟ ଅଭିନେତାଙ୍କ ସହ ୩୦ ବର୍ଷୀୟ ଅଭିନେତ୍ରୀଙ୍କ ଏଭଳି ନୃତ୍ୟ ଗ୍ରହଣ ଯୋଗ୍ୟ ନୁହେଁ। ଏଭଳି ନୃତ୍ୟ ଆଜିଯାଏ ଦେଖିବାକୁ ମିଳି ନ ଥିଲା। ବାଳକୃଷ୍ଣଙ୍କ ସମ୍ମାନ ରଖି ଏହି ନୃତ୍ୟକୁ ହଟାଇ ଦିଆଯାଉ ବୋଲି କିଛି ଦାବି କରୁଛନ୍ତି। ଫିଲ୍ମଟି ଆସନ୍ତା ୧୨ ତାରିଖରେ ପରଦାକୁ ଆସିବ।

## ପ୍ରତିଦିନ ବ୍ରେଡ୍ ଖାଉଥିଲେ ହୋଇଯାଆନ୍ତୁ ସାବଧାନ !



*ଆଧୁନିକ ଛାପ ଆମର ଖାଇବାରେ ଦେଖିବାକୁ ମିଳୁଛି । ସକାଳୁ ଛତୁଆ , ଚୁଡା କଦଳୀ ଖାଇବା ବଦଳରେ ବ୍ରେଡ ବଟର କିମ୍ବା ଟୋଷ୍ଟ , ସାଣ୍ଡୱିଚ୍ ଖାଉଛନ୍ତି ଆଜିକାଲିର ପିଲା । ଯଦି ଆପଣ ନିୟମିତ ଭାବେ ବ୍ରେଡ ଖାଉଛନ୍ତି, ତେବେ ହୋଇଯାଆନ୍ତୁ ସାବଧାନ । ନଚେତ୍ ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ । ଆସନ୍ତୁ ଜାଣିବା ପ୍ରତିଦିନ ବ୍ରେଡ ଖାଇବା ଦ୍ୱାରା ଆପଣଙ୍କ ସ୍ୱାସ୍ଥ୍ୟରେ କି ପ୍ରକାର ପ୍ରଭାବ ପଡେ..*

♦ ସବୁବେଳେ ବ୍ରେଡ ଖାଆନ୍ତି ତେବେ ସେମାନଙ୍କୁ ପେଟ ସମ୍ବନ୍ଧୀୟ ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ । ବ୍ରେଡ ମଇଦାରୁ ତିଆରି । ମଇଦା ବ୍ରେଡ ହଜମ କରିବାକୁ ସମୟ ଲାଗେ । ବ୍ରେଡ ବଦଳରେ ସକାଳୁ ଗଜାମୁଗ, ବୁଟ ସହ ଫଳମୂଳ ଖାଆନ୍ତୁ । ଯାହା ଫଳରେ ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିବ ।

♦ ବ୍ରେଡରେ ବହୁ ପରିମାଣର ଫ୍ୟାଟ ଥାଏ । ଯାହା ଆପଣଙ୍କୁ ହୃଦରୋଗ ଆଡକୁ ଟାଣି ପାରେ । ଯଦି ଆପଣ ନିଜ ହାର୍ଟକୁ ସୁସ୍ଥ ରଖିବାକୁ ଚାହୁଁଛନ୍ତି, ତେବେ ଆପଣ ବ୍ରେଡ ଠାରୁ ଦୂରରେ ରହିବା ଉଚିତ୍ ।

♦ ବ୍ରେଡରେ ଥିବା କାର୍ବୋହାଇଡ୍ରେଟ୍ ଏବଂ ଚିନି ଆପଣଙ୍କ ମୋଟାପଣର କାରଣ ହୋଇପାରେ । ଯଦି ଆପଣ ଫିଟ୍ ରହିବାକୁ ଚାହାଁନ୍ତି ତେବେ ବ୍ରେଡ ଖାଆନ୍ତୁ ନାହିଁ । ପ୍ରତିଦିନ ବ୍ରେଡ ଖାଇଲେ ସେମାନଙ୍କୁ ମଧ୍ୟ ବ୍ଲଡ଼ ସୁଗର ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ ।



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ପରଜଙ୍ଗ (ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ମହାବିଦ୍ୟାଳୟ ପରିସରରେ ରବିବାର ଦିନ ଇତିହାସ ବିଭାଗର ବନ୍ଧୁମିଳନ ଉତ୍ସବଅନୁଷ୍ଠିତ ହୋଇଯାଇଛି । ଉକ୍ତ ମହାବିଦ୍ୟାଳୟରେ ୨୦୧୫ ମସିହାରୁ ୨୦୨୪ ମସିହା ପର୍ଯ୍ୟନ୍ତ ଇତିହାସ ବିଭାଗରେ ଅଧ୍ୟୟନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ନେଇ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଦୀର୍ଘ ୧୦ ବର୍ଷ ବ୍ୟବଧାନ ପରେ ସମସ୍ତ ପୁରାତନ ଛାତ୍ର ଛାତ୍ରୀ, ପୂର୍ବତନ ଅଧକ୍ଷ ଓ ଅଧାପକ ମାନଙ୍କୁ ଏକତ୍ରିତ କରିବାରେ ପରଜଙ୍ଗ ମହାବିଦ୍ୟାଳୟର କାର୍ଯ୍ୟରତ ଇତିହାସ ବିଭାଗ ଅଧାପକ ସମୀର ମୁକୁଟ ଓ ବିଭାଗର ସହଯୋଗୀ ଅଧାପକ କମଳ କିଶୋର ଭୋଇ ମୁଖ୍ୟ ଦାୟିତ୍ୱ ନିର୍ବାହ କରିଥିଲେ । ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ଧୂପ ଦୀପ ପ୍ରଜ୍ୱଳନ କରି ମହାବିଦ୍ୟାଳୟର ଗଣିତ ବିଭାଗର ପ୍ରାଧ୍ୟାପକ ସଚିଦାନନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ସୁନୀଲ କୁମାର ରଥ , ସନାତନ ସାମଲ, ଅଧାପକ ମଦନ ମୋହନ ସାହୁ ଓ ଅବସର ପ୍ରାପ୍ତ କର୍ମଚାରୀ ଦୁଃଶାସନ ସାହୁ ଓ ବାସନ୍ତୀ ଦାସ ପ୍ରମୁଖ ବିଭାଗ ପକ୍ଷରୁ ଆମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ ।

# ଜବରଦଖଲରେ ଗୋଚର ଜମି, ସଂକଟରେ ପଶୁ ସମ୍ପଦ



କଣାସ (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲାର କଣାସ ବ୍ଲକ ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବା ବେଳେ ୨୮ଟି ଗ୍ରାମପଞ୍ଚାୟତର ୧୩୯ଟି ରାଜସ୍ୱ ଗ୍ରାମ ଓ ୧୦୮ଟି ପଡା ଗ୍ରାମରେ ଥିବା ୪୯୪୩ ହେକ୍ଟର ଅନାବାଦି ଓ ଗୋଚର ଜମି ଜବରଦଖଲ ଯୋଗୁଁ ଦିନକୁ ଦିନ କଣାସ ବ୍ଲକରେ ପଶୁ ସଂପଦ କମି କମି ଯାଉଥିବା ଜଣାପଡିଛି । ଅନୁସନ୍ଧାନରୁ ଜଣାପଡିଛି ଯେ ୧୦ବର୍ଷ ମଧ୍ୟରେ ୩୦ପ୍ରତିଶତରୁ ଅଧିକ ଗୃହପାଳିତ ପଶୁ ସଂଖ୍ୟା କମିଯାଇଛି । ଗୋଚର ଜମିରେ ଗାଈଗୋରୁ ଚରିବାକୁ ପୂର୍ବରୁ ସୁବିଧା ଥିଲା । ପ୍ରଶାସନର ଉଦାସନିତା ଯୋଗୁଁ ଏହି ଜମି ଜବରଦଖଲ ହୋଇ ସେଥିରେ ବଗିଚ୍ଛ, ପୋଖରୀ, କୋଠାବାଡି ବଡବଡିଆଲୋକମାନେ ନିର୍ମାଣ କରିଛନ୍ତି । ଗୋଚର ଜମି ଅଭାବରୁ ଅନେକ ଗାଈଗୋରୁ ଆଦି ଗୃହପାଳି ପଶୁ ପାଳନକୁ ଋଷୀମାନେ ଗୁରୁତ୍ୱ ଦେଉନଥିବା ବେଳେ ଗାଈଗୋରୁ ଘାସକେରାଏ ପାଇବା କଷ୍ଟ ହୋଇପଡିଛି । ଆଉ ଏକ ସମସ୍ୟା ହେଲା କଣାସ ବ୍ଲକର ସମସ୍ତ ଅଂଚଳ ଚିଲିକା ଉପକୂଳରେ ହୋଇଥିବା ବେଳେ ପ୍ରତ୍ୟେକ ବର୍ଷ ଅନେକ ଗାଈଗୋରୁ, ମଇଁଷି ବଜବଜିଆ, ଶାହାଣ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଛନ୍ତି । କଣାସ ବ୍ଲକରେ ମୁଖ୍ୟ ସମସ୍ୟା ହେଲା ପଶୁମାନଙ୍କ ପାଇଁ କଣାସ ଠାରେ ମୁଖ୍ୟ ପଶୁଚିକିତ୍ସା କେନ୍ଦ୍ର ଥିବା ବେଳେ ବିଭିନ୍ନ ପଞ୍ଚାୟତରେ ୧୧ଟି ପ୍ରାଥମିକ ପଶୁଚିକିତ୍ସା କେନ୍ଦ୍ର ଖୋଲାଯାଇଛି । ସେଥି ମଧ୍ୟରୁ କଣାସ ପଶୁଚିକିତ୍ସା କେନ୍ଦ୍ରରେ ମୁଖ୍ୟ ପଶୁଚିକିତ୍ସକ ପଦବୀ ଦୀର୍ଘଦିନ ହେଲା ଖାଲି ପଡିଥିବା ବେଳେ ୧୧ଟି ପ୍ରାଥମିକ ପଶୁ ଚିକିତ୍ସା କେନ୍ଦ୍ର ମଧ୍ୟରେ ୬ଟି କେନ୍ଦ୍ରରେ ଚିକିତ୍ସକ ନ ଥିବାରୁ ଗାଈଗୋରୁମାନଙ୍କୁ ସଠିକ୍ ସମୟରେ ବିଭିନ୍ନ ଇଂଜେକସନ୍ ଦିଆଯାଇପାରୁନାହିଁ । କୌଣସି ଗାଈଗୋରୁ ରୋଗାକ୍ରାନ୍ତ ହେଲେ ଠିକ୍ ସମୟରେ ପଶୁ ମାନଙ୍କୁ ଚିକିତ୍ସା କରାଯାଇ ପାରୁନଥିବାରୁ ଅନେକ ଗୃହପାଳିତ ପଶୁ ମୃତ୍ୟୁବରଣ କରିଛନ୍ତି । ଏ ସଂପର୍କରେ କଣାସ ତହସିଲଦାର ହିମାଂଶୁଶେଖର ଗିରିଙ୍କୁ ପଚ୍ଛରିବାରୁ ସେକୁହନ୍ତି ମୁଁ ନୂତନ ଭାବେ କାର୍ଯ୍ୟରେ ଯୋଗଦେଇଛି ଦେଖୁଛି କେଉଁମାନେ ଅନାବାଦି ଓ ଗୋଚର ଜମି ଦଖଲରେ ରଖିଛନ୍ତି ତାହାକୁ ଫେରାଇ ଆଣିବାପାଇଁ ଚେଷ୍ଟା କରିବି । ଗୋଚର ଜମିର ପୁନଃ ଉଦ୍ଧାର ଓ ଖାଲି ପଡିଥିବା ପଶୁ ଚିକିତ୍ସକ ପଦବୀ ପୂରଣ ପାଇଁ ଜନସାଧାରଣରେ ଦାବିହେଉଛି ।

# ଜିଲ୍ଲାସ୍ତରୀୟ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର



ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ମହାବିଦ୍ୟାଳୟ ଠାରେ ଜୟପୁର ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ଦ୍ୱାରା ପ୍ରଯୋଜିତ ତିନିଦିନିଆ ଜିଲ୍ଲାସ୍ତରୀୟ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ଲକ୍ଷ୍ମୀପୁର ମହାବିଦ୍ୟାଳୟର ଅଧକ୍ଷ ବିଜୁ ମୁଦୁଲିଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ କାର୍ଯ୍ୟକ୍ରମରେ କୋରାପୁଟର ପୂର୍ବତନ ସାଂସଦ ଝିନ୍ନ ହିକକା ମୁଖ୍ୟଅତିଥି ରୂପେ ଯୋଗଦେଇ ଯୁବ ନେତୃତ୍ୱ ରାଷ୍ଟ୍ର ବିକାଶର ପ୍ରକୃତ ଦାୟଦ ବୋଲି ମତ ପୋଷଣ କରିବା ସହ ଛାତ୍ରଛାତ୍ରୀ ମାନଙ୍କୁ ପାଠପଢା ସହିତ ସମାଜ ସେବାରେ ଉତ୍ସର୍ଗୀକୃତ ହେବାକୁ ପରାମର୍ଶ ଦେଇଥିଲେ। ଏଥିରେ ଲକ୍ଷ୍ମୀପୁର ପଞ୍ଚାୟତ ସମିତି ଅଧକ୍ଷ୍ୟା ସ୍ୱାଇ କୁଲେସିକା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୁରେଶ୍ୱର ଭୋଇ, ଲକ୍ଷ୍ମୀପୁର ଥାନା ଭାରପ୍ରାପ୍ତ ଅଧିକାରୀ ସୁଗ୍ୟାନି ସାହୁ, ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ସଂଯୋଜକ ଡ଼.ମନୋରଞ୍ଜନ ପ୍ରଧାନ ଓ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଶୁଶାନ୍ତ କୁମାର ବେହେରା ପ୍ରମୁଖ ସମ୍ମାନୀତ ଅତିଥି ରୂପେ ଯୋଗଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିର କୋରାପୁଟ ଜିଲ୍ଲାର ୧୭ଟି ମହାବିଦ୍ୟାଳୟରୁ ୧୦୫ ଜଣ ସ୍ୱେଚ୍ଛାସେବୀ ଓ କାର୍ଯ୍ୟକ୍ରମ ଅଧିକାରୀ ମାନେ ଯୋଗଦେଇଥିବା ଦେଖିବାକୁ ମିଳିଥିଲା। ଲକ୍ଷ୍ମୀପୁର ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଦୁର୍ଯ୍ୟୋଧନ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ତିଲୋତ୍ତମା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଶିବିରରେ ଜାତୀୟ ସେବା ଯୋଜନାର ମୁଖ୍ୟ ଚିନ୍ତାଧାରା, ଯୁବ ନେତୃତ୍ୱ,ସଡ଼କ ସୁରକ୍ଷା,ମୃତ୍ତିକା ଓ ଜଳ ସଂରକ୍ଷଣ, ସାମାଜିକ ଗଣମାଧ୍ୟମ ଓ ପରିବେଶ ପରିଚାଳନା ସଂପର୍କରେ ସଚେତନତା କରାଯାଇଥିଲା। ତିନିଦିନ ଧରି ଚାଲିଥିବା ଏହି ଶିବିରରେ ଯୁକ୍ତ ଦୁଇ ରେଡକ୍ରସ ୟୁନିଟ୍ ଅଧିକାରୀ ଅଧାପକ ଯଶୋବନ୍ତ ଗରଡା, ଅଧାପକ ଶୀତଳ ପ୍ରସାଦ ଦାସ, କାହ୍ନୁ ଚରଣ ବିଶୋୟୀ, ଲକ୍ଷ୍ମୀକାନ୍ତ ଟାକ୍ରୀ, ପବିତ୍ର ମଣ୍ଡଳ, ଅଧାପିକା ଜୟଶ୍ରୀ କରସୁଧା ପଟ୍ଟନାୟକ, ମହିମା ରାଣୀ ରାଜୁ ପ୍ରଭୃତି ଉପସ୍ଥିତ ଥିଲା ବେଳେ ସଂଗୀତା ନାଗ, ଅର୍ଙ୍କିତା ଓ୍ୱାଡେକା, ଆମ୍ରିହିକକା, ଆଙ୍କେଶ୍ୱର ଖୋରା, ଆଶିଷ ବିଷୋୟୀ, ହରିଶ୍ଚନ୍ଦ୍ର ବିଶୋଇ, ଭଜରାଜ ବିଶୋଇ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ଧାନମଣ୍ଡି ଉଦ୍‌ଘାଟନ ସମାରୋହ



ଭଦ୍ରକ (ଭାସ୍କର ନ୍ୟୁଜ): ଧାମନଗର ବ୍ଲକ୍‌ର ଚୂଡ଼ାକୁଟୀ ଠାରେ ଭଦ୍ରକ ଜିଲ୍ଲାର ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ ମଣ୍ଡି ଉଦ୍‌ଘାଟନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଓ ମୁଖ୍ୟ ଅତିଥି ସାଂସଦ ଅଭିମନ୍ୟୁ ସେଠୀ, ସମ୍ମାନିତ ଅତିଥି ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଗତ ଡ଼ିସେମ୍ବର ୨୭ ରୁ ଧାନକିଣା ଆରମ୍ଭ କରାଯିବା ପାଇଁ ଜିଲ୍ଲା ପ୍ରଶାସନ ଦ୍ୱାରା ସ୍ଥିରିକୃତ ହୋଇଥିଲେ ବି ଅଦିନିଆ ବର୍ଷା ଯୋଗୁଁ ପରିବର୍ତ୍ତିତ ତାରିଖ ଜାନୁୟାରୀ ୫ରୁ ଏହି ଚୁଡ଼ାକୁଟୀ ମଣ୍ଡିରୁ ଧାନ କିଣା ଆରମ୍ଭ କରାଯିବା ପାଇଁ କଣ୍ଟା ପୂଜା କରାଯାଇଛି । ଚୁଡ଼ାକୁଟୀ ସେବା ସମବାୟ ସମିତିର ସମ୍ପାଦକ ଅରୁଣ କୁମାର ପାତ୍ରଙ୍କ ମଞ୍ଚ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ପ୍ରଶାସନିକ ଅଧିକାରୀ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଧାମନଗର ବି.ଡ଼ି.ଓ ବନବିହାରୀ ଦିଣ୍ଡା, ତହସିଲଦାର ଦୀପକ କୁମାର ଦାସ, ଜିଲ୍ଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା, ଅତିରିକ୍ତ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶଶୀଭୂଣ ମହାପାତ୍ର ଏବଂ ଜନପ୍ରତିନିଧି ଭାବେ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପୁହାଣ, ଚୂଡ଼ାକୁଟୀ ସରପଞ୍ଚ କସ୍ତୁରୀ ବିଶ୍ୱାଳ, ସମିତି ସଭ୍ୟ ଜ୍ଞାନ ରଞ୍ଜନ ମହାକୁଡ଼, ଚୂଡ଼ାକୁଟୀ ସେବା ସମବାୟ ସଭାପତି ଭାରତୀ ମଲ୍ଲିକ ପ୍ରମୁଖ ଯୋଗ ଦେଇ ଏଫ୍.ଏ.କ୍ୟୁ ମାନର ସର୍ତ୍ତାବଳୀ ଅନୁଯାୟୀ ସଠିକ ମାନର ଧାନ ଆଣି ମଣ୍ଡିରେ ବିକ୍ରୟ କରି ଅଧିକ ଲାଭବାନ ହୁଅନ୍ତୁ ବୋଲି ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ । ସଠିକ୍‌ମାନର ଧାନକିଣା ଯିବା ପାଇଁ ସରକାରୀ ପ୍ରସ୍ତୁତି ସରିଛି । ସଂପୃକ୍ତ କର୍ମଚାରୀମାନଙ୍କୁ ତ୍ରିସ୍ତରୀୟ ତାଲିମ୍ ପ୍ରଦାନ କରାଯାଇଛି । ମଣ୍ଡିଗୁଡ଼ିକୁ ଆନୁସଂଗିକ ଉପକରଣ ଯୋଗାଇ ଦିଆଯାଇଛି ବୋଲି ଉପଜିଲ୍ଲାପାଳ ପ୍ରକାଶ କରିଥିଲେ । ଏହି ଉଦ୍‌ଘାଟନୀ ସମାରୋହରେ ଜିଲ୍ଲା ମିଶନ ଶକ୍ତି ତରଫରୁ ମଧ ଷ୍ଟଲ ପ୍ରଦର୍ଶନ କରାଯାଇଥିଲା । ସରକାରୀ ଦରରେ ଧାନ କିଣା ବ୍ୟବସ୍ଥା ସମ୍ବନ୍ଧରେ ଚାଷୀମାନଙ୍କ ସଚେତନତା ଉଦେଶ୍ୟରେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଚୂଡ଼ାକୁଟୀ ମଣ୍ଡିରେ, ଧାମନଗର, ରଧାବଲ୍ଲଭପୁର ଠାରେ ଲୋକକଳା ପାଲା ଓ ଭଦ୍ରକ ବ୍ଲକ୍‌ର ଓଲଙ୍ଗ ଓ କାଉପୁର ଠାରେ ଏକତାରା ବାଦ୍ୟ ସଂଗୀତ ପରିବେଷଣ କରାଯାଇଥିଲା । ସହକାରୀ ଯୋଗାଣ ଅଧିକାରୀ ଶରତ ବେହେରା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଡ଼ି.ପି.ସି. ମିଶନଶକ୍ତି ଅଭିକ ନାରାୟିନ୍, ଇ-ପ୍ରଶାସନ ପରିଚାଳକ ବିଜୟାନନ୍ଦ କର ପ୍ରମୁଖ ଉଦ୍‌ଘାଟନୀ ସମାରୋହ ଆୟୋଜନରେ ଆନୁସଙ୍ଗିକ ସହଯୋଗ କରିଥିଲେ ।

# ମେଡିକାଲ କର୍ମଚାରୀ ସଂଘର ବିଦାୟକାଳୀନ ଉତ୍ସବ

ବାରିପଦା (ଭାସ୍କର ନ୍ୟୁଜ): ଓଡିଶା ମେଡିକାଲ କର୍ମଚାରୀ ସଂଘର ମୟୂରଭଞ୍ଜ ଜିଲ୍ଲା ପକ୍ଷରୁ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ରବିବାର ସଂଘ ଗୃହ ଠାରେ ନବନିର୍ବାଚିତ ସଂଘର କର୍ମକର୍ତ୍ତା ସଭ୍ୟସଭ୍ୟାଙ୍କ ଉପସ୍ଥିତିରେ ଓଡିଶା ମେଡିକାଲ କର୍ମଚାରୀ ସଂଘର ମୟୂରଭଞ୍ଜ ଜିଲ୍ଲା ସଂପାଦ କଶୁସିଲ କୁମାର ସାହୁ, ରାଜ୍ୟସଂଘ ଉପସଭାପତି ଶ୍ୟାମ ସୁନ୍ଦର ଦେଓ/ ଦିଲ୍ଲିପ କୁମାର ମିଶ୍ର, ଉପଦେଷ୍ଟା ସୁନୀଲ କୁମାର ନାୟକ (ଆୟନଜୀବି) ଓ ସଂଘର ସାଂଗଠନିକ ସଂପାଦକପ୍ରଭାସ କୁମାର ଦେ, ସନ୍ତୋଷ କୁମାର ନାୟକ, ରୀନାପାଣି, ସୁଚିସ୍ମିତା ମହାକୁଡ, ପ୍ରଜ୍ଞାସାମନ୍ତ ରାୟ, ବବିତା ମହାନ୍ତି, ଆକ୍ତର ଖାଁ, ବିଶ୍ୱରଞ୍ଜନ ଧୀର, ସତ୍ୟାନନ୍ଦ ମଙ୍ଗଲ, ଲକ୍ଷ୍ମୀପ୍ରୟା ମହାନ୍ତ ସମସ୍ତଙ୍କ ଉପସ୍ଥିତିରେ ଗୌରିମଣୀ ଦେଇଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆ ଯାଇଥିଲା ।

# ଓଡିଆ ବିଭାଗର ଜାତୀୟ ଆଲୋଚନାଚକ୍ର ଉଦ୍‌ଯାପିତ



ବାରିପଦା (ଭାସ୍କର ନ୍ୟୁଜ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଓଡିଆ ବିଭାଗ ଦ୍ୱାରା ଆୟୋଜିତ 'ସାମାଜିକ ଦାୟବଦ୍ଧତା ଓ ଆଧୁନିକ ଓଡିଆ ସାହିତ୍ୟ' ଶୀର୍ଷକ ଦୁଇଦିବସୀୟ ଜାତୀୟ ଆଲୋଚନାଚକ୍ର ଉଦ୍‌ଯାପିତ ହୋଇଯାଇଛି । କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରର ଉଦ୍‌ଯାପନୀ ସମାରୋହରେ ଆଲୋଚନାଚକ୍ରର ଆବାହକ ସ୍ନାତକୋତ୍ତର ଓଡିଆ ବିଭାଗ ମୁଖ୍ୟ ପ୍ରଫେସର ବଭ୍ରୁବାହନ ମହାପାତ୍ର ପୌରୋହିତ୍ୟ କରିଥିଲେ । ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷା ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନିଜ ବକ୍ତବ୍ୟରେ ସେ ଜଣେ ଓଡିଆ ଅଧାପିକା ହୋଇଥିବାରୁ ଗର୍ବ ଅନୁଭବ କରୁଛନ୍ତି ବୋଲି କହିଥିଲେ । ଶିକ୍ଷକଟିଏ ନିଜେ ସମାଜ ପ୍ରତି ଅଙ୍ଗୀକାରବଦ୍ଧ ରହିବାବେଳେ ଛାତ୍ରଛାତ୍ରୀମାନଙ୍କୁ ମଧ ଅଙ୍ଗୀକାର କରାଇବା ବିଧେୟ ବୋଲି ସେ ମତପ୍ରକାଶ କରିଥିଲେ । ରେଭେନ୍ସା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଗିରିଶଚନ୍ଦ୍ର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦାନ କରି ବ୍ୟକ୍ତି ସହିତ ସମାଜର ସମ୍ପର୍କ, ସମାଜ ସହିତ ସାହିତ୍ୟର ସମ୍ପର୍କ, ବ୍ୟକ୍ତି ସହିତ ସାହିତ୍ୟର ସମ୍ପର୍କର ଏକ ଗାଣିତିକ ସମାବେଶ ସମ୍ବନ୍ଧରେ ଆଲୋଚନା କରିବା ସହିତ ଏ ସମସ୍ତର ଅନ୍ତସ୍ୱର କିପରି ପ୍ରତିବନ୍ଧ ସେ ସମ୍ବନ୍ଧରେ ଏକ ସାରଗର୍ଭକ ଭାଷଣ ପ୍ରଦାନ କରିଥିଲେ । ବିଶ୍ୱବିଦ୍ୟାଳୟର ଓଡିଆ ବିଭାଗର ସହକାରୀ ପ୍ରଫେସର ଡ. ଶିଶିର ବେହେରା ଏ ଆଲୋଚନାଚକ୍ରରେ ପାଠ ହୋଇଥିବା ସମସ୍ତ ପ୍ରବନ୍ଧ ଓ ଆଲୋଚନାର ନିର୍ଯ୍ୟାସ ସମ୍ବନ୍ଧରେ ଏକ ବକ୍ତବ୍ୟ ପ୍ରଦାନ କରିଥିଲେ । ଅଧାପିକା ବିନ୍ଧେଶ୍ୱରୀ କଲିଆ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଥମ ଅଧିବେଶନ ଅବସରପ୍ରାପ୍ତ ପ୍ରଫେସର ପ୍ର. କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ପୌରୋହିତ୍ୟରେ ପ୍ରବନ୍ଧପାଠ କାର୍ଯ୍ୟକ୍ରମରେ ସମୀକ୍ଷକ ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଜଗବନ୍ଧୁ ଆଚାର୍ଯ୍ୟ ଓ ଡ. ଅବନୀ କୁଣ୍ଡୁ ରହିଥିଲେ । ଦ୍ୱିତୀୟ ଅଧିବେଶନରେ ପ୍ରଫେସର ଦେବାଶିଷ ମହାପାତ୍ରଙ୍କ ପୌରୋହିତ୍ୟରେ ପ୍ରବନ୍ଧପାଠ କାର୍ଯ୍ୟକ୍ରମରେ ସମୀକ୍ଷକ ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ସୁଶାନ୍ତ କୁମାର ବଶା ସମୀକ୍ଷକ ଭାବେ ରହିଥିଲେ । ଶେଷରେ ଓଡିଆ ବିଭାଗ ଛାତ୍ରଛାତ୍ରୀଙ୍କ ଦ୍ୱାରା ଅଧାପକ ହୃଷୀକେଶ ମହାନ୍ତ ଓ ରାଜକୁମାର ପାତ୍ରଙ୍କ ପରିଚାଳନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଗୁଣିଗାରେଡି ସନ୍ଦେହରେ ୬ ଗିରଫ

କୋରୁକୋଣ୍ଡା (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଓର୍କେଲ ଥାନା ଅନ୍ତର୍ଗତ ଚିତାପାରୀ-୪ ଗ୍ରାମରେ ଗୁଣିଗାରେଡି ସନ୍ଦେହରେ ୬ ଜଣ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଓର୍କେଲ ପୋଲିସ। ମିଳିଥିବା ସୂଚନାନୁଯାୟୀ ଚିତାପାରୀ-୪ ଗ୍ରାମରେ ପୂଜା ହେବ ବୋଲି ପ୍ରଶାସନ ପକ୍ଷରୁ ଶୁକ୍ରବାର ଠାରୁ ରବିବାର ପର୍ଯ୍ୟନ୍ତ ଅନୁମତି ନିଆଯାଇଥିଲା। ତେବେ ପୂଜାର ଦ୍ୱତୀୟ ଦିନରେ ପୂଜା ନାମରେ ଗ୍ରାମରେ ଗୁଣିଗାରେଡି ଚାଲିଛି ବୋଲି ଅଞ୍ଚଳର କିଛି ବୁଦ୍ଧିଜୀବୀ ଅଭିଯୋଗ କରି ଘଟଣା ସମ୍ପର୍କରେ ଥାନାକୁ ଖବର ଦେଇଥିଲେ। ସୂଚନା ପାଇ ଓରକେଲ ଥାନା ଅଧିକାରୀ ଧିରେନ ପଟ୍ଟନାୟକଙ୍କ ନେତୃତ୍ୱରେ ଏସଆଇ ମନୋହର ସାହୁ, ଏଏସଆଇ ଅଜିତ ଟାକରି ଏବଂ ଏସଆଇ ମିନାକ୍ଷୀ ଦାସଙ୍କ ସମେତ ପୋଲିସର ଏକସ୍ୱତନ୍ତ୍ର ଟିମ ଘଟଣା ସ୍ଥଳକୁ ଯାଇ ଦେଖିଲା ବେଳକୁ ଏକ ଠାକୁରଙ୍କ ଖଟୁଲିରେ କିଛି ଲୋକ ଗ୍ରାମ ସାରା ସମସ୍ତଙ୍କ ଘର ଘର ବୁଲି ସୁଦୂର ଛତିଶଗଡ଼ ରାଜ୍ୟର ଜଗଦଳପୁର ଅଞ୍ଚଳର କିଛି ପୂଜାରୀଙ୍କୁ ନେଇ ପୂଜାର୍ଚ୍ଚନା ଚାଲିଥିବା ଦେଖିଥିଲେ। ତେବେ ତାଙ୍କ ଗ୍ରାମରେ ଗତ ବର୍ଷ ଲଗାତାର ଭାବେ ଗାଁର କିଛି ଲୋକ ଏବଂ ପଶୁପକ୍ଷୀ ମରୁଥିବା ହେତୁ ଏହି ଖଟୁଲି ଯୋଗେ ପୂଜାର୍ଚ୍ଚନା କରି କିଏ ଏହି ଗ୍ରାମରେ ଗୁଣିଗାରେଡି କରି ମାରୁଛି ବୋଲି ସନ୍ଦେହ କରି ଏହି ପୂଜା ଜାରୀ ରହିଥିଲା। ଗ୍ରାମର ୬୭ ବର୍ଷୀୟ ବୃଦ୍ଧା ବତୀ ଖିଲଙ୍କୁ ଚିହ୍ନଟ କରି ତାଙ୍କୁ ଡାହାଣୀର ଆଖ୍ୟା ଦେଇ ଗ୍ରାମରୁ ବିତାଡ଼ିତ କରୁଥିବା ପୋଲିସ ଦେଖିଥିଲେ। ଏହା ଦେଖି ପୋଲିସ ଘଟଣା ସ୍ଥଳରୁ ସମ୍ପୃକ୍ତ ବୃଦ୍ଧାଙ୍କୁ ଉଦ୍ଧାର କରିବା ସହ ୬ ଜଣ ପୂଜାରୀଙ୍କୁ ଗିରଫ କରି ଓର୍କେଲ ଥାନାକୁ ଆଣିଥିଲେ ।

# ଅଙ୍ଗନୱାଡ଼ି ଲେଡିଜ୍ ୱାର୍କରର୍ସ ଆସୋସିଏସନ୍‌ର ବୈଠକ



ରାୟଗଡ଼ା (ଭାସ୍କର ନ୍ୟୁଜ): ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ୍ ଓଡିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କରର୍ସ ଆସୋସିଏସନର ଜିଲ୍ଲା ପ୍ରତିନିଧିମାନଙ୍କ ଏକ ବୈଠକ ରାମନାଗୁଡା ବ୍ଲକ ଅନ୍ତର୍ଗତ ଗୁମୁଡା ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାନେତ୍ରୀ ଜୟନ୍ତୀ ପଦ୍ମାଳୟା ସାହୁ ଏବଂ ସମ୍ପାଦିକା ଉଷା ରାଣୀ ଦାଶଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ଶ୍ରମିକ ନେତା ତଥା ଭାରତୀୟ ମଜଦୁର ସଂଘର ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାସ , ସମ୍ମାନିତ ଅତିଥି ଭାବେ ରାୟଗଡ଼ା ଜିଲ୍ଲା ସମ୍ପାଦକ ଗଣେଶ କୁମାର ସାହୁ ସାହୁ ଯୋଗ ଦେଇ ସରକାରଙ୍କ ଯୋଜନାକୁ ସଫଳ କରିବାରେ ମୁଖ୍ୟ ଭୂମିକା ନେଉଥିବା ସହ ଶିଶୁ ମୃତ୍ୟୁ ହାର ମା ମୃତ୍ୟୁ ହାର କରାଇବାରେ ଏବଂ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ଯୋଜନା କୁ ସଫଳ କରିବା ରେ ମୁଖ୍ୟ ଭୂମିକା ନେଉଥିବା ଅଙ୍ଗନୱାଡ଼ି କର୍ମୀ ଏବଂ ସହାୟିକା ମାନଙ୍କ ଦୀର୍ଘ ଦିନର ବିଭିନ୍ନ ଦାବିକୁ ନେଇ ଆଲୋଚନା କରାଯାଇ ନୂତନ ସରକାରଙ୍କ ଠାରେ ଦାବି କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ଅଙ୍ଗନୱାଡ଼ି କର୍ମୀ ଏବଂ ସହାୟିକା ମାନଙ୍କୁ ପାଇଁ ଥିବା ସମସ୍ତ ସୁବିଧା ଯୋଗାଇବା ଉପରେ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବା ପାଇଁ ମଧ ଆଲୋଚନା କରାଯାଇଥିଲା । ଅଙ୍ଗନୱାଡ଼ି କର୍ମୀ ମାନଙ୍କ ପ୍ରତି ହେଉଥିବା ଅନ୍ୟାୟ ଅବହେଳା ଏବଂ ଅଣଦେଖା କୁ ବିରୋଧ କରିବା ସହ ଆସନ୍ତା ଦିନରେ ସରକାର ଏବଂ ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେଇ ସମାଧାନ ନକରନ୍ତି ତାହା ହେଲେ ଆସନ୍ତା ଦିନରେ ଭାରତୀୟ ମଜଦୁର ସଂଘ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ ହେବେ ବୋଲି ଶ୍ରମିକ ନେତା ଯୋଗେଶ୍ୱର ଦାସ ଚେତାବନୀ ଦେଇଛନ୍ତି । ବୈଠକକୁ ସଞ୍ଜୁକ୍ତା ହରପାଲ , ସଞ୍ଜୁକ୍ତା ରଥ, ରୀତା ପଣ୍ଡା, ମଞ୍ଜୁଳା ମଣ୍ଡଳ, ମହିନି ପାଲାକା, ସ୍ନେହାଞ୍ଜଳୀ ମିଶ୍ର, ଗୀତା ଖାଡାଙ୍ଗା, ସୁନିତା ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

# ସଡକ ସୁରକ୍ଷା ସଚେତନତା ସଭା ଓ ପଥପ୍ରାନ୍ତ ନାଟକ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ଆଞ୍ଚଳିକ ପରିବହନ ପ୍ରାଧିକରଣ କଟକ ସହଯୋଗରେ ଓ ପରିବାର ସ୍ୱେଚ୍ଛସେବୀ ସଙ୍ଗଠନ ଆନୁକୂଲ୍ୟରେ କଟକ ଜିଲ୍ଲାର ସର୍ବ ବୃହତ ନିଶ୍ଚିନ୍ତକୋଇଲି ସାପ୍ତାହିକ ହାଟ ପରିସରରେ ଏକ ସଡକ ସୁରକ୍ଷା ସଚେତନତା ସଭା ଓ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଚେତନତା ସଭାରେ ପରିବାର ଅନୁଷ୍ଠାନର ସଭାପତି ବଲ୍ଲଭ ଚରଣ ପଲେଇ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଶାରଦା ପ୍ରସାଦ ମିଶ୍ର, ନାଟ୍ୟନିର୍ଦ୍ଦେଶକ ଅଭୟ କୁମାର ଦାସ, ନିଶ୍ଚିନ୍ତକୋଇଲି ବଜାର ବ୍ୟବସାୟୀ ସଂଘର ସଭାପତି ପ୍ରମୋଦ କୁମାର ପଣ୍ଡା, ନିଶ୍ଚିନ୍ତକୋଇଲି ଥାନା ଏଏସଆଇ ଉଦୟନାଥ ଦାସ, ପୂର୍ବତନ ସରପଞ୍ଚ ରବିନ୍ଦ୍ରନାଥ ସେଠୀ, ଆଇନଜୀବୀ ଅଶୋକ କୁମାର ମହାପାତ୍ର, ଯୁବ ନାଟ୍ୟ ନିର୍ଦ୍ଦେଶକ କଳ୍ପତରୁ ସେଠୀ, ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଅତିଥିରୂପେ ଯୋଗଦାନ କରି ସଡକ ସୁରକ୍ଷା ଓ ପରିବାର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଦିଗରେ ଯୁବ ସମାଜ ସଚେତନ ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ପରିବାର ସମ୍ପାଦକ ପ୍ରମୋଦ କୁମାର ନାୟକ ଅତିଥି ପରିଚୟ ପ୍ରଦାନ ଓ ଶେଷରେ ସାମ୍ବାଦିକ ସୌମ୍ୟରଞ୍ଜନ ନିହାଣ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କବି ପ୍ରସାଦ ନାୟକ ,ବିଷ୍ଣୁଚରଣ ବେହେରା ପୂର୍ଣ୍ଣ ସହଯୋଗ କରିଥିଲେ।

# 'ସାହିତ୍ୟ ନାଗରିକ ସମାଜର ନେତୃତ୍ୱ ନେବା ଆବଶ୍ୟକ'



କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): ବ୍ୟକ୍ତିର ସମ୍ପର୍କ ପରିବାରଠୁ ନାଗରିକ ସମାଜ ଯାଏ ପରିବ୍ୟାପ୍ତ ହେବା ଉଚିତ। ମାତ୍ର ସାଂପ୍ରତିକ ସମୟରେ ବ୍ୟକ୍ତି ଓ ସମୂହର ସମ୍ପର୍କ କ୍ରମଶଃ ଛିନ୍ନ ହେବାରେ ଲାଗିଛି। ମଣିଷ ନିଜର ପରିଆରା ବୃଦ୍ଧି ପାଇଁ ଗୁରୁତ୍ୱ ଦେଉଥିବା ବେଳେ ସ୍ୱାର୍ଥ ସାଧନ ପାଇଁ ସମାଜ, ଜନ୍ମମାଟିକୁ ଗୁରତ୍ୱ ଦେବା ବଦଳରେ ନିର୍ଦ୍ଦିଷ୍ଟ ବ୍ୟକ୍ତି,ଦଳ ଉପରେ ଗୁରୁତ୍ୱ ଦେଉଛି। ଏଭଳି ସଂକଟଜନକ ସମୟରେ ସାହିତ୍ୟ କେବଳ ଗଳ୍ପ, ପ୍ରବନ୍ଧ, କବିତାରେ ସୀମିତ ନରହି ନାଗରିକ ସମାଜର ନେତୃତ୍ୱ ନେବା ଆବଶ୍ୟକ ବୋଲି କେନ୍ଦ୍ରାପଡ଼ା ଜିଲ୍ଲା ସାହିତ୍ୟ ପରିଷଦର ଚତୁର୍ବିଂଶ ତମ ବାର୍ଷିକ ସାରସ୍ୱତ ସମାରୋହର ଉଦଘାଟକ ଭାବେ ଯୋଗଦେଇ ସମ୍ବାଦ ଗୃପର ଅଧକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ କହିଛନ୍ତି। ପରିଷଦର ସଭାପତି କବି ଅପର୍ଣ୍ଣା ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ବୈଷ୍ଣବ ଚରଣ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାହିତ୍ୟ ସାଧାରଣ ଲୋକଙ୍କ ବୋଧଗମ୍ୟ ହେଲେ ଆହୁରି ପରିବ୍ୟାପ୍ତ ଓ ପ୍ରସାରିତ ହୋଇପାରିବ ବୋଲି କହିଥିଲେ। ଏହି ଅବସରରେ କବି ଅଶ୍ୱିନୀ ମିଶ୍ରଙ୍କୁ ଶ୍ରୀବଳଦେବ ସମ୍ମାନ, ଗାଳ୍ପିକା ସ୍ୱାଗତିକା ସ୍ୱାଇଁଙ୍କୁ ଅଦ୍ୱୈତ କଥା ପୁରସ୍କାର, ଅନୁବାଦକ ତପନ କୁମାର ପଣ୍ଡାଙ୍କୁ ବ୍ରହ୍ମାନନ୍ଦ ଅନୁବାଦ ପୁରସ୍କାର, କବି କୃଷ୍ଣ ସିଂଙ୍କୁ ତୁଳସୀ ସମ୍ମାନ,କବି ଚିତ୍ତରଞ୍ଜନ ନାୟକଙ୍କୁ ଦୀପକ କବିତା ସମ୍ମାନ ଓ ବିଶିଷ୍ଟ ସାହିତ୍ୟିକ ତଥା ଗବେଷକ ଡକ୍ଟର ଅସିତ ମହାନ୍ତିଙ୍କୁ ଆର୍ତ୍ତବଲ୍ଲଭ ଗବେଷଣା ପୁରସ୍କାର ପ୍ରଦାନ କରାଯାଇଥିଲା। ପୁସ୍ତକ ଉନ୍ମୋଚନ ପର୍ବରେ ୩୮ଟି ଜୀବନବାଦୀ କବିତାକୁ ନେଇ ସଂକଳିତ କବି ପ୍ରମୋଦ ମଲ୍ଲିକଙ୍କ ଦ୍ୱିତୀୟ କବିତା ସଂକଳନ ଋମୂହର୍ତ୍ତେ ମୋକ୍ଷ'କୁ ଶ୍ରୀ ପଟ୍ଟନାୟକ ଉନ୍ମୋଚନ କରିଥିଲେ। ଟାଇମ୍ ପାସ୍ ପ୍ରକାଶିତ କବୀ ଅପର୍ଣ୍ଣା ମହାନ୍ତିଙ୍କ 'ଶ୍ରେଷ୍ଠ କବିତା' ମଧ ଏଠାରେ ଉନ୍ମୋଚିତ ହୋଇଥିଲା । ଏହି ସଭାରେ ବିଶିଷ୍ଟ କଥାକାର ରାମଚନ୍ଦ୍ର ବେହେରା, କବି ସରୋଜ ରଞ୍ଜନ ମହାନ୍ତି, ପ୍ରଫେସର ନନ୍ଦକିଶୋର ପରିଡା, ବିଶିଷ୍ଟ ସାହିତ୍ୟିକ ଅଲେଖ ପଡିଆରୀ, କବି ଶତ୍ରୁଘ୍ନ ପାଣ୍ଡବ, ଗାଳ୍ପିକ ଗିରୀଶ ସାହୁ, ସେନାପତି ପ୍ରଦ୍ୟୁମ୍ନ କେଶରୀ, ଗାଳ୍ପିକ ପଦ୍ମକାନ୍ତ ଧଳ, ପ୍ରମୋଦ ଧଳ, ଜ୍ଞାନରଞ୍ଜନ ନାୟକ, କବି ନିରାକାର ଦାସ, ପ୍ରଫେସର ଲକ୍ଷ୍ମୀନାରାୟଣ ଅଧିକାରୀ, ତପନ କୁମାର ପତି, ଭୁବନ ମୋହନ ଜେନା, ଅତୁଲ ବଳ, ସାମ୍ବାଦିକ ଗଣେଶ ସାମଲ, ବିଧାୟକ ଧ୍ରୁବ ସାହୁ, ଅର୍ଚ୍ଚନା ନାୟକ, ଇଂ ନୀଳାଦ୍ରି ମହାପାତ୍ରଙ୍କ ସମେତ ଜିଲ୍ଲା ଓ ଜିଲ୍ଲା ବାହାରର ବହୁ ସାହିତ୍ୟିକ, ବୁଦ୍ଧିଜୀବୀ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଚଳିତ ବର୍ଷ ବୈଷ୍ଣବ ଚରଣ ସାମଲ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଁ ମନୋନୀତ ହୋଇଥିବାରୁ ତାଙ୍କୁ ପରିଷଦ ପକ୍ଷରୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସମ୍ବାଦ ସାହିତ୍ୟ ଘର ସଭାପତି ସୁକାନ୍ତ କୁମାର ଏବଂ ସାହିତ୍ୟ ଭୂମି ପକ୍ଷରୁ ବ୍ରଜବନ୍ଧୁ ଦାଶ ମଧ ଶ୍ରୀ ସାମଲଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କବୀ ନବଜ୍ୟୋତି ରାୟ ସଭା ସଂଚାଳନା କରିଥିଲା ବେଳେ ପରିଷଦର ସଂପାଦକ ସରୋଜ କୁମାର ମହାନ୍ତି ବିବରଣୀ ପାଠ କରିଥିଲେ । ଶେଷରେ ଗାଳ୍ପିକ ଅରବିନ୍ଦ ଧଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ୟବସାୟୀ ସଂଘର ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ସମାରୋହ



ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବଜାର ବ୍ୟବସାୟୀ ସଂଘ କାର୍ଯ୍ୟାଳୟ ପରିସରରେ ଏକ ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଉତ୍ସବରେ ବ୍ୟବସାୟୀ ସଂଘର ସଭାପତି ପ୍ରମୋଦକୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସମାଜସେବୀ ତଥା ଶିକ୍ଷାବିତ ଡ. ଦେବ୍ ମହାନ୍ତି ଯୋଗଦାନ କରି ବ୍ୟବସାୟୀମାନେ ସମାଜସେବାରେ ବ୍ରତୀ ହେଲେ ସମାଜର ଅଶେଷ କଲ୍ୟାଣ ସାଧନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସଂଘ ତରଫରୁ ବର୍ଷୀୟାନ ବ୍ୟବସାୟୀ ସର୍ବଶ୍ରୀ ଡାକ୍ତର ଅଶ୍ୱିନୀ କୁମାର ଦ୍ୱିବେଦୀ, ଅଭିରାମ ପଣ୍ଡା, ବଟକୃଷ୍ଣ ତରାଇ, ଅଚ୍ୟୁତାନନ୍ଦ ବେହେରା, ଶଙ୍କରଲାଲ ଚାଣ୍ଡାକ୍, କୈଳାସ ଚନ୍ଦ୍ର ସ୍ୱାଇଁ, ଚୌଧୁରୀ ଜ୍ୟୋତିଷ ଚନ୍ଦ୍ର ନନ୍ଦ, ଅନାମ ଚରଣ ଦାସ, ଶତ୍ରୁଘ୍ନ ନାୟକ,ରାୟଗୁରୁ ବିଜୟ କିଶୋର ମିଶ୍ର ପ୍ରମୁଖଙ୍କୁ ମାନପତ୍ର ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ମୁଖ୍ୟ ଅତିଥି ଡ. ମହାନ୍ତି ବ୍ଲକ ଅଞ୍ଚଳର ବରିଷ୍ଠ ସାମ୍ବାଦିକ ବଲ୍ଲଭ ଚରଣ ପଲେଇ, ଅଶୋକ କୁମାର ମହାପାତ.ପ୍ରଫୁଲ୍ଲ କୁମାର ଦାଶ, ପ୍ରମୋଦ କୁମାର ପରିଡା,ଲକ୍ଷ୍ମଣ କୁମାର ଦାସ,ସୁରେନ୍ଦ୍ରନାଥ ରାଉତ,ନାରାୟଣ ଓଝା ପ୍ରମୁଖଙ୍କୁ ଉପଢୌକନ ,ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଭାବେ ଡ. ମହାନ୍ତି ବ୍ୟବସାୟୀ ସଙ୍ଘର ସମସ୍ତ କାର୍ଯ୍ୟକର୍ତ୍ତା ଓ ବରିଷ୍ଠ ସଭ୍ୟ ତଥା ଉପଦେଷ୍ଟା ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମସ୍ୟା ବହୁଳ ନିଶ୍ଚିନ୍ତକୋଇଲି ବଜାରରେ ଏକ ସ୍ଥାୟୀ ଯାତ୍ରୀ ପ୍ରତୀକ୍ଷାଳୟ, ଶୌଚାଳୟ ସ୍ଥାପନ ସହ ପାନୀୟଜଳ ଓ ଉଜ୍ଜଳ ଆଲୋକୀକରଣ ବ୍ୟବସ୍ଥା ନିମନ୍ତେ ବ୍ୟବସାୟୀମାନେ ଡ.ମହାନ୍ତିଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ଏହି ଉତ୍ସବରେ ସଂଘର ଉପସଭାପତି ବଳରାମ ସାହୁ, କୋଷାଧକ୍ଷ ରାମଚନ୍ଦ୍ର ସାହୁଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ଓ ସଭ୍ୟମାନେ ଉପସ୍ଥିତ ଥିଲେ।




କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପରିବର୍ଦ୍ଧିତ ଜିଲ୍ଲା କମିଟି ବୈଠକ ଗୋପଛକଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପାର୍ଟିର ରାଜ୍ୟ ସଂପାଦକ ଆଶିଷ କାନୁନ୍‌ଗୋ ମୁଖ୍ୟ ଅତିଥି ଓ ରାଜ୍ୟ ସଂପାଦକ ମଣ୍ଡଳୀ ସଭ୍ୟ ଜୟନ୍ତ ଦାସ ପର୍ଯ୍ୟବେକ୍ଷକ ରୂପେ ଯୋଗଦେଇଥିଲେ । ଚଳିତ ବର୍ଷ ପାର୍ଟିର ବର୍ଷ ବ୍ୟାପି ଶତବାର୍ଷିକ ଉତ୍ସବ ପାଳନ କରାଯାଉଥିବାରୁ ପାର୍ଟିର ଗୌରବମୟ ଐତିହ୍ୟ ଓ ଜନଗଣଙ୍କ ସ୍ୱାର୍ଥରେ ଦୀର୍ଘ ସାଲିସ ହୀନ ସଂଗ୍ରାମର ଇତିହାସ ଜନଗଣଙ୍କ ମଧ୍ୟକୁ ନେବା ପାଇଁ ପରାମର୍ଶ ଦେଇଥିଲେ । ଏଥିସହିତ ଆସନ୍ତା ଜାନୁଆରୀ ୨୯ ତାରିଖରେ କୃଷକ ମାନଙ୍କ ସମସ୍ୟା ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିଶାଳ ବିକ୍ଷୋଭ ସମାବେଶ ସଂଗଠିତ କରିବାକୁ ଘୋଷଣା କରାଯାଇଥିଲା । ଜିଲ୍ଲା ସମ୍ପାଦକ ରମଣୀ ରଞ୍ଜନ ରାଉତରାୟ, ସହସମ୍ପାଦକ ଆଦିକନ୍ଦ ରାଉଳ, ବିକାଶ ଚନ୍ଦ୍ର ବେଉରା, ଶ୍ରୀଚରଣ ସାମଲ, ନିରଞ୍ଜନ ଦାସ, ହରେକୃଷ୍ଣ ମାଝୀ, ରମେଶ ଚନ୍ଦ୍ର ନାୟକ, ପ୍ରଦୀପ ବେହେରା ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ । ଶେଷରେ ସଂଯୁକ୍ତା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅନ୍ତରାତ୍ମାକୁ ଜାଣିଲେ ଦୁନିଆକୁ ଜାଣିବା: ସ୍ୱାମୀ ଅଦ୍ୱୈତାନନ୍ଦ

ଫୁଲନଖରା (ଭାସ୍କର ନ୍ୟୁଜ): ବାହ୍ୟ ଜଗତ ଅପେକ୍ଷା ନିଜ ଅନ୍ତରାତ୍ମାକୁ ଅଧିକମାତ୍ରାରେ ଅନୁଶୀଳନ ତଥା ଅନୁଧ୍ୟାନ କରିବା ଉଚିତ ବୋଲି ସ୍ୱାମୀ ଅଦ୍ୱୈତାନନ୍ଦ ସରସ୍ୱତୀ ମହାରାଜ ମତବ୍ୟକ୍ତ କରିଛନ୍ତି । ସଦର ଥାନା ତେଲେଙ୍ଗାପେଣ୍ଠ ଅନ୍ତର୍ଗତ ନଛିପୁର କେଦାରେଶ୍ୱର ମନ୍ଦିର ପରିସରରେ ଆୟୋଜିତ ରାଜ୍ୟର ଅଗ୍ରଣୀ ଆଧାତ୍ମିକ ପତ୍ରିକା 'ଦିବ୍ୟାଲୋକ ସନ୍ଧାନେ'ର ୨୪ ତମ ସ୍ୱନକ୍ଷତ୍ର ଉତ୍ସବ ତଥା ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ସମାରୋହର ଉଦଘାଟକଭାବେ ଯୋଗଦେଇ ସ୍ୱାମୀଜୀ ଏପରି ମତ ଦେଇଥିଲାବେଳେ ଦୈନନ୍ଦିନ ଜୀବନରେ ଆମେ କେବଳ ବାହ୍ୟ ଜଗତ ଓ ପରିବେଶ ଉପରେ ଧ୍ୟାନ ଦେଉଥିଲାବେଳେ ପ୍ରକୃତରେ ଆମେ କ'ଣ ଓ କିଏ ବୋଲି କେବେ ଜାଣୁନା; ଏହାର ତତ୍ତ୍ୱ ବୁଝିଲେ ସଂସାରରୂପକ ସମସ୍ୟାରୁ ତୁରନ୍ତ ମୁକ୍ତିପ୍ରାପ୍ତ ହେବବୋଲି ବର୍ଣ୍ଣନା କରିଥିଲେ । ଅବସରପ୍ରାପ୍ତ କୁଳାଧିପତି ତଥା ବିଶିଷ୍ଟ ସଂସ୍କୃତି ଗବେଷକ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ମୁଖ୍ୟ ଅତିଥିରୂପେ ଯୋଗଦେଇ ସରସ୍ୱତୀ ଉପତ୍ୟକାର ଐତିହାସିକ ଓ ପୌରାଣିକ ପୃଷ୍ଠଭୂମି ତଥା ଗୁରୁତ୍ୱ ସମ୍ପର୍କରେ ଅବତାରଣା କରିଥିଲେ । ସଂସ୍କୃତ ବିଦ୍ୱାନ ପଣ୍ଡିତ କୃଷ୍ଣକେଶବ ଷଡ଼ଙ୍ଗୀ ଶ୍ରୀଜଗନ୍ନାଥଙ୍କ ତଥ୍ୟ ଓ ତତ୍ତ୍ୱ ଉପରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରି ଆଧାତ୍ମିକବାଦର ଅଭ୍ୟୁତ୍ଥାନ ହେଲେ ଆମ୍ଭମାନଙ୍କ ପାଇଁ ତାହା ଆନନ୍ଦପ୍ରଦ ହେବବୋଲି କହିଥିଲେ । ପତ୍ରିକା ସମ୍ପାଦକ ତଥା ସ୍ତମ୍ଭକାର ଶ୍ରୀ ସନ୍ନ୍ୟାସୀଜୀଙ୍କ ଅଧକ୍ଷତାରେ ଆୟୋଜିତ ଏହି ସତସଙ୍ଗରେ ଗଣଶିକ୍ଷା ବିଭାଗର ପ୍ରାକ୍ତନ ନିର୍ଦ୍ଦେଶକ ଡ଼ଃ.ଶରତକୁମାର ବିଶ୍ୱାଳ, ସାମ୍ବାଦିକ ଶପଥ ମହାପାତ୍ର ଓ ଚଳଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଯୋଗଦେଇଥିବା ବହୁସଂଖ୍ୟକ ସାଧୁସନ୍ଥ ବେଦମନ୍ତ୍ର ଉଚ୍ଚାରଣ ପୂର୍ବକ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ସ୍ୱାମୀ ତ୍ରୈଲୋକେଶ୍ୱର ଭାରତୀ ସ୍ୱାଗତ ଭାଷଣ ଓ ଲେଖକ ରାଜେନ୍ଦ୍ରପ୍ରସାଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଭିନନ୍ଦନ ଦାସ, ବାବାଜି ବିଶ୍ୱନାଥ ଦାସ, ସନ୍ଥ କୃଷ୍ଣ ଦାସ, ସୁରେନ୍ଦ୍ରନାଥ ଛୋଟରାୟ, ଡ଼ଃ.ଅର୍ଜୁନକୁମାର ବିଶ୍ୱାଳ, ପ୍ରଧାନ ଶିକ୍ଷକ ଚନ୍ଦ୍ରମଣି ପ୍ରଧାନ, ଆଇନଜୀବୀ କବିନାରାୟଣ ଜେନା, ଅନୁପ ସାସମଲ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଓଡ଼ିଆ ଚଳଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ରଙ୍କୁ ସିରପା, ଉତ୍ତରୀୟ, ପୁଷ୍ପଗୁଚ୍ଛ, ସ୍ମରଣିକା ଓ ପ୍ରଶଂସାପତ୍ର ପ୍ରଦାନ ପୂର୍ବକ ଅନୁଷ୍ଠାନର ସର୍ବୋଚ୍ଚ ସମ୍ମାନ ପ୍ରଦାନ କରାଯାଇଥିଲା । 'ନିରତାର' ନିର୍ଦ୍ଦେଶକ ଡାକ୍ତର ପତିତପାବନ ମହାନ୍ତିଙ୍କୁ ଚିକିତ୍ସକରତ୍ନ, ଦଧିଚି କଲେଜ ମୁଖ୍ୟ ଡ଼ଃ.ମନୋଜକୁମାର ଦାଶଙ୍କୁ ଶିକ୍ଷାରତ୍ନ, ଭୁବନେଶ୍ୱରୀ କ୍ଲବକୁ ସାମାଜିକ ସେବା ରତ୍ନ, ଅରୁଣକୁମାର ସ୍ୱାଇଁଙ୍କୁ ପୁଲିସ ସେବାରତ୍ନ, ପଣ୍ଡିତ ପ୍ରମୋଦକୁମାର ପଣ୍ଡାଙ୍କୁ ପ୍ରବକ୍ତା ରତ୍ନ ସମ୍ମାନ, ଅଶୋକ ପଟ୍ଟନାୟକଙ୍କୁ ନିର୍ଦ୍ଦେଶକ/ପ୍ରଯୋଜକ ରତ୍ନ ସମ୍ମାନ, ଡ଼ଃ.ଶିଶିରକୁମାର ପାଢ଼ୀଙ୍କୁ ଗାୟକ ରତ୍ନ ସମ୍ମାନ, ଉପେନ୍ଦ୍ରପ୍ରସାଦ ମହଲାଙ୍କୁ ସାମ୍ବାଦିକ ରତ୍ନ ସମ୍ମାନ ପ୍ରଦାନ କରାଯାଇଥିଲା । ସେହିପରି ଗୋପାଳଚନ୍ଦ୍ର ମିଶ୍ର, ଅଲେଖଚନ୍ଦ୍ର ମିଶ୍ର, ଦୁର୍ଗାପ୍ରସାଦ ଆଚାର୍ଯ୍ୟ, ଅନନ୍ତଗୋପାଳ ପଣ୍ଡା, ଅର୍ଜୁନୀଚରଣ ବେହେରାଙ୍କୁ ଶ୍ରେଷ୍ଠ ଲେଖକ ସମ୍ମାନ ପ୍ରଦାନ କରାଯାଇଥିଲାବେଳେ ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧି, ଗ୍ରାମସେବୀ ଓ ବିଭିନ୍ନ ବର୍ଗର ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ପତ୍ରିକାର ଜାନୁଆରୀ ମାସ ନୂତନ ସଂସ୍କରଣକୁ ଅତିଥିଗଣ ଉନ୍ମୋଚନ କରିଥିଲେ । ମୁଖ୍ୟ ସମ୍ପାଦକ ଡ଼ଃ.ଶରତକୁମାର ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ସୁଶ୍ରୀ ଗାୟତ୍ରୀ ପଣ୍ଡା, ପରିଚାଳନା ସମ୍ପାଦକ ଇଂ.ବିପ୍ଳବ ଦାସ, ଚିନ୍ମୟ ପାତ୍ର, ଦିଲୀପକୁମାର ବେହେରା, ରମେଶଚନ୍ଦ୍ର ପ୍ରଧାନ, ବିଭୂତିଭୂଷଣ ତରାଇ, କାନନବିହାରୀ ନାୟକ, ଇଂ.ଶ୍ରୀକାନ୍ତ ବେଉରା, ହୃଦାନନ୍ଦ ବେହେରା, ଦିଲୁ ମଲିକ ଓ ରାମଚନ୍ଦ୍ର ବେହେରାଙ୍କ ସମେତ ଆପେକ୍ସ ଆଇଟିଆଇ ଛାତ୍ରଛାତ୍ରୀ ସହଯୋଗ କରିଥିଲେ । ପ୍ରତାପକେଶରୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।




# ମନ୍ତ୍ରୀ ଓ ସାଂସଦଙ୍କୁ ସ୍ୱାଗତ

ଟାଙ୍ଗୀ (ଭାସ୍କର ନ୍ୟୁଜ): ଚିଲିକା ନିର୍ବାଚନ ମଣ୍ଡଳୀର ଚଣ୍ଡେଶ୍ୱର ପଞ୍ଚାୟତ ତରଫରୁ ଆଇନମନ୍ତ୍ରୀ ଓ ସାଂସଦଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ଜନସାଧାରଣଙ୍କୁ ବିକଶିତ ଚିଲିକା ଗଠନ ସହ ବିକଶିତ ଚଣ୍ଡେଶ୍ୱର ଗ୍ରାମପଞ୍ଚାୟତ ଗଢ଼ି ତୋଳିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ମନ୍ତ୍ରୀ ଓ ସାଂସଦ । ନୂଆ ଉତ୍ସାହ ,ନୂଆ ଉଦ୍ଦୀପନା,ନୂଆ ଆଶା, ନୂଆ ଆବେଗ କୁ ନେଇ ଆମେ ଦୁହେଁ ଚିଲିକା ବାସୀଙ୍କ ସେବକ ଭାବରେ ଚୀରଦିନ ପାଇଁ ଆପଣ ମାନଙ୍କ ପାଖରେ ସମର୍ପିତ ହୋଇ ରହିଛୁ ବୋଲି ଆଇନମନ୍ତ୍ରୀ ପୃଥୀରାଜ ହରିଚନ୍ଦନ, ସାଂସଦ ସମ୍ବିତ ପାତ୍ର ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଚିଲିକାର ପୂର୍ବତନ ବିଧାୟକ ଡ଼ାଃ ବିଭୂତିଭୂଷଣ ହରିଚ୍ଚନ୍ଦନ, ଚିଲିକା ବ୍ଲକ ଅଧକ୍ଷାଙ୍କ ସହ ଚଣ୍ଡେଶ୍ୱର ପଞ୍ଚାୟତର ପୂର୍ବତନ ସରପଞ୍ଚ ଦୀନବନ୍ଧୁ ସାହୁ , ଯୁବନେତା ମନୋଜ କୁମାର ବରାଳ , ସମର ରଞ୍ଜନ ସୁବୁଦ୍ଧି ଙ୍କ ସମେତ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ନିୟୁଟନଙ୍କ ଜନ୍ମ ଦିବସ ଓ ବିଦ୍ୟାଳୟର ବାର୍ଷିକ ଉତ୍ସବ




ବେତନଟୀ (ଭାସ୍କର ନ୍ୟୁଜ): କୃଷ୍ଣଚନ୍ଦ୍ର ଶିକ୍ଷା ନିକେତନ ସରକାରୀ ଉଚ୍ଚ ବିଦ୍ୟାଳୟ, ପାଟଳୀପୁରାର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ସତ୍ୟରଞ୍ଜନ ସାହୁଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ବାବା କଖାରୁଆ ବୈଦ୍ୟନାଥ କନିଷ୍ଠ ମହାବିଦ୍ୟାଳୟର ଅଧକ୍ଷା ଅମିତା ପଣ୍ଡା, ସମ୍ମାନିତ ଅତିଥି ଭାବରେ ଅଧାପକ ଡ଼କ୍ଟର ଅନ୍ତର୍ଯ୍ୟାମୀ ନାୟକ, ସାମ୍ବାଦିକ ଗତିକୃଷ୍ଣ ମହାନ୍ତ, ମୁଖ୍ୟବକ୍ତା ଭାବରେ ବିଦ୍ୟାଳୟର ପୁରାତନ ଛାତ୍ର ତଥା ଭାରତ ସରକାରଙ୍କ ପଦାତିକ ବାହିନୀର ଜୁନିୟର କମିଶନ ଅଫିସର ଚନ୍ଦନ କୁମାର ପ୍ରଧାନ, ମାଧ୍ୟମିକ ଶିକ୍ଷକ ସଂଘ (ଓଷ୍ଟା) ବେତନଟୀ ବ୍ଲକ ସଭାପତି ଶିଶିର କୁମାର ନାୟକ ଯୋଗଦାନ କରି ବିଦ୍ୟାଳୟର ବାର୍ଷିକ ଉତ୍ସବ ଶିକ୍ଷାର ଏକ ପ୍ରଧାନ ଅଙ୍ଗ ତଥା ଛାତ୍ର ଛାତ୍ରୀ ମାନଙ୍କର ବ୍ୟକ୍ତିତ୍ୱ ବିକାଶର ଆଧାର ବୋଲି କହିଥିଲେ । ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା କ୍ରୀଡା ଶିକ୍ଷକ ଗିରିଜା ଶଙ୍କର ମକ୍ଷହାର୍ଣ୍ଣାଙ୍କର ମାର୍ଗ ଦର୍ଶନରେ ଅନୁଷ୍ଠିତ ହୋଇଥିବା କ୍ରୀଡା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । କ୍ରୀଡାରେ ଚମ୍ପିୟାନ ହୋଇଥିବା ଛାତ୍ର ବାବୁଲୁ ବେହେରା ଓ ଛାତ୍ରୀ ଲିଜା ସିଂଙ୍କୁ ବିଶେଷ ପୁରସ୍କାର ପ୍ରଦାନ କରାଯାଇଥିଲା । ଏଠାରେ ଉଲ୍ଲେଖନୀୟ ଯେ ଆଜି ବିଶ୍ୱ ବ୍ରେଲୀ ଦିବସ ହୋଇ ଥିବାରୁ ବିଦ୍ୟାଳୟରେ ଅଧୟନ ରତ ଜଣେ ଦୃଷ୍ଟି ବାଧିତ ଛାତ୍ର ଜଗବନ୍ଧୁ ଜେନାଙ୍କୁ ବିଶେଷ ପୁରସ୍କାର ପ୍ରଦାନ କରି ଉଚ୍ଚ ତର ଅଧୟନ ପାଇଁ ଉତ୍ସାହିତ କରାଯାଇଥିଲା । ମାଧ୍ୟାକର୍ଷଣର ଆବିଷ୍କାର କରିଥିବା ବିଶ୍ୱ ବିଖ୍ୟାତ ବୈଜ୍ଞାନିକ ସାର ଆଇଜାକ ନିଉଟନ ତଥା ପ୍ରଧାନ ଶିକ୍ଷକ ସତ୍ୟରଞ୍ଜନସାହୁ ସାରଙ୍କର ଜନ୍ମଦିବସ ହୋଇ ଥିବାରୁ ଜନ୍ମ ଦିବସର ସ୍ମୃତିରେ ଦୁଇଟି ବୃକ୍ଷ ରୋପଣ କରାଯାଇଥିଲା ।

# ଯୁବକଙ୍କ ସାହସିକତା ପାଇଁ ବଞ୍ଚିଲା ଜୀବନ

ଶୁଳିଆପଦା (ଭାସ୍କର ନ୍ୟୁଜ): କଥାରେ ଅଛି ରଖେ ହରିତ ମାରେ କିଏ । ଯୁବକଙ୍କ ଉପସ୍ଥିତ ବୁଦ୍ଧି ଓ ସାହସିକତା ପାଇଁ ନିଶ୍ଚିତ ମୃତ୍ୟୁ ବଞ୍ଚି ଯାଇଛି ଅନ୍ୟ ଜଣେ ଯୁବକଙ୍କ ଜୀବନ । ସୁଚନା ମୁତାବକ ଶୁଳିଆପଦା ବ୍ଲକ ଧାତିକା ପଞ୍ଚାୟତ ଅଧିନ ଖେରଣା ଗ୍ରାମର ଅନୁପ(ସାଗର) ଗତ ୨ ତାରିଖ ଗୁରୁବାର ଅପରାହ୍ନ ପ୍ରାୟ ୧ଟା ୩୦ ମିନିଟ ସମୟରେ ଗାଁ ପୋଖରୀ ନିକଟରେ ଥିବା ବିଲକୁ ଶୌଚ ପାଇଁ ଯାଇଥିବା ବେଳେ ଗାଁ ର ପ୍ରଭାସ ଧଳ ପୋଖରୀ ହୁଡାରେ ବାଇକ୍ ରଖି ପୋଖରୀ ଭିତରକୁ ଗାଧେଇବାକୁ ଯାଇଥିଲେ । ଅଳ୍ପ ସମୟ ପରେ ଅନୁପ ଧୁଆଧୋଇ ପାଇଁ ପୋଖରୀକୁ ଆସି ପ୍ରଭାସକୁ ପୋଖରୀରେ ଦେଖିବାକୁ ପାଇ ନଥିଲେ । ତେବେ ସନ୍ଦେହ ହେବାରୁ ଅନୁପ୍ ପୋଖରୀ ଭିତରକୁ ଭଲ ଭାବରେ ଲକ୍ଷ୍ୟ କରିବାରୁ ପୋଖରୀ ଭିତରେ ପାଣି ଫଟକା ହେଉଥିବାର ଦେଖି ଦୂରରେ ଗୋରୁ ଚରାଉଥିବା ରାଖାଲ୍ ଭଞ୍ଜକୁ ଡାକ ପକାଇବା ସହିତ ପୋଖରୀ ଭିତରକୁ ଡେଇଁ ପଡିଥିଲେ । ପ୍ରାୟ ୯/୧୦ ଫୁଟ ଗଭୀର ଭିତରୁ ଅଣ୍ଡାଳି ଅଣ୍ଡାଳି ବହୁ କଷ୍ଟରେ ପ୍ରଭାସକୁ ଉଦ୍ଧାର କରି ପୋଖରୀ ଉପରକୁ ଆଣିବାରେ ସକ୍ଷମ ହୋଇଥିଲେ ଅନୁପ୍ । ସେତେ ବେଳକୁ ରାଖାଲ୍ କିଛି ଲୋକଙ୍କୁ ପୋଖରୀ ପାଖକୁ ଡାକି ଆଣିବା ସହିତ ପ୍ରଭାସଙ୍କ ଘରକୁ ଖବର ଦେଇଥିଲେ । ସେତେ ବେଳକୁ ପ୍ରଭାସ ସଜ୍ଞାହୀନ ଅବସ୍ଥାରେ ଥିଲେ । ଉପସ୍ଥିତ ଲୋକଙ୍କ ସହଯୋଗରେ ପ୍ରଭାସଙ୍କ ମୁହଁରୁ ପଙ୍କ ସଫାକରିବା ସହିତ ପେଟ ଚିପି ପାଣି ବାହାର କରି ପ୍ରଥମେ କୋଷ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠା ଯାଇଥିଲା । ତେବେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ସେଠାରୁ ତାଙ୍କୁ ବାରିପଦା ସ୍ଥିତ ପିଆରଏମ୍ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା । ଦୀର୍ଘ ୩ ଦିନ ଧରି ଆଇସିୟୁରେ ମରଣ ସହିତ ସଂଗ୍ରାମ କରି ଏବେ ସୁସ୍ଥ ଥିବା ସୁଚନା ମିଳିଛି । ଅନୁପଙ୍କ ଦୁଃସାହସିକ କାର୍ଯ୍ୟ ପାଇଁ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ମାନେ ଭୁରିଭୁରି ପ୍ରଶଂସା କରୁଛନ୍ତି ।

# ଗ୍ରାମୀଣ ବଜାର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ଟାଙ୍ଗୀ (ଭାସ୍କର ନ୍ୟୁଜ): ଚିଲିକା ନିର୍ବାଚନ ମଣ୍ଡଳୀର ତଥା ଚିଲିକା ବ୍ଲକର ଚଣ୍ଡେଶ୍ୱର ଗ୍ରାମ ପାୟତର ଚଣ୍ଡେଶ୍ୱର ଗ୍ରାମରେ ଗ୍ରାମୀଣ ବଜାରର ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି ଆଇନମନ୍ତ୍ରୀ ପୃଥୀରାଜ ହରିଚନ୍ଦନ । ଏହି କାର୍ଯ୍ୟକ୍ରମରେ ପୁରୀ ଲୋକସଭା କ୍ଷେତ୍ରର ସାଂସଦ ଡ଼ାଃ ସମ୍ବିତ ପାତ୍ର, ଚିଲିକା ବ୍ଲକ ଅଧକ୍ଷାଙ୍କ ସହ ଚଣ୍ଡେଶ୍ୱର ପଞ୍ଚାୟତର ଜନପ୍ରତିନିଧିଗଣ ପ୍ରମୁଖ ଉପସ୍ଥିତ ଥିଲେ ।

# ସମାଜସେବୀଙ୍କ ଶ୍ରାଦ୍ଧୋତ୍ସବ ପାଳିତ

ବାଲିଚନ୍ଦ୍ରପୁର (ଭାସ୍କର ନ୍ୟୁଜ): ବଡ଼ଚଣା ବ୍ଲକ ବାଲିଚନ୍ଦ୍ରପୁର ପଞ୍ଚାୟତ ବାଲିଚନ୍ଦ୍ରପୁର ଗ୍ରାମର ସମାଜସେବୀ ସ୍ୱର୍ଗତ ଶରତ କୁମାର ପରିଡ଼ାଙ୍କ ପ୍ରଥମ ଶ୍ରାଦ୍ଧୋତ୍ସବ ନିଜ ବାସଭବନ ପରିସରରେ ପାଳିତ ହୋଇଯାଇଅଛି । ଉକ୍ତ ଶ୍ରାଦ୍ଧୋତ୍ସବରେ ସାହାସପୁର ମହାବିଦ୍ୟାଳୟର ଅଧକ୍ଷ ଶ୍ୟାମସୁନ୍ଦର ପଲାଇ, ଅଧାପକ ସରୋଜ ଜେନା, ସଂଗ୍ରାମ କେଶରୀ ବଳ, ଦୀଲ୍ଲିପ କୁମାର ଦେବତା, ପ୍ରଶାନ୍ତ କୁମାର ସାମଲ, ସଂଜୟ କୁମାର ସାହୁ, ଭାଗିରଥି ପ୍ରଧାନ, ପ୍ରଫୁଲ୍ଲ ବାରିକ, ବାଲିଚନ୍ଦ୍ରପୁର ସରପଞ୍ଚଙ୍କ ପ୍ରତିନିଧି ଅମୀୟ କୁମାର ସାହାଣୀ, ଆଡ଼ଭୋକେଟ ବିଜୟ କୁମାର ସାହୁ, ମନ୍ମଥ କେଶରୀ ସାହେବରାୟ, ସରୋଜ ମହାନ୍ତି, ଦୀଲ୍ଲିପ କୁମାର ଷେଣ୍ଡ, ପୂର୍ବତନ ସରପଞ୍ଚ ଫନିନ୍ଦ୍ରନାଥ ପଣ୍ଡା, ସରପଞ୍ଚ କିଶୋର ଚନ୍ଦ୍ର ବେହୁରା, ଅନିଲ କୁମାର ସାହୁ, ଲାଲ ବିହାରୀ ଜେନା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପରିଡ଼ାଙ୍କ ଫଟୋଚିତ୍ରରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ତାଙ୍କର ବହୁମୁଖି ପ୍ରତିଭା ଉପରେ ଆଲୋକପାତ କରିଥିଲେ । ଏହି ଶ୍ରାଦ୍ଧୋତ୍ସବରେ ବଡ଼ଭାଇ ପ୍ରଫୁଲ୍ଲ କୁମାର ପରିଡ଼ା, ସାନଭାଇ କଳିଙ୍କ ସଂସ୍କୃତ ମହାବିଦ୍ୟାଳୟର ପ୍ରତିଷ୍ଠାତା ମନୋଜ କୁମାର ପରିଡ଼ା, ପୁତ୍ର ଦୁର୍ଗାପ୍ରସାଦ ପରିଡ଼ା, ଝିଅ ଦେବସ୍ମିତା ପରିଡ଼ା, ଜ୍ୱାଇଁ ସତ୍ୟଜିତ୍ ରାଉତ, ସରୋଜକାନ୍ତ ପରିଡ଼ା, ସୁକାନ୍ତ କୁମାର ପରିଡ଼ା, ପ୍ରସନ୍ନଜିତ୍ ପରିଡ଼ା, ଅଶୋକ କୁମାର ପରିଡ଼ା, ସଂଗ୍ରାମଜିତ୍ ପରିଡ଼ା, ନିନିତା ପରିଡ଼ା, ବାସନ୍ତି ମହାପାତ୍ର, ସବିତା ପରିଜା, ସତ୍ୟଜିତ୍ ସ୍ୱାଇଁ, ସୁଚିତ୍ରା ସାମଲ ପ୍ରମୁଖ ସହଯୋଗ କରିଥିଲେ ।

# ଚିତ୍ତରଞ୍ଜନ ମେମୋରିଆଲ ଟ୍ରଫି ଉଦ୍‌ଘାଟିତ

ଆସିକା (ଭାସ୍କର ନ୍ୟୁଜ): ତୃତୀୟ ଚିତ୍ତରଞ୍ଜନ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଧରାକୋଟ ସ୍ଥିତ ମିନି ଷ୍ଟାଡିୟମ୍ ପରିସରରେ ଉଦଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା ଅଞ୍ଜଳି ସ୍ୱାଇଁ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ସ୍ଥାନୀୟ ତହସିଲଦାର ଲମ୍ବୋଦର ମାରାଣ୍ଡି, ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ସଭାପତି ସୁନିଲ କୁମାର ଗୌଡ଼, ସୁନିଲ ଚନ୍ଦ୍ର ସ୍ୱାଇଁ, ମିନକେତନ ସ୍ୱାଇଁ ପ୍ରମୁଖ ମଞ୍ଚାସିନ ରହିଥିବା ବେଳେ କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ



ବିଷ୍ଣୁ କେଶରୀ ଆଚାର୍ଯ୍ୟ ସଂଯୋଜନା କରିଥିଲେ । ପ୍ରାରମ୍ଭିକ ଦିବସରେ ଇଗଲ କ୍ରିକେଟ କ୍ଲବ ହିଞ୍ଜିଳିକାଟୁ ଏବଂ ଋଷିକୁଲ୍ୟା କ୍ରିକେଟ କ୍ଲବ ସୋରଡ଼ା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିବା ବେଳେ ଟସ୍ ଜିଣି ହିଞ୍ଜିଳିକାଟୁ ଦଳ ୨୦ ଓଭର୍ ବିନିମୟରେ ୯ ଗୋଟି ୱିକେଟ ହରାଇ ୧୬୪ ରନ ସଂଗ୍ରହ କରିଥିଲା । ସୋରଡ଼ା ଦଳ ୨୦ ଓଭର ଖେଳି ୯ ଗୋଟି ୱିକେଟ ହରାଇ ୧୪୦ ରନ ସଂଗ୍ରହ କରିଥିଲା । ହିଞ୍ଜିଳି କାଟୁ ଦଳ ୨୪ ବ୍ୟବଧାନରେ ବିଜୟୀ ହୋଇଥିଲା । ବିଜୟୀ ଦଳର ଶଶି ୫୧ ବଲ ଖେଳି ୯୯ ରନ ସଂଗ୍ରହ କରିଥିବା ବେଳେ ମୂଲ୍ୟବାନ ଗୋଟି ୩ ଗୋଟି ୱିକେଟ ହାସଲ କରିଥିଲେ । ତାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା ।

# ମା'ମଙ୍ଗଳା କ୍ରିକେଟ୍, ଶ୍ରୀରାମ ଇଲେଭେନ୍ ଚାମ୍ପିଅନ

କୁଜଙ୍ଗ (ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ମା' ମଙ୍ଗଳା କ୍ରିକେଟ୍ ଟିମ୍, ଜୟଶଙ୍କପୁର ଦ୍ୱାରା ଆୟୋଜିତ ୧୪ ତମ ବାର୍ଷିକ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ତିନି ଦିନ ବ୍ୟାପି ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ସ୍ଥାନୀୟ ଅଞ୍ଚଳରୁ ୮ ଗୋଟି କ୍ରିକେଟ୍ ଟିମ୍ ଅଂଶ ଗ୍ରହଣ କରିଥିଲେ । ଏହି ଉଦଯାପନୀ କାର୍ଯ୍ୟକ୍ରମରେ କୁଜଙ୍ଗ ଓକିଲ ସଙ୍ଘର ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚାମ୍ପିଅନ ହୋଇଥିବା ପାରାଦ୍ୱୀପ ଗଡର ଶ୍ରୀରାମ ଇଲେଭେନକୁ ଟ୍ରଫି ସହିତ ୧୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ । ସେହିପରି ସେଖରେଶ୍ୱର୍ କ୍ରିକେଟ୍ ଟିମ୍, ଲଥାଙ୍ଗ ରନର୍ସ ଅପ୍ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ବକ୍ତା ଭାବେ ତପନ କୁମାର ସାମନ୍ତରାୟ, ସମ୍ମାନୀତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ କାର୍ତ୍ତିକ ଚନ୍ଦ୍ର ବେହେରା, କୌଶିକ ମଲ୍ଲିକ, ଆଇନଜୀବୀ ପ୍ରତାପ ଚନ୍ଦ୍ର ରାଉତ, ଲକ୍ଷ୍ମୀକାନ୍ତ ବେହେରା, ଦୋଳଗୋବିନ୍ଦ ସାମଲ, ତିକନ୍ କୁମାର ବେହେରା, ଗଗନ ବିହାରୀ ବେହେରା, ଅଲେଖ ମହାରଥା, ରମେଶ ବେହେରା, ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଶ୍ୱ ଭୂଷଣ ବେହେରା, ଶଶି ଭୂଷଣ ବେହେରା, ରାକେଶ ବେହେରା, ସରୋଜ ବେହେରା, ସୌରଭ ସାହୁ ପ୍ରମୁଖ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ମଞ୍ଚ ସଂଯୋଜନା କରିଥିଲେ ସୁମନ୍ତ କୁମାର ବେହେରା ।




# ଜିଲାପାଳଙ୍କ ଆଶ୍ରମ ପରିଦର୍ଶନ

ତିହିଡ଼ି (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଦୋଳସାହି ସ୍ଥିତ ଯୋଗୀ ଋଷି ଲଛମନ ଦାସ ଆଶ୍ରମକୁ ଜିଲପାଳ ଦିଲ୍ଲିପ ରାଉତରାୟ ରବିବାର ପରିଦର୍ଶନ କରିଛନ୍ତି । ଜିଲାପାଳ ଶ୍ରୀ ରାଉତରାୟ ଆଶ୍ରମରେ ପହଞ୍ଚି ଅନ୍ତେବାସୀମାନଙ୍କ ସହିତ ସୁଖଦୁଃଖ ବା[illegible]ଥିଲେ । ଅନ୍ତେବାସୀମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ । ଜିଲାପାଳ ଶ୍ରୀ ରାଉତରାୟ ଅନ୍ତେବାସୀମାନଙ୍କୁ ଖାତା, କଲମ, ପେନସିଲ ରବର ଓ ଚକୋଲେଟ ଇତ୍ୟାଦି ପ୍ରଦାନ କରିଥିଲେ । ପରେ ଜିଲାପାଳ ଆଶ୍ରମ ବୁଲି ଦେଖି ବହୁତ ଖୁସି ହୋଇଥିଲେ । ଏଥିସହିତ ଅନ୍ତେବାସୀମାନଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଜିଲାପାଳଙ୍କ ସହିତ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ମଧ ପରିଦର୍ଶନ କରିଥିଲେ । ଆଶ୍ରମର ସମ୍ପାଦକ ଲୋକନାଥ ପତି, ଅଧୀକ୍ଷକ ଜ୍ୟୋତିପ୍ରକାଶ ପତି, ପରାମର୍ଶଦାତା ରଶ୍ମିରଂଜନ ବେହେରାଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା

କଣାସ (ଭାସ୍କର ନ୍ୟୁଜ): କଣାସ ବ୍ଲକର କଣାସ ଠାରେ ପ୍ରତିଷ୍ଠିତ ଆଞ୍ଚଳିକ କ୍ରୀଡା ଓ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ନେହୁର ଯୁବକେନ୍ଦ୍ର ସହାୟତାରେ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି । ନେହୁର ଯୁବକେନ୍ଦ୍ରର ସହ ସଂଯୋଜକ ଅନୁରାଗ କୁମାର, ସମାଜ ସେବୀ ସୁକାନ୍ତ କିଶୋର ସାମନ୍ତରାୟ, ଶିକ୍ଷାବିତ୍ ମହେନ୍ଦ୍ର ରଣସିଂହ, ଦେବରାଜ ରଣହାନ୍ଦଳ, ପରିକ୍ଷିତ ବଡଜେନା ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ କ୍ରୀଡା ପ୍ରତିଯୋଗିତାକୁ




ଉଦ୍‌ଯଘାଟନ କରିଥିଲେ । ପରିଷଦର ସଭାପତି ସଂଜୟ କୁମାର ଛୁଆଳସିଂହ ଅଧକ୍ଷତା କରିଥିଲେ । ଦୁଇଦିନ ଧରି ଭଲିବଲ୍, ଫୁଟବଲ୍, ଟାଇକୋଣ୍ଡ, କବାଡି, ବ୍ୟାଡମିଣ୍ଟନ୍, ଖୋ-ଖୋ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏଥିରେ ଯେଉଁମାନେ କୃତିତ୍ୱ ଅର୍ଜନ କରିବେ ସେମାନେ ପୁରୀ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ବିଚାରକ ଭାବେ କ୍ରିଡା ଶିକ୍ଷକ ବଟକୃଷ୍ଣ ଜେନା, ଶ୍ରୀକାନ୍ତ ନାୟକ ଯୋଗଦେଇଥିବା ବେଳେ ପରିଷଦର ସଂପାଦକ ମନୋରଂଜନ ସୁନ୍ଦରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ପୁରୀରେ ପହଞ୍ଚିଲା ଡବଲ୍ ଡେକର ବସ

ପୁରୀ (ଭାସ୍କର ନ୍ୟୁଜ): ପୁରୀରେ ପହଞ୍ଚିଛି ଡବଲ୍ ଡେକର ବସ୍ । ଆଜି ପୁରୀ ଗସ୍ତରେ ଟ୍ରାଏଲ୍ ରନ୍ ପାଇଁ ଆସିଛି ଡବଲ୍ ଡେକର ବସ୍ । ଆସନ୍ତା ଜାନୁଆରୀ ୮ ରୁ ୧୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଥିବାବେଳେ ଡବଲ ଡେକର ବସ୍ ରେ ପ୍ରବାସୀ ଭାରତୀୟ ମାନେ ପୁରୀ ବୁଲିବାକୁ ଆସିବାର କାର୍ଯ୍ୟକ୍ରମ ରହିଛି । ତେବେ ଏହି ଡବଲ ଡେକର ବସ୍ ରେ ୬୫ ଜଣ ବସି ଯାତ୍ରା କରିପାରିବେ । ଏହି ବସ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ହୋଇଥିବା ବେଳେ ସୁରକ୍ଷା ଦୃଷ୍ଟିରୁ ସିସିଟିଭି କ୍ୟାମେରା ଲଗାଯାଇଛି ।

# ସାରସ୍ୱତ ବନ୍ଧୁମିଳନ ଉତ୍ସବ ପାଳିତ

ବେତନଟୀ (ଭାସ୍କର ନ୍ୟୁଜ): ବେତନଟୀ ଠାରେ ଥିବା ଏକାଠି-୮୯ ସଭାଗୃହରେ ଏକାଠି-୮୯ ର ୧୪ ତମ ସାରସ୍ୱତ ବନ୍ଧୁମିଳନ ଉତ୍ସବ ପାଳନ ହୋଇଯାଇଛି । ଏହି ସଭାରେ ମନ୍ମଥ ଦାସଙ୍କ ସଭାପତିତ୍ୱ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବରେ ବଡସାହି ବିଧାୟକ ସନାତନ ବିଜୁଳି ଯୋଗଦାନ କରିଥିଲେ । ସମ୍ମାନିତ ଅତିଥି ଭାବରେ ମନ୍ମଥ କୁମାର ଦାସ ଏବଂ ବିକାଶ ବେହେରା ଉପସ୍ଥିତ ହୋଇଥିଲେ । ଏକାଠି-୮୯ର ସାଙ୍ଗମାନଙ୍କ ମଧ୍ୟରେ ବନ୍ଧୁମିଳନ ହୋଇଥିଲା । ଏହାପରେ ସମସ୍ତେ ବେତନଟୀ ଡାକ୍ତରଖାନା କୁ ଯାଇ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ । ଏହି ଉତ୍ସବକୁ ଓକିଲ ପ୍ରବିର କୁମାର ବାରିକ ରଞ୍ଜନ ବଳବନ୍ତରାୟ, ମାଧବ ପ୍ରସାଦ ମଢୁଆଳ, ନବ କୁମାର ବେହେରା,ସରୋଜ ଭୂୟାଁ,ମହେଶ ଖଣ୍ଡେଲୱାଲ, ପ୍ରବୀର ଗିରି, ହରିଶ୍ ଗିରି, ବିପ୍ଳବ ନାୟକ, ପ୍ରବୀର ବାରିକ, ରାକେଶ ଖଣ୍ଡେଲୱାଲ, ହଳଧର ମହାନ୍ତ, ଜୀବନ ମହାନ୍ତି,ପ୍ରଦୀପ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ ।

# ହୋ ସମାଜର 'ଉପୁରୁମ ଜୁମୁର' କାର୍ଯ୍ୟକ୍ରମ




କରଞ୍ଜିଆ(ଭାସ୍କର ନ୍ୟୁଜ): ଆଦିବାସୀ ହୋ ସମାଜ କଲଚୁରାଲ ଆସାସିଏସନ, ବଣସାହି ଆନୁକୂଲ୍ୟରେ ଉପରୁମ ଜୁମୁର କମିଟିର ସଭାପତି ତଥା ମୟୁରଭଞ୍ଜ କମିଟିର ସାଧାରଣ ସମ୍ପାଦକ ବାଗୁନ ଶୁଣ୍ଡୀ ଙ୍କ ସଂଯୋଜନାରେ ଚଳିତ ବର୍ଷର 'ଉପୁରୁମ ଜୁମୁର' କାର୍ଯ୍ୟକ୍ରମ ବଣସାହି ସାଂସ୍କୃତିକ ପଡିଆ ଠାରେ ପାଳିତ ହୋଇଯାଇଛି । ଏଥିରେ ଅତିଥିଭାବେ ଜିଲ୍ଲା କମିଟିର ସଭାପତି ମୋଟକା ବିରୂଆ, ମିରିଗିନେଣ୍ଡି ସରପଞ୍ଚ ବିରେନ୍ଦ୍ର ସଏ, ସାରଙ୍ଗଗଡ଼ ସରପଞ୍ଚ କୃଷ୍ଣଚନ୍ଦ୍ର ସିଂକୁ, ପିପୂଲ୍ ଡେଭଲମେଣ୍ଟ କାଉନସିଲର ସଭାପତି ପୁଷ୍ପାଞ୍ଜଳି ସିଦୁ, ଲକ୍ଷ୍ମୀଧର ତିଉ, ବାଦଲ ଜରାୟ, ସୁନୀଲ ଜାମୁଦା, ରାମସିଂ ସିଦୁ ,ପାର୍ବତୀ ବିରୁଆ , ବୁଧୁରାମ ଶୁଣ୍ଡୀ, ଅଜିତ ଚାତାର ଓ କୁଆଲ ମୁଣ୍ଡା ପ୍ରମୁଖ ଯୋଗ ଦେଇ ଆଦିବାସୀ ମାନଙ୍କ ପରମ୍ପରା ଅନୁଯାଇ ଉପୁରୁମ ଜୁମୁର ପାଳନ ପ୍ରତିବର୍ଷ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲେ । ଏହି ଉତ୍ସବରେ ନିଜ ସମ୍ପ୍ରଦାୟର କଣ୍ଠଶିଳ୍ପୀ ସରୋଜିନୀ ସମାଡ଼, ନିତାଇ ପୂର୍ତ୍ତି ଓ ଆଟୁଏ ପୂର୍ତ୍ତି ଯୋଗ ଦେଇ ସଂଗୀତ ମାଧମରେ ମନରଞ୍ଜନର କରିଥିଲେ । ଏହି ପର୍ବ ରେ ଓଡିଶା ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଯାଜପୁର ଜିଲ୍ଲା ସହିତ ଝାଡ଼ଖଣ୍ଡ ରାଜ୍ୟର ହୋ ସମ୍ପ୍ରଦାୟର ଅଧିବାସୀ ମାନେ ଯୋଗ ଦେଇଥିଲେ ।

# ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀଙ୍କ ପରଲୋକ

ଶୁଳିଆପଦା (ଭାସ୍କର ନ୍ୟୁଜ): ଶୁଳିଆପଦା ବ୍ଲକ୍ ଉଫାଲଗଡିଆ ପଞ୍ଚାୟତ ଅଧିନ ଟିଲକପାଳ ଗାଁର କାର୍ତ୍ତିକ ପାତ୍ରଙ୍କର ଆକସ୍ମିକ ମୃତ୍ୟୁ ହୋଇଛି । ମୃତ୍ୟୁ ବେଳକୁ ତାଙ୍କୁ ୫୨ ବର୍ଷ ହେଇଥିଲା । ସେ ଶାରସକଣା ବ୍ଲକରେ ପିଇଓ ଭାବେ କାର୍ଯ୍ୟ କରୁଥିଲେ । ସେ ନୂଆବର୍ଷ ପୂର୍ବରୁ ଶୁଳିଆପଦା ବ୍ଲକରେ ଯୋଗଦାନ କରିଥିଲେ । ଗତକାଲି ଶୁଳିଆପଦାରୁ ଫେରି ରାତିରେ ଘରେ ଖିଆପିଆ ସାରି ଶୋଇଥିବା ବେଳେ ସକାଳୁ ଘର ଲୋକ ଦେଖିବା ବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା । ତାଙ୍କର ଆକସ୍ମିକ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଭଞ୍ଜନଗର (ଭାସ୍କର ନ୍ୟୁଜ): ସ୍ଥାନୀୟ ପରିବହନ କାର୍ଯ୍ୟାଳୟ ତରଫରୁ ଆଜି ସରକାରୀ ନିର୍ଦ୍ଦେଶନାମା ପ୍ରକାରେ ସଡ଼କ ସୁରକ୍ଷା ମାସ ପାଳନ ନିମିତ୍ତ ଅନେକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଯୋଗଦେଇ ଉକ୍ତ ରାଲିକୁ ସବୁଜ ପତାକା ଦେଖାଇ ଆରମ୍ଭ କରିଥିଲେ । ଏଥିରେ ଭଂଜନଗର ଉପଜିଲ୍ଲାପାଳ ଅନିଲ ସେଠୀ, ନଗରପାଳ ଗୋପବନ୍ଧୁ ମହାପାତ୍ର, ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଂଜନ ରାୟ , ଉପଖଣ୍ଡ ଚିକିତ୍ସାଳୟ ଅଧକ୍ଷ ସୀତାଂଶୁ ଶେଖର ଶତପଥୀ ଓ ଉପଖଣ୍ଡ ସୂଚନାଓ ଲେକସଂର୍ପକ ଅଧିକାରୀ ଗୌରୀଶଙ୍କର ଶତପଥୀ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିତ୍ୱ ଅତିଥି ଭାବେ ଯୋଗଦେଇଥିଲେ । ଯୁ ବି ହାଇସ୍କୁଲ୍, ଭଂଜନଗରର ଏନ୍‌ସିସି ଆର୍ମୀ ଉଇଙ୍ଗ୍‌ର ସେକେଣ୍ଡ ଅଫିସର୍ ଶ୍ୟାମା ପ୍ରସାଦ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆର୍ମୀ ଉଇଙ୍ଗ୍, ନେଭି ଓ ଏୟାର ଉଇଙ୍ଗ୍‌ର ଏନ୍ ସି ସି କ୍ୟାଡେଟ ଯୋଗଦେଇଥିଲେ । ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଏହି ରାଲି ବାହାରି ହନୁମାନ ମନ୍ଦିର ଛକ, ଥାନା ସମ୍ମୁଖ ଦେଇ ଟାଉନ୍ ହଲ୍ ଠାରେ ପହଞ୍ଚିଥିଲା । ମୁଖ୍ୟ ଅତିଥି ଶ୍ରୀ ନାୟକ ସଡ଼କ ସୁରକ୍ଷା ନିୟମ ମାନି ଚଳିଲେ, ଦୁର୍ଘଟଣାକୁ ଏଡାଯାଇପାରିବ ଏବଂ ଉପଜିଲ୍ଲାପାଳ ଶ୍ରୀ ସେଠୀ ହେଲ୍‌ମେଟ୍‌ର ବ୍ୟବହାର ଉପରେ ଗୁରୁତ୍ୱ ଉପରେ ମତ ଦେଇଥିଲେ ।





ଏରସମା, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ୍ ଅନ୍ତର୍ଗତ ବଳେଇପୁର ପଞ୍ଚାୟତ ଚକୁଳିଆ ସ୍ଥିତ ଶ୍ରୀ ସ୍ୱାମୀ ନାରାୟଣ ବିଦ୍ୟାମନ୍ଦିରର ୨୨ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରବିବାର ଆୟୋଜିତ ଉତ୍ସବରେ ସ୍ୱାମୀ ପୂର୍ଣ୍ଣବତ୍ସଳ ଦାସ୍ ଜି, ସ୍ୱାମୀ ନିର୍ମଳ ସେବା ଦାସ୍ ଜି, ବିଶ୍ୱଜିତ ଭାଇ ପଟେଲ, ଧର୍ମଜାଗରଣ ମୁଖ୍ୟ ମାନସ ବରିଶାଳ, ସାମ୍ବାଦିକ ଚିତ୍ତ ସ୍ୱାଇଁ, ବିଭୂଦତ୍ତ ପଣ୍ଡା, ପ୍ରକାଶ ପାଲ୍ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଶ୍ୱହିନ୍ଦୁ ପରିଷଦ ଓଡ଼ିଶା ପୂର୍ବ ସେବା ପ୍ରମୁଖ ତଥା ସ୍ୱାମୀ ନାରାୟଣ ବିଦ୍ୟାମନ୍ଦିର ପରିଚାଳନା କମିଟି ସଭାପତି ଆଡ଼ଭୋକେଟ ସଜନ ଅଗ୍ରୱାଲ ଉତ୍ସବରେ ଅଧକ୍ଷତା କରିଥିବା ବେଳେ, ପ୍ରତିଷ୍ଠାତା ସମ୍ପାଦକ ପିତାମ୍ବର ଜେନା ସ୍ୱାଗତ ଭାଷଣ ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୈରିନ୍ଧ୍ରି ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ବିଭିନ୍ନ ପ୍ରତିଯୋଗୀତାରେ ଚାମ୍ପିଅନ ହୋଇଥିବା ଛାତ୍ରଛାତ୍ରୀ ଧର୍ମଦେବ ସ୍ୱାଇଁ, ଶୁଭ ସ୍ମିତା ସାହୁ, ବାସନ୍ତୀ ଭୋଳ, ଶୁଭମ୍ ସ୍ୱାଇଁ ଓ ସୌମ୍ୟ ଦାସଙ୍କ ସମେତ ସମସ୍ତ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଆଶିଷ ସ୍ୱାଇଁ ଓ ପ୍ରିତୀମୟୀ ନାୟକ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉତ୍ସବ ପରିଚାଳନା କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଛାତ୍ରଛାତ୍ରୀଙ୍କ ଘରକୁ ଯାଇ ପାଠ ପଢ଼ାଉଛନ୍ତି ଶିକ୍ଷକ ଶିକ୍ଷୟିତ୍ରୀ

ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଉପେନ୍ଦ୍ର ଭଞ୍ଜ ସରକାରୀ ଉଚ୍ଚବିଦ୍ୟାଳୟ ଏକ ଶତାୟୁ ଶିକ୍ଷାନୁଷ୍ଠାନ। ଏଠାରେ ବିଦ୍ୟାଳୟରେ ୧୦ଟା ରୁ ୪ଟା ପର୍ଯ୍ୟନ୍ତ ସବୁ ସ୍କୁଲ ଭଳି ପାଠ ପଢାଯାଏ । ସ୍କୁଲ ସମୟ ବାହାରେ ଏହି ଅନୁଷ୍ଠାନରେ ହଷ୍ଟେଲ ଛାତ୍ରୀଙ୍କୁ ଅର୍ଥାତ୍ ଅପରାହ୍ନ ୪ ଟା ପରେ ସ୍ୱେଚ୍ଛାକୃତ ଭାବେ ମାଗଣା ଶିକ୍ଷା ପ୍ରଦାନ କରିଥାନ୍ତି ଏଠାକାର ଶିକ୍ଷକ ଶିକ୍ଷୟିତ୍ରୀ। ପୁଣି ସନ୍ଦେହ ମୋଚନ, ଅଧିକ ଆଲୋଚନା ନିମିତ୍ତ ଶ୍ରେଣୀ ବା ପାଠପଢ଼ା ଇତ୍ୟାଦି ମଧ୍ୟ କରିଥାଆନ୍ତି ଏହାର ଶିକ୍ଷକଶିକ୍ଷୟିତ୍ରୀ। ଏହି ବିଦ୍ୟାଳୟର ପ୍ରଧାନଶିକ୍ଷକ ଉମାକାନ୍ତ ନାହାକଙ୍କ ପ୍ରେରଣାରେ ଶିକ୍ଷକ ଶ୍ୟାମା ପ୍ରସାଦ ମିଶ୍ର ରବିବାର ଓ ଛୁଟି ଦିନ ମାନଙ୍କରେ ଘରକୁ ଯାଇ ଶିକ୍ଷାର୍ଥୀଙ୍କ ପାଠପଢ଼ାର ଅଗ୍ରଗତି ସମ୍ପର୍କରେ ଜାଣିବାକୁ ପିତାମାତା, ଅଭିଭାବକଙ୍କୁ ସାକ୍ଷାତ କରିଥାନ୍ତି ଏବଂ ସେମାନଙ୍କ ମନରେ ଥିବା ସନ୍ଦେହ ମଧ୍ୟ ଦୂର କରିବା ପାଇଁ ସୁଯୋଗ ଦେଇଥାନ୍ତି। ଏହା ଯୋଗୁଁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଏବଂ ପିତାମାତାଙ୍କ ମାନସିକତା ଉପରେ ଏକ ସକାରାତ୍ମକ ପ୍ରଭାବ ପଡ଼ିଛି। ପିତାମାତା, ଅଭିଭାବକ ମହଲରେ ଏହି ଉଦ୍ୟମକୁ ପ୍ରଶଂସା କରିଛନ୍ତି ଓ ତତ୍‌ସହିତ ପ୍ରଧାନ ଶିକ୍ଷକ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସାଧୁବାଦ ଜ୍ଞାପନ କରିଛନ୍ତି।

## ଡ. ମନମୋହନ ସିଂହଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା



ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ବିଶିଷ୍ଟ ଅର୍ଥନୀତିଜ୍ଞ, ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଡ. ମନମୋହନ ସିଂହଙ୍କ ସ୍ମୃତି ଉଦ୍ଦେଶ୍ୟରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଆଦିକବି ସାରଳା ଦାସ ସଂସ୍କୃତ ଭବନ ଠାରେ ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକଙ୍କ ପୌରହିତ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବିଶିଷ୍ଟ ଶିକ୍ଷାବିତ ଉତ୍କଳ ରଞ୍ଜନ ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ସଭାକୁ ଉଦ୍‌ଘାଟନ କରିଥିଲେ। ସଭା ପ୍ରାରମ୍ଭରେ ଅଧ୍ୟାପକ ଭଗବାନ ଦାଶ ଗୀତା ପାଠ, ମୌଲାନା ତାଜ ଉଦିନ କୋରନ ପାଠ, ଆଚାର୍ଯ୍ୟ ପ୍ରତ୍ୟୁଷ କୁମାର ବାରିକ ବାଇବେଲ ପାଠ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର, ପୌରାଧକ୍ଷ ଅର୍ଚ୍ଚନା ସିଂ, ପୂର୍ବତନ ପୌରାଧକ୍ଷ ବିପ୍ଲବ ଚୌଧୁରୀ, ବାଲିକୁଦା ଏରସମା କଂଗ୍ରେସ ନେତା ନଳିନୀ କୁମାର ସ୍ୱାଇଁ, ପାରାଦୀପ କଂଗ୍ରେସ ନେତା ନିରଞ୍ଜନ ନାୟକ, ପ୍ରଦେଶ କଂଗ୍ରେସ କମିଟି ସଭ୍ୟ ଦେବ ପ୍ରସାଦ ନାୟକ,ଚାଷୀ ମୂଳିଆ ସଂଘର ଜିଲ୍ଲା ସଭାପତି ବେଦବ୍ରତ ପୃଷ୍ଟି, ବରିଷ୍ଠ କଂଗ୍ରେସ ନେତା ପ୍ରସନ୍ନ ସାମନ୍ତରାୟ, ମାନସ କୁମାର ରଥ, ଅଭୟ କୁମାର ମହାନ୍ତି, ମିନୁ ଚୌଧୁରୀ, ଦୀପ୍ତିରଣୀ ପ୍ରଧାନ, ସର୍ବେଶ୍ୱର ପଣ୍ଡା, ବିକ୍ରମ ପରିଡ଼ା, ପ୍ରସାନ୍ତ କୁମାର ମହାପାତ୍ର, ବଲ୍ଲଭାନନ୍ଦ ସ୍ୱାଇଁ, କେଦାର ବିଶ୍ୱାଳ, ନିହାର ଦାସ, ପ୍ରଶାନ୍ତ ଦାସ, ଆର୍ତ୍ତତାଣ ପଣ୍ଡା, ସେକ ଆମୀନୁସ ସାଜେଦିନ, ଗଣେଶ୍ୱର ମାଣିଆ ରୂପଶ୍ରୀ ରାଗିଣୀ ନାୟକ, ସମୀର ଖୁଣ୍ଟିଆ, ସାର୍ଫି ଆଜାମ, ପ୍ରଦ୍ୟୁମ୍ନ ଚୟିନୀ, କୃଷ୍ଣଚନ୍ଦ୍ର ପ୍ରଧାନ, ମନମୋହନ ବେହେରା, ଆଶିଷ ମହାପାତ୍ର ପ୍ରମୁଖ ଯୋଗ ଦେଇ ଦିବଙ୍ଗତ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ମନମୋହନ ସିଂହଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ବିଶିଷ୍ଟ ଅର୍ଥନିତିଜ୍ଞ, ଋଷିପ୍ରତିମ ରାଜନେତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ମନମୋହନ ସିଂହଙ୍କୁ ଭାରତରତ୍ନ ପ୍ରଦାନ କରିବା ପାଇଁ ଭାରତ ସରକାରଙ୍କ ନିକଟରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଦାବି କରାଯାଇଥିଲା।

## ନବବର୍ଷରେ ଆଧ୍ୟାତ୍ମିକ ଚିନ୍ତନ ଓ ବନ୍ଧୁମିଳନ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜଗନ୍ନାଥପୁର ସ୍ଥିତ ଗାୟତ୍ରୀ ଶକ୍ତିପୀଠରେ ୨୦୨୫ ବର୍ଷର ପ୍ରାରମ୍ଭରେ ବିଶ୍ୱଶାନ୍ତି ଲକ୍ଷ୍ୟରେ ଗାୟତ୍ରୀ ପରିବାରର ସମସ୍ତ ଟ୍ରଷ୍ଟି, କାର୍ଯ୍ୟକାରିଣୀ ଓ ପରିଜନଙ୍କୁ ନେଇ ଏକ ଭାବ ଆଦାନପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଗାୟତ୍ରୀ ଶକ୍ତିପୀଠ ପରିସରରେ ଏକ ପ୍ରାର୍ଥନା ଓ ଆଧ୍ୟାତ୍ମିକ ଚିନ୍ତନ କାର୍ଯ୍ୟକ୍ରମ ସମସ୍ତଙ୍କ ଉପସ୍ଥିତିରେ ପାଳିତ ହୋଇଛି। ଏହା ସହିତ ସମସ୍ତ ମହିଳା ମଣ୍ଡଳୀ ସଦସ୍ୟାଙ୍କ ମଧ୍ୟରେ ସଙ୍ଗୀତ, ରୁମାଲ ଚୋରୀ, ଆଧ୍ୟାତ୍ମିକ ନୃତ୍ୟ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗାୟତ୍ରୀ ଶକ୍ତିପୀଠର ମୁଖ୍ୟ ଟ୍ରଷ୍ଟି ଜଗଦୀଶ ପ୍ରସାଦ ଦାଶ, ଟ୍ରଷ୍ଟି ବ୍ରଜ କିଶୋର ଓଝା, ପ୍ରସନ୍ନ କୁମାର ପତି, ମନୋରଞ୍ଜନ ସାହୁ, ଶୁଶାନ୍ତ ବେହେରା, ରଞ୍ଜନ କୁମାର ପାଢ଼ୀ, ଗଦାଧର ସାହୁ, କାର୍ଯ୍ୟକାରିଣୀ ସଦସ୍ୟ କମିଟି ସଦସ୍ୟ ଆଦିତ୍ୟ ମିଶ୍ର, ସତ୍ୟଜିତ ସାମନ୍ତରାୟ, ଆଶୁତୋଷ ମହାରଣା, ପ୍ରଶାନ୍ତ ମିଶ୍ର, ଚନ୍ଦ୍ରଶେଖର ଉପାଧ୍ୟାୟ,ବିକ୍ରମ ରାଉତ, ସୁବ୍ରତ ମହାନ୍ତି, ଦେବାଶିଷ ପତି, କଲେଜ ରୋଡ଼ ମହିଳା ମଣ୍ଡଳ ସଦସ୍ୟା ସଂଧ୍ୟାରଣୀ ସାହୁ, ସସ୍ମିତା ପ୍ରଧାନ, ମଞ୍ଜୁବାଳା ରଣା, ତୃପ୍ତି ଶତପଥୀ, ବୀଣାପାଣି ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବା ମାନବ ଜାତିର କୁବିଚାରକୁ ସୁବିଚାରରେ ପରିବର୍ତ୍ତନ କରିବା ପାଇଁ ଯୁଗନିର୍ମାଣ ଯୋଜନାର ପ୍ରବର୍ତ୍ତକ ବେଦମୂର୍ତ୍ତି ତପୋନିଷ୍ଠ ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟ ଓ ବନ୍ଦନିୟା ମାତାଜୀ ଭଗବତୀ ଦେବୀଙ୍କ ଗାୟତ୍ରୀ ମନ୍ତ୍ର ମାଧ୍ୟମରେ ସାରା ବାତାବରଣକୁ ପରିଶୋଧନ କରିବା ସହିତ ମଣିଷ ମଧ୍ୟରେ ଦେବତ୍ୱ ଜାଗରଣ ଓ ଧରାପୃଷ୍ଠରେ ସ୍ୱର୍ଗାବତରଣ ଲକ୍ଷ୍ୟରେ ଏହି ଗାୟତ୍ରୀ ମନ୍ତ୍ର ପାଠ ସହିତ ଗାୟତ୍ରୀ ପରିବାରରେ ଯୋଗଦେଇ ଜୀବନରେ ଆସିଥିବା ପରିବର୍ତ୍ତନ ଉପରେ ନିଜ ନିଜର ଅଭିଜ୍ଞତା ବାଣ୍ଟିଥିଲେ। ପରିଶେଷରେ ଶାନ୍ତିପାଠ ଓ ପ୍ରସାଦ ସେବନ ସହିତ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମର ସମାପନ ହୋଇଥିଲା।

## ବାହାଡ଼ାପଦର ହାଇସ୍କୁଲର ବାର୍ଷିକ ଉତ୍ସବ



ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ବାହାଡ଼ାପଦର ଉଚ୍ଚ ବିଦ୍ୟାଳୟର ବାର୍ଷିକଉତ୍ସବ ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଏସ. ଧନଞ୍ଜୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଡ. ବିମଳ କୁମାର ସ୍ୱାଇଁ, ଅଧକ୍ଷ, କବି ସମ୍ରାଟ ଉପେନ୍ଦ୍ରଭଞ୍ଜ ଶିକ୍ଷା ଶିକ୍ଷକ ମହାବିଦ୍ୟାଳୟ, ଭଞ୍ଜନଗର, ପ୍ରାକ୍ତନ ପ୍ରଧାନଶିକ୍ଷକ ସୁବଳ ଚନ୍ଦ୍ର ଭୂୟାଁ, ଜଗବନ୍ଧୁ ଜେନା, ପ୍ରଥମ ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସନ୍ତୋଷ ଜେନା, ଜିଲ୍ଲା ପରିଷଦ ସଦସ୍ୟା ଶୈଳବାଳା ବିଷୋୟୀ, ସରପଞ୍ଚ ଲକ୍ଷ୍ମଣ ନାୟକ, ସମିତିସଭ୍ୟା ନମିତା ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତ୍ରିଲୋଚନ ଦାସ, ଦାମୋଦର ମହାନ୍ତି, ହରିକୃଷ୍ଣ ଗୌଡ଼, ଶିକ୍ଷାବିତ ବିଭୁତି ଭୂଷଣ ଜେନା, ପ୍ରଧାନଶିକ୍ଷକ ଉମାକାନ୍ତ ନାହାକ, ପ୍ରଥମ ପରିଚାଳନା କମିଟି ସଦସ୍ୟ ମାଗତା ପ୍ରଧାନ ମଞ୍ଚାସୀନ ହୋଇ ବାର୍ଷିକ ଉତ୍ସବର ଉଦ୍ଦେଶ୍ୟ, ଲକ୍ଷ୍ୟ ଓ ଅନୁଷ୍ଠାନର ଆରମ୍ଭ ଠାରୁ ବର୍ତ୍ତମାନର ସ୍ଥିତି ଉପରେ ବକ୍ତବ୍ୟ ରଖିଥିଲେ। ପ୍ରଧାନଶିକ୍ଷକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିବା ସହ ବିଦ୍ୟାଳୟ ପାଇଁ ରହିଥିବା ସମସ୍ୟା କହିବା ପରେ ତତ୍‌କ୍ଷଣାତ ମାନ୍ୟବର ବିଧାୟକ ଏହାର ସମାଧାନ ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ବିଧାୟକଙ୍କୁ କୃତଜ୍ଞତା ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟ ତରଫରୁ ମୁଖ୍ୟଅତିଥି, ମୁଖ୍ୟବକ୍ତା ଓ ବରିଷ୍ଠ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ପରେ ମୁଖ୍ୟ ଅତିଥି ବିଦ୍ୟାଳୟର ବାର୍ଷିକ ମୁଖପତ୍ର 'ପ୍ରଦୀପ'କୁ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ହୃଷିକେଶ ନାୟକ ସଂଯୋଜନା କରିଥିବାବେଳେ ଅନ୍ୟତମ ବରିଷ୍ଠ ଶିକ୍ଷକ ସଚ୍ଚିଦାନନ୍ଦ ପ୍ରଧାନ ସଭାମଞ୍ଚ ପରିଚାଳନା କରିଥିଲେ। ଏହିଅବସରରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ପରିବେଷଣ ହୋଇଥିବା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଖୁବ ଚିତାକର୍ଷକ ହୋଇଥିଲା। ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନେ ପ୍ରଶଂସା ପତ୍ର ସହ ପୁରସ୍କୃତ କରିଥିଲେ। ବାର୍ଷିକ ଉତ୍ସବରେ ଅନୁରୋଧ ରକ୍ଷା କରି ଆଖପାଖ ବିଦ୍ୟାଳୟରୁ ବହୁ ପ୍ରଧାନଶିକ୍ଷକ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀଙ୍କ ସମେତ ପୁରାତନ ଛାତ୍ରଛାତ୍ରୀ, ଅଭିଭାବକ, ବୁଦ୍ଧିଜୀବୀ, ବିଦ୍ୟାଳୟ ପରିଚାଳନା କମିଟି ଯୋଗ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷାକର୍ମଚାରୀ ସହଯୋଗ ସହ ପରିଚାଳନା କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷକ ସଚ୍ଚିଦାନନ୍ଦ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ।

## ଅସ୍ତରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟରେ ବନ୍ଧୁମିଳନ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ ର ୧୯୮୨ ମସିହା ମାଟ୍ରିକ ବ୍ୟାଚର ସହପାଠୀ ମାନଙ୍କ ୪୨ବର୍ଷ ଗୌରବମୟ ବର୍ଷ ବନ୍ଧୁ ମିଳନ ଉତ୍ସବ ଅସ୍ତରଙ୍ଗ ଉଚ୍ଚ ବିଦ୍ୟାଳୟ ରେ ଅନୁଷ୍ଠିତ ହୋଇଯାଇଛି। ଅତୀଥି ଭାବେ ଗୁରୁଜୀ କାଳନ୍ଦୀ ଚରଣ ଛାଟୋଇ, କାହ୍ନୁ ଚରଣ ବିଶ୍ୱାଳ, ରବୀନ୍ଦ୍ର ମହାନ୍ତି, ପ୍ରମୋଦ ନାୟକ ଙ୍କ ଶହ ବିଦ୍ୟାଳୟ କାର୍ଯ୍ୟରତ ପ୍ରଧାନଶିକ୍ଷକ ସୁଶାନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିବା ବେଳେ ଗଣେଶ ବେହେରା ମଞ୍ଚ ପରିଚାଳନା କରୁଥିଲେ। ସ୍କୁଲ ବେଳର ସାଙ୍ଗ। କଲେଜରେ ଶେଷ ଦେଖା ହୋଇଥାଏ। ପରେ ଯିଏ ଯାହା ରାସ୍ତାରେ ଯାଇ କିଏ ଚାକିରୀ କରିଥାଏ ତ ଆଉ କିଏ ବ୍ୟବସାୟ କରିଥାଏ। ସାତ ସମୁଦ୍ର ପାର ହୋଇ କିଏ ବିଦେଶ ଯାଇଥାଏ। ସଂସାର କରିବା ପରେ ବ୍ୟସ୍ତ ଜୀବନ ଭିତରେ ସମସ୍ତେ ଲାଗି ରହିଥାନ୍ତି। ଯେତେବେଳେ ବୟସ ଢ଼ଳି ଢ଼ଳି ଯାଇଥାଏ ସେତେବେଳେ ସ୍କୁଲ ସାଙ୍ଗମାନେ ମନେ ପଡ଼ିଥାନ୍ତି। ଏଭଳି କିଛି କହି ପରସ୍ପରକୁ ଆଲିଙ୍ଗନ କରିବାର ଚିତ୍ର ବେଶ ନିଆରା ଥିଲା। ଏହି ବନ୍ଧୁତ୍ୱ ମିଳନ କାର୍ଯ୍ୟକ୍ରମ ବେଶ ଆନନ୍ଦ ଦାୟକ ଥିଲା।

## ସାଂସ୍କୃତିକ ପ୍ରଗତି ଟ୍ରଷ୍ଟ ବାର୍ଷିକ ଉତ୍ସବ ପ୍ରସ୍ତୁତି ବୈଠକ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଲୋକଗୀତ, ପାଲା, ଦାସକାଠିଆ ପରି କାର୍ଯ୍ୟକ୍ରମକୁ ଜନାଦୃତ କରିବାରେ କାର୍ଯ୍ୟ କରୁଥିବା ନରଣପୁର ପଞ୍ଚାୟତର ଟାଙ୍ଗରପଳସା ସ୍ଥିତ ଅଗ୍ରଣୀ ଅନୁଷ୍ଠାନ ସାଂସ୍କୃତିକ ପ୍ରଗତି ଟ୍ରଷ୍ଟର ବାର୍ଷିକ ଉତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଟ୍ରଷ୍ଟର ଉପଦେଷ୍ଟା ଡକ୍ଟର ଧୀରେନ ମହାନ୍ତିଙ୍କ ଅଧ୍ୟକ୍ଷତା ଓ ଟ୍ରଷ୍ଟର ସଭାପତି ଧନେଶ୍ୱର ମହନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଚଳିତବର୍ଷର ବାର୍ଷିକ ଉତ୍ସବ ସୁଚାରୁ ରୂପେ ସମ୍ପାଦନ କରିବା ସହ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ପିପିଳିଆରେ କରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଥିଲା। ବୈଠକରେ ବିଭିନ୍ନ ବିଷୟରେ ଆଲୋଚନା କରାଯିବା ସହିତ ଲକ୍ଷ୍ମୀନାରାୟଣ କଲେଜ, ପିପିଳିଆର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ଶିକ୍ଷାମୂଳକ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗିଙ୍କୁ ଟ୍ରଷ୍ଟ ପକ୍ଷରୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯିବ ବୋଲି ଟ୍ରଷ୍ଟର ସଭାପତି ଧନେଶ୍ୱର ମହାନ୍ତ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟର ମାନ୍ୟଗଣ୍ୟ ଶିକ୍ଷାବିତ ଓ ବୁଦ୍ଧିଜୀବୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବୈଠକରେ ଉପ ସଭାପତି ରାଜକିଶୋର ସାମଲ, ସାଧାରଣ ସମ୍ପାଦକ ଦୁଷ୍ମନ୍ତ ମହାନ୍ତି, ସହ ସମ୍ପାଦକ ଅଲେଖ ଚନ୍ଦ୍ର ସେଠୀ, ସାଂସ୍କୃତିକ ସମ୍ପାଦକ ଶ୍ରୀବସ୍ତ ନାହାକ, ଅର୍ଥ ସମ୍ପାଦକ ପ୍ରସନ୍ନ କୁମାର ମହାନ୍ତି, ସଙ୍ଗଠନ ସମ୍ପାଦକ ଗୟାଧର ନାଥ, ଲିଙ୍ଗରାଜ ମହାନ୍ତ, ସଂଯୋଜକ ପ୍ରତାପ କୁମାର ସାହୁ, ସହ ସଂଯୋଜକ ଯୋଗେନ୍ଦ୍ର ମହାନ୍ତ, ଜଗବନ୍ଧୁ ମହାନ୍ତ, ବୈଲୋଚନ ନାଏକ, ତ୍ରିଲୋଚନ ସାହୁ, ପ୍ରତିଷ୍ଠାତା ସଦସ୍ୟ ପତିତପାବନ ନାଥ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ ସହିତ ବୈଠକ ଶେଷ କରାଯାଇଥିଲା।

## ଗୋପପୁରରେ ଶ୍ରୀକୃଷ୍ଣଙ୍କର ବାଲ୍ୟଲୀଳା ଆରମ୍ଭ

ବରଗଡ଼, (ଭାସ୍କର ନ୍ୟୁଜ୍): ଅମ୍ବାପାଲି ଗ୍ରାମ ଗୋପପୁର ଭାବେ ପରିଚିତ ହୋଇଛି। ଭଗବାନ ଶ୍ରୀକୃଷ୍ଣଙ୍କର ବାଲ୍ୟଲୀଳା ଆରମ୍ଭ ହୋଇଯାଇଛି। ରବିବାରି ଧନୁଯାତ୍ରାର ତୃତୀୟ ଦିବସରେ ବରଗଡ଼ ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରା ନନ୍ଦ ଦରବାର ଉଦଘାଟିତ ହୋଇଯାଇଛି। ବର୍ଷୀୟାନ କଳାକାର ସତ୍ୟନାରାୟଣ ପୋଢ଼ ନନ୍ଦ ରାଜା ଭୂମିକାରେ ଅଭିନୟ କରୁଛନ୍ତି। ଗୋପପୁରରେ କୃଷ୍ଣ ବଳରାମଙ୍କ ଅଭିନୟ, ନନ୍ଦ ଉତ୍ସବ ଆରମ୍ଭ, ଦୋଳି ଝୁଲା, ନଗର ସଂକୀର୍ତ୍ତନ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ଜଣାଯାଏ। ଆରକ୍ଷୀ ଅଧିକ୍ଷକ ଉପ ଜିଲ୍ଲାପାଳ ତଥା ପୌର ଅଧ୍ୟକ୍ଷା କଳ୍ପନା ମାଝୀ ପ୍ରମୁଖ ଯୋଗ ଦେଇଥିଲେ। କାଗଜଫୁଲ ବ୍ୟବହାର ହେବାସହ କୃଷ୍ଣଙ୍କ ଏକୋଇଶିଆ ଦୃଶ୍ୟ ପରିବେଷଣ ଧନୁଯାତ୍ରା ମାନ କାମ କରୁଥିବା ଜଣାଯାଏ। ଆଜି ଓର୍ମାସର ପଲ୍ଲିଶ୍ରୀ ମେଳା ସ୍ଥାନୀୟ ବିଧାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି।

## ଭିନ୍ନକ୍ଷମମାନଙ୍କ ଅଧିକାର ସଚେତନତା କାର୍ଯ୍ୟକ୍ରମ




ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍) : ଭିନ୍ନକ୍ଷମ ମାନଙ୍କ ଭିତରେ ଥିବା ପ୍ରତିଭା ଅନ୍ୟମାନଙ୍କ ପାଖରେ ବିରଳ। ଆଜି ଭିନ୍ନକ୍ଷମମାନେ ପ୍ରସାଶନିକ, ନୃତ୍ୟ, କ୍ରୀଡ଼ା, ସଙ୍ଗୀତ, ବ୍ୟବସାୟ ସବୁ କ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରଦର୍ଶନ କରି ନିଜକୁ ଅନ୍ୟମାନଙ୍କ ସହ ସମକକ୍ଷ କରିପାରିଛନ୍ତି। ଏଣୁ ଭିନ୍ନକ୍ଷମମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ସହ ନିଜେ କିପରି ସ୍ୱାବଲମ୍ବୀ ଓ ରୋଜଗାରକ୍ଷମ ହୋଇପାରିବେ, ସେଥିପ୍ରତି ପ୍ରଚେଷ୍ଟା କରିବା ଆମ ସମସ୍ତଙ୍କ ଗୁରୁଦାୟିତ୍ୱ ବୋଲି ରବିବାର ପୋଲସରା ବ୍ଲକ୍ ସ୍ଥିତ କଳମ୍ବ ଗ୍ରାମରେ ଗଞ୍ଜାମ ଜିଲ୍ଲା ଶାରୀରିକ ଭିନ୍ନକ୍ଷମ କଲ୍ୟାଣ ମହାସଂଘ ପକ୍ଷରୁ ଭିନ୍ନକ୍ଷମ ମାନଙ୍କ ଅଧିକାର ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ସମାଜସେବୀ ସୁଶାନ୍ତ କୁମାର ସାବତ ମତବ୍ୟକ୍ତ କରିବା ସହ 'ଜନ ଜାଗରଣ ବିନା ନିଜ ଯନ୍ତ୍ରଣା ମଧ୍ୟ ଦୂର କରିପାରିବେ ନାହିଁ ଏଣୁ ନିଜ ଅଧିକାର ପାଇବା ନିମନ୍ତେ ଏକାଠି ହୋଇ କାର୍ଯ୍ୟ କରିବା ଆବଶ୍ୟକ' ବୋଲି ଆହ୍ୱାନ ଦେଇଥିଲେ। ଅନୁଷ୍ଠାନର ସଭାପତି ଭିନ୍ନକ୍ଷମଙ୍କ ନିମନ୍ତେ ଦୀର୍ଘ ଚାରିଦଶକ ଧରି କାର୍ଯ୍ୟ କରିଆସୁଥିବା ବିଶିଷ୍ଟ ସମାଜସେବୀ କେ ଆନନ୍ଦ ରାଓ ଅଧକ୍ଷତା କରି ସରକାରୀ ଓ ବେସରକାରୀ ଯୋଜନା ମାଧ୍ୟମରେ ଭିନ୍ନକ୍ଷମମାନେ କିପରି ଆତ୍ମନିର୍ଭରଶିଳ ହୋଇପାରିବେ ଓ ତାଙ୍କ ଅନୁଷ୍ଠାନ ସବୁବେଳେ ସବୁକ୍ଷେତ୍ରରେ ସେମାନଙ୍କ ସହ ରହିବ ବୋଲି ମତବ୍ୟକ୍ତ କରିଥିଲେ। ଲୋକସେବକ ମଣ୍ଡଳ ଆଜୀବନ ସଦସ୍ୟ ତଥା ବିଶିଷ୍ଟ ସମାଜସେବୀ ରାଜେନ୍ଦ୍ର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତେ ନିଶା ଗୁଟଖାଠାରୁ ଦୂରରେ ରହିବା ନିମନ୍ତେ ପରାମର୍ଶ ଦେବା ସହ, ସଭାପତି କେ. ଆନନ୍ଦ ବାବୁ ନିଜେ ଭିନ୍ନକ୍ଷମ ହୋଇ ମଧ୍ୟ ଦୀର୍ଘବର୍ଷ ଧରି ହଜାର ହଜାର ଭିନ୍ନକ୍ଷମ ଭାଇଭଉଣୀଙ୍କୁ ସହଯୋଗ କରୁଥିବା ଅତି ପ୍ରଶଂସନୀୟ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସମ୍ମାନୀତ ଅତିଥି ଭାବେ ବିଶିଷ୍ଟ ଆଇନଜୀବୀ ପୀତବାସ ପଣ୍ଡା ଯୋଗଦେଇ ଭିନ୍ନକ୍ଷମଙ୍କ ଭତ୍ତା ବୃଦ୍ଧି ସହ ଅନ୍ୟାନ୍ୟ ସୁବିଧା ଯୋଗାଇଦେବା ନିମନ୍ତେ ଦାବି କରିଥିଲେ। ଅନ୍ୟତମ ସମ୍ମାନୀତ ଅତିଥି ଭାବେ ଅଧାପକ ଚିତ୍ରସେନ ବେହେରା, ଚନ୍ଦ୍ରଶେଖର ଗୌଡ଼ ଓ ଅଭିନେତା ଧିରେନ ପାଢ଼ୀ ଯୋଗ ଦେଇଥିଲେ। ଲୋକସେବକ ମଣ୍ଡଳ ଓ ଅନୁଷ୍ଠାନ ତରଫରୁ କମ୍ବଳ ଓ ହ୍ୱିଲ୍ ଚେୟାର, ଆଶାବାଡ଼ି, ବଧିର କର୍ଣ୍ଣ ଯନ୍ତ୍ର ଅତିଥିମାନେ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ତିନିଶହରୁ ଅଧିକ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ଅଭାଗା ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ଶିଳ୍ପ ବିରୋଧୀଙ୍କ ଦୌରାତ୍ମ୍ୟ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ବିଗତ କିଛିଦିନ ହେଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ଶିଳ୍ପ ବିରୋଧୀ ତତ୍ତ୍ୱଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି। ଏହି କ୍ରମରେ ଶୁକ୍ରବାର କିଛି ଶିଳ୍ପ ବିରୋଧୀ କଳିଙ୍ଗନଗର ଠାରେ ଥିବା ଜେ.ଏସ.ଡବ୍ଲୁ. ସିମେଣ୍ଟ କାରଖାନାର ମୁଖ୍ୟ ଦ୍ୱାର ସମ୍ମୁଖରେ କେତେକ ଅସାମାଜିକ ବ୍ୟକ୍ତି ନିଜର ଗାଡ଼ିକୁ ରଖି ଜୋର ଜବରଦସ୍ତ କାରଖାନା ଦ୍ୱାରକୁ ବନ୍ଦ କରିଥିଲେ। ସ୍ଥାନୀୟ ପୋଲିସ ପ୍ରଶାସନ ସବୁ ଦେଖି ମଧ୍ୟ ନୀରବଦ୍ରଷ୍ଟା ସାଜିବା ସାଧାରଣରେ ଆଶ୍ଚର୍ଯ୍ୟ ଚକିତ କରିଛି। ସରକାର ଶିଳ୍ପକୁ ପ୍ରୋତ୍ସାହନ ଦେଉଥିବା ବେଳେ ଶିଳ୍ପ ବିରୋଧୀ ତତ୍ତ୍ୱଙ୍କର ଏଭଳି ଦୌରାତ୍ମ୍ୟ ସ୍ଥାନୀୟ ଶିଳ୍ପ ବାତାବରଣକୁ ନଷ୍ଟ କରୁଛି। ଏଭଳି ସ୍ଥିତି ଜାରି ରହିଲେ କଳିଙ୍ଗନଗର ଶିଳ୍ପାଞ୍ଚଳରେ ଥିବା ଶିଳ୍ପ ଅନୁକୂଳ ବାତାବରଣକୁ ନଷ୍ଟ କରିଦେବ। ତେଣୁ ଏହା ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ମତ ପ୍ରକାଶ ପାଇଛି।

## ବିଜେପି କୃଷକ ମୋର୍ଚ୍ଚା ସଭାପତିଙ୍କ ସୁବର୍ଣ୍ଣପୁର ଜିଲ୍ଲା ଧାନମଣ୍ଡି ପରିଦର୍ଶନ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ସୁବର୍ଣ୍ଣପୁର ଜିଲ୍ଲା ଚାରବାହାଲ, ଶିବତୋଳା ଧାନମଣ୍ଡୀକୁ ଆଜି ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ପରିଦର୍ଶନ କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଧାନ ସଂଗ୍ରହ ଅଧିନିୟମ ମାର୍ଗଦର୍ଶିକା ଅନୁଯାୟୀ ଧାନମଣ୍ଡୀଗୁଡ଼ିକ ଠିକଠାକ ଚାଲୁଛି କି ନାହିଁ ତାହା ରାଜ୍ୟ ସଭାପତି ମହେଶ୍ୱର ସାହୁ ତଦାରଖ କରିଥିଲେ। ଧାନମଣ୍ଡୀରେ ଚାଷୀମାନଙ୍କ ପାଇଁ ବିଶ୍ରାମ ନେବା ବ୍ୟବସ୍ଥା, ସ୍ୱଚ୍ଛ ପିଇବା ପାଣି ଓ ଶୌଚ ହେବାପାଇଁ ପାଇଖାନା ବ୍ୟବସ୍ଥାର ତଦାରଖ କରିବା ସହିତ ଉପସ୍ଥିତ ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ। ବିଜେପି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସରକାର ଧାନ କିଣା କାରବାର ସ୍ୱଚ୍ଛତାର ସହିତ କରିବା ପାଇଁ ବ୍ୟାପକ ପଦକ୍ଷେପ ନେଇଛନ୍ତି। ଯେଉଁମାନେ ଧାନ କିଣା କାରବାରରେ ଦୁର୍ନୀତି କିମ୍ବା ଅସାଧୁ ଉପାୟ ଅବଲମ୍ବନ କରିବେ, ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ସଭାପତି ମହେଶ୍ୱର ସାହୁ ଉପସ୍ଥିତ ଚାଷୀମାନଙ୍କୁ କହିଥିଲେ। ଏହି ଧାନମଣ୍ଡି ପରିଦର୍ଶନ କାର୍ଯ୍ୟକ୍ରମରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ପ୍ରଶାନ୍ତ କୁମାର ସ୍ୱାଇଁ, ରାଜ୍ୟ ସଂଯୋଜକ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ସୁଦର୍ଶନ ବିଶ୍ୱାଳ, ଭବାନୀଶଙ୍କର ପଣ୍ଡା, ସୁବ୍ରତ ମିଶ୍ର, ମୀନକେତନ ରଣା, ପ୍ରକାଶ ଚନ୍ଦ୍ର ସାହୁ, ଅଶ୍ୱିନୀ ମହାକୁଡ଼, ରାଜେଶ କୁମାର ରଣା, ସରୂପ ବଡ଼ଚାଟ, ଅକ୍ଷୟ ପାତ୍ର, ନରେଶ ଶାଣ୍ଡ, କଲ୍ୟାଣ ନାୟକ, ପରାଶର ପ୍ରଧାନ, ସୁରେଶ କୁମାର ମହଲା, ଚୈତନ୍ୟ ସାହୁ ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ଓ ବିଜେପି କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

## ବିଜେପିର ମିଶ୍ରଣ ପର୍ବରେ ସାମିଲ ହେଲେ ୨୮ରୁ ଊର୍ଦ୍ଧ୍ୱ ସରପଞ୍ଚ ଓ ସମିତି ସଭ୍ୟସଭ୍ୟା



ଆସିକା, (ଭାସ୍କର ନ୍ୟୁଜ୍): ଆସିକା ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟସଭ୍ୟା ଆଜି ବିଧିବଦ୍ଧ ଭାବେ ଆସିକା ଟାଉନହଲ ଠାରେ ଆୟୋଜିତ ଭାରତୀୟ ଜନତା ପାର୍ଟିର ମିଶ୍ରଣ ପର୍ବରେ ଦଳରେ ନିଜକୁ ସାମିଲ କରିଛନ୍ତି। ଆସିକା ବିଧାୟକ ସରୋଜ କୁମାର ପାଢ଼ିଙ୍କ ଉଦ୍ୟମ ଓ ବରିଷ୍ଠ ବିଜେପି ନେତା ଭଗବାନ ସାହୁଙ୍କ ନେତୃତ୍ୱରେ ଆସିକା ନିର୍ବାଚନ ମଣ୍ଡଳୀର ୨୭ ପଞ୍ଚାୟତ ଏବଂ କବିସୂର୍ଯ୍ୟନଗର ବ୍ଲକ୍‌ର ୧୨ ପଞ୍ଚାୟତର ୨୮ ଜଣ ସରପଞ୍ଚ ଓ ସମିତି ସଭ୍ୟସଭ୍ୟା ଏହି ନିର୍ବାଚନ ମଣ୍ଡଳୀରେ ସାମିଲ ହୋଇଛନ୍ତି। ଆଜି ଏକ ବିରାଟ ପଟୁଆରରେ ନାନା ପ୍ରକାରର ବାଦ୍ୟ ବାଜଣାରେ ଆସିକା ତଥା କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀର ପ୍ରାୟ ଦୁଇ ହଜାରରୁ ଊର୍ଦ୍ଧ୍ୱ ଲୋକ ଆସିକା ବିଜୁ ପଟ୍ଟନାୟକ ଛକ ଠାରୁ ବାହାରି ଆସିକା ଟାଉନ ହଲ ପଡ଼ିଆ ଠାରେ ପହଞ୍ଚିଥିଲେ। ଏହିଠାରେ ଏକ ସଭା ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଉକ୍ତ ମିଶ୍ରଣ ପର୍ବରେ ଆସିକା ନିର୍ବାଚନ ମଣ୍ଡଳୀର ୮ଜଣ ସରପଞ୍ଚ ଯଥା ମୁନିଗାଡ଼ି, ବାଙ୍ଗରଡ଼ା, ବାଲିଶିରା, ପାଣ୍ଡିଆପଥର, ଭେଟନଇ, କାଳ ଖଣ୍ଡପୁର, ଖାରିଆ ସରପଞ୍ଚ ଜୟନ୍ତୀ ସାହୁ ଓ ଆଲିପୁର ସରପଞ୍ଚ ସାମିଲ ହୋଇଥିଲେ। ସେହିଭଳି ୬ଜଣ ସମିତି ସଭ୍ୟ ଯଥା ମୁନିଗାଡ଼ି, ନିମିନା, ବାଲିଛାଇ, ସିଦ୍ଧନଇ, ବାବନପୁର, ଭେଟନଇ ସମିତି ସଭ୍ୟା ତଥା ଆସିକା ବ୍ଲକ୍ ଉପାଧ୍ୟକ୍ଷା ସାମିଲ ହୋଇଥିଲେ। ସେହିପରି ଆସିକା ନିର୍ବାଚନ ମଣ୍ଡଳୀର କବିସୂର୍ଯ୍ୟନଗର ବ୍ଲକ୍‌ର ୯ଜଣ ସରପଞ୍ଚ ଯଥା କନିଆଁରୀ, ବରିଡ଼ା, ବୋରସିଙ୍ଗି, ସୁବୁଲିଆ, ପାଇକ-ଯମୁନା, ସୁନାପଲ୍ଲୀ, ଶିଆଳିଆ, ନନ୍ଦିଆ ଗଡ଼ା, ବୋଲସର ସରପଞ୍ଚ ସେଭଳି ୭ଜଣ ସମିତି ସଭ୍ୟ ଯଥା ବୋଲସର, କନିଆରୀ, ବରିଡ଼ା, ବୋରସିଙ୍ଗି, ସୁବୁଲିଆ, ପାଇକଯମୁନା ଓ ସୁନାପଲ୍ଲୀ ଆଦି ପଞ୍ଚାୟତର ସମିତି ସଭ୍ୟସଭ୍ୟା ଓ ସରପଞ୍ଚମାନଙ୍କୁ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ ବିଜେପି ଟୋପି ଓ ଦଳୀୟ ଉତ୍ତରୀୟ ଦେଇ ନିଜ ଦଳରେ ସାମିଲ କରିଛନ୍ତି। ଆଜିର ଏହି ମିଶ୍ରଣ ପର୍ବରେ ଆଇନଜୀବୀ ନାରାୟଣ ମୁନି ମଞ୍ଚ ପରିଚାଳନା କରିଥିଲା ବେଳେ ଅନ୍ୟମାନଙ୍କ ମଧ୍ୟରେ ଆସିକା ବିଧାୟକ ପ୍ରତିନିଧି ସଂଗୀତ କୁମାର ପାଢ଼ୀ, ସମ୍ବିତ କୁମାର ପାଢ଼ୀ ଯୁବ ବିଜେପି ନେତା ଶଙ୍କର ସେଠି, ନାରାୟଣ ଡାକୁଆଙ୍କ ସମେତ ବହୁ ବିଜେପି କର୍ମୀ ଉପସ୍ଥିତ ଥିଲେ।

## ଅଗ୍ନିକାଣ୍ଡରେ ୩ ବଖରା ଭସ୍ମୀଭୂତ

ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍): ଚୌଦ୍ୱାର ଥାନା ଅନ୍ତର୍ଗତ ବ୍ରହ୍ମପୁର ପଞ୍ଚାୟତ ଅଧିନସ୍ଥ ଜେମାଦେଈପୁର ଗ୍ରାମରେ ଭୟାବହ ଅଗ୍ନିକାଣ୍ଡ ଘଟି ୩ ବଖରା ଘର ସମ୍ପୂର୍ଣ୍ଣ ଭସ୍ମୀଭୁତ ହୋଇଯାଇଥିବା ଜଣାପଡ଼ିଛି। ସୂଚନାଥାଉକି, ଏହି ଗ୍ରାମର ରିୟାଉଦ୍ଦିନ୍ ଖାନ୍ ଓ ସିଆଉଜଦ୍ଦିନ୍ ଖାନ୍‌ଙ୍କ ଘରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି ନିଆଁ ସମ୍ପୂର୍ଣ୍ଣ ବ୍ୟାପି ଯାଇଥିଲା। ଗ୍ରାମବାସୀ ନିଆଁ ଲିଭାଇବାକୁ ଉଦ୍ୟମ କରିବା ସହ ଚୌଦ୍ୱାର ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ ମଧ୍ୟ ଘରର ସମସ୍ତ ଆସବାବପତ୍ର ସହ ଟଙ୍କା, ଅଳଙ୍କାର ସବୁ ପୋଡ଼ି ପାଉଁଶ ହୋଇଯାଇଥିଲା। ଏପରିକି ଘରେ ରହିଥିବା ଧାନଗୁଡ଼ିକ ମଧ୍ୟ ଜଳିଯାଇଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନଥିବା ବେଳେ ସ୍ଥାନୀୟ ସରପଞ୍ଚ, ପୂର୍ବତନ ସରପଞ୍ଚ ଓ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ପରିସ୍ଥିତି ଅନୁଧ୍ୟାନ କରିଥିବା ବେଳେ ତୁରନ୍ତ ସେମାନଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯାଉ ବୋଲି ଗ୍ରାମବାସୀ ଦାବୀ କରିଛନ୍ତି।





ଭଞ୍ଜନଗର, (ଭାସ୍କର ନ୍ୟୁଜ): ଘୁମୁସର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ନୂଆବର୍ଷର ପ୍ରଥମ ଭେଟଘାଟ ସ୍ଥାନୀୟ ବନ ବିଭାଗ ବିଶ୍ରାମାଗାର ଠାରେ ଆୟୋଜିତ ହୋଇଯାଇଛି। ଏଥିରେ ବରିଷ୍ଠ ସଦସ୍ୟମାନେ ପରସ୍ପରକୁ ନୂଆବର୍ଷର ଅଭିନନ୍ଦନ ଜଣାଇବା ସହ ନିଜ ନିଜ ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥିଲେ। ନୂଆବର୍ଷର ପ୍ରଥମ ବୈଠକରେ ସ୍ଥାୟୀ ସଭାପତି ସୋମନାଥ ନାୟକ ଅଧକ୍ଷତା କରିଥିଲେ। ଆରମ୍ଭରେ ବିପ୍ରଚରଣ ସାହୁଙ୍କ ଧର୍ମପତ୍ନୀ ପୂର୍ଣ୍ଣବାସୀ ସାହୁ ଓ ବର୍ଷୀୟାନ ସଦସ୍ୟ ଶରତ ଚନ୍ଦ୍ର ପଟନାୟକଙ୍କ ବିୟୋଗରେ ଦୁଇ ମିନଟ ନୀରବ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସଭାପତି ଉପସ୍ଥିତ ସଦସ୍ୟମାନଙ୍କୁ ନବବର୍ଷର ଅଭିନନ୍ଦନ ଜଣାଇ ତାଙ୍କ ପରିବାର ବର୍ଗଙ୍କ ଶୁଭକାମନା କରିଥିଲେ। ଏହି ଅବସରରେ ବି. ରାମଚନ୍ଦ୍ର ପାତ୍ରଙ୍କୁ ବରିଷ୍ଠ ନାଗରିକ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ଚଳିତ ମାସ ୧୯ତାରିଖରେ ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ ଆୟୋଜନ ପାଇଁ ସର୍ବସମ୍ମତ ନିଷ୍ପତ୍ତି ଗ୍ରହଣ କରଯାଇଥିଲା। ଏଥିରେ ସ୍ଥାନୀୟ ବିଧାୟକ ପ୍ରଦ୍ୟୁମ୍ନ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେବେ। ସେହିପରି ମଞ୍ଚ ପରିବାରରୁ ବ୍ରଜଗୋପାଳ ମହାରଣା ଓ ମାଗୁଣି ମିଶ୍ରଙ୍କୁ ଚଳିତ ବାର୍ଷିକଉତ୍ସବରେ ସମ୍ବର୍ଦ୍ଧିତ କରାଯିବ ବୋଲି ସଭାପତି ଘୋଷଣା କରିଥିଲେ। ଏହି ଅବସରରେ ଗତବର୍ଷ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ନିଆଯାଇଥିବା ବହୁ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା। ଶେଷରେ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।



### ପ୍ରସିଦ୍ଧ ଡମଡମଣୀ ମକରମେଳା ପ୍ରସ୍ତୁତି ବୈଠକ

ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ): ଆସନ୍ତା ଜାନୁୟାରୀ ୧୪ତାରିଖ ପବିତ୍ର ମକର ସଂକ୍ରାନ୍ତି ଅବସରରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅନ୍ତର୍ଗତ ମଙ୍ଗରାଜପୁର ପଞ୍ଚାୟତ ଅଧିନସ୍ଥ ମା'ଡମଡଣୀଙ୍କ ପୀଠରେ ଆୟୋଜିତ ହେବାକୁ ଥିବା ମକରମେଳା ପାଇଁ ଶେଷ ପ୍ରସ୍ତୁତି ବୈଠକରେ ରବିନ୍ଦ୍ର ରାଉତ ପରିଚାଳନା କରିଥିବା ବେଳେ ଏଥିରେ ମୁଖ୍ୟପଣ୍ଡିତ ଉମେଶ ଚନ୍ଦ୍ର ମିଶ୍ର ଓ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀମାନେ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚୌଦ୍ୱାର ଥାନାର ଅତିରିକ୍ତ ଥାନା ଅଧିକାରୀ ସସ୍ମିତା ଖିଲାର, ଗାୟତ୍ରୀ ପରିବାର ପକ୍ଷରୁ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ମକର ମେଳା ପରିଚାଳନା କମିଟି ସଭାପତି ରମାକାନ୍ତ ଜାରିକା, ସମ୍ପାଦକ ହିନ୍ଦୁ ଗିରୁଆ, ସୁବାସ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଏହି ମକର ମେଳାକୁ କିପରି ସରସ, ସୁନ୍ଦର ସହ ଶାନ୍ତିଶୃଙ୍ଖଳାରେ ସମାପନ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ଭୋର ସାଢ଼େ ୪ଟା ସମୟରୁ ମା'ଙ୍କର ଦ୍ୱାର ଫିଟାଯିବା ପରେ ପ୍ରତିବର୍ଷ ଭଳି ପ୍ରଥମ ପୂଜା ବନବିଭାଗ ପକ୍ଷରୁ କରାଯିବା ପରେ ସର୍ବସାଧାରଣ ଭକ୍ତଙ୍କ ଦର୍ଶନ କରିବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହାସହ ଜାନୁୟାରୀ ୧୦, ୧୧ ଓ ୧୨ ତାରିଖ ମଧ୍ୟରେ ପୀଠରେ ବ୍ୟବସାୟ କରିବାକୁ ଚାହୁଁଥିବା ବ୍ୟବସାୟୀମାନେ କମିଟି ତରଫରୁ ରସିଦ୍ କାଟି ନିଜ ନିଜର ସ୍ଥାନ ଚିହ୍ନଟ କରିନେବାକୁ ପରିଚାଳକ ରାଉତ ପ୍ରକାଶ କରିଛନ୍ତି। ସେହିପରି ବ୍ୟବସାୟୀମାନଙ୍କ ସୁବିଧା ସୁଯୋଗ ପାଇଁ ପାନୀୟ ଜଳ ଓ ଆଲୋକୀକରଣର ସୁବ୍ୟବସ୍ଥା କରାଯିବ ବୋଲି କମିଟି ତରଫରୁ ପ୍ରକାଶ କରାଯାଇଛି।

## ବିଭିନ୍ନ ସମବାୟ ସମିତିରେ ଖୋଲିଲା ସରକାରୀ ଧାନ ମଣ୍ଡି

## ଟୋକନ ଓ ଅଖାବସ୍ତା ନମିଳିବାରୁ ଚାଷୀଙ୍କ ଅସନ୍ତୋଷ

ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ ଅଧୀନରେ ଥିବା ବିଭିନ୍ନ ସମବାୟ ସମିତିରେ ରବିବାର ସରକାରୀ ଧାନ ମଣ୍ଡି ଉଦ୍ଘାଟିତ ହୋଇଯାଇଛି। ସରକାରୀ ଧାନ ମଣ୍ଡି ଖୋଲିଲା ସତ ବହୁ ଚାଷୀ ଧାନ ବିକ୍ରି କରିବାକୁ ଟୋକନ ଓ ଅଖାବସ୍ତା ନପାଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ସରକାରୀ ଧାନ ମଣ୍ଡିରେ କିପରି ଚାଷୀମାନେ ଧାନ ବିକ୍ରି କରିବେ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଭାଟପଡ଼ା ସମବାୟ ସମିତିରେ ବାସୁଦେବପୁର ବିଧାୟକ ଅଶୋକ ଦାସ ଧାନ ମଣ୍ଡି ଉଦ୍ଘାଟନ କରିଥିଲେ। ଉଦ୍ଘାଟନ ବେଳେ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ବିଡିଓ ଜ୍ୟୋତିର୍ମୟ କର, ବ୍ଲକ ଅଧକ୍ଷା ଅବନ୍ତୀ ଦାସ, ବ୍ଲକ ଯୋଗାଣ ନିରୀକ୍ଷକ ପ୍ରୀତିଶ ସାମଲ, ସିଇଓ ଅଭିଳାଷ ରଣା, ରାଜସ୍ୱ ନିରୀକ୍ଷକ ସୌମ୍ୟରଞ୍ଜନ ସାମନ୍ତ, ସରପଞ୍ଚ ଶୁଭ୍ରନାରାୟଣ ସେଠୀ ଓ ପ୍ରଦୀପ ବଳ, ସମବାୟ ସମିତି ସଭାପତି ବିଜୟ ମହାପାତ୍ର, ସମ୍ପାଦକ କୃପାସିନ୍ଧୁ ଦାସ, କ୍ରୟ କମିଟି ସଦସ୍ୟ ସରୋଜ ଦାସ, ରବିନାରାୟଣ ଜେନା, ବିଶ୍ୱନାଥ ନାୟକ, ଆଲୋକ ଧଳ, ସୀତାକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମିତିରେ ୭୯୩ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ



କରିଥିବା ଜଣାପଡ଼ିଛି। ଆରସା ସମବାୟ ସମିତିରେ ସରକାରୀ ଧାନ ମଣ୍ଡି ଉଦ୍ଘାଟିତ ହୋଇଯାଇଛି। ଉଦ୍ଘାଟନ ଉତ୍ସବରେ ସଭାପତି ସତ୍ୟବ୍ରତ ନାୟକ, ସମ୍ପାଦକ ମଧୁସୂଦନ ବେହେରା, କ୍ରୟ ଅଧିକାରୀ ଅଜୟ ନାୟକ, ସମିତିସଭ୍ୟ ଶୁକଦେବ ମଳିକ, ସରପଞ୍ଚଙ୍କ ପ୍ରତିନିଧି ସୁଧାଂଶୁ ମହାଳିକ, କ୍ରୟକମିଟି ସଦସ୍ୟ ମହେଶ ପାଟ, ବିଭୂତିଭୂଷଣ ପାଟ, ସରୋଜ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଚାରିତରଫ ସମିତିରେ ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳକ ସୁଶାନ୍ତ କୁମାର ପୁହାଣ ମଣ୍ଡି ଉଦ୍ଘାଟନ କରିଥିବା ବେଳେ ସଭାପତି ସୀମାରାଣୀ ବାରିକ, ସମ୍ପାଦକ ମନୋରଞ୍ଜନ ବଳ, ପୂର୍ବତନ ସମ୍ପାଦକ ଚିତ୍ତରଞ୍ଜନ ସ୍ୱାଇଁ, ଉପସଭାପତି ବସନ୍ତ ନାୟକ, କ୍ରୟକମିଟି ସଦସ୍ୟ ପ୍ରଫୁଲ୍ଲ ସ୍ୱାଇଁ, ଆନନ୍ଦଚନ୍ଦ୍ର ପାଣିଗ୍ରାହୀ, ସମରେନ୍ଦ୍ର ବାରିକ, ଅଶୋକ ନାୟକ, କର୍ମଚାରୀ ସାଇରାମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବାରସର ସମିତିରେ ବ୍ୟାଙ୍କ ପରିଚାଳକ ପୁହାଣ ଧାନ ମଣ୍ଡି ଉଦ୍ଘାଟନ କରିଥିଲେ। ଏଥିରେ ସଭାପତି ମାନସରଞ୍ଜନ ନାୟକ, ସମ୍ପାଦିକା ସତ୍ୟଭାମା ବିଶ୍ୱାଳ, କ୍ରୟ କମିଟି ସଦସ୍ୟ ଶଙ୍କର୍ଷଣ ମହାଳିକ, ଦୀନବନ୍ଧୁ ମହାକୁଡ଼, ଶ୍ରଦ୍ଧାଞ୍ଜଳି ମିଶ୍ର, ନୃସିଂହ ମହାକୁଡ଼, କେଦାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବାମନବିନ୍ଧା ସମିତିରେ ସରକାରୀ ଧାନ ମଣ୍ଡି ଉଦ୍ଘାଟନ ଉତ୍ସବରେ ବ୍ଲକ ଯୋଗାଣ ନିରୀକ୍ଷକ ପ୍ରୀତିଶ ସାମଲ, ସିଇଓ ଅଭିଳାଷ ରଣା, କାଶିନାଥ ସେନାପତି, କୃଷ୍ଣଚନ୍ଦ୍ର ବାରିକ, ପୀତବାସ ବାରିକ, ମୃତ୍ୟୁଞ୍ଜୟ ବଳ, କମଳାକାନ୍ତ ସେଠୀ, ସଂଗ୍ରାମ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## 'ମୁଣ୍ଡାରୀ ଭାଷା ସମନ୍ୱୟ କମିଟି'ର ସମୀକ୍ଷା ବୈଠକ

ବାରିପଦା, (ଭାସ୍କର ନ୍ୟୁଜ୍): ବାରିପଦା ସ୍ଥିତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଭବନର ସଭାଗୃହରେ ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ଆବାହକ ବିରବଲ୍ ସିଂଙ୍କ ଆବାହକତ୍ୱରେ ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ଓଡ଼ିଶା ସରକାରଙ୍କୁ ମୁଣ୍ଡାରୀ ଭାଷା ସମନ୍ୱୟ କମିଟି ତରଫରୁ ପ୍ରସଂଶା କରାଯାଇଛି। ୩୧ ଡିସେମ୍ବର ୨୦୨୪ (ମଙ୍ଗଳବାର) ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ଓଡ଼ିଶା ସରକାରଙ୍କ ନବଗଠିତ ଜନଜାତି ଉପଦେଷ୍ଟା ପରିଷଦ (ଟିଏସି)ର ପ୍ରଥମ ବୈଠକରେ ମୁଣ୍ଡାରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ ପ୍ରସ୍ତାବ ଗୃହୀତ ହୋଇଥିବାରୁ ମୁଣ୍ଡାରୀ ଭାଷା ସମନ୍ୱୟ କମିଟି ତରଫରୁ ଓଡ଼ିଶା ସରକାରଙ୍କୁ ଅଶେଷ ଧନ୍ୟବାଦ। ମୁଣ୍ଡାରୀ ଭାଷାକୁ ଯଥାଶୀଘ୍ର ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରାଗଲେ ଭାରତର ସମସ୍ତ ମୁଣ୍ଡାରୀ ଭାଷାଭାଷୀ ଲୋକ ଚିରୋପକୃତ ହେବେ। ୨୦୨୩ ଜୁଲାଇ ୧୧ ତାରିଖ ଦିନ ଅନୁଷ୍ଠିତ ଜନଜାତି ଉପଦେଷ୍ଟା ପରିଷଦ (ଟିଏସି) ବୈଠକରେ ହୋ, କୁଇ ଏବଂ ସଉରା ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସ୍ୱୀକୃତି ଦେବା ନିମନ୍ତେ ସୁପାରିଶ କରାଯାଇଥିଲା। କିନ୍ତୁ ମୁଣ୍ଡାରୀ ଭାଷାକୁ ସୁପାରିଶ କରାଯାଇ ନଥିଲା। ଫଳରେ ମୁଣ୍ଡାରୀ ଭାଷାଭାଷୀ ଲୋକମାନେ ଅସନ୍ତୋଷ ପ୍ରକାଶ କରି ମୁଣ୍ଡାରୀ ଭାଷା ଆନ୍ଦୋଳନକୁ ଜୋରଦାର କରିବା ପାଇଁ ଗଠିତ ହେଲା, 'ମୁଣ୍ଡାରୀ ଭାଷା ସମନ୍ୱୟ କମିଟି' (ଏମଏଲସିସି)। ମୁଣ୍ଡାରୀ ଭାଷା ସମନ୍ୱୟ କମିଟି ତରଫରୁ ତୃଣମୂଳ ସ୍ତରରେ ମୁଣ୍ଡାରୀ ଭାଷା ଆନ୍ଦୋଳନର ସଚେତନତା ବୈଠକ ଆୟୋଜନ କରାଯାଇଥିଲା। ମୁଣ୍ଡାରୀ ଭାଷାଭାଷୀ ଅଧୁଷିତ ଗ୍ରାମରେ ମୁଣ୍ଡାରୀ ସଣ୍ଡେ ସ୍କୁଲ୍ ପ୍ରତିଷ୍ଠା କରାଯାଇ ୬ ରୁ ୧୪ ବର୍ଷ ବୟସର ଛାତ୍ରଛାତ୍ରୀମାନଙ୍କୁ ମାଗଣାରେ ମୁଣ୍ଡାରୀ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ କରାଯାଇଛି। ୨୦୨୩ ନଭେମ୍ବର ୧୫ ତାରିଖ ବାରିପଦାରେ ବିକ୍ଷୋଭ ଶୋଭାଯାତ୍ରା କରାଯାଇଛି। ମୁଣ୍ଡାରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସ୍ୱୀକୃତି ଦେବା ନିମନ୍ତେ ନୂଆ ସରକାରର ବିଧାୟକ, ମନ୍ତ୍ରୀ, ସାଂସଦ ମାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏସବୁର ଫଳସ୍ୱରୂପ ନୂତନ ସରକାରର ଜନଜାତି ଉପଦେଷ୍ଟା ପରିଷଦ (ଟିଏସି) ବୈଠକରେ ମୁଣ୍ଡାରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ଅନ୍ତର୍ଭୁକ୍ତ କରିବା ପ୍ରସ୍ତାବ ଗୃହୀତ ହୋଇଛି। ଉକ୍ତ ବୈଠକରେ ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ସାଧାରଣ ସମ୍ପାଦକ ଇଂ ସୁନାରାମ ସିଂ, ଜିଲ୍ଲା ସମ୍ପାଦକ ବୁଧୁଆ ସିଂ, ପର୍ଯ୍ୟବେକ୍ଷକ ଶଶିଧର ସିଂ, ଅଜିତ କୁମାର ସିଂ, ବେତନଟୀ ବ୍ଲକ୍ ଆବାହକ ତପନ ସିଂ, ବଡ଼ସାହି ବ୍ଲକ ସମ୍ପାଦିକା ଶାନ୍ତିଲତା ସିଂ ଏବଂ କମିଟିର ଅନ୍ୟ ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିଥିଲେ।




## ଉତ୍କଳ ଶ୍ରୀ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଉଦ୍ଯାପିତ

ବେଲପାହାଡ଼, (ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ଜିଲା ବେଲପାହାଡ଼ ବଡ଼ି ବିଲ୍ଡିଂ ଆଣ୍ଡ ପାୱାର ଲିଫ୍ଟିଂ ଆସୋସିଏସନ୍ ପକ୍ଷରୁ ସ୍ଥାନୀୟ ଜୁବୁଲି ହଲ ଠାରେ ରାଜ୍ୟସ୍ତରୀୟ 'ଉତ୍କଳ ଶ୍ରୀ' ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ରବିବାର ୨ୟ ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। ଓଡ଼ିଶା ବଡି ବିଲ୍ଡିଂ ଆସୋସିଏସନ୍ ସହଯୋଗିତାରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶାର ୨୨ଟି ଜିଲାରୁ ମୋଟ ୧୪୦ ଜଣ ପ୍ରତିଯୋଗୀ ୧୩ ଗୋଟି ବିଭାଗର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେଥିରୁ ମହିଳା ବର୍ଗରେ ମଧ୍ୟ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିଭାଗରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ମୋଟ ୮ ଜଣ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପଛରେ ପକାଇ ଶ୍ରେଷ୍ଠ ସ୍ଥାନ ଅଧିକାର କରି ଭୁବନେଶ୍ୱରର ସୁପ୍ରସିଦ୍ଧ ବଡ଼ି ବିଲ୍ଡର ଅମିତ କୁମାର ଭୂୟାଁ 'ଉତ୍କଳ ଶ୍ରୀ' ୨୦୨୪-୨୫ ସମ୍ମାନରେ ସମ୍ମାନିତ ହେବା ସହ ବେଷ୍ଟ ପୋଜର ଭାବେ ମଧ୍ୟ ଭୂୟାଁ ପୁରସ୍କୃତ ହୋଇଛନ୍ତି। ତାଙ୍କୁ ୨୦ ହଜାର ଓ ୭ ହଜାର ଟଙ୍କା ସହିତ ଟ୍ରଫି ପୁରସ୍କୃତ କରାଯାଇଛି।




ସେହିପରି ବିଭିନ୍ନ ବିଭାଗରେ ପ୍ରବୀର ବେହେରା ପ୍ରଥମ, ମନିସ କୁର୍ମୀ ଦ୍ୱିତୀୟ ଓ ରାମଚନ୍ଦ୍ର ଗୌଡ଼ ତୃତୀୟ, ଆକାଶ ପାତ୍ର ପ୍ରଥମ, ରାକେଶ ବିଶ୍ୱାଳ ଦ୍ୱିତୀୟ ଓ ରାକେଶ ବାଗ ତୃତୀୟ, ସୁନୀଲ ନାଏକ ପ୍ରଥମ, ସଞ୍ଜିତ ବେହେରା ଦ୍ୱିତୀୟ ଓ ଏସ କେ ଯାଏନୁଲ୍ ତୃତୀୟ, ଶଶାଙ୍କ ଶେଖର ସାହୁ ପ୍ରଥମ, ରଞ୍ଜନ ନାଏକ ଦ୍ୱିତୀୟ ଓ ସନ୍ଦୀପ ନାଏକ ତୃତୀୟ, ଅମିତ କୁମାର ଭୂୟାଁ ପ୍ରଥମ, ବଲାଲ ଖାନ ଦ୍ୱିତୀୟ ଓ ଅଭିଷେକ ଦାଶ ତୃତୀୟ, ଜଗନ୍ନାଥ ଖୁଣ୍ଟିଆ ପ୍ରଥମ, ସୁରେନ୍ଦ୍ର ବେହେରା ଦ୍ୱିତୀୟ ଓ ସଞ୍ଜୟ ଜେନା ତୃତୀୟ, ଜିତେନ୍ଦ୍ର ପଲାଇ ପ୍ରଥମ, ବାପୁନ୍ ବେହେରା ଦ୍ୱିତୀୟ ଓ ଆନନ୍ଦ ରେଡ୍ଡୀ ତୃତୀୟ, ଅମିୟ ରଞ୍ଜନ ସେଠୀ ପ୍ରଥମ, ସଞ୍ଜୟ ବେନାର୍ଜୀ ଦ୍ୱିତୀୟ ଓ ସୌମ୍ୟରଞ୍ଜନ ପ୍ରଧାନ ତୃତୀୟ, ସ୍ମୃତି ରଞ୍ଜନ ସାମଲ ପ୍ରଥମ, କ୍ଷୀରୋଦ ମହାନ୍ତି ଦ୍ୱିତୀୟ ଓ ଗୁଣ୍ଡେଲ ମହାକୁଡ଼ ତୃତୀୟ, ସ୍ମୃତି ରଞ୍ଜନ ସାମଲ ପ୍ରଥମ, କ୍ଷୀରୋଦ ମହାନ୍ତି ଦ୍ୱିତୀୟ ଓ ଗୁଣ୍ଡେଲ ମହାକୁଡ଼ ତୃତୀୟ, ହେମନ୍ତ ଭୋଇ ପ୍ରଥମ, ନାରାୟଣ ବୋଷୋଇ ଦ୍ୱିତୀୟ ଓ ଦୀପକ ରଞ୍ଜନ ଜେନା ତୃତୀୟ, ଶୁଭଙ୍କର ରାଉତ ପ୍ରଥମ, ନରହରି ସାହୁ ଦ୍ୱିତୀୟ ଓ ଦୀପ୍ତି ରଞ୍ଜନ ସାମନ୍ତରାୟ ତୃତୀୟ, ସେହିପରି ମହିଳା ବର୍ଗରେ ଅନୁପମା ସ୍ୱାଇଁ ପ୍ରଥମ, ସୁନିତାରାଣୀ ବେଶ୍ରା ଦ୍ୱିତୀୟ ଓ ପିଙ୍କି ବେହେରା ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ମନୋନୀତ ପ୍ରତିଯୋଗୀ ମାନେ ଆସନ୍ତା ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି କୁହାଯାଉଛି। ବିଚାରକ ଭାବେ ପ୍ରସନ୍ନ ମହାସ୍ୱର, ତରୁଣ ଚଟାର୍ଜୀ, ବିରଞ୍ଚି ମିଶ୍ର, ସଞ୍ଜୟ ଶତପଥୀ, ଅଜୟ ମହାପାତ୍ର, ଉମା ଶତପଥୀ, ମନମଥ୍ ମିଶ୍ର, ରାଜେଶ ଆଚାରୀ, ବାବୁଲି ସ୍ୱାଇଁ, ପ୍ରଫୁଲ୍ଲ ଚନ୍ଦ୍ର ଗୁରୁ ପ୍ରମୁଖ ଯୋଗଦେଇ ପ୍ରତିଯୋଗିତା ଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। ରବିବାର ଉଦଯାପନୀ ସନ୍ଧ୍ୟାରେ ଅତିଥିଙ୍କ ଗହଣରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ବେଲପାହାଡ଼ ପୌର ନଗରପାଳ ନିମାଇଁ ଚରଣ ପଣ୍ଡା, ବେଲପାହାଡ଼ ଥାନାଧିକାରୀ କୃଷ୍ଣଚନ୍ଦ୍ର ମେହେର, ଟିଆରଏଲ କ୍ରୋସାକି କମ୍ପାନୀର ବରିଷ୍ଠ ଅଧିକାରୀ ମନୋଜ ପଟେଲ, କ୍ରୀଡ଼ା ପ୍ରେମୀ ବିପ୍ଳବ ଅଗ୍ରୱାଲ, ଜ୍ୟୋତିର୍ମୟୀ ପଣ୍ଡା ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଆୟୋଜକ ବେଲପାହାଡ଼ ବଡି ବିଲ୍ଡିଂ ଆଣ୍ଡ ପାୱାର ଲିଫ୍ଟିଂ ଆସୋସିଏସନର ମୁଖ୍ୟ ପୃଷ୍ଠପୋଷକ ଡା. ଅନୀଲ ନାୟକ, ସଭାପତି ମନୋଜ ମହାନ୍ତି, ଉପସଭାପତି ବିକାଶ ମହାନ୍ତି, ସୁରଜ ମହାରାଜ, ସାଧାରଣ ସମ୍ପାଦକ ଶିବରାମ ମହାରଣା, କୋଷାଧକ୍ଷ ଦୀପକ ମହାନ୍ତି, ଉପଦେଷ୍ଟା ରାଜକିଶୋର ରାଉତ, ସ୍ମୃତିରଞ୍ଜନ ପ୍ରଧାନ, ଶକ୍ତିକାନ୍ତ ମହାପାତ୍ରଙ୍କ ସମେତ ସରୋଜ ପ୍ରଧାନ, ଗଜେନ୍ଦ୍ର ରାଉତ, କୁବେର ସାହୁ, ଲିଙ୍ଗରାଜ ମହାରଣା, ସଞ୍ଜୟ ପ୍ରଧାନ, ଦୀନେଶ କରାଲୀ, ପ୍ରଶାନ୍ତ ଦାସ, ଶୁଭେନ୍ଦୁ ପଟ୍ଟନାୟକ, ସଞ୍ଜୟ ମହାନ୍ତି, ପ୍ରମୁଖ ଆୟୋଜନରେ ସହଯୋଗ କରିଥଲେ।

## ବରଗଡ଼ ଧନୁଯାତ୍ରା : ବୟନିକା ଉଦଘାଟିତ



ବରଗଡ଼, (ଭାସ୍କର ନ୍ୟୁଜ): ୭୭ତମ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ଅବସରରେ ଜାତୀୟ ହସ୍ତତନ୍ତ ପ୍ରଦର୍ଶନୀ ବୟନିକା ଉଦଘାଟିତ ହୋଇଯାଇଛି। ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡ଼ିୟମ ଠାରେ ଜାତୀୟ ହସ୍ତତନ୍ତ ପ୍ରଦର୍ଶନୀକୁ ଅତାବିରା ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ବିଧାୟକ ନିହାର ରଞ୍ଜନ ମହାନନ୍ଦ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ବୟନିକା ସଭାପତି ଶେଷଦେବ ମେହେର, ସମ୍ପାଦକ ସଞ୍ଜୟ ମେହେରଙ୍କ ସହ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ହସ୍ତତନ୍ତ ପ୍ରଦର୍ଶନୀରେ ରାଜ୍ୟ ତଥା ରାଜ୍ୟ ବାହାର କାଶ୍ମୀର, ଆସାମ, ଉତ୍ତରପ୍ରଦେଶ ପ୍ରଭୃତି ରାଜ୍ୟର ଉତ୍ତମ ବସ୍ତ୍ର ପ୍ରଦର୍ଶିତ ହେଉଥିବା ଜଣାଯାଏ। ମଥୁରା ନଗରୀରେ ମହାରାଜ କଂସର ଶ୍ୟାମେଶ୍ୱର ଦର୍ଶନ, ଦରବାର କାର୍ଯ୍ୟକ୍ରମ, ପାତ୍ର ମନ୍ତ୍ରୀ ସେନାପତିଙ୍କ ସହ କଂସର ମନ୍ତ୍ରଣା ଅଭିନିତ ହେବା ସହ ରାଜ୍ୟ ତଥା ରାଜ୍ୟ ବାହାରର କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସେହିପରି ମୀନାବଜାର ଠାରେ ବେଶ ଜନସମାଗମ ହେଉଥିବା ଦେଖିବାକୁ ମିଳୁଛି। ଚଳିତ ବର୍ଷର ଧନୁଯାତ୍ରା ବେଶ ଆକର୍ଷଣୀୟ ହେଉଥିବା ଦର୍ଶକମାନଙ୍କ ପ୍ରତିକ୍ରିୟାରେ ଜଣାଯାଏ। ଆଗକୁ ଆହୁରି ଜନ ସମାଗମ ହେବାର ସମ୍ଭାବନା ରହିଛି। ଏଥିପାଇଁ ପୋଲିସ ପ୍ରଶାସନକୁ ଏବେଠୁ ବିହିତ ବ୍ୟବସ୍ଥା କରିବାର ଆବଶ୍ୟକତା ରହିଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଥିବା ଜଣାଯାଏ।

### ଚୌଦ୍ୱାର ମହାବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର

ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍): ରାଜ୍ୟ ଉଚ୍ଚଶିକ୍ଷା ବିଭାଗଙ୍କ ନିର୍ଦ୍ଦେଶ କ୍ରମେ ଚୌଦ୍ୱାର ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ଆତ୍ମରକ୍ଷା ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷା ରଶ୍ମୀ ରାଉତରାୟଙ୍କ ପରିଚାଳନାରେ ଆୟୋଜିତ ଶିବିରରେ ଚୌଦ୍ୱାର ଥାନାର ଏସ୍ଆଇ ସରସ୍ୱତୀ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିପଦ ସମୟରେ ଛାତ୍ରୀମାନେ କିଭଳି ଆତ୍ମରକ୍ଷା କରିବେ ସେ ସମ୍ପର୍କରେ ଦୃଷ୍ଟିପାତ କରିବା ସହ ଛାତ୍ରୀ ଜୀବନରେ ତାଙ୍କର ଅନୁଭୂତି ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା କ୍ଷୀରାବ୍ଧି ଚୌଧୁରୀ, ପ୍ରାଧ୍ୟାପକ ଶରତ କୁମାର ମଲ୍ଲିକ, ପ୍ରଭାକର ମିଶ୍ର, ଅଧ୍ୟାପକ ବସନ୍ତ କୁମାର ବିଶ୍ୱାଳ, ଯୁକ୍ତେଶ୍ୱର ଦାସ, ସୁମନ୍ତ କୁମାର ସାହୁ, ପ୍ରାଧ୍ୟାପିକା ହରପ୍ରିୟା ମହାପାତ୍ର ପ୍ରମୁଖ ଯୋଗ ଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଅଧ୍ୟାପିକା ବିସ୍ମିତା ସାହୁ ସଂଯୋଜନା କରିଥିବା ବେଳେ ଆତ୍ମରକ୍ଷା କୌଶଳ କ୍ଲବ୍‌ର ଛାତ୍ରୀ ପ୍ରତିନିଧି ଉଷାରାଣୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିବା ବେଳେ କୃତି ଛାତ୍ରୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

## ବିଜ୍ଞାନ, ବାଣିଜ୍ୟ ଓ ଫାଉଣ୍ଡେସନ କୋର୍ସ ପାଇଁ ରାଜ୍ୟସ୍ତରୀୟ ପ୍ରବେଶିକା ପରୀକ୍ଷା

ବ୍ୟାସନଗର, (ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲା କଳିଙ୍ଗନଗର ଅଞ୍ଚଳ କୁସୁନପୁର ସ୍ଥିତ 'ଦେବ ଇଣ୍ଟର ନ୍ୟାସନାଲ ସ୍କୁଲ'ଠାରେ ୫ ଜାନୁଆରୀ ରବିବାର ଦିନ ଏକାଦଶ ବିଜ୍ଞାନ ଓ ବାଣିଜ୍ୟ ତଥା ଫାଉଣ୍ଡେସନ କୋର୍ସ ପାଇଁ ରାଜ୍ୟସ୍ତରୀୟ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷାରେ ରାଜ୍ୟ ତଥା ରାଜ୍ୟ ବାହାରୁ ୨୭୦୦ ରୁ ଉର୍ଦ୍ଧ୍ୱ ଆଶାର୍ଥି ନିଜ ଭାଗ୍ୟ ନିର୍ଦ୍ଧାରିତ କରିଥିଲେ। ବହୁ ଦୂର ଦୁରାନ୍ତରରୁ ଅନେକ ଆଶା ରଖି ପ୍ରବେଶିକା ପରୀକ୍ଷା ପାଇଁ ପ୍ରଥମ ପର୍ଯ୍ୟାୟରେ ୧୫୦୦ ଓ ଦ୍ୱିତୀୟ ପର୍ଯ୍ୟାୟରେ ୧୨୦୦ ମୋଟ ୨୭୦୦ ଆଶାର୍ଥି ପରୀକ୍ଷା ଦେବାକୁ ଆସିଥିଲେ। ପୂର୍ବ ବର୍ଷ ଏହି ପରୀକ୍ଷାରେ ୧୦୦୦ରୁ ଉର୍ଦ୍ଧ୍ୱ ପରୀକ୍ଷା ଦେଇଥିବା ବେଳେ ଏହି ବର୍ଷ ସଂଖ୍ୟା ଦୁଇଗୁଣା ହୋଇଛି। ଭୁବନେଶ୍ୱର, କଟକ ଭଳି ଯାଜପୁର ରୋଡ଼ ବ୍ୟାସନଗର ଦେବରେ ବି ଭିଡ଼ ପରିଲକ୍ଷିତ ହୋଇଥିଲା। ଅନୁଗୁଳ, କରଞ୍ଜିଆ, ମୟୂରଭଞ୍ଜ, ବାଲେଶ୍ୱର, ରାଇରଙ୍ଗପୁର, କେନ୍ଦୁଝର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଢେଙ୍କାନାଳ, କଟକ, ଭୁବନେଶ୍ୱର ସମେତ ଜିଲ୍ଲାର ଅବସ୍ଥିତ ବହୁ ପ୍ରତିଷ୍ଠିତ ବିଦ୍ୟାଳୟରୁ ଏଠାକୁ ପ୍ରବେଶିକ ପରୀକ୍ଷା ନିମନ୍ତେ ଛାତ୍ରଛାତ୍ରୀ ଆସିଥିଲେ। ଏପରିକି ବାହାର ରାଜ୍ୟ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗରୁ ବି ପରୀକ୍ଷାର୍ଥୀ ଆସି ପହଞ୍ଚିଥିଲେ। ଛାତ୍ରଛାତ୍ରୀଙ୍କୁ ସାଢ଼େ ୧୦ଟାରେ ପରୀକ୍ଷା ହଲ ଭିତରକୁ ପ୍ରବେଶ କରାଯାଇଥିଲା। ୧୧ ଘଟିକା ଠାରୁ ୧ଘଟିକା ପର୍ଯ୍ୟନ୍ତ ପରୀକ୍ଷା ଚାଲିଥିଲା। ପରୀକ୍ଷା ଶେଷରେ ପିଲାମାନଙ୍କ ମଧ୍ୟରେ ଅନେକ ଆନନ୍ଦଉତ୍ସାହ ଦେଖିବାକୁ ମିଳିଥିଲା। ବିଦ୍ୟାଳୟର ପୂର୍ବ ପରୀକ୍ଷା ପରିଣାମ ଯେପରିକି ଆଇଆଇଟି, ମେଡିକାଲ, ନାଇଜର ଭଳି ସଫଳତାକୁ ଆଖି ଆଗରେ ରଖି ଅଭିଭାବକଙ୍କ ଭିଡ଼ ଜମିଥିଲା। ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ପରୀକ୍ଷାର ପୂର୍ଣ୍ଣ ସହଯୋଗ କରିଥିଲେ। ମୁଖ୍ୟ ପ୍ରଶାସନିକ ଅଧିକାରୀ ନିର୍ମଳ କୁମାର ରଣା, ଏକାଡ଼େମୀକ କୋର୍ଡ଼ିନେଟର ସୋନିଆ ବେଦୀ, ସିସିଏ ପରିଚାଳକ ବଲବିର୍ ସିଂ, ଉପପ୍ରଧାନାଚାର୍ଯ୍ୟ ଆରଏନ ରୟତ ସିଂ ଓ କଲେଜ ଏକାଡ଼େମୀକ କୋର୍ଡ଼ିନେଟର ଚକ୍ରଧର ପାଣି ଓ ଦୁଃଖବନ୍ଧୁ ବାରିକ ପରୀକ୍ଷାର ସୁପରିଚାଳନା ଦାଇତ୍ୱ ନିଭାଇଥିଲେ। ଆଇଟି କୋର୍ଡ଼ିନେଟର ବଳରାମ ନନ୍ଦ ଓ ଦିଲ୍ଲିପ ରଥ ପରୀକ୍ଷା ପରିଚାଳନାରେ ପ୍ରମୁଖ ଦାୟିତ୍ୱ ନିଭାଇଥିଲେ। ଏକାଡ଼େମୀକ କୋର୍ଡ଼ିନେଟର ସୋନିଆ ବେଦୀ ଓ ମୁଖ୍ୟ ପ୍ରଶାସନିକ ଅଧିକାରୀ ନିର୍ମଳ କୁମାର ରଣା ପରୀକ୍ଷା ସମ୍ବନ୍ଧୀୟ ତଥା ଫାଉଣ୍ଡେସନ କୋର୍ସର ବିଶେଷ ବିବରଣୀ ଅଭିଭାବକଙ୍କ ସମ୍ମୁଖରେ ତଥ୍ୟ ପ୍ରଦାନ କରିଥିଲେ। ଅନାମିକା ଜଗଦୀଶ, ସ୍ୱୟଂସମ୍ପୂର୍ଣ୍ଣା ମିଶ୍ର କଲେଜ ପାଠ୍ୟକ୍ରମ ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରିଥିଲେ। ମାର୍କେଟିଂ ମୁଖ୍ୟ ପରିଚାଳକ ଆଲେ ଯହୁର୍ ଖାନଙ୍କ ସହ ରାଜେନ୍ଦ୍ର ରାଉତ, ଉପେନ୍ଦ୍ର ବେହେରା, ଏମଡି ସମିମ, ସୁଭାଷ ଦାସ, ଅରବିନ୍ଦ ନାୟକ, ସତ୍ୟ ବେହେରା, ଅରବିନ୍ଦ ସ୍ୱାଇଁ, ହେମନ୍ତ ନାୟକ ଏବଂ ସନ୍ତୋଷ ପୂର୍ଣ୍ଣ ସହଯୋଗ କରିଥିଲେ। ବିଦ୍ୟାଳୟର ଅଧକ୍ଷ ବୃନ୍ଦଦେବ ରାଉତଙ୍କ ସହ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମକର୍ତ୍ତା ପ୍ରମୁଖ ଛାତ୍ରଛାତ୍ରୀଙ୍କର ଉତ୍ତରୋତ୍ତର ଉନ୍ନତି ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## କ୍ୟାନସର ରୋଗୀଙ୍କୁ ପ୍ଲେଟଲେଟ ପ୍ରଦାନ କଲେ ଡଃ ନିରୋଜ




ବାରିପଦା, (ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ସ୍ଥିତ କ୍ୟାପିଟାଲ ହସ୍ପିଟାଲରେ କ୍ୟାନ୍ସର ରୋଗରେ ପୀଡ଼ିତ କେନ୍ଦୁଝର ଜିଲ୍ଲାର କୃଷ୍ଣଚନ୍ଦ୍ର ମହାନ୍ତ ଅନେକ ଦିନ ଧରି ଅସୁସ୍ଥ ଥାଇ ଚିକିତ୍ସିତ ହେଉଛନ୍ତି। ତାଙ୍କର ଶରୀରରୁ ପ୍ଲେଟଲେଟ ପରିମାଣ କମିଯିବାରୁ ସେ ଅତ୍ୟଧିକ ଦୁର୍ବଳ ହୋଇପଡ଼ିଥିଲେ। ତାଙ୍କର ଉନ୍ନତ ଚିକିତ୍ସା ପାଇଁ ଜରୁରୀ କାଳୀନ AB+ve ପ୍ଲେଟଲେଟର ଆବଶ୍ୟକ ହୋଇଥିଲା। ଅନେକ ଚେଷ୍ଟା କରି ବିଫଳ ହେବାରୁ ସେମାନେ ଭୁବନେଶ୍ୱରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମିଶନ ରକ୍ତଦାନର ମୁଖ୍ୟ ହରପ୍ରସାଦ ମହାପାତ୍ରଙ୍କୁ ପ୍ଲେଟଲେଟ ପାଇଁ ଅନୁରୋଧ କରିଥିଲେ। ହରପ୍ରସାଦ ମହାପାତ୍ର ବାରିପଦାର ନିୟମିତ ରକ୍ତ ଓ ପ୍ଲେଟଲେଟ ଦାତା ଡଃ ନିରୋଜ କୁମାର ପୋଥାଳଙ୍କୁ ଯୋଗାଯୋଗ କରିଥିଲେ। ଏଭଳି ଏକ ବିଷମ ପରିସ୍ଥିତିରେ ଜରୁରୀ କାଳୀନ ପ୍ଲେଟଲେଟର ଆବଶ୍ୟକତା ଜାଣିବା ପରେ ଡଃ ନିରୋଜ କୁମାର ପୋଥାଳ କାଳବିଳମ୍ବ ନ କରି ବାରିପଦାରୁ ଭୁବନେଶ୍ୱର ସ୍ଥିତ କ୍ୟାପିଟାଲ ହସପିଟାଲକୁ ଯାଇ ନିଜର ପ୍ଲେଟଲେଟ କ୍ୟାନ୍ସର ପୀଡ଼ିତ ରୋଗୀଙ୍କୁ ପ୍ରଦାନ କରିବା ପାଇଁ ବାରିପଦାରେ ପହଞ୍ଚିଥିଲେ। ଏହା ପରେ ତୁରନ୍ତ ରୋଗୀଙ୍କୁ ସେ ବ୍ଲଡ୍ ଦେଇଥିଲେ। ଏହି ପ୍ଲେଟଲେଟ ସଂଗ୍ରହରେ ମିଶନ ରକ୍ତଦାନର ମୁଖ୍ୟ ହରପ୍ରସାଦ ମହାପାତ୍ର, ସଦସ୍ୟ ଚନ୍ଦ୍ରକାନ୍ତ ଭୋଇ, ସତ୍ୟମ୍ ଦାସ, ନିର୍ମଳ କୁମାର ଗିରି, ଗଣେଶ୍ୱର ମହାରଣା ପ୍ରମୁଖ ସହଯୋଗ କରିଥିଲେ। ଏହି ମହାନ୍ ସେବାକାର୍ଯ୍ୟ ପାଇଁ ଡଃ ନିରୋଜଙ୍କୁ ଭୁବନେଶ୍ୱର, କେନ୍ଦୁଝର ଓ ମୟୂରଭଞ୍ଜର ବିଭିନ୍ନ ଅନୁଷ୍ଠାନ ତରଫରୁ ଧନ୍ୟବାଦ ପ୍ରଦାନ କରାଯାଇଛି। ଏହାପୂର୍ବରୁ ଅନେକବାର ନିୟମିତ ଭାବରେ ଡଃ ନିରୋଜ ପୋଥାଳ ବାରିପଦାରୁ ଭୁବନେଶ୍ୱର ଓ କଟକକୁ ଯାଇ ଡେଙ୍ଗୁ ଓ କ୍ୟାନସର ରୋଗୀଙ୍କୁ ନିଜର ପ୍ଲେଟଲେଟ ପ୍ରଦାନ କରିଆସୁଛନ୍ତି। ଡଃ ନିରୋଜ ବହୁ ସ୍ଥାନରେ ଆଜିପର୍ଯ୍ୟନ୍ତ ସର୍ବମୋଟ ୧୨୨ ଥର ନିଜର ରକ୍ତଦାନ କରି ଅନେକ ରାଜ୍ୟରୁ ପୁରସ୍କୃତ ମଧ୍ୟ ହୋଇଛନ୍ତି। ତାଙ୍କର ଏଭଳି ଅବଦାନ ସମାଜ ଓ ଯୁବପିଢ଼ି ପାଇଁ ଏକ ମହାନ ଶିକ୍ଷା କହିଲେ ଅତ୍ୟୁକ୍ତି ହେବନାହିଁ।

## ସୁଙ୍ଗୁଡ଼ା ଗ୍ରାମପଞ୍ଚାୟତ ବିଜେଡ଼ି କର୍ମୀଙ୍କ ବନ୍ଧୁମିଳନ

ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍): ଆଜି ପୂରାଣ ପ୍ରସିଦ୍ଧ ବାରୁଣାବନ୍ତ ପାହାଡ଼ ପାଦଦେଶରେ ଥିବା ବିଜୁଳେଇ ମନ୍ଦିର ନିକଟରେ ସୁଙ୍ଗୁଡ଼ା ଗ୍ରାମପଞ୍ଚାୟତ ବିଜେଡ଼ି କର୍ମୀମାନଙ୍କ ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସଭାପତି ପ୍ରିୟବ୍ରତ ଖିଲାରଙ୍କ ସଭାପତିତ୍ୱରେ ଆୟୋଜିତ ବନ୍ଧୁମିଳନରେ ମୁଖ୍ୟ ଅତିଥି ଭାବେ ୧୭ ନମ୍ବର ଜୋନ ସଭାପତି ସଞ୍ଜୟ କୁମାର ସ୍ୱାଇଁ ଯୋଗଦେଇ କହିଥିଲେ ଯେ, ଦୀର୍ଘ ୨୫ ବର୍ଷ ଧରି ବଢ଼ଚଣା ଯେଉଁ ବିକାଶର ଧାରା ଚାଲିଥିଲା ତାହା ଦୀର୍ଘ ୬ ମାସ ହେଲା ବ୍ୟାହତ ହୋଇଛି। ଆଗମୀ ଦିନରେ ବିଜେଡ଼ି କର୍ମୀମାନଙ୍କ ଭିତରେ ଏକତା, ଭାଇଚାରା ସୃଷ୍ଟି କରିବା ସହିତ ବିଜେଡ଼ି ସମୟରେ ହୋଇଥିବା ବିକାଶକୁ ଲୋକ ମାନଙ୍କ ନିକଟରେ ପହଞ୍ଚାଇବା ସହିତ ଆଗମୀ ଦିନରେ ସଙ୍ଗଠନକୁ ମଜବୁତ୍ କରିବା ସହିତ ଆଗମୀ ଗ୍ରାମ ପଞ୍ଚାୟତ ନିର୍ବାଚନରେ ଦଳକୁ ଜିତାଇବା ପାଇଁ ଆଜିଠାରୁ ଶପଥ ନେବାକୁ ଆହ୍ୱାନ ଦେଇଥିଲେ। ଏହି ବନ୍ଧୁମିଳନରେ ୱାର୍ଡ଼ ସଭ୍ୟ ମସିର ଅଓଲମ୍, ବୈକୁଣ୍ଠ ସାହୁ, ତବ୍ରେଜ୍ ଖାଁ, ବିନୋଦ ଜେନା, ବିଜୟାନନ୍ଦ ବିଶ୍ୱାଳ, ନଟବର ସାହୁ, ରିଆଯୁଦ୍ଦିନ ଖାଁ, ଉପେନ୍ଦ୍ର ବ୍ରହ୍ମ, ସନ୍ତୋଷ ଜେନା, ଯତୀନ୍ଦ୍ର ନାୟକ, ବିଚିତ୍ରକ୍ଷ ନନ୍ଦ ସେନାପତି, ସୁନିଲ କୁମାର ଜେନା, ପ୍ରଭାତ କୁମାର ବିଶ୍ୱାଳ, ଅରୁଣ ନାୟକ, ସଂଗ୍ରାମ ଜେନା, ପ୍ରସନ୍ନ ଚୌଧୁରୀ, ଦିବ୍ୟଲୋଚନ ଜେନା, ବିଶ୍ୱଜିତ୍ ବିଶ୍ୱାଳ, ମହେନ୍ଦ୍ର ଜେନା ପ୍ରକାଶ ରାଉତ, ବିର କିଶୋର ଜେନା, ସଞ୍ଜୟ ଜେନା, ବିଶନ ଜେନା ସମେତ ଶତାଧିକ ବିଜେଡି କର୍ମୀ ଯୋଗ ଦେଇ ବିଜେଡ଼ି ସଙ୍ଗନକୁ ମଜବୁତ କରିବାକୁ ଆହ୍ୱାନ ଦେଇଥିଲେ।

## ସଡ଼କ ସୁରକ୍ଷା କର୍ଯ୍ୟକ୍ରମ ଅନୁଷ୍ଠିତ

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): ନିୟମ ନମାନି ବେପରୁଆ ଗାଡ଼ି ଚାଳନା ପାଇଁ ଦୁର୍ଘଟଣା ଘଟି ଅନେକ ମୂଲ୍ୟବାନ ଜୀବନ ଚାଲି ଯାଉଛି, ଅନେକ ପରିବାର ଉଜୁଡ଼ି ଯାଉଛି, ତଥାପି ଅମାନିଆ ଚାଳକ ମାନେ ସଚେତନ ହେଉନାହାନ୍ତି। ଯାହାକୁ ନେଇ ଆଜି ନାରାୟଣ ପାଟଣା ବଜାର ମଝିରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଡ଼କ ସୁରକ୍ଷା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇ ସଡ଼କ ସୁରକ୍ଷା ଜୀବନ ରକ୍ଷା ବିଷୟରେ ସଚେତନ କରାଯାଇଥିଲା। ଯାନବାହାନ ଚଳାଇଲା ବେଳେ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ପ୍ରତ୍ୟେକ ନିୟମ ମାନିଲେ ଆମେ ସୁରକ୍ଷିତ ରହିବା ବୋଲି ଜିଲ୍ଲା ରୋଡ଼ ସେଫ୍ଟୀ କମିଟି ଅଧିକାରୀ ଡ.ନଳୀନ ଟାକିରିଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଏହି ସଚେତନ କାର୍ଯ୍ୟକ୍ରମକୁ ଆଖି ଆଗରେ ରଖି ନାରାୟଣ ପାଟଣା ଥାନା ତରଫରୁ ସବୁ କ୍ଷେତ୍ରରେ ସହଯୋଗ କରାଯାଇଥିବା ବେଳେ ସଭାପତି ଗୋରୀ ଶଙ୍କରଙ୍କ ସମେତ ପୋଲିସ କର୍ମୀ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା।

## ଆଦାନୀ ଗ୍ରୁପ୍ ଚରାମୂଳା ଗ୍ରାମରେ କଲେ ଜଳ ବିଶଧନ ସୁବିଧା

ଟେନ୍ତୁଳିଖୁଣ୍ଟି, (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ଟେନ୍ତୁଳିଖୁଣ୍ଟି ବ୍ଲକ ଦିଗି ପଞ୍ଚାୟତ ଅନ୍ତର୍ଗତ ଚରାମୁଳା ଗ୍ରାମବାସୀଙ୍କ ସୁବିଧା ପାଇଁ ଆଦାନୀ ଗ୍ରୁପ ପକ୍ଷରୁ ଜଳ ବିଶୋଧନ ନିମନ୍ତେ ଫିଲଟର ସୁବିଧା କରାଯାଇଛି। ଗ୍ରାମର ବରିଷ୍ଠ ନାଗରିକ ଆର ସାବିତ୍ରୀ କରଙ୍କ ଦ୍ୱାରା ବିଶୋଧନ ଫିଲଟରର ଶୁଭାରମ୍ଭ ହୋଇଛି। ବିଶୋଧନ ପରେ ସମସ୍ତ ଗ୍ରାମବାସୀ ଥଣ୍ଡା ଓ ବିଶୁଦ୍ଧ ପିଇବା ପାଣି ପାଇପାରିବେ। ସୂଚନା ଅନୁଯାଇ ଆଦାନୀ ଗ୍ରୀନ ଏନର୍ଜି ପକ୍ଷରୁ ଚରାମୂଳା ଗ୍ରାମରେ ୧୮୦ ଏକର ପରିମିତ ଜମିରେ ସୋଲାର ପ୍ଲାଣ୍ଟ ବ୍ୟବସ୍ଥା ହୋଇଥିବା ବେଳେ ଏଥିରେ ଦିନକୁ ଚାଳିଶି ମେଗାୱାଟର ବିଦ୍ୟୁତ ଉତ୍ପାଦନ ହେଉଅଛି। ତେଣୁ ଗ୍ରାମର ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ କଲ୍ୟାଣ ପାଇଁ ଲାଭାଂଶରୁ କିଛି ଅର୍ଥ ଖର୍ଚ୍ଚ କରିବାର ନିୟମ ରହିଛି। ତେଣୁ ସୋଲାର କମ୍ପାନୀ ପ୍ରତ୍ୟେକ ବର୍ଷ ତାଙ୍କ କର୍ପୋରେଟ ସାମାଜିକ ଦାୟିତ୍ୱ କାର୍ଯ୍ୟକଳାପରୁ କିଛି ଅନୁଦାନ ଦେଉଥିବା ଦେଖିବାକୁ ମିଳିଛି। ସେହିପରି ପ୍ରଥମ ବର୍ଷ ଚରାମୁଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଷାଠିଏଟି ଚେୟାର, ବେଞ୍ଚ, ଡେସ୍କ, ଦୁଇଟି କମ୍ପ୍ୟୁଟର ଏବଂ ପଣସ ପଦର ସ୍କୁଲ ପାଇଁ ୩୦ ଟି ବେଞ୍ଚ ଡେସ୍କ, ପାଞ୍ଚଟି ଶିକ୍ଷକ ଟେବୁଲ ପ୍ରଦାନ କରିଛନ୍ତି। ଆଦାନୀ ଗ୍ରୁପ ପ୍ରତିଷ୍ଠାତା ଗୌତମ ଆଦାନୀଙ୍କ ବାର୍ଷିକରେ ପ୍ରତିବର୍ଷ ରକ୍ତଦାନ ଶିବିର ଅନୁଷ୍ଠିତ ହେଉଅଛି। ଏଥି ସହ ଗ୍ରାମରେ ସ୍ୱଚ୍ଛ ଭାରତ ଅଭିଯାନ କରୁଥିବା ଦେଖିବାକୁ ମିଳିଛି। ଆଜିର ଜଳ ବିଶୋଧନ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଆଦାନୀ ଗ୍ରୀନ ଦୁଲାଲ ଦାସ, ସୁଧାଂଶୁ ଦଳାଇ, ଜେ. ତ୍ରିନାଥ ରାଓ, ଜି.ହେମନ୍ତ କୁମାରଙ୍କ ସମେତ ଗ୍ରାମର ପି ଭାସ୍କର ରାଓ ଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମକୁ ପି ବସନ୍ତ କୁମାର ପରିଚାଳନା କରିଥିଲେ।



# ଆମ କଳାହାଣ୍ଡି







## କଳାହାଣ୍ଡି ଉତ୍ସବ 'ଘୁମୁରା-୨୦୨୫'

## ନୌଚାଳନା ଓ ତୀର ଚାଳନା ପ୍ରତିଯୋଗିତା ଉଦ୍‌ଘାଟନ କଲେ ଜିଲ୍ଲାପାଳ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଉତ୍ସବ 'ଘୁମୁରା-୨୦୨୫' ପାଳନ ଅବସରରେ ପ୍ରତି ବର୍ଷ ପରି ଚଳିତବର୍ଷ ମଧ୍ୟ ଇନ୍ଦ୍ରାବତୀ ଜଳଭଣ୍ଡାରରେ ନୌକା ଚାଳନା ପ୍ରତିଯୋଗିତା ଓ କୂଳରେ ଥିବା ମହୁଲପାଟଣା ନିକଟସ୍ଥ କେନ୍ଦୁଗୁଡା ନିକଟରେ ତୀର ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଥୁଆମୂଳ ରାମପୁର ଏବଂ ଜିଲ୍ଲା ମତ୍ସ୍ୟ ଚାଷ ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତା କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ବିଧାୟକ ଲାଞ୍ଜିଗଡ଼, ପ୍ରଦୀପ କୁମାର ଦିଶାରୀ, ଜିଲ୍ଲାପାଳ କଳାହାଣ୍ଡି, ପାଓ୍ୱାର ସଚିନ ପ୍ରକାଶ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ସିଡିଏମ୍ଓ ଡକ୍ଟର ସୂଚିତା ପାଣି, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଦିଲ୍ଲୀପ କୁମାର



ମହାରଣା, ପ୍ରକଳ୍ପ ପ୍ରଶାସକ ଆଇଟିଡିଏ ପ୍ରଦ୍ୟୁମ୍ନ କୁମାର ଦାଶ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସଂସ୍କୃତି ଅଧିକାରୀ, ବିବେକାନନ୍ଦ ମହାନନ୍ଦ, ସହକାରୀ ଜିଲ୍ଲାପାଳ ମମତା ଦାସ, ଜିଲ୍ଲା ମତ୍ସ୍ୟ ଚାଷ ଅଧିକାରୀ ଦ୍ରୌପଦୀ ମାଝୀ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ମାଝୀ, ବିଡିଓ ଧ୍ରୁବ ଚରଣ ମୁଦୁଲି, ପବିତ୍ର ନାଏକ, ସ୍ୱତନ୍ତ୍ର ଅଧିକାରୀ ଆଇଟିଡିଏ ନନ୍ଦକିଶୋର ତାଣ୍ଡି, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ମହାପ୍ରସାଦ ଦାସ, ପ୍ରକଳ୍ପ ପରିଚାଳକ ଅବିନାଶ ମହାନ୍ତି, ଆଇଟିଡିଏ ସହକାରୀ ନିର୍ବାହୀ ଯନ୍ତ୍ରୀ ସାଲଖୁ ହେମ୍ବ୍ରମ ଏବଂ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୁଭଜିତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିବାବେଳେ ଆୟୋଜିତ କାର୍ଯ୍ୟକମର ମଞ୍ଚ ପରିଚାଳନା କରିଥିଲେ ଏମ୍ଏମ୍ପିଏସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା ଏବଂ ସମାଜସେବୀ ମାଣିକ୍ୟ ଚନ୍ଦ୍ର ନାଏକ। ନୌଚାଳନା ପ୍ରତିଯୋଗିତାରେ ୮ ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ଏଥିରେ କମଳାଗୁଡା ଗାଁର ସୁବାଷ ମାଝୀ ଏବଂ ଚକ୍ର ମାଝୀ ପ୍ରଥମ ପୁରସ୍କାର ପାଇଥିବା ବେଳେ ରାଏପାସ୍ ଗାଁର ଜୟସିଂ ମାଝୀ ଓ ଡମ୍ବରୁ ମାଝୀ ଦ୍ୱିତୀୟ ସ୍ଥାନ ଏବଂ ତୃତୀୟ ସ୍ଥାନରେ ରହି ପୁରସ୍କୃତ ହୋଇଥିଲେ କେନ୍ଦୁଗୁଡା ଗାଁର ତ୍ରିନାଥ ମାଝୀ ଓ ଧନେଶ୍ୱର ମାଝୀ। ସେହିପରି ତୀର ଚାଳନା ପ୍ରତିଯୋଗିତାରେ ମଧ୍ୟ ୭୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଉପରଚକ୍ରି ଗାଁର ବୁଦୁ ମାଝୀ ଏବଂ ସଦାଶିବ ପୁରସ୍କୃତ ହୋଇଥିବା ବେଳେ ଥୁଆମୂଳ ରାମପୁର ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସାଲଖୁ ହେମ୍ବ୍ରମଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ସମସ୍ତ କୃତି ପ୍ରତିଯୋଗୀ ମାନଙ୍କୁ ବିଧାୟକ ଶ୍ରୀ ଦିଶାରୀ, ସାଂସଦ ପ୍ରତିନିଧି ତଥା ବ୍ଲକର ବରିଷ୍ଠ ବିଜେପି ନେତା ପବିତ୍ର ନାଏକ ଏବଂ ଅନ୍ୟ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ସ୍ୱରୂପ ମାନପତ୍ର, କପ୍ ଏବଂ ଅର୍ଥରାଶି ପ୍ରଦାନ କରାଯାଇଥିଲା। ମାଟ୍ରିକ ପରୀକ୍ଷାରେ ବ୍ଲକ ଟପ୍ପର ହୋଇଥିବା ସୁପ୍ରଭା ନାଏକଙ୍କୁ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ପକ୍ଷରୁ ସ୍କଲାର୍ସିପ୍ ଭାବେ ୨୦ ହଜାର ଟଙ୍କା ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଇନ୍ଦ୍ରାବତୀ ଜଳଭଣ୍ଡାର ତଟରେ ଅନୁଷ୍ଠିତ ଏହି ମହୋତ୍ସବକୁ ଉପଭୋଗ କରିବା ପାଇଁ ଆଖପାଖ ଅଞ୍ଚଳର ଜନସାଧାରଣଙ୍କ ଭିଡ ଦେଖିବାକୁ ମିଳିଥିଲା। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଧ୍ୟ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିବା ବେଳେ ଥୁଆମୂଳ ରାମପୁର ଅଗ୍ନିଶମ ବିଭାଗ ନୌଚାଳନା ପ୍ରତିଯୋଗିତାର ସୁରକ୍ଷା ଦାୟିତ୍ୱ ତୁଲାଇଥିଲା।

## ସାବିତ୍ରୀ ବାଈ ଫୁଲେଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ଧର୍ମଗଡ, (ଭାସ୍କର ନ୍ୟୁଜ) : ଧର୍ମଗଡ଼ ବ୍ଲକ ଟିପିଗୁଡା ଠାରେ ସ୍ଥାନୀୟ ସରପଞ୍ଚ ହାତୀରାମ ଦୁର୍ଗାଙ୍କ ଉଦ୍‌ଯୋଗ ତଥା ପ୍ରଚେଷ୍ଟାରେ ସ୍ଥାପିତ ହୋଇଥିବା ଶିକ୍ଷାର ଜନନୀ ମାତା ସାବିତ୍ରୀବାଇ ଫୁଲେଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ଉପଜିଲ୍ଲାପାଳ ଧୀମାନ ଚକମା ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ମାଳି ସମାଜର ଯୁବ ବାହିନୀ ସଭାପତି ଦୁର୍ଗାପ୍ରସାଦ ନାଏକ, ବହୁଜନ ସମାଜର ନାରୀନେତ୍ରୀ ରମଣୀ ଦୁରିଆ, ଜୁନାଗଡ଼ ଏନ୍ଏସି ଅଧକ୍ଷା ହିମାଦ୍ରୀ ନାଏକ, ଗାଁ ଗୌନ୍ତିଆ ବନ୍ଦକୁମାର ନାଏକ ସମ୍ମାନୀୟ ଅତିଥିଭାବେ ଯୋଗଦେଇ ଥିଲେ। ଉପଜିଲ୍ଲାପାଳ ତାଙ୍କ ବକ୍ତବ୍ୟରେ ମାତା ସାବିତ୍ରୀ ବାଇ ଫୁଲେ ନାରୀ ସମାଜ ପାଇଁ ଆଲୋକ ସଦୃଶ, ସେ ଆମ ସମାଜ ପାଇଁ ବହୁତ କିଛି କରିଯାଇଛନ୍ତି। ତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି, ତାହା ଏ ଅଞ୍ଚଳର ମା' ଭଉଣୀ ମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ପ୍ରକାଶ କରିଥିବାବେଳେ ସମ୍ମାନୀୟ ଅତିଥି ଦୁର୍ଗାପ୍ରସାଦ ମହାଶୟ ତାଙ୍କ ବକ୍ତବ୍ୟରେ ସାଧାରଣତ ଅନେକ ସମୟରେ ବିଭିନ୍ନ ସ୍ଥାନ ମାନଙ୍କରେ



ବହୁ ପ୍ରତିମୂର୍ତ୍ତି ସ୍ଥାପିତ ହେଉଥିବା ବେଳେ ମାତା ସାବିତ୍ରୀ ବାଇ ଫୁଲେଙ୍କ ପ୍ରତିମୂର୍ତ୍ତି ବହୁତ କମ ଦେଖାଯାଏ। ହେଲେ ଟିପିଗୁଡା ଭଳି ଏକ ଉପାନ୍ତ ଅଞ୍ଚଳରେ ଶିକ୍ଷାଦାତ୍ରୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହେବା ସ୍ୱାଗତ ଯୋଗ୍ୟ ପଦକ୍ଷେପ। ସେ ଆମକୁ ଶିକ୍ଷାର ଆଲୋକ ଦେଖାଇଛନ୍ତି, ସେ ଚିର ସ୍ମରଣୀୟ ବୋଲି ପ୍ରକାଶ କରିବା ସହ ଏ ଟିପିଗୁଡା ଅଞ୍ଚଳରେ ଆର୍ଥିକ ଅଭାବରୁ ଶିକ୍ଷାରୁ ବଞ୍ଚିତ ହେଉଥିବା ଅସହାୟ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଯଥା ସମ୍ଭବ ଚେଷ୍ଟା କରିବି ବୋଲି ପ୍ରକାଶ କରିଥିଲେ। ଲୋଚନ ନାଏକ ସଭା ପରିଚାଳନା କରିଥିବାବେଳେ ଅବିନାଶ ଦୁର୍ଗା ଧନ୍ୟବାଦ ଅଭିଭାଷଣ ରଖିଥିଲେ।

## ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା' ପାଳିତ

ଧର୍ମଗଡ, (ଭାସ୍କର ନ୍ୟୁଜ) : ଧର୍ମଗଡ ବ୍ଲକ ଛିଲିପା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଠାରେ ପଞ୍ଚାୟତ ସ୍ତରୀୟ 'କଳାହାଣ୍ଡି ଉତ୍ସବ- ଘୁମୁରା ୨୦୨୫' ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ସରପଞ୍ଚ ବିଭୁଦତ୍ତ ପ୍ରଧାନୀ ଶୁଭ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବରେ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମେହେର, ସମ୍ମାନିତ ଅତିଥି ଧର୍ମଗଡ ୧ ନମ୍ବର ଜୋନର ଜିଲ୍ଲା ପରିଷଦ ଗୋପିନାଥ ମହାନନ୍ଦ, ଧର୍ମଗଡ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜୟନ୍ତ କୁମାର ମୁଣ୍ଡ, ସରପଞ୍ଚ ସଙ୍ଘ ସଭାପତି ହାତୀରାମ ଦୁର୍ଗା, ଜିଲ୍ଲାପରିଷଦ ସଦସ୍ୟ ଶଙ୍କର ପ୍ରସାଦ ଜୁଏଡ଼, ତେଣ୍ଡାପାଲି ସରପଞ୍ଚ ଗୌଲୋଚନ ଗୋପାଳ, ପଞ୍ଚାୟତ ନିର୍ବାହୀ ଅଧିକାରୀ କେଦାରନାଥ ନାଏକ, ବିନୟ ସାହୁ, ହିମାଂଶୁ ପୁଝାରୀ, ସନ୍ତୋଷ ପାଣିଗ୍ରାହୀ, ସୁକାନ୍ତି ସା, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସମେତ ଅନ୍ୟାନ୍ୟ ଅତିଥି ମଞ୍ଚାସିନ ରହିଥିଲେ। ଏଥିରେ ବିଭିନ୍ନ ପ୍ରକାର




ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମହିଳା ଓ ବାଳିକାଙ୍କୁ ନେଇ ଝୋଟି, ହୁଳହୁଳି, ଶଙ୍ଖ ଫୁଙ୍କା ଆଦି ପ୍ରତିଯୋଗିତା ହୋଇଥିବା ବେଳେ ବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଗୀତ, ନାଚ, ଚିତ୍ରାଙ୍କନ ଓ ଡେଭିଡ ଆଦି ପ୍ରତିଯୋଗିତା ହୋଇଯାଇଛି। ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ଓ ମହିଳା, ବାଳିକାଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ସିଆରସିସି ରାଜକୁମାରୀ ନାଏକ ପରିଚାଳନା କରିଥିଲେ।

## 'ସଠିକ୍ ରୋଗ ନିର୍ଣ୍ଣୟ ଓ ସଠିକ୍ ଚିକିତ୍ସା' ସଚେତନତା ବାର୍ତ୍ତା ନେଇ ମିନି ମାରାଥନ୍

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଗ୍ରାମାଞ୍ଚଳର ରୋଗୀମାନଙ୍କୁ ହାତପାଆନ୍ତାରେ ଓ ସ୍ୱଳ୍ପ ଖର୍ଚ୍ଚରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ନିମନ୍ତେ ସ୍ଥାନୀୟ ହିଲ୍ ଟାଉନ୍ ଠାରେ ଥିବା ଏଚ୍ଆର୍ ଡାଇଗ୍ନୋଷ୍ଟିକ୍ ସେଣ୍ଟରର ପ୍ରଥମ ପ୍ରତିଷ୍ଠା ଦିବସ ଅବସରରେ ଏକ ମିନି ମାରାଥନ୍ ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ' ସଠିକ୍ ରୋଗ ନିର୍ଣ୍ଣୟ ଓ ସଠିକ୍ ଚିକିତ୍ସା' ଶୀର୍ଷକ ଏହି ମିନି ମାରାଥନ୍ ହିଲ୍ ଟାଉନ୍ ଠାରୁ ବାହାରି ସହର ପରିକ୍ରମା କରି ଲାଲ୍ ବାହାଦୂର ଷ୍ଟାଡିୟମ ଠାରେ ପହଞ୍ଚିଥିଲା। ଏଚ୍ଆର ଡାଇଗ୍ନୋଷ୍ଟିକ୍ ସେଣ୍ଟରର ନିର୍ଦ୍ଦେଶକ ଡା.ତୁଷାର ରଞ୍ଜନ ମେହେରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜୁନାଗଡ ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ବିଶିଷ୍ଟ ସମାଜସେବୀ ମନୋଜ ମେହେର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଏନ୍‌ଟି ବିଶେଷଜ୍ଞ ଡା.ପ୍ରଦ୍ୟୁମ୍ନ ପଣ୍ଡା, ଶିଶୁ ରୋଗ ବିଶେଷଜ୍ଞ ଡା. ପରମାନନ୍ଦ ପୂଝାରୀ, ଅନ୍ୟତମ ଶିଶୁ ରୋଗ ବିଶେଷଜ୍ଞ ଡା.ଶିବ ପ୍ରସାଦ ଆଚାର୍ଯ୍ୟ,




ଯୁବନେତା ବଦ୍ରୀ ପଟ୍ଟନାୟକ, ଯୁବନେତା ଦୀପଜ୍ୟୋତି ମୁଣ୍ଡ, ଏଚ୍ଆର୍ ସେଣ୍ଟରର ସମସ୍ତ କର୍ମଚାରୀ ଓ ବହୁ ସ୍ୱେଚ୍ଛାସେବୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସୁଥିବା ରୋଗୀ ମାନଙ୍କୁ ଉପଯୁକ୍ତ ରୋଗ ଚିହ୍ନଟ ସହ ଉନ୍ନତ ମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦିଆ ଯିବାର ବ୍ୟବସ୍ଥା ଏହି ସେଣ୍ଟରରେ ରଖାଯାଇଛି ଓ ସର୍ବନିମ୍ନ ଖର୍ଚ୍ଚରେ ମଧ୍ୟ ଏହା ଉପଲବ୍ଧ ହେଉଛି ବୋଲି ସେଣ୍ଟରର ନିର୍ଦ୍ଦେଶକ ଡା. ତୁଷାର ରଞ୍ଜନ ମେହେର ଉପସ୍ଥିତ ଲୋକମାନଙ୍କୁ ସୂଚନା ଦେଇଥିଲା ବେଳେ ମୁଖ୍ୟ ଅତିଥି ଶ୍ରୀ ମେହେର ଏହି ସ୍ୱାସ୍ଥ୍ୟ ସେବାକୁ ଆହୁରି ବ୍ୟାପକ କରାଯିବ ଓ ଅଧିକରୁ ଅଧିକ ଅତ୍ୟାଧୁନିକ ରୋଗଚିହ୍ନଟ ଯନ୍ତ୍ରପାତିର ସେବା ଏହି ସେଣ୍ଟରରେ ମିଳି ପାରିବ ବୋଲି କହିଥିଲେ। ଏଚ୍ଆର୍ ସେଣ୍ଟରର ପ୍ରଥମ ପ୍ରତିଷ୍ଠା ଦିବସ ପାଳନ ଉପଲକ୍ଷେ ଏକ ବନ୍ଧୁମିଳନର ଆୟୋଜନ ମଧ୍ୟ କରାଯାଇଥିଲା।

## ପ୍ରିୟଦର୍ଶିନୀ ଇନ୍ଦିରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉଦ୍‌ଯାପିତ




ଜୁନାଗଡ଼ (ଭାସ୍କର ନ୍ୟୁଜ ) : କଳାହାଣ୍ଡି ଜିଲ୍ଲା ଜୁନାଗଡ ପ୍ରିୟଦର୍ଶିନୀ ଇନ୍ଦିରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪୨ତମ ବାର୍ଷିକ କ୍ରୀଡା ଉଦ୍‌ଯାପିତ ହେଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଶ୍ରୀମତୀ ସବିତା ମେହେର ଅଧକ୍ଷା ଜୁନାଗଡ ବ୍ଲକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ସଭାରେ ଅଧ୍ୟକ୍ଷ ଶ୍ରୀ ବିଭୂତି ଭୂଷଣ ମେହେର ସଭାପତିତ୍ୱ କରିଥିଲେ ସମ୍ମାନିତ ଅତିଥି ଭାବେ ଶ୍ରୀ ଅରୁପକ୍ଷ ନନ୍ଦ ନାଗ, ଶ୍ରୀ ଦେବେନ୍ଦ୍ର କୁମାର ବେହେରା, ପ୍ରାଧାପିକା ସାଗରିକା ଦାସ, ପ୍ରାଧାପକ ଆଦିତ୍ୟ କୁମାର ଖମାରି, ପ୍ରାଧାପକ କୈଳାଶ ଚନ୍ଦ୍ର ମେହେର, ଅଧାପକ ଶ୍ରୀ ପ୍ରିୟବ୍ରତ ବଣୁଆ, ଶ୍ରୀ ନେତ୍ରା ନନ୍ଦ ପ୍ରଧାନ, ଶ୍ରୀ ବିଶ୍ୱ ରଞ୍ଜନ ବେହେରା, ଇମରାନ ଖାନ୍, ଶ୍ରୀ ରାଜେଶ ପଟେଲ, ଶ୍ରୀ ହେମନ୍ତ ପ୍ରଧାନ, ଶ୍ରୀମତୀ ସସ୍ମିତା ପଣ୍ଡା, ଶ୍ରୀମତୀ ସପନା ପ୍ରଧାନ, ଶ୍ରୀ ଶୁଭାଶିଷ ପାଣିଗ୍ରାହୀ, ଶ୍ରୀ ବଦଲ୍ ଗଉଡ, ଶ୍ରୀ ସଦାନନ୍ଦ ମରାଇ, ଶ୍ରୀ ପୂର୍ଣ୍ଣମାସି ମାଝୀ, ଶ୍ରୀମତୀ ଜସ୍ମିନ ବନିତା ସାହୁ, ଶ୍ରୀ ଅମିତା ମେହେର, ମିସ୍ ନତାଶା ମହାପାତ୍ର, ଶ୍ରୀ ଆକାଶ ମେହେର ଶ୍ରୀ ଆର୍ତ୍ତତ୍ରାଣ ସାହୁ, ଶ୍ରୀ ସୁଧାକର ପାଲ୍, ଶ୍ରୀ ଜନ୍ମେଜୟ ମେହେର, ଶ୍ରୀ ବସନ୍ତ ମାଝୀ, ଶ୍ରୀ ରିଷଭ ବଣୁଆ, ଶ୍ରୀ ଆଦର୍ଶ ପଣ୍ଡା ଯୋଗ ଦେଇ ଥିଲେ। ଖେଳ ଶିକ୍ଷକ ଶ୍ରୀ ସମୀର କୁମାର ସାହୁ ସମସ୍ତ ଖେଳକୁ ତଦାରଖ କରିଥିଲେ। ଶ୍ରୀ ଦୂର୍ଗା ପ୍ରସାଦ ସିଂହ ଚମେଲୀ ଦେବୀ କଲେଜରୁ ଡେପୁଟେସନରେ ଆସି ସହଯୋଗ କରିଥିଲେ। ବିକାଶ, କୁନି, ଗୁପ୍ତେ, ତ୍ରିଭୁବନ, ପ୍ରବୀଣ ଓ ଅନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ। ଦୁଇଶହରୁ ଉର୍ଦ୍ଧ ଖେଳାଳି ଭାଗନେଇଥିଲେ। ୧୦୦, ୨୦୦, ୪୦୦, ୮୦୦, ୧୫୦୦, ମିଟର ରନ୍, ଲମ୍ଫ ଦିଆ, ଉଚ୍ଚ ଦିଆ, ଗୋଲା ଫିଙ୍ଗା, ଡିସ୍କସ୍ ଫିଙ୍ଗା, ବର୍ଚ୍ଛା ଫିଙ୍ଗା ଉଭୟ ବାଳକ ଓ ବାଳିକା ବିଭାଗର ପ୍ରତିଯୋଗୀତା ହୋଇଥିଲା ପ୍ରିୟଦର୍ଶିନୀ ଇନ୍ଦିରା ଡିଗ୍ରୀ କଲେଜଠାରେ।

## ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ଗଣ୍ଡ ବାରୋଝୋଲା ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି ସ୍ଥାନୀୟ ନାଏବ ସରପଞ୍ଚ ଓ ୱାର୍ଡମେମ୍ବର। ଏ ନେଇ ସେମାନେ ଜିଲାପାଳଙ୍କୁ ଏକ ଲିଖିତ ଅଭିଯୋଗପତ୍ର ଦେଇଛନ୍ତି। ସ୍ଥାନୀୟ ସରପଞ୍ଚ ମାସିକ ବୈଠକ ଠିକ୍ ଭାବରେ ଡାକୁ ନ ଥିବା, ପଞ୍ଚାୟତକୁ ନିୟମିତ ଆସୁ ନ ଥିବା, ମନମୁଖି କାର୍ଯ୍ୟ କରୁଥିବା, ପଞ୍ଚାୟତକୁ ଆସୁଥିବା ଯୋଜନା ଠିକ୍ ଭାବରେ କାର୍ଯ୍ୟକାରୀ ନ ହେବା, ସରପଞ୍ଚ କାହାକୁ ନ ଜଣାଇ ନିମ୍ନମାନର କାର୍ଯ୍ୟ କରୁଥିବା ନେଇ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ସେହିପରି ସାମାଜିକ ଆଇନ ଅନୁସାରେ ପଞ୍ଚାୟତରେ ଯୋଗ୍ୟ ରାଶନ କାର୍ଡଧାରୀ, ପେନ୍‌ସନ ହିତାଧିକାରୀ ଠିକ୍ ଚୟନ କରି ନ ଥିବାରୁ ଅନେକ ଯୋଗ୍ୟ ହିତାଧିକାରୀ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏହାକୁ ନେଇ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିବା ଅଭିଯୋଗ ପତ୍ରରେ ୱାର୍ଡମେମ୍ବର ଦର୍ଶାଇଛନ୍ତି।

## ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବର ପ୍ରସ୍ତୁତି ବୈଠକ

ନର୍ଲା,(ଭାସ୍କର ନ୍ୟୁଜ) : ନର୍ଲା ବ୍ଲକର ସମ୍ମିଳନୀ କକ୍ଷରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିପିନ ବିହାରୀ ଦୀପଙ୍କ ଅଧ୍ୟକ୍ଷତାରେ କଳାହାଣ୍ଡି ଉତ୍ସବର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୬ ଗୋଟି ପଞ୍ଚାୟତର ସରପଂଚ ଓ ସମିତି ସଭ୍ୟ ସମେତ ଅଞ୍ଚଳର ଅନେକ ବୁଦ୍ଧିଜୀବି, ସମାଜ ସେବୀ, ରାଜନୀତିଜ୍ଞ, ସାମ୍ବାଦିକଙ୍କ ଉପସ୍ଥିତିରେ କଳାହାଣ୍ଡି। ଉତ୍ସବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆସନ୍ତା ୪ ତାରିଖରୁ ୯ ତାରିଖ ମଧ୍ୟରେ ପଞ୍ଚାୟତ ସ୍ତରୀୟ କଳାହାଣ୍ଡି ଉତ୍ସବ ସରିବା ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିପିନ ବିହାରୀ ଦୀପ ଉପସ୍ଥିତ ସମସ୍ତ ସରପଂଚ ଓ ସମିତି ସଭ୍ୟଙ୍କୁ ପରାମର୍ଶ ଦେଇଥିଲେ ଏବଂ ଆସନ୍ତା ୧୧ ତାରିଖରେ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଯେମିତି ସୁରୁଖୁରୁରେ ସରିବ ସେଥିପାଇଁ ସମସ୍ତଙ୍କୁ ସୂଚନା ଦେଇଥିଲେ । ଅଞ୍ଚଳର ବିଭିନ୍ନ କଳା ଓ ସଂସ୍କୃତି ଯେପରି ସ୍ଥାନ ପାଇବ ସେଥିପ୍ରତି ଧ୍ୟାନ ଦେବାପାଇଁ ସମସ୍ତେ ଆଲୋଚନା କରିଥିଲେ । ଏଥିରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ସାମଲ ବିଭିନ୍ନ ପ୍ରକାରର ସମସ୍ୟା ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିକେ ଏସ୍ଏସ୍‌ର ଉପସଭାପତି ସର୍ବେଶ୍ୱର ଭୋଇ, ସରପଂଚ ସଂଘର ସଭାପତି ଅନ୍ତରାମ ମାଝୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ତପି ମଣି ଜାନି, ସମେତ ବ୍ଲକର ସମସ୍ତ କର୍ମ ଚାରି ଉପସ୍ଥିତ ଥିଲେ । ବିଏସ୍ ଓ ମଞ୍ଚ ପରିଚାଳନା କରିଥିବା ବେଳେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ସାମଲ ଧନ୍ୟ ବାଦ ଦେଇ ଥିଲେ ।

## କୃଷି ଓଡ଼ିଶାରେ ଯୋଗ ଦେଲେ ୬୦ ଚାଷୀ

ଜୁନାଗଡ଼, (ଭାସ୍କର ନ୍ୟୁଜ୍) : ଭୁବନେଶ୍ୱର ବରମୁଣ୍ଡାସ୍ଥିତ ବିଜୁ ପଟ୍ଟନାୟକ ଖେଳ ପଡ଼ିଆରେ ଗତ ୩ ତାରିଖଠାରୁ କୃଷି ଓଡିଶା କାର୍ଯ୍ୟକ୍ରମ ଜାରିରହିଛି। ଏହି ପରିପ୍ରେକ୍ଷୀରେ ରବିବାର ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଜୁନାଗଡ଼ ବ୍ଲକର ଉଭୟ ମହିଳା ପୁରୁଷଙ୍କୁ ମିଶାଇ ୬୦ ଜଣ ଚାଷୀ ଭୁବନେଶ୍ୱର ଆସିଛନ୍ତି। ଏହି ଚାଷୀମାନଙ୍କୁ ଜୁନାଗଡ଼ କୃଷି ବିଭାଗ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି। ଏହି ସମୟରେ ଜୁନାଗଡ଼ ବ୍ଲକ କୃଷି ଅଧିକାରୀ ରଞ୍ଜନ ପଟେଲ, ଆତ୍ମାର ଅଧ୍ୟକ୍ଷ ଅଶୋକ ପଟ୍ଟନାୟକ, ଜିଲା ସଂଯୋଜିକା (ଏପିଆଇସିଓଏଲ) ଏଲିନା ନାୟକ, ସହକାରୀ କୃଷି ଅଧିକାରୀ ରତିକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ନୂତନ ଧାନ ମଣ୍ଡି ଉଦ୍‌ଘାଟିତ



କୋକସରା, (ଭାସ୍କର ନ୍ୟୁଜ୍ ) : କୋକସରା ବ୍ଲକ ସଦର ମହକୁମା ପ୍ୟାକ୍ସ ଅଧୀନରେ ଥିବା ରେଙ୍ଗାପାଲିଠାରେ ନୂତନ ଧାନ ମଣ୍ଡି ଉଦ୍‌ଘାଟିତ ହୋଇଛି। କୋକସରା ପ୍ୟାକ୍ସ ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ରେଙ୍ଗାଲପାଲି ସରପଞ୍ଚ ପଦ୍ମିନୀ ପାତ୍ର, ପ୍ୟାକ୍ସ ସମ୍ପାଦକ ନିରଞ୍ଜନ ବାଗ ପ୍ରମୁଖ ଉପସ୍ଥିତ ରହିଥିଲେ। ଦିର୍ଘ ଦିନର ଦାବିପରେ ଧାନ ମଣ୍ଡି ଖୋଲିଥିବାରୁ ଗ୍ରାମବାସୀ ମାନେ କଳାହାଣ୍ଡି ଜିଲ୍ଲାପାଳ, ସାଂସଦ, ରାଜ୍ୟ ସଭା ସାଂସଦ ଓ ଡିଆରସିଏସ୍‌ଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏବଂ ଆଗାମୀ ବର୍ଷଠାରୁ ସ୍ଥାୟୀ ମଣ୍ଡି ଖୋଲିବା ପାଇଁ ଦାବି କରିଛନ୍ତି। ପ୍ରଥମ ଦିନରେ ୫ଗୋଟି ମିଲର୍ସଙ୍କ ସହଯୋଗରେ ଚାଷୀ ମାନଙ୍କ ଧାନ ଉଠାଣ ହୋଇଛି।

## ରାଶିଫଳ

ସୋମବାର, ୦୬ ଜାନୁଆରୀ ୨୦୨୫



**ମେଷ:** ଚାକିରୀ କରିଥିବା ବ୍ୟକ୍ତିମାନେ ଅଭିବୃଦ୍ଧି ପାଇଁ ସୁଯୋଗ ପାଇବେ ଏବଂ ଆୟ ବୃଦ୍ଧି ପାଇବ । ପାରିବାରିକ ପରିବେଶ ଭଲ ରହିବ। ସାମାଜିକ କାର୍ଯ୍ୟରେ ଅଂଶଗ୍ରହଣ କରିବେ। ଧର୍ମ ଉପରେ ବିଶ୍ୱାସ ବୃଦ୍ଧି ପାଇବ।



**ବୃଷ:** ବ୍ୟବସାୟର ସ୍ଥିତି ଗୁରୁତ୍ୱପୂର୍ଣ୍ଣ ହେବ । ସମସ୍ତ କାର୍ଯ୍ୟ କଠିନ ପରିଶ୍ରମ ଏବଂ ସାଙ୍ଗମାନଙ୍କ ପୂର୍ଣ୍ଣ ସମର୍ଥନ ସହିତ ସଫଳ ହେବ, ଅନାବଶ୍ୟକ ଖର୍ଚ୍ଚ ବଢିବା କାରଣରୁ ଚାପରେ ରହିପାରନ୍ତି । ବିବାହିତ ଜୀବନ ଭଲ ହେବ ।



**ମିଥୁନ:** ବ୍ୟବସାୟରେ ସାଙ୍ଗମାନଙ୍କ ସହିତ ଭଲ ସମ୍ପର୍କ ରହିବ ଏବଂ ପରିବାରରେ ଆନନ୍ଦ ଏବଂ ସୁଖର ପରିବେଶ ରହିବ । ନୂତନ ଲୋକଙ୍କୁ ଭେଟିବେ, ଯାହା ଲାଭଦାୟକ ହେବ । ସାମାଜିକ କାର୍ଯ୍ୟରେ ଅଂଶଗ୍ରହଣ କରିବେ, ଯେଉଁଥି ପାଇଁ ସମାଜରେ ସମ୍ମାନ ବୃଦ୍ଧି ପାଇବ।



**କର୍କଟ:** ଧାର୍ମିକ ଏବଂ ସାମାଜିକ କାର୍ଯ୍ୟ ପ୍ରତି ଆଗ୍ରହ ବୃଦ୍ଧି ପାଇବ। ପାରିବାରିକ ପରିବେଶ ଆପଣଙ୍କ ପାଇଁ ଅନୁକୂଳ ହେବ ଏବଂ ପରିବାର ସଦସ୍ୟ ମଧ୍ୟ ସମର୍ଥନ ପାଇବେ। ଆପଣ ନୂତନ କାର୍ଯ୍ୟ କରିବା ପାଇଁ ପ୍ରେରଣା ପାଇବେ ଏବଂ କାର୍ଯ୍ୟରେ ସଫଳ ହେବେ।



**ସିଂହ:** ବ୍ୟବସାୟ ଭଲ କରିବ ଏବଂ ଚାକିରିରେ ଅଭିବୃଦ୍ଧି ହେବାର ସମ୍ଭାବନା ରହିବ । ସମ୍ପତ୍ତିରେ ବିନିଯୋଗ କରିବାକୁ ବିଚାର କରିବେ, ଯାହା ଲାଭଦାୟକ ହେବ । ପରିବାର ସହିତ ଏକ ଖୁସିର ଦିନ ବିତାଇବ । ପିକନିକ୍ କିମ୍ବା ଅନ୍ୟ କୌଣସି କାର୍ଯ୍ୟକଳାପ ପରିବାର ଏବଂ ସାଙ୍ଗମାନଙ୍କ ସହିତ ସଂଗଠିତ ହୋଇପାରିବ ।



**କନ୍ୟା:** ପାରିବାରିକ ପରିବେଶ ଭଲ ରହିବ । ପୁରୁଣା ବନ୍ଧୁମାନଙ୍କୁ ସାକ୍ଷାତ କରାଯାଇପାରିବ, ଯାହା ଲାଭଦାୟକ ହେବ । ବ୍ୟବସାୟ ଭଲ କରିବ ଏବଂ ଏକ ଲାଭ ପରିସ୍ଥିତି ଆସିବ । ପିତୃପୁରୁଷ ସମ୍ପତ୍ତିରୁ ଉପକୃତ ହୋଇପାରିବେ ।



**ତୁଳା:** ବ୍ୟବସାୟ ଲାଭଦାୟକ ହେବ ଏବଂ ଚାକିରିରେ ଅଗ୍ରଗତି ସହିତ ଅବସ୍ଥାନରେ ପରିବର୍ତ୍ତନ ଆସିବ । ଆୟର ବୃଦ୍ଧି ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବ । ସାଙ୍ଗମାନେ କାର୍ଯ୍ୟରେ ସାହାଯ୍ୟ କରିବେ। ସାମାଜିକ କାର୍ଯ୍ୟରେ ଆଗ୍ରହ ବୃଦ୍ଧି ପାଇବ । ବିବାହିତ ଜୀବନ ମଧ୍ୟ ସୁଖୀ ହେବ।



**ବିଛା:** ଆପଣ ବ୍ୟବସାୟରେ ଆଶା ଏବଂ ସଫଳତା ପାଇବେ। ସାମାଜିକ କାର୍ଯ୍ୟରେ ଅଂଶଗ୍ରହଣ କରିବା ଦ୍ୱାରା ସମାଜର ପ୍ରତିଷ୍ଠା ମଧ୍ୟ ବୃଦ୍ଧି ପାଇବ । ପରିବାର ସହିତ ସମୟ ବିତାଇବେ। ଦାମ୍ପତ୍ୟ ଜୀବନରେ ସୁଖ ଆସିବ । ସମ୍ପତ୍ତି ଏବଂ ଷ୍ଟକ୍ ମାର୍କେଟରେ ବିନିଯୋଗ ଲାଭଦାୟକ ହୋଇପାରେ ।



**ଧନୁ:** ଆପଣ କଠିନ ପରିଶ୍ରମର ଭଲ ଫଳାଫଳ ପାଇବେ । ବ୍ୟବସାୟରେ ଲାଭଜନକ କାରବାର ହେବ । ନୂତନ ବିନିଯୋଗ ସୁଯୋଗ ମିଳିବ । ପରିବାରର ପରିବେଶ ଖୁସି ହେବ। ଜୀବନ ସାଥୀ ସହିତ ଭଲ ସମନ୍ୱୟ ରହିବ। ଆଧାତ୍ମିକ ଏବଂ ଧାର୍ମିକ କାର୍ଯ୍ୟଗୁଡ଼ିକର ଧାରା ବୃଦ୍ଧି ପାଇବ ଏବଂ ଈଶ୍ୱରଙ୍କ ପ୍ରତି ଭକ୍ତି ମନରେ ଶାନ୍ତି ଆଣିବ ।



**ମକର:** ଯୋଗାଯୋଗ ମାଧ୍ୟମରେ ପ୍ରଗତି ପାଇଁ ନୂତନ ସୁଯୋଗ ମିଳିବ, ଯାହା ଆପଣଙ୍କୁ ଶକ୍ତି ଏବଂ ଉତ୍ସାହରେ ପରିପୂର୍ଣ୍ଣ ରଖିବ। ପୈତୃକ ସମ୍ପତ୍ତିରୁ ଏକ ଲାଭ ମିଳିବ । ପରିବାରରେ ମାଙ୍ଗଳିକ କାର୍ଯ୍ୟ ଯୋଜନା କରାଯିବ । ବ୍ୟବସାୟ ସହିତ ଆପଣ କିଛି ବିଶେଷ କାର୍ଯ୍ୟ ମଧ୍ୟ କରିପାରିବେ ।



**କୁମ୍ଭ:** ବେକାରମାନେ ଭଲ ନିଯୁକ୍ତି ସୁଯୋଗ ପାଇପାରିବେ। ସାମାଜିକ କାର୍ଯ୍ୟରେ ମନ କରାଯିବ ଏବଂ ସମାଜରେ ସମ୍ମାନ ବୃଦ୍ଧି ପାଇବ । ପାରିବାରିକ ଦାୟିତ୍ୱ ପୂରଣ କରିବେ। ପ୍ରଭାବଶାଳୀ ଲୋକଙ୍କୁ ଭେଟିବେ । ଜୀବନ ସାଥୀ ପୂର୍ଣ୍ଣ ସମର୍ଥନ ପାଇବେ ।



**ମୀନ:** ପରିବାରରେ ଆନନ୍ଦ ଏବଂ ସୁଖର ପରିବେଶ ରହିବ। କ୍ରୋଧକୁ ନିୟନ୍ତ୍ରଣ କର ଏବଂ ଆପଣଙ୍କ ବକ୍ତବ୍ୟକୁ ନିୟନ୍ତ୍ରଣ କରନ୍ତୁ । କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହିତ ବିବାଦ ହୋଇପାରେ । ନୂତନ ଚାକିରି ସୁଯୋଗ ପାଇବାର ସମ୍ଭାବନା ରହିବ । ଜୀବନ ସାଥୀ ପୂର୍ଣ୍ଣ ସମର୍ଥନ ପାଇବେ।



ଉପସ୍ଥାପନା

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



କେନ୍ଦୁଝର(ଭାସ୍କର ନ୍ୟୁଜ):ଜାତୀୟ ରାଜପଥ ୨୦ ଅନ୍ତର୍ଗତ ହୁଣ୍ଡୁଳାରେ ବେଆଇନ ଭାରୀଯାନ ପାର୍କିଂ ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟୁଛି। ଗତକାଲି ବିଳମ୍ବିତ ରାତିରେ ସିଜେ ଡାରସେଲ କଞ୍ଜୁମର ଡିଜେଲ ପମ୍ପ ସମ୍ମୁଖରେ ଛିଡା ହୋଇଥିବା ଏକ ଆଇରନ ବୋଝେଇ ଟ୍ରକକୁ ପଛ ପଟୁ ଆଉ ଏକ ଟ୍ରକ ଧକ୍କା ଦେବାରୁ ଗାଡି ଚାଳକ ଗୁରୁତର ଆହତ ହୋଇଛନ୍ତି। ବେଆଇନ ପାର୍କିଂ କରିଥିବା ଟ୍ରକ ଘଟଣାସ୍ଥଳରୁ ପଳାଇ ଯାଇଛି। ବେଆଇନ ପାର୍କିଂ ଯୋଗୁଁ ଉକ୍ତ ସ୍ଥାନ ଦୁର୍ଘଟଣା ପ୍ରବଣ ସ୍ଥାନ ହୋଇଛି। ଗତ ୧ ବର୍ଷ ମଧ୍ୟରେ ଉକ୍ତ ସ୍ଥାନରେ ୬ଟି ଦୁର୍ଘଟଣା ଘଟିଛି। ପୋଲିସ ତାଗିଦ୍ ସତ୍ତ୍ୱେ ଉକ୍ତ ସ୍ଥାନରେ ଶହ ଶହ ସଂଖ୍ୟାରେ ଟ୍ରକ ଛିଡା ହେଉଛି। ଘଟଣାରୁ ପ୍ରକାଶ ଯେ, ସିଜେ ଡାରସେଲ ଲଜିଷ୍ଟିକ ଲିଃ କଞ୍ଜୁମର ଡିଜେଲ ପମ୍ପ ସମ୍ମୁଖରେ ଗାଡି ଉଡା ଚାଲାଣ ପାଇଁ ଅଟକିଥିବା ଏକ ଟ୍ରକକୁ ପଛ ପଟୁ ଆଉ ଏକ ଟ୍ରକ ଧକ୍କା ଦେଇଥିଲା। ଉକ୍ତ ସ୍ଥାନରେ ଗାଡି ଚାଲାଣ ପାଇଁ ନିୟମିତ ଭାବେ ଭାରୀଯାନ ଘଣ୍ଟା ଘଣ୍ଟା ଧରି ଅଟକି ରହୁଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି। ଜାତୀୟ ରାଜପଥ ୨୦ ହୁଣ୍ଡୁଳାରେ କଞ୍ଜୁମର ଡିଜେଲ ପମ୍ପ ଏବଂ ପେଟ୍ରୋଲ ପମ୍ପ ପାଇଁ ଜାତୀୟ ରାଜପଥ ପ୍ରାଧିକରଣ ଅନୁମତି ଦେଉଥିବାରୁ ରାଜପଥ ଉପରେ ବହୁ ସଂଖ୍ୟାରେ ଟ୍ରକ ଜାତୀୟ ରାଜପଥ ଉପରେ ପାର୍କିଂ କରୁଛନ୍ତି। ପେଟ୍ରୋଲ ପମ୍ପରୁ ଜାତୀୟ ରାଜପଥ କୁ ସଂଯୋଗ କରୁଥିବା ସର୍ଭିସ ରୋଡ ସଠିକ ଭାବେ ନିର୍ମାଣ ନ ହୋଇ କଞ୍ଜୁମର ଡିଜେଲ ପମ୍ପ ଚାଲିଛି। ଏନ୍‌ଏଚ୍‌ଏଆଇ ଏ ସବୁ ଦିଗ ପ୍ରତି ଅଣଦେଖା କରି ପେଟ୍ରୋଲ ଏବଂ କଞ୍ଜୁମର ଡିଜେଲ ପମ୍ପକୁ ଅନୁମତି ପ୍ରଦାନ କରୁଛି। ଫଳରେ ଏହି କାରଣରୁ ଜାତୀୟ ରାଜପଥ ଖରାପ ହେବା ସହ ଦୁର୍ଘଟଣା ଘଟୁଛି। ଜାତୀୟ ରାଜପଥ ପାର୍ଶ୍ୱରେ ବଡ ବଡ ଖାଲ ସୃଷ୍ଟି ହୋଇ ଯାତାୟତରେ ସମସ୍ୟା ସୃଷ୍ଟି କରୁଥିବାବେଳେ ଧୂଳି ଉଡି ବାୟୁ ପ୍ରଦୂଷଣ ସୃଷ୍ଟି କରୁଛି।

# ନୟନୀ କୋଇଲା ଖଣିର ଜଙ୍ଗଲ ଜମିକୁ ନେଇ ଏନ୍‌ଜିଟିର ନୋଟିସ୍

■ ୬୪୩ ହେକ୍ଟର ଜଙ୍ଗଲ ଜମିରୁ ଏକ ଲକ୍ଷ ୭ ହଜାର ଗଛ କଟାଯିବ

■ ସିଂଘାରେଣୀ କମ୍ପାନୀର ବେଆଇନ୍ କାର୍ଯ୍ୟନେଇ ଏନ୍‌ଜିଟିରେ ଆବେଦନ



ଅନୁଗୋଳ (ଭାସ୍କର ନ୍ୟୁଜ୍): ଅନୁଗୋଳ ଜିଲ୍ଲାର ଛେଣ୍ଡିପଦା ଠାରେ ସିଂଘାରେଣୀ କଲିୟାରୀ କମ୍ପାନୀ ପକ୍ଷରୁ ନୟନୀ ଖୋଲା ମୁହଁ କୋଇଲା ଖଣି ପାଇଁ ୯୧୨ ହେକ୍ଟର ଜମି ବ୍ୟବହାର ହେବା ପାଇଁ ଧାର୍ଯ୍ୟ ହୋଇଛି । ଏହି ଖଣି ପାଇଁ ପ୍ରଥମ ପର୍ଯ୍ୟାୟରେ ୬୪୩ ହେକ୍ଟର ଜଂଗଲ ଜମି ଉପରେ ରହିଥିବା ପ୍ରାକୃତିକ ଜଂଗଲରୁ ଏକ ଲକ୍ଷ ୭ ହଜାର ମୂଲ୍ୟବାନ ଗଛ କଟାଯିବାର ଆକଳନ ହୋଇଛି । କମ୍ପାନୀ କର୍ତ୍ତୃପକ୍ଷ କୋଇଲା ଖଣି ପାଇଁ ଘରୋଇ ଜମି ପରିବର୍ତ୍ତେ ପ୍ରାକୃତିକ ଜଂଗଲକୁ ବ୍ୟବହାର ପାଇଁ ଜଂଗଲ ମଂଜୁରୀ ପାଇଥିବା ଜଣାଯାଇଛି । ଜଂଗଲ ଜମିର ମଂଜୁରୀ ଷ୍ଟେଜ୍-୧ ଏବଂ ଷ୍ଟେଜ୍-୨ ପାଇଥିବା ବେଳେ ଏହା ବିରୁଦ୍ଧରେ କରାଯାଇଥିବା ଅଭିଯୋଗକୁ ଶୁଣାଯାଇ ନ ଥିଲା । ଜଂଗଲ, ଜୀବଜନ୍ତୁ ଜୈବ ବିବିଧତାର ସଂରକ୍ଷଣ ଏବଂ ପରିଚାଳନା ଚିରସ୍ଥାୟୀ ବ୍ୟବହାର ନେଇ ଆଇନ୍ ପ୍ରଣୟନ ଓ ବିଭିନ୍ନ ଯୋଜନା କାର୍ଯ୍ୟକ୍ରମ ହେଉଛି । ମାତ୍ର କମ୍ପାନୀ ମାନଙ୍କ କ୍ଷେତ୍ରରେ ଆଇନ୍ ବ୍ୟବସ୍ଥାର କାର୍ଯ୍ୟକାରିତା କ୍ଷେତ୍ରରେ ଅହେତୁକ ଅନୁକମ୍ପା ପ୍ରଦର୍ଶନ ହେଉଥିବା ଅଭିଯୋଗ ହେଉଛି । ଜଂଗଲ ଜମିର ଅତ୍ୟାବଶ୍ୟକ ବେଳେ ସ୍ୱଳ୍ପ ବ୍ୟବହାର ନେଇ ଜଂଗଲ ସଂରକ୍ଷଣ ଆଇନ୍ ପ୍ରଣୟନ ହୋଇଛି। ଏପରିକି ଆଇନ୍‌ର ସଠିକ୍ କାର୍ଯ୍ୟକାରିତା ନେଇ ନିୟମାବଳୀ , ଗାଇଡ ଲାଇନ୍ ରହିଛି । ଏ ସବୁ ସତ୍ତ୍ୱେ ଖଣି ଓ ଶିଳ୍ପ ସଂସ୍ଥା ମାନେ ଆଇନ୍‌ର ଉଲ୍ଲଂଘନ କରି ବେଆଇନ୍ ଭାବେ ଜଂଗଲ ଜମିକୁ ହାତେଇବାରେ ସଫଳ ହେଉଛନ୍ତି । ଦୀର୍ଘ ୫୦ ବର୍ଷ ହେଲା ଛେଣ୍ଡିପଦା ଗ୍ରାମବାସୀ ଏକ ଖୋଲାମେଲା ନଣ୍ଡା ପାହାଡକୁ ସୁରକ୍ଷା ଦେଇ ଏକ ଘଞ୍ଚ ଜୈବ ବିବିଧତା ପରିପୂର୍ଣ୍ଣ ଜଙ୍ଗଲ ସୃଷ୍ଟି କରିଥିଲେ । ଗ୍ରାମବାସୀଙ୍କର ସାମୂହିକ ପ୍ରଚେଷ୍ଟା ଏବଂ ଠେଙ୍ଗାପାଳିରେ ଜଙ୍ଗଲ ବୃଦ୍ଧି ପାଇଥିଲା । ମାତ୍ର ଗ୍ରାମବାସୀଙ୍କର ମତାମତ ନିଆ ନଯାଇ ୬୪୩ ହେକ୍ଟର ଜଙ୍ଗଲ ଖଣି ପାଇଁ ଅନୁମତି ଦିଆଯାଇ ଅଛି। ଜଙ୍ଗଲ ସଂରକ୍ଷଣ ଆଇନ - ୧୯୮୦ର ରହିଥିବା ବ୍ୟବସ୍ଥାରେ କମ୍ପାନୀ କର୍ତ୍ତୃପକ୍ଷ ଅନୁସରଣ ପୂର୍ବକ ଅନୁପାଳନ କରିନାହିଁ । ଯାହାଫଳରେ ଏକ ଘଞ୍ଚ ଜୈବ ବିବିଧତା ପରିପୂର୍ଣ୍ଣ ପ୍ରାକୃତିକ ଜଙ୍ଗଲ ଧ୍ୱଂସ ପାଇବାରେ ଲାଗିଛି । ନୟନୀ କୋଇଲା ଖଣି ପାଇଁ ମିଳିଥିବା ଜଙ୍ଗଲ ମଞ୍ଜୁରୀକୁ ଚାଲେଞ୍ଜ କରି ଛେଣ୍ଡିପଦା ଅଞ୍ଚଳର ଜଙ୍ଗଲ ପ୍ରେମୀମାନେ ନେସନାଲ ଗ୍ରୀନ ଟ୍ରିବୁନାଲରେ କେସ ରୁଜୁ କରିଛନ୍ତି । ଏହି କେସରେ ସୀଙ୍ଗାରେଣି କମ୍ପାନୀ ନୟନୀ କୋଇଲା ଖଣି ପାଇଁ ଜଙ୍ଗଲକୁ ବେଆଇନ ଭାବେ ଭୁଲ ତଥ୍ୟ ଦେଇ ଅନୁମତି ପାଇଥିବାର ଅଭିଯୋଗ ହୋଇଛି । ଜଙ୍ଗଲ ଅଧିକାର ଆଇନ - ୨୦୦୬ ଏବଂ ସଂପୃକ୍ତି ନିୟମାବଳୀକୁ ଅନୁସରଣ କରି ନଥିବା ଆବେଦନ ହୋଇଛି । ଜଙ୍ଗଲ ଅଧିକାର ଆଇନ ବଳରେ ଗ୍ରାମସଭା ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି । ଗ୍ରାମସଭା ମାଧ୍ୟମରେ ଜଙ୍ଗଲ ଅଧିକାର କମିଟି ଗଠନ ନହୋଇ ଗ୍ରାମବାସୀଙ୍କର ଗୋଷ୍ଠୀଗତ ଜଙ୍ଗଲ ଅଧିକାରର ସ୍ୱୀକୃତି ନେଇ କୌଣସି ଫଇସଲା କରା ନଯାଇ କମ୍ପାନୀ ଜଙ୍ଗଲ ଜମିକୁ ହାତେଇ ଅଛି । ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ବନ ବିଭାଗକୁ କମ୍ପାନୀ ଦାଖଲ କରିଥିବା ପ୍ରସ୍ତାବରେ ସଠିକ୍ ତଥ୍ୟ ଦିଆଯାଇ ନାହିଁ କି ଅଧିକାରୀମାନେ ବିଭିନ୍ନ ସ୍ତରରେ କ୍ଷେତ୍ର ପରିଦର୍ଶନ ବେଳେ ସଠିକ୍ ଯାଞ୍ଚ କରିନାହାନ୍ତି ଗ୍ରାମଗୋଷ୍ଠୀଙ୍କର ଗୋଷ୍ଠିଗତ ଅଧିକାରକୁ ଗୁରୁତ୍ୱ ଦିଆଯାଇନାହିଁ କି ଗ୍ରାମବାସୀଙ୍କର ମତାମତ ଗ୍ରାମ ସଭାରେ ସଠିକ୍ ଢଙ୍ଗରେ ନିଆଯାଇ ନାହିଁ। କମ୍ପାନୀ କର୍ତ୍ତୃପକ୍ଷ କମ୍ ଘରୋଇ ଜମି ଅଧିଗ୍ରହଣ କରି ୮୦ ପ୍ରତିଶତ ଜଙ୍ଗଲ ଜମି ବ୍ୟବହାର କରିବା ଏକ ସୁଚିନ୍ତିତ ମନ୍ଦ ଯୋଜନା ହୋଇପାରେ ବୋଲି ଆଲୋଚନା ହେଉଛି । ବେଆଇନ ଭାବେ ଜଙ୍ଗଲ ଜମି ବ୍ୟବହାରର ଅନୁମତିପତ୍ର ବିରୁଦ୍ଧରେ ନେସନାଲ ଗ୍ରୀନ ଟ୍ରିବୁନାଲରେ ଛେଣ୍ଡିପଦା ଅଞ୍ଚଳର ଝରଣା ଦେହୁରୀ, ବିଦେଶୀ ପଧାନ, ହାଡ଼ି ପଧାନ, ବସନ୍ତ ସେଠୀ, ସୁନିଲ ବେହେରା, ଉଦୟନାଥ ବେହେରା, ପଦ୍ମନାଭ ବେହେରା ଏବଂ ବିଦ୍ୟାଧର ସାହୁ ପ୍ରମୁଖ କେସ ରୁଜୁ କରିଛନ୍ତି । ଏହି କେସରେ ଅଭିଯୋଗର ଗୁରୁତ୍ୱ ଥିବାରୁ ମାନ୍ୟବର ଗ୍ରୀନ ଟ୍ରିବ୍ୟୁନାଲର କଲିକତା ବେଞ୍ଚରେ ଗତ ୨ ତାରିଖରେ ଏକ ଶୁଣାଣି ହୋଇଛି । ଏହି ଶୁଣାଣିରେ ମାନ୍ୟବର ଜୁଡିସିଆଲ ସଭ୍ୟ ବି.ଅମିତ୍ ଷ୍ଟହେଲଙ୍କର ଏବଂ ଏକ୍ସପଟ୍ ସଭ୍ୟ ଡା. ଅରୁଣ କୁମାର ବର୍ମା ସୀଙ୍ଗାରେଣି କମ୍ପାନୀ କର୍ତ୍ତୃପକ୍ଷ ସମେତ, ଜିଲ୍ଲାପାଳ ଅନୁଗୋଳ, ଡିଏଫଓ ଅନୁଗୋଳଙ୍କ ସମେତ କେନ୍ଦ୍ର ଓ ରାଜ୍ୟ ଜଙ୍ଗଲ ବିଭାଗକୁ ନୋଟିସ ଜାରି ପାଇଁ ଆଦେଶ ଦେଇଛନ୍ତି । ଆବେଦନକାରୀଙ୍କ ପକ୍ଷରୁ ଏହି କେସରେ ଶଙ୍କର ପ୍ରସାଦ ପାଣି, ଆଶୁତୋଷ ପାଢ଼ୀ ଏବଂ ପ୍ରସନ୍ନ କୁମାର ବେହେରା ଆଡଭୋକେଟ ଭାବରେ କେସ ପରିଚାଳନା କରୁଛନ୍ତି । କୋଇଲା ଖଣି ପାଇଁ ଘଞ୍ଚ ପ୍ରାକୃତିକ ଜଙ୍ଗଲ ଧ୍ୱଂସ ପାଇବା ଉଦବେଗର କାରଣ ହୋଇଥିବା ବେଳେ ଜଙ୍ଗଲ ସଂରକ୍ଷଣ ଆଇନ - ୧୯୮୦, ଜଂଗଲ ଅଧିକାର ଆଇନ୍ -୨୦୦୬ ଏବଂ ଜୈବ ବିବିଧତା ଆଇନ - ୨୦୦୨ ର ବିଭିନ୍ନ ଦିଗରେ ଉଲଂଘନ ହୋଇଥିବା କେସରେ ଆବେଦନ କରାଯାଇ ଅଛି ।

# ରାଜ୍ୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ପୁରସ୍କୃତ



ବାଲିମେଳା(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ବାଲିମେଳା ପୋଟେରୁ ଇରିଗେସନ ବିଭାଗ ପକ୍ଷରୁ ହୋଇଥିବା ପାଣି ପଞ୍ଚାୟତ ପକ୍ଷରେ ସୀମାନ୍ତ ପଡିଆ ଅଞ୍ଚଳର ଛାତ୍ର ପି ରୋହିତ ରାଜ୍ୟସ୍ତରରେ କୁଇଜ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲା ପାଇଁ ଗୌରବ ଆଣିଥିଲେ। ଆଜି ଏହି କାର୍ଯ୍ୟକ୍ରମଟି ଦିନ ୧୨ ଟା ସମୟରେ ରାଜ୍ୟସ୍ତରରେ ଭୁବନେଶ୍ୱର ସ୍ଥିତ ବରମୁଣ୍ଡା ଖେଳ ପଡିଆରେ ଆୟୋଜନ ହୋଇଥିବା ବେଳେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ କେଭି ସିଂଦେଓଙ୍କ ଠାରୁ ପୁରସ୍କାର ଗ୍ରହଣ କରିଛନ୍ତି। ପି ରୋହିତଙ୍କୁ ୧୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିବା ପୋଟେରୁ ଇରିଗେସନ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପୀତବାସ ସେଠୀ ସୂଚନା ଦେଇଛନ୍ତି। କୃତି ଛାତ୍ରଟିର ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀ ଆଶୀର୍ବାଦ ପ୍ରଦାନ କରିଛନ୍ତି।

# ଜମିହରା ଚାଷୀମାନଙ୍କ ସହ ପ୍ରଶାସନର ଦ୍ୱିପାକ୍ଷିକ ଆଲୋଚନା



କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ବ୍ଲକ ଅଞ୍ଚଳରେ ପ୍ରସ୍ତାବିତ ଇସ୍ପାତ କାରଖାନା ପାଇଁ ପ୍ରଶାସନ ଜମି ଅଧିଗ୍ରହଣ ନିମନ୍ତେ ବିଜ୍ଞାପନ ଜାରି କରିବାପରେ ଜମି ହରାଉଥିବା ଚାଷୀମାନଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ସୃଷ୍ଟି ହୋଇଛି। ଏହାକୁ ପ୍ରଶମିତ କରିବା ପାଇଁ ଚାଷୀ ପ୍ରତିନିଧିମାନଙ୍କ ସହିତ ଜିଲ୍ଲା ପ୍ରଶାସନର ଏକ ଦ୍ୱିପାକ୍ଷିକ ଆଲୋଚନା ସଭା ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଶାସନ ଜମି ଅଧିଗ୍ରହଣ କରିବା ସମୟରେ ବିଭିନ୍ନ କିସମର ଜମିଗୁଡ଼ିକ ପାଇଁ କ୍ଷତିପୂରଣ ଓ ଥଇଥାନ ନୀତି ସାର୍ବଜନୀନ କରିବା ନିମନ୍ତେ ଦାବି କରାଯାଇଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାପାତ୍ର ଓ ଜମି ଅଧିଗ୍ରହଣ ଅଧିକାରୀ ଅଶୋକ କୁମାର ପଣ୍ଡା ଚାଷୀ ପ୍ରତିନିଧିମାନଙ୍କୁ କ୍ଷତିଗ୍ରସ୍ତ ସମସ୍ତ ଚାଷୀଙ୍କୁ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିଲେ। କୃଷକ ପ୍ରତିନିଧିମାନଙ୍କ ପକ୍ଷରୁ ରମଣୀ ରଞ୍ଜନ ରାଉତରାୟ, ଆଦିକନ୍ଦ ରାଉଳ, ପ୍ରଶାନ୍ତ ଚୌଧୁରୀ, ହରେକୃଷ୍ଣ ମାଝୀ, ଧୀରେନ୍ଦ୍ର ସାହୁ, ଅଜୟ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡିଶା ସାଇନ୍ ଫାଉଣ୍ଡେସନ ପକ୍ଷରୁ ସହାୟତା

ଆଳି (ଭାସ୍କର ନ୍ୟୁଜ୍):ଓଡିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓଡିଶା ସାଇନ୍ ଫାଉଣ୍ଡେସନ ଟ୍ରଷ୍ଟ ରାଜନଗର ତରଫରୁ ଏକ ସାମାଜିକ ସେବାକାର୍ଯ୍ୟ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ମହୁ ଗ୍ରାମ ପଞ୍ଚାୟତର କିରଣ ସ୍ୱାଇଁଙ୍କ ପରିବାରକୁ ଅର୍ଥରାଶି ସହାୟତାର ସହ ଏକ ମାସର ରାସନ ସାମଗ୍ରୀ କମ୍ବଳ ଓ ସ୍ୱେଟର ପ୍ରଦାନ କରାଯାଇଅଛି। କିରଣ ସ୍ୱାଇଁ ବାଙ୍ଗାଲୋରରେ ପାଣି ପାଇପ୍ ମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ବେଳେ ଅସାବଧାନତା ଯୋଗୁ ପାଇପ୍ ତାଙ୍କ ଗୋଡ ଉପରେ ପଡି ଗୋଟିଏ ଗୋଡ ନଷ୍ଟ ହୋଇଯାଇଛି ।ଆଜି ସେ ନିଜର ବାମ ଗୋଡ଼ ଆଣ୍ଠୁ ତଳଭାଗ ହରାଇ ଅତ୍ୟନ୍ତ ଦୁଃଖ କଷ୍ଟରେ ଜୀବନ ନିର୍ବାହ କରୁଛନ୍ତି । ଗଣମାଧ୍ୟମରୁ ଏ ଖବର ପାଇ ଓଡିଶା ସାଇନ୍ ଫାଉଣ୍ଡେସନ ଟ୍ରଷ୍ଟ ତରଫରୁ ତାଙ୍କୁ ସହାୟତାର ହାତ ବଢାଯାଇଛି। ଆହୁରି ପାଦେ ଆଗକୁ ଯାଇ ନିୟମିତ ଭାବେ ଜୀବିକା ଯୋଗାଇ ଦେବା ପାଇଁ ତାଙ୍କୁ ଏକ ଦୋକାନ କରି ଦେବା ପାଇଁ ମଧ୍ୟ ପ୍ରତିଶ୍ରୁତି ଦିଆଯାଇଛି। ଏହି ସାମାଜିକ ସେବା କାର୍ଯ୍ୟରେ ମହୁ ଗ୍ରାମର ମାନନୀୟ ସରପଞ୍ଚ ଶ୍ରୀଯୁକ୍ତ ମହେଶ୍ୱର ତ୍ରିପାଠୀ ମହୁ ମେଡିକାଲର ଷ୍ଟାଫ୍ ଓଡିଶା ସାଇନ୍ ଫାଉଣ୍ଡେସନ ଟ୍ରଷ୍ଟ ତରଫରୁ ନିହାର ରଞ୍ଜନ ବିଶ୍ୱାଳ, ବାସୁଦେବ ମଲ୍ଲିକ, ତପନ ମହାନ୍ତି,ମଣିରାମ ସାହୁ, ବିଷ୍ଣୁ ଚରଣ ଧଳ, ବିକାଶ କୁଣ୍ଡ, ରାଜେଶ ଜେନା,ଓ ଅଶୋକ ମହାନ୍ତି ଉପସ୍ଥିତ ଥିଲେ ସମଗ୍ର କାର୍ଯ୍ୟକ୍ରମଟିକୁ ମହୁଗ୍ରାମର ସମାଜସେବୀ ତଥା ଓଡିଶା ସାଇନ୍ ଫାଉଣ୍ଡେସନ ଟ୍ରଷ୍ଟର ସଦସ୍ୟା ସରୋଜିନୀ ରାଉତ ମହାନ୍ତି ପରିଚାଳନା କରିଥିଲେ ।

# ଗୁହାଳରେ ନିଆଁଲାଗି ୧୦ ମଇଁଷି ଜୀବନ୍ତ ଦଗ୍ଧ ଓ ୧୫ ଆହତ



କୃଷ୍ଣପ୍ରଶାଦ (ଭାସ୍କର ନ୍ୟୁଜ) : ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ କମଳାସିଂ ଗ୍ରାମର ସୁଦର୍ଶନ ସାହୁଙ୍କ ମଇଁଷି ଗୁହାଳ ରେ ଶନିବାର ଦିନ ରାତି ରେ ଭୟାବହ ଅଗ୍ନି କାଣ୍ଡ ଘଟିଯାଇଛି। ମଇଁଷିଙ୍କୁ ମଶାଦାଉରୁ ରକ୍ଷା କରିବା ନିମନ୍ତେ ଧୂଆ ଦିଆଯାଇଥିବା ନିଆଁରୁ ଅଗ୍ନି କାଣ୍ଡ ଘଟିଥିବା ସୂଚନା। ଖବର ପାଇ ମାଲୁଦ ଅଗ୍ନିଶମ ବାହିନୀ ପହଞ୍ଚିଥିଲେ ଓ ଗ୍ରାମବାସୀଙ୍କ ସହଯୋଗରେ ନିଆଁକୁ ଆୟତ କରାଯାଇଥିଲା ।

# ବେଆଇନ ପାର୍କିଂ ହଟାଇବାକୁ କହିବାରୁ ମରଣାନ୍ତକ ଆକ୍ରମଣ



କେନ୍ଦୁଝର(ଭାସ୍କର ନ୍ୟୁଜ୍): ସଦର ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୨୦ ଅନ୍ତର୍ଗତ ହୁଣ୍ଡୁଳା ଛକରେ ରାସ୍ତା ପାର୍ଶ୍ୱରେ ବେଆଇନ ପାର୍କିଂ ହଟାଇବାକୁ ଢାବା ମାଲିକଙ୍କ ମରଣାନ୍ତକ ଆକ୍ରମଣ ହୋଇଛି। ଘଟଣାକୁ ପ୍ରକାଶ ଯେ, ଗତକାଲି ସନ୍ଧ୍ୟାରେ ହୁଣ୍ଡୁଳା ସିଜେ ଡାରସେଲ ଲଜିଷ୍ଟିକ କଞ୍ଜୁମର ଡିଜେଲ ପମ୍ପ ଠାରୁ ପଳାଶପଙ୍ଗା ଓଭରବ୍ରିଜ ପର୍ଯ୍ୟନ୍ତ ୨ କିଲୋମଟର ପର୍ଯ୍ୟନ୍ତ ବହୁ ସଂଖ୍ୟାରେ ଲୁହାପଥର ବୋଝେଇ ଟ୍ରକ ଛିଡା ହୋଇ ରହିଥିଲା। ବେଆଇନ ପାର୍କିଂ ଯୋଗୁଁ ରାସ୍ତା ପାର୍ଶ୍ୱରେ କାକା-ପୁତୁରା ଢାବା ମାଲିକ ଭୀଷ୍ମଚରଣ ସାହୁ ଏହାକୁ ବିରୋଧ କରି ଗାଡି ଢାବା ସମ୍ମୁଖରୁ ହଟାଇବାକୁ କହିଥିଲେ। ଟ୍ରକ ନ ହଟିବାରୁ ସେ ସିଜେ ଡାରସେଲ ଲଜିଷ୍ଟିକ କଞ୍ଜୁମର ଡିଜେଲ ପମ୍ପ କର୍ମଚାରୀଙ୍କୁ ଗାଡି ହଟାଇବାକୁ କହିଥିଲେ। ଏହି କାରଣରୁ ପାଟିତୁଣ୍ଡ ହେବାରୁ ହଠାତ୍ ଡିଜେଲ ପମ୍ପର ଜଣେ ସିକ୍ୟୁରିଟି କର୍ମଚାରୀ ବାଉଁଶ ବାଡିରେ ଢାବା ମାଲିକଙ୍କ ମରଣାନ୍ତକ ଆକ୍ରମଣ କରିଥିଲେ। ପମ୍ପ କର୍ମଚାରୀଙ୍କ ଆକ୍ରମଣରେ ଢାବା ମାଲିକ ଭୀଷ୍ମଚରଣ ମହାନ୍ତ(୪୮)ଙ୍କ ମୁହଁରେ ଗଭୀର ଆଘାତ ଲାଗିଛି। ଢାବା ମାଲିକଙ୍କୁ ଗୁରୁତର ଅବସ୍ଥାରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଢାବା ମାଲିକଙ୍କ ଅଭିଯୋଗକ୍ରମେ ସଦର ଥାନାରେ ଏକ ମାମଲା ରୁଜୁ ହୋଇଛି।

# ଚୂଡାନ୍ତ ଭୋଟର ତାଲିକା ପ୍ରକାଶନ ନିମନ୍ତେ ବୈଠକ



ଜଗତସିଂହପୁର (ଭାସ୍କର ନ୍ୟୂଜ) ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ୨୦୨୫ ଶେଷ ହେବା ପରେ ଚୂଡ଼ାନ୍ତ ଭୋଟର ତାଲିକା ଆସନ୍ତା ୬/୦୧/୨୫ ରେ ପ୍ରକାଶ ପାଇବ। ଏ ନେଇ ଆଜି ପୂର୍ବାହ୍ନ ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଓସ୍ୱାନ୍ ଭି ସି ହଲ୍‌ରେ ଜିଲ୍ଲାପାଳ ଶ୍ରୀ ଜେ ସୋନାଲଙ୍କ ଅଧକ୍ଷତାରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସମ୍ବିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ, ଶ୍ରୀ ନିରଞ୍ଜନ ବେହେରା, ଉପ ଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ, ଡେପୁଟି କଲେକ୍ଟର, ଇଲେକ୍ସନ, ସୁଶ୍ରୀ ସନ୍ଧ୍ୟାଞ୍ଜଳି ମାଝୀ, ସହକାରୀ ଜିଲ୍ଲାପାଳ, ସୁଶ୍ରୀ କଳ୍ପିତା କୁମାରୀ ଜେନା ଏବଂ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଆସନ୍ତା ୬ ତାରିଖ ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ସୂଚନା ଦେବା ସହ ପ୍ରତିନିଧି ମାନଙ୍କୁ ଏହି ତାଲିକା ସଂଗ୍ରହ କରିବା ପାଇଁ କହିଥିଲେ। ସହକାରୀ ଜିଲ୍ଲାପାଳ ସୁଶ୍ରୀ କଳ୍ପିତା କୁମାରୀ ଜେନା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ୨୦୨୫ ଅନୁଯାୟୀ ଭୋଟର ତାଲିକା ର ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ। ଏହି ଅନୁଯାୟୀ ଜିଲ୍ଲା ରେ ମୋଟ ୯୭୪୪୩୫ ଭୋଟର ରହିଛନ୍ତି। ସେଥି ମଧ୍ୟରୁ ୫୦୨୪୦୬ ପୁରୁଷ, ୪୭୧୯୩୬ ମହିଳା ଓ ୯୩ ଜଣ ତୃତୀୟ ଲିଙ୍ଗୀ ଭୋଟର ତାଲିକା ଭୁକ୍ତ ହୋଇଛନ୍ତି। ୧୮ ରୁ ୧୯ ବର୍ଷ ର ୧୯୫୬୮ ଜଣ ଯୁବ ଭୋଟର ଓ ୧୪୨୧ ଜଣ ସର୍ଭିସ୍ ଭୋଟର ରହିଛନ୍ତି। ଜିଲ୍ଲା ରେ ଲିଙ୍ଗ ଅନୁପାତ ପ୍ରତି ୧୦୦୦ ପୁରୁଷ ରେ ୯୩୯ ଜଣ ମହିଳା ଓ ଇ ପି ରେସିଓ ୬୮ ରହିଥିବାର ଜିଲ୍ଲା ନିର୍ବାଚନ ବିଭାଗ ତରଫରୁ ସୂଚନା ମିଳିଛି। ଏଥିସହିତ ଜଗତସିଂହପୁର ଜିଲ୍ଲାରେ ୪ ନିର୍ବାଚନ ମଣ୍ଡଳୀରେ ମୋଟ୍ ୧୦୫୧ ଟି ବୁଥ ରହିଛି।

# ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ସଭାପତିଙ୍କ କୋରାପୁଟ, ନବରଙ୍ଗପୁର ଓ କଳାହାଣ୍ଡି ଗସ୍ତ




କେନ୍ଦୁଝର,(ଭାସ୍କର ନ୍ୟୁଜ୍): କୋରାପୁଟ, ନବରଙ୍ଗପୁର ଓ କଳାହାଣ୍ଡି ପ୍ରଭୃତି ୩ ଟି ଜିଲ୍ଲାର ଜୟପୁର ଆର. ଏମ. ସି. ଧାନମଣ୍ଡୀ, ହାଣ୍ଡିଆ ଧାନମଣ୍ଡୀ, ନବରଙ୍ଗପୁର ଆର. ଏମ. ସି ଧାନମଣ୍ଡି, ମୋକିଆ ଧାନମଣ୍ଡି, ମୋଟେର ଧାନମଣ୍ଡି, କାଉଡଲା ଧାନମଣ୍ଡୀ, ଚାରବାହାଲ ଧାନମଣ୍ଡି, ବାଜୀବାହାଲ ଧାନମଣ୍ଡି ଓ କୋକସରା ଧାନମଣ୍ଡିକୁ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ତୋଫାନୀ ଗସ୍ତ କରିଛନ୍ତି। ଏହି ଧାନମଣ୍ଡି ଗସ୍ତ ସମୟରେ କେନ୍ଦ୍ର ସରକାରଙ୍କ ଧାନ ସଂଗ୍ରହ ନିର୍ଦ୍ଦେଶାବଳୀ ପ୍ରାବଧାନ ଅନୁଯାୟୀ ଧାନମଣ୍ଡିଗୁଡିକ ଠିକଠାକ କାମ କରୁଛନ୍ତି କି ନାହିଁ ତାହାର ତଦାରଖ ରାଜ୍ୟ ସଭାପତି ମହେଶ୍ୱର ସାହୁ କରିଥିଲେ। ଓଡିଶାରେ ବିଜେପି ମୋହନ ଚରଣ ମାଝି ସରକାର ଆସିବା ପରେ ଚାଷୀ ମାନଙ୍କର ଆୟକୁ ଦୁଇ ଗୁଣା କରିବା ପାଇଁ କୃଷକ କଲ୍ୟାଣକାରୀ ଯୋଜନା ମାନ ଚାଲୁ କରିଛନ୍ତ। ତତ୍‌ମଧ୍ୟରୁ ଧାନ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା ୪୮ ଘଣ୍ଟା ମଧ୍ୟରେ ଚାଷୀ ମାନଙ୍କୁ ପ୍ରଦାନ ବ୍ୟବସ୍ଥା କରିଛନ୍ତି ବୋଲି ରାଜ୍ୟ ସଭାପତି ମହେଶ୍ୱର ସାହୁ ଉପସ୍ଥିତ ଚାଷୀମାନଙ୍କୁ କହିଥିଲେ। ଚାଷୀ ମାନଙ୍କୁ ଆଉ ଶୋଷଣର ଶିକାର ହେବାକୁ ପଡ଼ିବନାହଁ ବୋଲି ଶ୍ରୀ ସାହୁ କହିଥିଲେ। ଧାନ କିଣା କାରବାରରେ ବ୍ୟାପକ ସ୍ୱଚ୍ଛତାର ସହିତ କରିବା ପାଇଁ ମୋହନ ଚରଣ ମାଝି ସରକାର ବଦ୍ଧପରିକର ଅଟେ। ଯେଉଁମାନେ ଧାନକିଣା କାରବାର ରେ ବଦମାସି କରିବେ କିମ୍ବା ଚାଷୀ ମାନଙ୍କୁ ହଇରାଣ ହରକତ କରିବେ ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ସାହୁ ଉପସ୍ଥିତ ଚାଷୀ ମାନଙ୍କୁ କହିଥିଲେ। ଉପସ୍ଥିତ ଚାଷୀ ମାନେ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଧାନ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା କରିଥିବାରୁ ଧନ୍ୟବାଦ ଦେବା ସହିତ କୃତଜ୍ଞତା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲ୍ଲା ବିଜେପି ସଭାପତି ଜଗଦୀଶ ବିଶୋଇ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ବିଜେପି କୃଷକ ମୋର୍ଚ୍ଚା। ରାଜ୍ୟ ଉପସଭାପତି ବିପଦ ଭଂଜନ ଦାସ, ସଂପାଦକ ପ୍ରଶାନ୍ତ କୁମାର ସ୍ୱାଇଁ, ରାଜ୍ୟ ସଂଯୋଜକ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ସୁଦର୍ଶନ ବିଶ୍ୱାଲ, ଚନ୍ଦ୍ର ଶେଖର ରଥ, ନଳିନୀ କାନ୍ତ ଦାସ, ବାବୁ ପରିଡା, ମୋହନ ଚରଣ ମାଝି, ଭବାନୀ ଶଙ୍କର ମହାକୁଡ, ଜଗଦୀଶ କଲାର, ଜୟନ୍ତ କୁମାର ପାତ୍ର, କୋଶରୀ ଦୁର୍ଗା, ରମାକାନ୍ତ ବିଶୋଇ, ସୋନା ମାଝୀ, ସ୍ୱାଗତିକା ସାମନ୍ତରାୟ, କୁନ୍ତୀ ପାଲ, ଗୋପାଲ ଅଗରୱାଲ, ଗଣେଶ ନନ୍ଦ, ତୋଫାନ ସୁନାନୀ, ଜୟରାମ ମାଝୀ, ମହେନ୍ଦ୍ର କୁମାର ନାୟକ ଦଧି ପ୍ରସାଦ ସାହୁ, ଦେବ ଦାସ ମହାକୁଡ ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ଓ କାର୍ଯ୍ୟକର୍ତ୍ତା। ସାମିଲ ହୋଇଥିଲେ।

# ହତ୍ୟାକାରୀ ଗିରଫଙ୍କୁ ନେଇ ସାମ୍ବାଦିକ ସମ୍ମିଳନୀ




ପରଜଙ୍ଗ (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ବସୋଇ ଗ୍ରାମରେ ନୂଆବର୍ଷର ପ୍ରଥମ ଦିନରେ ଗାଁ ଦାଣ୍ଡରେ ବିଭତ୍ସ ଭାବେ ହତ୍ୟା କରିଥିବା ଆସାମୀକୁ ପରଜଙ୍ଗ ପୋଲିସ ଧରି ଗିରଫ କରିଥିବାରୁ ରବିବାର ଏକ ସାମ୍ବାଦିକ ସମ୍ମିଳନୀ ପରଜଙ୍ଗ ଥାନା ଅଧିକାରୀ ଡାକିଥିଲେ। ପ୍ରକାଶ ଥାଉକି, ଗତ ଜାନୁୟାରୀ ୧ ତାରିଖରେ ବସୋଇ ଗ୍ରାମରେ ସ୍ୱଷ୍ଟ ଦିବାଲୋକରେ ଗ୍ରାମର ରାକେଶ ସେଠୀ (୨୫) କୁ ସେହି ଗ୍ରାମର ସରୋଜ ବିଶ୍ୱାଳ (ମକୁ ) ନାମକ ଯୁବକ ତାଙ୍କର ପୂର୍ବ ଶତ୍ରୁତାକୁ ନେଇ ଗାଁ ଦାଣ୍ଡରେ ନୃଶଂସ ଭାବେ ଠେଙ୍ଗାରେ ପିଟି ଜୀବନରେ ମାରିଦେଇ ଅତି କଦର୍ଯ୍ୟ ର ସହିତ ଦେହକୁ ଖଣ୍ଡ ଖଣ୍ଡ କରି ହାଣି ଗାଁରାସ୍ତା ସାରା ଫିଙ୍ଗି ଦେଇ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିଲା ।ଏ ସମ୍ବନ୍ଧେ ଖବର ପାଇ ପରଜଙ୍ଗ ଥାନା ଅଧିକାରୀ ପ୍ରିୟବ୍ରତ ଦାସ, ଏସଡିପିଓ ଜ୍ଞାନ ରଞ୍ଜନ ମିଶ୍ରଙ୍କ ସହିତ ପୋଲିସ ଟିମ ଘଟଣା ସ୍ଥଳରେ ପହଞ୍ଚି ହତ୍ୟାକାରୀକୁ ଧରିବା ପାଇଁ ବହୁ ଚେଷ୍ଟା ଜାରି ରଖିଥିଲେ । ତତକ୍ଷଣାତ ଏସପି ଅଭିନବ ସୋନାକର ବସୋଇ ଗ୍ରାମରେ ପହଞ୍ଚି ତିନି ଗୋଟି ଟିମ ଗଠନ କରି ବିଭିନ୍ନ ଉପାୟରେ ଆସାମୀକୁ ଧରିବାକୁ ଚେଷ୍ଟା ଜାରି ରଖିଥିବା ବେଳେ, ଶୁକ୍ରବାର ରାତି ଭୋର ସମୟରେ ବସୋଇ ଗ୍ରାମରୁ ହତ୍ୟାକାରୀ କୁ ଧରିବାରେ ପୋଲିସ ସଫଳ ହୋଇଥିଲା। ହତ୍ୟାକାରୀ ପୂର୍ବ ଶତ୍ରୁତାରୁ ମାରି ଦେଇଥିବା କଥା ସ୍ୱୀକାର କରି ଥିବାରୁ, ପୋଲିସ ଶନିବାର ବସୋଇ ଗ୍ରାମକୁ ହତ୍ୟାକାରୀକୁ ନେଇ ସିନ ରିକ୍ରିଏସନ କରାଇ ହତ୍ୟା ବ୍ୟବହୃତ ଜିନିଷକୁ ଜବତ କରି ତା ନାମରେ ପରଜଙ୍ଗ ଥାନା କେସ ନଂ ୦୧ ତାରିଖ ୧/୧/୨୦୨୫ ୟୁ/ଏସ -୧୦୩(୨)/୧୧୫(୨)/୩୫୧(୩) ବିଏନଏସ ଆର /ଡବ୍ଲୁ ସେକ୍ସନ ୩(୨)(ଭି)ଅଫ ଏସସି ଏସଟି ପିଓଏ ଅମେଣ୍ଡମେଣ୍ଟ ଆକ୍ଟ ୨୦୧୫ ରେ ମାମଲା ରୁଜୁକରି ରବିବାର ଅଦାଲତ କୁ ଚାଲାଣ କରାଯାଇଛି ।

# ମନ୍ମଥନାଥ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ




କେନ୍ଦ୍ରାପଡା (ଭାସ୍କର ନ୍ୟୁଜ୍): ମନ୍ମଥନାଥ ଉଚ୍ଚ ବିଦ୍ୟାଳୟ ଆମ କେନ୍ଦ୍ରାପଡା ଜିଲ୍ଲାର ଏକ ଖ୍ୟାତି ସମ୍ପନ୍ନ ତଥା ଏକ ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ଅଟେ। ଏହି ବିଦ୍ୟାଳୟର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ସ୍କାଉଟ, ଗାଇଡ଼ ଓ ଅନ୍ୟ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ସଡକ ସୁରକ୍ଷା ସଚେତନତା ଅଭିଯାନ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଜୟ କୁମାର ରାଉତରାୟଙ୍କର ତତ୍ତ୍ୱାବଧାନରେ ଏନସିସି ଶିକ୍ଷକ ସରୋଜ କୁମାର ସ୍ୱାଇଁ, କ୍ରୀଡା ଶିକ୍ଷକ ଶଶାଙ୍କ ଶେଖର ସାହୁ, ବିଦ୍ୟାଳୟର ସାଂସ୍କୃତିକ କାର୍ଯ୍ୟକ୍ରମର ସଂଯୋଜିକା ଅନିତା ଧଳ, ସ୍କାଉଟ ମାଷ୍ଟର ଅନିଲ ଦାସ, ଗାଇଡ଼ କାପଟେନ ରଶ୍ମିତା ତରାଇ ପ୍ରଭୃତି ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସହାୟତାରେ ୫୦୦ ପିଲା ବିଶିଷ୍ଟ ଏକ ବଡ଼ ରାଲି ମନ୍ମଥନାଥ ଉଚ୍ଚ ବିଦ୍ୟାଳୟରୁ ପଟ୍ଟାମୁଣ୍ଡାଇ ବାଇପାସ୍ ପର୍ଯ୍ୟନ୍ତ ନେଇଥିଲେ। ପଟ୍ଟାମୁଣ୍ଡାଇ ବାଇପାସ ରୋଡରେ ସମସ୍ତ ଏନ ସି ସି କାଡେଟ୍ସ , ସ୍କାଉଟ ଓ ଗାଇଡ଼ର ପିଲାମାନେ ରହି ଲୋକମାନଙ୍କୁ ସଡକ ସୁରକ୍ଷା ସମ୍ପର୍କରେ ସଚେତନ କରାଇଥିଲେ। ଯେଉଁମାନେ ଗାଡି ଚାଳନାବେଳେ ହେଲମେଟ ପିନ୍ଧିଥିଲେ ଓ ସିଟ ବେଲ୍ଟ ଲଗାଇଥିଲେ ସେମାନଙ୍କୁ ଗୋଲାପ ଫୁଲ ଉପହାର ଦେଇଥିଲେ। ଯେଉଁମାନେ ଅସଚେତନ ହୋଇ ହେଲମେଟ ବ୍ୟବହାର କରୁନଥିଲେ ସେମାନଙ୍କୁ ଜୀବନର ମୂଲ୍ୟ ବୁଝାଇ ହେଲମେଟ ବ୍ୟବହାର କରିବାକୁ ଅନୁରୋଧ କରିଥିଲେ। ସେହି ବାଇପାସ ରୋଡଠାରେ ପ୍ରଧାନ ଶିକ୍ଷକଙ୍କ ଅଧକ୍ଷତାରେ ଏକ ପଥପ୍ରାନ୍ତ ସଭା ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାର ଅଧିକାରୀ ସୁଶାନ୍ତ କୁମାର ସାହୁ, ଅନ୍ୟତମ ଅତିଥି ଭାବରେ ପଟ୍ଟାମୁଣ୍ଡାଇ ବିକାଶ ପରିଷଦର ସଭାପତି ଗୋପିବଲ୍ଲଭ ନାୟକ, ସଂପାଦକ ଗୋପୀନାଥ ତ୍ରିପାଠୀ, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ତପନ କୁମାର ଦାସ ଯୋଗ ଦେଇ ଦୁର୍ଘଟଣାର କାରଣ ଓ ଏଥିରୁ କିପରି ରକ୍ଷା ପାଇ ପାରିବା ସେ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଅଶୋକ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିଲେ। ବିଦ୍ୟାଳୟର ଏନସିସି ଶିକ୍ଷକ ଦୁର୍ଘଟଣାର ଏକ ନୂତନ କାରଣ 'ପଥ ସମ୍ମୋହନ' କଣ ଏହା କିପରି ଦୁର୍ଘଟଣାର କାରଣ ହୋଇପାରେ ସେ ସମ୍ପର୍କରେ ମତ ରଖିଥିଲେ। ବିଦ୍ୟାଳୟର ଗଣିତ ଶିକ୍ଷକ ତାପସ କୁମାର ବେହେରା କିପରି ଟେକ୍ନୋଲୋଜି ବ୍ୟବହାର କରି ଦୁର୍ଘଟଣାକୁ ରୋକି ହେବ ନିଜ ମତ ରଖିଥିଲେ। ଶେଷ ରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣମୟୀ ନାୟକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ଓ ଉପସ୍ଥିତ ଅତିଥିମାନେ ପିଲାମାନଙ୍କର ଏହି ନିଆରା କାର୍ଯ୍ୟକ୍ରମକୁ ଭୁୟସୀ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିବା ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ତଥା ଗୋମତି ସ୍ୱାଇଁ, ଜ୍ୟୋତି ଲକ୍ଷ୍ମୀ ବେହେରା, ମାନସୀ ମହାନ୍ତି,ଶୈଳବାଳା ଆଚାର୍ଯ୍ୟ, ସନ୍ଧ୍ୟାରାଣୀ ପାଣିଗ୍ରାହୀ, ଗାୟତ୍ରୀ ସାହୁ, ତପସ୍ୱିନୀ ମଲ୍ଲିକ, ଶ୍ରୀକାନ୍ତ ମଲ୍ଲିକ, ସ୍ମିତାପ୍ରଜ୍ଞା ରାଉତ, ବିନୋଦ ବିହାରୀ ନାଥ, ଶିବଶଙ୍କର ବାରିକ, ବ୍ରଜ କିଶୋର ମଝି, ହରିହର ବାରିକ ପ୍ରଭୃତି ସହାୟତା କରିଥିଲେ।